## ପ୍ରଥମ ପରିଚ୍ଛେଦ

'ଅଳକା, ଝିଅର ଲୁଗା ଆଣିଲୁ—ଚନ୍ଦନ ପେଡ଼ି ଆଣିଲୁ—ଆରେ, ଝିଅ କଅଣ ଆଜି ଗାଧୋଇବ ନାହିଁ ? ଝିଅର କଣ ଏତେବେଳ ଯାଏଁ ରୋଷେଇ ହେଲା ନାହିଁ, ଆଜି କଣ ଝିଅ ଉପାସ ରହିବ ?'

କଲ୍ୟାଣପୁରର ରଘୁନାଥ ଦୀକ୍ଷିତ ପରମ ଦେବୀଭକ୍ତ । ଝିଅ ବୋଲି ସେହି ଦେବୀ ପ୍ରତିମାକୁ ସମ୍ବୋଧନ କରନ୍ତି । ସଂସାରରେ ଏକମାତ୍ର ଗୃହିଣୀ । ଏକମାତ୍ର ପୁତ୍ର ସନାତନ ରାଜା ଶୁଭକାନ୍ତ କର୍ତ୍ତୃକ ନିର୍ବାସିତ । ଏକମାତ୍ର କନ୍ୟା ଅଳକା ସ୍ୱାମୀ ଗୃହକୁ ଯିବା ପୂର୍ବରୁ ସ୍ୱାମୀ ପରଦେଶବାସୀ ହୋଇଛନ୍ତି । କନ୍ୟାର ବର୍ଦ୍ଧିଷ୍ଣୁ ଯୌବନକୁ ଦୀକ୍ଷିତ-ଗୃହିଣୀ ପାନାହାରର ସଂଯମରେ କର୍ଷିତ କରିଛନ୍ତି । ପ୍ରତିଦିନ ଗୃହ ମଧ୍ୟରେ କନ୍ୟାର ରୂପ ଦର୍ଶନ କରି ଏବଂ ପୁତ୍ରର ଅନୁପସ୍ଥିତିର ବେଦନା ଅନୁଭବ କରି ବୃଦ୍ଧ ଦେବୀ ଗୃହ ପ୍ରତି ଅଧିକତର ଆକୃଷ୍ଟ ହୋଇ ପଡ଼ିଛନ୍ତି ।

[illegible]ଷରୁ ସ୍ନାନ ସମାପନ କରି ସେ ଦେବୀ କାର୍ଯ୍ୟରେ ଲାଗି- [illegible]ଭୁଜ ମୂର୍ତ୍ତି ଦକ୍ଷିଣେଶ୍ୱରୀଙ୍କର ମାର୍ଜନା, ଦେବୀଙ୍କର ସ୍ନାନ, [illegible]ଭୋଜନ, ଶୟନ ଇତ୍ୟାଦି ସମସ୍ତ କର୍ମ ଦ୍ୱାରା ଦୀକ୍ଷିତଙ୍କର [illegible]ରୁ ଅପରାହ୍ଣ ଗଡ଼ିଯାଏ । ଦିନେ ଦିନେ ସନ୍ଧ୍ୟା

ପର୍ଯ୍ୟନ୍ତ ଅନ୍ତବାହ୍ଣିତ ହୁଏ । ପୂଜା ସାଙ୍ଗ ହେବା ପର୍ଯ୍ୟନ୍ତ ଦେବାଗୃହ ଅବରୁଦ୍ଧ ଥାଏ । ଅନ୍ୟ କାହାରି ପ୍ରବେଶ ନିଷେଧ । ଗୃହ ମଧ୍ୟରେ ପ୍ରବେଶ କରି ବୃଦ୍ଧ କେତେକ୍ଷଣ ଗୁଣୁ ଗୁଣୁ ଶବ୍ଦ କରନ୍ତି, କେତେ ସମୟ ନୀରବ ରହନ୍ତି । କନ୍ୟା ଅଳକା ପିତାଙ୍କ ପୂଜାର ସମସ୍ତ ସରଞ୍ଜାମ ନିଜ ହସ୍ତରେ ପରିଷ୍କାର କରେ, ଫୁଲ ତୁଳସୀ ଆହରଣ କରି ଗୋଟିଏ ପରିଷ୍କୃତ ତାମ୍ର ପାତ୍ରରେ ସଜାଇ ରଖେ, ଚନ୍ଦନ ଘୋରି ଚନ୍ଦନଦାନରେ ରଖିଦିଏ, ଧୂପ ନୈବେଦ୍ୟର ସକଳ ସରଞ୍ଜାମ ସଜ୍ଜିତ କରିଦିଏ ।

ସ୍ୱାମୀ ବୋଲି ସେ କାହାରି ରୂପ ଦେଖି ନାହିଁ । ଅତି ବାଲ୍ୟ ବୟସରୁ ତାର ବିବାହ ସମ୍ପନ୍ନ ହୋଇ ଯାଇଥିଲା । ସେତେବେଳେ ତାର ବୟସ ଆଠ ବର୍ଷ ମାତ୍ର । ସେ କାଳର କି ସ୍ମୃତି ସେ ଆଜି ଧରି ରଖିଅଛି ? ଯେତେବେଳେ ଲଜ୍ଜା ଅବରୋଧର ଜ୍ଞାନ ତା' ଠାରେ ଜାତ ହୋଇ ନାହିଁ, ବାଧ୍ୟ ହୋଇ ତାକୁ ଅବଗୁଣ୍ଠନ ମଧ୍ୟରେ ଲୁକ୍‌କାୟିତ ରହିବାକୁ ହେଲା । ପୁରୋହିତର ମନ୍ତ୍ର ଉଚ୍ଚାରଣ, ଶଙ୍ଖ ମହୁରୀର ସ୍ୱର ଏବଂ ସ୍ୱଜନ କୁଟୁମ୍ବମାନଙ୍କର ଗତାୟାତ, କଥୋପକଥନ ଶବ୍ଦ ତାହା ଚିତ୍ତରେ କି ଭାବ ଜାତ କରିଥିଲା, ଆଜି ସେସବ ମନେ ନାହିଁ । ସମକ୍ଷରେ ହୋମଅଗ୍ନିରେ ଘୃତାହୁତି ଅବଗୁଣ୍ଠନ ମଧ୍ୟରୁ ସେ ସ୍ପଷ୍ଟ ଦେଖିପାରି ନାହିଁ । କେବଳ ଏକ ସ୍ଥାନରେ ବହୁକ୍ଷଣ ବସି ରହିବାର କ୍ଳାନ୍ତି ଓ ଅସ୍ୱସ୍ତିରେ ମନ ତା'ର ତିକ୍ତ ହୋଇ ଉଠିଥିଲା । ଯେତେବେଳେ ସ୍ୱାମୀଙ୍କର ଶୀତଳ କରସ୍ପର୍ଶ ନିଜ କରରେ ସେ ଅନୁଭବ କଲା, ସେତେବେଳେ ଅନ୍ତର ତା'ର ପୁଲକିତ ହୋଇ ଉଠି ନାହିଁ । ବିବାହିତ ଜୀବନରେ କେବଳ ଥରେ ତିନିପୂର୍ବରୁ ମଧ୍ୟ ଏତିକି ବାରମ୍ବାର ମନେ ହୋଇଛି, ସ୍ୱାମୀ ତା'ର

ଦେବତା,—ସମସ୍ତ ଦେହ, ସମସ୍ତ ମନ ଓ ଜୀବନର ଏକମାତ୍ର ଦେବତା ।

ତପୃରେ ଯୌବନ ! ହଠାତ୍ ଦିନେ ତାହାର ଦେହମନ ସୁରଭିତ, ସୁଷମିତ ହୋଇ ଉଠିଲା । ସ୍ୱାମି ! ସେ କେବଳ ଧ୍ୟାନର ବସ୍ତୁ, ପୂଜାର ଦେବତା । ତାହାର ଦର୍ଶନ ଲଭର ବିପୁଳ ଆଗ୍ରହ ଅଳକା ଚିତ୍ତରେ କୌଣସି ଦିନ ଜାତ ହୋଇନାହିଁ । ଯାହା ଧ୍ୟାନର ବସ୍ତୁ, ତାହାର ତ ସାହଚର୍ଯ୍ୟ ନ ମିଳିବାରହିଁ କଥା । ସେଥିପାଇଁ ଅଳକାର ଦୁଃଖ କଣ ?

ସ୍ୱାମୀ ବିଦେଶରେ । ଗୃହକୁ ସମ୍ବାଦ ପର୍ଯ୍ୟନ୍ତ ଦେଲି ନାହିଁ । ସ୍ତ୍ରୀର ସମାଚାର ପଚାରିଲା ନାହିଁ । କେଉଁଠାରେ କାହା ଆଶ୍ରୟରେ ରହିଲା, କେହି ଜାଣିଲେ ନାହିଁ । କେତେ ସ୍ୱାମୀ ଏହିପରି ନିରୁଦ୍ଦେଶ ହୋଇଯାନ୍ତି । କେତେ ଅଳକାର ଅନ୍ତରର ଗୋପନତମ ସ୍ଥାନରେ ତାଙ୍କର ରୂପହୀନ ମୂର୍ତ୍ତି ପୂଜାପାଏ । ଆପଣାର ବ୍ୟଥା ବୁଝି ନ ପାରି କେତେ ଅଳକାର ମୁଖ ମୂକ ହୋଇଯାଏ ।

ଅଳକା ନିଜର ଯେଉଁ ଦୁଃଖ ବୁଝିପାରେ ନାହିଁ; ତାହା ତାର ପିତା ମାତାଙ୍କ ଚକ୍ଷୁରେ ଭୀଷଣ ତମସାଚ୍ଛନ୍ନ ରୂପ ପ୍ରକାଶ କରେ । ପଣ୍ଡିତ ଗୃହିଣୀ ଅନୁକ୍ଷଣ କନ୍ୟା ଚିନ୍ତାରେ ମ୍ରିୟମାଣା । ବୃଦ୍ଧ ପଣ୍ଡିତ ଦେବୀଙ୍କର ସେବା ପୂଜାରେ ମଗ୍ନ । ତଦୁପରି ପୁତ୍ରର ନିର୍ବାସନ ଦଣ୍ଡ ଏହି ଦମ୍ପତିଙ୍କୁ ମ୍ରିୟମାଣ କରି ପକାଇଛି ।

ବୃଦ୍ଧ ପଣ୍ଡିତ ସ୍ମାର୍ତ୍ତ ବ୍ରାହ୍ମଣ । ବ୍ରାହ୍ମଣ ପକ୍ଷରେ ଭୂମି କର୍ଷଣ ଅବିଧେୟ । ପଣ୍ଡିତଙ୍କର ରାଜ-ଦତ୍ତ ଜାଗିରର ଭୂମି କୃଷକମାନେ କର୍ଷଣ କରି ସେହିମାନଙ୍କର ଇଚ୍ଛାନୁସାରେ ଯାହା ଅଂଶ ଦିଅନ୍ତି,

ସେଥିରେ ତାଙ୍କର ଗୋଟିଏ ବର୍ଷ ସ୍ୱଚ୍ଛନ୍ଦରେ ଦେବୀ ପୂଜା ପରିଚାଳିତ ହୁଏ । ତାଙ୍କର ନିଜ କୃଷିକ୍ଷେତ୍ର ସେ କୌଣସି ଦିନ ଦେଖି ନାହାନ୍ତି କିମ୍ବା କୃଷକ ଯାହା ଅଂଶ ଦିଏ, ତାହାର କେବେ କିଛି ଆପତ୍ତି କରି ନାହାନ୍ତି ।

ଯେତେବେଳେ କୃଷିକ୍ଷେତ୍ର ଜଳାଭାବରୁ ଧ୍ୱଂସ ହୋଇଗଲା, ପଣ୍ଡିତଙ୍କ ଗୃହକୁ ତାଙ୍କର ଆଂଶିକ ଶସ୍ୟ ଆସିଲା ନାହିଁ । ସେତେବେଳେ ଗୃହିଣୀଙ୍କର ଜିଜ୍ଞାସୁ ଦୃଷ୍ଟିକୁ ଚାହିଁ ହସି ହସି ବୃଦ୍ଧ କହିଲେ, 'କିଛି ଭାବନା ନାହିଁ, କିଏ କଣ ଆଉ ଉପାସ ରହିବ ? ତା' ପୂଜା ଗଣ୍ଡାକ ସେ ଯୋଗାଡ଼ କରିବ ନାହିଁ ତ ମୁଁ ଆଜ ଏ ବୟସରେ କୁଆଡ଼େ ଯିବି ?' କିଏ ତାଙ୍କର ଏହି ଦେବୀ ପ୍ରତିମା, ଦଶଭୁଜା ଦକ୍ଷିଣେଶ୍ୱରୀ । ସେ ପ୍ରତିମା ବୃଦ୍ଧଙ୍କର ସକଳ ବିଶ୍ୱାସ, ସବୁ ଏକାଗ୍ରତାକୁ ଉପେକ୍ଷା କରି ଅବିଚଳିତ ହୋଇ ବସି ରହିଲା ।

ତାଙ୍କର ପରି ତାଙ୍କର ସ୍ତ୍ରୀ ଏବଂ କନ୍ୟା କେତେ ଦିନ ଅର୍ଦ୍ଧାହାର ଓ କେତେ ଦିନ ନିରାହାରରେ କଟାଇଲେ, ସେ ସମ୍ବାଦ ବୃଦ୍ଧଙ୍କ ନିକଟ ପ୍ରବେଶ କଲା ନାହିଁ । କେବଳ ଚତୁର୍ଦ୍ଦିଗରେ ଯେତେବେଳେ ହା'ଅନ୍ନ ଶବ୍ଦ ସମସ୍ତ ଆକାଶକୁ ମଥିତ କରି ଉଠିଲା, ସେତେବେଳେ ଦେବୀ ଗୃହରେ ହାତଯୋଡ଼ି କରି ମଧ୍ୟେ ମଧ୍ୟେ ସେ ଚିନ୍ତା କରିବାକୁ ଲାଗିଲେ, 'ଏ କଣ କରୁଛୁ କିଏ ? ଏଗୁଡ଼ାକ ପରା ତୋର ପିଲାଥିଲା, ସଂସାରଟାଯାକ ? ଟିକିଏ ତାଙ୍କୁ ଆଖି ଫେରାଇ ଚାହୁଁ ନାହୁଁ ? ଖାଲି ଦର୍ଶନ ପାଇଁ ଟିକିଏ ଆଖି ଖୋଲାଇ ଦେଲେ ତ ସବୁ କୁଆଡ଼େ ନିମିଷକ ଭିତରେ ଉଭେଇ ଯାନ୍ତା । ଓ ହୋ ! ରାଗିଚୁ ପରା ? ତୋ ଗର୍ଭରୁ ଜାତ ହୋଇ ଅନ୍ୟାୟ କଲେ, ଅଧର୍ମ କଲେ ? ନାହିଁ, ନାହିଁ—ସମସ୍ତେ କଣ ଅନ୍ୟାୟ କରିଛନ୍ତି ? ଡେଙ୍ଗୁରୁ, ଖେଙ୍ଗୁରୁ ? ଏ

କି ଖେଳ ମା ?' ଗୃହ ମଧ୍ୟରେ ମାରବତା ଘନୀଭୂତ ହୋଇଆସେ । ଝିଅର କ୍ରୀଡ଼ା, ଝିଅର ନୃତ୍ୟ ଦେଖି ବୃଦ୍ଧ ପଣ୍ଡିତ ଏହିପରି ପ୍ରଳାପ କରନ୍ତି । ଗୃହିଣୀ ଏବଂ କନ୍ୟା ଅଲକା ଏହିପରି ଗଳ୍ପ ଶୁଣିବାରେ ଅଭ୍ୟସ୍ତ ।

ପଣ୍ଡିତଙ୍କର ସକଳ ପୂଜା ଆରାଧନା ସତ୍ତ୍ୱେ ଗୃହ ମଧ୍ୟରେ ଅନାଟନ କ୍ରମେ ଅତ୍ୟଧିକ ହୋଇ ଉଠିଲା । ଗୃହିଣୀ ସ୍ୱାମୀଙ୍କ ନିକଟରେ କେବେ କିଛି ଆପତ୍ତି କରନ୍ତି ନାହିଁ । କାରଣ ବହୁ ପୂର୍ବରୁ ତାଙ୍କର ଅଭିଜ୍ଞତା ଜାତ ହୋଇଅଛି; ଦେବୀ ତ ଧାତୁ ମୂର୍ତ୍ତି; ତାଙ୍କର ପୂଜକ ମନୁଷ୍ୟ ରୂପ ଧାରଣ କରି ମଧ୍ୟ ସେହି ଧାତୁ ଆକାରରେ ପରିବର୍ତ୍ତିତ ହୋଇଅଛନ୍ତି ।—'ଆରେ ହଁ, ଏତେ ବ୍ୟସ୍ତ କାହିଁକି ? ଝିଅ କଣ ସେ ସବୁ ଚଳାଇ ଦେବ ନାହିଁକି ?' ବାପ୍, 'ଝିଅ' ଚଳାଇନେବ, ପଣ୍ଡିତଙ୍କର ଚିନ୍ତା କରିବାର ଆଉ କାରଣ କଣ ? ସନାତନର ଯୁବକ-ରକ୍ତ ଏ ସମସ୍ତ ଗ୍ରହଣ କରିପାରେ ନାହିଁ । ପିତାଙ୍କର ଏ ବିଶ୍ୱାସକୁ ଅନ୍ଧ ବୋଲି ସେ ଜ୍ଞାନ କରେ । ତାଙ୍କ ସହିତ ତର୍କ କରି କହେ, 'ଝିଅ ହାତରେ ସମ୍ପୂର୍ଣ୍ଣ ଅନ୍ନମୁଂଜକ ମଧ୍ୟ ଉଦର ମଧ୍ୟକୁ ଯିବ ନାହିଁ, ନିଜ ହାତରେ ତାକୁ ଉଦରସାତ୍ କରିବାକୁ ହେବ ।' ପୁତ୍ରର ନାସ୍ତିକ୍ୟରେ ବୃଦ୍ଧ ବିରକ୍ତ ହୁଅନ୍ତି, ରାଗ କରନ୍ତି ଏବଂ ଶେଷରେ କହନ୍ତି, 'ନାହିଁ ରେ ବୋକା ତତୋପରି ମୁଁ ବି ବୋକା,—ନିଜ ଆଖିରେ ଯାହା ଦେଖୁଛି, ସେଥି ନ ଥିବା ଲୋକ ସହିତ ସେ ବିଷୟରେ ତର୍କ କରୁଛି ।'

ନିଜ ଗୃହ ମଧ୍ୟରୁହିଁ ସନାତନର ପୌତ୍ତଳିକତା ବିରୁଦ୍ଧରେ ବିଦ୍ୱେଷ ଜନ୍ମି ଯାଇଅଛି । ତା' ମତରେ ଯେଉଁଠାରେ ମନୁଷ୍ୟର ପ୍ରାଣର ଅଭାବ, ବିଶ୍ୱାସର ଅଭାବ,—ସେଠାରେ ସେ ମାଟି ଗୋ

ପଥରକୁ ପୂଜାକରେ । ମନୁଷ୍ୟହିଁ ତା'ର ପୂଜାର ବସ୍ତୁ, ମନୁଷ୍ୟ ସମାଜହିଁ ତା'ର ସାଧନାର କ୍ଷେତ୍ର । ସେ ଏହି ମନୁଷ୍ୟ ଏବଂ ପରିଦୃଶ୍ୟମାନ ଜଗତକୁହିଁ ଶ୍ରଦ୍ଧା କରେ । ଏହା ଊର୍ଦ୍ଧ୍ୱରେ ଅପର ସ୍ୱର୍ଗର କଳ୍ପନା କରେ ନାହିଁ, ଅପର ଦେବତାର ପୂଜା କରେ ନାହିଁ । କିନ୍ତୁ ଆଶ୍ଚର୍ଯ୍ୟ କଥା ! ନର ସମାଜ ଏହି ଜୀବନ୍ତ ଦେବତାକୁ ଛାଡ଼ି ସେହି ମାଟି ଗୋଡ଼ି ପଥର ପୂଜା କରେ କାହିଁକି ? ମାନବ ସମାଜକୁ, ସକଳ ବିଶ୍ୱସୃଷ୍ଟିକୁ ଅବହେଳା କରି ଏହି ମୃଣ୍ମୟ ଦେବତା ନିକଟରେ ଅନ୍ତରର ସମସ୍ତ ନୈବେଦ୍ୟ ଢାଳି ଦିଏ କାହିଁକି ! ! ରୁଗ୍ଣ ପୀଡ଼ିତ ସ୍ୱାମୀ ଜୀବନକୁ ଏହିପରି ନୈବେଦ୍ୟ ରୂପେ ବାଢ଼ି ଦେଇଅଛନ୍ତି; ଉତ୍ତର ଦେଲେ ସେହି ଦେବେ, ନ ହେଲେ କାହାର ସାଧ୍ୟ !

କିନ୍ତୁ ଏହି ପ୍ରଶ୍ନୋତ୍ତରର ସମାଧାନରେ ତ ସଂସାର ଚଳେ ନାହିଁ । ପୀଡ଼ିତ ଗୃହିଣୀ ଅନନ୍ୟୋପାୟ ହୋଇ ଅଳକା ସମକ୍ଷରେ ସାହାଯ୍ୟ କେନ୍ଦ୍ରରୁ ଚାଉଳ ଆଣିବାର ପ୍ରସ୍ତାବ କଲେ । ଅଳକା ନିଜେ ମଧ୍ୟ ଏହି କଥା କହିବ ବୋଲି ଅନେକ ଦିନୁଁ ଚିନ୍ତା କରୁଥିଲା । ତଥାପି ଗୃହ ମଧ୍ୟରୁ ବାହାରି ଭିକ୍ଷା ଆଣିବାଟା ମାତା ପିତାଙ୍କୁ ଅସୁନ୍ଦର ଦେଖାଯାଇ ପାରେ ବୋଲି ସେ ଭରସି ପ୍ରକାଶ କରି ନ ଥିଲା । ଏବେ ଜନନୀର ପରାମର୍ଶ ଶୁଣି ସାହାଯ୍ୟ କେନ୍ଦ୍ରରୁ ଭିକ୍ଷା ଆଣିବାକୁ ଲାଗିଲା । ପୀଡ଼ିତଙ୍କଠାରୁ ଏ ସମ୍ବାଦ ଗୃହିଣୀ ଗୋପନ କରି ରଖିଲେ । ବୃଦ୍ଧଙ୍କୁ ଏ ଅବସ୍ଥାରେ ଭିକ୍ଷା ସଂଗ୍ରହ ପାଇଁ ପଠାଇବା ଅପେକ୍ଷା ଅଳକା ହସ୍ତରେ ଏହି କର୍ମ ନ୍ୟସ୍ତ କରିବାକୁ ସେ ଉଚିତ ଜ୍ଞାନ କଲେ ।

ଗୃହ ମଧ୍ୟରେ ସ୍ତ୍ରୀ ଏବଂ କନ୍ୟା ଅନଶନରେ ଆତ୍ମଗୋପନ କରି ରହିଲେ; କିନ୍ତୁ ଦେବୀଙ୍କ ପୂଜାର ପରିମାଣ ହ୍ରାସ ହେଲା ନାହିଁ। ଅନ୍ୟମାନଙ୍କ ପରି ଆଜି ମଧ୍ୟ ଦେବୀଙ୍କ ପୂଜା ସାମଗ୍ରୀ ବ୍ୟତୀତ ଅନ୍ୟ ପାକ ହୋଇନାହିଁ। ସ୍ତ୍ରୀ କନ୍ୟା ଉନସାକ ଅପେକ୍ଷା କରି ବସି ରହିଛନ୍ତି,—କେତେବେଳେ ଦେବୀ ଗୃହର ଦ୍ୱାର ଉଦ୍‌ଘାଟିତ ହେବ! କିନ୍ତୁ ପୂର୍ବାହ୍ଣରୁ ଅପରାହ୍ଣ ହେଲା, ପୂଜା ଶେଷ ହେଲା ନାହିଁ। ଗ୍ରାମବାସୀମାନଙ୍କ ମଧ୍ୟରୁ ଅନେକେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଭିକ୍ଷା ନେଇ ଫେରୁଛନ୍ତି। କେଉଁ ଗୃହରୁ ରନ୍ଧନ ଧୂମ ଉଦ୍‌ଗତ ହେଉଅଛି, ରନ୍ଧନର ସରଞ୍ଜାମ୍ ଅଭାବରୁ କେହି କେହି ଭିକ୍ଷା ତଣ୍ଡୁଳକୁ ଜଳସିକ୍ତ କରି ଆହାର କରୁଛନ୍ତି; କିନ୍ତୁ ପଣ୍ଡିତ ଗୃହରେ କୌଣସି ଶୃଙ୍ଖଳା ନାହିଁ। ଅପରାହ୍ଣ କ୍ରମେ ଗୋଧୂଳିରେ ପରିବର୍ତ୍ତିତ ହେଲା, ଆକାଶର ଧୂସର ଛାୟା ପୃଥିବୀମୟ ଆଚ୍ଛନ୍ନ କରିଦେଲା। ତେବେ ମଧ୍ୟ ଦେବୀଗୃହ ଖୋଲିଲା ନାହିଁ, ବୃଦ୍ଧ ପଣ୍ଡିତଙ୍କର ପୂଜା ଶେଷ ହେଲା ନାହିଁ!!

କେତେବେଳୁଁ ତ ଆରତିର ଘଣ୍ଟା ବାଜି କବାଟ ପାଖରୁ ଧୂପର ଗନ୍ଧ ନିର୍ଗତ ହୋଇ ଆସିଛି। ସନ୍ଧ୍ୟାଯାଇଁ ରାତି ହେଲା, ତଥାପି ତ ଦେବୀଙ୍କ ଗୃହ ଖୋଲିଲା ନାହିଁ!

ପୂଜାକାଳ ମଧ୍ୟରେ କୌଣସି ଲୋକର ଗୃହ ମଧ୍ୟରେ ପ୍ରବେଶ କରିବା ନିଷିଦ୍ଧ; କିନ୍ତୁ ପଣ୍ଡିତ ଗୃହିଣୀ ପୂଜାର କାଳ ଏତେ ଦୀର୍ଘ ହେବାର ଆଜି ପ୍ରଥମ ଦେଖିଲେ। କବାଟ ପାଖରେ ଗୃହ ମଧ୍ୟକୁ ଚାହିଁଲେ। ଗଭୀର ଅନ୍ଧକାର! କୌଣସି ଶବ୍ଦ ନାହିଁ! ପଣ୍ଡିତଙ୍କୁ ଶୁଣାଇବା ପରି ଅଳକାକୁ ଡାକି କହିଲେ, 'ଅଳକା, ପୂଜା କଣ ଆଜି ସରିବ ନାହିଁ କି? ଆଳୁଅଟା ଆଣିଲୁ।' ଅଳକା

ତୈଳସିକ୍ତ ସଳିତା ଦୁଇଟିର ଏକ ଅଗ୍ର ପ୍ରଜ୍ୱଳିତ କରି ଜନନୀ ନିକଟରେ ଉପସ୍ଥିତ ହେଲ । ପଣ୍ଡିତ ଗୃହିଣୀ ଧୀରେ ଧୀରେ କବାଟଟି ଖୋଲିଲେ । ପ୍ରଥମେ ପୂଜକଙ୍କର ଆସନ ଉପରେ ଦୃଷ୍ଟି ପଡ଼ିଲ, ତାହା ଶୂନ୍ୟ । ଦେବୀ ଗୃହରେ ପ୍ରବେଶ କରି ମାତା ଓ କନ୍ୟା ଗୃହର ଚତୁର୍ଦ୍ଦିଗରେ ଦୃଷ୍ଟି ପକାଇଲେ । ବୃଦ୍ଧ ପଣ୍ଡିତ ଦେବୀଙ୍କର ଏକ ପାର୍ଶ୍ୱରେ ନଇଁ ପଡ଼ିଛନ୍ତି । ଗୋଟିଏ ହସ୍ତ ଦେବୀଙ୍କର ବିମାନ ଉପରେ ଏବଂ ଅନ୍ୟ ହସ୍ତଟି ପ୍ରତିମାର ମସ୍ତକରେ ସନ୍ୟସ୍ତ । ଗୃହିଣୀ କହିଲେ, 'ଏ କଣ ମ, ଏତେବେଳ ଯାଏ ଦେବୀଙ୍କ ବେଶ ତ ସରିଲ ନାହିଁ, ପୂଜା ସରିବ କେତେବେଳେ !' କିନ୍ତୁ ଉତ୍ତର ନାହିଁ ।

'ଏ କଣ ମ, ବେଶ କରୁ କରୁ ନିଦ ଆସିଗଲ କି ?' ବୃଦ୍ଧା ଗୃହିଣୀ ଚଞ୍ଚଳ ପଦକ୍ଷେପରେ ପଣ୍ଡିତଙ୍କ ଦେହରେ ହାତ ଦେଇ ଡାକିଲେ 'ଏ କଣ ମ' ! ତା' ପରେ ତାଙ୍କ ପାଦତଳେ ପଡ଼ିଯାଇ ଚିତ୍କାର କରି ଉଠିଲେ, 'ମା, ଅଳକା ଲେ !' ଅଳକା ଭୂପତିତା ଜନନୀପାର୍ଶ୍ୱରେ ବସି ପଡ଼ି 'ବୋଉ' 'ବୋଉ' ବୋଲି ଡାକି ଉଠିଲ । ଦେବୀ ପ୍ରତିମା ପୂର୍ବପରି ସମ୍ମୁଖକୁ ଦୃଷ୍ଟି କରି ବସି ରହିଲ; ଏହି ପୂଜକ କମ୍ପା ଭୂତଳ ଲୁଣ୍ଠିତା ମାତା ଓ କନ୍ୟାଙ୍କ ପ୍ରତି ସେ ଗ୍ରୀବା ଈଷତ୍ ବଙ୍କ ହେଲ ନାହିଁ, ସେ ଡୋଳାରେ ଶୃଙ୍ଖଳା ଦେଖାଗଲ ନାହିଁ ।

ଜନନୀର ଚୈତନ୍ୟ ହେବାର ନ ଦେଖି ଭ୍ରାନ୍ତିବିହ୍ୱଳା ଅଳକା କ୍ରନ୍ଦନ କରି ଗୃହ ବାହାରକୁ ଆସିଲ । ପଡ଼ୋଶୀମାନଙ୍କ ମଧ୍ୟରେ କାହାରି ବିଳାପ କେହି ଶୁଣୁ ନାହିଁ । ସକଳ ଗୃହରେ ବିଳାପ, ଚିତ୍କାର, ସକଳ ଗୃହରେ ମୃତ୍ୟୁର ଲୀଳା ! ମରଣଟା ଜୀବନ

ଅପେକ୍ଷା ଏତେ ସହଜ, ଏତେ ଦୈନନ୍ଦିନ ବିଷୟ ହୋଇ ଉଠିଅଛି ! ତାହାର ସମ୍ବାଦ କେହି ରଖେ ନାହିଁ । ନିଜକୁ ହିଁ ମରଣ ମୁଖରୁ ବଞ୍ଚାଇବା ପାଇଁ ସମସ୍ତେ ବ୍ୟାକୁଳ ।

ଅଳକାର ଚିତ୍କାର ଶୁଣି ଜଣେ ପଥିକ ତା'ର ସମକ୍ଷରେ ଆସି ଠିଆ ହେଲା । ଅଳକା ଆଗନ୍ତୁକଙ୍କୁ ଚାହିଁଲା ନାହିଁ; ଆଳାପ ପରିଚୟ, ଲଜ୍ଜା ନମ୍ରତାର ଏ ସମୟ ନୁହେଁ ।

ଦ୍ରୁତ ପଦକ୍ଷେପରେ ଆଗନ୍ତୁକ ଅଳକା ପଛରେ ଗୃହ ମଧ୍ୟରେ ପ୍ରବେଶ କଲା । ବୃଦ୍ଧ ପଣ୍ଡିତ ପୂର୍ବ ପରି ଦେବୀ ସମକ୍ଷରେ ନଇଁ ପଡ଼ିଅଛନ୍ତି । ଅଙ୍ଗୁଳି ଅଗ୍ରରେ ଚନ୍ଦନ ଶୁଷ୍କ ହୋଇଗଲାଣି । ଦେବୀଙ୍କର ଭାଲଦେଶରେ ତାହା ଲାଗି ପାରି ନାହିଁ ।

ଆଗନ୍ତୁକଙ୍କୁ ଦେବୀଗୃହର ଅବସ୍ଥା ଦେଖାଇ ଦେଇ ଅଳକା ମାତା ନିକଟରେ ବସି 'ବୋଉ' ବୋଲି କ୍ରନ୍ଦନ କରି ଉଠିଲା । ଆଗନ୍ତୁକ ପ୍ରଥମେ ବୃଦ୍ଧ ପଣ୍ଡିତଙ୍କର ଶବକୁ ଦୁଇ ହସ୍ତରେ ଧୀରେ ଉଠାଇ ଆଣି ଭୂତଳରେ ଗୋଟିଏ ବିଛଣା ଉପରେ ଶୁଆଇ ଦେଇ ସ୍ତ୍ରାବୃତ କରିଦେଲେ । ତତ୍ପରେ ବୃଦ୍ଧା ଗୃହିଣୀଙ୍କର ହସ୍ତ ମୁଖଆଦି ସ୍ପର୍ଶ କରି ତାଙ୍କୁ ମଧ୍ୟ ଶବ ନିକଟରେ ଶୁଆଇଦେଲେ । ତତ୍ପରେ କେତେବେଳେ ଏହି ଦୁଇଟି ବୃଦ୍ଧ ସହଯାତ୍ରୀଙ୍କର ଶବ ସଂସ୍କାର କରାଗଲା, କୁଟୁମ୍ବ ପ୍ରତିବେଶୀମାନଙ୍କର ଗହଳରେ ପଣ୍ଡିତ ଗୃହ ମୁଖରିତ ହେଲା, ଅଳକା ସେ ସମସ୍ତ କିଛି ଜାଣେ ନାହିଁ ।

ପରଦିନ ପ୍ରତ୍ୟୁଷରେ ଯେତେବେଳେ ପକ୍ଷୀର ପ୍ରଥମ ଡାକ ଶୁଭିଲା, ସେତେବେଳେ ସେ ଚକ୍ଷୁ ଫିଟାଇ ଚାହିଁଲା । ତାହାର

ପ୍ରଥମ ଦୃଷ୍ଟି ଆଜି ଦୁଇଗୋଟି ରକ୍ତାଭ ତନ୍ଦ୍ରାଳସ ଚକ୍ଷୁରେ ଯୁକ୍ତ ହେଲା । ଗତ ରାତିର ସ୍ୱପ୍ନର ଆବେଶ ତା' ଚକ୍ଷୁରୁ ଯାଇ ନାହିଁ । ପୁନର୍ବାର ଚକ୍ଷୁ ମୁଦ୍ରିତ କରି କିଛିକ୍ଷଣ ପରେ ସେ ଚାହିଁଲା । ଦେବଦୂତ ପରି ଗୋଟିଏ ଦୀର୍ଘକାୟ ସୁପୁରୁଷ ତାହା ନିକଟରେ ବସି ରହିଅଛି । ତା'ର ବିନିଦ୍ର ଚକ୍ଷୁ ଦୁଇଟି ରକ୍ତଜବାର କାନ୍ତି ଗ୍ରହଣ କରିଅଛି ।

କିଛିକ୍ଷଣ ଏହି ପୁରୁଷକୁ ଏକ ଦୃଷ୍ଟିରେ ନିରୀକ୍ଷଣ କରି ଅଲକା କଣ ଭାବିଲା, ସେହି ଜାଣେ । କେବଳ ଅନାଘ୍ରାତ ପୁଷ୍ପ ପରି ତାର ସୁକୁମାର ଅଧରରୁ ଦୁଇଟି ଶବ୍ଦ ଉଚ୍ଚାରିତ ହେଲା, "ତୁମେ...।"

୦/୪୦୭

## ଦ୍ୱିତୀୟ ପରିଚ୍ଛେଦ

ସନାତନ ନିର୍ବାସିତ ହୋଇ ଅନ୍ୟ କାହିଁ ଯାଇ ନାହିଁ। ଉତ୍କଳର ଏହି ହାହାକାର ହତଶ୍ୱାସ ଭିତରକୁ ବାହାରି ଅନ୍ୟ ଦେଶ ଭ୍ରମଣକୁ ସେ ମରଣ ଜ୍ଞାନ କଲା। ବର୍ତ୍ତମାନ ଅଧ୍ୟୟନ ଅଧ୍ୟାପନା କରିବାର ସମୟ ନୁହେ। ଆର୍ତ୍ତନାଦ ଉଠୁଛି ଶତ ଶତ କଙ୍କାଳର। ମନୁଷ୍ୟର ସାଧ୍ୟାତୀତ ତାହା ଏଡ଼ି ଦେବା—ଦେବତା ନମ୍ବା ପିଶାଚ ଏଡ଼ିପାରେ। ସନାତନ ମାନବର ସେବକ—ସେ ଦେବତାର ଆସନ ଲୋଡ଼େ ନାହିଁ, ପିଶାଚର ଆସନକୁ ଘୃଣା କରେ। ତାହାର ଜନ୍ମଭୂମି କଲ୍ୟାଣପୁର ନୁହେ, ମୁକ୍ତାଗଡ଼ ନୁହେ, ଉତ୍କଳ ନୁହେ, ସମଗ୍ର ପୃଥିବୀ; କିନ୍ତୁ ସେହି ପୃଥିବୀର ଗୋଟିଏ କ୍ଷୁଦ୍ର ଅଂଶ ଉତ୍କଳର ଏ ଦୁର୍ଦ୍ଦଶା କାହିଁକି? ଏହି ଅତି କ୍ଷୁଦ୍ର ସ୍ଥାନ ଖଣ୍ଡିରେ ତାହାର ଭାଷାର ଭାଷୀ, ତାହାର ବ୍ୟଥାର ବ୍ୟଥୀ ବାସ କରନ୍ତି। ଏହିଠାରେ ସେ କେତେ ପରିଚିତ ଅପରିଚିତଙ୍କୁ ଲାଭ କରିଛି—ଏହିଠାରେ ସେ ତା'ର ସ୍ନେହମୟୀ ଜନନୀ ଓ ଶ୍ରଦ୍ଧାଭାଜନ ପିତା ପୁଣି ଆଦରର ଭଗିନୀଙ୍କୁ କେତେ କାଳ ହେଲା ତ୍ୟାଗ କରିଛି। ଏହି ଦେଶ'ର ଦଶା! ଚତୁର୍ଦ୍ଦିଗରେ ବୁଭୁକ୍ଷୁ-ମୁଖ, ଜୀର୍ଣ୍ଣ-ଅଙ୍ଗ ମାନବ ମୂର୍ତ୍ତି,—ଚତୁର୍ଦ୍ଦିଗରେ ପ୍ରାଣସ୍ପର୍ଶୀ ବିଳାପ, କାତରତା!

ଚତୁର୍ଦ୍ଦିଗରେ ମାନବର ଦାନବଲୀଳା ଦର୍ଶନ କରି ସେ ଏପରି କ୍ଷିପ୍ତ ହୋଇଅଛି, ଅସହାୟ ବୁଭୁକ୍ଷୁର ଦୁଃଖ ଦେଖି ସେହିପରି

ବିଦୀର୍ଣ୍ଣ ଅନ୍ତର ହୋଇଛି । ଏଠାରେ ସୁଖ ନାହିଁ, କେବଳ ଦଶନ, କେବଳ ଜ୍ୱାଳା, ସେ ଜ୍ୱାଳା ଏଣୀ ଗନ୍ଧ ଅନୁକ୍ଷଣ ଲେଲିହାନ । ଚକ୍ଷୁ ନାହିଁ, ଅଶ୍ରୁ ନାହିଁ, ବୁଭୁକ୍ଷାର ତୀବ୍ର ହୁତାଶନ । ସନାତନ ମୁକ୍ତାଗଡ଼ ବାହାରେ ଗ୍ରାମେ ଗ୍ରାମେ ବୁଲୁଛି । କେହି ଦୁର୍ବଳ ଅତ୍ୟାଚରିତ ଅବା ଉତ୍ପୀଡ଼ିତ ହେଲେ ସେଠାରେ ସେ ବୀରଦର୍ପରେ ଉତ୍ପୀଡ଼ିତଙ୍କୁ ଆବରଣ କରି ଉଭା ହେଲା । ଯେପରି ସେ ଏ ବିଶ୍ୱର ଦୁଃଖୀ, ଉଦ୍‌ବେଳିତ ଉତ୍ପୀଡ଼ିତମାନଙ୍କ ସମକ୍ଷରେ ଦଣ୍ଡାୟମାନ ହୋଇ ପ୍ରହାର ସହିବାକୁ ଜାତ ହୋଇଛି ।

ରାଜା ଦିବ୍ୟସିଂହ ଦେବଙ୍କର ନବମ ଅଙ୍କ । ପୁରୀର ରାଜାମାନଙ୍କର ଅଙ୍କ ଆଜସୁଦ୍ଧା ପ୍ରଚଳିତ ଅଛି । କିନ୍ତୁ 'ନଅଙ୍କ' କହିଲେ ଆଜି କୌଣସି ସାଲ ବା ସମୟକୁ ବୁଝାଏ ନାହିଁ । ପ୍ରତି ଉତ୍କଳବାସୀର ପ୍ରାଣରେ ଏ ତିନଗୋଟି ଅକ୍ଷର ରୁଧିରାପ୍ଳୁତ ହୋଇ ଖୋଦିତ ରହିଅଛି, ଗୋଟାଏ ବିକଳ ବୀଭିଷିକାର ସ୍ମୃତି ବହନ କରି । ଏ ତିନ ଗୋଟି ଅକ୍ଷର ନିମ୍ନରେ ଏ ଦେଶର ଦଶଲକ୍ଷ ପୁରୁଷ ନାରୀ ଅନଶନର ସମାଧି ଲଭ କରିଛନ୍ତି । ଏହି ବୁଭୁକ୍ଷୁ ମାନବ ରାଶିର ପ୍ରେତଆତ୍ମାର ହା' ହୁତାଶ ଏହି ତିନଗୋଟି ଅକ୍ଷରରେ ସଂକ୍ଷିପ୍ତ ହୋଇଛି । ବହୁ ବର୍ଷ ପୂର୍ବେ ଏ ଭୂଖଣ୍ଡର ପ୍ରତି ଘରେ ଯେଉଁ କ୍ଷୁଧାର ଅଗ୍ନି ଜଳିଉଠିଲା, ଆଜି ମଧ୍ୟ ତାହାର ଉତ୍ତାପ ଉତ୍କଳୀୟ ଅନ୍ତରକୁ ଉତ୍ତପ୍ତ କରେ । ସନାତନ ଏହି ବୁଭୁକ୍ଷୁ ଜାତିର ଗୋଟିଏ ସନ୍ତାନ, ମାନବର ସେବା ବ୍ୟତୀତ ସେ ଅପର ପୂଜା ଆରାଧନା ଜାଣେ ନାହିଁ ।

କି ଆବଶ୍ୟକ ଏ ସେବା ପୂଜାରେ ? ଚତୁର୍ଦ୍ଦିଗରେ ହାହାକାର ଉଠାଇଦେଇ, ମନୁଷ୍ୟ ଉପରେ ଅମାନୁଷିକ ଅତ୍ୟାଚାର

କରି କେତେ ପୁରୁଷଙ୍କୁ ସେ ଏହିପରି ପୂଜା ଜପ କରିବାର ଦେଖିଅଛି । ଧର୍ମଶାସ୍ତ୍ରରେ ସେମାନଙ୍କର ମଧ୍ୟ ମୁକ୍ତିର ବିଧାନ ଅଛି ବୋଲି ସନାତନ ଜାଣେ । କିନ୍ତୁ ଏ ରୂପ ଆଦର୍ଶ ଦୃଷ୍ଟିରେ ବଡ଼ ନିକୃଷ୍ଟ ଦେଖାଯାଏ । ସମସ୍ତ ଜୀବନ ଅନ୍ୟାୟ ଅପରାଧ କରି ମୃତ୍ୟୁର ଦ୍ୱାରଦେଶରେ ଉଭା ହୋଇ କେବଳ ଭଗବାନଙ୍କର ନାମ ସ୍ମରଣ କରି ଦେଲେ ଯେବେ ମୁକ୍ତି ସୁନିଶ୍ଚିତ, ସେରୂପ ଧର୍ମ, ସେରୂପ ଆଦର୍ଶ ପୃଥିବୀରୁ ଲୋପ ପାଇବାହିଁ ମଙ୍ଗଳର । ସେ ପୂଜା ନୁହେଁ, ପ୍ରତାରଣା—ସେବା ନୁହେଁ, ଛଳନା । ଯେଉଁଠାରେ ଅପରର ରକ୍ତ-ଶୋଷୀ ପିଶାଚପ୍ରାଣ ମାନବର ମଧ୍ୟ ମୁକ୍ତିପାଇଁ ଏତେ ବଡ଼ ସହଜପନ୍ଥା ନିହିତ, ସେଠାରେ ଧର୍ମ, ମୁକ୍ତି, ଭଗବାନ, ସମସ୍ତ ଅବିଶ୍ୱାସ୍ୟ ।

ଯେଉଁଠାରେ ଦେବତାର ନାମ ସ୍ମରଣ କରି ଧର୍ମର ଦଣ୍ଡ ଧରି ଯାଜକ, ମହନ୍ତ, ପରିବ୍ରାଜକ, ପଣ୍ଡା, ସେବକ ଆଦି ପାପର ମୂର୍ତ୍ତି ମଧ୍ୟରେ ଆପଣାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରନ୍ତି—ଗର୍ବିତ ବ୍ରାହ୍ମଣ ନିଜ ସ୍ୱାର୍ଥ ନିକଟରେ ଅପର ମାନବର ସ୍ୱାର୍ଥକୁ ଅତି ହୀନ ଜ୍ଞାନ କରେ, ସେଠାରେ ସେ ବ୍ରାହ୍ମଣକୁ ପଦାଘାତ କରିବ, ଦେବତାର ଧ୍ୱଂସ ସାଧନ କରିବ । ସନାତନ ଏକ ମନୁଷ୍ୟ ବ୍ୟତୀତ ଜଗତରେ କାହାରିକୁ ସ୍ୱୀକାର କରେ ନାହିଁ । ରାଜା ପ୍ରଜା, ଧନୀ ଦରିଦ୍ର, ପଣ୍ଡିତ ମୂର୍ଖ, ବ୍ରାହ୍ମଣ ଚଣ୍ଡାଳ, କାହାରି ପ୍ରଭେଦ ସେ ମାନେ ନାହିଁ । ସମସ୍ତେ ମନୁଷ୍ୟ । ବଞ୍ଚିବାର ଅଧିକାର ପ୍ରତି ପୁରୁଷ ନାରୀ, ପ୍ରତି ଶିଶୁ ବୃଦ୍ଧର ଅଛି । ସେ ଅଧିକାର ଉପରେ ଅପର କେହି ହସ୍ତକ୍ଷେପ କଲେ ସନାତନ ତାକୁ ସଂଗ୍ରାମ ଆହ୍ୱାନ ଜଣାଇବ । କେବଳ ମାନବ କାହିଁକି, ପ୍ରତ୍ୟେକ ପ୍ରାଣୀର ଏହା

ସହଜ ଅଧିକାର । ଏ ଅଧିକାରରୁ ବଞ୍ଚିତ ହେବାକୁ ସେ କାହାରକୁ ଦେବନାହିଁ ।

ଧର୍ମ ? କି ବସ୍ତୁ ସେ ! ତାହାର ମୂଳ କଏ, ଅଗ୍ର କଏ ? ଧର୍ମର ନାମ ନେଇ ହିନ୍ଦୁ ଖ୍ରୀଷ୍ଟିୟାନ ଭିତରେ, ହିନ୍ଦୁ ମୁସଲମାନ ମଧ୍ୟରେ, ବୈଷ୍ଣବ ଶୈବ ମଧ୍ୟରେ କାହିଁକି ଏତେ ବିରୋଧ, ଏତେ ସଂଘର୍ଷ ! ମାନବ ଜାତିର ସମୂହ ଅକଲ୍ୟାଣ ଏହି ଧର୍ମାବଲମ୍ବୀମାନଙ୍କ ଦ୍ୱାରା ସାଧିତ ହେଉ ନାହିଁକି ? ସେ ଧର୍ମର ମୂଳୋଚ୍ଛେଦ ହେଲେ ପୃଥିବୀର ଲାଭ ବ୍ୟତୀତ କ୍ଷତି ନାହିଁ । ଧର୍ମ ଉପରେ ଅବିଶ୍ୱାସ କରି, ଭଗବାନଙ୍କୁ ଅସ୍ୱୀକାର କରି ମନୁଷ୍ୟ ଯଦି ସତ୍ ଚିନ୍ତା, ସତ୍ କର୍ମ ଓ ସତ୍‌ବାକ୍ୟ ବ୍ୟବହାର କରେ; ଗୁରୁଜନମାନଙ୍କୁ ଶ୍ରଦ୍ଧା କରେ, ବନ୍ଧୁମାନଙ୍କୁ ପ୍ରୀତି କରେ, ଦାସ ଦାସୀମାନଙ୍କ ପ୍ରତି ସଦୟ ହୁଏ, ଅପର ମାନବର ଉପକାର କରେ, ତେବେ କି ଆବଶ୍ୟକ ସେ ଭଗବାନଙ୍କର ? ଆଉ ଯଦି ହରିନାମ କୀର୍ତ୍ତନ କରି ସେ ଏହି ସକଳ କର୍ମର ବିପରୀତ ଆଚରଣ କରେ, ତେବେ ସେପରି ହରିନାମର ଅର୍ଥ କଣ ? ମନୁଷ୍ୟର ଧର୍ମ ମନୁଷ୍ୟତ୍ୱ, ପଶୁର ଧର୍ମ ପଶୁତ୍ୱ । ମନୁଷ୍ୟ ନାମ ଧରି ଯାହାର ମନୁଷ୍ୟତ୍ୱ ଅଳ୍ପ, ପଶୁତ୍ୱ ବେଶି, ସେ ସହସ୍ର ଜପାମୁଣି ଜପିଲେ ମଧ୍ୟ ତାର ପଶୁତ୍ୱର ଯଦି ଲୋପ ନ ହୁଏ, ତେବେ ସେ ଜପାମୁଣି ମାଳତିଳକ ଲୁଣ୍ଠନର ସାହାଯ୍ୟକାରୀ । ସେ ଧର୍ମ ନୁହେଁ, ଧର୍ମର ଛଳନା । ଯେଉଁଠାରେ ମାନବ ପାଇଁ ମାନବର ପ୍ରାଣ ବ୍ୟାକୁଳ ନ ହୁଏ, ସେଠାରେ ଧର୍ମ ବୋଲି କି ବସ୍ତୁ ଅଛି ? ଯେଉଁଠାରେ ଏକର କଷ୍ଟ ବିଧାନ ଅପରର କ୍ରୀଡ଼ା ସାମଗ୍ରୀ, ସେଠାରେ ଧର୍ମ କଣ ? ଧର୍ମ ଏହି ମାନବ ହସ୍ତରେ ଧରିର ଅଧର୍ମବକ୍ଷରେ ଧର୍ମର ସ୍ରୋତ ବୁହାଇଦିଏ ଏବଂ ମାନବ

ସେ ଧର୍ମ ଭଜନ ପୂଜନରେ ପର୍ଯ୍ୟବସିତ ନୁହେ । ମାନବକୁ ମାନବ ରୂପରେ ଜଗତକୁ ଜଗତ ରୂପରେ ସ୍ୱୀକାର କରିବା ଓ ଗ୍ରହଣ କରିବାରେ ସେ ଧର୍ମ ଆସ୍ଥିତ ।

ପିତାଙ୍କର ପୂଜା ଆରାଧନା ବ୍ରତ ଏହି ସକଳ କାରଣରୁ ସନାତନର ଏକ ଅଭକ୍ତ ଜାତ ହୋଇଥିଲା । ମାନବ ଜାତିର ସେବା, ଏହାଠାରୁ ବଳ ଦ୍ୱିତୀୟ ଧର୍ମ ତାହା ନିକଟରେ ନାହିଁ । ସେ ମଧ୍ୟ ଗୋଟିଏ ସାହାଯ୍ୟ କେନ୍ଦ୍ର ସ୍ଥାପନ କରିଅଛି । ସେଠାରେ କେବଳ ଶୂନ୍ୟ ଉଦରକୁ ଅନ୍ନଦାନ କରାଯାଏ ନାହିଁ, ଆଶ୍ରୟହୀନକୁ ଆଶ୍ରୟ ଓ ରୋଗୀକୁ ଔଷଧ ମଧ୍ୟ ଦିଆଯାଏ । ତାଳଦଣ୍ଡା କେନାଲର ୨୫ ମାଇଲ୍ ନିକଟବର୍ତ୍ତୀ ଗୋଟିଏ ସ୍ଥାନରେ ତା'ର କେନ୍ଦ୍ର ସ୍ଥାପିତ । ସେଠାକୁ ରୋଗୀ ଅଧିକ ଆସନ୍ତି । କେନାଲ ଖନନରେ ଅନେକ ବ୍ୟାପୃତ ରହି ଏବଂ ଉପଯୁକ୍ତ ଆହାର ନ ପାଇ ନାନା ରୋଗରେ ଆକ୍ରାନ୍ତ ହୋଇ ପଡ଼ନ୍ତି ସେମାନେ ।

ସନାତନ ଥରେ ଦୁଇ ଥର ଭଗିନୀଠାରୁ ଗୃହର ସମ୍ବାଦ ପତ୍ର ଦ୍ୱାରା ପାଇଅଛି ଏବଂ ନିଜ ସମ୍ବାଦ ତାକୁ ଜଣାଇ ଅଛି । ଜନନୀ କନ୍ୟାହସ୍ତରେ ପତ୍ର ଲେଖାଇବା କାଳରେ ସେମାନଙ୍କ ଗୃହର ଦୁଃସ୍ଥ ଅବସ୍ଥା ଜଣାନ୍ତି ନାହିଁ । ବିଦେଶରେ ଏକାକୀ ପୁତ୍ରକୁ ଦୁଃଖ ଦେବା ଆପଣାର ଦୁଃଖ ବୋଲି ସେ ଜ୍ଞାନ କରନ୍ତି । ସନାତନ ପ୍ରତି ପତ୍ରରେ ନିଜର ସୁସମ୍ବାଦ ମାତା ପିତାଙ୍କୁ ଜଣାଏ, ଭଗିନୀକି ପ୍ରତି ନିଜର ସ୍ନେହ ଆଦର ଢାଳିଦିଏ । ସେ ସମସ୍ତ ଜଣଙ୍କୁ ଶୁଭେଚ୍ଛା

କରିଛନ୍ତି । ବ୍ରାହ୍ମଣ ପରିବାର; କିନ୍ତୁ ଆଜ ସୁଦ୍ଧା ବିବାହ କରିନାହିଁ । ଯେଉଁ ଗୃହରେ ତା'ର କନିଷ୍ଠା ଭଗିନୀ ନିଜର କୌଣସି ଦୋଷ ନାହିଁ, ଅଥଚ ସ୍ୱାମୀ ନାମଧେୟ ଏକ ଅପରିଚିତ ଅଜ୍ଞାତଶୀଳ ଯୁବକର ଦୋଷରୁ ଦୁର୍ବହ ଜୀବନ ଯାପନ କରୁଛି, ସେ ଗୃହରେ ସେ ବିବାହ କରି ତରୁଣୀ ଭାର୍ଯ୍ୟା ସହିତ ହାସ୍ୟ କୌତୁକରେ ମଗ୍ନ ରହିବ । କି ଅର୍ଥ ଅଛି ସେ ବିବାହରେ ? ଆଜି ତ ସ୍ୱଚକ୍ଷୁରେ ଦେଖୁଛି, କେତେ ସ୍ୱାମୀ ବଳ ପ୍ରୟୋଗ କରି ସ୍ତ୍ରୀ ମୁଖରୁ ଅନ୍ନ ଛଡ଼ାଇ ନେଇ ନିଜର ଉଦର ଶାନ୍ତ କରୁଛନ୍ତି, କେତେ ସ୍ତ୍ରୀ ତ ସ୍ୱାମୀକୁ ଚିହ୍ନି ପାରୁ ନାହାନ୍ତି । କେତେ ଜନନୀ ସନ୍ତାନକୁ ଲୁଚିଇ ଆହାର ଭକ୍ଷଣ କରୁଛନ୍ତି । କି ସୁଖ ସେ ପାରିବାରିକ ଜୀବନରେ ? ଏହି ତ ଶତ ଶତ ପରିବାରର ଚିତ୍ର ତା'ର ଚକ୍ଷୁ ସମକକ୍ଷରେ ପ୍ରତିଦିନ ଚିତ୍ରିତ ହେଉଛି । କାହିଁ ? କେଉଁଠାରେ ଆନନ୍ଦ ? ଯେଉଁଠାରେ ଉଦରର ପ୍ରଶ୍ନ, ସେଠାରେ କି ସ୍ୱାମୀ ସ୍ତ୍ରୀ, କି ମାତା ପୁତ୍ର ?

ପ୍ରତ୍ୟୁଷରୁ ସ୍ନାନ ସମାପନ କରି ସନାତନ ସାହାଯ୍ୟ-କେନ୍ଦ୍ରର ଅଭିମୁଖରେ ଚାଲିଛି । ପଥ ମଧ୍ୟରେ ଗୋଟିଏ ଲୋକକୁ ଦେଖିଲା । ଲୋକଟି ତା'ର ପରିଚିତ,—ଏକ ଗ୍ରାମରେ ଘର, ତାହାର ଏକାନ୍ତ ଅନୁଗତ ମଧ୍ୟରୁ ସେ ଜଣେ । ପ୍ରଣିପାତ କରି ଲୋକଟି ସନାତନ ହସ୍ତକୁ ଖଣ୍ଡିଏ ପତ୍ର ବଢ଼ାଇଦେଲା । ଏକ ହସ୍ତରେ ଚିଠି ଧରି ସନାତନ ପଚାରିଲା, 'ଆନନ୍ଦ, ଆଉ ସବୁ ଖବର କଣ ? ତମ ଘରେ ସମସ୍ତେ ଭଲ ଅଛନ୍ତିଟି କି ?'

ଆନନ୍ଦ ଦାସ ମୁଖଟିକୁ ଗମ୍ଭୀର କରି କହିଲା, 'ହଁ, ଭଲ ଥିବା କଥା ଆଉ କଣ ପଚାରୁଛନ୍ତି ? ଏଠାରୁ ଯେଉଁ ଚାଉଳ ଗଣ୍ଠିକ ବାନ୍ଧିକରି ନେଇଥିଲି, ପିଲା ଦିଟା ବୁଢୁଲିଟାକୁ ପିଟାଇ ପକାଇ

ସେଇଥିରୁ ଢ଼'ମୁଠା ଲେଖାଏଁ ଘେନ ପଳାଇଲେ । ମାଛଟି ଲୋକଙ୍କର ହାତରେ ପଡ଼ିଲେ ବୋଲି ଆଉ ମାଉଁସ ନାହିଁ । ମଜେ ଦେଖି ଖାଲି ଜଳ ଜଳ କରି ରହିଁଲି ।'

ଆନନ୍ଦ ଦାସ କେନାଲ ଖୋଳିବା କାର୍ଯ୍ୟରେ ଲାଗିଛି । ଘର କରଣା ବୃଷୀଟିଏ ଥିଲା । ବରଷକ ଖର୍ଚ୍ଚ ଯାଇ ଶହେ ପସ୍ତିରେ ଧାନ ସେ ବଳେଇ କରୁଥିଲା । ସାହାଯ୍ୟ ବୃତ୍ତିଲ ନେବ ନାହିଁ ବୋଲି କେନାଲ ଖୋଳିବାକୁ ଧାଇଁ ଆସିଛି । ଯାହା ଉପାର୍ଜନ କରେ, ସେଥିରେ ନିଜର ଆହାର ଯଥାତଥା ଚଳିଯିବାର କଥା । କିନ୍ତୁ ତହିଁରୁ ମଧ୍ୟ ସେ କିଛି ବଳକା ରଖି ମଝେ ମଝେ ସ୍ତ୍ରୀ ସନ୍ତାନମାନଙ୍କ ପାଇଁ ଘେନଯାଏ ।

ସନାତନ ନିଜ ଗୃହର କୌଣସି ସମ୍ବାଦ ପଚାରିଲା ନାହିଁ । ଅଳକାର ପଦ ସେ ହସ୍ତରେ ଧରିଛି । ଆଉ ପଚାରିବା ଦରକାର କଣ ? ଆନନ୍ଦ ଦାସ ମଧ୍ୟ କହିଲା, 'ଆପଣଙ୍କ ଘରର ସବୁ ଖବର ସେ ଚିଠିରୁ ତ ଜାଣିବେ, ମୁଁ ଆଉ ଅଧିକ କଣ କହିବ ?'

ସନାତନ ପଚାରିଲା, 'ଆମର ସେଠାରେ ଲୋକଙ୍କୁ ସାହାଯ୍ୟ କପରି ମିଳୁଛି । ଶୁଣୁଥିଲି, ରାଜା କୁଆଡ଼େ ସବୁ ଦୁଃଖ ଲୋକଙ୍କ ସେବାରେ ଲାଗିଛନ୍ତି ?'

ଆନନ୍ଦ କହିଲା, 'ସେ କଥା ଆଉ କଣ ପଚାରୁଛ, ଆଜ୍ଞା ! ସବୁ ମଣିଷ ସେ, ଆଜି ପୁଣି ଏ ଅବସ୍ଥା ହେବେ ବୋଲି କିଏ ଜାଣିଥିଲା !'

'ଏହି ମଣିଷ ସବୁ ହୋଇପାରେ, ଆନନ୍ଦ ! ସେଥିରେ କିଛି ଆଚମ୍ବ ନାହିଁ । ଯାହାକୁ ଲୋକେ ଉଚ୍ଚକାଯ୍ୟତ ବୋଲି ଦେଖୁଛ, ତାହା

ଭିତରେ ବି ମଣିଷପଣିଆ ଅଛି; ଯାହାକୁ ଅତି ଦୟାଶୀଳ ବୋଲି ଭାବୁଚ, ସେ ବି ବେଳେ ଖୁଣୀ ମଣିଷମାରୁ ହୋଇପାରେ ।’

‘ସେ କଥା ଆଉ କଣ ପଚାରୁଛ, ଆଜ୍ଞା, ସେହି ରଜା ତ ସେ, କଣ ନ କରିଛନ୍ତି ପ୍ରଜାଙ୍କର । ଆପଣ ତ ନିଜେ ସବୁ ଦେଖିଛ । ସେ ସବୁ କଣ ଆଜି ଅଛି ? ଆଜି ତ ସେ ମଣିଷକୁ ଆପଣ ଚିହ୍ନି ପାରିବ ନାହିଁ, ଗୋସାଇଁ ! କଣ ନ ଖାଉଥିଲେ, କଣ ନ ସାରୁଥିଲେ—ଆହା !’ ଆନନ୍ଦ ଦାସର ଦୁଇ ଚକ୍ଷୁରେ ଜଳ ଦେଖାଦେଲା ।

ସନାତନର ମନେ ପଡ଼ିଲା, ସେ ଦିନର କଥା । ଏହି ଆନନ୍ଦ ଦାସ ପ୍ରଭୃତିଙ୍କୁ ନେଇ ସେ ଶୁଭକାନ୍ତ ନିକଟରେ କୃପା ଭିକ୍ଷା କରିବାକୁ ଯାଇଥିଲା । ସେତେବେଳେ ଏହି ପ୍ରଜା ରାଜାଙ୍କ ପ୍ରତି କେଡ଼େ ବିମୁଖ ହୋଇଥିଲେ । ଆଜି ସେହିମାନଙ୍କ ଚକ୍ଷୁରେ ଲୋତକ ! ଏହି ଚିର ଦୁର୍ବଳ ମାନବ ସମାଜକୁ ଯେଉଁମାନେ ଶାସନ କରନ୍ତି, ସାମାନ୍ୟ ଦୋଷ ଦେଖି ସେମାନଙ୍କ ପ୍ରାଣରେ ଅମାନୁଷିକ ପୀଡ଼ା ଦିଅନ୍ତି, ସେମାନେ କଣ ବୁଝନ୍ତି ନାହିଁ, କେଡ଼େ ନିର୍ବୋଧ, କେଡ଼େ ନିରୀହ ଏହି ପ୍ରାଣୀଗୁଡ଼ିକ !

ଆନନ୍ଦର ଦେହ ଲୋମାଞ୍ଚିତ ହୋଇ ଉଠିଲା । ସେ ତରଳ ଗଳାରେ କହିଲା, ‘କଣ ପଚାରୁଚ ଆଜ୍ଞା, ସେହି ମଣିଷ ସେ,—ଘୋଡ଼ା ଉପରୁ ତଳକୁ ଓହ୍ଲାଉ ନ ଥିଲେ, ଆଜି କଣ୍ଟା ପଥରରେ ପାଦ ଯୋଡ଼ିକ ଛିଣ୍ଡି ରକ୍ତ ବାହାରୁଚି; ରଜା ବଜେ କଲେ କାହାକ ପାଟ ଛତି, ବାଜା ବଜନ୍ତରୀ,—ଆହା କୁଆଡ଼େ ସବୁ ଗଲାଟି ! ଆନନ୍ଦ ଦାସ ଆଖିରେ ଲୁହ ସମ୍ଭାଳି ପାରିଲା ନାହିଁ । ସନାତନ କହିଲା, ‘ଏଥିପାଇଁ କାନ୍ଦୁଛ କାହିଁକି, ଆନନ୍ଦ ? ଦେଖୁଚୁ ତ ସେ ରଜା, ଆମକୁ ସବୁ କି ଦୁଃଖ ଦେଉ ନ ଥିଲା; ନଅର ତୋଳି

ହେବ ବୋଲି ଶହ ଶହ ଲୋକଙ୍କୁ ନେଇ ଗୋରୁ ଛେଳିପରି ଚାଲାଣ କରାଉଥିଲା । ଖଜଣା ଅସୁଲ ପାଇଁ ଯେଉଁ ଦୁଃଖ, ତମେ ସବୁ ତ ନିଜ ଅଙ୍ଗରେ ନଭେଇଛ ।’

ଆନନ୍ଦର ଚକ୍ଷୁରେ ଅଶ୍ରୁ ଧରିଲା ନାହିଁ ।

‘ଆହା, କାହିଁକି ସେ କଥା କହୁଚ ଆପଣ । ରାଜା ତ ପ୍ରଜାଙ୍କ ମା ବାପ । ମାରିବେ ସେହି, ତାରିବେ ସେହି, ଆଉ କିଏ ? [illegible] ଏମିତି କଷ୍ଟ ଦେଇଥିଲେ ଗୋସେଇଁ ?’

ସନାତନ ପୁନର୍ବାର ହାସ୍ୟ କରି ପଚାରିଲା, ‘କିଛି ମନେ ନାହିଁ ?’

‘ହଁ, ମନେ ନାହିଁ କଣ ? ହେଲେ, କି କଷ୍ଟ ସେ । ବାପ କଣ ପୁଅକୁ ମାରୁ ନାହିଁ ! କଣ ପଚାରୁଚ ଆପଣ ? ସେହି ରଜା ତ ସେ । ଆମେ ତାଙ୍କର ନୋହୁ ନା, ସେ ଆମର ନୁହନ୍ତି ? ଗାଁକୁ ଗାଁ ଘରକୁ ଘର ବୁଲି ପରଜାଙ୍କ ଦୁଃଖ ବୁଝୁଚି କେଉଁ ରଜା ? ମୁଁ ହେଇ ମୁଣ୍ଡ, ମୋ ଦୁଆରେ ଆସି ହାଜର । ଘର ମଣିଷଙ୍କୁ ଡକା-ଦେଲି, ‘ଆଲୋ, ଆମ ବାପ ସେ, ତାଙ୍କୁ ଲୁଚିବୁ କଣ । [illegible] ଯେତେବେଳେ ଯାହା ଦରକାର ହେବ, ଚରଣ ତଳେ ପଡ଼ି ମାଗି ଆଣିବୁ ।’ ନ ହେଲେ ଗୋସେଇଁ, ମୁଁ ଢ’ ଦଟା ପିଲାଙ୍କୁ ଏକାଳରେ ବଞ୍ଚେଇ ଥାନ୍ତି ?’

ସନାତନ ପଚାରିଲା, ‘କଣ ଗାଁ ଗାଁ ଘର ଘର ବୁଲୁଛନ୍ତି ?’

‘ଗାଁ, ଗାଁ, ଘର ଘର । ଆମ ଗାଁରେ ପିଲା ମାଇପେ ମରଦ ସମସ୍ତେ ପାଦତଳେ ଲୋଟି ପଡ଼ି ଅଳି କଲୁଁ, “ହଜୁର କୁଆଡ଼କୁ ଫେରି ଯାନ୍ତୁ । ଆମର କିଛି ଲୋଡ଼ା ନାହିଁ । ହଜୁର ଆସି [illegible]

ଏଇ କଥା କହିବେ !" ହସିଲେ, କହିଲେ, "କାହାକୁ ଦେଖିବାକୁ ଉଆସକୁ ଫେରି ଯିବ ରେ ? ଏହି ମଶାଣି, ଢ଼ଲୁଆ ଶାଗୁଣାଙ୍କ ମୁହଁରେ ତୁମକୁ ଛାଡ଼ିଦେଇ ମୁଁ ଯିବି ଉଆସ ଭିତରକୁ ?" ରାମ ବରାଳକୁ ଦେଖି ତ ଏକାବେଳେ କୋଳକୁ ଟାଣି ନେଲେ । ସେହି ରାମ ବରାଳ ଗୋସେଇଁ, ଖଜଣା ଦେଇ ନ ଥିଲା ବୋଲି ଝୁମ୍ପୁଣି ଦଣ୍ଡ ହୋଇଥିଲା । ତାକୁ ତ କୋଳ ଭିତରେ ଜାକି ପିଠି ଆଉଁସି ଦେଇ କହିଲେ, "ହଇ ରେ, ଯେତେ ଦୁଃଖ ତତେ ଦେଇଛି, ସବୁ କଣ ଭୁଲିଯିବୁ ନାହିଁ ?" ଗାଁ ଗୋଟାକ ଲୋକ ଭେ ଭେ ଡକା ପାରିଲେ, "ଆମର କିଛି ହେବ ନାହିଁ, ହଜୁର, ଉଆସକୁ ଫେରି ଯାନ୍ତୁ ।" ସେ କଣ ଫେରିବେ ? କହିଲେ, "ଆରେ ମୁଁ ତ କେତେ ପାପ କରିଛି । ସେହି ପାପ ପାଇଁ ପ୍ରାୟଶ୍ଚିତ୍ତ କରୁଚି ସିନା, ତମର ସବୁ ତ କିଛି କରୁନାହିଁ ।"

ଆନନ୍ଦ ଶିଶୁ ପରି କ୍ରନ୍ଦନ କରି ଉଠିଲା । ସନାତନ କରୁଣ ଦୃଷ୍ଟିରେ ତା' ପ୍ରତି ଚାହିଁଲା । ସେ ଦୃଷ୍ଟି ଯେପରି କହୁଥିଲା, 'ହାୟ ରେ ନିର୍ବୋଧ ! କାହାକୁ ତୁ ଦୁଃଖ କହୁ, ସୁଖ କହୁ କାହାକୁ ? କର୍କଶ କିଏ, କୋମଳ କିଏ, ଭଲ କିଏ, ମନ୍ଦ କିଏ ?'

## ତୃତୀୟ ପରିଚ୍ଛେଦ

ସନାତନ ଭଗିନୀର ପତ୍ର ପାଠକଲା । ଅଳକା ମାତା ପିତାଙ୍କ ମୃତ୍ୟୁର ସମ୍ବାଦ ଦେଇ ନାହିଁ । ଆନନ୍ଦ ଦାସଙ୍କୁ ମଧ୍ୟ କହିବାକୁ ମନା କରି ଦେଇଛି । ବିଦେଶରେ ଅପରିଚିତ ଜନସମାଜ ମଧ୍ୟରେ ସନାତନ ମାତା ପିତାଙ୍କର ଆକସ୍ମିକ ମୃତ୍ୟୁ ସମ୍ବାଦ ଶୁଣି ଅଧିକ ବିଚଳିତ ହୋଇପାରେ, ଏଥିପାଇଁ ସ୍ନେହମୟୀ ଭଗିନୀଟି ସାବଧାନ ହୋଇ ପତ୍ର ଲେଖିଛି । ମାତା ପିତାଙ୍କର ଆକସ୍ମିକ ଅନ୍ତର୍ଦ୍ଧାନ ସ୍ନେହମୟୀ ଅଳକାର ପ୍ରାଣକୁ ଭୟାତୁର କରି ଦେଇଛି । ଜଗତରେ ସନାତନ ବ୍ୟତୀତ ଅନ୍ୟ କାହାରି ସ୍ଥାନ ତାର ଅନ୍ତରରେ ନାହିଁ । ସେ ତାକୁ କେବଳ ସ୍ନେହ କରେ ନାହିଁ; ପ୍ରାଣ ଦେଇ, ଅଶ୍ରୁ ଦେଇ ଭଲପାଏ । ସେ ବର୍ତ୍ତମାନ ସନାତନର ମାତା, ତାର ଭଗିନୀ, ତାର ପିତା, ତାର ଜ୍ୟେଷ୍ଠ, ତାର କନିଷ୍ଠ ! ସନାତନ ବିବାହ କରିବ ନାହିଁ, ସେ ଭଲରୂପେ ଜାଣେ—ବିବାହ ନ କରିବାର ମର୍ମ ମଧ୍ୟ ସେ ବୁଝିଅଛି ।

ଅଳକା ଲେଖିଛି—ରାଜା ଶୁଭକାନ୍ତ ଆଉ ପୂର୍ବ ଶୁଭକାନ୍ତ ନୁହନ୍ତି । ଯେଉଁ ପ୍ରଜା ଉପରେ ଦିନେ ସେ ମହା ଉତ୍ପୀଡ଼ନ କରୁଥିଲେ, ଆଜି ସେହି ପ୍ରଜାର ସେବାରେ ମନ ପ୍ରାଣ ନିୟୋଗ କରିଛନ୍ତି । ଦୁଃସ୍ଥ ମାନବର ମୁଖକୁ ଚାହିଁ ସେହି ଶୁଭକାନ୍ତଙ୍କ ଚକ୍ଷୁ

ଆଜି ସଜଳ ହୋଇ ଉଠେ । ସେ ଶୁଭକାନ୍ତ ଆଜି ଜଗତରେ ଶତ୍ରୁ ବୋଲି କାହାକୁ ଜ୍ଞାନ କରନ୍ତି ନାହିଁ । କାହାରି ପ୍ରତି ତାଙ୍କର ଦ୍ୱେଷ ନାହିଁ । ସନାତନର ନିର୍ବାସନ ଦଣ୍ଡକୁ ଆଜି ସେ ନିଜର ବାତୁଳତା ଜ୍ଞାନ କରନ୍ତି—ନିଜର ଅଜ୍ଞାନକୃତ ଅପରାଧ ବୋଲି ସେ ଅନୁତପ୍ତ । ସେଥିପାଇଁ ସନାତନର ଗୃହକୁ ପ୍ରତ୍ୟହ ଆସି ଅଳକାର ଦୁଃଖ ସୁଖ, ଅଭାବ ଅସୁବିଧା ଅନୁସନ୍ଧାନ କରିଯାନ୍ତି; ଏହିପରି ଅନ୍ୟାନ୍ୟ ପରିବାରର ଅଭାବ ଦୂର କରିବାକୁ ମଧ୍ୟ ସେ ଜୀବନର ବ୍ରତ ରୂପେ ଗ୍ରହଣ କରିଛନ୍ତି । ଶୁଭକାନ୍ତ ଅଳକାକୁ ଶ୍ରଦ୍ଧା କରନ୍ତି, ଅଳକାର ମଧ୍ୟ ତାହାଙ୍କ ପ୍ରତି ଯଥୋଚିତ ଅନୁରାଗ ଅଛି । ପ୍ରତ୍ୟହ ଶୁଭକାନ୍ତ ସହିତ ତାର ନିଜ ଗୃହରେ ସାକ୍ଷାତ ହୁଏ । ଶୁଭକାନ୍ତ ସନାତନ ନିକଟରେ ଅପରାଧୀ । ସେ ବର୍ତ୍ତମାନ ରାଜା ନୁହନ୍ତି । ସେ ମଧ୍ୟ ଆଜି ସନାତନ ପରି ଭାବୁଚନ୍ତି, ରାଜା ଜଣେ ସାଧାରଣ ମନୁଷ୍ୟ । ସେ ଯେପରି ଅନ୍ୟର ବିଚାର କରନ୍ତି, ଅନ୍ୟ ନିକଟରେ ମଧ୍ୟ ରାଜାର ବିଚାର ଅଛି । ସାଧାରଣ ମନୁଷ୍ୟ ରୂପରେ ଆଜି ସେ ମନେ କରୁଛନ୍ତି, ସନାତନର ଦଣ୍ଡ ବିଧାନ ଶୁଭକାନ୍ତଙ୍କର ଅପରାଧ । ସେ ଅପରାଧ କ୍ଷାଳନ ଲାଗି ସନାତନ ନିକଟରେ କ୍ଷମା ଭିକ୍ଷା କରିବାକୁ ସ୍ୱଦେଶକୁ ବାହୁଡ଼ି ଫିବା ପାଇଁ ଆହ୍ୱାନ କରିଅଛନ୍ତି । ଅଳକା ମଧ୍ୟ ସନାତନର ସାହଚର୍ଯ୍ୟ ଲାଭ କରିବା ପାଇଁ ବ୍ୟାକୁଳ ।

ସନାତନ ଅଳକାର ପତ୍ର ଆମୂଳଚୂଳ ପାଠ କଲା । ତାର ଉଦ୍‌ବେଗ ଜାତ ହେଲା ନାହିଁ, ବିସ୍ମୟ ଉଦ୍ରେକ ହେଲା ନାହିଁ । ଶୁଭକାନ୍ତ ଜୀବନରେ ଏ ରୂପ ଅଦ୍ଭୁତ ପରିବର୍ତ୍ତନକୁ ସ୍ୱାଭାବିକ ଜ୍ଞାନ କଲା । ମନୁଷ୍ୟ ଯେ ମନ୍ଦ ହୁଏ, ସେ ତ ଚିରକାଳ ପାଇଁ ନୁହେଁ । ଭଲ ହେବାହିଁ ତାର ଧର୍ମ । ଜଗତର ଦୁଃଖ ଦୈନ୍ୟ [illegible]

କୌଣସି ମାନବ ଆଜୀବନ ଅସତ୍ ହୋଇ ରହିପାରେ ନାହିଁ । ସାମାଜିକ ଜୀବ ସେ । ସମାଜର ହିତ ହିଁ ତାହାର ହିତ, ଏକଥା ସେ ପଶୁମାନଙ୍କଠାରୁ ଶିକ୍ଷା କରେ । ତାହାର ଦୌରାତ୍ମ୍ୟ, ଆସୁରି ଲୀଳା କୌଣସି ସମୟରେ ସ୍ଥାୟୀ ହୋଇ ରହି ନାହିଁ । ମନ୍ଦ ଉପରେ ଭଲର ପ୍ରଭାବ ଜଗତର ଇତିହାସରେ ବିରଳ ନୁହେଁ । ଅନୁକମ୍ପା ବିହୀନ ହେବା ମାନବର ସ୍ୱଭାବ ବିରୁଦ୍ଧ । ଶୁଭକାନ୍ତ ସେହି ମାନବ । କେତେଦିନ ସେ ଅନ୍ଧ ବଧିର ହୋଇ ବସି ରହନ୍ତା ? ମନୁଷ୍ୟ ମଧ୍ୟରେ ଯେ ହିଂସ୍ର ଭାବ ଦେଖାଯାଏ, ସେ ତା ପକ୍ଷରେ ଅସ୍ୱାଭାବିକ, ଅସ୍ୱାସ୍ଥ୍ୟ-ମରଣର ହେତୁ ।...

ଅଳକା ଲେଖିଛି, ଶୁଭକାନ୍ତ ସହିତ ତାର ପ୍ରତ୍ୟହ ସାକ୍ଷାତ ହୁଏ । ଏଥିରେ ସନାତନର ଆନନ୍ଦ ଜାତ ହେଲା । [illegible] ଜାତିର ଅବରୋଧ ବିରୋଧୀ ସେ । ଭାରତ ଲଳନା [illegible] ଗୋଟାଏ ଉତ୍କଟ ବନ୍ଦୀଶାଳରେ ବହୁଯୁଗ ଧରି [illegible] ହୋଇଅଛି, ତାର ସ୍ୱଭାବର ସହଜ ପ୍ରକାଶ ଲାଗି [illegible] ଉତ୍ରମାତ ଯେ ପ୍ରଧାନ ଅନ୍ତରାୟ, ଏହା ଚିନ୍ତା [illegible] ସନାତନର ମଧ୍ୟେ ମଧ୍ୟେ ହୃତ୍‌କମ୍ପ ଜାତ ହୁଏ । ଆଜି [illegible] ବିପନ୍ନ ମାନବର ସେବା ଲାଗି ଏହି ନାରୀ ଯେ [illegible] ଉପାଦାନ ହୋଇପାରିଥାନ୍ତା, ତାର ମାତୃ ହୃଦୟର ସ୍ନେହ [illegible] ଦେଇ କେତେ ଅନାଥ ଶିଶୁର ପ୍ରାଣ ରକ୍ଷା କରି ପାରନ୍ତା, ସନାତନ ସେହି କଥା ଚିନ୍ତା କରି ମର୍ମାହତ ହୁଏ । ଆଜି ତାର ସ୍ୱାଧୀନତା ? ରାଜ୍ୟ ମଧ୍ୟରେ ପ୍ରବେଶ କରିବାର ଅବାଧ [illegible] କରିବାରେ କି ଆନନ୍ଦ ଅଛି ? ସ୍ୱାଧୀନତା ? ବିଶ୍ୱର [illegible] ଯେଉଁଠାରେ ମାନବର ନାହିଁ, ସେଠାରେ ସ୍ୱାଧୀନତା [illegible] ଅର୍ଥ ? ଆକାଶରେ ପକ୍ଷୀ ବଞ୍ଚେ, ଭୂପୃଷ୍ଠରେ ପଶୁ ବଞ୍ଚନ୍ତି [illegible]

ଜଳ ମଧ୍ୟରେ ମୀନ ମଧ୍ୟ ପ୍ରାଣ ଧାରଣ କରେ । କିନ୍ତୁ ମନୁଷ୍ୟ ? କି ପାପ କରିଥିଲା ସେ ! ତାହାରି ବଞ୍ଚିବା ପାଇଁ ଏତେ ଦୁଃଖ, ଏତେ ଭାବନା, ଏତେ ବୁଦ୍ଧିମାନ ଜୀବର ଏରୂପ ଦୁର୍ଦ୍ଦଶା କାହିଁକି ? ସନାତନ ନିଜର ବୃଦ୍ଧ ମାତାପିତା ଓ ଅଳକାକୁ ବହୁଦିନ ପରେ ଦେଖିବା ଲାଗି ଇଚ୍ଛୁକ ହେଲା । ନିଜର ପରିଚାଳିତ କେନ୍ଦ୍ରକୁ ଅଭିରାମ ନାମକ ଜନୈକ ଯୁବକ ହସ୍ତରେ ଅର୍ପଣ କରି ସ୍ୱଗୃହକୁ କିଛିକାଳ ପାଇଁ ଫେରିବାକୁ ସେ ମନସ୍ଥ କଲା ।

ଅଭିରାମ ଜଗତକୁ ହାସ୍ୟମୟ କରି ଗ୍ରହଣ କରିଛି । ତାର ସଂସାରରେ ସେ ଏକମାତ୍ର ଅବଶେଷ । ସମସ୍ତେ ମୃତ୍ୟୁ ମୁଖରେ ପଡ଼ି ଅଛନ୍ତି । ମୃତ୍ୟୁକୁ ସେ ଜୀବନର କ୍ରୀଡ଼ା ସାମଗ୍ରୀ କରି ଜ୍ଞାନ କରେ । ଦାରିଦ୍ର୍ୟ ତା ନିକଟରେ ଏକ କୌତୁକମୟ ବସ୍ତୁ । ଜଗତରେ ତାର ଅପରିଚିତ କେହି ନାହିଁ । ମୁହୂର୍ତ୍ତକ ମଧ୍ୟରେ ସମସ୍ତଙ୍କୁ ଆପଣାର କରିପାରେ । ଧନରେ ନୁହେଁ, ପଦ ମର୍ଯ୍ୟାଦା ସମ୍ଭ୍ରମରେ ନୁହେଁ, ବରିଂ ସେ—ନିଜର ଶିଶୁ ସୁଲଭ ବ୍ୟବହାର ଓ ହାସ୍ୟ ଆଳାପରେ ସମସ୍ତଙ୍କୁ ମୁଗ୍ଧ କରିଥାଏ ।

ସନାତନ ବିଦାୟ ନେଇ ଯିବା କାଳରେ ତାକୁ କହିଲା, 'ଅଭିରାମ, ତୁମକୁ ତ ଆଉ କେନ୍ଦ୍ର ଚାଳନା ପାଇଁ ଉପଦେଶ ପରାମର୍ଶ ଦେବାକୁ ହେବ ନାହିଁ; କେବଳ ମଧ୍ୟେ ମଧ୍ୟେ ମତେ କେନ୍ଦ୍ରର ସୁପରିଚାଳନା ବିଷୟରେ ଜଣାଉଥିବ ।' ଅଭିରାମ ହସି ହସି ଉତ୍ତର କଲା, 'ଆଉ ପରାମର୍ଶ ଉପଦେଶର ଆବଶ୍ୟକତା କଣ ? ଏବି ଜଣାଇବା କଥାଟି ଭିତରେ ତ ସବୁ ରହିଗଲା ।'

'ଜଣାଇବ ନାହିଁ, ଅଭିରାମ ? ମନୁଷ୍ୟ ମରୁଛି ଯେ ।'

'ମନୁଷ୍ୟ ଏକା ମରୁ ନାହିଁ, ପଶୁ ପକ୍ଷୀ କୀଟ ପତଙ୍ଗ ସମସ୍ତେ ମରୁଛନ୍ତି ।'

'ନାହିଁ ନାହିଁ, ବର୍ତ୍ତମାନ ଯେ ମନୁଷ୍ୟ ଉପରେ ମଡ଼କ ଆସିଛି, ମନୁଷ୍ୟ ମରୁଛି ।'

'ମନୁଷ୍ୟ କେବଳ ବର୍ତ୍ତମାନ ମରୁ ନାହିଁ, ଭବିଷ୍ୟତରେ ମଧ ମରିବ । ଏହିପରି କେତେ ମଡ଼କ ହୋଇ ସାରିଛି, ପୁଣି ହେବ କେତେ ।'

'ତୁମର ଦର୍ଶନ ମୁଁ ସ୍ୱୀକାର କରେଁ ନାହିଁ, ଅଭିରାମ । ନୀରସ କଳ୍ପନା ଛଡ଼ା ସେ ଆଉ କିଛି ନୁହେଁ ।'

'କଳ୍ପନା ଛଡ଼ା ଜଗତରେ ବାସ୍ତବ ବୋଲି ଯେ କିଛି ନାହିଁ ।' ଅଭିରାମ ହସିଲା ।

ସନାତନ ଅଭିରାମର ହସ୍ତକୁ ନିଜ ହସ୍ତରେ ଚପି ଧରିଲା ଏବଂ ତାର ଦୁଇ ଚକ୍ଷୁରେ ସ୍ୱୀୟ ଚକ୍ଷୁ ନିବଦ୍ଧ କରି କହିଲା, 'ଯାହା କହିଲି ମନେ ରଖ ଭାଇ, ଏହା ପରାମର୍ଶ ନୁହେ, ଉପଦେଶ ।' ସନାତନ ବିଦାୟ ନେଇ ଗଲା । ଥରକୁ ଥର ସେ ପଶ୍ଚାତ୍‌କୁ ଦୃଷ୍ଟି ନିକ୍ଷେପ କରି ଚାହିଁଲା—ଅଭିରାମ ସେହି ଏକ ସ୍ଥାନରେ ଦଣ୍ଡାୟମାନ ହୋଇ ତା ପ୍ରତି ଚାହିଁ ହସୁଚି ।

ସନାତନର ମନେ ହେଲା, ସେ ହାସ୍ୟ ନୁହେ, ଉପହାସ । ସମସ୍ତ ବିଶ୍ୱର ଦୁଃଖ, ଦୈନ୍ୟ, ଅନଶନ, ଲାଞ୍ଛନା—ଜୀବନ, ମରଣ, ବ୍ୟଥା, ବ୍ୟର୍ଥତା—ସମସ୍ତ କେବଳ ପରିହାସ, ନିଷ୍ଠୁର ପରିହାସ । ପିତା, ମାତା, ଭ୍ରାତା, ଭଗିନୀ, ସ୍ତ୍ରୀ, କନ୍ୟା ଆଦି ସକଳ ଲାଭ କରି ଅଭିରାମ ସକଳ ହରାଇଛି । ଲାଭ କ୍ଷତିର ପ୍ରଭେଦ ତା' ନିକଟରେ

ଅଗୋଚର । ଶୁଭକାନ୍ତର ପ୍ରଜାପୀଡ଼ନ କାହାଣୀ ସେ ଯେପରି ନିଷ୍ଠୁର ଭାବରେ ସନାତନ ମୁଖରୁ ଶୁଣିଛି, ତାହାର ରାଜ୍ୟ ତ୍ୟାଗ ସମ୍ବାଦରେ ମଧ୍ୟ ବିସ୍ମିତ ହୋଇନାହିଁ । ସବଳ ଦୁର୍ବଳକୁ ଆଘାତ କଲେ ଅପରାଧଟା ଯେ କାହାର ହୁଏ, ଅଭିରାମ ପକ୍ଷରେ ତାହା ଦୁର୍ବୋଧ । ଏ ପ୍ରସଙ୍ଗରେ ସନାତନ ମୁଖରୁ କ୍ରୋଧବ୍ୟଞ୍ଜକ ଭାଷା ଶୁଣି ସେ କହେ, 'ଏଥିରେ ଦୋଷ ଗୁଣ ବିଚାରିବାର ତ କିଛି କଥା ନାହିଁ, ତୁମେ ଏତେ ବିଚଳିତ ହୁଅ କାହିଁକି ? ସବଳ କୃତ ଦୁର୍ବଳ ଲାଞ୍ଛିତ ହେଲେ, ସେଥିରେ ପୁଣି ଦୋଷ କେଉଁଠାରେ ରହିଲା ? ଦୋଷକଥା ବିଚାର କଲେ ଲାଞ୍ଛନା କରିବାରେ ସବଳର ଯେତିକି ଦୋଷ, ଲାଞ୍ଛିତ ହେବାରେ ଦୁର୍ବଳର ସେଥିରୁ ଊଣା ହେଲେ ଊଣା ଦୋଷ ନୁହେଁ । ଦୋଷ ବିଚାର କରିବାକୁ ଗଲେ, ଜଣକର ସବଳ ହେବା ଦୋଷ, ଅପରର ଦୁର୍ବଳ ହେବା ମଧ୍ୟ ଦୋଷ । ସବଳତା ଓ ଦୁର୍ବଳତା ବୋଲି ଦୁଇଟା ବସ୍ତୁ ଜଗତରେ ଯେତେଦିନ ଥିବ, ସେତେଦିନ ଲାଞ୍ଛନା, ଅପମାନ, ଅତ୍ୟାଚାର ଏବଂ ବଶ୍ୟତା, ଆନୁଗତ୍ୟର ଲୋପ ହେବ ନାହିଁ । ଶତସହସ୍ର ସନାତନ ଦେହପାତ କଲେ ମଧ୍ୟ ଜଗତର ଏ ଅବସ୍ଥା ପରିବର୍ତ୍ତିତ ହୋଇନାହିଁ କି ହେବ ନାହିଁ ।' ସନାତନ ଉତ୍ତର ଦିଏ, 'ଶତ ସହସ୍ର ଅଭିରାମର ପରାମର୍ଶ ସତ୍ତ୍ୱେ, ଜଗତରେ କେତେ ସନାତନ ଦେହପାତ କରିଛନ୍ତି, କରିବେ ।' କିନ୍ତୁ ଏହି ଦ୍ୱିଧା ମତ ସେ ଦୁହିଁଙ୍କୁ ପରସ୍ପର ପ୍ରତି ଅଧିକ ଆକୃଷ୍ଟ କରିଥିଲା । ବିଚ୍ଛେଦ ସମୟରେ ଉଭୟେ ତାହା ଅପ୍ରକାଶ୍ୟ ଅନୁଭବ କଲେ । କେହି କାହାରି ନିକଟରେ ମନୋଗତ ଭାବ ପ୍ରକାଶ କରିବାର ଆବଶ୍ୟକତା ଅନୁଭବ କଲେ ନାହିଁ । ନୀରବ ହେଲେହେଁ ତାହା ସୁସ୍ପଷ୍ଟ

ଖ୍ରୀଷ୍ଟ ଜୀବନର ନର୍ମମ ଅଭିଜ୍ଞତା ଅଭିରାମ ନିକଟରେ ସମସ୍ତ ଜଗତକୁ ଗୋଟାଏ ପ୍ରକାଣ୍ଡ ଉପହାସମୟ ପ୍ରହେଳିକା ରୂପରେ ପ୍ରତିଷ୍ଠିତ କରିଥିଲା । କିନ୍ତୁ ସନାତନ ନିକଟରେ ଜଗତ ପ୍ରହେଳିକା ନୁହେଁ । ଏହାର ପ୍ରତ୍ୟେକ ବସ୍ତୁ, ପ୍ରତି ରେଣୁ, ପ୍ରତ୍ୟେକ ଦୁଃଖ ସୁଖ, ଜୀବଜନ୍ତୁ ଏକାନ୍ତ ବାସ୍ତବ ଓ ସତ୍ୟ । ମାନବ ଏହାର ଶ୍ରେଷ୍ଠତମ ସୃଷ୍ଟି । ତାହାର ଚେଷ୍ଟାରେ ଜଗତରେ ଦେବଲୋକର ସୃଷ୍ଟି ସମ୍ଭବ ହୋଇପାରେ । ଅଭିରାମର ମତ ପୃଥକ୍ ହେଲେହେଁ ସନାତନକୁ ସେ କର୍ମର ଗୋଟାଏ ପ୍ରବଳ ପ୍ରବାହ ଓ ଜୀବନର ଚିରନ୍ତନ ଉତ୍ସରୂପେ ଦର୍ଶନ କରେ । ସନାତନ ଦେଖେ ଅଭିରାମର ଅନ୍ତର ମଧ୍ୟରେ ଯେ ଅକପଟ ସତ୍ୟ ନିହିତ ଅଛି, ତାହା ସମସ୍ତ ବିଶ୍ୱରେ ଅତୁଳନୀୟ । ସେ ଯେ ତାର ନିଃସମ୍ବଳ ଜୀବନ ଉପରେ ସକଳ ଦାରିଦ୍ର୍ୟ ଓ ବିଚ୍ଛେଦ ଉପରେ ଏପରି ଶିଶୁ ସୁଲଭ ହାସ୍ୟ ହସିପାରେ, ସନାତନ ନିକଟରେ ତାହା ବଡ଼ ମହନୀୟ ବୋଧ ହୁଏ । ସେ ହାସ୍ୟ ତଳେ ଏତେ ଦୁଃଖ, ଏତେ ବେଦନା ଗୋପନରେ ରହିଛି । ତଥାପି ତାହାର ଆଭାସ ମାତ୍ର ମିଳେ ନାହିଁ । ମାନବର କର୍ମଦ୍ୱାରା ଜଗତର ଲାଭ କ୍ଷତିରେ ତାର ବିଶ୍ୱାସ ନ ଥିଲେହେଁ ସେ ଏହି ଶତ ସହସ୍ର ନିରନ୍ନ ବୁଭୁକ୍ଷୁ ପାଇଁ ଆତ୍ମସମର୍ପଣ କରିବାକୁ ପଶ୍ଚାତ୍‌ପଦ ନୁହେଁ । ସେଥିରେ ହାସ୍ୟ କରି କହେ, ଏ କେବଳ ତାର ଗୋଟାଏ ଖିଆଲ, ଗୋଟାଏ ରକମର ଖେଳ । ନିରନ୍ନ ! ବୁଭୁକ୍ଷୁ ! ଜଗତରେ ଆହାର ମିଳେ କେତେଟା ଲୋକଙ୍କୁ ? ଯାହାଙ୍କୁ ବେଶୀ ମିଳେ ସେ ଅତ୍ୟାହାରୀ ହୋଇ ମରନ୍ତି; ନ ମିଳେ ଯାହାଙ୍କୁ ସେ କ୍ଷୁଧାର୍ତ୍ତ ହୋଇ ମରନ୍ତି । ମିଳେ ଯାହାଙ୍କୁ ସେ ଲଭନ୍ତି ରୋଗ ଯନ୍ତ୍ରଣା,—ନ ମିଳେ ଯାହାଙ୍କୁ ତାଙ୍କୁ ମିଳେ ଅନାହାର ଦୁଃଖ । ପ୍ରଭେଦ ତେବେ କେଉଁଠାରେ ? ଏଥିପାଇଁ କରୁଣା କରିବ କାହାଙ୍କୁ

—ଶୋକ କରିବ କାହାପାଇଁ ? ଯେ ଅନାହାରରେ ମରୁଛନ୍ତି ତାଙ୍କ ପାଇଁ ଯଦି ଶୋକ ଜାତ ହୁଏ, ଯେ ଅତ୍ୟାଚାରରେ ମରୁଛନ୍ତି ତାଙ୍କ ପାଇଁ ମଧ୍ୟ ନ କରିବ କାହିଁକି, ତାଙ୍କପାଇଁ ମଧ୍ୟ କରୁଣା ଜାତ ନ ହେବ କାହିଁକି ? ତେବେ ସେ ଯେ ସାହାଯ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଛି, ସେ ତାର କେବଳ ମତଲବ । ଯେଉଁ ମତଲବରେ ଲୋକ ଘାସ୍ ପୋଷେ, ପଶା ଖେଳେ ।

ଅଭିରାମ ପକ୍ଷରେ ସମସ୍ତ ବିଶ୍ୱ ଗୋଟାଏ ବିରାଟ କ୍ରୀଡ଼ାର ସାମଗ୍ରୀ । ଦୁଃଖ ସୁଖ, ଜୀବନ ମୃତ୍ୟୁ ସେହି କ୍ରୀଡ଼ାର ଗୋଟାଏ ଗୋଟାଏ ଉପଲକ୍ଷ୍ୟ ମାତ୍ର । ଯେ ଯେତେଦୂର ପାରୁଛି, ହସି ଖେଳି କାଳ କାଟି ନେଲେ ହେଲା । ଏତେ ଚିନ୍ତା ଏତେ ସମବେଦନାର ମୂଲ୍ୟ ହୋଇ କଡ଼ାଏ ନାହିଁ । ସେ ସାହାଯ୍ୟକେନ୍ଦ୍ରରେ କାର୍ଯ୍ୟ କରେ, କାହାର ଦୁଃଖ ଅନାହାର ଦୂର କରିବାକୁ ନୁହେ, କାହାରି ପ୍ରତି ଅନୁକମ୍ପାପରବଶ ହୋଇ ନୁହେ,—ନିଜେ କେବଳ ନିଜର ଜୀବନକୁ ଉପଭୋଗ କରିବାପାଇଁ । ପ୍ରତିଦିନ ମାନବ କଣ୍ଠର ଅଭୁକ୍ତ ହାହାକାର, ଅନ୍ନ ଭକ୍ଷଣ କାଳରେ କ୍ଷୁଧାର୍ତ୍ତ ପୁରୁଷ ନାରୀ, ମାତା ପୁତ୍ର ମଧ୍ୟରେ ଧସ୍ତାଧସ୍ତି ବଚସ ଦୃଶ୍ୟ, ଅନାହାର ମୃତ୍ୟୁର ଅପୂର୍ବ-ଲୀଳା ଦେଖି ଚକ୍ଷୁ ତାର ଯେପରି ତୃପ୍ତି ଲାଭ କରେ !

ସନାତନ ନିକଟରେ ଏ ଦୃଶ୍ୟ ଯେପରି ଅସ୍ୱାଭାବିକ ବୋଧ ହୁଏ, ଅଭିରାମ ତାହାକୁ ସେହି ପରିମାଣରେ ସ୍ୱାଭାବିକ ଜ୍ଞାନ କରେ । ଦୁର୍ଭିକ୍ଷ ଅନାହାର ଭୂପୃଷ୍ଠରୁ କେଉଁଦିନ ଲୋପ ହୋଇଛି ? ଜନ୍ମାବଧି ସେ ତ ଏହିପରି ଦୃଶ୍ୟ ଦେଖି ଆସୁଛି ! ବର୍ତ୍ତମାନ ଅବା ଏହାର ପ୍ରକାଶ ଅଧିକ ସୁସ୍ପଷ୍ଟ—ସାଧାରଣ ସମୟରେ ହୁଏତ ଏତେ ଦୂର ପ୍ରକଟିତ ହୋଇପାରେ ନାହିଁ । କିନ୍ତୁ ଏହା ବୋଲି

ମରିବାଟା ତ କୌଣସି କାଳେ ଅସ୍ୱାଭାବିକ ନୁହେଁ । ଲୋକେ ମରୁଛନ୍ତି, ଆମେ ମଧ୍ୟ ମରିବା; ସେଥିପାଇଁ ଏତେ କାତରତା କାହିଁକି ?

ଏହିରୂପେ ଅନାହାର ଜନିତ ରୋଗ ଯନ୍ତ୍ରଣାରେ ଗୋଟିଏ ଲୋକର ମରଣ କାଳୀନ ଚିତ୍ର, ଅଭିରାମ ହସି ହସି ବର୍ଣ୍ଣନା କରିବା ସମୟରେ ସନାତନର ଅତ୍ୟନ୍ତ ଦୁଃଖ ଜାତ ହେଲା । ଅଭିରାମ ଏତେ ନିଦାରୁଣ, ଏପରି ମର୍ମାନ୍ତ କରୁଣ ଦୃଶ୍ୟ ବର୍ଣ୍ଣନା କରି ହସିପାରେ । ପଚାରିଲା, 'ତୁମେ ଏ ଦୃଶ୍ୟ ଦେଖି ହସିପାର, ଅଭିରାମ ? ଏଥିରେ କିନ୍ତୁ କାହାରି ହସିବାଟା ବଡ଼ ଅସ୍ୱାଭାବିକ ।' ଅଭିରାମ ହାସ୍ୟ ଦ୍ୱିଗୁଣିତ ହୋଇ ଉଠିଲା । ସେ କହିଲା, 'ବଞ୍ଚି ରହିବାଟା ଜଗତରେ ଯେପରି ଅସ୍ୱାଭାବିକ, ହସିବାଟା ମଧ୍ୟ ସେହିପରି । ମୁଁ ଯେ ବଞ୍ଚି ରହିଚି, ଏହି ହସିବାଟାହିଁ ତାର ପ୍ରମାଣ ।'

ସନାତନ ଏ ସକଳ ଜଟିଳ ଯୁକ୍ତିରେ ପ୍ରବେଶ କରେ ନାହିଁ । ବଡ଼ ଅଦ୍ଭୁତ ଏହି ଯୁବକର ଧରଣ । ଅବାକ୍ ହୋଇ ତା ମୁଖକୁ ଚାହିଁ ପଚାରେ, 'ଆଉ ନ ହସିବାଟା ?'

'ଠିକ୍ ତାର ଓଲଟା—ମରଣର ଲକ୍ଷଣ ।' ଅଭିରାମ ପୁନଶ୍ଚ ହସି ଉତ୍ତର ଦିଏ ।

ବୃନ୍ଦାଭିମୁଖରେ ଚାଲୁ ଚାଲୁ ସନାତନ ଚିତ୍ତରେ ଏ ସକଳ ସ୍ମୃତି ଉଦ୍ରେକ ହେଲା । ଏହି ଅଦ୍ଭୁତ ପ୍ରକୃତି ଦରିଦ୍ର ବନ୍ଧୁଟି ପ୍ରତି ତାର ସ୍ନେହ ପଶ୍ଚାନ୍ମୁଖୀ ହେଲା । କିନ୍ତୁ ତାର ସେହି ଶୈଶବର କ୍ରୀଡ଼ାସ୍ଥଳୀ କ୍ଷୁଦ୍ର ଗ୍ରାମଟି ଏବଂ ଅତି ପରିଚିତ କ୍ଷୁଦ୍ର ପରିବାରଟିର ଆଶ୍ୱ ଦର୍ଶନର ଭାବନା ବହୁଦିନ ପରେ ପଦ ଦ୍ୱୟକୁ ଅଗ୍ରଗାମୀ କରିଦେଲା ।

୨୬୨

## ଚତୁର୍ଥ ପରିଚ୍ଛେଦ

ମାତା ପିତାଙ୍କ ମୃତ୍ୟୁର ପର ଦିବସ ପ୍ରତ୍ୟୁଷରେ ଅଳକାର ପ୍ରଥମ ଦୃଷ୍ଟି ଯାହା ଦୃଷ୍ଟିରେ ନିବଦ୍ଧ ହେଲା ଏବଂ ଯାହାକୁ ସେ ନିଜର ଅଜ୍ଞାତରେ 'ତୁମେ' ବୋଲି ଆଶ୍ଚର୍ଯ୍ୟ ସମ୍ବୋଧନ କଲା; ପୂର୍ବ ରାତିରୁ ତାକୁ ସେ ଚିହ୍ନି ପାରି ନ ଥିଲା । କିନ୍ତୁ ପର ମୁହୂର୍ତ୍ତରେ ଯେତେବେଳେ ତାର ମନେ ହେଲା, ସେହି ରାଜା ଶୁଭକାନ୍ତ, ତାର ଭ୍ରାତାର ଦଣ୍ଡବିଧାତା, ସେତେବେଳେ ତାର ସମସ୍ତ ମୁଖମଣ୍ଡଳ ଘୃଣାରେ ପୂର୍ଣ୍ଣ ହୋଇ ଉଠିଲା । ଶୁଭକାନ୍ତକୁ ସେମାନଙ୍କର ସମସ୍ତ ପାରିବାରିକ ଦୁଃଖର ପ୍ରଧାନ ହେତୁ ବୋଲି ସେ ଜ୍ଞାନ କଲା । ସେହି ଆଜି ସେମାନଙ୍କର ଗୃହ ମଧ୍ୟରେ ।

ଅଳକା ମୁହୂର୍ତ୍ତି ମଧ୍ୟରେ ଶଯ୍ୟା ଛାଡ଼ି ଉଠି ବସିଲା ଏବଂ ତାର ଅସଂବଦ୍ଧ ବସନ ଟାଣି ମସ୍ତକ ଆବୃତ କଲା । ଗୋଟି ଗୋଟି ହୋଇ ଗତ ରାତିର ଘଟନା ତାର ଚିତ୍ତାକାଶରେ ଉଇଁ ଉଠି ଶୋକ ଓ ଘୃଣାରେ ଅନ୍ତର ଆଚ୍ଛନ୍ନ ହୋଇ ପଡ଼ିଲା । ଶୁଭକାନ୍ତଙ୍କୁ ସେ କୌଣସି କଥା କହି ପାରିଲା ନାହିଁ । କେବଳ ନିଜ ଜନନୀର ଅନୁରୋଧ ରକ୍ଷା କରିବା ପାଇଁ ସେ ଏହି ଘୃଣିତ ପୁରୁଷଠାରୁ ନିରୁପାୟ ହୋଇ ଭିକ୍ଷା ଗ୍ରହଣ କରିଅଛି; କିନ୍ତୁ ନିଜ ପାଇଁ କଦାପି ନୁହେଁ । ଅନାହାରରେ ମରିଯିବ, ଗୋଟାଏ ଚଣ୍ଡାଳ ମଧ୍ୟ

ପୁରୁଷଠାରୁ ଭିକ୍ଷା ନେବ ନାହିଁ । ତାର ନିର୍ଦ୍ଦୋଷ ଭ୍ରାତା ପ୍ରତି ଏପରି ନିଷ୍ଠୁର ଦଣ୍ଡ ବିଧାନ ଯେ କରିପାରେ, ତା ପ୍ରାଣରେ ମନୁଷ୍ୟତା ବୋଲି କିଛି ବସ୍ତୁ ଅଛି, କିପରି ସେ ବିଶ୍ୱାସ କରିବ ? ଶୁଭକାନ୍ତଙ୍କୁ କୌଣସି କଥା ନ କହି ସେ ଗୃହରୁ ଉଠି ଚାଲିଗଲା । ପୂର୍ବେ ମାତା ପିତାଙ୍କର ସାହାଯ୍ୟ ପାଇଁ ଏ ପୁରୁଷ ହସ୍ତରୁ ଭିକ୍ଷା ତଣ୍ଡୁଳ ଗ୍ରହଣ କରିଥିଲେହେଁ ଏହି ସଦ୍ୟଜାତ ଶୋକାବେଗ ଅପେକ୍ଷା ଶୁଭକାନ୍ତଙ୍କର ଉପସ୍ଥିତି ତା ପକ୍ଷରେ ତୀବ୍ରତର ଅସହ୍ୟ ହୋଇ ପଡ଼ିଲା ।

କେହି କେହି ପଡ଼ୋଶୀ ତାର ମାତା ପିତାଙ୍କର ଗୁଣଗ୍ରାମ ସ୍ମରଣ କରି ଅଳକାର ଶୋକ ଉଦ୍ରେକ କରାଇଲେ । ସ୍ନାନାଦି କରି ସେ ବହୁକ୍ଷଣ ଗୃହ ପଶ୍ଚାତର ପୁଷ୍କରିଣୀ ତଟରେ ବସି ଅଶ୍ରୁ ବିସର୍ଜନ କଲା । ନିକଟବର୍ତ୍ତୀ ଏକ ଗ୍ରାମରେ ତାର ମାତୃଷ୍ୱସାର ଘର । ସେ ଆସି ଅଳକାକୁ ପ୍ରବୋଧ ଦେବା ସଙ୍ଗେ ସଙ୍ଗେ ଉଚ୍ଚରବରେ କ୍ରନ୍ଦନ ଗୋଳ ଆରମ୍ଭ କଲେ ।

ଶୁଭକାନ୍ତ ପୂର୍ବରାତ୍ରିରୁ ପଣ୍ଡିତଙ୍କର ଜ୍ଞାତି କୁଟୁମ୍ବମାନଙ୍କୁ ଡାକି ଶବ ସଂସ୍କାର କରାଇ ଅଛନ୍ତି । ଅଳକାକୁ ସେହି ପୂର୍ବରାତ୍ରିରେ ପ୍ରଥମେ ଦେଖି ସେ ଚିହ୍ନି ପାରିଅଛନ୍ତି,—ସେହି ଭିକ୍ଷୁଣୀ ସେ, ମାଉଳରେ ଡାଲିଟି ଧରି ପ୍ରତି ସନ୍ଧ୍ୟାରେ ତାର ଦ୍ୱାର ଦେଶରେ ଉଭା ହୋଇଥାଏ । କିନ୍ତୁ ପୂର୍ବ ରାତ୍ରିରେ ଯେତେବେଳେ ସେ ଶୁଣି ପାରିଲେ, ମୃତ ଦମ୍ପତି ସନାତନର ମାତା ପିତା ଏବଂ ଅଳକା ତାର ସହୋଦରା ଭଗିନୀ, ସେତେବେଳେ କ୍ଷୋଭ ଓ ଅନୁତାପରେ ତାଙ୍କର ଅନ୍ତର-ମସ୍ତ ଆଲୋଡ଼ିତ ହେବାକୁ ଲାଗିଲା । ସେହି ଯେ ଏହି ପରିବାରର ସକଳ ଦୁଃଖର କାରଣ, ତାଙ୍କରି ନିଜକୃତ ପାପ ଯେ ଆଜି ମୂର୍ତ୍ତ ପରିଗ୍ରହ କରି ସମକ୍ଷରେ ଉଭା ହୋଇଅଛି, ଏହି ଚିନ୍ତାରେ ସେ

ଆପଣାକୁ ପରମ ଅପରାଧୀ ଜ୍ଞାନ କଲେ । ଶବସଂସ୍କାରର ସକଳ ବ୍ୟସ୍ଥ ନିଜେ ବହନ କରି ନିଃସହାୟ ରୂପେ ଶାୟିତା ଅଳକା ନିକଟରେ ସମସ୍ତ ରାତି ବସି ରହିଲେ । ତାର ନିଦ୍ରିତ ମୁଖ ଉପରେ ଦୃଷ୍ଟି ନିକ୍ଷେପ କରି ଦେଖିଲେ, ସନାତନ ମୁଖର ଅବିକଳ ଗୋଟିଏ ପ୍ରତିଛବି । ସେହିପରି ତୀକ୍ଷ୍ଣ ନାସା, ସୂକ୍ଷ୍ମ ଅଧର ଓ ଆୟତ ଚକ୍ଷୁ । ଯେବେ ଏହି ବାଳିକାକୁ ପ୍ରଥମେ ଭିକ୍ଷା ଡାଲି ଧରି ତାଙ୍କର ଦ୍ୱାର ଦେଶରେ ନୀରବରେ ଦଣ୍ଡାୟମାନ ହେବାର ଦେଖି ତାକୁ ସେ ଏକାନ୍ତ ପରିଚିତା ବୋଲି ଜ୍ଞାନ କରିଥିଲେ; କିନ୍ତୁ ସନାତନ ସହିତ ତାର ସମ୍ବନ୍ଧ ସେ ଆଜଯାଏ କଳ୍ପନା କରି ନ ଥିଲେ ।

ଆଜି ପ୍ରତ୍ୟୁଷରେ ଅଳକା ଯେତେବେଳେ ଅତି ପରିଚିତ ଗଳାରେ ତାଙ୍କୁ 'ତୁମେ' ବୋଲି ସମ୍ବୋଧନ କଲା, ସେତେବେଳେ ଗୋଟିଏ ଅନନୁଭୂତ ପୁଲକରେ ତାଙ୍କର ଦେହ ମନ ଆପ୍ଲୁତ ହୋଇ ଉଠିଥିଲା । କିନ୍ତୁ ପରକ୍ଷଣରେ ଯେତେବେଳେ ସେ ଭ୍ରୂକୁଞ୍ଚନ କରି ଅବଗୁଣ୍ଠନ ଟାଣି ଗୃହତ୍ୟାଗ କଲା, ସେତେବେଳେ ଶୁଭକାନ୍ତଙ୍କୁ ଅଳକା ଯେପରି ଘୃଣିତ ଜ୍ଞାନ କଲା, ସେ ନିଜେ ତଦପେକ୍ଷା ଅଧିକ ଘୃଣିତ ବୋଲି ଅନୁଭବ କଲେ ।

ଶୁଭକାନ୍ତ ନୀରବରେ ଏକ ସ୍ଥାନରେ ବସି ରହିଲେ । ସାହାଯ୍ୟ କେନ୍ଦ୍ରକୁ ଫେରିଯିବା ପାଇଁ ତାଙ୍କର ବ୍ୟଗ୍ରତା ଦେଖାଗଲା ନାହିଁ । ଜ୍ୟେଷ୍ଠ ମାସର ଉତ୍ତପ୍ତ ରୌଦ୍ର କ୍ରମେ ପ୍ରଖରତର ହୋଇ ଉଠିଲା ।

ମାଉସୀକୁ ଦେଖି ଅଳକାର ଯେ ଶୋକ ଉଦ୍‌ବେଳିତ ହୋଇ ଉଠିଥିଲା, ତାହା କେତେକ ସମୟ ପରେ ଶମିତ ହୋଇ ଆସିଲା । ଅହରହ କ୍ରନ୍ଦନ କରିବାପାଇଁ ମନୁଷ୍ୟର ଶକ୍ତି ପୁଣି ତ ଆବଶ୍ୟକ,

ପିତା ମାତାଙ୍କ ଶୋକରେ ଅଭିଭୂତା ଅଳକା ଗୃହ ମଧ୍ୟରେ ଉପସ୍ଥିତ ଶୁଭକାନ୍ତଙ୍କୁ ସମ୍ପୂର୍ଣ୍ଣ ଭୁଲି ଯାଇଥିଲା ।

ବହୁ ସମୟ ପରେ ସ୍ନାନାଦି ସମାପନ କରି ସେ ଫେରିଲା । ତାର ମୁକ୍ତ କେଶ କଟିଦେଶ ପର୍ଯ୍ୟନ୍ତ ଆଚ୍ଛନ୍ନ କରିଛି । ଯୌବନ ତରଙ୍ଗିତ ଅଙ୍ଗଯଷ୍ଟିରେ ଆର୍ଦ୍ର ବସ୍ତ୍ର ଜଡ଼ି ଯାଇଛି । ପିତୃ ମାତୃହୀନ ଶୂନ୍ୟ ଗୃହ ମଧ୍ୟକୁ ଆସି ତା'ର ମୁଖମଣ୍ଡଳରେ ଗୋଟାଏ ଅପରୂପ କାରୁଣ୍ୟ ଓ କାତରତାର ଛାୟାପାତ ହୋଇଛି । ଗୃହ ଦ୍ୱାରରେ ସେ ସ୍ତବ୍ଧ ହୋଇ ଠିଆ ହେଲା । ମୁକ୍ତାଗଡ଼ର ରାଜା ଶୁଭକାନ୍ତ ଗୃହ ମଧ୍ୟରେ ପ୍ରତ୍ୟୁଷରୁ ସେହି ଏକ ଆସନରେ ନୀରବରେ ଆସୀନ । ଆଣ୍ଠୁ ଉପରେ ଚିବୁକ ରଖି ସେ ଚିନ୍ତାମଗ୍ନ ।

ଅଳକା ଦ୍ୱାରଦେଶରେ ଉଭା ହେବାର ଜାଣି ଶୁଭକାନ୍ତ ଅତି ଧୀରେ ମୁଖ ଟେକି ଚାହିଁଲେ । ତନ୍ଦ୍ରାଳସ ଆରକ୍ତ ତାଙ୍କର ଚକ୍ଷୁ ଦୁଇଟି । ଅତି କଷ୍ଟରେ କହିଲେ, 'ମୁଁ ଆଜି ତୁମ ଦ୍ୱାରକୁ ଭିକ୍ଷା ପାଇଁ ଆସିଛି । ଯେଉଁ ଭିକ୍ଷା ଦାନରେ ତୁମର ଗୌରବ ଅଛି, ମହତ୍ତ୍ୱ ଅଛି ।'

ଅଳକା ପଦେ ହେଲେ ଉତ୍ତର ଦେଇ ପାରିଲା ନାହିଁ । ତାର ଦୁଇଟି ଚକ୍ଷୁ ଭୂତଳକୁ ନତ କରି ଉଭା ହେଲା । ତାର ସକଳ ଘୃଣା ଓ ଅଭିମାନ ଏହି କଥା ପଦକରେ କାହିଁ ଉଭେଇଗଲା । ପ୍ରତ୍ୟକ୍ଷରେ ଯେ କ୍ରୋଧ ଜାତ ହୋଇଥିଲା, ତାହାର ସବୁ ଭୁଲିଲା ନାହିଁ । ଶୁଭକାନ୍ତ ଧୀରେ ଧୀରେ ଉଠି ଗୃହ ପରିତ୍ୟାଗ କରି ଚାଲି ଗଲେ । ଶୁଭକାନ୍ତ ଚାଲିଯିବା ପରେ ତାର ମନେ ହେଲା, ସେ ବଡ଼ ଅନ୍ୟାୟ କରିଛି । ପଦେ ହେଲେ ଉତ୍ତର ତାର ତ ଦେବାର

ଥିଲା; କିନ୍ତୁ କି ଉତ୍ତର ସେ ଦିଅନ୍ତା ? ଯେଉଁଠାରେ ମୁକ୍ତାଗଡ଼ର ରାଜା ଶୁଭକାନ୍ତ ଏପରି କାକୁତି ମିଶ୍ରିତ ସ୍ୱରରେ କ୍ଷମା ଭିକ୍ଷା କରୁଛନ୍ତି, ସେଠାରେ ଦରିଦ୍ର କନ୍ୟା ଅଳକା ଆଉ କେତେଦୂର କୋମଳ ଭାଷାରେ ଉତ୍ତର ଦେବ ? ଆଜି ତାର ମନେ ହେଲା, ଏ ସହଯୋଗରେ ଦୁଇ ପଦ କଥା ଶୁଭକାନ୍ତଙ୍କୁ କହିବା ତାର ଉଚିତ ଥିଲା ।

ଆଉ ତ ସାକ୍ଷାତ ହେବାର ଭରସା ନାହିଁ । ନିଜର ଆହାର ସଂଗ୍ରହ ପାଇଁ ଅଳକା ତ ସାହାଯ୍ୟ କେନ୍ଦ୍ରକୁ ଯିବ ନାହିଁ, ମନସ୍ଥ କରିଛି । ମନେ ମନେ ସେ ନାନାକଥା ଶୁଭକାନ୍ତ ନିକଟରେ କହିବ ବୋଲି ସ୍ଥିର କଲା, ଭାଷା ଗଠନ କଲା; କିନ୍ତୁ ଆଉ ଥରେ ସାକ୍ଷାତ ହେବାର ସୁଯୋଗ କାହିଁ !

ଅଳକାକୁ ସେ ସୁଯୋଗ ଖୋଜିବାକୁ ହେଲା ନାହିଁ, ସେହି ଦିନ ସନ୍ଧ୍ୟାରେ ଶୁଭକାନ୍ତ ଧୁଏଁ ଧୁଏଁ ଆସି ଉପସ୍ଥିତ ହେଲେ । କିନ୍ତୁ ଅଳକା ସହିତ ତାଙ୍କର ସାକ୍ଷାତ ହେଲାନାହିଁ । ଠାକୁର ଘରର କ୍ଷୁଦ୍ର ଝରକା ମଧ୍ୟରେ ସେ ଗୋପନରେ ଥରେ ଚାହିଁ ତସ୍ପରେ ଫେରି ଆସିଲେ । ପ୍ରତି ଦିନ ପରି ସେ ଦିନ ସନ୍ଧ୍ୟାରେ ଭିକ୍ଷା ଆଣିବାକୁ ଅଳକାର ମନେ ପଡ଼ିଲା । ନା, ନା, ଭିକ୍ଷାର ଆଉ କି ଆବଶ୍ୟକ ଅଛି ! କାହା ପାଇଁ ଆଜି ଭିକ୍ଷା ଆଣିବାକୁ ଯିବ ! ଦେବୀଙ୍କ ପୂଜାର ସମାରୋହ ଆଜି ତ ଆଉ ନାହିଁ ! ତେବେ କଣ ନିଜର ଆହାର ! ନିଜ ଆହାର ପାଇଁ ଅଳକାର ଚିନ୍ତା ନାହିଁ । ଗୃହ ମଧ୍ୟରେ ଯତ୍କିଞ୍ଚିତ ଅଛି, ସେଥିରେ ତାର ନିର୍ବିଘ୍ନରେ କେତୋଟି ଦିନ ଚଳିଯିବ ।

କିନ୍ତୁ ନିଜର ଆବଶ୍ୟକ ନ ଥିଲେ ମଧ୍ୟ ସାହାଯ୍ୟ କେନ୍ଦ୍ରକୁ ଯିବା ଲାଗି ପ୍ରାଣରେ ଗୋଟାଏ ବ୍ୟଗ୍ରତା ସେ ଅନୁଭବ କଲା କାହିଁକି ?

ଅବଶ୍ୟ ଏ ବ୍ୟଗ୍ରତାର ଅର୍ଥ ସେ ବୁଝି ପାରିଲା ନାହିଁ । ବୁଝି ପାରିଲା ନାହିଁ ଯେ ରାଜା ଶୁଭକାନ୍ତ ପ୍ରତି ଅଳକାର ଯେ ବହୁ ବର୍ଷର ଗୋଟାଏ କାଳ୍ପନିକ ଘୃଣା ଓ ଅବଜ୍ଞା ଭାବ ସ୍ତୂପୀକୃତ ହୋଇ ଉଠିଥିଲା, ତାହା ଆଜି ଯେପରି ଅଚିରାତ୍ ଧୂଳିସାତ ହୋଇଛି ।

ପରକ୍ଷଣରେ ନିଜର ଅବସ୍ଥା ଆଲୋଚନା କରି ଏବଂ ସ୍ୱାଭାବିକ ଲଜ୍ଜା ଓ ସଙ୍କୋଚଦ୍ୱାରା ବାଧା ପାଇ ଶୁଭକାନ୍ତ ସହିତ ସାକ୍ଷାତ୍ କରିବାରୁ ସେ ବିରତ ହେଲା । ଗୃହ ମଧ୍ୟରେ ଏକାକିନୀ ରହିବା କଷ୍ଟକର । ମାତୃଷ୍ୱସା ଆପାତତଃ ଅଳକା ନିକଟରେ ରହିଲେ । ଦେବୀଙ୍କର ପୂଜା ସେ ସ୍ୱହସ୍ତରେ ସମାପନ କରିବାକୁ ଲାଗିଲା ।

ପରଦିନ ପ୍ରଭାତରେ ଦେବୀ ଗୃହକୁ ଫିଟାଇ ସେ ଦେଖିଲା, ଗୃହ ମଧ୍ୟରେ ଗୋଟିଏ ଚ୍ଛୋଟ ଥଳୀ ପଡ଼ି ରହିଛି । ତା ମଧ୍ୟରେ ଅନେକ ଗୁଡ଼ିଏ ମୁଦ୍ରା ସଞ୍ଚିତ । ଆଶ୍ଚର୍ଯ୍ୟ ହୋଇ ସେ ନାନାକଥା ଭାବିବାକୁ ଲାଗିଲା । ଟଙ୍କା ! ଯେଉଁ ବସ୍ତୁ ଦୀକ୍ଷିତ ଗୃହରେ ଗୋଟାଏ ଅତୀତ ସ୍ୱପ୍ନପରି ଆଜି ବୋଧହୁଏ ! ଦେବୀ ଗୃହକୁ ଏହା କିପରି ଆସିଲା ! ତାର ମାତା ପିତା···ନା, ନା ଟଙ୍କା ସେମାନେ କାହୁଁ ପାଇବେ । ଗୃହ ମଧ୍ୟରେ ଅର୍ଥ ଗୋପନ କରି ତାର ଜନନୀ କେବେହେଲେ ତାକୁ ଭିକ୍ଷା ପାଇଁ ବାଧ୍ୟ କରିଥାନ୍ତେ ! ତାର ପିତା

ମଧ୍ୟ ଅର୍ଥର କୌଣସି ସମ୍ବାଦ ଲେଖନ୍ତି ନାହିଁ । ଆଉ କଣ ଏହି ଦେବୀ ପ୍ରତିମାଙ୍କର ଏହା ଦାନ ! କେବେହେଲେ ତ ଦେବୀଙ୍କର ଏପରି ଅନୁକମ୍ପା ସେ ଦେଖି ନାହିଁ । ନିଜର ପୂଜକ ଓ ତାଙ୍କର ପତ୍ନୀର ଆକସ୍ମିକ ମୃତ୍ୟୁରେ ଦେବୀଙ୍କର ତ କିଛି ପ୍ରଭାବ ଦେଖାଗଲା ନାହିଁ । ଅଳକା ପ୍ରତି ତାଙ୍କର ଏତେ ଦୟା ହେଲା କାହିଁକି ! ଦେବୀଙ୍କ ପ୍ରତି ଅଳକା ଚାହିଁ ଦେଖିଲା, ଦାନ କରିବାର କୌଣସି ଚିହ୍ନ ତାଙ୍କ ମୁଖରେ ନାହିଁ ।

ଆଉ ତେବେ କାହାର ଅର୍ଥ ସେ ! ରାଜା ଶୁଭକାନ୍ତ ! ହୋଇ ପାରେ । ସେ ହୁଏ ତ ସଙ୍ଗରେ ଘେନି ଆସିଥିଲେ, ଭ୍ରମ କ୍ରମେ ଛାଡ଼ି ଯାଇ ଅଛନ୍ତି; କିନ୍ତୁ ଶୁଭକାନ୍ତଙ୍କର ଫେରି ଯିବା ପରେ ମଧ୍ୟ ସେହି ଦିନ ଅଳକା ଦେବୀ ଗୃହକୁ ଯାଇଥିଲା । କାହିଁ, କିଛି ତ ସେ ଗୃହ ମଧ୍ୟରେ ଦେଖିନାହିଁ !

# ପଞ୍ଚମ ପରିଚ୍ଛେଦ

ପରଦିନ ଅଳକା ବାହାର ଘରଟି ପରିଷ୍କାର କରୁଛି, ଦେଖିଲା ଶୁଭକାନ୍ତ ଗ୍ରାମ ପଥ ଅତିକ୍ରମ କରି ଆସୁଛନ୍ତି । ସେ ଅଳକାର ଦ୍ୱାର ନିକଟରେ ଆସି ଦଣ୍ଡାୟମାନ ହେଲେ । ସମ୍ଭ୍ରାନ୍ତ ପୁରୁଷକୁ କିପରି ସମ୍ମାନ ଦେଖାଇବାକୁ ହୁଏ, ଅଳକା ତାହା ଜାଣେ ନାହିଁ ।

ସେ କେବଳ ବାହାରି ଆସି ଡାକିଲା, 'ଆସନ୍ତୁ, ଘର ଭିତରକୁ ।' ଗୃହ ମଧ୍ୟକୁ ଡାକି ଅଳକା ବ୍ୟସ୍ତ ହୋଇ ଆସନ ଖୋଜିବାକୁ ବାହାରିଲା । କିନ୍ତୁ ଶୁଭକାନ୍ତ କହିଲେ, 'ନା, ଆଉ କିଛି ଦରକାର ନାହିଁ, ମୁଁ ଏହିଠାରେ ବସୁଚି ।' ବସିପଡ଼ି ସେ ଅତି ପରିଚିତ ଜନ ପରି କହିଲେ, 'କିପରି ଅଛ, ମାଉସୀ ଅଛନ୍ତି ନା ?'

ଅଳକା ତାର ସହଜ କୋମଳ ଗଳାରେ ଉତ୍ତର କଲା, 'ହଁ ମାଉସୀ ଅଛି, ତେବେ ବେଶୀ ଦିନ ତ ଏଠାରେ ରହି ପାରିବନାହିଁ । ତା ପିଲାଗୁଡ଼ିକୁ ତ ପୁଣି ଦେଖିବାକୁ ହେବ । ଆଉ ଦୁଇ ଚାରି ଦିନ ।'

ଶୁଭକାନ୍ତ କହିଲେ, 'ହଁ, ଆଉ ଗୋଟାଏ କଥାପୁ ପଚାରିବାକୁ ଆସିଲି । ସନାତନଙ୍କଠାରୁ ଚିଠି ପାଅ ତ ?'

ସନାତନର ନାମ ଅଳକା ପ୍ରାଣରେ ଝଙ୍କମଙ୍କର ଅଗ୍ନି ପରି ବ୍ୟଥାର ହୁତାଶ ଜାଳି ଦେଲା । ସେ ହଠାତ୍ ଚମକି ପଡ଼ି ଏକ ଦୃଷ୍ଟିରେ ଶୁଭକାନ୍ତ ପ୍ରତି ଚାହିଁ ରହିଲା ଏବଂ ମୁହୂର୍ତ୍ତକ ମଧ୍ୟରେ ସେ ସ୍ଥାନ ପରିତ୍ୟାଗ କରି ଭିତର ଘରକୁ ଚାଲିଗଲା । ଏ ବାଳିକାର ଏପରି ଅଦ୍ଭୁତ ଗତି ଶୁଭକାନ୍ତ ପୂର୍ବରୁ ଦେଖିଛନ୍ତି । ସେ ସ୍ଥାନ ତ୍ୟାଗ କଲେ ନାହିଁ । ଆଶାପ୍ରାର୍ଥୀ ଭିକ୍ଷୁକ ପରି ଧାନ ଗଦାଜରେ ବସି ରହିଲେ ।

ଅଳକା ଗୃହ ମଧ୍ୟରେ ପ୍ରବେଶ କରି ପ୍ରଥମେ ମାଉସୀଙ୍କୁ ଭେଟିଲା । ସେ କହିଲେ, 'କଲୋ ଅଳି ! କାହାକୁ ତୁ ତଳୁଟାରେ ବସେଇ ଦେଇ ଆସିଚୁ ଲୋ । କାହିଁକି, ଘରେ କଣ ମଶିଣା ଖଣ୍ଡେ ନ ଥିଲା ?'

ଅଳକା କହିଲା, 'ସେ ତ ନିଜ ଖୁସିରେ ତଳେ ବସି ପଡ଼ିଲେ । ମତେ ମଶିଣା ନେବାକୁ ମନାକଲେ ।'

'ହେଲା ବା ବସିଲେ, ସବୁରି ଦୁଆରେ ତ ସେମିତି ବସୁଚନ୍ତି । ତୁ ଲୁଚିକରି ପଳେଇ ଆସିଲୁ କାହିଁକି ଭଲା ? ତାଙ୍କୁ ଏ ଗାଇଁରେ କିଏ ଲୁଚୁଛି, କହିଲୁ ? ତୁ ତ ପୁଣି ଖାଇ ଶିଖାରେ ଦାର ଲୋକଙ୍କ ଆଗକୁ ବାହାରୁଚୁ—'

ଅଳକା ଯଥାର୍ଥରେ କାହାରିକୁ ଲୁଚେ ନାହିଁ । ସହଜେ ତ ଗାଁ ଝିଅ; ଲୁଚିବ କାହାକୁ ? ସନାତନ ମଧ୍ୟ ଲୁଚ୍ଚ ଲୁଚିର ଆଦୌ ପକ୍ଷପାତୀ ନୁହେ, ବରଂ ବିରୋଧୀ । ଜ୍ୟେଷ୍ଠ ଭଉଣୀଟିକୁ ବାଲ୍ୟ ବୟସରୁ ସେ ସେହି ଶିକ୍ଷା ଦେଇଥିଲା; କିନ୍ତୁ ଅଳକା ଯେ କୌଣସି ଅବରୋଧ ମାନି ଶୁଭକାନ୍ତ ନିକଟରୁ ଚାଲି ଆସିଛି, ତାହା ନୁହେଁ ।

ତାହାର ଦେବୋପମ ଭ୍ରାତାର ଯେଉଁ ଶୁଭକାନ୍ତ ଦଣ୍ଡ ବିଧାନ କରିଛନ୍ତି, ତାକୁ ସେ ଧିକୃତ ଜ୍ଞାନ କରି ଚାଲି ଆସିଅଛି । ସୁତରାଂ ମାଉସୀଙ୍କୁ ବୁଝାଇ କହିଲା, 'ନାହିଁ ମ ମାଉସୀ, ଲୁଚିବ କାହିଁକି ? ତେବେ ସବୁ କଥା ମନେ ପଡ଼ିଗଲେ, ସେଭଳି ଲୋକର ମୁହଁ ଚାହିଁବାକୁ ମୋର ଇଚ୍ଛା ହେଉ ନାହିଁ ।'

ମାଉସୀ ଅଳକାର କ୍ରୋଧର କାରଣ ବୁଝିପାରି କହିଲେ, 'ଛି ଛି, ସେଇ କଥାକୁ ଧରି ବସନ୍ତି ନା ଝିଅ । ସନାତନଙ୍କୁ ଯାହା କରିଛନ୍ତି, ତାର ତ ଦ୍ୱିଗୁଣା ସେ ଶୁଝି ସାରିଲେଣି । ଯା, ଯା, ମୋ ମା ପରା । କାହିଁକି ଆସିଛନ୍ତି, ପଚାରି ବୁଝି ଆ । ଆହା, କାହା ଘର ପୁଅ ସେ ।'

ମାଉସୀଙ୍କର କରୁଣ କଥାଗୁଡ଼ିକ ଅଳକାର ପ୍ରାଣରେ ତାରଲ୍ୟ ଆଣିଲା ନାହିଁ । ସେ ଶୁଷ୍କ ମୁଖରେ କହିଲା, 'ମୋ ସାଙ୍ଗରେ ତାଙ୍କର କି କଥା ଅଛି କହିଲୁ ମାଉସୀ ? ନାହିଁ ଫେରିଯାଆନ୍ତୁ ସେ, ମୁଁ ସେଠିକି ଯାଇପାରିବି ନାହିଁ ।'

ମାଉସୀ ଅବାକ୍ ହୋଇ ଅଳକା ମୁଖକୁ ଚାହିଁଲେ—'ଧନ୍ୟ ଲୋ ଝିଅ, ଏଡ଼ିକି ବୋଲଣା ତୁ । ରଜା ହୋଇ କେତେ କାହାକୁ ଦଣ୍ଡ ଦେଉ ନାହାନ୍ତି । ବଳୁଣା ଖଣ୍ଡେ ଦେବାକୁ ତ ଯୋଗ୍ୟ ନୋହୁ ଯେ ମାଟିରେ ବସେଇ ଦେଇ ଆସିଚୁ । ସେଥିରେ ପୁଣି ଲୁଭୁସି କରି କଥା କହୁଚୁ ।'

ଅଳକା ମଧ୍ୟ ମନେ କଲା ଯେ, ତାର ବ୍ୟବହାରଟା ନିତାନ୍ତ ଅଶିଷ୍ଟ ହୋଇ ପଡୁଚି । ଭାବିଥିଲା, ଏ ମଧ୍ୟରେ ହୁଏ ତ ଶୁଭକାନ୍ତ ଉଠି ଯାଇଥିବେ । କିନ୍ତୁ ଯାଇ ଦେଖିଲା, ସେ ସେହିପରି ଏକ ଆସନରେ ବସି ରହିଛନ୍ତି ।

ଅଳକା ଗୃହ ମଧ୍ୟକୁ ଆସିବାର ଜାଣି ପାରି ସେ ଭୂତଳରେ ଚକ୍ଷୁ ନିବଦ୍ଧ କରି ଧୀରେ ଧୀରେ କହିଲେ, 'ମୁଁ ଜାଣେ ତୁମ ନିକଟରେ ମୁଁ ଘୃଣିତ । ଏହି ଗୋଟିଏ ନୁହେଁ, ଜୀବନରେ ମୁଁ ଯେତେ ଅପରାଧ କରିଛି, ତାର କ୍ଷମା ନାହିଁ, ପ୍ରାୟଶ୍ଚିତ୍ତ ନାହିଁ । ସନାତନ ଉପରେ ଦଣ୍ଡାଦେଶ ଦେବା ଦିନଠାରୁ ମୋ ଜୀବନରେ ପରିବର୍ତ୍ତନ ଆରମ୍ଭ ହୋଇଅଛି । ଏଥି ମଧ୍ୟରେ ବହୁବାର ସନାତନକୁ ଫେରାଇ ଆଣିବାକୁ ଭାବିଛି; କିନ୍ତୁ ଚତୁର୍ଦ୍ଦିଗରେ ମରଣର ବିକଟ ନୃତ୍ୟ ଦେଖି ମୁଁ ଅନ୍ଧ ହୋଇ ପଡ଼ିଅଛି । ସଂସାର, ପରିବାର, ପାପ, ପୁଣ୍ୟ, ସମସ୍ତ ଭୁଲି ଯାଇଅଛି । ଏ ମୁହୂର୍ତ୍ତରେ ଯେଉଁ କଥା ଭାବେଁ, ପର ମୁହୂର୍ତ୍ତରେ ତାହା ବିସ୍ମୃତ ହୋଇଯାଏଁ । ଦୈବାତ୍ ତୁମେ ମତେ ସନାତନ କଥା ସ୍ମରଣ କରାଇ ଦେଇଛ । ଶୁଣିଲି, ସନାତନଙ୍କୁ ତୁମେ ପତ୍ର ଦିଅ ଓ ତାଙ୍କଠାରୁ ପତ୍ର ପାଅ । ମୋର ବିନୀତ ଅନୁରୋଧ, ତୁମେ ତାଙ୍କ ନିକଟକୁ ପତ୍ର ଲେଖ, ସେ ଶୀଘ୍ର ଚାଲି ଆସନ୍ତୁ । ଏଠାରେ ଶ୍ରାଦ୍ଧ କ୍ରିୟା ଆଦି ସବୁ ତ ପୁଣି ତାଙ୍କୁ କରିବାକୁ ହେବ । ଲେଖିବ, ତାଙ୍କର ଦଣ୍ଡ ମୁଁ ପ୍ରତ୍ୟାହାର କରିଛି,—ସେ ଦଣ୍ଡ ସନାତନ ହସି ହସି ଗ୍ରହଣ କରିଛି—କିନ୍ତୁ ତାର ଦୁଃଖ ଭାରଟା ଲେଉଟି ଆସି ମତେହିଁ ବିବ୍ରତ କରି ପକାଇଛି ।'

ଅତି ସହଜ ସ୍ୱରରେ ଶୁଭକାନ୍ତ ଏହି ସମସ୍ତ କଥା କହିଗଲେ ଏବଂ ନୀରବରେ ଅଳକା ଶୁଣିଲା । ଶେଷରେ ଶୁଭକାନ୍ତ ଉଠିବାକୁ ଉଦ୍ୟମୀ ହୋଇ କହିଲେ, 'ଏହି କେତୋଟା କଥା କହିବାକୁ ମୁଁ ଆସିଥିଲି । ଏତିକ ଅନୁରୋଧ ମୋର ରଖିବ ।'

ଅଳକା ଦେଖିଲା ଶୁଭକାନ୍ତଙ୍କର ଏହା କେବଳ ଅନୁରୋଧ ନୁହେଁ, ଅନୁନୟ । ଅବଲମ୍ବରେ ଭ୍ରାତାର ଦର୍ଶନଲାଭ କରିବା

ଆନନ୍ଦ ଶୁଭକାନ୍ତ ପ୍ରତି ତାର ସକଳ ବିତୃଷ୍ଣା ଦୂର କରିଦେଲା । ସଦ୍ୟ ପିତୃଶୋକସନ୍ତପ୍ତ ବାଳକାର ଦୁଇ ଚକ୍ଷୁ ଅଶ୍ରୁପ୍ଳୁତ ହୋଇ ଉଠିଲା ।

'ମୁଁ ଏହିକ୍ଷଣି ଆସୁଛି' ବୋଲି କହି ଅଳକା ସଙ୍ଗେ ସଙ୍ଗେ ଯାଇ ମାଉସୀ ନିକଟରେ ଭାଇର ମୁକ୍ତି ସମ୍ବାଦ ଜଣାଇ ଦେଲା । ମାତାପିତା ଜୀବିତ ଥିଲେ ଏ ସମ୍ବାଦ ଶୁଣି କେତେ ଖୁସି ହୋଇଥାନ୍ତେ, ସେ କଳ୍ପନା ତା'ର ଅଶ୍ରୁକୁ ସଂଯତ କରି ପାରିଲା ନାହିଁ ।

ମାଉସୀ ସବୁ ଶୁଣିସାରି ପୁଣି କହିଲେ, 'ଆଲୋ ଯା ଭଲ ସାନ୍ତାଣି, ପାନଖଣ୍ଡିଏ ଯାଚିଲୁ ନାହିଁ କି ପାଣି ଟିକେ ବି ଦେଲୁ ନାହିଁ । ତାଙ୍କୁ ଦେଲେ କଣ ଜାତି ଚାଲି ଯାନ୍ତା କିଲୋ ।'

ଜାତି ପ୍ରତି ଅଳକାର ମମତା ଅଧିକ ନ ଥିଲେହେଁ ଏ ସକଳ ଅଭ୍ୟର୍ଥନା ପାଇଁ ଶୁଭକାନ୍ତ ତାକୁ ସୁଯୋଗ ଦେଇ ନାହାନ୍ତି; କିନ୍ତୁ ଦୁଇଚାରି ପଦ ଆଳାପ କରିବା ତାର ଉଚିତ ଜ୍ଞାନ କରି ସେ ଶୁଭକାନ୍ତ ନିକଟକୁ ଗଲା । ଯାଇ ଦେଖିଲା, ଗୃହଟି ଶୂନ୍ୟ କରି ସେ କେତେବେଳୁ ଉଠି ଚାଲି ଯାଇଛନ୍ତି । ଭଦ୍ରବ୍ୟକ୍ତିଙ୍କୁ ଗୃହରେ ବସାଇ ବାରମ୍ବାର ସେ ଚାଲି ଆସିଥିଲା । ସେପରି ବ୍ୟବହାରରେ ସେ କ୍ଷୁଣ୍ଣ ହୋଇଥିବେ ବୋଲି ତାର ଧାରଣା ହେଲା । ନଚେତ୍ ହଠାତ୍ ଉଠି ଚାଲିଗଲେ କାହିଁକି ?

ରାତିରେ ଶଯ୍ୟାକୁ ଯିବାବେଳେ ତାର ମନେ ପଡ଼ିଲା, ସେହି ଟଙ୍କା ଥଳିଟିର କଥା । ସେ କଥା ତ ଶୁଭକାନ୍ତଙ୍କୁ କାହିଁ ସେ କହି ପାରିଲା ନାହିଁ । ଅଳକା ଏତେଗୁଡ଼ିଏ ଅର୍ଥ ଗୋପନରେ ଲାଭ କରି

ଭୂମି ହୋଇ ରହିବ ? ସେ ଅର୍ଥ ଯଦି ଶୁଭକାନ୍ତଙ୍କର ହୋଇଥାଏ ଏବଂ ଭ୍ରମରେ ସେ ତାହା ତାର ଗୃହରେ ଗୁଞ୍ଜି ଯାଇ ଥାନ୍ତି ! ଶୁଭକାନ୍ତ ଶିଷ୍ଟାଗ୍ରର ଅନ୍ତିମ କରି କଣ କେବେ ହେଲେ ଅର୍ଥ ବିଷୟରେ ଅନୁସନ୍ଧାନ କରିବେ !

ଶଯ୍ୟା ଉପରେ ପଡ଼ି ଏହିରୂପେ ନାନା ଚିନ୍ତାରେ ମଗ୍ନ ରହି କେତେବେଳେ ତାର ନିଦ୍ରା ଆସିଗଲା ।

ପରଦିନ ଶୁଭକାନ୍ତ ନିଜେ ସ୍ୱଇଚ୍ଛାରେ ଆସି ପଚାରିଲେ, 'ପତ୍ର ଲେଖିତ ?'

ଅଳକା ମଧ୍ୟ ନିଃସଙ୍କୋଚରେ ଉତ୍ତର କଲା, 'ନା, ଲେଖି ନାହିଁ, ଆମ ଗାଁରୁ ଆନନ୍ଦ ଦାସ କାଲି ଯିବ । ତାର ହାତରେ ଚିଠି ପଠାଇବି । ସେ ସେହିଠାରେ କାମ କରେ କି ନା ।'

ଶୁଭକାନ୍ତ ଶୁଣି ସାରିଛନ୍ତି, ସନାତନ କେଉଁଠାରେ କି କାର୍ଯ୍ୟ କରେ । ମାନବ ସେବା ବ୍ୟତୀତ ତାର କର୍ମ ଯେ ଜଗତରେ କିଛି ନାହିଁ, ଏହା ଶୁଭକାନ୍ତ ଭଲରୂପେ ବୁଝି ଅଛନ୍ତି । ସେ କହିଲେ, "ଖୁବ ଜରୁରୀ କରି ଚିଠି ଦେବ । ପାଇବା ମାତ୍ରେ ଯେପରି ସେ ଫେରି ଆସନ୍ତି । ଆଉ ଲେଖିବ, ଏଠାରେ ମଧ୍ୟ ତାଙ୍କ ପାଇଁ ବିସ୍ତୃତ କର୍ମକ୍ଷେତ୍ର ପଡ଼ିରହିଛି—।

ଅଳକା କହିଲା, 'ହଁ, ସବୁକଥା ଲେଖିବି । ମୋର ଚିଠି ପାଇବା ମାତ୍ରେ ସେ ନିଶ୍ଚୟ ଫେରି ଆସିବେ ।'

'ଆଉ ତୁମର ଏଠାରେ ଚଳିବା ପାଇଁ ଅଧିକ ଅସୁବିଧା କଣ ?'

ଅଳକା ମୃଦୁ ହସିଲା । ଶୁଭକାନ୍ତ ତାର ହାସ୍ୟ ଏହି ପ୍ରଥମ ଦେଖିଲେ । ଶୁକ୍ଳ ପକ୍ଷର ଅସ୍ତଗାମୀ ତୃତୀୟା ଚନ୍ଦ୍ର ପରି ସେହି ହାସ୍ୟ ଶୁଭକାନ୍ତଙ୍କୁ ବଡ଼ ଦୁର୍ମୂଲ୍ୟ ବୋଧ ହେଲା । ସେ ହାସ୍ୟ ଯେପରି କହିଦେଲା ଯେ, ଅଳକାର ଅଭାବ ଅସୁବିଧାର ଅନ୍ତ ନାହିଁ; କିନ୍ତୁ ସେ ମୁଖରେ ପ୍ରକାଶ କଲା, 'ନା, ଅଭାବ ଆଉ କଣ ! କେଉଁ ଲୋକର ଆଜି ଅବସ୍ଥା ଭଲ ଅଛି ଯେ, ନିଜର ଭାବ ଅଭାବ ବୁଝିବାକୁ କିଏ ଯାଉଛି ।'

ଶୁଭକାନ୍ତ ବୁଝିଲେ ଯଥାର୍ଥରେ ଏ ସନାତନର ଭଗିନୀ । ଦୁଃଖ ଦାରିଦ୍ର୍ୟକୁ ଏପରି ସହଜ ଭାବରେ ଗ୍ରହଣ କରିବାର ଛବି ସେ ପ୍ରଥମେ ସନାତନଠାରେହିଁ ଦେଖି ଅଛନ୍ତି । ମନେ ପଡ଼ିଲା, ସନାତନର ଦଣ୍ଡ ଶ୍ରବଣ ଓ ଅଳକାର ଭିକ୍ଷା ଗ୍ରହଣର ଚିତ୍ର । ନା, ନା, ତାଙ୍କର ଦାମ୍ଭିକତା ପଦେ ପଦେ ଏହି ଭ୍ରାତା ଭଗିନୀଙ୍କ ନିକଟରେ ଚୂର୍ଣ୍ଣ ହୋଇଛି । ଏମାନେ ନିଜପାଇଁ ସାହାଯ୍ୟ ପ୍ରାର୍ଥୀ ହେବାର ଜୀବ ନୁହନ୍ତି ।

ଶୁଭକାନ୍ତଙ୍କୁ ନୀରବରେ ବସି ରହିବାର ଦେଖି ଅଳକା କହିଲା, 'ଟିକିଏ ବସନ୍ତୁ' ଏବଂ ଗୃହ ମଧ୍ୟରେ ପ୍ରବେଶ କରି ଅଳ୍ପ-କ୍ଷଣ ପରେ ଟଙ୍କା ଥଳିଟି ଆଣି ତାଙ୍କ ସମୀପରେ ରଖି ଦେଲା, 'ଏ ଥଳିଟିକୁ ଦିଅଁଙ୍କ ଘର ଭିତରୁ ପାଇଲି ।'

'ବେଶ୍ ତ' କଣ ହେଲା ?'

'ଏହା ଭିତରେ ଟଙ୍କା ଅଛି ।'

'ଟଙ୍କା' କଥାଟା ଉପରେ ସେ ଏତେ ଯୋର ଦେଇ କହିଲା ଯେ, ସେ ଯେପରି ସର୍ପ କିମ୍ବା ବ୍ୟାଘ୍ର ! ଶୁଭକାନ୍ତ ଅଳ୍ପ ହସି କହିଲେ, 'ଥଳି ଭିତରେ ତ ଟଙ୍କା ଥାଏ, ସେଥିରେ ଆଶ୍ଚର୍ଯ୍ୟ

କଣ ।' ବାଳକାସୁଲଭ କୋମଳ ଗଳାରେ ଅଳକା କହିଲା, 'ନା, ନା ଆମ ଘରକୁ ଠଙ୍କା କୁଆଡୁ ଆସିବ—ଏ ଆଉ କାହାର ହୋଇଥିବ ।'

'ଠଙ୍କା ତ କଣେ କାହାର ନୁହେଁ । ଗୋଟାଏ ହାତରୁ ଅନ୍ୟ ହାତକୁ ସେ ନିଜ ଖୁସିରେ ବୁଲେ । ତୁମ ଘରକୁ ଆସିବାରେ ତାର ଏପରି ଅପରାଧ କଣ ହେଲା ?' ଶୁଭକାନ୍ତ ଅଳକାକୁ ଚାହିଁ ହସିଲେ ।

ନିଃସହାୟ ଚକ୍ଷୁରେ ଶୁଭକାନ୍ତ ପ୍ରତି ଚାହିଁ ସେ କହିଲା, 'ନା, ନା, ଆମର ଠଙ୍କା କଣ ହେବ ଆପଣ ନିଅନ୍ତୁ ।'

ସେ ଜାଣେ ରାଜାମାନଙ୍କରହିଁ ଠଙ୍କାର ବେଶି ଦରକାର, ସନାତନଠାରୁ ମଧ୍ୟ ଶୁଣିଛି, ଠଙ୍କା ପଇସା ଉପକାର ତୁଳନାରେ ଅପକାର କରେ ବେଶୀ; କିନ୍ତୁ ଶୁଭକାନ୍ତ ଏହି ନିରୀହ ବାଳକାଟିର ସହଜରୂପ ପ୍ରତ୍ୟକ୍ଷ କରି ମନେ ମନେ ଅତ୍ୟନ୍ତ ପ୍ରୀତ ହୋଇ ପଡ଼ିଲେ । ତାର ନିର୍ଲୋଭ ଅର୍ଥର ପ୍ରୟୋଜନ ବୁଝି ନାହିଁ, ଏହା ଯେ ଅଳ୍ପଶିକ୍ଷାର ମୂର୍ଖ ନୁହେଁ ଏବଂ ଏହା ମୂଳରେ ଯେ ସନାତନର ପ୍ରଭାବ ନିହିତ, ସେ କଥା ବୁଝିବାକୁ ତାଙ୍କର ବାକି ରହିଲା ନାହିଁ ।

ତଥାପି ସେ ତର୍କ ଛଳରେ କହିଲେ, 'ଠଙ୍କା ପଇସା କିଛି ଦରକାରରେ ଆସେ ନାହିଁ ? କାହିଁକି, ଭଲ ଖାଇବା ପିଇବାକୁ ଅବା ବେଶଭୂଷା ପାଇଁ ଠଙ୍କା ତ ସବୁବେଳେ ଦରକାର ।'

ଅଳକା ପୁନଶ୍ଚ ହସିଲା । କିନ୍ତୁ ସେ ହାସ୍ୟରେ ସନାତନର ତାଚ୍ଛଲ୍ୟ ନାହିଁ । ଶିଶୁ-ସୁଲଭ ନିରୀହ ସାରଲ୍ୟରେ ତାହା ପରିପୂର୍ଣ୍ଣ—

'ସେ ସବୁ ଭଲ ଖାଇବା, ପିଇବା, ବେଶଭୂଷା ସିନା ରଜା ରାଜୁଡ଼ା ମାନଙ୍କର ଦରକାର—ଆମର କଣ ?'

ଶୁଭକାନ୍ତ ଦେଖିଲେ, ଅଳକା ଦେହରେ ସ୍ୱର୍ଣ୍ଣ ରୌପ୍ୟର ସର୍ଶ ନାହିଁ । ହଠାତ୍ ତାଙ୍କର ମନେ ପଡ଼ିଲା ଚନ୍ଦା । ସେ ତ ସ୍ୱର୍ଣ୍ଣ ରୌପ୍ୟର କାଙ୍ଗାଳିନୀ । ଅଳଙ୍କାର ପାଇଁ ତାଙ୍କର ଲାଳସା ଯେ ଦୁର୍ବାର । ସମସ୍ତ ରାଜଭଣ୍ଡାର ମଧ୍ୟ ସେ ଲାଳସାର ପରିତୃପ୍ତି ପାଇଁ ଅଯୋଗ୍ୟ; କିନ୍ତୁ ଏହି ଦରିଦ୍ର କନ୍ୟା ! କି ଶିକ୍ଷା ସେ ଲାଭ କରିଛି !! ଅଳକା କହିଲା, 'ଆପଣ ଏ ଥଳିଟିକୁ ନେଇ ଯାନ୍ତୁ ।'

'ଏ କିପରି କଥା, ଯେ ପାଇଲା ସେ ନେବ ନାହିଁ । ମୁଁ ନେଇ କଣ କରିବି ?

ଶୁଭକାନ୍ତଙ୍କର ଏ କଥା ଅଳକାକୁ ପରିହାସ ପରି ବୋଧ ହେଲା । ସେ ଅନୁନୟ କରି କହିଲା, 'ନାହିଁ, ଏ ଟଙ୍କା ନିଶ୍ଚୟ ଆପଣଙ୍କର । ମୁଁ ଏତେ ଟଙ୍କା ରଖି କଣ କରିବି ?'

ଶୁଭକାନ୍ତ କହିଲେ, 'ଭଲ କଥା, ନ ହେଲେ ଏ ଟଙ୍କାକୁ ଗରିବ ଦୁଃଖୀଙ୍କୁ ସାହାଯ୍ୟରୂପେ ବାଣ୍ଟିଦେବ ।' 'ଆପଣ ନିଅନ୍ତୁ, ଆପଣ ତ ସାହାଯ୍ୟ ଦେଉଛନ୍ତି ।'

ଅଳକା ସେ ଅର୍ଥକୁ ରଖିବାକୁ ନାରାଜ । ଶୁଭକାନ୍ତଙ୍କର କିନ୍ତୁ ମନେ ହେଲା ଯେ, ସେ ଟଙ୍କା ସେମାନଙ୍କର ଦରକାରରେ ଆସିବ । ସନାତନ ଫେରିଲେ ମାତା ପିତାଙ୍କର ଶ୍ରାଦ୍ଧ କ୍ରିୟାରେ କିଛି ବ୍ୟୟ ଆବଶ୍ୟକ । ଅନ୍ତତଃ ସନାତନ ଫେରିବା ପର୍ଯ୍ୟନ୍ତ ଉକ୍ତ ଅର୍ଥ ରଖିବାଲାଗି ସେ ଅଳକାକୁ ପ୍ରବର୍ତ୍ତାଇଲେ । ଅଳକା ଆଉ ଅଧିକ ଅସମ୍ମତ ହୋଇ ପାରିଲା ନାହିଁ । ଯଦିବା ସେ ଧ୍ରୁବ ଜାଣେ ଯେ, ସନାତନ ଫେରିବା ମାତ୍ରେ ଉକ୍ତ ଅର୍ଥକୁ ଗୃହରୁ ବହିଷ୍କୃତ କରିଦେବ ।

## ଷଷ୍ଠ ପରିଚ୍ଛେଦ

ଦେଶର ଅବସ୍ଥା ପରିବର୍ତ୍ତିତ ହେଲା ନାହିଁ । ଜୀବନ ଧାରଣ ପ୍ରତି ମୁହୂର୍ତ୍ତରେ ସଙ୍କଟାପନ୍ନ ହୋଇ ପଡ଼ିଲା । ପଥରେ ଘାଟରେ ନରମୁଣ୍ଡ ନରକଙ୍କାଳର ବିକଟ ଦୃଶ୍ୟ । ଦେଶବ୍ୟାପୀ ଯେଉଁ ବିଳାପ ଧ୍ୱନି ଉଠିଥିଲା, ତାହା କ୍ରମେ ଉଗ୍ରତର ହେଲା । ଚତୁର୍ଦ୍ଦିଗର ଦୃଶ୍ୟ ଅତି ବୀଭତ୍ସ ଓ ଲୋମହର୍ଷଣକାରୀ । ଜନନୀ ନିର୍ବିଘ୍ନରେ ଶିଶୁର ମାଂସ ଭକ୍ଷଣ କଲା । ଭ୍ରାତା ଭଗିନୀର ଗଳା ଚିପି ଦେଲା । ସକଳ ସମ୍ପର୍କ ମଧ୍ୟରେ କରାଳରୂପ ଧାରଣ କରି ଦୃପ୍ତ ପଦରେ ଆସି ଉଭା ହେଲା କ୍ଷୁଧା ।

ଶୁଭକାନ୍ତଙ୍କର ମସ୍ତିଷ୍କ ଘୂର୍ଣ୍ଣିତ ହେଲା—କି ଦୃଶ୍ୟ ଏ ! କାହା ସମକ୍ଷରେ ସେ ଆସି ଦଣ୍ଡାୟମାନ । ସେ ଦୁଇ କର ମସ୍ତକରେ ଲଗାଇ ଡାକିଲେ,

> ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗା
> ବିଶନ୍ତି ନାଶାୟ ସମୃଦ୍ଧ ବେଗାଃ
> ତଥୈବ ନାଶାୟ ବିଶନ୍ତି ଲୋକା—
> ସ୍ତବାପି ବକ୍ତ୍ରାଣି ସମୃଦ୍ଧ ବେଗାଃ ।

ବେଗବାନ୍ ପତଙ୍ଗ ଯେପରି ମରଣ ଲାଭ କରିବା ପାଇଁ ଅଗ୍ନି ମଧ୍ୟରେ ପ୍ରବେଶ କରେ, ଏହି ଜନସମୂହ ମରଣ ପାଇଁ

ତୁମର ମୁଖ ରଶ୍ମି ମଧ୍ୟରେ ପ୍ରବେଶ କରୁଅଛି, ଉଗ୍ରରୂପଧାରୀ କିଏ ତୁମେ ? ତୁମ୍ଭଙ୍କୁ ନମସ୍କାର କରେଁ । ହେ ଦେବଶ୍ରେଷ୍ଠ ପ୍ରସନ୍ନ ହୁଅ । ହେ ଆଦ୍ୟ ପୁରୁଷ ! ତୁମ୍ଭଙ୍କୁ ଜାଣିବା ପାଇଁ ଇଚ୍ଛା କରେଁ । କାରଣ ତୁମ୍ଭର କାର୍ଯ୍ୟ ମୁଁ ଯେ ଅବଗତ ନୁହେଁ । 'ଆଖ୍ୟାହି ମେକୋ ଭବାନୁଗ୍ରରୂପୋ ନମସ୍ତୁତେ ଦେବବର ପ୍ରସୀଦ । ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ ନହି ପ୍ରଜାନାମି ତବ ପ୍ରବୃତ୍ତିମ୍ ।' ତାହାର ଆରକ୍ତ-କ୍ଳିଷ୍ଟ ପାଣ୍ଡୁର ଅଧର କମ୍ପିତ ହୋଇ ଉଠିଲା ଏବଂ ଓଷ୍ଠର ଧାରରେ ଦୁଇ ଚକ୍ଷୁରୁ ଲୋତକ ଝରି ପଡ଼ିଲା । କାହାପାଇଁ ? କାହାପାଇଁ ଏ ଲୋତକ ? ରାଜ୍ୟ ? ଟଙ୍କା ? ଆଜି କଣ ଏହି ମୁମୂର୍ଷୁ ଜନସମାଜ ? ନା, ନା, ଶୁଭକାନ୍ତ ପକ୍ଷରେ ଏ ପ୍ରଶ୍ନର ଉତ୍ତର ଦେବା ବଡ଼ କଠିନ । ମୁଖରେ ତାଙ୍କର ବାକ୍ୟ ନାହିଁ, ବୁଦ୍ଧି ତାଙ୍କର ଅବୋଧ । କାହାକୁ ସେ ନମସ୍କାର କଲେ, କେଉଁଠାରେ ତାଙ୍କର ସମସ୍ତ ପ୍ରାଣ ଦୁଇ ଚକ୍ଷୁରେ ସଞ୍ଚିତ ହୋଇ ଅବଶ ହେଲା କାହାପାଇଁ ତାଙ୍କର ସମସ୍ତ ଅଙ୍ଗ ଅଶ୍ରୁ ଉତ୍ସର୍ଜନ କରୁଛି !—ତାଙ୍କର ମୁଖଶ୍ରୀ ମଳିନ ହୋଇ ପଡ଼ିଛି—କୋମଳ ପଦ ଦୁଇଟି କଣ୍ଟକବିଦ୍ଧ—ତନୁର କାନ୍ତି ନିଭିଯାଇ ପାଂଶୁଳ ତପସ୍ୱୀର ଅଙ୍ଗ ପରି ସ୍ତୋକ ମାତ୍ରରେ ଅବଶିଷ୍ଟ, କାହାପାଇଁ ! !

ଊର୍ଦ୍ଧ୍ୱରେ ପକ୍ଷୀ ଡାକିଗଲା, ପଥ ପାର୍ଶ୍ୱରେ ପଥିକ ଗତି କରିଗଲା । କିଏ ଜଣେ ତାଙ୍କୁ ନମସ୍କାର କରି ପାର୍ଶ୍ୱରେ ଉଭା ହେଲା । କିନ୍ତୁ ଶୁଭକାନ୍ତ ସ୍ଥାଣୁପରି ଦଣ୍ଡାୟମାନ । ତାଙ୍କର ଅଙ୍ଗର ସ୍ପନ୍ଦନ ନାହିଁ, ଦୃଷ୍ଟିର ଶୃଙ୍ଖଳା ନାହିଁ, ଦୁଇ ଚକ୍ଷୁରୁ ଲୋତକ ବନ୍ଧ ଫାଡ଼ ବେଗରେ ପଡୁଛି । ପଥ ପାର୍ଶ୍ୱରେ କାହାର ଦୃଷ୍ଟି-ଗୋଚର ହେବ ବୋଲି ତାଙ୍କର ଲଜ୍ଜା ନାହିଁ, ସଙ୍କୋଚ ନାହିଁ ।

ଚକ୍ଷୁ ଫେରାଇ ସେ ସମ୍ମୁଖରେ ଯାହାକୁ ଦେଖିଲେ, ସଙ୍ଗେ-ସଙ୍ଗେ ତାକୁ ଆଲିଙ୍ଗନ କରି କହି ଉଠିଲେ, 'ସନାତନ, ସନାତନ ! ଫେରି ଆସିଛ ଭାଇ !' ଆଉ କିଛି କହି ପାରିଲେ ନାହିଁ, ତାଙ୍କର ପୂର୍ବକୃତ ଅପରାଧର କ୍ଷମା ଭିକ୍ଷା କଲେ ନାହିଁ । ଦ୍ୱିଗୁଣିତ ବେଗରେ ଚକ୍ଷୁରୁ ଲୋତକ ବର୍ଷିବାକୁ ଲାଗିଲା । ବହୁ ବର୍ଷର ସଞ୍ଚିତ ଅଶ୍ରୁ ସେ ।

ତାଙ୍କର ଏ ଉନ୍ମାଦ ଅବସ୍ଥାରେ କି ସାନ୍ତ୍ୱନା ସନାତନ ଦେବ ? ମୁକ୍ତାଗଡ଼ର ସେହି ରାଜା ଶୁଭକାନ୍ତର ଏ ଅବସ୍ଥା ଦେଖି ସନାତନର ସକଳ ଅତୀତ ସ୍ମୃତି ଏକ ଫୁତ୍କାରରେ ଉଡ଼ିଗଲା । ସେ କେତେ କଣ କହିଥାନ୍ତା—ଦେଶର ଅବସ୍ଥା, ରାଜାର ତ୍ରୁଟି । କିଛି ତାର ମନେ ପଡ଼ିଲା ନାହିଁ । ତାହାର ଦୁଇ ଚକ୍ଷୁ ମଧ୍ୟ ଆର୍ଦ୍ର ହୋଇ ଉଠିଲା ।

ଶୁଭକାନ୍ତଙ୍କର ଆବେଗପୂର୍ଣ୍ଣ ଆଲିଙ୍ଗନ ଲାଭ କରି ଏବଂ ଏ ଉନ୍ମାଦ ଅବସ୍ଥା ସନ୍ଦର୍ଶନ କରି ସନାତନ ଚକ୍ଷୁରେ ଯେ ଲୋତକ ଦେଖାଗଲା, ସେ ତାକୁ ତତ୍‌କ୍ଷଣାତ୍ ପୋଛି ଦେଲା । କିନ୍ତୁ ଶୁଭ-କାନ୍ତର ଅଶ୍ରୁକୁ ସେ ଦୁର୍ବଳର ଅଶ୍ରୁ ବୋଲି ଜ୍ଞାନ କଲା ନାହିଁ । ସେ ଅଶ୍ରୁ ସବଳର ଅଶ୍ରୁ, ପୁରୁଷର ଅଶ୍ରୁ ।

ଶୁଭକାନ୍ତଙ୍କର ସର୍ବାଙ୍ଗ ଲୋମାଞ୍ଚିତ, ହସ୍ତ ପଦ କମ୍ପିତ । ଧୀରେ ଧୀରେ ସନାତନ ତାଙ୍କୁ କୁଟୀର ମଧ୍ୟକୁ ଘେନି ଆସି ନିକଟରେ ବସି ରହିଲା । ବହୁକ୍ଷଣ ପରେ ଶୁଭକାନ୍ତ ପ୍ରକୃତିସ୍ଥ ହୋଇ କହିଲେ, 'ସନାତନ, ଫେରି ଆସିଚ, ଭଲ କରିଚ । ଦେଖୁଚ ତ କି ଅବସ୍ଥା ଏ ଲୋକଙ୍କର । ମୁଁ ଆଉ ଏକା ଏକା ପାରୁନାହିଁ ଭାଇ, ତୁମର ସାହାଯ୍ୟ ପାଇଁ ବହୁଦିନୁ ଅପେକ୍ଷା କରି ବସିଚି ।'

ସନାତନ ସୁବୋଧ ଶ୍ରେଷ୍ଠ ଭାଇଟି ପରି ଶୁଭକାନ୍ତ ନିକଟରେ ବସି ରହିଲା । କୌଣସି କଥା କହିଲା ନାହିଁ । ଶୁଭକାନ୍ତ ଏହି ଯୁବକର ମୁଖ ପ୍ରତି ସସ୍ନେହ ଦୃଷ୍ଟି ନିକ୍ଷେପ କରି ମୃଦୁ ହସି କହିଲେ, 'ତୁମର ଦେହେଟି ଏପରି ଶୁଖି ଯାଇଛି କାହିଁକି, ସନାତନ ! ତୁ ବହୁତ ପରିଶ୍ରମ କରୁଚ, ଶୁଣୁଥିଲି ।'

'ନା, ଏପରି ଆଉ କଣ ।' ସନାତନ ଉତ୍ତର କଲା । ସବୁ-ବେଳେ ତାର ମୁଖ ମଣ୍ଡଳ ଗମ୍ଭୀର । ଜୀବନରେ ସେ ହସିବାର ସୁଯୋଗ ପାଇ ନାହିଁ । କାନ୍ଦିବାର ଅବସର ତାକୁ ମିଳି ନାହିଁ । ଗୃହକୁ ଫେରି ସେ ଅଳକା ମୁଖରୁ ମାତା ପିତାଙ୍କର ଆକସ୍ମିକ ମୃତ୍ୟୁ ସମ୍ବାଦ ପାଇଛି । ପଥ ଘାଟରେ ଦେଶର ଅବସ୍ଥା ସ୍ୱଚକ୍ଷୁରେ ଦେଖି ଆସିଛି । ମାତା ପିତାଙ୍କର ବିୟୋଗରେ ଶୋକ କରିବାକୁ ତାକୁ ସମୟ ମିଳି ନାହିଁ । ଶୁଭକାନ୍ତଙ୍କର ସାହାଯ୍ୟ କେନ୍ଦ୍ରରେ କିପରି କାର୍ଯ୍ୟ ଚାଲିଛି, ଦେଖିବାପାଇଁ ସେ ଧାଇଁ ଆସିଛି । ଦେଶର ଅବସ୍ଥା ଦିନକୁ ଦିନ ଗୁରୁତର ହୋଇ ଉଠିଲାଣି । ସନାତନ ମଧ୍ୟ ଶୁଭକାନ୍ତର ସାହଚର୍ଯ୍ୟ ଲୋଡ଼େ ।

ଠଙ୍କା ସୁନା ବୁଣିଦେଲେ କେହି ତା ପ୍ରତି ଦୃଷ୍ଟି ପକାନ୍ତି ନାହିଁ ; କିନ୍ତୁ ଗୋଟିଏ ଚାଉଳ ପଡ଼ିଥିଲେହିଁ ତାକୁ ଗୋଟାଇ ନେବା ପାଇଁ ବହୁ ଲୋକ ଜମା ହୋଇ ପଡ଼ୁଚନ୍ତି । ଶୁଭକାନ୍ତକୁ କୌଣସି ଉପାୟ ଦେଖାଯାଉ ନାହିଁ । ସନାତନ ପଚାରିଲା, କେନ୍ଦ୍ରରେ କାର୍ଯ୍ୟ କିପରି ଚାଲିଚି ।

'ଆଉ ସେ କଥା ପଚାର ନା, ଭାଇ ! କେତେ କେନ୍ଦ୍ର ତ ଏ ମଧ୍ୟରେ ବନ୍ଦ ହୋଇଗଲାଣି । ସରକାରୀ କେନ୍ଦ୍ରର ଅବସ୍ଥା ମଧ୍ୟ

ଡନ୍ତୁପ୍ର । ଆମ କେନ୍ଦ୍ର ଯାହା ଚାଲୁଚି, ତାହା ବନ୍ଦ ହେବା ସଙ୍ଗେ ସମାନ ।'

'କାହିଁକି, ଦେଶରୁ ଚାଉଳ କଣ ଏକାବେଳେ ଶୂନ୍ୟ ହୋଇ ଗଲଣି ?'

'ଏକ ରକମ ତାହା ନୁହେଁ, ଆଉ କଣ । ମୁକ୍ତାଗଡ଼ ଜମିଦାରୀରେ ଯାହା ଯେଉଁଠାରେ ଗଚ୍ଛିତ ଥିଲା, ସବୁ ନିଃଶେଷ ହୋଇ ଅଛି । ଆଉ ଯେଉଁ କୃଷୀମାନେ ପୂର୍ବରୁ ସଞ୍ଚିତ ଧାନ ରଖି-ଥିଲେ, ସେମାନଙ୍କ ମଧ୍ୟରୁ କେତେକ ବନ୍ଦସ୍ତ କରି ସାରିଛନ୍ତି । ବାକି କେତେକ ବିକିବାକୁ ନାରାଜ—ବିକଲେ ଅତ୍ୟନ୍ତ ଚଢ଼ାଦରରେ ବିକୁଛନ୍ତି ।'

ସନାତନର ଚକ୍ଷୁ ଉଜ୍ଜ୍ୱଳ ହୋଇ ଉଠିଲା, 'ଆଶ୍ଚର୍ଯ୍ୟ କଥା ! ସେମାନଙ୍କ ନିକଟରେ ଧାନ କଣ ଜମା ଥିଲା, ନିଜ ଇଚ୍ଛାରେ ଦର ବଢ଼ାଇ ବିକିବାକୁ ? ନା, ନା, ସେ କଥା ହେବ ନାହିଁ । ସେମାନଙ୍କୁ ଯୋର କରି ଦର କମାଇ ଦେବାକୁ ହେବ ।'

ଶୁଭକାନ୍ତ ହସିଲେ, ଏହି ଦୁର୍ବଳ ଯୁବକ ମୁଖରୁ ଏପରି ଭାଷା ଶୁଣି । 'କିପରି ଯୋର କରିବ, ସନାତନ ? ଏହି ତ ଶ୍ୟାମ ରଥ । ଚନ୍ଦ୍ରକାନ୍ତଙ୍କ ସମୟରେ ନିଜ ଆଖିରେ ଦେଖିଛ, କେତେଥର ମୁକ୍ତାଗଡ଼ରୁ ଭିକ୍ଷା ଆଣିଛୁ । ପ୍ରତିଦିନ ସକାଳୁ ଉଠି ଏବେ ଦେଖ, ତା'ଦୁଆରେ ଶହେ ଲୋକ ରୁଣ୍ଡ ହୋଇଛନ୍ତି । ସେରେ ଚାଉଳକୁ ଗୋଟିଏ ଟଙ୍କା ! ସେଥିପାଇଁ ମଧ ଲୋକଙ୍କୁ କେତେ ମାଡ଼ ଖାଉଛନ୍ତି, କେତେ ଲୋକ ନିରାଶ ହୋଇ ତା' ଦୁଆରୁ ଫେରି ଆସୁଛନ୍ତି । ଖାଁସେର ଦଶ ସେର ଚାଉଳ ଦେଇ ମାଣ ମାଣ କରି ଜମି [illegible]

ବାଡ଼ି ଲେଖାଇ ନେଉଛି । ନିଜେ ଯାଇ କହିଲି, ସାହାଯ୍ୟ କେନ୍ଦ୍ରକୁ କିଛି ଚାଉଳ ଦିଅ । ଶୁଣି ହସିଲା । ଆମର ଭାଗ କରି ରଖିଛି, ସେଥିରୁ ଚାଉଳ ବାହାର କରିବ ନାହିଁ ।

ସନାତନ ଗମ୍ଭୀର ମୁଖରେ କହିଲା, 'ନା, ନା, ସେ ଲୋକଙ୍କ ସହିତ ନମ୍ର ବ୍ୟବହାର କଲେ ଚଳେ ନାହିଁ । ଚମ୍ପାପୁର କେନ୍ଦ୍ର ନିକଟରେ ସେହିପରି ଜଣେ ନରପିଶାଚ ଅଛି । ଦୁଆର ଆଗରେ ମୁଣ୍ଡପିଟି ମରି ଶୋଇଲେ ପୋଷେ ଚାଉଳ ଦେବ ନାହିଁ । ତିନିଦିନ ତା ଦୁଆରେ ଉପାସ ଭୋକରେ ବସି ରହିଲି । ଶହ ଶହ ଲୋକ ଜମା ହୋଇଥାନ୍ତି । ଶୁଣିଲା ନାହିଁ, ଦୁଆର କିଳି ଘର ଭିତରେ ପଶିଲା । ଶେଷରେ ଅଭିରାମର ମନ୍ତ୍ର କାମ ଦେଲା; ଜବରଦସ୍ତି ଧାନ ଚାଉଳ ବୋହି ଆଣିବାକୁ ଦୁଆର ଭାଙ୍ଗି ତିନିଶହ ଲୋକ ଘର ଭିତରେ ପଶିଗଲେ । ବୁଦ୍ଧି ବଣା ହୋଇଗଲା । ଆମ ପାଖରେ ଆସି କରପତ ଯୋଡ଼ି କ୍ଷମା ଭିକ୍ଷା କଲା । ତା' ଦେଖା ଦେଖି ଆଉ ଯେଉଁ ସବୁ ଛୋଟିଆ ଛୋଟିଆ ରକ୍ତଶୋଷୀ ଜୋତଦାର ଥିଲେ, ସମସ୍ତେ ଭୟରେ ଥରହର । ସାହାଯ୍ୟ କେନ୍ଦ୍ରରେ ଚାଉଳ ଅଭାବ ହୋଇ ନାହିଁ, ମୁଁ ଫେରିବା ପର୍ଯ୍ୟନ୍ତ ।'

ଶୁଭକାନ୍ତ ପଚାରିଲା, 'ଅଭିରାମ କିଏ, ସନାତନ ?'

'ସେ ଗୋଟାଏ ଅଦ୍ଭୁତ ଯୁବକ । ସେହି ଚମ୍ପାପୁର ନିକଟରେ ତାର ଜନ୍ମସ୍ଥାନ । ଆତ୍ମୀୟ ସ୍ୱଜନ କେହି ତାର ନାହିଁ । ନିଜ ଇଚ୍ଛାରେ ଘର ଦ୍ୱାର ହରାଇଛି । ଶିକ୍ଷା ଦୀକ୍ଷା ଚରିତ୍ର କାହିଁରେ ସେ ନିକୃଷ୍ଟ ନୁହେଁ । ସମାଜ, ଜାତି, ଦେବତା, ମନୁଷ୍ୟ—କାହିଁରେ ତାର ବିଶ୍ୱାସ ନାହିଁ । ଉଚ୍ଚଙ୍କର ଆତ୍ମଶ୍ଳାଘା । ଲୋକ [illegible] ଓ ଧନପତିଙ୍କୁ ସେ ତିରସ୍କାର କଲା । [illegible]

ମାଗ ହସି ହସି ମତେ ଧରି ନେଇ ଆହାର କରାଇଲା ଏବଂ ନିଜେ ତିନିଶହ ଲୋକ ଧରି ବଳାତ୍କାରରେ ସେ ଲୋକର ଦ୍ୱାର ଭାଙ୍ଗି ଘର ଭିତରେ ପଶିଲା । ଆଶ୍ଚର୍ଯ୍ୟ ତାର ଶକ୍ତି ।'

ଶୁଭକାନ୍ତ ଅବାକ୍ ହୋଇ ସନାତନ ମୁଖକୁ ଚାହିଁ ରହିଲେ । ଏ ଦେଶରେ ଏପରି ଯୁବକ ଅଛନ୍ତି, ତାଙ୍କର ଧାରଣା ନ ଥିଲା । କେବଳ ସନାତନକୁହିଁ ସେ ବିଶିଷ୍ଟ ଚରିତ୍ର ବୋଲି ଜ୍ଞାନ କରିଥିଲେ । କହିଲେ, 'ତେବେ ସନାତନ, ସେହି ଅଭିରାମକୁ ଏଠାକୁ ଡାକ । ମୁଁ ତ ହତାଶ ହୋଇ ପଡ଼ିଥିଲି । କିନ୍ତୁ ଦେଖୁଛି, ଶ୍ୟାମ୍ ରଥ ପରି ଲୋକକୁ ଯବଦ୍ କରିବାକୁ ହେଲେ ସେହିପରି ଗୋଟାଏ କିଛି ଉପାୟ ଲୋଡ଼ା ।'

ସନାତନ କହିଲା, 'ନା, ଅଭିରାମକୁ ଡାକିବାକୁ ହେବ ନାହିଁ । ସେ ଆସିଲେ ମଧ୍ୟ ସେ ସ୍ଥାନର କାର୍ଯ୍ୟ ରହିତ ହୋଇଯିବ । ଲୋକଙ୍କୁ ସାମାନ୍ୟ ନେତୃତ୍ୱ ଦେଇ ପାରିଲେହିଁ ସେମାନଙ୍କର ଯାହା ଅବସ୍ଥା ହୋଇଛି, ବିନା ବିଚାରରେ ଡେଇଁ ପଡ଼ିବେ ।'

'ତାହାହେଲେ ସେହି ଉପାୟ କର ସନାତନ, ତୁମେ ତ ନିଜେ ଆସିଚ । ମୋର ଆଉ ଭାବନା କଣ ?'

'କିନ୍ତୁ ମହାରାଜ—'

ସନାତନ କିଛି କହିବାକୁ ଯାଉଥିଲା । ଶୁଭକାନ୍ତ ବାଧ ଦେଇ କହିଲେ, 'ଦେଖ ସନାତନ, ତୁମ ମୁହଁରୁ ମୁଁ ମହାରାଜ କଥାଟା ଯେପରି ଆଉ ଦ୍ୱିତୀୟଥର ଶୁଣିବାକୁ ନ ପାଏ । ମେ କନିଷ୍ଠ ତୁମେ । ଭାଇ ବୋଲି ଡାକିବ । "ଭାଇ" ଡାକଟା ଜୀବନରେ କାହାର ମୁଖରୁ ଶୁଣି ନାହିଁ ।'

ସନାତନର ମୁଖ ଉଜ୍ଜ୍ୱଳ ହୋଇ ଉଠିଲା । 'ଭାଇ' ! ମୁକ୍ତାଗଡ଼ର ରାଜା ଶୁଭକାନ୍ତ ଦରିଦ୍ର ସନାତନ ମୁଖରୁ ଆଜି ଭାଇ ଡାକ ଶୁଣିବାକୁ ଏତେ ବ୍ୟାକୁଳ !

ଶୁଭକାନ୍ତ କହିଲେ, 'ତୁମେ ଘରକୁ ଫେରି ସନାତନ । ଅଳକା ତେଣେ ତୁମର ଆହାର ବ୍ୟବସ୍ଥା କରି ରହିଁ ବସିଥିବ । ଆଉ ବିଳମ୍ବର ଆବଶ୍ୟକ ନାହିଁ । ତୁମେ ପୁଣି ଉପରବେଳା ଆସିଲେ, କେନ୍ଦ୍ର ବିଷୟରେ ଯାହା ବ୍ୟବସ୍ଥା କରିବ ।'

ସନାତନ ଉଠିପଡ଼ି ଘରକୁ ଫେରିଲା । ଅର୍ଦ୍ଧ ପଥରେ ମନେ ପଡ଼ିଲା, ଅଳକା ତ ତାର ଆହାରର ବ୍ୟବସ୍ଥା କରିଥିବ; କିନ୍ତୁ ଶୁଭକାନ୍ତର ? ଶୁଭକାନ୍ତର ଆହାର ବ୍ୟବସ୍ଥା କିଏ କରୁଛି ? ଦାସ ଦାସୀ ପରିଜନ କେହି ତ ତାଙ୍କ ନିକଟରେ ଉପସ୍ଥିତ ନାହାନ୍ତି । ତେବେ କଣ ନିଜ ହାତରେ ସେ ରନ୍ଧନ କରନ୍ତି । କାହିଁ, ସନାତନର ତ ସେ ବିଷୟ ଅନୁସନ୍ଧାନ କରିବାର ସୌଜନ୍ୟ ହେଲା ନାହିଁ । ମନେ ମନେ ସେ ଅତ୍ୟନ୍ତ ଲଜ୍ଜିତ ଓ ସଙ୍କୁଚିତ ହୋଇ ପଡ଼ିଲା । ଦିବା ଦ୍ୱିପ୍ରହର ହେଲା, କିନ୍ତୁ ଶୁଭକାନ୍ତଙ୍କର ଭୋଜନ ବ୍ୟବସ୍ଥା ତ ସେ କିଛି ଦେଖିଲା ନାହିଁ । ଶୁଭକାନ୍ତ, ଶୁଭକାନ୍ତ ! ସନାତନ ଆଜି ତୁମଠାରେ ପରାଜିତ ।

## ସପ୍ତମ ପରିଚ୍ଛେଦ

ଶୁଭକାନ୍ତ ସହିତ କଥାବାର୍ତ୍ତା କରି ସନାତନ ଯେତେବେଳେ ବାହାରି ଆସିଲା, ସେତେବେଳେ ଦେଖିଲା ଗୋଟିଏ କୃଷ୍ଣବର୍ଣ୍ଣ କ୍ଷୀଣକାୟ ପୁରୁଷ ହଠାତ୍ ତାର ସମ୍ମୁଖରେ ଚାଲିଗଲା । ତାର ଦେହରେ ଖଣ୍ଡିଏ ମଳିନ ବସ୍ତ୍ର, ଚକ୍ଷୁରେ କୁଟିଳ ଦୃଷ୍ଟି । ସନାତନ ତା ପ୍ରତି ଲକ୍ଷ୍ୟ ନ କରି ନିଜ ପଥରେ ଚାଲିଗଲା ।

ଲୋକଟି ଅଳ୍ପ ଦୂର ଯାଇ ପୁଣି ଫେରିଲା । ଶୁଭକାନ୍ତଙ୍କର କୁଟୀର ସମୀପସ୍ଥ ଗୋଟିଏ ବୃକ୍ଷ ମୂଳରେ ଅନେକ ଗୃହହୀନ ପୁରୁଷ, ନାରୀ ବାସ କରନ୍ତି । ସାମାନ୍ୟ କେତେଖଣ୍ଡ ଛିଣ୍ଡା କନ୍ଥା ଓ କଣ୍ଡଗ୍ମ ସେମାନଙ୍କର ସମ୍ବଳ । ସ୍ଥାନେ ସ୍ଥାନେ ଖଣ୍ଡେ ଅଧେ ମାଟିର ପାତ୍ର ପଡ଼ି ରହିଛି । ଅଳ୍ପଦୂରରେ ଶ୍ମଶାନ । କୌଣସି ସମୟରେ ଏ ଶ୍ମଶାନରେ ଶବର ଅଭାବ ନାହିଁ । ଲୋକଟି ଏହି ବୃକ୍ଷମୂଳକୁ ଆସି ମୁହୂର୍ତ୍ତ ମଧ୍ୟରେ ପ୍ରତି ସ୍ଥାନ, ପ୍ରତି ପୁରୁଷ ନାରୀ ଉପରେ ଦୃଷ୍ଟି ପକାଇଗଲା । ତା' ପରେ ଶ୍ମଶାନ ଅଭିମୁଖରେ ଚଳିଲା । ଶ୍ମଶାନ ନିକଟରେ ଯେଉଁ ପଥଟି ଗ୍ରାମ ମଧ୍ୟକୁ ଯାଇଚି, ସେ ପଥରେ ନ ଯାଇ ସେ ଶ୍ମଶାନ ଉପରକୁ ଗଲା । ଚାରି ପାଞ୍ଚଟା ଶବ ବେଶ ନିର୍ବିକାରରୂପେ ରୌଦ୍ର ତଳେ ଗଡ଼ୁଥିଲେ । ଲୋକଟା ପ୍ରତି ସେମାନଙ୍କର ଭ୍ରୂକ୍ଷେପ ନାହିଁ । ସେ କନ୍ଥ

ପ୍ରତି ଶବର ସର୍ବାଙ୍ଗ ନିରୀକ୍ଷଣ କରି ସାରି ଭ୍ରୂକୁଞ୍ଚିତ କଲା । ତତ୍ପରେ ଶ୍ମଶାନର ଅପର ପାର୍ଶ୍ୱରେ ଦୃଷ୍ଟି ନିକ୍ଷେପ କଲା । ଆଉ କେତେଟା ଶବ ଉପରେ ଗୃଧ୍ର ଶୃଗାଳ ବସି ସନ୍ତୋଷରେ ଆହାର କରୁଥାନ୍ତି । ଲୋକଟା ସେହି ଦିଗକୁ ଗଲା । ପଶୁପକ୍ଷୀଗୁଡ଼ାକ ତା' ପ୍ରତି ତିଳେ ହେଲେ ସମ୍ମାନ ଦେଖାଇ ଦୂର ହେଲେ ନାହିଁ । ହସ୍ତ ସାହାଯ୍ୟରେ ସେମାନଙ୍କୁ ଦୂର କରି ଶବଗୁଡ଼ିକର ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ନିରୀକ୍ଷଣ କରିବାକୁ ଲାଗିଲା ଏବଂ କିଛିକ୍ଷଣ ପରେ ସେଠାରୁ ମଧ୍ୟ ପ୍ରତ୍ୟାବର୍ତ୍ତନ କଲା । ପଥ ମଧ୍ୟକୁ ଆସି ଚତୁର୍ଦ୍ଦିଗକୁ ଚାହିଁ ଦେଖିଲା, ଜନଶୂନ୍ୟ । ଗ୍ରାମ ମଧ୍ୟରେ ପ୍ରବେଶ କରି ସେ ଶ୍ୟାମ ରଥଙ୍କ ଦ୍ୱାର ନିକଟରେ ପହଞ୍ଚିଲା । ରଥେ ଘର ଭିତରୁ ବାହାରି ଆସି ପଚାରିଲେ, 'କଣ ବଶି, ଆଜି କିଛି ହେଲା ନାହିଁ କି ?'

ବଶି ମୁଣ୍ଡ ହଲାଇ କହିଲା, 'କିଛି ନ ହୋଇ ବଶି କଣ ଖାଲି ଖାଲି ଫେରିବା ଲୋକ ।'

'ଆ ତେବେ ଭିତରକୁ ।'

ଲୋକଟା ରଥଙ୍କ ବାହାର ଘର ଭିତରକୁ ଯାଇ ଓଷ୍ଠ ଭିତରୁ ସମସ୍ତ ଦଶନ ପ୍ରକାଶ କରି କହିଲା, 'ନାହିଁ, ଗୋଟାଏ ଖବର ଦେବାକୁ ଅଛି । ବଡ଼ ଗୁପ୍‌ଚୁପ୍ ।'

ରଥେ ବିସ୍ମିତ ହୋଇ ପଚାରିଲେ, 'କଣ ଏମିତି ଖବର, ବଶି ?'

ସେ ଧୀରେ ଧୀରେ କଥାଗୁଡ଼ାକ କହିଗଲା । ସବୁ କଥା ଯେପରି ତାର ଏହି ସୁବୃହତ୍ ଦଶନ ମୂଳରୁ ବାହାରି ଆସିଲା । ରଥେ ନୀରବରେ ଶୁଣି ସାରି କହିଲେ, 'ଓଃ ! କମ୍ ସାହସ ତ ନୁହେଁ ।'

ବଶି କାନ ଭିତରେ ଦୁଇ ପୋଷ ଗୁଣ୍ଡଳ ନେଇ ରଥଙ୍କ ଘରୁ ବିଦାୟ ହୋଇଗଲା ।

ଶ୍ୟାମ ରଥ ଯେତେବେଳେ ପ୍ରଥମେ ବଶି ଆସିଥିବା ଖବର ପାଇ ଦ୍ୱାର ମୁହଁକୁ ଆସିଲେ, ସାତ ଆଠ ଜଣ ଲୋକ କେଉଁଠାରେ ବସିଥିଲେ, ହୁ ହୁ କରି ତାଙ୍କ ନିକଟକୁ ଦୌଡ଼ି ଆସିଲେ । ସମସ୍ତଙ୍କ ମୁହଁରେ କାକୁତି ଭରା ଦୁଇ ପଦ କଥା, 'ଗଣ୍ଡିଏ ଗୁଣ୍ଡଳ ।'

ରଥେ ଏମାନଙ୍କ ପ୍ରତି ଭ୍ରୂକ୍ଷେପ ନ କରି ବଶି ସହିତ ଗୃହ ମଧ୍ୟକୁ ଚାଲିଗଲେ । ବଶି ଚାଲିଯିବା ପରେ ପିଦାକୁ ଆସି କହିଲେ, 'ଇରେ, ଏଠି ଦିନ ରାତି ଏତେ ଲୋକ ଜମା ହୋଇଚ କଣ, ବୋପାମାନେ ତମର ସବୁ ମୋ ଘରେ ଥାଇ ରଖିଛନ୍ତି ? ଭଲ ପୁଅ ହୋଇ ଏଠାରୁ ଯାଉଚ ତ ଯାଅ, ନ ହେଲେ ଶେଷରେ ବାପକୁ ମଉଷା ବୋଲି ଡାକିବ । କି ରେ ଶୁଣା ଯାଉ ନାହିଁ !'

ତିରିଶି ଚାଳିଶଟା ଲୋକ ତାଙ୍କ ଦ୍ୱାର ନିକଟରେ ପଡ଼ିଛନ୍ତି । ସମସ୍ତଙ୍କ ମୁଖରେ ପ୍ରାଣହୀନ କ୍ଷୁଧାର ଚିହ୍ନ । ସମସ୍ତଙ୍କର ଚର୍ମ ଭେଦ କରି କଙ୍କାଳ ପରିସ୍ଫୁଟ ହୋଇଛି । ରଥଙ୍କର ଭୟ ପ୍ରଦର୍ଶନ କାହାରିକୁ ଶୁଣାଗଲା ନାହିଁ । ପ୍ରତ୍ୟେକ ନିର୍ବେଦ, ମୂକ । କାହାରିଠାରେ ରଥଙ୍କର ସମ୍ବୋଧ ବାଣୀ ଗୁଞ୍ଜନ ପ୍ରକାଶ କଲା ନାହିଁ ।

ଶ୍ୟାମ ରଥେ ପୁଣି ଗର୍ଜନ କରି ଉଠିଲେ, 'କି ରେ ଉଠିଲ ନାହିଁ ।' ପାଖରେ ଗୋଟାଏ ନଡ଼ିଆ ବାହୁଙ୍ଗା ପଡ଼ିଥିଲା, ସେଇଟାକୁ ଉଠାଇ କହିଲେ, 'ଦେଖୁଚ ଯୁକୁ ? ସେ ଦିନ କଥା ଏତେ ଚଞ୍ଚଳ ପାଶୋରି ଗଲ ? ଆଉ ଚାରି ଛ'ଟା ଦିନ ହେଲେ ପୃଥିବୀରେ ରହିଥାନ୍ତ ନାହିଁ । ସେତିକ ମାୟା ବି ନାହିଁ ?'

ବାହୁଙ୍ଗାଠାକୁ ରଥେ ତିନ ଚାରି ଥର ତଳେ ପିଟି ଦେଲେ । ଉପରକୁ ଧୂଳି ଉଠିଗଲା । ସନ୍ତ୍ରସ୍ତ କୁଚଗ୍ରସ୍ତ ଶ୍ୱାନ ପରି ଲୋକଗୁଡ଼ାକ 'ଉହୁଁ' 'କୁଉଁ' ହୋଇ ପଛକୁ ଘୁଞ୍ଚି ଗଲେ । କାହାରି ମୁଖରେ କଥା ନାହିଁ । 'ବାହାର' 'ବାହାର' ଡାକ ଛାଡ଼ି ରଥେ ବାହାଙ୍ଗାଠା ଉଞ୍ଚାଇ ସେମାନଙ୍କୁ ଖଣ୍ଡେ ଦୂର ତଡ଼ି ନେଇ ଗଲେ । ମାଡ଼ ଭୟରେ ଲୋକଗୁଡ଼ିକ ହସ୍ତ ସାହାଯ୍ୟରେ ଦେହ ରକ୍ଷା କରିବା ପାଇଁ କେତେବେଳେ ଡାହାଣକୁ, କେତେବେଳେ ବାମକୁ ଢଳି ଢଳି, କେତେବେଳେ ମସ୍ତକକୁ ଓ ପଦକୁ ହସ୍ତ ଦେଖାଇ ପଶ୍ଚାତକୁ ଘୁଞ୍ଚି ଘୁଞ୍ଚି ଚାଲିଥାନ୍ତି । ମୁଖରୁ କେବଳ ସେହି 'ଉହୁଁ' 'କୁଉଁ' ଶବ୍ଦ ଶୁଣା ଯାଉଥାଏ । ଖିନ୍ନବିହ୍ୱଳ ଶରୀରେ କ ଅଶୀଠା କ୍ଷୁଧିତ ଚକ୍ଷୁ ରଥଙ୍କ ମୁଖକୁ ଚକାଇ ରହିଥାଏ ।

ରଥେ ଲୋକଗୁଡ଼ାକୁ ଘଉଡ଼ି ନେଉଥାନ୍ତି ଏବଂ କହୁ ଲାଗିଥାନ୍ତି, 'ବାହାର, ଫେର୍ ଯଦି ମୋ ଦୁଆର ମାଡ଼ ତ ଦେଖିବ । ଅକାରଣରେ ହାଡ଼ ଦି'ଖଣ୍ଡ ବଡ଼ା ବନ୍ଧା ହେବ । ଓଃ, ଚାଉଳ କିଣିବାକୁ ଆସିଛନ୍ତି ! ତୁ କେତେକର ଚାଉଳ ନେବାକୁ ଆସିଥିଲୁ ରେ ?'—ସମ୍ମୁଖରେ ଗୋଟିଏ ଲୋକକୁ ଚାହିଁ ରଥେ ପଚାରିଲେ ।

ତା'ର ଖିନ୍ନବିହ୍ୱଳ ମୁଖରେ କ୍ଷଣକ ପାଇଁ ଆଶାର ସଞ୍ଚାର ହେଲା । ଛିନ୍ନ ପରିଧେୟ ଖଣ୍ଡିର ଏକ ପ୍ରାନ୍ତରୁ ବହୁ ଗ୍ରନ୍ଥି ମୁକ୍ତ କରି ଥରଥର ହାତରେ ଚାରିଟି ପଇସା କାଢ଼ି ସେ ଦେଖାଇଲା ।

'ଆଣିଲୁ, ଆଣିଲୁ କେତେ ଧନ ଆଣିଚୁ !' ଲୋକଟି ଆଶାପୂର୍ଣ୍ଣ ଅନ୍ତରରେ ତା'ର ଆଜ ଦିବସର ସମ୍ବଳ ସେହି ଚାରିଟି ପଇସା ରଥଙ୍କ ହାତକୁ ବଢ଼ାଇଦେଲା । ରଥେ ପାପୁଲି ଉପରେ ପଇସା

ଚାରିଟି ରଖି ବ୍ୟଙ୍ଗସ୍ୱରରେ କହିଲେ, 'ଚାରି ପଇସା । ଓଃ ଚାରି ପଇସାର ଚାଉଳ ନେବେ ଏ ! କାହିଁରେ ନେବୁ ରେ—ଆଖି ସନ୍ଧାରେ ନା ନଖ କଣରେ ମ ?'

ପଇସା ଚାରିଟି ଅଣ୍ଟାରେ ମାରି କହିଲେ, 'ବାହାର ବାହାର—ଚାରି ପଇସାର ଚାଉଳ ନେବାକୁ ଆସିଚ । କଣ ମାଟି ଗୋଡ଼ି ହୋଇଚ କରେ !'

ଲୋକଟା ତାର ଏତେ ବଡ଼ ସମ୍ବଳ ହରାଇ ଚତ୍କାର କରି ଉଠିଲା, 'ମୋ ପଇସା !' ତାର ପାଟି ଖନ ମାରିଗଲା—ଭୟରେ କଥା କହି ପାରିଲା ନାହିଁ ସେ ।

'ଚୁପ୍ ଚୁପ୍—ଦେଖୁଚୁଟିକି ?' ରଥେ ହସ୍ତସ୍ଥିତ ଲଗୁଡ଼କୁ ଦେଖାଇ କହିଲେ । ସେ ଲୋକଟିର ଦୁର୍ଦ୍ଦଶା ଦେଖି ଅନ୍ୟମାନେ କମ୍ପିତ ପାଦରେ ପ୍ରତ୍ୟାବର୍ତ୍ତନ କଲେ ! ଲୋକଟି ମଧ୍ୟ ପ୍ରହାର ଭୟରେ ସେମାନଙ୍କର ଅନୁଗାମୀ ହେଲା । ରଥେ ସେମାନଙ୍କୁ ବିଦାୟ ଦେଇ ଘରକୁ ବାହୁଡ଼ିଲେ । କେବଳ ତାଙ୍କ ପଶ୍ଚାତରେ ଦୂରରୁ ଦୂରତର ହୋଇ ଗୋଟାଏ ବିଳାପ ଧ୍ୱନି ଶୁଣାଗଲା, 'ମୋ ପଇସା !' ରଥଙ୍କ କାନରେ ସେ ଶବ୍ଦ ଶୁଣାଗଲା । ଗୁହ୍ମୁଖୀ ହୋଇ ସେ ହସି ହସି କହିଲେ, 'ତୋ ପଇସା—ତୋ ବୋପାର ପଇସା, କକାର ପଇସା ।'

'ଟଙ୍କାକୁ ସେରେ ! ଚାଲି ଆସ ରେ ଚାଲି ଆସ । ଅଧସେରକୁ ଆଠଅଣା, ପାଆକୁ ସୁଉକାଏ ! ଆଣ, ଆଣ, ଆଗେ ପଇସା ଆଣ । ତୋର କେତେ ? ଆଠ ଅଣା ? ଟଙ୍କାଏ ? ଏ କଅଣ ରେ, ଦ' ଅଣା ପଇସାର କେତେ ଚାଉଳ ନେବୁ ତୁ ? ଅଧପାଏ ?

ମାପି ମାପି ମୋର ହାତ ଘୋଳହୋଇ ପଡ଼ିବ । ଆଉ ପଇସା ନାହିଁ ? ଆଚ୍ଛା ତୁ ନେ, ଉଠେ ଏଇ ପୋଷ ମାଘରେ ଦେବା । ଚୁପ୍, ଚୁପ୍, ଠେଲଠେଲି ହୁଅ ନାହିଁ । ଖବରଦାର—ବାଉଁଶ ଅଡ଼ା ଯେ ଡେଇଁବ, ସେ ଆଗ ଏଇ ଠେଙ୍ଗାକୁ ଦେଖିଥା ! କଣ୍ଟି ? ଖଡ଼ୁ ? ଏ କଣ ଭଲ ରୂପା ନା ? ଠିକ୍ ଶୁଦ୍ଧ ତ ? ଦେଖିବୁଛି ରେ ମାଧ !'

ରଥେ ସକାଳୁ ଚାଉଳ ବଣ୍ଟିରେ ଲାଗିଛନ୍ତି, ଚାଉଳପାଖେ ବାଉଁଶ ଅଡ଼ା ଚାଉଳପାଖ ଘେରି ଲୋକ ଜମା ହୋଇଛନ୍ତି । ପଛପଟର ଜନତା ଆଗକୁ ଠେଲୁଛି । ଆଗପଟ ଲୋକେ ବହୁ କଷ୍ଟରେ ଚାଉଳ ନେଇ ଭିଡ଼ ଠେଲି ବାହାରି ଯାଉଛନ୍ତି । ମଝେ ମଝେ ଜନତା ଭିତରୁ କୋଳାହଳ ଉଠୁଛି । ରଥଙ୍କର ସନ୍ତାନ ନାଥିରଥ ଦୁଇଟା ବେତ ଧରି ଅନଶନଚପ୍ତ ମସ୍ତକଗୁଡ଼ିକ ଉପରେ ପ୍ରହାର କରୁଛି । ରଥଙ୍କ ନିକଟରେ ମାଧସାହୁ ବଣିଆ ବସିଛି—ସୁନା ରୁପାର ଅଳଙ୍କାର ଯେତେ ଆସୁଛି, ନିଜ ହାତରେ ସେ ବସି ସୁନା ରୁପା ପରୀକ୍ଷା କରୁଛି । ଆଉ ପାଖରେ ସିନ୍ଧୁ ପଟ୍ଟନାୟକ ଚଷମା ଦେହରେ ସୂତା ବାନ୍ଧି ଦୁଇ କାନରେ ଦଉଡ଼ି ଗୁଡ଼ାଇ ଦେଇ ସିଟାମ କଲମ ଧରି ବସିଛନ୍ତି । ଯାହାର ଜମି ଦେବାର କଥା, ସେଇଠାରେ ତାଙ୍କର ଲେଖାପଢ଼ି ଚାଲିଛି । ପାଁସେର ଚାଉଳକୁ ମାଣେ ଜମି । ଶ୍ୟାମ ରଥେ ଖରି ଚାଲାକ୍ ଲୋକ; ଅସଲ ବେଳକୁ ଧାନ ଚାଉଳତକ ସାଇତି ରଖିଛନ୍ତି । ଯେଉଁମାନେ ଆଗରୁ ସବୁ ସଞ୍ଚିତ ଶସ୍ୟ ବିକ୍ରୟ କରି ଦେଇଛନ୍ତି ଏବଂ ଯେଉଁମାନଙ୍କର ବିକ୍ରୟ କରିବାକୁ ଘରେ କିଛି ନାହିଁ, ସେମାନେ ମନେ କରୁଛନ୍ତି—ଓଃ, ଶ୍ୟାମ ରଥର ଏଥର କପାଳ [illegible] । ଗୁଣ୍ଡେ ବୋଲି ଜମି ନ ଥିଲା । ଖାଲି ରଜମାଙ୍କ ପଇସା, ଚାଉଳ ଭରି ଜମି କିଛି ଖରିଦ କରି ଏତିକି ବେଳକୁ ଧାନ

ଗୁଜଳ ସାଇତି ରଖିଥିଲି ଯେ, ଏବେ ଦେଖ ଖାଲି ପାଣି ପଡ଼ି ତାର ସମ୍ପତ୍ତି ମାଡ଼ି ଯାଉଛନ୍ତି । ଖୋଦା ଯବ୍ ଦେତା, ଛପର୍ ଫାଡ଼୍‌କେ ଦେତା ।'

ଟଙ୍କାଏ ଆଠଅଣାରେ ଖରିଦ କରିବା ଲୋକ ଅତି ଅଳ୍ପ । ଶେଷରେ ଦୁଇଅଣା, ଏକଅଣା ବାଲା ଅଧିକ ସଂଖ୍ୟାରେ ଜମା ହୋଇଗଲେ । ରଥେ କାହାକୁ ପୋଷେ, କାହାକୁ ମୁଠାଏ, କାହାକୁ ଆଦୌ କିଛି ନ ଦେଇ ନଥିକୁ ଆଖି ମାରି ବଦାୟ କରି ଦେଉଥାନ୍ତି । ପ୍ରହାର ଭୟରେ ଲୋକ ଗୁଡ଼ିକ ଧୁଖି ଧୁଖି ଯାଉଥାନ୍ତି । ପୁଣି ଟିକିଏ ଅବସର ପାଇଲେ ବାଉଁଶ ଅଡ଼ାର ଗୃହପାଖରେ ରୁଣ୍ଡ ହୋଇ ଯାଉଥାନ୍ତି; ଗୃହପଇସା ଦୁଇଅଣା ଦେଇ ଯେଉଁମାନେ ପୋଷେ କିମ୍ବା ମୁଠିଏ ଗୁଜଳ ପାଇଲେ, ସେମାନେ ତତ୍‌କ୍ଷଣାତ୍ ତାହା ଉଦରସାତ୍ କରି ପୁନଶ୍ଚ ରଥଙ୍କର ସ୍ତୂପୀକୃତ ଗୁଜଳ ଉପରେ ଲୋଲୁପ ଦୃଷ୍ଟି ପକାଇ ଠିଆ ହୋଇ ରହନ୍ତି । ବିନା ପଇସାରେ ଗୋଟିଏ ମାତ୍ର ତଣ୍ଡୁଳ ମିଳିବାର ଭରସା ନ ଥିଲେହେଁ ଅକାରଣରେ ସେମାନେ ରହିଁ ରହନ୍ତି । ଅନ୍ୟ ଦିଗରେ ଯିବାର ସେମାନଙ୍କର ଉଦ୍‌ବେଗ ନାହିଁ । ଯେଉଁମାନଙ୍କର ଗୃହ ମଧ୍ୟରୁ ସ୍ତ୍ରୀ କନ୍ୟା ଆସି ପାରିବେ ନାହିଁ, ସେମାନେ ମଧ୍ୟ ଘରକୁ ଫେରି ଯିବାକୁ ଭଜ ବୁହନ୍ତି । କାହିଁକି ଯିବେ ? ସବୁତକ କଣା ଗୁଜଳ ତ ନଙ୍କର ମୁଖ ମଧ୍ୟରେ । ଘରକୁ ଗଲେ ଯେ ସ୍ତ୍ରୀ ଶିଶୁମାନଙ୍କର ତାଡ଼ନା ବାହାର ଅପେକ୍ଷା ଅଧିକ ।

ରଥଙ୍କର ବିକ୍ରୟ ସ୍ଥାନରେ ସ୍ତ୍ରୀପୁରୁଷମାନଙ୍କ ପାଇଁ ପୃଥକ୍ ବନ୍ଦୋବସ୍ତ ନାହିଁ । ଜନନୀସବୁ ସନ୍ତାନମାନଙ୍କୁ କୋଡ଼ରେ ଧରି ଆସନ୍ତି ଏବଂ ଜନତାର ସଂଘର୍ଷରେ ନର୍ଗୀବ ଶିଶୁଗୁଡ଼ିକ ଚିତ୍କାର

କର ଉଠନ୍ତି । ସଙ୍ଗେ ସଙ୍ଗେ ଜନତାର ମସ୍ତକରେ ନଥି ରଥଙ୍କର ପ୍ରହାର ଅନୁଭୂତ ହୁଏ । କାହାର ହାତରୁ ଯଦି କଣା ଶୃଙ୍ଖଳ ମଧ୍ୟରୁ କିଛି ଅଂଶ ଦୈବାତ୍ ଖସି ଭୂତଳରେ ପଡ଼ିଗଲା, ତେବେ ସଙ୍ଗେ ସଙ୍ଗେ ପାର୍ଶ୍ୱବର୍ତ୍ତୀ ଦଶ ବାରଟି ମସ୍ତକ ତାହାର ଉପରେ ଝୁଲିପଡ଼େ । ଉତ୍ତରିତ ହସ୍ତ ପଦର ଖସ୍ ଖସ୍ ଶବ୍ଦ ଶୁଣାଗଲା ଏବଂ ଦୁଇ ଚାରିଟି ଶୃଙ୍ଖଳ ସହ ମୁଠିଏ ମୁଠିଏ ଧୂଳି ପ୍ରତ୍ୟେକେ ଗର୍ଭସାତ୍ କରିଦେଲେ । ପୁନଶ୍ଚ ମସ୍ତକ ଉତ୍ତୋଳନ କରିବା କାଳରେ ସଙ୍ଗେ ସଙ୍ଗେ ନଥି ରଥଙ୍କର କ୍ରୋଧଦୃପ୍ତ ପ୍ରହାର ଠକ୍ ଠକ୍ ହୋଇ ମସ୍ତକରେ ବର୍ଷିତ ହେବାକୁ ଲାଗିଲା ।

ଚର୍ମସାର ଶତ ଶତ ଅସ୍ଥିମୟ ରୂପ ଏହିପରି ପ୍ରତିଦିନ ଶ୍ୟାମ ରଥଙ୍କ ଦ୍ୱାରରେ ରୁଣ୍ଡ ହୁଏ—ପ୍ରହାର ସହେ, ଚିତ୍କାର କରେ—ପୁଣି ରୁଣ୍ଡ ହୁଏ । ନାରୀ ଅଙ୍ଗକୁ ଆବୃତ କରିବାକୁ ବସନ ମିଳେ ନାହିଁ, ଶିଶୁର ମସ୍ତକ ରୌଦ୍ରତାପରେ ଦଗ୍ଧ ହୋଇଯାଏ, ପ୍ରତ୍ୟେକ ପୁରୁଷ ନାରୀ, ଶିଶୁ ବୃଦ୍ଧ—ପ୍ରତ୍ୟେକର ହାତପାଦ ଦର-ପୋଡ଼ା କାଠର ସରୁଆ ଅଗ ପରି କେବଳ ଅଙ୍ଗାରରେ ପରିଣତ—ତାହାକୁ ତୁଳନା କରିବା ପ୍ରତ୍ୟେକ ପୁରୁଷ ନାରୀ ପକ୍ଷରେ କଷ୍ଟକର—ଲଜ୍ଜା ନାହିଁ, ଅପମାନ ନାହିଁ । କେତେ ପୁରୁଷ ଶିଶୁ ନାରୀ ଶ୍ୟାମ ରଥଙ୍କ ଦ୍ୱାରରେ ପ୍ରାଣ ହରାନ୍ତି, ତଥାପି ସେହି ଚର୍ମାବୃତ ଶତ ଶତ ଅସ୍ଥିମୟ ରୂପ ପ୍ରତିଦିନ ରୁଣ୍ଡ ହୁଅନ୍ତି—ପ୍ରହାର ସହନ୍ତି, ଚିତ୍କାର କରନ୍ତି—ପୁଣି ମଧ୍ୟ ରୁଣ୍ଡ ହୁଅନ୍ତି ।

ରଥଙ୍କ ଶୃଙ୍ଖଳ ଅଡ଼ାରୁ ଗୋଟି ଗୋଟି ହୋଇ ଲୋକେ ବିଦାୟ ନେଇଗଲେ । ପ୍ରଭାତର କୋମଳ ସ୍ୱପ୍ନ ପୃଥିବୀରୁ ଅପସରି ଗଲା । ସୂର୍ଯ୍ୟ ଧୀରେ ଧୀରେ ଆକାଶର ମଧ୍ୟ ସ୍ଥଳକୁ ଉଠିଲା,

ଯାହାଙ୍କର ଗୁଡ଼ଲ କିଣିବାର କ୍ଷମତା ନାହିଁ ଏବଂ ଯେଉଁମାନେ ଅଳ୍ପ ପରିମାଣରେ କିଣି ତାକୁ ସେହି ସ୍ଥାନରେ ଭକ୍ଷଣ କଲେ, ସେହି-ମାନେହିଁ ଅକାରଣରେ ଗୁଡ଼ଲ ଆଡ଼କୁ ଚାହିଁ ରହିଲେ । ରଥେ ମାଧ ସାହୁ ଓ ସିନ୍ଧୁ ପଟ୍ଟନାୟକଙ୍କର ପାରିଶ୍ରମିକ ସ୍ୱରୂପ ସେମାନଙ୍କୁ କିଛି କିଛି ଗୁଡ଼ଲ ଦେଇ ବିଦାୟ କରିଦେଲେ ଏବଂ ନିଧିକୁ ଡାକି କହିଲେ, 'ନିଧି ରେ, ନେ ବାପା, ଏଥର ଗୁଡ଼ଲତକ ବନ୍ଧାବନ୍ଧି କରି ଘରକୁ ଚାଲ ।' ଗାମୁଛା କାନରେ ବୁଜୁଳାଟିଏ ଟଙ୍କା ପଇସା ଓ ସୁନା ରୂପା ଧରି ରଥେ ଗୃହକୁ ଫେରିବା ପାଇଁ ଉଦ୍ୟତ ହେଲେ । ଏହି ସମୟରେ ଗୋଟାଏ ଲୋକ କ୍ରୟ କରିବା ଉଦ୍ଦେଶ୍ୟରେ ଅଡ଼ା ଭିତରକୁ ହାତଟିଏ ବଢ଼ାଇଦେଲା ।

ରଥେ ପଚାରିଲେ, 'କେତେ ପଇସାର ନେବୁ ରେ ?' ଲୋକଟି ଶୁଖିଲା ମୁହଁରେ ଉତ୍ତର କଲା, 'ଚାରିପଇସା ।'

'ଆଣ ଆଣ, ପଇସା ଆଣ, ଆଉ ବସିପାରିବା ନାହିଁ ।'

ଲୋକଟି କୌଣସି ଉତ୍ତର କଲା ନାହିଁ । କେବଳ ସେହିପରି ହାତଟିକୁ ବଢ଼ାଇ ଦେଇ ଉଭା ହୋଇ ରହିଲା ।

ରଥେ ତା'ର ମୁହଁକୁ ଚାହିଁ କହିଲେ, 'କି ରେ, ନବୁ ଯେବେ ପଇସା ବାହାର କର ।'

ଲୋକଟି କ୍ଷୀଣ ଗଳାରେ କହିଲା, 'ପଇସା କାଲି ଦେଇଛି ।' 'କାଲି ଦେଇଚୁ ? ବୋପାକୁ ନା କକାକୁ ?' ସେ କିନ୍ତୁ ଦମ୍ଭରେ ଉତ୍ତର କଲା, 'ତମକୁ ।'

ସକାଳୁ ସ୍ନାନାହାର ନାହିଁ, ବାରଲୋକଙ୍କ ସଙ୍ଗରେ ଭଟ ଭଟ ହୋଇ ରଥଙ୍କର ମନ ବିରକ୍ତ ହୋଇଉଠିଥିଲା । ପାଖାନ୍ତୁ ବାଡ଼

ଖଣ୍ଡ ଉଠାଇ ରଥେ ତାର ହାତରେ ସଜୋରରେ ଆଘାତ କଲେ । କର୍ତ୍ତିତ ସର୍ପଲାଞ୍ଜ ପରି ହାତଟା ତାର ଛଟ ଛଟ ହୋଇଗଲା ଏବଂ ମୁଖରୁ-କୁତ୍ସିତ ଚିତ୍କାର ଉଠିଲା । ପ୍ରାଣବିକଳରେ ସେ ରଥଙ୍କ ସହିତ କେତେଟା ଭଲ ସମ୍ବନ୍ଧ ସ୍ଥାପନ କରିବାକୁ ଯାଉଛି, ତାଙ୍କର କୁଳ ନନ୍ଦନ ନିଧି ଲମ୍ବ ଲମ୍ବ ବେତ ଦୁଇଖଣ୍ଡ ଉପରକୁ ଟେକି ଅତି ସହଜରେ ନିଜର ଶାରୀରିକ ଶକ୍ତି ଦେଖାଇବାକୁ ଧାଇଁ ଆସିଲା । ଲୋକଟା ଦେହପାଦ ସଙ୍କୁଚିତ କରି ବସି ପଡ଼ିଲା ସେଇଠି ?

ରଥେ ମୃଦୁହାସ୍ୟ କରି ନିଧିକୁ ଡାକିଲେ, 'ଆରେ ଆରେ ମରିଯିବରେ, ବଞ୍ଚେଇ କରି ମାର ।'

ନିଧି କିନ୍ତୁ ସର୍ବ ସମକ୍ଷରେ ନିଜର ଶକ୍ତିମତ୍ତାର ପରିଚୟ ଦେବାକୁ ଏକ ଲମ୍ଫରେ ତାହା ନିକଟରେ ପହଞ୍ଚିଲା । କେବଳ ମାରିବାକୁ ଉଦ୍ୟତ ହେଲା ବେଳକୁ ତାର ହସ୍ତ ସ୍ଖଳିତ ହେଲା-ନାହିଁ । ସମ୍ମୁଖରେ ଦେଖିଲା ମୁକ୍ତାଗଡ଼ର ରାଜା ଶୁଭକାନ୍ତ ଦଣ୍ଡାୟ-ମାନ—ନିକଟରେ ସନାତନ !

ଶୁଭକାନ୍ତ ତୀକ୍ଷ୍ଣ ଦୃଷ୍ଟିରେ ନିଧିର ମୁଖକୁ ଚାହିଁ ପଚାରିଲେ, 'ତୁମ ନାମ କଣ ?'

ନିଧି ବିନୀତ ସ୍ୱରରେ କହିଲା, 'ମୋ ନାଁ ନିଧି ରଥ ।' ପ୍ରହାର-ଖାଇ ଉପବିଷ୍ଟ ପୁରୁଷଟି ଶୁଭକାନ୍ତର ପଦତଳେ ପଡ଼ିଯାଇ କାନ୍ଦି ଉଠିଲା, 'ମଣିମା !'

ସନାତନର ଗମ୍ଭୀର ସ୍ୱର ଶୁଣାଗଲା, 'ଏ, ଉଠି ବସ୍ ।' ମନୁଷ୍ୟ ପଦତଳେ ମନୁଷ୍ୟ ପଡ଼ିବ, ଏ ଦୃଶ୍ୟଟା ସନାତନ ଚକ୍ଷୁରେ ଅସହ୍ୟ । ଲୋକଟା ମଧ୍ୟ ସେ ଶବ୍ଦରେ ସନ୍ତ୍ରସ୍ତ ହୋଇ ଉଠି ବସିଲା ।

ଏହି ଅବସରରେ ଶ୍ୟାମ ରଥ ନିକଟବର୍ତ୍ତୀ ହୋଇ ଆସି କହିଲେ, 'ମଣିମାଙ୍କର ପାଦ ମୋ ଦୁଆରେ—କଣ ବଢ଼ୁର ।'

ରଥେ ମଣିମାଙ୍କୁ ଆଦରରେ ଗୃହ ଦ୍ୱାରକୁ ପାଛୋଟି ନେବା ପାଇଁ ନିଧି କାନରେ ଧୀରେ ଧୀରେ କହିଲେ, 'କରେ ଯାରେ—ବୋକାଙ୍କ ପର ଗୃହଁ ରୁ କଣ ? ଦୁଆର ମୁହଁରେ ଆସନ ଖଣ୍ଡ ପକେଇ ଦେ । ପାଣି ଢାଳେ ମଗାଇ ଆଣ ।'

ଶୁଭକାନ୍ତ କହିଲେ, 'ନାହିଁ ରଥେ, କିଛି ଦରକାର ନାହିଁ—ମୁଁ ଗୋଟିଏ ଜରୁରୀ କାମରେ ଆସିଚ । ଠିଆ ଠିଆ ଦୁଇ ଗୁଟିପଦ କଥା କହି ଫେରିଯିବ ।'

ଶ୍ୟାମ ରଥେ ଅତି ନିରୀହ ରୂପରେ କାକୁସ୍ଥ ହୋଇ ଠିଆ ହେଲେ । ଯେପରି ମଣିମାଙ୍କ ଆଦେଶକୁ ସେ ଅପେକ୍ଷା କରି ରହିଛନ୍ତି ।

'ଦେଖ ରଥେ, ଏ ଅସମୟରେ ଲୋକଙ୍କୁ ତୁମେ ହଇରାଣ କରୁଛ, ଏଇଟା ତୁମର ଭଲ ହେଉନାହିଁ ।'

ରଥେ ବିସ୍ମିତ ହୋଇ କହିଲେ, 'ଲୋକଙ୍କୁ ହଇରାଣ କରୁଚି, ଆଜ୍ଞା ? ଘରେ ଯାହା ଥିଲା ସବୁ ଆଣି ତ ଲୋକଙ୍କ ଆଗରେ ମେଲି ଦେଇଚି ।'

ସନାତନ କହିଲା, 'କଣ ବିନା ପଇସାରେ କାହାକୁ ଦଉଚ ?'

ରଥେ ଭ୍ରୂକୁଞ୍ଚିତ କରି ସନାତନର ମୁଖକୁ ଚାହିଁଲେ—'ବିନା ପଇସାରେ ନୁହେଁ ତ—ଆଉ କଣ ହେ, ଦି'ପଇସା ଚାରି ପଇସାର ସୁଉଲ ଆଜି କାଲିରେ କିଏ ବିକୁଚି କହିଲ ? ଘରୁ ଧାନ

ଦେବ ପଇସା ନେବ ନାହିଁ ? ମୋର ଝାଲବୁହା ମାଲ, ପଇସା ନେବ ନାହିଁ ? କାହା ବୋପା ଗଣ୍ଡି କ ?'

ସନାତନ କହିଲେ, 'ହିଁ ରଥେ, ଠିକ୍ କହିଚ । ଗୁରପାଖେ ଏହି ଯେତେ ଶୁଖିଲା ମୁହଁ, କୋଠର ଆଖି ଦେଖୁଚ, ଏହିମାନଙ୍କର ବୋପା ପଣବୋପାଙ୍କ ଗଣ୍ଡି ସେ; ତୁମ ଝାଲବୁହା ମାଲ ନୁହେଁ, ତାଙ୍କର ଝାଲବୁହା ମାଲ ସେ ।'

ରଥେ ସନାତନକୁ ଏଥିପୂର୍ବେ ଜାଣି ଅଛନ୍ତି । ଆଉ ଗାଁର ପାକ୍ଷିତଙ୍କ ପୁଅ ସେ; କିନ୍ତୁ ଶୁଭକାନ୍ତଙ୍କ ସମକ୍ଷରେ ସେ କିଛି କହି ପାରିଲେ ନାହିଁ । ପୂର୍ବୋକ୍ତ ଲୋକଟି ଚିତ୍କାର କରି ଉଠିଲା, 'ମଣିମା, ମୋ ପଇସା ।'

ଶୁଭକାନ୍ତ ଲୋକଟିକୁ ଚାହିଁ ପଚାରିଲେ, 'ତୋର କି ପଇସା ରେ ?'

'ଗୁଡ଼ର ପଇସା ।'

'କଣ ହେଲା ?'

ରଥଙ୍କ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରି ସେ କହିଲା, 'ସେ ନେଇଛନ୍ତି ।'

'କଣ ଗୁଡ଼ଲ କିଣିବାକୁ ଆସିଥିଲୁ ?' 'ଆଜ୍ଞା' କହି ଲୋକଟି ନୀରବ ହେଲା । ଶୁଭକାନ୍ତ କହିଲେ, 'ଦିଅ ରଥେ, ତାକୁ ଗୁଡ଼ଲ ଦିଅ ।'

ରଥେ ନିଧିକୁ ଡାକଲେ, 'ଆରେ ନିଧି, ଗୁଡ଼ଲ ମୁଠାଏ ଆଣିଲୁ ।'

ଶୁଭକାନ୍ତ ଦୃଢ଼ ସ୍ୱରରେ କହିଲେ, 'ନା ନା, ମୁଠାଏ ନୁହେଁ । ପାଏ ଚାଉଳ ତାକୁ ଦିଅ ।'

ଶ୍ୟାମ ରଥେ ଅଳ୍ପ ହସି କହିଲେ, 'ଆଜ୍ଞା, ପାଏ ଚାଉଳକୁ ଚାରି ଚାରଣା ପଇସା । ହଉ, ହଉ, ମଣିମାଙ୍କର ଦୟା ହେଲାଣି । ଆଣ ରେ ନଧି, ପାଏ ଚାଉଳ, ମଣିମାଙ୍କ କଥା ରହୁ ।'

ଶୁଭକାନ୍ତ କହିଲେ, 'ଏତିକରେ ହେବ ନାହିଁ ରଥେ ! ଆଉ ଥର ତୁମେ ମୋ ଆଗରେ ଗୋଟିଏ ମିଛ କଥା କହୁଛ । ଘର ଭିତରେ ଧାନ ଚାଉଳ ଜମା ରଖି ବିକି କରୁଚ । କେନ୍ଦ୍ରକୁ କିଛି ସାହାଯ୍ୟ କରିବା ପାଇଁ କହିବାରୁ ମନାକଲ ।'

'ନାହିଁ ଆଜ୍ଞା, ଘରେ ତ ମୋର ଓଳିଏ ଖାଇଲେ ଓଳିଏ ଉପାସ । ମାଗିଯାଚି ଚଳିବା କଥା । ଖାଲି ଯଜମାନ ଚାଉଳ ଗଣ୍ଡାଏ ଘୁମ ଭିତରେ ପଡ଼ିଥିଲା ଯେ, ତାକୁ ଏ ଲୋକଙ୍କର ବିକଳ ଦେଖି ବଳେ ଅଧେ କାଢ଼ି ବିକି କରିଦେବା କଥା ।'

ସନାତନ କହିଲା, 'ଆଚ୍ଛା ହେଉ, ଘରଭିତର ଦେଖିଦେଲେ ତ ସନ୍ଦେହ ତୁଟିଯିବ ?'

ସନାତନର ରୁକ୍ଷ କଥାରେ ରଥେ ଉତ୍ତେଜିତ ହୋଇ କହିଲେ, 'ଏଡ଼େ ବଡ଼ପ କାହାର ହେ, ଘର ଭିତରେ ପଶିଯିବ । ଏ ପରା ଇଂରେଜୀ ଅମଳ ।'

ସନାତନ ଘୃଣାରେ ଭ୍ରୂକୁଞ୍ଚିତ କରି କହିଲା, 'ସତ କଥା ରଥେ, ଇଂରେଜୀ ଅମଳ ଖାଲି ତୁମରିମାନଙ୍କ ପାଇଁ । ଏ ବଡ଼ମଣ୍ଡା ଭୋକୀ ଶୋଷୀ ଗୁଣ୍ଡାଙ୍କର ଇଂରେଜୀ ଅମଳ ମରଠା ଅମଳ ସବୁ

ସମାନ । ଜଗତରେ ବଞ୍ଚିରହିବାର ଅଧିକାର ଖାଲି ତୁମରିମାନଙ୍କର ରଥେ, ଏ ଅର୍ଦ୍ଧାହାରୀ ଲୋକଗୁଡ଼ାକ କେବଳ ମରଣର ଉପଯୋଗୀ ।'

'କାହିଁକି ଏ ବାଚାଳକ ଗୁଡ଼ାକ କରୁଚ ହେ । ଆମେ କଣ କାହାକୁ ଭିକ ମାଗିବାକୁ, ଉପାସ ରହିବାକୁ ନା ମରିବାକୁ କହି ଦେଇଚୁ ? ଖାଲି କଥା ଦପଦ କହି ଆସେ ବୋଲି କୁହାଳଆ ଦେଖଉଚ ନା କଣ ?'

ଶୁଭକାନ୍ତ ମଧ୍ୟ ସ୍ଥଳରେ କହିଲେ, 'ନାହିଁ, ଏଥିରେ ତ କଳିଗୋଳର କିଛି କଥା ନାହିଁ ।'

ରଥେ ରାଜାଙ୍କ ପ୍ରତି ଏକାନ୍ତ ବାଧ୍ୟତା ପ୍ରଦର୍ଶନ କରି କହିଲେ, 'ସେହି କଥା ଆଜ୍ଞା, କିଏ କାହାକୁ ଦଉଚି, ନା କାହାଠାରୁ ନେଉଚି —କଳିଗୋଳରେ ଦରକାର କଣ ।'

'କିନ୍ତୁ ରଥେ, ଲୋକେ ଯାହା ହେଉଲେଣି, ଘରେ ପଶିବା ତ ବିଚିତ୍ର ନୁହେ ।'

ରଥେ ଜାଣନ୍ତି ଲୋକେ ଯାହା ହୁଅନ୍ତୁ ନା କାହିଁକି, ଶୁଭକାନ୍ତ କାଲି ରାଜଗାଦି ଉପରକୁ ଗଲେ ଚକ୍ଷୁର ଇଙ୍ଗିତ ମାତ୍ରକେ କେତେ ଶ୍ୟାମ ରଥଙ୍କର ଗୃହରୁ ତ ଶୃଙ୍ଖଳ ଶୂନ୍ୟ ହୋଇଯିବ, ଶୂଳ ରହିବ କି ନା ସନ୍ଦେହ । ସେ ନମ୍ରତା ଦେଖାଇ କହିଲେ, 'ହଉ ଆଜ୍ଞା, ଏତେ କଥାରେ ଫଳ କଣ, ହଜୁରଙ୍କ ସବାରି ବିଜେ ହେଉ । ମୁଁ ଏହି ରାତି ନ ପାଉଣୁ ସାହାଯ୍ୟ ଥାନକୁ କିଛି ଶୃଙ୍ଖଳ ପଠାଇ ଦେବି ।'

ସନାତନ ପଚାରିବାକୁ ଯାଉଥିଲା, କେତେ ଚାଉଳ ? କିନ୍ତୁ ଶୁଭକାନ୍ତ ତାକୁ ବାରଣ କରି ଦେଲେ । ଶ୍ୟାମ ରଥ ଘର ଲୋକ ଯେଉଁଠାରେ ଏତେ ଦୂରକୁ ଆସିଲେଣି, ସେଠାରେ ଆଉ ଅଧିକ ଦାବୀ କରିବାଟା ନିରାପଦ ନୁହେଁ ବୋଲି ଶୁଭକାନ୍ତ ଜ୍ଞାନ କଲେ । କିନ୍ତୁ ସନାତନ ଭାବିଲା, ଏ ଦାବୀ ତ ଅନ୍ୟାୟ ନୁହେଁ । ଯେଉଁ-ମାନଙ୍କର ପୈତୃକ ଧନ ଶ୍ୟାମ ରଥଙ୍କର ଗୃହ ପୂର୍ଣ୍ଣ କରିଛି, ଯେଉଁମାନଙ୍କର ଅନଶନ ଶ୍ୟାମ ରଥଙ୍କ ପରିବାରର ଉଦରପୂର୍ତ୍ତି କରୁଛି, ଯେଉଁମାନଙ୍କର କାୟକ୍ଲେଶ ଶ୍ୟାମ ରଥଙ୍କୁ ଆରାମରେ ବସାଇଛି; ଯେଉଁମାନଙ୍କ ମୁଖରୁ ଶ୍ୟାମ ରଥ ହାସ୍ୟ ଚୋରି କରି ନେଇଛନ୍ତି, ସେମାନଙ୍କର ଏ ଦାବୀ ତ ସହଜ, ଜନ୍ମଗତ ଦାବୀ !

# ଅଷ୍ଟମ ପରିଚ୍ଛେଦ

ଶୁଭକାନ୍ତ ସନାତନ ସହିତ କୁଟୀରକୁ ଫେରିଲେ । ପ୍ରଖର ମଧ୍ୟାହ୍ନ କାଳ । ସମ୍ମୁଖରେ ସୁବିସ୍ତୃତ ଶସ୍ୟହୀନ କ୍ଷେତ୍ରରାଶି ବୈଧବ୍ୟର ବିକଳ ରୂପ ଧାରଣ କରି ଅଚେତନ । ପଥ ଘାଟ ଜନଶୂନ୍ୟ । ରୌଦ୍ରତାପରୁ ରକ୍ଷା ପାଇବା ଲାଗି ଗୃହହୀନ ବୃକ୍ଷର ଛାୟା ଆଶ୍ରୟ କରିଅଛି । କେବଳ ଏହି ଦୁଇଟି ବନ୍ଧୁ ସମସ୍ତ ରୌଦ୍ରତାପ ମସ୍ତକରେ ବହନକରି କେନ୍ଦ୍ର ଅଭିମୁଖରେ ଯାତ୍ରା କରୁଅଛନ୍ତି । ଗ୍ରାମ-ସୀମାନ୍ତୁ ବୁଭୁକ୍ଷର ଆର୍ତ୍ତ ଚିତ୍କାର ରହି ରହି ଭାସି ଆସୁଅଛି ଏବଂ ଅଦୂରରେ ଶ୍ମଶାନରୁ ଗୃଧ୍ରର ବିକଟ ରବ ! ଶ୍ମଶାନ ଉପରକୁ ଦୃଷ୍ଟି ପକାଇ ଶୁଭକାନ୍ତ ଦେଖିଲେ, ଅସଂଖ୍ୟ ଗୃଧ୍ର ଶୃଗାଳ ପରମ ତୃପ୍ତି ସହ ମାନବ-ମାଂସ ଭକ୍ଷଣ କରୁଛନ୍ତି । ମୃତ ମାନବ ପରି ଏକାନ୍ତ ବନ୍ଧୁ ଯେପରି ତାର ଜଗତରେ ଆଉ ଦ୍ୱିତୀୟ ନାହିଁ ! ବକ୍ଷଦେଶରେ ବସି ତା'ର ହୃତପିଣ୍ଡ ଟାଣି ଆଣୁଛି । ତାର ଅନ୍ତନାଡ଼ୀ ଚଞ୍ଚୁରେ ଧରି ମନ୍ଥର ଗତିରେ ନାଚି ନାଚି ଯାଉଛି ।

ଶୁଭକାନ୍ତ ଭାବୁଛନ୍ତି—ଗୃଧ୍ର ଶୃଗାଳ ! ସେ ତ ମୃତ ମାନବର ମାଂସ ଭକ୍ଷଣ କରେ । କିନ୍ତୁ ଜୀବନ୍ତ ମାନବକୁ ଯେ ମୃତ ଶବ ପରି ଅପରି ମାନଙ୍କ ବ୍ୟବହାର କରେ ! ପଳେ ପଳେ ତା'ର ରକ୍ତ ମାଂସ ଭକ୍ଷଣ କରେ !

ମାରବତା ଭଗ୍ନ କରି ସନାତନ ପଗ୍ଭରିଲା, 'ଭାଇ, ତମେ ଶ୍ୟାମ ରଥ ସଙ୍ଗରେ ଯେପରି କୋମଳ ଭାଷାରେ କଥା କହିଲ, ମତେ ବଡ଼ ଅସଙ୍ଗତ ବୋଧହେଲା । କେତେ ଗୃଡ଼ାଳ ଦେବ, କାଲି ସକାଳେ ତ ନିଜେ ଦେଖିବ ।'

ଶୁଭକାନ୍ତ ମୃଦୁ ହସି କହିଲେ, 'ଦେବା କଥା ସେ ଭଳି ଲୋକର ତୁଣ୍ଡରୁ ବାହାରିଲା, ଏହି ଯଥେଷ୍ଟ ।'

'ନାହିଁ ଭାଇ, ତୁମେ ଭୁଲ ବୁଝିଚ । ଦେବା କଥା କେତେ-ବେଳେ ତୁଣ୍ଡରୁ ବାହାରିଲା ଦେଖିଲଣି ? ଘରେ ପଶିବା କଥା କହି ନ ଥିଲେ—'

'ହଁ ଠିକ୍ କଥା । ତେବେ ସେଠାରେ କଣ ଆଉ କରନ୍ତେ ?'

'କଣ କରନ୍ତେ ? ହୁକୁମ କରନ୍ତେ, ଜୁଲମ କରନ୍ତେ—ଭଲ କଥାରେ ସେ ଲୋକେ ଫଳନ୍ତି ନାହିଁ, ଭାଇ !'

'କିନ୍ତୁ ସେ ପରା ଇଂରାଜୀ ଅମଳର ଭୟ ଦେଖାଇଲା । ଲୋକଟା ଭାରି ମାମଲତକାର ହେଲଣି, ଦେଖୁଚ ।'

'ହଁ ଭାଇ, ଇଂରାଜୀ ଅମଳ କଥା କହିଲା ବେଳକୁ ମନେ ମନେ ହସୁଥିଲି । ଚମ୍ପାପୁରରେ ସେ ଲୋକଟା ସରକାରୀ ହାକିମଙ୍କ ପାଖରେ ଫେରାଦ ହେବାରୁ ସେ ତାକୁ ଉତ୍ତର ଦେଲେ, 'ଆଚ୍ଛା କରିଛନ୍ତି, ତୋ ଭଳି ଲୋକ ଘରୁ ସବୁ ବୋହିନେଲେ ମଧ୍ୟ ଆମେ ପାଟି ଫିଟାଇବୁ ନାହିଁ । ସରକାରୀ ହାକିମ ହେଲେ କ'ଣ ହେଲା, ଆମରି ଦେଶୀ ଲୋକ ତ ପୁଣି,—ଲୋକଙ୍କୁ ଏ ଅବସ୍ଥାରେ ଦେଖି ସରକାରୀ ହାକିମଙ୍କର କ'ଣ ଦୟା ହେଉ ନାହିଁ ?'

ଶୁଭକାନ୍ତ ଆଉଥରେ ହସିଲେ । ଶିଶୁସୁଲଭ ସହଜ ହସ ! ଗୁଲୁ ଗୁଲୁ ସନାତନର କାନ୍ଧଉପରେ ହାତଟି ରଖି ସେ କହିଲେ,

'ପାଗଳ ହେଲ ସନୁ ? ଚମ୍ପାପୁରର ସେ ଲୋକଟି ପ୍ରତି ହାକିମଙ୍କର ହୁଏ ତ ଅନ୍ୟ କିଛି କାରଣରୁ ଆକ୍ରୋଶ ଥିବ । ସଦ୍‌ଭାବ ଥିଲେ କଣ ହୁଅନ୍ତା, କୁହାଯାଇ ପାରେ ନାହିଁ ।'

ସନାତନ ଉତ୍ତର କଲା, 'ସେ ତ ଖୁବ୍ ସମ୍ଭବ । ତା' ନ ହେଲେ ଜମିଦାର ହାକିମ ବୋଇଲେ, ବୁଝିବାକୁ ହେବ ଗୋଟାଏ ପୃଥକ୍ ଜାତି । ସେମାନଙ୍କର ସ୍ୱଜାତି କଣ, ବିଜାତି କଣ ?'

'ହଁ, ହଁ, ସ୍ୱଜାତି, ବିଜାତି ଜ୍ଞାନ ଅଛି, ଯେଉଁଠାରେ ସଂକୀର୍ଣ୍ଣ ସ୍ୱାର୍ଥର ସମ୍ବନ୍ଧ । କିନ୍ତୁ "ବସୁଧୈବ କୁଟୁମ୍ବକମ୍" କଥା ଯେଉଁଠାରେ, ସେଠାରେ ସେମାନଙ୍କର ବିଶ୍ୱାସ ନାହିଁ ।'

'ସେଠାରେ ତ ସେମାନେ ନିଜକୁ ମନୁଷ୍ୟ ବୋଲି ଭୁଲିଯାଇ ଦେବତା ବୋଲି ଜ୍ଞାନ କରନ୍ତି; କିନ୍ତୁ ନାନା ସ୍ଥଳରେ କାର୍ଯ୍ୟ କ୍ଷେତ୍ରରେ ଦେଖିବାକୁ ଗଲେ ଗୋଟିଏ ଗୋଟିଏ ପିଶାଚ ।'

'ସେ ଜାତିଟା କେବଳ ଆମରି ଦେଶରେ ନାହାନ୍ତି ସନୁ, ସମଗ୍ର ପୃଥିବୀରେ ବ୍ୟାପ୍ତ ହୋଇଅଛନ୍ତି ।' ସନାତନ ଉତ୍ତେଜିତ ହୋଇଉଠିଲା । 'ହଁ ଭାଇ, କେବଳ ଆମରି ଦେଶରେ ନାହାନ୍ତି; ଆଜି ରାଜା, ଜମିଦାର, ଧନୀ, ବ୍ୟବସାୟୀ, ମହାଜନ, ପଣ୍ଡା, ପୁରୋହିତ ନାନା ରୂପରେ ସେମାନଙ୍କର ଆବିର୍ଭାବ । ପୃଥିବୀ ପୃଷ୍ଠର ଦେବତା ଏମାନେ, ଅସଂଖ୍ୟ ମାନବର ଭାଗ୍ୟବିଧାତା । ଏମାନେ ଦିନ ଦ୍ୱିପ୍ରହରରେ ବ୍ୟବସାୟର ନୀତି ବୋଲି ଡକାୟତି କରନ୍ତି, ଆଇନର ନାମ ନେଇ ଖୁଣୀ କରନ୍ତି । ଧନ ବଳରେ, କ୍ଷମତା ବଳରେ, ପୃଥିବୀ ପୃଷ୍ଠରେ ହତ୍ୟା, ପାପ, ଅତ୍ୟାଚାରର ବୀଭତ୍ସ ଚିତ୍ର ଆଙ୍କି ଦିଅନ୍ତି । ଏମାନଙ୍କର ଆଇନ ଜଗତରେ ନିୟମ

ଓ ମାନ୍ତକୁ ଅସ୍ୱୀକାର କରେ । ଯୁଦ୍ଧ ପରେ ସୈନିକମାନଙ୍କ ମଧ୍ୟରେ ବେଶି ସମ୍ମାନ ପାଏ କିଏ ? —ଯେ ସର୍ବାପେକ୍ଷା ଶ୍ରେଷ୍ଠତମ ନରହନ୍ତା । ନିଜ ରାଜ୍ୟର ଦଳବଳ ନେଇ ଯେ ଅପର ରାଜ୍ୟରେ ସବୁଠାରୁ ବଡ଼ ଡକାୟତି କରିପାରିଛି, ସବୁଠାରୁ ବେଶି ଗୃହରେ ଅଗ୍ନି ଜାଳି ଭସ୍ମସାତ୍ କରିଅଛି, ସବୁଠାରୁ ବେଶି ଲୁଣ୍ଠନ ଦ୍ରବ୍ୟ ଆହରଣ କରିଛି—ଏହି ତ ଜଗତର ଆଇନ, ଏହି ତ ସେମାନଙ୍କର ନୀତି । ବ୍ୟବସାୟ କ୍ଷେତ୍ରରେ ଏହିପରି ପ୍ରତିଯୋଗିତା କରିବାକୁ ଯାଇ କେତେ କେତେ ବ୍ୟବସାୟୀ ନିରନ୍ନ ଅଦ୍ୟଭକ୍ଷ ହୋଇ ପଡ଼ୁଛନ୍ତି, ଆତ୍ମହତ୍ୟା କରୁଛନ୍ତି ।' କହୁ କହୁ ସନାତନ ସ୍ଥିର ହୋଇ ଠିଆ ହୋଇ ଗଲା ।

ଶୁଭକାନ୍ତ କହିଲେ, 'ପିଶାଚରେ ନିୟମ କୌଣସି ଦିନ ଧ୍ରୁବ ହୋଇ ପାରେ ନାହିଁ, ସନୁ !'

ସନାତନର ଉତ୍ତେଜନା ଉପଶମ ହୋଇନାହିଁ, ସେ କହିବାକୁ ଲାଗିଲା, 'ଶ୍ୟାମ ରଥେ ଯେଉଁ ଇଂରାଜୀ ଅମଳ କଥା କହିଲେ, ସେ ଆଉ କଣ କି ? ସେତ ଇଂରାଜୀ ଅମଳ ନୁହେଁ, ସମାଜର ଅମଳ, ଧର୍ମର ଅମଳ— ବର୍ତ୍ତମାନ ଯୁଗର ଅମଳ । ଯୁଦ୍ଧରେ ବ୍ୟବସାୟରେ ଯେପରି, ଅନ୍ୟାନ୍ୟ ସକଳ କ୍ଷେତ୍ରରେ ସେହିପରି । ସ୍ତ୍ରୀ ଉପରେ ପୁରୁଷ ଅତ୍ୟାଚାର କରେ, ଦରିଦ୍ର ଉପରେ ଧନୀ, ଦୁର୍ବଳ ଉପରେ ସବଳ ମଧ୍ୟ ସେହିପରି ଅତ୍ୟାଚାର କରେ । ଏପରି କି ଧର୍ମର ନାମ ଧରି ମଧ୍ୟ ପଣ୍ଡିତ ପୁରୋହିତ ଅଜ୍ଞାନ ଅପଠିତ ପୁରୁଷ ଉପରେ ନିଜର ଖିଆଲ ଚପାଇ ଅତ୍ୟାଚାର ଶୋଷଣରୁ ବିରତ ନୁହେଁ । ମୁଁ ସେଥିପାଇଁ ରାଜା ଓ ରାଜନୀତିରେ ବିଶ୍ୱାସ କରେ ନାହିଁ । ସ୍ତ୍ରୀ ପୁରୁଷ ମଧ୍ୟରେ ଧର୍ମ ଓ ଆଇନର ଜବରଦସ୍ତି ବିବାହ

ବନ୍ଧନ ସ୍ଥାପନର ବିରୋଧୀ । ଦେବତା ପୂଜା ଆରାଧନା ଓ ପୌରହିତ୍ୟକୁ ଆଦୌ ଅସ୍ୱୀକାର କରେଁ । ମାନବ ଜାତିର ଆଶୁ କଲ୍ୟାଣ ପକ୍ଷରେ ଏ ସମସ୍ତ ଅନ୍ତରାୟ ଭାଇ, ଏ ସମସ୍ତର ଉଚ୍ଛେଦ ସାଧନ ନ ହେବା ଯାଏଁ, ପୃଥିବୀର ମଙ୍ଗଳ ନାହିଁ ।'

'ଯଥାର୍ଥ କଥା ! ମୁ ଦିନେ ଏହିପରି ଗୋଟାଏ ପ୍ରହସନ କରୁଥିଲି, ନୁହେ କି ?' ଶୁଭକାନ୍ତ ହସିଲେ ।

'ସେଥିପାଇଁ' ଏମାନଙ୍କ ଦ୍ୱାରରେ ପ୍ରାର୍ଥୀ ହେବାଟାକୁ ମୁଁ ପସନ୍ଦ କରେ ନାହିଁ । ଆମମାନଙ୍କର ଯାହା ନ୍ୟାଯ୍ୟ ଦାବୀ, ତାହା ସେମାନଙ୍କଠାରୁ ଜୁଲମ କରି କାଢ଼ି ଆଣିବାକୁ ହେବ ।'

'ହଁ, ଜୁଲମ କରି କାଢ଼ି ଆଣିବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ମୁଁ ଭାବିଥିଲି, ଯେପର୍ଯ୍ୟନ୍ତ ନିଜେ ସାହାଯ୍ୟ କରି ପାରିବି, ସେ ପର୍ଯ୍ୟନ୍ତ ଏ ସବୁ ଗଣ୍ଡଗୋଳ କରିବା ଆବଶ୍ୟକ ନାହିଁ । କିନ୍ତୁ ତୁମେ ଜାଣ ତ, ମୁକ୍ତାଗଡ଼ର ଅବସ୍ଥା । କୌଣସି ଗୋଟିଏ କଚେରୀରେ ସେଠାରେ ଧାନ ଖୋଜିଲେ ମିଳିବ ନାହିଁ । ଅମଲା କର୍ମଚାରୀମାନଙ୍କ ମଧ୍ୟରୁ କିଏ କଣ କରୁଚି, ତାହାର ଖବର ମୁଁ ରଖି ନାହିଁ । ପୂର୍ବରୁ ଯେଉଁ ଋଣ ଥିଲା ଏବଂ ଏ ମଧ୍ୟରେ ଯାହା ହୋଇଅଛି, ସେତ ପାଞ୍ଚ ଅଙ୍କ ଅତିକ୍ରମ କରିବାକୁ ବସିଲାଣି । ବାକି-ଖଜଣା ଆଦାୟ ନାହିଁ । ଏ ମଧ୍ୟରେ ଦୁଇ ଥର ନିଲାମରେ ଉଠିଲାଣି । ନିଲାମ ଗଲାଣି କି ଅଛି, ତାହା ମଧ୍ୟ ଜଣା ନାହିଁ ।'

'କାହିଁକି ?'

'ଜାଣ ନାହିଁ, ସନ୍ ? ଆମ ଓଡ଼ିଶାର ସବୁ ଜମିଦାରି ଯେ କଲିକତାରେ ନିଲାମ ହୁଏ ! ତା'ର ସ୍ୱର ସମ୍ବାଦ ଜାଣିବାର କାହାରି ହେଲେ କିଛି ଉପାୟ ଅଛି !'

'ହଁ, କଲକତାରେ ନଲମ ନ ହୋଇ ଆଉ କେଉଁଠାରେ ହେବ ? ସବୁ ବଚକ୍ଷଣ ବୁଦ୍ଧିମାନ୍ ଲୋକ କଲକତାରେହିଁ ରହିବାର କଥା କି ନା ! ଆମ ଦେଶର ଲୋକେ ଆଜକାଲି କଲକତାକୁ କେତେ ଗ୍ଲଲେଣି, ଦେଖିଲଣି ଭାଇ ? ମୁଁ ଦେଖୁଚି ଆଉ କେତେଟା ବର୍ଷ ପରେ ଏ ଦେଶରେ ଇତର ଜନ୍ତୁ ଛଡ଼ା ମନୁଷ୍ୟ କେହି ରହିବେ ନାହିଁ । ଚଷା, ବଢ଼େଇ, ତେଲି, କମାର ସମସ୍ତେ ଗ୍ଲଲେ କଲକତା !'

'ଉପାୟ କଣ, ସନୁ ? କଲକତା ଯାନ୍ତୁ, ଯେଉଁ ଦେଶକୁ ଯାନ୍ତୁ, କେବଳ ବଞ୍ଚି ରହନ୍ତୁ ।'

କିଛି ସମୟ ଦୁଇ ବନ୍ଧୁ ନୀରବରେ ଗଣ୍ଡ କରିବାକୁ ଲାଗିଲେ ।

ଦୁହେଁ ଆସି ଶୁଭକାନ୍ତଙ୍କର କୁଟୀର ନିକଟରେ ପହଞ୍ଚି ଯାଇଥିଲେ । ଶୁଭକାନ୍ତ ପରଦିନ ସକାଳୁ ଆସିବାପାଇଁ କହି ସନାତନକୁ ଘରକୁ ପଠାଇ ଦେଲେ । କିନ୍ତୁ ଅଧବାଟରେ ସନାତନର ମନେ ପଡ଼ିଲା, ଦିନ ଦ୍ୱିପହର ହେଲାଣି । ଘରୁ ସେ ତ ଆହାର କରି ବାହାରି ଥିଲା, କିନ୍ତୁ ଶୁଭକାନ୍ତ ? ଆଜି ମଧ୍ୟ ତାଙ୍କର ସମ୍ବାଦ ପଗ୍ଲରିବା ପାଇଁ ସନାତନ ଭୁଲି ଗଲା । ଅଳକା ଯେ କେତେ ଥର କହିଲଣି, ଶୁଭକାନ୍ତଙ୍କୁ ନିଜ ଘରକୁ ଡାକି ନେବାପାଇଁ; କିନ୍ତୁ ସନାତନର ତାହା କେବେହେଲେ ସ୍ମରଣ ହେଉନାହିଁ । ସେ ଆଉ ଅଗ୍ରସର ନ ହୋଇ ପୁଣି ଶୁଭକାନ୍ତଙ୍କ କୁଟୀର ଅଭିମୁଖରେ ଫେରିଲା । ଦେଖିଲା, ଘରର ଏକ କୋଣରେ ତାଳପତ୍ରର ଆବରଣ ଖଣ୍ଡିଏ । ସେହି ସ୍ଥାନରେ ଶୁଭକାନ୍ତଙ୍କର ପାକକ୍ରିୟା ସମାପନ ହୁଏ । ସେଠାରେ କିଛି ପାକ ସାମଗ୍ରୀ ଇନ୍ଧନ ତଣ୍ଡୁଳ ଆଦି ରଖା ଯାଇଅଛି । ଅଦୂରରେ ଗୋଟିଏ କୂଅ ମଧ୍ୟରୁ

ଶୁଭକାନ୍ତ ଆପଣା ହାତରେ ପାଣିକାଢ଼ି ଗାଧୋଇବାରେ ଲାଗିଛନ୍ତି । ସନାତନକୁ ସେ ଦେଖିପାରିଲେ ନାହିଁ । କୁଟୀର ଭିତରେ ପ୍ରବେଶ କରି ସନାତନ ସଙ୍ଗେ ସଙ୍ଗେ ରନ୍ଧନର ଆୟୋଜନରେ ଲାଗିଲା । ଗାଧୋଇ ସାରି ଶୁଭକାନ୍ତ କୁଟୀର ଭିତରେ ସନାତନକୁ ବିସ୍ମିତ ହୋଇ ଚାହିଁଲେ ।

'ଏ କଣ ସନୁ, ତମେ ପୁଣି ଫେରି ଆସିଲ ? ଉଠ, ଉଠ, ଘରକୁ ଯାଅ ।' ସନାତନ ଉଠିଲା ନାହିଁ । କାଠରେ ଅଗ୍ନି ସଂଯୋଗ କରୁ କରୁ କହିଲା, 'ରାଜା ଯେଉଁଠାରେ ନିଜ ହାତରେ ପାଣି ଉଠାଏ, ସେଠାରେ ସନାତନର ପାକକ୍ରିୟା କରିବା ଅତି ସମ୍ମାନର କଥା ।'

'ରାଜା କିଏ ରେ ପାଗଳା ! ଉଠ, ଉଠ, ଘରକୁ ଯାଅ । ଅଧବାଟରୁ ଫେରି ଆସୁଚ !'

ସନାତନ କହିଲା, 'ତୁମରି କଥାରେ ସିନା ଫେରି ଯାଉଥିଲି ଭାଇ, ନଇଲେ ଘରେ ମୋର ତ କିଛି ଦରକାର ନାହିଁ । ମୁକ୍ତାଗଡ଼ର ରାଜାଠାରୁ ମୁଁ ଯେ ଅଧିକ ସୁଖୀ । ଗାଧୁଆ ଖିଆପିଆ ଶେଷ କରି ଯେ ତୁମ ପାଖକୁ ଆସିଥିଲି ।'

'ଦେଖ ସନୁ, ଏ ସବୁ ତୁମର ବଡ଼ ପିଲାପଣିଆ । ସକାଳେ କଣ ଖାଇଥିଲ ଯେ, ଏତେବେଳ ଯାଏ ଭୋକ ହୋଇ ନାହିଁ ?'

ସନାତନ ଗମ୍ଭୀର ହୋଇ କହିଲା, 'ଭାଇ, ତୁମେ ଦେହଟାକୁ ଯେପରି ସମ୍ପୂର୍ଣ୍ଣ ଭୁଲି ଯାଉଚ । ଦିନ ଭିତରେ ଥରେ ମାତ୍ର ଆହାର କରିବ । ସେ ପୁଣି ଏକ ରକମ ସନ୍ଧ୍ୟାରେ । ଏ ତ ଜାଣି ଶୁଣି ଦେହ ଉପରେ ଅତ୍ୟାଚାର କରିବା କଥା ।'

ଶୁଭକାନ୍ତ ଓଦାଲୁଗା ପାଲଟିସାରି କହିଲେ, ଦେହ ଉପରେ ଅତ୍ୟାଚାର କରୁନାହିଁ ସନୁ—ଆଗେ ଯାହା କହିଚ—ଭୁଲି ଯାଇଚ । ଯେଉଁଦିନ ଦେହଟାକୁ ପ୍ରତି ମୁହୂର୍ତ୍ତରେ ଘନ ଘନ ସ୍ମରଣ କରୁଥିଲି, ଆଜି ବୁଝୁଚି, ସେ ମୋର ସ୍ମରଣ ନୁହେଁ, ମରଣ । ସେତେବେଳେ ଦେହର ଅନୁବର୍ତ୍ତୀ ଥିଲି, ଆଜି ଦେହକୁ ମୋର ଅନୁବର୍ତ୍ତୀ କରିବାକୁ ଚାହେଁ ।'

ଏହି ସମୟରେ ପୁଲିଶ ଥାନାରୁ କନଷ୍ଟେବଲ୍ ଆସି ଖବର ଦେଲା, ଦାରୋଗା ବାବୁ ପୁଣି ହାକିମ ସାହେବ ଉଭୟ ଶୁଭକାନ୍ତ ଓ ସନାତନକୁ ଥାନାରେ ହାଜର ହେବା ପାଇଁ ଡକାଇ ଅଛନ୍ତି ।

## ନବମ ପରିଚ୍ଛେଦ

ଶୁଭକାନ୍ତ କହିଲେ, 'ସନୁ, ଏ ଚଲବର କାରଣ କଣ ବୁଝି ପାରୁଚ ନା ? ଶ୍ୟାମ ରଥେ ନିଶ୍ଚୟ ଏ ମଧ୍ୟରେ ଫେରାର ହୋଇଛନ୍ତି ।'

ସନାତନ ବ୍ୟଙ୍ଗ କଲା, 'ସତେ ନା ? କିପରି ଏହା ଅନୁମାନ କରୁଛ ?' 'ଏଠା ଦାରୋଗା ବାବୁଙ୍କ ସଙ୍ଗରେ ରଥଙ୍କର ଯେ ଭାରି ଦୋସ୍ତି । ଆଉ ତମେ ଯେଉଁ ଘରେ ପଶିବା ଧମକଟି ଦେଇଛ !' 'ଓଃ, ଏଇ କାରଣ ? ଆଚ୍ଛା, ଆଚ୍ଛା ।' ତା'ପରେ ସନାତନ ସିପେହିକୁ କହିଲା, 'ଆଚ୍ଛା, ଦାରୋଗା ବାବୁଙ୍କୁ ଖବର ଦେବ, ଆମର ଏବେ ସମୟ ନାହିଁ; ତାଙ୍କର ଯଦି କିଛି ଦରକାର ଥାଏ, ତେବେ ନିଜେ ଟିକିଏ କଷ୍ଟ କରି ଆସିବେ ।' 'ବହୋତ୍ ଆଚ୍ଛା,' କହି ସିପେହିଟି ବିଦାୟ ନେଇଗଲା ।

'ଏ ଦାରୋଗାମାନଙ୍କର ବି ତ କମ୍ ସାହସ ନୁହେଁ', ସନାତନ କହିଲା ।

'ଦାରୋଗାଙ୍କର ଏହା ବରାଦ ନୁହେଁ, ଦାରୋଗା ମତେ ଭଲ-ରୂପେ ଜାଣନ୍ତି, କାରଣ ଅନେକ ଦିନୁଁ ଏଠାରେ ସେ ରହିଲେଣି । ଏପରି ହୁକୁମ ସେ କରି ପାରନ୍ତେ ନାହିଁ । ମୋର ମନେ ହୁଏ, ଏହା ସ୍ୱୟଂ ହାକିମଙ୍କର ହୁକୁମ ।'

'କିଏ ସେ ହାକିମ ଭାଇ ?'

'ଶୁଣିଲ ତ ହାକିମ—ଆଉ ତାଙ୍କର ପରିଚୟର ଆବଶ୍ୟକ କଣ, ସନୁ ? ମୁଁ କେବଳ ତାଙ୍କର ନାମ ଶୁଣିଛି—କୃପାନାଥ ।'

ସନାତନ ଚମକି ପଡ଼ିଲା । 'କୃପାନାଥ, ଚମ୍ପାପୁର କେନ୍ଦ୍ରରେ ଏହି କୃପାନାଥ ଥିଲେ, ଭାଇ । ଗୃହଲ ନେବାକୁ ଆସିଥିବା ଗୋଟିଏ ଯୁବତୀ ଉପରେ ପାପଦୃଷ୍ଟି ପକାଇ ଯେ ଅପମାନ ସହି ସେଠାରୁ ଆସିଛନ୍ତି, ତାହା ଅକଥ୍ୟ, ଅଶ୍ରାବ୍ୟ । ଲୋକଟାକୁ ମୁଁ ଭଲରୂପେ ଜାଣେ । ମନୁଷ୍ୟତା ବୋଲି ବସ୍ତୁ ତା ପ୍ରାଣରେ ନାହିଁ । ଦୟା ମାୟା କାହାକୁ କହନ୍ତି—'

'ଥାଉ ଥାଉ, ସନୁ—ମନୁଷ୍ୟକୁ ବିଗ୍ଭର କରିବାର ଅଧିକାର ଆମର ନାହିଁ ।'

'ଆଉ କାହାର ଅଛି ଭାଇ, ମନୁଷ୍ୟହିଁ ତ ମନୁଷ୍ୟକୁ ବିଗ୍ଭର କରିବ । ଆଉ କିଏ ? ସେହି କୃପାନାଥଙ୍କ ନିକଟରେ ତୁମେ ମୁଁ ତ ବିଗ୍ଭରାଧୀନ ! କିନ୍ତୁ ତାଙ୍କର ବିଗ୍ଭର ?'

'ଆମ ହାତରେ ନାହିଁ, ସନୁ । ତାଙ୍କର ବିଗ୍ଭର ପାଇଁ ଅନ୍ୟ ବିଗ୍ଭରକ ଅଛନ୍ତି ।'

ସନାତନ ହସି ଉଠିଲା, କଠିନ କାଷ୍ଠହାସ୍ୟ । 'ଅନ୍ୟ ବିଗ୍ଭରକ ? ନାହିଁ ଭାଇ, ସେ ବ୍ୟଭିଗ୍ଭରୀ ପାଷଣ୍ଡମାନଙ୍କର ବିଗ୍ଭରକ ଏହି ନିର୍ଯ୍ୟାତିତ ନିପୀଡ଼ିତ ଶତ ଶତ ଜନତା । ସେମାନଙ୍କର ବିଗ୍ଭରକ ଏହି ପ୍ରଜା—ଏହି ବୁଭୁକ୍ଷୁ ଅନଶନଗ୍ରସ୍ତ ଜାତି ।'

ସନାତନ ସଙ୍ଗେ ଶୁଭକାନ୍ତର ଏହିଠାରେ ମତଭେଦ । ତଥାପି ଉଭୟେ ପରସ୍ପରର ମତକୁ ଶ୍ରଦ୍ଧା ସମ୍ମାନ କରନ୍ତି । କାରଣ ଉଭୟଙ୍କର ଲକ୍ଷ୍ୟ ଏକ—ଜଗତର କଲ୍ୟାଣ ସାଧନ ।

ଶୁଭକାନ୍ତ ଖାଇ ସାରିଲାବେଳକୁ ନାଗେ ଦାରୋଗାବାବୁ ଆସି ଖବର ଦେଲେ ଯେ ଶ୍ୟାମରଥଙ୍କ ଫେରାଦରେ ହାକିମ ବଡ଼ ଗୋସା ହୋଇ ଯାଇଛନ୍ତି । ଶ୍ୟାମରଥ ଶୁଭକାନ୍ତ ଓ ସନାତନଙ୍କ-ଠାରୁ ଧମକ ପାଇ ନିଜ ପ୍ରାଣର ଆଶଙ୍କା ଓ ଧନ ସମ୍ପତ୍ତିର ଆପଦ ଗଣନା କରୁଛନ୍ତି । ସେଥିପାଇଁ ଶୁଭକାନ୍ତ ଓ ସନାତନଙ୍କୁ ସେ ବିଶେଷରୂପେ ସାବଧାନ କରାଇ ଦେଇ ଅଛନ୍ତି ଏବଂ ରଥଙ୍କୁ ସେବରେ ହେଲେ ଗ୍ରଉଳ ସାହାଯ୍ୟ କେନ୍ଦ୍ରକୁ ଦେବା ପାଇଁ ମନା କରିଛନ୍ତି ।

ଶୁଭକାନ୍ତ ସନାତନଙ୍କୁ ଚାହିଁ ହସିଲେ, 'ଦେଖିଲ ତ ?'

ସନାତନର ପାଦଠାରୁ କେଶାଗ୍ର ପର୍ଯ୍ୟନ୍ତ କମ୍ପିତ ହୋଇ-ଉଠିଲା । ଯେପରି ସେଇ ମୁହୂର୍ତ୍ତେ ଗୋଟାରେ ସେ ଜଗତ୍‌ଟାକୁ ଜାଳି ଭସ୍ମ କରିଦେବାକୁ ଚାହେଁ ଏବଂ ସେଥିସଙ୍ଗେ ନିଜକୁ ମଧ୍ୟ ! ସନାତନର ସେ ରୂପକୁ ଚାହିଁ ଶୁଭକାନ୍ତଙ୍କର ମଧ୍ୟ ଭୟ ହେଲା । ସେ ଧୀର ଭାବରେ କହିଲେ, 'ସନ୍ତୁ,

ଯସ୍ମାନ୍ନୋଦ୍‌ବିଜତେ ଲୋକୋ
ଲୋକାନ୍ନୋଦ୍‌ବିଜତେ ଚ ଯଃ,
ହର୍ଷାମର୍ଷଭୟୋଦ୍‌ବେଗୈ—
ର୍ମୁକ୍ତୋ ଯଃ ସ ଚ ମେ ପ୍ରିୟଃ ।

ଯାହାଠାରୁ ଲୋକେ ଉଦ୍‌ବେଗ ପାଆନ୍ତି ନାହିଁ ଏବଂ ଯେ ନିଜେ ମଧ୍ୟ ଲୋକମାନଙ୍କଠାରୁ ଉଦ୍‌ବେଗ ପ୍ରାପ୍ତ ନ ହୁଏ—ଯେ ସ୍ୱାଭାବିକ ହର୍ଷ, ପରଶ୍ରୀକାତରତା, ଭୟ ଓ ଉଦ୍‌ବେଗରୁ ମୁକ୍ତ, ସେହି ବ୍ୟକ୍ତିହିଁ ତାଙ୍କର ପ୍ରିୟ ।

'ଏ ତୁମକୁ ଉପଦେଶ ନୁହେଁ ସନ୍ତୁ, ତୁମେ ତ ଅଜ୍ଞ ନୁହଁ । ଏପରି ଅଧୀର ହେବାର କାରଣ କଣ ?' ଶୁଭକାନ୍ତଙ୍କର କଥାରେ

ସନାତନ କେତେକ ସମୟ ପର୍ଯ୍ୟନ୍ତ ସ୍ଥିର ହୋଇ କହିଲା, 'କାହାର ପ୍ରିୟ ଭାଇ, କେଉଁ ଦେବତାର ? ଏ ଧରଣୀରେ ଦେବତାର ଅଧିକାର ଅଛି ବୋଲି ତୁମେ ବିଶ୍ୱାସ କର ? ଏଠାରେ ଯେ କେବଳ ପିଶାଚର କ୍ରିୟା । ଦେବତାର ନାମରେ ଯେ ପ୍ରତାରଣା । ଗୀତାର ଏ ସବୁ ଶ୍ଳୋକର ଉପଲବ୍ଧି ମୁଁ କରି ପାରେଁ ନାହିଁ ଭାଇ । ମୁଁ କେବଳ ବୁଝେ—ଯୁଦ୍ଧ ! ଯୁଦ୍ଧ ! ଧନର ଲାଳସା, ଯଶର ଲାଳସାରେ ନୁହେ । ଅନ୍ୟାୟ ଅତ୍ୟାଚାର, ପାପ ପ୍ରଲୋଭନ—ପୃଥିବୀ ପୃଷ୍ଠରୁ ଏ ସକଳ ଧ୍ୱଂସ କରେଁ, ଅଥବା ନିଜେ ଧ୍ୱଂସ ହୁଏଁ । ଯୁଦ୍ଧରେହିଁ ମୋର ପରିତୃପ୍ତି, ମୋର ଆନନ୍ଦ । ମୁଁ କେବଳ ବୁଝେଁ,—

ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ
ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍
ତସ୍ମାଦୁତ୍ତିଷ୍ଠ କୌନ୍ତେୟ
ଯୁଦ୍ଧାୟ କୃତନିଶ୍ଚୟଃ ।

ସ୍ୱର୍ଗ ଏବଂ ମହୀର କଳ୍ପନା ମୋର ନାହିଁ । ଲାଭାଲାଭ ଜୟାଜୟ ମୁଁ ଚିନ୍ତା କରେଁ ନାହିଁ । କେବଳ ଯୁଦ୍ଧ ! ଯୁଦ୍ଧ ! ପାପ ଏବଂ ଅନ୍ୟାୟ ବିରୁଦ୍ଧରେ ମହା ଆହବର ଅଭିଯାନ । ଗୀତାର ଏହି କେତୋଟି କଥା ସେଥିପାଇଁ ମୋର ମନେ ପଡ଼େ । ଆଉ କିଛି ବୁଝିବା ମୋ ପକ୍ଷରେ ଆବଶ୍ୟକ ନାହିଁ ।

ସୁଖଦୁଃଖେ ସମେ କୃତ୍ୱା
ଲାଭାଲାଭୌ ଜୟାଜୟୌ
ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ
ନୈବ ପାପମବାପ୍ସ୍ୟସି ।

—ଏହି ଯୁଦ୍ଧ ହିଁ ମୋର ଈପ୍ସିତ ପ୍ରିୟତମ ବସ୍ତୁ, ଭାଇ,—ଏ କୃପାନାଥଙ୍କ ବିରୁଦ୍ଧରେ ନୁହେଁ, ଶ୍ୟାମ ରଥଙ୍କ ବିରୁଦ୍ଧରେ ନୁହେଁ —ଅନ୍ୟାୟ ବିରୁଦ୍ଧରେ, ପାପ ବିରୁଦ୍ଧରେ ।'

ସନାତନ କାନ୍ଧରେ ହାତ ଥୋଇ ଶୁଭକାନ୍ତ କହିଲେ, 'ତୁମ କଥା ମୁଁ କିଛି ଅସ୍ୱୀକାର କରୁ ନାହିଁ । କିନ୍ତୁ ଆଗ, ଆମ ନିଜ ହାତରେ ଯେତେଦୂର ହୋଇପାରେ, ଚେଷ୍ଟା କରି ଦେଖିବା । ପୁଣି ମୁକ୍ତାଗଡ଼କୁ ଯାଇ ସାହାଯ୍ୟକେନ୍ଦ୍ର ପାଇଁ ମୁଁ କିଛି ଅର୍ଥ ଆଣିବାର ଚେଷ୍ଟା କରିବି । ମୁଁ ଜାଣେ, ରଜା ଏଥିରେ [illegible] ହେବେ । ତାଙ୍କ ଭାଇ ମଧ୍ୟ ବିରୋଧୀ ହେବେ, ପୁଣି ବଳରାମ [illegible] ଆଚରଣ କରିବେ । ତଥାପି ଥରେ ଦେଖିବା ତ ଦରକାର ।'

'ବଳରାମ ! କେଉଁ ବଳରାମ ଭାଇ ! ସେହି ସେ ସେ ବଳରାମ ପଟ୍ଟନାୟକ ? ସେ ଏ ପର୍ଯ୍ୟନ୍ତ ଅଛନ୍ତି ?'

ଶୁଭକାନ୍ତ କରୁଣ ହାସ୍ୟ ହସି କହିଲେ, 'ହଁ, ସେହି ବଳରାମ ସିନା । ଏହି ବଳରାମଙ୍କୁ ପ୍ରଥମେ ରାଜା ନିଯୁକ୍ତ କରନ୍ତି, ପରେ ସେମାନେ ମଧ୍ୟ ରାଜାଙ୍କୁ ନିଯୁକ୍ତ କରନ୍ତି । ମୁକ୍ତାଗଡ଼ ରାଜାଙ୍କର ଯେଉଁ ବଳରାମ ପ୍ରିୟପାତ୍ର ହୋଇଥିଲେ, ସେ ଆଜି କଣ ରାଣୀଙ୍କର ପ୍ରିୟପାତ୍ର ନ ହୁଅନ୍ତେ ?' ଶୁଭକାନ୍ତ ମୁଖରେ ସେହି କରୁଣ ହାସ୍ୟଟିକ ରଞ୍ଜିତ ହୋଇ ରହିଲା । ସେ ଯେପରି ନିଭିବାକୁ ଚାହେଁନା ।

ସନାତନ କହିଲା, 'କିନ୍ତୁ ସେ ଲୋକଟା—'

'ଆଜି ଥରେ ମୁକ୍ତାଗଡ଼କୁ ଯାଇ ଚେଷ୍ଟା କରି ଦେଖିବା । ଶୁଣିଛି ଲୋକ ନିଲାମର ଧୂମ୍ ପ୍ରତିଦିନ ଲାଗି ରହିଛି । ଗତଥର ବଳରାମ କହୁଥିଲେ, ରଜାଙ୍କର ଯୌତୁକତକ ବାଦ୍ ଗଲେ ଋଣ ଓ

ରାଜସ୍ୱରେ ମୁକ୍ତାଗଡ଼ର ଚିହ୍ନ ପର୍ଯ୍ୟନ୍ତ ରହିବ ନାହିଁ । ତଥାପି ଥରେ ଚେଷ୍ଟା ନ କଲେ ଲୋକଙ୍କର ଏ ଅବସ୍ଥା କେତେଦିନ ଆଉ ଏପରି ଦେଖିହେବ ?'

'ନାହିଁ ଭାଇ, ଲୋକଙ୍କର ଏ ଅବସ୍ଥା ଆଉ ବେଶିଦିନ ଦେଖି ହେବ ନାହିଁ । ସେଦିନ ଅଭିରାମ କହୁଥିଲା—ଜୈନ ଭିକ୍ଷୁମାନଙ୍କ ପରି ସେ ପ୍ରାୟୋପବେଶନ କରିବ । ମୃତ୍ୟୁକୁ ସେ ପରିହାସ କରେ, ଅଥଚ ଏପରି କଥା ମଧ୍ୟ କହିପାରେ । ପଚାରିଲେ କହେ, ସେ ତା'ର ଗୋଟାଏ ଖାଲି ଖିଆଲ, ଭସ୍ମଙ୍କର ଆତ୍ମବାଣୀ । ତଥାପି ନିଜକୁ ମଧ୍ୟ ସବୁଠାରୁ ବେଶି ଅବିଶ୍ୱାସ କରେ । କାହାରି ମରିବାରେ ତାର ଦୁଃଖ ନାହିଁ, କି ଶୋଚନା ନାହିଁ । ଆଖି ଆଗରେ ମରୁଥିବା ଜୀବକୁ ଦେଖିଲେ ଉଚ୍ଚହାସ୍ୟ କରିଉଠେ, ଜଗତରେ ଏପରି ଆମୋଦର ବସ୍ତୁ ନାହିଁ ବୋଲି ତା'ର ମତ । ଅଥଚ ନିଜେ ନିରାମିଷାହାରୀ ।'

ଶୁଭକାନ୍ତ ବିସ୍ମିତ ହୋଇ ପଚାରନ୍ତି, 'ବଡ଼ ଅଦ୍ଭୁତ ଲୋକ ଜଣେ ତ ସେ ! ତୁମେ ତାଙ୍କୁ ଖୁବ୍ ନିକଟରୁ ଜାଣିଛ ପରା, ନୁହେଁ କି ?'

'ଅଦ୍ଭୁତ ଭାଇ, ଅଦ୍ଭୁତ । ସେଥିପାଇଁ ତା' କଥା ମୋର ବାରମ୍ବାର ମନେ ପଡ଼େ । ତିନିଦିନ ଉପବାସ ରହି ତିନି କୋଶ ରାସ୍ତା ହସି ହସି ଦୌଡ଼ି ପାରେ । ଆଶ୍ଚର୍ଯ୍ୟ ଭାଇ ! ଯେଉଁମାନେ ଅନାହାରରେ ପଡ଼ି ପଡ଼ି ମରୁଛନ୍ତି, ତାଙ୍କୁ ଉପହାସ କରେ; ଏଣେ କାନ୍ଧରେ ମୁର୍ଦାର କାନ୍ଧେଇ ଅନ୍ୟ ଲୋକ ସହିତ ହସ ଖୁସିର ଆଳାପ ଯୋଡ଼ି ଦିଏ । ଅଥଚ ବାପ ମଧ୍ୟ ଯେଉଁଠି ପୁଅକୁ ପ୍ରହାର କରେ, ସେଠାରେ ଯାଇ ବାପହାତରୁ ଏତେ ଯୋରରେ

କାଡ଼ିଖଣ୍ଡ ଛଡ଼ାଇ ଆଣେ ଯେ, ସେ ବଚରାର ତିନି ଦିନ ତେଲ ମାଲିସ୍ ନ ହେଲେ ହାତର ଦରଜ ଉପଶମ ହୁଏ ନାହିଁ । ଚମ୍ପାପୁରର ସେ ଦୁଷ୍ଟ ଲୋକଟା ଏହିପରି ଦିନେ ଗୋଟିଏ ଉପାସିଆ କଙ୍କାଳସାର ଲୋକ ଉପରେ ପ୍ରହାର କରିବାକୁ ଗଲାବେଳେ ଠେଙ୍ଗା ସୁଦ୍ଧା ତାର ହାତଟାକୁ ଯୋରରେ ଧରି ନେଇ କହିଲା, "ମାଡ଼ ମାର ନା, ମାଡ଼ ମାର ନା, ସେହିପରି ନ ଖାଇ ତାକୁ ମରିବାକୁ ଦିଅ, ଦେଖିବ ସେପରି ମରଣ ଏହା ଅପେକ୍ଷା ଆହୁରି ଚମତ୍କାର !" କହୁ କହୁ ଠୋ ଠୋ ହସି ଉଠିଲା । ଲୋକଟା ମନେ କଲା ଏ ଗୋଟାଏ ଉନ୍ମାଦଗ୍ରସ୍ତ ପାଗଳ ! ଅଭିରାମ ଯେ କେବେ ରାଗ କରେ, ମୁଁ ଦେଖି ନାହିଁ । ସବୁଠାରେ ଏହିପରି ହସ । ପଚ୍ଚରିଲେ କହେ, ଏ ସବୁ ଖାଲି ତା'ର ଖିଆଲ । ଲୋକଙ୍କୁ ସାହାଯ୍ୟ କରିବାରେ ଲୋଭ କିଛି ନାହିଁ । ସେ ଗୋଟାଏ କୌତୁକ ଦେଖିବାକୁ ସିନା ସାହାଯ୍ୟ କେନ୍ଦ୍ରକୁ ଆସିଛି । କେହି ବିଳାପ କଲେ, ସେ ମଧ୍ୟ ତାକୁ ଖତେଇ ହୋଇ କାନ୍ଦେ । ପିଲାଟିଏ ଚିତ୍କାର କଲେ ସେ ମଧ୍ୟ ତାର ମୁହଁ ନିକଟରେ ଚିତ୍କାର କରେ । ତା'ପରେ ହସି ଉଠେ ।'

ଶୁଭକାନ୍ତ କହିଲେ, "ମୋର ମନେ ହୁଏ, ଏ କେବଳ ଖିଆଲ କଥା ନୁହେ, ଅଭିରାମ ଜୀବନରେ କଠୋର ସାଧନା ଅଛି ।"

"ଅଥଚ ପଚ୍ଚରିଲେ କହେ, ନିଜ ଅପେକ୍ଷା ପ୍ରିୟତର ବସ୍ତୁ ତା'ର ଜଗତରେ ହିଁଥାପୁ ନାହିଁ । ନିଜର ଖାଇବା ପିଇବା, ଖେଳିବା ଓ ଶୋଇବା ଛଡ଼ା ଆଉ କିଛି ଚିନ୍ତା କରିବା ମନୁଷ୍ୟର ଆବଶ୍ୟକ ନାହିଁ । ନିଜର ସୁଖହିଁ ଜଗତରେ ଏକାନ୍ତ କାମ୍ୟ । ସ୍ତ୍ରୀ ପରିବାର ସମାଜ ଜାତି ସବୁ ମିଛ—ପ୍ରେମ ଅନୁକମ୍ପା ଦୟା

କ୍ଷମା ସବୁ ମୂଳରେ ନିଜେ । ବେଦ ଉପନିଷଦର ଋଷିଙ୍କୁ ଜବରଦସ୍ତି ଦୁଇ ଦିନ ଉପାସ ରଖିଦେଲେ ତାଙ୍କ ମୁଖରୁ ବେଦ ଉପନିଷଦ ବାହାରନ୍ତା, କିମ୍ବା ମୁଖ ମଧ୍ୟକୁ କିଛି ଖାଦ୍ୟ ପ୍ରେରଣ କରିବାର ଚିନ୍ତା ଜାଗ୍ରତ ହୁଅନ୍ତା, ସେ ବିଷୟରେ ସେ ସମ୍ପୂର୍ଣ୍ଣ ସନ୍ଧିହାନ ।

ଶୁଭକାନ୍ତ ପଚାରିଲେ, "ଏତେ ଅଳ୍ପ ବୟସରେ ବିପତ୍ନୀକ ହୋଇ ପୁନର୍ବିବାହ କଲ ନାହିଁ ?" "ସେ କଥା ପଡ଼ିଲେ, ସେହି-ପରି ଅଟ୍ଟହାସ୍ୟ କରେ । କହେ, ବରଂ ଗୋଟିଏ ଶୁଆ ଏଥର ପୋଷିବି । ବିବାହ ଅପେକ୍ଷା ତାହା ଖୁବ୍ ଆନନ୍ଦ ଦିଏ । ସାମାନ୍ୟ ଟିକିଏ ଯତ୍ନ, କିନ୍ତୁ ଆନନ୍ଦର ପରିମାଣ ଯଥେଷ୍ଟ ବେଶି । ଅଥଚ ବିବାହ କଲେ ଲୋକଙ୍କୁ ପ୍ରଶସ୍ତରୂପେ ଯତ୍ନବାନ ହେବାକୁ ପଡ଼ିବ, ମାତ୍ର ତା' ତୁଳନାରେ ଆନନ୍ଦର ମାତ୍ରା ଯଥେଷ୍ଟ କମ୍ ।"

ଶୁଭକାନ୍ତ କହିଲେ, "ହଁ ସତ୍ୟ, ଅଭିରାମର କଥାଗୁଡ଼ିକରେ ବହୁ ସତ୍ୟ ଅଛି । ବିବାହ ବସ୍ତୁଟା ଚିରକାଳ ସାର୍ଥକ ହୋଇପାରେ ନାହିଁ, ଏହା ମୁଁ ସ୍ୱୀକାର କରୁଛି । କିନ୍ତୁ ଭାବି ଦେଖିଲ, ଜୀବନରେ କେଉଁ ବସ୍ତୁଟା ସାର୍ଥକ ?"

"କିନ୍ତୁ ବିବାହଟା ସମାଜ-ବନ୍ଧନରେ ମସ୍ତବଡ଼ ଅସଙ୍ଗତ ପ୍ରଥା ପରି ମନେ ହୁଏ । ପୁରୁଷପ୍ରକୃତିରେ ଏତେଦୂର ସାମଞ୍ଜସ୍ୟ ଥାଇ ମଧ୍ୟ ଦୁଇଟି ପୁରୁଷ ବନ୍ଧୁଙ୍କର ଚିରକାଳ ସୌହାର୍ଦ୍ଦ୍ୟ ଦେଖିବା ବିରଳ । ଅଥଚ ନାରୀ ପୁରୁଷର ପ୍ରକୃତିରେ ଏତେ ଅସାମଞ୍ଜସ୍ୟ, ଏତେ ପ୍ରଭେଦ ଯେ, ସେ ଦୁହିଁଙ୍କର ମିଳନ କିପରି ଅଚ୍ଛେଦ୍ୟ ହୋଇପାରେ ?"—

"ଯଥାର୍ଥ କଥା, ସନୁ—ନାରୀ ସହିତ ଯେ ପୁରୁଷର ମିଳନ ହୁଏ, ସେଠାରେ ଦେହ ଅପେକ୍ଷା ମନର ମିଳନ ଅଛି ସାମାନ୍ୟ । ତଥାପି ମୋର ମନେ ହୁଏ, ତୁମେ ଯଦି ନିଜର ଶ୍ରେଷ୍ଠତମ ପ୍ରାଣ ଦେଇ ଅପର ପ୍ରାଣକୁ ସ୍ପର୍ଶ କରି ପାର, ତେବେ ତାଙ୍କର ସର୍ବୋତ୍ତମ ଅନ୍ତର ଅବଶ୍ୟ ଜାଗ୍ରତ ହୋଇ ଉଠିବ । ଭାବୁଥିବ ଶିବାଙ୍କ କଥା । କିନ୍ତୁ ମୁଁ ମନେ କରେଁ, ସେ ମୋର ଦୋଷ, ସନୁ । ମୁଁ ମୋର ମହତ୍ତମ ପ୍ରାଣ ଦେଇ ଶିବାଙ୍କ ପ୍ରାଣକୁ ସ୍ପର୍ଶ କରିପାରି ନାହିଁ । ତାଙ୍କ ସହିତ ମୋର କେବଳ ଗୋଟାଏ ଦୈହିକ ବିଳାସର ସମ୍ପର୍କ ଥିଲା । ତାହା ଏକ ପଶୁ ସମ୍ପର୍କ ବନ୍ଧୁ । ନାରୀ ପୁରୁଷ ଜାତି ଜାତି ମଧ୍ୟରେ ବିଚ୍ଛେଦ ଜନ୍ମେ, ସଂଘର୍ଷ ଉପୁଜେ ଏହି ପଶୁ-ସମ୍ପର୍କରୁ । କିନ୍ତୁ ଯେଉଁଠାରେ ଆମେ ନିଜର ଶ୍ରେଷ୍ଠତମ ପ୍ରାଣ ଦେଇ ଅନ୍ୟ ପ୍ରାଣକୁ ସ୍ପର୍ଶ କରିପାରୁଁ—"

"ଆଶ୍ଚର୍ଯ୍ୟ କଥା ଭାଇ, ଏ ସକଳ ସତ୍ତ୍ୱେ ଶ୍ରେଷ୍ଠତମ ପ୍ରାଣର ବିନିମୟରେ ନିକୃଷ୍ଟତମ ମରଣହିଁ ଅନେକ ସ୍ଥଳରେ ମିଳେ ପୁରସ୍କାର । ସେଠାରେ ଶ୍ରେଷ୍ଠତମ ପ୍ରାଣ ଚିତ୍କାରି ଉଠିବା ଉଚିତ— ଧ୍ୱଂସ ! ଧ୍ୱଂସ ! !"

"ତଥାପି ସବୁ ଚିରଜୀବୀ ହେବା ତ ଦୂରର କଥା, ଧ୍ୱଂସ କେବେ ଦୀର୍ଘଜୀବୀ ହୋଇ ପାରେ କି ?"

ସନାତନ ଗର୍ଜନ କରି ଉଠିଲା, "ଦୀର୍ଘଜୀବୀ କେହି ନୁହେଁ. ଧ୍ୱଂସ ନୁହେଁ, ସୃଷ୍ଟି ନୁହେଁ, ପ୍ରଳୟ ନୁହେଁ !"

"ଉତ୍ତମ କଥା, ସନୁ । ସେଥିପାଇଁ ଜଗତ୍‌ବକ୍ଷରେ ଯେଉଁ ସ୍ଥ ଦୀର୍ଘଜୀବୀ—ଚିରଜୀବୀ—"

ସନାତନ ପୁଣି ଗର୍ଜନ କରି ଉଠିଲା, "ଧାର୍ଦ୍ଧଜୀବୀ କେହି ନୁହେ—ଧ୍ୱଂସ ନୁହେ, ସୃଷ୍ଟି ନୁହେ, ପ୍ରଳୟ ନୁହେ !" ଶୁଭକାନ୍ତ କଥା ସେ ଯେମିତି ପଦେହେଲେ ଶୁଣୁ ନ ଥାଏ ।

ଶୁଭକାନ୍ତ ମୃଦୁ ହସି ଧୀର ଭାବରେ କହିଲେ, "ତଥାପି ସନୁ, ତୁମେ ଏବଂ ମୁଁ ବିଶ୍ୱଜଗତର ଦୁଇ ବିପରୀତ କୋଠୀରେ ଅବସ୍ଥିତ ଥିଲେହେଁ, ତୁମ ମୋ ଭିତରେ ବନ୍ଧୁତା ସମ୍ଭବ ହୋଇ ପାରିଛି ତ !" ସନାତନ ଶୁଭକାନ୍ତଙ୍କର ଅନୁଦ୍ଧତ ଯୁକ୍ତି ଶୁଣି ପାରିଲା ନାହିଁ । ସେ କେବଳ ଗମ୍ଭୀର ଭାବରେ ଭାବୁଥିଲା,—ଚିରଜୀବୀ କେହି ନୁହେ—ଧ୍ୱଂସ ନୁହେ, ସୃଷ୍ଟି ନୁହେ, ପ୍ରଳୟ ନୁହେଁ !!!

# ଦଶମ ପରିଚ୍ଛେଦ

ମୁକ୍ତାଗଡ଼ ପଥରେ ଆଜି ଏହି ଯେଉଁ ପୁରୁଷ ନଗ୍ନପଦ, ଅନାବୃତ ଅଙ୍ଗରେ ଚାଲିଅଛି, ଏ ରାଜପଥ ସହିତ ତାର ପରିଚୟ ଅତି ଉତ୍ତମ । ଏ ପଥ ପାର୍ଶ୍ୱର ପ୍ରତି ଗୃହ ପ୍ରତି ଗୁଳ୍ମଲତା ତା'ର ଶୈଶବର ସ୍ମୃତି ବହନ କରିଛି । ଏ ପଥ ଉପରେ ଯେଉଁ ପକ୍ଷୀ ଉଡି ଯାଏ, ଯେଉଁ ପଥିକ ଗତି କରେ, ସମସ୍ତେ ତା'ର ଜଣାଶୁଣା । ଏ ସମସ୍ତ ସହିତ ତା'ର ଯେପରି ବହୁଯୁଗର ସୌହାର୍ଦ୍ଦ୍ୟ ଓ ବନ୍ଧୁତା । କିନ୍ତୁ ଏ ବେଶରେ ମୁକ୍ତାଗଡ଼ର ରାଜପଥକୁ ଆସିବାର ଏହି ତା'ର ଦ୍ୱିତୀୟ ଥର ।

ଶୁଭକାନ୍ତ ବୁଝିଛନ୍ତି, ରାଣୀ ତାଙ୍କୁ ଆଜିକାଲି ଘୃଣା କରିବାକୁ ଶିଖିଲେଣି । ପ୍ରଥମ ଥର ଯେତେବେଳେ ସେ ନଗର ମଧ୍ୟରେ ପ୍ରବେଶ କରି ଦୀନ ଅନଶନଗ୍ରସ୍ତମାନଙ୍କ ସାହାଯ୍ୟ ପାଇଁ ରାଣୀଙ୍କର ଆଭରଣ ବିକ୍ରୟ କରିବାର ପ୍ରସ୍ତାବ ଆଗତ କଲେ, ସେତେବେଳେ ଯେଉଁ ଦୃଷ୍ଟିରେ ରାଣୀ ତାଙ୍କୁ ଚାହିଁଥିଲେ ଏବଂ ଯେଉଁ ଉତ୍ତର ଦେଇଥିଲେ, ସେଥିରୁ ସେ ସ୍ପଷ୍ଟ ବୁଝିଥିଲେ ଯେ, ପୁରୋହିତର ମନ୍ତ୍ର ରାଣୀଙ୍କ ସହିତ ତାଙ୍କର ବିବାହକୁ ସାର୍ଥକ କରିପାରି ନାହିଁ । ସେହିଦିନ ସେ ବୁଝିଥିଲେ, ରାଣୀ ସହିତ ତାଙ୍କର ଯଥାର୍ଥ ବିବାହ ହୋଇ ନାହିଁ । ରାଣୀ ବିବାହ କରିଥିଲେ ଏ ରାଜନଗର, ଦାସ ଦାସୀ,

ପରିଜନ, ବିଳାସ ବ୍ୟସନ, ଆଭରଣ ଭୂଷଣକୁ । ସେହି ସେ ପ୍ରଥମଥର ଆସିଥିଲେ, ଆଉ ରାଜନଗରକୁ ଫେରିବେ ନାହିଁ ବୋଲି ସ୍ଥିର କରିଥିଲେ । ତଥାପି ଆଜି ଏହି ତାଙ୍କର ଦ୍ୱିତୀୟ ଅଭିସାର । ନଗର ନିକଟରେ ପ୍ରବେଶ କରି ଶୁଭକାନ୍ତଙ୍କର ଦୃଷ୍ଟି-ପଥରେ ପଡ଼ିଲା, ନୂତନ ନଗରର ଭଗ୍ନାଂଶ । ଏ ନଗର ନିର୍ମାଣ ଚିରକାଳ ପାଇଁ ଅସମ୍ପୂର୍ଣ୍ଣ ପଡ଼ି ରହିଲା । ଶୁଭକାନ୍ତ ଏ ମଧ୍ୟରେ ଅନ୍ୟ ଏକ ନଗର ନିର୍ମାଣରେ ବ୍ୟାପୃତ ଅଛନ୍ତି, ତାହା ଚୂନ ସୁରକିରେ ନୁହେଁ,—ପ୍ରେମ ଓ ପ୍ରାଣରେ ! ନୂତନ ନଗରର ଭଗ୍ନାବଶେଷ ମଧ୍ୟରେ ଗୃହହୀନମାନଙ୍କୁ ରଖି ସାହାଯ୍ୟ କରିବାକୁ ସେ ବଳରାମଙ୍କୁ ଆଦେଶ ଦେଇଥିଲେ । ସେ ଆଦେଶ କିନ୍ତୁ ପାଳିତ ହୋଇଥିଲା । ଶୁଭକାନ୍ତଙ୍କର ମୁକ୍ତାଗଡ଼ ମଧ୍ୟରେ ଅବସ୍ଥିତି କାଳ ପର୍ଯ୍ୟନ୍ତ । ବଳରାମ ବର୍ତ୍ତମାନ ତାହାଙ୍କର ଏକାନ୍ତ ବିଶ୍ୱସ୍ତ । ତାଙ୍କର ଭ୍ରାତା କେବଳ ନାମମାତ୍ର । ସେ ସ୍ୱେଚ୍ଛାରେ ମସ୍ତିଷ୍କ ବିକୃତ କରି ଦିବସରେ ସ୍ୱପ୍ନ ଦେଖନ୍ତି, ରାତିକୁ ଦିବସ ଜ୍ଞାନ କରନ୍ତି । ବଳରାମଙ୍କ ହସ୍ତରେହିଁ ରାଜ୍ୟର ସମସ୍ତ ଭାର ଅର୍ପିତ ।

ଧୀରେ ଧୀରେ ଶୁଭକାନ୍ତ ନଗର ମଧ୍ୟରେ ପ୍ରବେଶ କଲେ, ଚନ୍ଦ୍ରକାନ୍ତଙ୍କର ସେହି ପ୍ରାଚୀନ ନଗର ! ଆଉ ସେ ଜନସମାଗମ ନାହିଁ, ଚହଳ ଶୃଙ୍ଖଳା ନାହିଁ । ଶୁଭକାନ୍ତ ତାହାଙ୍କର କକ୍ଷ ଅଭିମୁଖରେ ଚାଲିଲେ; କିନ୍ତୁ ନିକଟବର୍ତ୍ତୀ ହୋଇ ହଠାତ୍ କଣ ଶୁଣି ସ୍ଥିର ଭାବରେ ଦଣ୍ଡାୟମାନ ହେଲେ । ଏ ତ ତାହାଙ୍କର କ୍ରୀଡ଼ାସୁଲଭ ହାସ୍ୟ ! !

ଅଳ୍ପ ଦୂର ଯାଇ ଦେଖିଲେ, ବଳରାମ ହସି ହସି ତାଙ୍କର ଶୟନକକ୍ଷରୁ ବାହାରି ଆସିଲେ; କିନ୍ତୁ ସମ୍ମୁଖରେ ଶୁଭକାନ୍ତଙ୍କୁ ଦେଖି 'ମଣିମା ଆସି ଅଛନ୍ତି !' କହି ଭୂମିଷ୍ଠ ପ୍ରଣାମ କଲେ ।

ଶୁଭକାନ୍ତ ଚନ୍ଦାଙ୍କର କକ୍ଷ ମଧ୍ୟରେ ପ୍ରବେଶ କଲେ । ଶଯ୍ୟା ଉପରେ ବସି ଚନ୍ଦା ବେଶ ବିନ୍ୟାସ କରୁଥିଲେ । ହଠାତ୍ ଶୁଭକାନ୍ତଙ୍କୁ ଦେଖି ଅର୍ଦ୍ଧଦଗ୍ଧ କାଷ୍ଠଖଣ୍ଡ ପରି ତାଙ୍କର ମୁଖମଣ୍ଡଳ ପାଂଶୁଳ ହୋଇ ଉଠିଲା । ଶୁଭକାନ୍ତ ଚନ୍ଦାଙ୍କ ସହିତ କି କଥା କହିଲେ, ସେ ନିଜେ ମଧ୍ୟ ଜାଣନ୍ତି ନାହିଁ । ଧୀରେ ଧୀରେ ପୂର୍ବପରି କକ୍ଷ ମଧ୍ୟରୁ ବହିର୍ଗତ ହୋଇ ଆସିଲେ । ବଳରାମ ରାଜସ୍ୱ ନାଳଶି, ରାଜ୍ୟର ନିଲାମ ଆଦି କେତେ କଥା କହି କହି ନଗର ଦ୍ୱାର ପର୍ଯ୍ୟନ୍ତ ତାଙ୍କର ପଛେ ପଛେ ଆସିଲେ । ସେ ପଦେ ହେଲେ ସେଥିରୁ ଶୁଣି ପାରିଲେ ନାହିଁ କିମ୍ବା ବୁଝି ପାରିଲେ ନାହିଁ । ମୁଖରେ ତାଙ୍କର ଭାଷା ନାହିଁ । ଯେପରି ସେ ଚିରକାଳ ପାଇଁ ମୂକ ହୋଇଗଲେ । ଆଉ ତାଙ୍କର କହିବାର ଯେପରି ଆବଶ୍ୟକ ନାହିଁ !

ପୁଣି ସେହି ରାଜପଥରେ ଆସି ଉଭା ହେଲେ । ସେହି ମୃତନ ନଗରର ଭଗ୍ନ ଇଷ୍ଟକ—ପଥ ପାର୍ଶ୍ୱରେ ସେହି ଗୃହଶ୍ରେଣୀ, ସେହି ବୃକ୍ଷଲତା !!—ସେହିପରି ପଥିକ ଚାଲିଯାଏ !!

ଅଳ୍ପକ୍ଷଣ ପୂର୍ବେ ଯାହା ତାଙ୍କର ଏକାନ୍ତ ପରିଚିତ ବୋଲି ମନେ ହୋଇଥିଲା, ତାହା ହଠାତ୍ ସମ୍ପୂର୍ଣ୍ଣ ନୂତନ, ସମ୍ପୂର୍ଣ୍ଣ ଅପରିଚିତ ପ୍ରତୀୟମାନ ହେଲା । ସେ ଅବା ଏକ ନୂତନ ଦେଶ ପର୍ଯ୍ୟଟନରେ ବାହାରିଛନ୍ତି । ସମସ୍ତେ ଯେପରି କହି ଲାଗିଛନ୍ତି, 'ନାହିଁ, ନାହିଁ—ତୁମ ସହିତ ଆମର କୌଣସି କାଳେ ପରିଚୟ ନାହିଁ !' ପଦତଳରେ ପ୍ରତ୍ୟେକ ଧୂଳିକଣା କହି ଉଠୁଚି, 'ନାହିଁ,—ତୁମକୁ ଆମେ ଜାଣୁନା !!' ମସ୍ତକ ଉପରେ ପକ୍ଷୀ ରବ ଦେଇ ଉଡ଼ିଗଲେ—'ନାହିଁ, ନାହିଁ, ନାହିଁ !!!'

ପଶ୍ଚିମ ଦିଗ୍‌ବଳୟରେ ଅସ୍ତଗାମୀ ରବିର ଅର୍ଦ୍ଧେକ ଅଂଶ ବୁଡ଼ି ଯିବାକୁ ଚାହେଁ ନା ! ଶୁଭକାନ୍ତଙ୍କର ମୁଖକୁ ଚାହିଁ ସେ ମଧ୍ୟ କହି ଉଠୁଚି, ନାହିଁ, ନାହିଁ, ନାହିଁ ! ଶୁଭକାନ୍ତ ବିକ୍ଷିପ୍ତ ଚିନ୍ତାର ଧାରାକୁ ଶୃଙ୍ଖଳବଦ୍ଧ କରିବାକୁ ଯାଇ ନିଜକୁ ପଚାରୁଛନ୍ତି, 'କଣ ନାହିଁ ?' କିନ୍ତୁ ସମସ୍ୱରରେ ଯେପରି ସମସ୍ତେ ଉତ୍ତର କରୁଛନ୍ତି— ଆକାଶ ନାହିଁ, ପୃଥିବୀ ନାହିଁ, ଦେଶ ନାହିଁ, ଜାତି ନାହିଁ, ଚିନ୍ତା ନାହିଁ, ଶୁଭକାନ୍ତ ନାହିଁ ।........

ଶୁଭକାନ୍ତ ! ସମସ୍ତ ମହୀମଣ୍ଡଳରେ କିଏ ତାଙ୍କର ଅଛି ! ସେ ନିଜେ ଆଜ କେଉଁଠାରେ । ଅସ୍ତଗାମୀ ଅରୁଣର ସମ୍ମୁଖରେ ଦୂର ଗ୍ରାମତଳେ ଗୋଟିଏ କ୍ଷୁଦ୍ର ପକ୍ଷୀ ଉଡ଼ିଗଲା । ଶୁଭକାନ୍ତ ମନେ କଲେ, ସମସ୍ତ ବିଶ୍ୱ ଯେପରି ଆଜ ଅକସ୍ମାତ୍ ମୂକ ହୋଇଗଲା ! ସବୁ ଯେପରି କେଉଁ ରସାତଳରେ ଲୀନ ହୋଇ ଯାଇଛି—ରାଜା, ରାଜ୍ୟ, ଚିନ୍ତା, ମୁକ୍ତାଗଡ଼ ! କେଉଁ ପଥରେ ସେ ଚାଲିଛନ୍ତି, ତାହା ସେ ଜାଣନ୍ତି ନାହିଁ । ସନାତନଙ୍କୁ କହି ଆସିଥିଲେ, ଆଜ ରାତିଟି ଶିବିର ମଧ୍ୟରେ ରହି ପରଦିନ ପ୍ରଭାତରେ କେନ୍ଦ୍ରକୁ ଫେରିବେ । ସେ କଥା ତାଙ୍କର ବର୍ତ୍ତମାନ ସ୍ମରଣ ନାହିଁ । ତାଙ୍କର ମସ୍ତକ ଚିନ୍ତାଗ୍ରସ୍ତ ଅଥବା ସମ୍ପୂର୍ଣ୍ଣ ଚିନ୍ତାଶୂନ୍ୟ, ତାହା ମଧ୍ୟ କହି ପାରିବାର କ୍ଷମତା ନାହିଁ । ଏ ବିଶ୍ୱରେ ସତ୍ୟ କଣ, ମିଥ୍ୟା କଣ, ବିଶ୍ୱାସ କଣ, ସନ୍ଦେହ କଣ, ପ୍ରିୟ କଣ, ଅପ୍ରିୟ କଣ, କିଛି ତାଙ୍କର ଗୋଚରୀଭୂତ ହେଲା ନାହିଁ ।

ଦୂରରେ ଡାକ ଉଠିଲା ଶୃଗାଳ । ନିକଟବର୍ତ୍ତୀ ବୃକ୍ଷ ଅନ୍ଧକାର ମଧ୍ୟରୁ ପେଚକର ଶବ୍ଦ ଶୁଣାଗଲା । ସମଗ୍ର ଜଗତକୁ ବିରାଟ [illegible] ରୂପେ ପ୍ରମାଣ କରିବା ଯେପରି ତାର ଅଭିପ୍ରାୟ । ଶୁଭକାନ୍ତଙ୍କର

ମନେ ହେଲା, ସମସ୍ତ ବିଶ୍ୱ ତାଙ୍କୁ ବ୍ୟଙ୍ଗ କରିବାକୁ ବାହାରିଛି । ଆକାଶରେ ଗୋଟି ଗୋଟି ତାରା ଉଦିତ ହେଲା । ସେ ମଧ୍ୟ ଯେପରି କୁଟିଳ ହାସ୍ୟ କରି କହି ଉଠୁଚି, 'ଛି, ଛି, କି ଲଜ୍ଜା !' ତାଙ୍କରି ଲଜ୍ଜାରେ ଯେପରି ସମସ୍ତ ବିଶ୍ୱ ମୂକ ହେବା ପାଇଁ ଚାହେଁ । ବିଶ୍ୱ ବ୍ରହ୍ମାଣ୍ଡରେ ସେ ଲଜ୍ଜାକୁ ଗୋପନ କରିବା ପାଇଁ ସ୍ଥାନାଭାବ । ଦୁଇଟି ଗୋଟିଏ ପଥିକ ତାଙ୍କର ପାର୍ଶ୍ୱରେ ଚାଲିଗଲେ । ତାଙ୍କ ମୁହଁକୁ ଚାହିଁ ଯେପରି ହାସ୍ୟ ଦମନ କଲେ ! ସମସ୍ତ ଜଗତ କଣ ଏହି ଲଜ୍ଜାର ସମ୍ବାଦ ରଖିଛି !

କିପରି ସେ ବିଶ୍ୱ ସମକ୍ଷରେ ମୁଖ ଦେଖାଇବେ ! ରାଜ୍ୟ ସମ୍ଭୋଗ ସମସ୍ତ ତ୍ୟାଗ କରି ସେ କୌଣସି ଦିନ ନିଜକୁ ଏପରି ଅସହାୟ ଜ୍ଞାନ କରି ନ ଥିଲେ । ପୃଥିବୀ ପୃଷ୍ଠରେ ନିଜକୁ ସମ୍ପୂର୍ଣ୍ଣରୂପେ ଗୋପନ ରଖିବା ପାଇଁ କେବେହେଲେ ତାଙ୍କର ସ୍ଥାନ ଖୋଜି ନ ଥିଲେ । ସନାତନ ଯେବେ ଉତ୍ସୁକ ଦୃଷ୍ଟିରେ ତାଙ୍କୁ ପଚାରିବ, 'କଣ ହେଲା ?' କି ଉତ୍ତର ସେ ଦେବେ ! ନା, ନା, ସନାତନ ନିକଟକୁ ଫେରି ଯିବା ତାଙ୍କର ଆଉ ଆବଶ୍ୟକ ନାହିଁ । ସାହାଯ୍ୟକେନ୍ଦ୍ରରେ ଆଉ କାର୍ଯ୍ୟ କଣ ? ଏ ସଂସାରରେ ଆଉ କି ଅଭିଳାଷ ଅଛି ତାଙ୍କର ?

ଶୁଭକାନ୍ତ ! ଛି, ଛି, କି ଲଜ୍ଜା ! ଏଡ଼କ ଭୀରୁ ତୁ ! ଏଡ଼କ ଦୁର୍ବଳ ! ତୋହରି ନଗର, ତୋହରି ରାଜ୍ୟ ମଧ୍ୟରେ ସ୍ୱଚକ୍ଷୁରେ ଏହି ଅପମାନ ଦେଖି ତୁ ନୀରବରେ ଫେରି ଯାଉଚୁ ! ଆଜି ମଧ୍ୟ ତୋର ଚକ୍ଷୁପଲକରେ କେତେ ବଳବାନର ମସ୍ତକ ଭୂତଳରେ ଲୁଣ୍ଠିତ ହୁଅନ୍ତା, କେତେ ରଜା ପଦତଳରେ ପଡ଼ି ଜୀବନ ଭିକ୍ଷା କରନ୍ତେ । ନୀରବରେ ତୁ ଫେରି ଆସୁଛୁ ? ସମସ୍ତ ମୁକ୍ତାଗଡ଼ରେ

ଅଗ୍ନି ସଂଯୋଗ କରି ମୁହୂର୍ତ୍ତରେ ଭସ୍ମସାତ୍ କରିଦେବାର ଶକ୍ତି କିଣ ତାଠାରୁ ଦୂର ହୋଇଗଲା ? ଗୋଟାଏ ଭ୍ରଷ୍ଟା ରମଣୀ ଓ ପୌରୁଷ-ହୀନ ପାଷାଣ୍ଡ ସମକ୍ଷରେ ସେ ଏହିପରି ନାପୌଂଶତ ଦୁର୍ବଳତା ପ୍ରଦର୍ଶନ କଲୁ ?—ତାଙ୍କର ସମସ୍ତ ଅଙ୍ଗରେ କ୍ଷଣକପାଇଁ କ୍ଷୀଣ ଗୃଞ୍ଜଳା ଖେଳି ଉଠିଲା । ସେ ପଶ୍ଚାତ୍‌କୁ ଦୃଷ୍ଟି ନିକ୍ଷେପ କରି ମୁକ୍ତାଗଡ଼ ପ୍ରତି ଗୃହିଁଲେ !! ରାତିର ଅନ୍ଧକାର ମଧ୍ୟରେ ମୁକ୍ତାଗଡ଼ ଅଦୃଶ୍ୟ ହୋଇଯାଇଛି । ଫେରି ଯିବେ ? ଏହି ଭ୍ରଷ୍ଟା ନାରୀ ଓ ପାଷଣ୍ଡ ପୁରୁଷର ରକ୍ତରେ ହସ୍ତକୁ କଳୁଷିତ କରିବେ ? କିନ୍ତୁ ବଜ୍ରନିର୍ଘୋଷ-ସ୍ୱରରେ ଅନ୍ତରରୁ କିଏ ଯେପରି କହି ଉଠିଲା—

‘ସମଃ ଶତ୍ରୌ ଚ ମିତ୍ରେ ଚ
ତଥା ମାନାପମାନୟୋଃ ।’

ଶତ୍ରୁ ଏବଂ ମିତ୍ର, ମାନ ଏବଂ ଅପମାନ, ଏ ସକଳ ପାର୍ଥକ୍ୟର ଊର୍ଦ୍ଧ୍ୱରେ ସେ ଆପଣାକୁ ପ୍ରତିଷ୍ଠିତ କରିବେ ! ବିଚଳିତ ହେବାର କାରଣ କିଣ ? ସଂସାର ଆଜି ତାଙ୍କ ପ୍ରତି ପରାଂମୁଖ । ସେଥିରେ ଦୁଃଖ କିଣ ? ସଂସାର ସହିତ ସକଳ ସମ୍ବନ୍ଧରୁ ସେ ଯେ ଆଜି ସମ୍ପୂର୍ଣ୍ଣ ନିର୍ମୁକ୍ତ !

ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି
ନ ଶୋଚତି ନ କାଂକ୍ଷତି
ଶୁଭାଶୁଭପରିତ୍ୟାଗୀ
ଭକ୍ତିମାନ୍ ଯଃ ସ ମେ ପ୍ରିୟଃ ।

ଯେ ପ୍ରିୟ ବସ୍ତୁ ଲାଭକରି ହୃଷ୍ଟ ହୁଏ ନାହିଁ, ଅପ୍ରିୟ ବସ୍ତୁରେ ବିଦ୍ୱେଷ କରେ ନାହିଁ, ଯାହା ଅଭିଳଷିତ ବସ୍ତୁ ତାହାର ନାଶରେ ଦୁଃଖିତ ହୁଏ ନାହିଁ, ଯାହା ଅଲବ୍ଧ ସେଥିପାଇଁ ଆକାଂକ୍ଷା କରେ

ନାହିଁ ଏବଂ ଯେ ପୁଣ୍ୟ ଓ ପାପ ପରିତ୍ୟାଗ କରିଅଛି, ତାଦୃଶ ବ୍ୟକ୍ତିହିଁ ମୋର ପ୍ରିୟ ।

ଶୁଭକାନ୍ତ କଣ ଏ ଆଦର୍ଶରୁ ସ୍ଖଳିତ ହୋଇଛନ୍ତି ? ଏ ଯେ ତାଙ୍କ ଜୀବନର ପରମ ସାଧନା । ଏଥିରୁ ସେ ବିଚଳିତ ହେବେ କିପରି ? ଜଗତ୍ ତାଙ୍କୁ ଉପହାସ କରିବ, ଖଳମୁଖରେ ନିନ୍ଦା ରଟିତ ହେବ ! ହେଲା ବା ! କି କ୍ଷତି ସେଥିରେ ତାଙ୍କର !!

ସମ୍ମୁଖରେ ବିସ୍ତୃତ ପ୍ରାନ୍ତର । ନିର୍ଜନ ତାରାଲୋକ ତଳେ ସେ ଦୁଇକର ମସ୍ତକରେ ଲଗାଇ ଡାକିଲେ,

'ହେ ବିଶ୍ୱବ୍ୟାପିନ୍ ବିଚିତ୍ରକର୍ମା ! ଏ ଜୀବନକୁ ସକଳ ଦିଗରୁ କାଙ୍ଗାଳ କରୁଚ କାହିଁକି ?—ତୁମର ନିକଟତମ କରିବ ବୋଲି ? ମାନ, ସମ୍ଭ୍ରମ, ଧନ, ସମ୍ପତ୍ତି, ଯଶ, ନାମ,—ଏ ସକଳ ବହନ କରି ତୁମ ଦ୍ୱାରରେ ପ୍ରବେଶ କରିବାର ନିଷେଧ ଅଛି କି ? ତାହା ହେଲେ ଯାଉ ସବୁ । ସକଳ ବିଶ୍ୱ ବିନିମୟରେ ତୁମରି ଲାଭ ଯଦି ସମ୍ଭବ ହୁଏ, ତାହା ହେଲେ ସେ ସକଳ ପାଇଁ ମୁଁ ଯେ ସଦା ପ୍ରସ୍ତୁତ । ସେରୂପ କାଙ୍ଗାଳ ହେବା ପାଇଁ ଏ ପ୍ରାଣ ଯେ ଆହ୍ଲାଦରେ ନାଚି ଉଠୁଚି ।' ସେହି ତାରାଲୋକ ତଳେ ସକଳ ଦୃଷ୍ଟିର ଅନ୍ତରାଳରେ ତାଙ୍କର ଗଣ୍ଡ ବାହି ଦୁଇଧାର ଅଶ୍ରୁ ଗଡ଼ି ପଡ଼ିଲା ।

'ହେ ପ୍ରିୟ ! ହେ ବନ୍ଧୁ ! ଏ ଜୀବନ ଦଗ୍ଧୀଭୂତ ହୋଇ ତୁମରି ଅର୍ଘ୍ୟର ଯୋଗ୍ୟ ହେଉ । ତୁମରି ବିରହରେ ଏ ପ୍ରାଣ ଅନନ୍ତ ବୈଧବ୍ୟ ବରଣ କରୁ । ତୁମେ ଯାହାର ଅଛ, କି ପ୍ରୟୋଜନ ତା'ର ଜଗତ ମଧ୍ୟରେ !"

ଅଶ୍ରୁ ତାଙ୍କର ବାଧା ମାନେ ନାହିଁ । କାହାପାଇଁ ସେ ଅଶ୍ରୁ ? କେତେକ୍ଷଣ ଧରି ସେ ଅଶ୍ରୁ ଶୁଭକାନ୍ତଙ୍କର ଗଣ୍ଡ

ଆର୍ଦ୍ର କରିଦେଲା, ତାହା ଆକାଶର ଶତ କୋଟି ତାରକା ନୀରବ ଦୃଷ୍ଟିରେ ନିରୀକ୍ଷଣ କରିବାକୁ ଲାଗିଲେ ।

କିନ୍ତୁ ଯେତେବେଳେ ସେ ଏହି ପେଚକ ଓ ଶୃଗାଳର କର୍କଶ ଶବ୍ଦ ମଧ୍ୟରେ ଗୋଟିଏ ମାନବ ଶିଶୁର ବିକଳ ଚିତ୍କାର ଶୁଣିଲେ, ସେତେବେଳେ ଦ୍ରୁତ ପଦକ୍ଷେପରେ ସେହି ଶବ୍ଦ ଅଭିମୁଖରେ ଯାତ୍ରା କଲେ । ସେ ଯେତେ ଅଗ୍ରସର ହେଲେ, ସେ ବିଳାପ ଯେପରି ସେତିକି ବୃଦ୍ଧି ଲାଭକଲା ! ଉଗ୍ରତର ହୋଇ ସେ ବିଳାପ ଆକାଶ ମଥିତ କରୁଛି, ବିରାମ ନାହିଁ, ଅବକାଶ ନାହିଁ । ସେ ଦେଖିଲେ ବନ ମଧ୍ୟରେ ଘନାଚ୍ଛାଦିତ ଗୁଳ୍ମରାଜି—ସେହିଠାରୁ ସେ ଚିତ୍କାର ଉଠୁଚି । ନିକଟକୁ ଯାଇ ଦେଖିଲେ ଗୋଟିଏ ଅର୍ଦ୍ଧ ଉଲଙ୍ଗ ନାରୀ ମୂର୍ତ୍ତି ଏକ ବର୍ଷ ଶିଶୁଟି ଉପରେ ପଡ଼ି ରହିଚି ଏବଂ ଶିଶୁଟି କାତର ଚିତ୍କାର କରୁଚି । ଶୁଭକାନ୍ତ ସଙ୍ଗେ ସଙ୍ଗେ ଶିଶୁଟିକୁ ଧରିବାକୁ ଗଲେ; କିନ୍ତୁ ପରକ୍ଷଣରେ ଦେଖିଲେ, ଏହି ନାରୀ ତାଙ୍କର ବାହୁଦେଶରେ ଦଶନ ବିଦ୍ଧ କରିଅଛି । ଶିଶୁଟିକୁ ଛାଡ଼ିବା ପାଇଁ ସେ ଗୃହେଁନା । ବଳାତ୍କାରରେ ଶୁଭକାନ୍ତ ତାକୁ ଛଡ଼ାଇ ଆଣିଲେ । ଝରଝର ହୋଇ ତାଙ୍କ ହସ୍ତରୁ ରୁଧିର ଗଳି ପଡ଼ିଲା । ସେହି ରକ୍ତକୁ ପାନ କରି ସ୍ତ୍ରୀ ଲୋକଟି ଶିଶୁ ଉଦ୍ଦେଶ୍ୟରେ ହସ୍ତ ଉତ୍ତୋଳନ କରି ଚିତ୍କାର କରି ଉଠିଲା, 'ମୋ ପିଲା, ମୋ ପିଲା !' ତା'ପରେ ମୁଖ ବନ୍ଦ କରି ଭୂତଳରେ ପଡ଼ି ରହିଲା । ତା'ର ହସ୍ତ ପଦ ସଞ୍ଚାଳିତ ହେଲା ନାହିଁ ।......

ଶୁଭକାନ୍ତ ନିଜର ଏବଂ ଶିଶୁର କ୍ଷତସ୍ଥାନକୁ ଧୂଳି ଲଗାଇ ରୁଧିର ରୁଦ୍ଧ କଲେ । ପରେ ଏହି ରମଣୀର ଅଙ୍ଗ ସ୍ପର୍ଶ କରି ଦେଖିଲେ, ତା'ର ପ୍ରାଣବାୟୁ ନିଃଶବ୍ଦରେ ଉଡ଼ି ଯାଇଛି ! ତା'ର

ଦୁଇଟା ଚକ୍ଷୁ ବିସ୍ଫାରିତ ହୋଇ ସମସ୍ତ ଜଗତକୁ ଭୀଷଣ ଦୃଷ୍ଟିରେ ଗ୍ରହିଁ ରହିଛି, ରକ୍ତାକ୍ତ ଅଧର ତାରଲେକରେ ଅପାର୍ଥିବ ଭୀଷଣତା ଲାଭ କରିଛି ! ଶୁଭକାନ୍ତ ଆଉ ଥରେ ତା'ର ହସ୍ତପଦ ସଞ୍ଚାଳନ କରି ଦେଖିଲେ । ଜୀବନର କୌଣସି ଚିହ୍ନ ନାହିଁ ! ଶିଶୁଟିକୁ ଧରି ସେ ଗ୍ରାମ ଅଭିମୁଖରେ ଗତି କରିବାକୁ ଲାଗିଲେ ।

ମନେ ପଡ଼ୁଚି, ଶୈଶବର ଦୁଗ୍ଧଦାୟୀ ସୁନା ଆଉ ଏଇ ରମଣୀ । ଜନମାର ଜାତି ! କିପରି ଗତି ତାର । କ୍ଷୁଧା ! କ୍ଷୁଧା ! ସମସ୍ତ ଜଗତ ଏଥିରେ ଜ୍ଞାନଶୂନ୍ୟ ହୋଇ ପଡ଼ୁଚି । ଉଦର ଯାହାର ଅପୂର୍ଣ୍ଣ ସେ ଯେପରି କ୍ଷୁଧିତ, ଉଦର ଯାହାର ପରିପୂର୍ଣ୍ଣ ତାହାର କ୍ଷୁଧା ମଧ୍ୟ ଅଳ୍ପ ନୁହେଁ । ଅନଶନଗ୍ରସ୍ତା ଏ ରମଣୀ କ୍ଷୁଧାରେ ଅନ୍ଧ; ଆହାର ବ୍ୟସନ ଲାଭ କରି ମଧ୍ୟ ତାହାଙ୍କର କ୍ଷୁଧା ଅତୃପ୍ତ ! ନାନାରୂପରେ ସେ ଅନଳ ପ୍ରକଟିତ ହୁଏ, ତାର ପରିତୃପ୍ତି କେଉଁଠାରେ ?

## ଏକାଦଶ ପରିଚ୍ଛେଦ

ଶିଶୁଟିକୁ ଧରି ଶୁଭକାନ୍ତ କଲ୍ୟାଣପୁର ଗ୍ରାମ ମଧ୍ୟରେ ପ୍ରବେଶ କଲେ । ସନାତନ ଏହି ମାତ୍ର ସାହାଯ୍ୟକେନ୍ଦ୍ରରୁ ଫେରୁଥି । ଶୁଭକାନ୍ତଙ୍କର ଏପରି ଅବସ୍ଥା ଦେଖି ପ୍ରଥମେ ସେ ବିସ୍ମିତ ହେଲା । "ଏ କଣ ଭାଇ, ତୁମ ଚେହେରା ଏପରି କାହିଁକି ?"

ଶିଶୁ ଉପରେ ଦୃଷ୍ଟି ପକାଇ ପଚାରିଲା, "ଏଇଟି କଣ ଭାଇ, କେଉଁଠୁ ପାଇଲ ?" ଶୁଭକାନ୍ତ କହିଲେ, "କ୍ଷୁଧିତା ଜନନୀର କବଳରୁ ଏ ଶିଶୁଟିକୁ ଉଦ୍ଧାର କରିଛି, ସନୁ । ଏହାର ପ୍ରଥମେ ଚିକିତ୍ସା ଆବଶ୍ୟକ ।"

ଅଳକା ଘରଭିତରୁ ଆସି ଶିଶୁଟିକୁ ନେଇ ଯାଇ ତାହାର ପଥ୍ୟ ଓ ଚିକିତ୍ସାର ବନ୍ଦୋବସ୍ତ କଲା । ଶୁଭକାନ୍ତଙ୍କର ଚେହେରା ଦେଖି ସନାତନ କୌଣସି ପ୍ରଶ୍ନ ପଚାରିବାକୁ ସାହସ କଲା ନାହିଁ । କେବଳ ଏତିକି କହି ନୀରବ ହେଲା, "ଭାଇ, ତୁମେ ମଧ୍ୟ ବଡ଼ କ୍ଳାନ୍ତ ବୋଧ ହେଉଛ ।"

ଶୁଭକାନ୍ତଙ୍କୁ ସେ ରାତିରେ ଆଉ କେନ୍ଦ୍ରସ୍ଥଳକୁ ଯିବାକୁ ହେଲା ନାହିଁ । ଶିଶୁଟି ପଥ୍ୟ ଓ ଶୁଶ୍ରୂଷା ପାଇ ଶୋଇ ପଡ଼ିଲା । ହାତ ମୁହଁ ଧୋଇ ଆଶ୍ୱସ୍ତ ହୋଇ ବସିବା ପରେ ଅଳକା

ଶୁଭକାନ୍ତଙ୍କର ଆହାରର ଆୟୋଜନରେ ଲାଗିଗଲା । ଅଳକାର ଆନନ୍ଦ ଆଜି ଚିତ୍ତରେ ଧରେ ନାହିଁ । ଶୁଭକାନ୍ତ ମଧ୍ୟ ଏହି ଦୁଇଟି ଭାଇ ଭଉଣୀଙ୍କର ଜୀବନରେ ଗୋଟାଏ ଅକପଟ ସାରଲ୍ୟ ଓ ଅନାବିଳ ଶୁଚିତା ଦେଖି ଆଜି ଦିନର ବୈଗୁଣ୍ୟରୁ ବହୁପରିମାଣରେ ମୁକ୍ତ ହୋଇ ଅଛନ୍ତି । ଶ୍ରୀଜାର ସମ୍ଭୋଗ ! କେତେ ତୁଚ୍ଛ ତାର ମୂଲ୍ୟ ଏହି ଦରିଦ୍ର ପରିବାର ନିକଟରେ ! ଏକ ମାତ୍ର ଅଳକା ଏହି ନିର୍ଜନ ଘରଟିକୁ ଯେପରି କର୍ମମୟ ଜୀବନରେ ପରିପୂର୍ଣ୍ଣ କରି ରଖିଅଛି, ଶତ ଦାସ ଦାସୀର କୋଳାହଳମୁଖରିତ ରାଜନବରର ତୁଳନା ସେଠାରେ କାହିଁ !

ଅଳକାର ଆୟୋଜିତ ଅନାଡ଼ମ୍ବର ଆହାରପାର୍ଶ୍ୱରେ ବସି ଶୁଭକାନ୍ତ ମୃଦୁ ହସି କହିଲେ, "ଅଳକା, ସନୁ ବଡ଼ ସ୍ୱାର୍ଥପର— ନିଜେ ଏଡ଼େ ସନ୍ତୋଷରେ ଆହାର କରୁଛି; କିନ୍ତୁ ଦିନେ ହେଲେ ତ ମତେ ଡାକିଲା ନାହିଁ !"

ଅଳକା ସହଜ ସ୍ୱରରେ କହେ, "ନାହିଁ, ମୁଁ ଯେତେଥର ଲଗାଇଲଣି, ତାଙ୍କର ପରା ସାହସ ହେଉ ନାହିଁ ।" ଶୁଭକାନ୍ତ ହସି ଉଠିଲେ ।

ସନାତନ ଲଜ୍ଜିତ ହେଲା—"କିନ୍ତୁ ତମେ ତ ଭାଇ, ଦିନେ ହେଲେ ଏ କଥା ମତେ କହି ନାହିଁ ?"

ଶୁଭକାନ୍ତ ପୁଣି ହସି ଉଠନ୍ତି, "ଶୁଣୁଛ ଅଳକା ?— ମୁଁ ଖାଇବି ବୋଲି ନିଜେ କହିଥିଲେ ହୋଇଥାନ୍ତା ।"

ଅଳକା ମଧ୍ୟ ଉତ୍ତର ଦିଏ—

"କାହିଁକି, ନିଜେ କହିଥିଲେ କଣ ଦୋଷ ହୁଅନ୍ତା ?"

ଶୁଭକାନ୍ତର କ୍ଷତ ଦେଖି ସନାତନ ପଚାରିଲା, "ଏ କଣ ଭାଇ, ତୁମ ହାତରେ ?" ସେ ମୃଦୁ ହସି କହିଲେ, "ସେ ଆଉ ବିଶେଷ କଣ ?" ସେହି କ୍ଷ୍ୟାପାଗଲ ରମଣୀର ସବୁ ବୃତ୍ତାନ୍ତ ସେ ଧୀରେ ଧୀରେ କହିବାକୁ ଲାଗିଲେ । ମଧ୍ୟେ ମଧ୍ୟେ ଅଳକା ଆହାର ପରିବେଷଣ କରିଗଲା । ମଧ୍ୟେ ମଧ୍ୟେ ଚଷାଙ୍କର ସ୍ମୃତି ଅନ୍ତରର କ୍ଷତ ସ୍ଥଳରେ ବ୍ୟଥାର ହୁତାଶ ଜାଳିଦେଲା । ସେହି ଚଷା ଦିନେ ଏହିପରି ତାଙ୍କ ଆହାର କାଳରେ ପ୍ରଶ୍ନ କରୁଥିଲେ । ସଂସାରକୁ ହାସ୍ୟମୟ ମଧୁମୟ କରି ଦେଖିଥିଲେ ! ସନାତନ ଆଗରେ ସେହି ବୁଭୁକ୍ଷୁ ନାରୀର କଠୋର ମୃତ୍ୟୁ ବର୍ଣ୍ଣନା କଲାବେଳେ ଶୁଭକାନ୍ତଙ୍କୁ ଏ ଚିନ୍ତା ବିଚଳିତ କଲା । ଆହାର କରିସାରି ସେ କହିଲେ, "ବର୍ତ୍ତମାନ ଏହି ଝିଅଟିର ଲାଳନ କିପରି ହେବ, ତାହାର ଚିନ୍ତାର ଦରକାର !"

ସନାତନ ତନ୍ମୟ ହୋଇ ତା'ମାଆର ବିକଳ ବୃତ୍ତାନ୍ତ ଶୁଣୁଥିଲା । ଉତ୍ତର କଲା, "ଜାଣିନି—ଅଳକା ?"

"ଅଳକା ପାରିବେ ତ ?"

'ନିଶ୍ଚୟ, ନ ପାରିଲେ ହେବ କିପରି ? ମୁଁ ତାକୁ ଆମର ଏଇ ଗାଁରେ ଘରେ ଘରେ ବୁଲି ସମସ୍ତଙ୍କ ସୁବିଧା ଅସୁବିଧା ବୁଝିବାକୁ ଛାଡ଼ି ଦେଇଛି । ବେଶିକରି ଯେଉଁ ଯୁବତୀ କନ୍ୟାମାନେ ଅନାହାରରେ ଚଡ଼ ମଧ୍ୟ ଘର ବାହାରକୁ ଆସୁ ନାହାନ୍ତି, ସେହିମାନଙ୍କ ସାହାଯ୍ୟରେ ସେ ଲାଗିଥିଲା । ଶିଶୁଟି ପାଇଁ ତ ତାକୁ ଆଉ ସବୁବେଳେ ବ୍ୟସ୍ତ ରହିବାକୁ ପଡ଼ିବ ନାହିଁ । ତେଣୁ ତା'କାମରେ ବ୍ୟାଘାତ ହେବାର ସମ୍ଭାବନା ନାହିଁ ।'

'କିନ୍ତୁ ତାଙ୍କର ମତ ପୁଣି ପଚାରିବାର ତ କଥା ?'

‘ଏଥିରେ ଆଉ ମତ ପଚ୍ଚରିବାର କଣ ଅଛି ? ସେ କଣ ଏତେବେଳଯାଏ ଏ କଥା ବୁଝି ପାରି ନାହିଁ ?’

‘ନା, ମୋର ଆଉ ଗୋଟାଏ ମତ କଣ ? ତୁମରି ମତ ହେଲେ ତ ସବୁ ହୋଇଗଲା, ନୁହେଁ କି ?’ ଅଳକା ହସି ହସି ଆସି କହିଲା, ‘କିନ୍ତୁ ମୋର ଗୋଟାଏ କଥା କହିବାର ଅଛି ।’

ଜିଜ୍ଞାସୁ ଦୃଷ୍ଟିରେ ଦୁଇ ବନ୍ଧୁ ଅଳକା ଆଡ଼କୁ ଚାହିଁଲେ । ଶୁଭକାନ୍ତଙ୍କୁ ଲକ୍ଷ୍ୟ କରି ସେ କହିଲା, ‘ଅତିଥିଙ୍କର ଆହାର ବ୍ୟବସ୍ଥା ଅନ୍ୟ କାହିଁ ନ ହୋଇ ଏଥର ଆମରି ଘରଠାରେ ହେବ ।’

ସନାତନ କହିଲା, ‘କେମିତି କଥା କହୁ ଅଳକା, ଗଣ୍ଡିଏ ଖାଇବା ପାଇଁ ପ୍ରତି ଦିନ ସେ ସାହାଯ୍ୟକେନ୍ଦ୍ରରୁ ଏତେ ବାଟ ଧାଇଁବେ ।’ ଅଳକା ବିସ୍ମିତ ହୋଇ କହିଲା, ‘କାହିଁକି, ତୁମେ ତ ପୁଣି ପ୍ରତି ଦିନ ଧାଉଁଛ ।’

‘ସେ ଆଉ ମୁଁ କଣ ସମାନ ? ଭଲ ବୁଦ୍ଧି ତ ତୋର ।’ ସନାତନର କଥାରେ ଶ୍ଳେଷର ଭଙ୍ଗିମା ।

ଅଳକା ସହଜରେ ଦବିଯିବାର ପାତ୍ର ନୁହେଁ । ଅଳ୍ପ ହସି କହିଲା, ‘ସେ ନ ହେଲେ ଘୋଡ଼ାରେ ଚଢ଼ି ଆସିବେ ।’

ଅଳକାର ଏହିପରି ସନାତନକୁ ବଡ଼ ଅନଧିକାର ବୋଧ-ହେଲା । କିନ୍ତୁ ଶୁଭକାନ୍ତ ମଝିରେ କହିଲେ, ‘ହଁ ଅଳକା, ଘୋଡ଼ାରେ ନହେଉ, ଗାଡ଼ିରେ ହେଉ, ନିଶ୍ଚୟ ଆସିବି । କିନ୍ତୁ ତୁମ ଭାଇ ତ ସ୍ୱାର୍ଥପର—ତା’ର ଆଦୌ ଇଚ୍ଛା ନାହିଁ !’

ସନାତନ ଅବାକ ହୋଇ ଶୁଭକାନ୍ତ ମୁହଁକୁ ଚାହିଁଲା । ସେ ପରିହାସ ବୁଝିଲା ନାହିଁ । କିନ୍ତୁ ଶୁଭକାନ୍ତ [illegible] ପଥଶ୍ରମ

କରି ତା'ଘରେ ଖାଇବାକୁ ରାଜି ହେବେ, ଏ କଥା ସେ କଳ୍ପନା କରି ନ ଥିଲା ।

ଅଳକା କହିଲା, 'ଆପଣ ତାଙ୍କ କଥା କାହିଁକି ଶୁଣୁଛନ୍ତି ! ତାଙ୍କର ବାହାରେ ଯିନା ସବୁ ସାହସ; କିନ୍ତୁ ରଜାଙ୍କ ପାଖରେ ନାହିଁ ।'

ସନାତନର ସ୍ୱର ରୂକ୍ଷ ହୋଇପଡ଼ିଲା । 'ରଜା କଥା କହନା, ଅଳକା ! ଶୁଭକାନ୍ତ କଥା କହ ।'

ଅଳକା ଶୁଭକାନ୍ତଙ୍କୁ ଉଦ୍ଦେଶ୍ୟ କରି କହିଲା, 'ନା, ନା, ଆପଣ ଭାଇନାଙ୍କ କଥା ଶୁଣିବେ ନାହିଁ । ଆମ ଘରେ ଏଣିକି ଭୋଜନ କରିବାକୁ ହେବ ।'

'କିନ୍ତୁ ଯେଉଁଠାରେ ଆପଣ ସମ୍ଭାଷଣ, ସେଠାରେ ସମ୍ମାନ ରକ୍ଷା କରି ଥରେ ଦୁଇଥର ଭୋଜନ କରାଯାଏ । ସବୁ ଦିନ ତ ନୁହେ ।'

'ନା, ଏଣିକି ତୁମେ ବୋଲି କହିବ । ସେଥିପାଇଁ ମୋର ଭୟ ନାହିଁ; କିନ୍ତୁ ଆସିବାକୁ ହେବ ।'

ସନାତନ ନିଜ ଭଗିନୀର ସାହସ ଦେଖି ବିସ୍ମିତ ହେଲା । ଏତେ ସହଜରେ ଅଳକା ଶୁଭକାନ୍ତଙ୍କୁ ରାଜି କରାଇ ପାରିଲା; ଅଥଚ ସେ ନିଜେ କେତେଥର ଏହି କଥା ଭାବି ପ୍ରକାଶ କରିପାରି ନ ଥିଲା । ଶୁଭକାନ୍ତ ନିକଟରେ ଏପରି ଗୋଟାଏ ପ୍ରସ୍ତାବ କରିବାକୁ ତାର ଯେ ସାହସ ହେଉ ନ ଥିଲା, ତାହା ନୁହେ । ତାର ସାନ୍ନିଧିରେ ଆସିଲେ ଏପରି ପ୍ରସ୍ତାବ କରିବା ତାକୁ ବଡ଼ ସାମାନ୍ୟ ମନେ ହେଉ-ଥିଲା ଏବଂ ଅଳକାର ଅନୁରୋଧରେ ଅନେକ ସମୟରେ ସେ ବିସ୍ମିତ-ହୋଇ ପଡୁଥିଲା । ବର୍ତ୍ତମାନ ତାର ସେହି କ୍ଷୁଦ୍ର ଭଗିନୀଟିର ସ୍ୱାଭାବିକ ବୁଦ୍ଧିମତ୍ତାର ପରିଚୟ ଲାଭ କରି ମନେ ମନେ ସେ ତାକୁ ପ୍ରଶଂସା

କରିବାକୁ ଲାଗିଲା । ଯେଉଁ ଦେଶରେ ପୁରୁଷର ନାମ ଶୁଣି ନାରୀର ହୃତ୍‌କମ୍ପ ହୁଏ, ସେ ଦେଶରେ ତାର ଭଗିନୀ ଯେ ଏପରି ସ୍ୱାଧୀନ ହୋଇପାରେ—ବହୁପରିମାଣରେ ସନାତନର ଶିକ୍ଷାହିଁ ତାର ହେତୁ ହେଲେହେଁ ଅଳକାର ଅନ୍ତର୍ନିହିତ ମହତ୍ତ୍ୱ ତାର ଅଗୋଚର ହେଲା ନାହିଁ ।

ନିଦ୍ରା ! ବିଶ୍ୱଜଗତର କ୍ଲାନ୍ତିହର ନିଦ୍ରା । ଏ ବୁଭୁକ୍ଷୁ ଦେଶରେ ମଧ୍ୟ ନିଦ୍ରା ହୁଏ । ଅନ୍ନଚିନ୍ତାରେ ଜୀବନ ଯେଉଁଠାରେ ପଳେ ପଳେ ମ୍ରିୟମାଣ, ଶୋକ କରିବାକୁ ଯେଉଁଠାରେ ଅଶ୍ରୁର ଅଭାବ, ଜୀବନ୍ତ ମାନବର ଉଦରରୁ ଯେଉଁଠାରେ ମୃତ୍ୟୁର ଚିତା ଜଳି ଉଠେ ! କିନ୍ତୁ ଶୁଭକାନ୍ତ ଚକ୍ଷୁରେ ନିଦ୍ରା ନାହିଁ । ପାର୍ଶ୍ୱବର୍ତ୍ତୀ ଅନ୍ୟ ଏକ କକ୍ଷରେ ଅଳକା ଗଭୀର ଶାନ୍ତିରେ ନିଦ୍ରା ଯାଇଛି । ସନାତନ ମଧ୍ୟ ନିଦ୍ରାଗତ, କିନ୍ତୁ ଶୁଭକାନ୍ତଙ୍କର ଚକ୍ଷୁ ନିଦ୍ରାହୀନ । ସମସ୍ତ ପୀଡ଼ିତ ବିଶ୍ୱକୁ ନିଦ୍ରା-କୋଳରେ ଶାନ୍ତିଦାନ କରି ମାତାମହୀ ପରି ଜାଗ୍ରତ ରହିବା ପରି ସେ ଗୃହାନ୍ତି । ଏହିପରି କେତେ ବିନିଦ୍ର ବିଭାବରୀ ତାଙ୍କର ଅତି-ବାହିତ ହୋଇ ଯାଇଅଛି । ଅଦୂର ଶ୍ମଶାନରୁ ଗୃଧ୍ର ଶୃଗାଳର ସ୍ୱନ ଭାସି ଆସିଅଛି । ଅନଶନର କାତର କଣ୍ଠ ନିଶାର ଅନ୍ଧକାରକୁ ବିଦୀର୍ଣ୍ଣ କରି ବାଜଉଠିଅଛି । ନିଶାର୍ଦ୍ଧରେ ଶଯ୍ୟା ତ୍ୟାଗ କରି କେତେ ନିରାଶ୍ରୟ ନିପତିତର ପାର୍ଶ୍ୱରେ ସେ ଉଭା ହୋଇ ଅଛନ୍ତି । ଦେହରେ କ୍ଲାନ୍ତି, ଅବସାଦ କୌଣସି ଦିନ ଅନୁଭବ କରି ନାହାନ୍ତି । ଯଥାର୍ଥରେ ଦେହ ତାଙ୍କର କର୍ମ କରେ ନାହିଁ, କର୍ମ କରେ ମନ । ସେ ମନର ଶକ୍ତି ଅଦମ୍ୟ, ପ୍ରେରଣା ତାର ଅପରିସୀମ । ଶଯ୍ୟା ଉପରେ ପଡ଼ି ଶୁଭକାନ୍ତଙ୍କର ସେହି ମନ ଉପରେ ଆଜି କେତେ ଚିତ୍ର ଭାସି ଉଠିଲା—ଗୌରୀ, ସୁନା, ଚନ୍ଦ୍ରକାନ୍ତ, ରାଜ୍ୟ, ରାଜସିଂହାସନ, ବଳରାମ, ଚିତା । ଧୂମାୟିତ ହୋଇ ଆଜି ସବୁ

କାହିଁ ମିଳାଇ ଯାଇଅଛି । ଆଜିର ଏହି ବୁଭୁକ୍ଷୁ ରମଣୀର ଅଭୁକ୍ତ ମୃତ୍ୟୁପରି ମିଥ୍ୟା ! ମିଥ୍ୟା !! ମିଥ୍ୟା !!!

ଆଉ କିଏ ? ଜୀବନରେ ତାଙ୍କର ଆଉ କି ଅବଶେଷ ଅଛି, କିଛିକ୍ଷଣ ପାଇଁ ଯାହା ତାଙ୍କର ଚିନ୍ତାର ବସ୍ତୁ ହୋଇପାରେ ? ଅଳକା ? ହଁ ଆଜି ତାର ପରିସ୍ମିତ ଶୁଭକାନ୍ତ ଜୀବନକୁ ଯେପରି ସ୍ପନ୍ଦିତ କରୁଛି, କାଲି ହୁଏ ତ ସେ ଏହି ଉଜ୍ଜ୍ୱଳ ଧୂମରାଶି ମଧ୍ୟରେ ବିଲୀନ ହୋଇ ଯିବ । ଗୋଟାଏ ଅଖଣ୍ଡ ଶୂନ୍ୟତା ତାଙ୍କର ଜୀବନମୟ ଆବୃତ କରି ରହିଅଛି । ଅତଳ ଜଳରାଶି ମଧ୍ୟରେ ଆକାଶର ପକ୍ଷୀ ପରି ଦୁଇ ବାହୁ ଆଘାତ କରି ସେ କୂଳ ଖୋଜୁ ଅଛନ୍ତି, ପଦେ ପଦେ ନିମଜ୍ଜିତ ହେବାର ଆତଙ୍କ, ଏହି ଶୂନ୍ୟତା ମଧ୍ୟରେ ନିଜେ ହଜି ଯିବାର ଆଶଙ୍କା ।

ଜ୍ୟୋତିଷାମପି ତଜ୍ଜ୍ୟୋତି—
ସ୍ତମସଃ ପରମୁଚ୍ୟତେ
ଜ୍ଞାନଜ୍ଞେୟଂ ଜ୍ଞାନଗମ୍ୟଂ
ହୃଦି ସର୍ବସ୍ୟ ବିଷ୍ଠିତମ୍ ।

ସକଳ ଜ୍ୟୋତିର ଜ୍ୟୋତି ସେ, ଅଜ୍ଞାନ ଅନ୍ଧକାରର ଅତୀତ ସେ । ଜ୍ଞାନ ସେ ଜ୍ଞେୟ ସେ । ସକଳ ଜ୍ଞାନର ଜ୍ଞାତବ୍ୟ ସେ ଏବଂ ସକଳ ପ୍ରାଣୀର ଅନ୍ତରରେ ନିୟନ୍ତୃ ରୂପେ ସେ ଅବସ୍ଥାନ କରୁଅଛନ୍ତି । ଜୀବନର ଅଖଣ୍ଡ ଶୂନ୍ୟତା ମଧ୍ୟରେ ଶୁଭକାନ୍ତ ସେହି ଅସୀମ ପରିପୂର୍ଣ୍ଣତାର ସନ୍ଧାନରେ ବିଶ୍ୱଭ୍ରମଣ କରୁଛନ୍ତି—କେଉଁ ପଥରେ, କେଉଁ ଦେଶରେ, ଅନ୍ତରର କେଉଁ ସ୍ଥଳରେ ସେ ପରି-ପୂର୍ଣ୍ଣତାର ବିଭୂତି ଲାଭ କରିବେ ?

ସକଳ ଜୀବର ଅନ୍ତର ବାହାରେ ସକଳ ସ୍ଥାବର ଜଙ୍ଗମକୁ ସେ ଆଚ୍ଛନ୍ନ କରି ରହିଅଛନ୍ତି । ଦୂରରେ ସେ, ନିକଟରେ ସେ—

ସମସ୍ତ ବିଶ୍ୱବ୍ୟାପ୍ତ ହୋଇ ବିରାଜିତ । ଜଳଠାରୁ ତରଙ୍ଗକୁ ଯେପରି ପୃଥକ୍ କରିହୁଏ ନାହିଁ, ସେହିପରି ଏ ବିଶ୍ୱର କୌଣସି ବସ୍ତୁଠାରୁ ସେ ଅବିଚ୍ଛେଦ୍ୟ । ଅରୂପ ସେ । ସେଥିପାଇଁ ସାକାରରେ ଗୋଚରୀଭୂତ ନୁହନ୍ତି; କିନ୍ତୁ ସମସ୍ତ ବିଶ୍ୱ ତାଙ୍କର ପ୍ରକାଶ । ଗୌରୀ, ସୁନା, ଚନ୍ଦ୍ରକାନ୍ତ, ମୁକ୍ତାଗଡ଼, ବଳରାମ, ଚିନ୍ତା—ସେହି ବିରାଟ ପ୍ରକାଶର ଗୋଟିଏ ଗୋଟିଏ କ୍ଷୀଣ ଅଙ୍ଗ ମାତ୍ର । ଏଥିରେ କାହାରି ଦୋଷଗୁଣ ବିଚାର କରିବାର ନାହିଁ । ଚିନ୍ତା, ଚିନ୍ତା ରୂପରେ ମିଥ୍ୟା ହୋଇ ପାରନ୍ତି; କିନ୍ତୁ ସେହି ବିରାଟ ପ୍ରକାଶର ଅଙ୍ଗରୂପେ ସେ ଜୀବନ୍ତ ସତ୍ୟ । ଗୋଟିଏ ଭୂଷଣ ଅନ୍ୟରୂପ ଭୂଷଣରେ ପରିବର୍ତ୍ତିତ ହୋଇ-ପାରେ । କିନ୍ତୁ ଯେଉଁ ସ୍ୱର୍ଣ୍ଣରୁ ତାହାର ଉତ୍ପତ୍ତି, ସହସ୍ର ଅବସ୍ଥା ପରି-ବର୍ତ୍ତିତ ହେଲେହେଁ ସେହି ସ୍ୱର୍ଣ୍ଣରେହିଁ ତାର ଅବସ୍ଥିତି । ଶ୍ରୀଭିକାନ୍ତଙ୍କର ଚିନ୍ତିତ ହେବାର ହେତୁ ରହିବ କିଣ ? ସେହିପରି ଶାନ୍ତ ଅବସ୍ଥାରେ ସେ ଦୁଇ କର ମସ୍ତକରେ ଲଗାଇ ଡାକିଲେ,

ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ
ତ୍ୱମସ୍ୟ ବିଶ୍ୱସ୍ୟପରଂ ନିଧାନଂ
ତ୍ୱମବ୍ୟୟଃ ଶାଶ୍ୱତଧର୍ମ ଗୋପ୍ତା
ସନାତନସ୍ତ୍ୱଂ ପୁରୁଷୋ ମତୋ ମେ ।

ଅନନ୍ତମୟ ତୁମର ଐଶ୍ୱର୍ଯ୍ୟ-କ୍ଷୟ ହ୍ରାସହୀନ ପରମ ଜ୍ଞାତବ୍ୟ ବସ୍ତୁ ତୁମେ । ଏ ବିଶ୍ୱର ଚରମ ଆଶ୍ରୟ ତୁମେ । ତୁମେ ଅବ୍ୟୟ ସନାତନ ପୁରୁଷ । ମୋର ସକଳ କର୍ମ, ସକଳ ଶାନ୍ତି, ମୋର ସକଳ ସ୍ୱପ୍ନ ସକଳ ଜାଗରଣର ନମସ୍କାର ଗ୍ରହଣ କର । ଆଲୋ-କରେ, ଅନ୍ଧକାରରେ, ଜ୍ଞାନରେ, ଅଜ୍ଞାନରେ, ଏହି ନମସ୍କାର କରି-ବାର ପ୍ରେରଣା ଏ ପ୍ରାଣରେ ଉଦ୍ଦୀପିତ କର ।

# ଦ୍ୱାଦଶ ପରିଚ୍ଛେଦ

ଗ୍ରୀଷ୍ମ ଯାଇ ବର୍ଷା ଆସିଲା । ସେ ଗ୍ରୀଷ୍ମରେ କେତେ ଲୋକ ମୃତ୍ୟୁଲାଭ କଲେ, ଆଉ କେତେ ମରଣାପନ୍ନ ହେଲେ । ଯେଉଁ ଦିଗକୁ ଦୃଷ୍ଟି ଦିଅ, ମାନବର ସ୍ତୂପୀକୃତ ଶୁଭ୍ର ଅସ୍ଥିକଙ୍କାଳରାଶି ବିକଟ ହାସ୍ୟ କରି ଉଠିଅଛି । ପଥ, ଘାଟ, ଜନପଦ—ଚତୁର୍ଦ୍ଦିଗରେ ଅବିରାମ ଚିତାନଳ ! କିନ୍ତୁ ବୃଷ୍ଟି ! ପ୍ରଚଣ୍ଡ ପ୍ରଳୟର ବୃଷ୍ଟି । ଗ୍ରାମେ ଗ୍ରାମେ ଯେଉଁ ଶ୍ମଶାନର ଚିତା ଅହରହ ଜଳି ଉଠିଥିଲା, ତାହାକୁହିଁ ନିର୍ବାପିତ କରିବାକୁ ଏ ବୃଷ୍ଟି ଆସିଲା କି ? ପଥ ଘାଟରେ ଯେ ଅସଂଖ୍ୟ ଶ୍ମଶାନ ରଚିତ ହୋଇଥିଲା, ଚତୁଷ୍ପାର୍ଶ୍ୱରେ ଯେ ନର-କଙ୍କାଳ ସ୍ତୂପୀକୃତ ହୋଇ ଉଠିଥିଲା, ତାହାର ସ୍ମୃତି ଦେଶବକ୍ଷରୁ ନିଭାଇ ଦେବାକୁ ଏ ବନ୍ୟା ଆସିଲା କି ?

ଏ ବନ୍ୟା ଶ୍ମଶାନ ଓ ଜନପଦକୁ ସମାନ କରି ଦେଲା । ମୃତ୍ୟୁ ଓ ଜୀବନ ମଧ୍ୟସ୍ଥିତ ପ୍ରଶସ୍ତ ବ୍ୟବଧାନକୁ ଦୂର କରିଦେଲା । ଉତ୍କଳର ନଦୀବକ୍ଷ ଉତ୍କୂଳ ହୋଇ ଉଠିଲା । ନଦୀଗର୍ଭ ଓ ସ୍ଥଳ-ଭାଗ ମଧ୍ୟରେ ପାର୍ଥକ୍ୟ ଦେଖାଗଲା ନାହିଁ—ସେହିପରି ଜୀବନ ଓ ମୃତ୍ୟୁ ମଧ୍ୟରେ । ଉଦରଜ୍ୱାଳାରେ ଯେଉଁମାନେ ଜୀର୍ଣ୍ଣ, ଅର୍ଦ୍ଧମୃତ ଅବସ୍ଥାରେ ପଡ଼ିଥିଲେ, ଏହି ଅସୀମ ଜଳରାଶି ମଧ୍ୟରେ ସେମାନେ ସ୍ୱୀୟ ଧନ ଜନର ସକଳ ଅବଶେଷ ଭସାଇ ଦେଲେ । ଧରଣୀ

ପୃଷ୍ଠରେ ସକଳ ଉଚ୍ଚ ନୀଚ ସ୍ଥାନ ଜଳରାଶିମଧ୍ୟରେ ସମତଳ ହୋଇ ଗଲା । ମାନବେତର ଯେଉଁ ପ୍ରାଣୀ ଦୁର୍ଭିକ୍ଷର ଦୁଃଖ ଜାଣି ନ ଥିଲେ, ସେମାନେ ମଧ୍ୟ ଏହି ଜଳରାଶି ମଧ୍ୟରେ ଆତ୍ମସମର୍ପଣ କଲେ । ଦେଶବ୍ୟାପୀ ବିଳାପଧ୍ୱନି ଗୃହମଧ୍ୟରୁ ନିଷ୍କ୍ରାନ୍ତ ହୋଇ ଛାତ ଉପରେ ମୁଖରିତ ହେଲା, ବୃକ୍ଷମୂଳରୁ ଉତ୍ଥିତ ହୋଇ ବୃକ୍ଷଉପରେ ଶବ୍ଦାୟମାନ ହେଲା । ଜଳରାଶି ଉପରେ ସେ ଶବ୍ଦ ଦିଗ ଦିଗନ୍ତ ପ୍ରତିଧ୍ୱନିତ ହୋଇ ଉଠିଲା । କେନ୍ଦ୍ରସ୍ଥଳକୁ ସାହାଯ୍ୟ ପାଇଁ ଆସିବା ଲାଗି ପଥ ଘାଟ ମିଳିଲା ନାହିଁ । ଦସ୍ୟୁ ଭାର୍ଗବୀର ଫେନିଳ ଜଳ ଫୁଲି ଫୁଲି ଯେପରି ଆକାଶକୁ ସ୍ପର୍ଶ କରିବାକୁ ଚାହେଁ । ନଦୀକୂଳସମୀପସ୍ଥ ଗ୍ରାମବାସୀମାନେ ଦିବାନିଶି ଉଜାଗର ରହି ବନ୍ଧ ଉପରେ ଜଗି ବସିଛନ୍ତି, ଜଳପ୍ଳାବନରୁ ଗ୍ରାମରକ୍ଷା କରିବା ଲାଗି; କିନ୍ତୁ ଜଳର ପ୍ରାଚୁର୍ଯ୍ୟ ବାଧା ବିଘ୍ନ ମାନେ ନାହିଁ । ଏକ ସ୍ଥାନରେ ବନ୍ଧ ଅତିକ୍ରମ କରି, ଅନ୍ୟ ସ୍ଥାନରେ ବନ୍ଧ ଭଗ୍ନ କରି ସମସ୍ତ ଦେଶ ପ୍ଳାବିତ ହୋଇ ଯାଉଛି । ହାହାକାର ଧ୍ୱନି ଆକାଶ ମଥିତ କରିବ । ଉଦ୍ଧାରର ପନ୍ଥା ନାହିଁ । କେବଳ ଜଳ ! ଜଳ ! ସମସ୍ତ ସ୍ଥଳଭାଗକୁ ମୁହୂର୍ତ୍ତକରେ ଗ୍ରାସ କରି ଦେବାକୁ ସେ ଯେପରି ଚଞ୍ଚଳ ହୋଇ ପଡ଼ିଅଛି । ଚତୁର୍ଦ୍ଦିଗରେ ବିଶ୍ୱପ୍ଳାବୀ ଜଳରାଶିର ଧ୍ୱଂସାବହ ଭୀଷଣ ଶବ୍ଦ । ଅନଶନପୀଡ଼ିତ କୃଷକ ପ୍ରାଣର ପରମ ଆଶା ଓ ଅନ୍ତିମ ସମ୍ବଳ ବିଆଳକ୍ଷେତ୍ର ପ୍ଳାବିତ ହୋଇଗଲା । ସେ ଜଳ ଗୃହେ ଗୃହେ ପ୍ରବେଶ କରି ଭବିଷ୍ୟତର ସ୍ୱଳ୍ପ ସଞ୍ଚିତ ଆହାର୍ଯ୍ୟ ବଳାତ୍କାରେ ଅପହରଣ କରି ନେଲା ।

ଏହି ନିଃସୀମ ଜଳରାଶିମଧ୍ୟରେ ଭାସି ଯାଉଥିବା ଗୃହର ଛାତ ଉପରେ ବସି କେତେ ନର ନାରୀ ଦୂରସ୍ଥିତ ସ୍ଥଳଭାଗକୁ ଚାହିଁ

ସାହାଯ୍ୟ ପ୍ରାର୍ଥନା କରୁଅଛନ୍ତି । କେତେ ଭୟାତୁର ଜନନୀ ଶିଶୁକୁ କ୍ରୋଡ଼ରେ ଧରି, କେତେ ସ୍ତ୍ରୀ ରୁଗ୍ଣ ସ୍ୱାମୀର ପାର୍ଶ୍ୱରେ ବସି କ୍ରନ୍ଦନ କରି ଉଠୁଛନ୍ତି । ଜଳ ଉପରେ କେତେ ଶବ ଭାସିଯାଉଛି— ନିର୍ବେଦ, ନିଶ୍ଚିନ୍ତ ! ଦୂରରୁ ତାହାର ରୂପ ଦେଖିବାକୁ ମିଳୁ ନାହିଁ; କିନ୍ତୁ କାକ ଗୃଧ୍ର ତାହାର ଲୋଭ ତ୍ୟାଗ କରି ନାହିଁ । ଏହିପରି କାକ-ଗୃଧ୍ର-ପରିବେଷ୍ଟିତ ଅସଂଖ୍ୟ ଶବ, ଅସଂଖ୍ୟ ବୃକ୍ଷ, ଗୃହ, ପଶୁ, ମାନବ !

ଏହି ଦିଗନ୍ତ ବିସ୍ତୃତ ଫେନାୟମାନ ଶୁଭ୍ର ଜଳରାଶି ମଧ୍ୟରେ କ୍ଷୁଦ୍ର ଗୋଟିଏ ନୌକା ଚବ ଚବ ଶବ୍ଦ କରି ଭାସି ଯାଉଅଛି । ନୌକା ମଧ୍ୟରେ ଦୁଇଟି ଆରୋହୀ ଅହରହ ଆହୁଲି ଟାଣି ନୌକା ବାହି ନେଉଅଛନ୍ତି । ଦୂରରୁ ମନେ ହେଉଛି, ଜଳରାଶି ଉପରେ ଗୋଟିଏ ପକ୍ଷୀ ଯେପରି ପକ୍ଷ ସଞ୍ଚାଳନ କରି ଉଡ଼ି ଯାଉଛି । ଆରୋହୀ ଦୁଇଟିର ଅନାବୃତ ଅଙ୍ଗ ନୌକା ଚାଳନରେ ସ୍ୱେଦସିକ୍ତ ।

ସାଧ୍ୟାନୁସାରେ ଏମାନେ ଅଳ୍ପ କେତେ ଜଣଙ୍କୁ ଉଦ୍ଧାର କରି ପାରୁଛନ୍ତି । ଅନ୍ୟମାନେ ଏହି ପ୍ରଶାନ୍ତ ଜଳସ୍ରୋତ ମଧ୍ୟରେ ଦୂରରୁ ଦୂରତର ହୋଇ କ୍ରମେ ଅଦୃଶ୍ୟ ହୋଇ ପଡ଼ୁଛନ୍ତି । ତଥାପି ମରଣର ଏହି ତୁମୁଳ ଆହବ ମଧ୍ୟରେ ଏହି ଯୁବକ ଦ୍ୱୟର ଶାନ୍ତି ନାହିଁ, ଅବସାଦ ନାହିଁ ।

ଗତ ଦୁଇଦିନ ହେଲା ସନାତନର ଦେହ ଅସୁସ୍ଥ ହୋଇ-ଅଛି । ତଥାପି ସେ ଶୁଭକାନ୍ତଙ୍କର ବାରଣ ନ ମାନି ନୌକା ବହନ କରି ଚାଲିଅଛି । ମନୁଷ୍ୟ ମରୁଛି ଯେ; କିଣ ସେ ସ୍ଥିର ହୋଇ ଶୋଇ ରହିବ ? ତା ଦୃଷ୍ଟିରେ ଜଳ ନାହିଁ, ସ୍ଥଳ ନାହିଁ, ଆକାଶ ନାହିଁ, ପବନ ନାହିଁ—କେବଳ ମନୁଷ୍ୟ, ମନୁଷ୍ୟ ।

ଜଳର ତେଜ ନୌକା ଆକ୍ରମଣ କରିବାକୁ ଉଦ୍ୟତ ହେଉଛି । ଗୋଟାଏ ଗୋଟାଏ ବତାସରେ ନୌକାଟି ଟଳମଳ ହୋଇ ଉଠୁଛି । ମହାବେଗରେ ଜଳରାଶି ଘୂର୍ଣ୍ଣିତ ହୋଇ ଉତ୍‌ଥିତ ହୋଇ ପ୍ରଧାବିତ । ଚତୁର୍ଦ୍ଦିଗରୁ ହାହାକାର ଚିତ୍କାର ଶୁଣି ସେ ଜଳ ଯେପରି ପୁଲକିତ ହୋଇ ଉଠୁଛି—ସମସ୍ତ ନୌକାକୁ ମୁହୂର୍ତ୍ତକରେ ଗ୍ରାସ କରି ବିଲୋପ କରି ଦେବ । ସନାତନର ଭୟ ନାହିଁ, ଆତଙ୍କ ନାହିଁ । ତା ଦୃଷ୍ଟିରେ କେବଳ—ମନୁଷ୍ୟ, ମନୁଷ୍ୟ ! ଯେଉଁ ଅସହାୟମାନଙ୍କ ପର୍ଯ୍ୟନ୍ତ ନୌକା ପହଞ୍ଚପାରୁ ନାହିଁ ଏବଂ ପଶ୍ଚାତ୍କୁ ଗୃହ ଯେଉଁମାନେ ବିକଳ ଆର୍ତ୍ତନାଦ କରୁଅଛନ୍ତି, ସେମାନଙ୍କୁ ଉଦ୍ଧାର କରିବା ପାଇଁ ନୌକା ଉପରୁ ଲମ୍ଫ ପ୍ରଦାନ କରିବାକୁ ସେ ବ୍ୟଗ୍ର ହୋଇ ପଡ଼ୁଛି । ଶୁଭକାନ୍ତ ତାର ହସ୍ତ ଧରି ଦୁଃସାହସିକତାରୁ ତାକୁ ନିବୃତ୍ତ କରାଉଅଛନ୍ତି । ଅତ୍ୟଳ୍ପ ଲୋକଙ୍କୁ ଉଦ୍ଧାର କରିବାରେ ଏମାନେ ସମର୍ଥ ହେଉ ଅଛନ୍ତି । ଅଧିକାଂଶହିଁ ଅତଳ ଜଳରେ ଭାସି ଯାଉଅଛନ୍ତି । ଅସଂଖ୍ୟ ଗୋରୁ, ଘୋଟକ, ପଶୁ, ପକ୍ଷୀ ! ଶୁଭକାନ୍ତ ସମସ୍ତ ଉଦବେଗ ଦମନ କରି ନୌକା ବାହି ନେଉଅଛନ୍ତି । ମଧ୍ୟେ ମଧ୍ୟେ ଚକ୍ଷୁ ତାଙ୍କର ସଜଳ ହୋଇ ଉଠୁଛି, ସମସ୍ତ ଶରୀର ଲୋମାଞ୍ଚିତ ହୋଇ ପଡ଼ୁଛି । କିନ୍ତୁ ସନାତନର ଏ ଅବସ୍ଥାରେ ସେ ତା'ଠାରୁ ନିଜର ଭାବ ଗୋପନ କରି ରହିଛନ୍ତି ।

ଯଥା ନଦୀନାଂ ବହବୋମ୍ବୁବେଗାଃ
ସମୁଦ୍ରମେବାଭିମୁଖା ଦ୍ରବନ୍ତି
ତଥା ତବାମୀ ନରଲୋକବୀରା
ବିଶନ୍ତି ବକ୍ତ୍ରାଣ୍ୟଭିବିଜ୍ୱଳନ୍ତି ।

ହେ ଉଗ୍ରରୂପୀ ମହାକାଳ ! ସକଳ ନଦୀର ଅସଂଖ୍ୟ ଜଳ-ପ୍ରବାହ ଯେପରି ସମୁଦ୍ର ଅଭିମୁଖରେ ପ୍ରବାହିତ ହୋଇ ସେହି ସମୁଦ୍ର

ମଧ୍ୟରେହିଁ ପ୍ରବେଶ କରେ, ସେହିପରି ଏହି ଭୂମଣ୍ଡଳସ୍ଥ ବୀରଗଣ ସର୍ବସ୍ୱ ଜାଜ୍ୱଲ୍ୟମାନ ତୁମର ବଦନସମୂହରେ ପ୍ରବେଶ କରୁଅଛନ୍ତି । ଏବଂ

ଦ୍ୟାବା ପୃଥିବ୍ୟୋରିଦମନ୍ତରଂ ହି
ବ୍ୟାପ୍ତଂ ତ୍ୱୟୈକେନ ଦିଶଶ୍ଚ ସର୍ବାଃ
ଦୃଷ୍ଟ୍ୱାଦ୍ଭୁତଂ ରୂପଂ ଉଗ୍ରଂ ତବେଦଂ
ଲୋକତ୍ରୟଂ ପ୍ରବ୍ୟଥିତ ମହାତ୍ମନ୍

ହେ ମହାତ୍ମନ୍ ! ଏକମାତ୍ର ତୁମ୍ଭେ ସ୍ୱର୍ଲୋକ ଓ ଭୂଲୋକ ଓ ଅନ୍ତରୀକ୍ଷ ଏବଂ ସକଳ ଦିଗ ବ୍ୟାପ୍ତ ହୋଇ ରହିଅଛ । ତୁମର ଏହି ଅପୂର୍ବ ଭୟାବହ ରୂପ ଦର୍ଶନରେ ମୁଁ ଲୋକତ୍ରୟକୁ କ୍ଷୁବ୍ଧ ଓ ବ୍ୟାକୁଳ ଦେଖୁଅଛି । କିଏ ତୁମେ ଉଗ୍ରରୂପଧାରିନ୍ ?

କିନ୍ତୁ ଏହି ଅପାର ଜଳରାଶିର କଳ କଳ ନାଦ ମଧ୍ୟରେ ଚତୁର୍ଦ୍ଦିଗର ହାହାକାର ଚିତ୍କାର ଓ କ୍ରନ୍ଦନମଧ୍ୟରେ ଦୂରରୁ ଗୋଟିଏ ସଙ୍ଗୀତର ସ୍ୱନ ଭାସି ଆସିଲା । ସେ ଯେପରି ମୃତ୍ୟୁର ତମସାଚ୍ଛନ୍ନ ଯବନିକା ମଧ୍ୟରେ ଅମୃତର ସୂକ୍ଷ୍ମ ଆଲୋକ ରଶ୍ମି ! ଶୁଭକାନ୍ତ ବିସ୍ମିତ ହୋଇ ସେହି ସ୍ୱରଲହରୀ ଆସୁଥିବା ଦିଗକୁ ଦୃଷ୍ଟିପାତ କଲେ । ଦେଖିଲେ ବହୁଦୂରରେ ନଦୀବକ୍ଷରେ ଗୋଟାଏ ପ୍ରକାଣ୍ଡ ଦ୍ରୁମ ଭାସି ଆସୁଅଛି । ସେହି ବୃକ୍ଷାନ୍ତରାଳରୁ ଏ ସଙ୍ଗୀତର ଉଦ୍ଭବ । ସନାତନକୁ ଡାକି ସେ ପଚାରିଲେ, ‘ଶୁଣି ପାରୁଛ, ସନୁ ?’

ସନାତନ ଅନ୍ୟମନସ୍କ ଥିଲା । କହିଲା, ‘କଣ ଭାଇ ?’

‘ଶୁଣିପାରୁ ନାହିଁ—ସଙ୍ଗୀତ ?’ ଦ୍ରୁମଟା ନିକଟତର ହୋଇ ଆସିଲା । ଚାରି ପାଞ୍ଚ ଗୋଟି ପୁରୁଷ ସେଥିରେ ବସି ହାତତାଳି ଦେଇ ଗାଉଛନ୍ତି । ଦ୍ରୁମଟା ଅର୍ଦ୍ଧେକ ଜଳମଧରେ ନିମଜ୍ଜିତ । ବାକି ଅର୍ଦ୍ଧଟାରେ ସମସ୍ତେ ଆଶ୍ରୟ ନେଇଅଛନ୍ତି । ଗୋଟିଏ ଯୁବକ

ମଧ୍ୟସ୍ଥଳରେ ବସି ଗୀତ ଆବୃତ୍ତି କରୁଛି ଏବଂ ଅନ୍ୟମାନେ ତାହା ଦୁଆ ଧରୁଛନ୍ତି । 'ଦରିଆ ପାରରେ ଦରିଆ ପାର, ଚଲ ଚଲ ଚଲ ଡାକଲା ବାର !'

ଆହୁରି ନିକଟତର ହୋଇ ଆସିବାରୁ ଦେଖା ଗଲା, କେବଳ ମନୁଷ୍ୟ ନୁହେ, କେତେ ଗୋଟି ପକ୍ଷୀ ମଧ୍ୟ ବୃକ୍ଷ ଉପରେ ଆଶ୍ରୟ ନେଇଅଛନ୍ତି । ମଧ୍ୟେ ମଧ୍ୟେ ବୃକ୍ଷ ତ୍ୟାଗ କରି ଆକାଶରେ କିଛି ଦୂର ଉଡ଼ି ଯାଉଛନ୍ତି; କିନ୍ତୁ ନିକଟରେ ଆଶ୍ରୟ ନ ଦେଖି ପୁନଶ୍ଚ ଆସି ବୃକ୍ଷଶାଖାରେ ସ୍ଥିର ହୋଇ ବସୁଅଛନ୍ତି ।

ଶୁଭକାନ୍ତ ଓ ସନାତନ ଦ୍ରୁତବେଗରେ ନୌକାଚାଳନ କରି ଏମାନଙ୍କୁ ଉଦ୍ଧାର କରିବାକୁ ଧାବିତ ହୋଇଅଛନ୍ତି । ହଠାତ୍ ବୃକ୍ଷମଧ୍ୟରୁ ଡାକ ଶୁଭିଲା,

'କାତ ଗୁଡ଼ିଦିଅ ସନାଭାଇ, କାତ ଗୁଡ଼ି ଦିଅ । ତେବେ ଯାଇଁ ମଜା ଦେଖିବ । ବାହାବା କ୍ୟା ମଜା !'

ସନାତନ ଉଦ୍‌ବେଗପୂର୍ଣ୍ଣ ସ୍ୱରରେ କହି ଉଠିଲା, 'ଭାଇ, ଭାଇ, ଅଭିରାମ ଭାସିଯାଉଚି, ଜଲ୍‌ଦି ଚଲାଅ ଭାଇ, ଜଲ୍‌ଦି !'

କିନ୍ତୁ ବୃକ୍ଷ ଉପରୁ ଶବ୍ଦ ଆସିଲା, 'ପାରିବ ନାହିଁ ସନାଭାଇ, ଫେରି ଯା, ଫେରି ଯା ।'

ଶୁଭକାନ୍ତ ଦ୍ରୁତ ଗତିରେ ନୌକା ଗୁଡ଼ି ଅଛନ୍ତି । ଅଳ୍ପ ଦୂର—ଅଳ୍ପ ଦୂର ଗଲେ ସେମାନଙ୍କୁ ଧରି ନେବେ । ବୃକ୍ଷ ଉପରୁ ପୁନଶ୍ଚ ଶୁଣାଗଲା,

'ଏହି ପରା ମୁକ୍ତାଗଡ଼ର ରାଜା—ଶୁଭଭାଇ—ନମସ୍କାର—ଭଲ ଅଛ ?'

ବର୍ତ୍ତମାନ ଆଳାପ ସମ୍ଭାଷଣର ସମୟ ନୁହେ । ଶୁଭକାନ୍ତ ହସ୍ତରେ ଆଉଲର ବିଶ୍ରାମ ନାହିଁ । ହୃଦୟର ଦୁକ୍ ଦୁକ୍ ପରି ସେ ଅହରହ ଛପ ଛପ ଶବ୍ଦ କରି ନୌକା ବାହି ନେଉଛନ୍ତି ।

‘ମୁକ୍ତାଗଡ଼କୁ ଯାଇ ମୃଗୟା କର ଭାଇ । ଏ କାମକୁ ପାଳିବ ନାହିଁ । ହାଃ ହାଃ କ୍ୟା ମଜା ।’ ଅଭିରାମର ଖଲ ଖଲ ହାସ୍ୟଧ୍ୱନି ଶୁଣା ଗଲା । ଗୋଟାଏ ପ୍ରବଳ ବାତ୍ୟାବେଗରେ ନୌକାଟି ଉତ୍-ଥିତ ହେବାରୁ ନିକଟରେ ଗୋଟାଏ କାଷ୍ଠର ଗଣ୍ଡି ଧରି ନେଇ ଶୁଭକାନ୍ତ ତାଙ୍କୁ ରକ୍ଷା କରି ନେଲେ । କିନ୍ତୁ ଯୁଗମାନ ଦ୍ରୁମଟାଙ୍କ ବତାସରେ ପାର୍ଶ୍ୱ ପରିବର୍ତ୍ତନ କରିବା ସମୟରେ ଫଳ ପଡ଼ିଲା, ପଣ ଦୁଇଟି ଲୋକ ଟପ୍ ଟପ୍ ଶବ୍ଦ କରି ଜଳ ମଧ୍ୟରେ ନିପତିତ ହେଲେ ଏବଂ ପ୍ରବଳ ସ୍ରୋତବେଗରେ ପଲକରେ ଅନ୍ତର୍ଦ୍ଧାନ ହୋଇ ଗଲେ । ଅଭିରାମ ତାଳି ମାରି ହସି ଉଠିଲା, ‘ହଟି ଗଲ, ହଟି ଗଲ । ଫେରି ଯାଅ, ପାରିବ ନାହିଁ, ଦେଖିଲ ତ କେମିତି ମଜା ? ବାଟପାଳ ଏହିପରି କେତେ ଟପ୍ ଟପ୍ ଶବ୍ଦ ଶୁଣି ଆସିଲୁଁ ! ତତ୍ପରେ ଭୂପତିତ ଅବଶିଷ୍ଟ ଦୁଇଟି ସଙ୍ଗୀଙ୍କୁ ଉଦ୍ଦେଶ୍ୟ କରି କହିଲା, ‘ଗାଞ୍ଜରେ ଭାଇ, ଏଥର ତାଙ୍କ କବଳରୁ ରକ୍ଷା ପାଇଛେଁ । ପରବାୟୁ ଭଣି ?’ ବତାସ ବେଗରେ ଦ୍ରୁମଟା ଦୂରରୁ ଦୂରତର ହୋଇଗଲା । ଶୁଭକାନ୍ତ ଓ ସନାତନ କାଷ୍ଠଗଣ୍ଡିଟିକୁ ଧରି ଆତ୍ମରକ୍ଷା କଲେ । ବାୟୁବେଗରେ ନୌକାଟି କମ୍ପିତ ହୋଇ ଉଠିଲା । ସେହି ବୃକ୍ଷ ଉପରୁ ସଙ୍ଗୀତର ଲହରୀ ଭାସି ଆସିଲା,

ଦରିଆ ପାରିରେ ଦରିଆ ପାରି,
ଚଳ ଚଳ ଚଳ ଡାକିଲା ବାରି ।

ଡାକିଲା ବାଶ ରେ, ଡାକିଲା ବାଆ,
ଭାସିଲା ପାହାଡ଼, ବୁଡ଼ିଲା ନାଆ !

ଘୁଡ଼ୁ ଘୁଡ଼ୁ କାତ,
ତୋଳି ଦଣ୍ଡ ହାତ,

ଦୂରୁ ଡାକେ ମାଳ ମଯୂର ଠାଇ,—
ଦରିଆ ପାରିରେ ଦରିଆ ପାରି !

ଦୂରରୁ ଦୂରତର ହୋଇ ଭଜନଟି କଣ୍ଠରୁ ସ୍ୱର [illegible] ଉପରେ ମୁଖରିତ ହୋଇ ଉଠିଲା, 'ଦରିଆ ପାରରେ ଦରିଆ ପାରୁ!' ସଙ୍ଗେ ସଙ୍ଗେ ଆନନ୍ଦ କରତାଳ ଧ୍ୱନି ଓ ଅଭିରାମର କିଶୋରକଣ୍ଠର ଖଲ ଖଲ ହାସ୍ୟ ! ଶୁଭକାନ୍ତ ନୌକାକୁ ରୋଧ କରି ସେହି ଦିଗକୁ ନିରାଶ ଦୃଷ୍ଟିରେ ଚାହିଁ ରହିଲେ । କିନ୍ତୁ ସନାତନ ଜଳମଧ୍ୟକୁ ଲମ୍ଫ ପ୍ରଦାନ କରିବାକୁ ବ୍ୟଗ୍ର ହୋଇ ଉଠିଲା । ତାହାର ହସ୍ତ ଧରି ପକାଇ ଶୁଭକାନ୍ତ କହିଲେ, 'ସନି, ଏ କି ପାଗଳାମି ? 'ନାହିଁ ପ୍ରଭୁ, ଅଭିରାମକୁ ଏପରି ଆଖି ଆଗରେ ମରିବାକୁ ଦେବି ନାହିଁ ।' ପାଣି ଭିତରକୁ ଡେଇଁଲେ ସ୍ରୋତ ତାକୁ ଉଦ୍ଧାର କରିବ ?' ଶୁଭକାନ୍ତଙ୍କ କଥା ନ ଶୁଣି ସନାତନ ପାଗଳ ପରି ଉଚ୍ଚ କଣ୍ଠରେ ଡାକି ଉଠିଲା, 'ଅଭିରାମ ! ଅଭିରାମ !' ଶୁଭକାନ୍ତ ଦୃଢ଼ରେ ସନାତନର ହସ୍ତ ଧାରଣ କରି କହିଲେ, 'ସନି,

ଗତାସୂନାଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ ।'

ମୁଁ ପଣ୍ଡିତ ହେବାକୁ ଚାହେଁ ନାହିଁ ଭାଇ,—ମୂର୍ଖ ମୁଁ—ସାଧାରଣ ମନୁଷ୍ୟ ମୁଁ । ଦୁଃଖ ସୁଖ, ରୋଗ ଶୋକର ଅଧୀନ ମୁଁ । ଅଭିରାମ ଚାଲିଗଲା ଭାଇ । କେତେ ଆନନ୍ଦରେ ଦେଖିଲ ତ ? ମୁଁ ପଣ୍ଡିତ ହୋଇ ସେ ଆନନ୍ଦର ଅଧିକାରୀ ହୋଇ ପାରିବି କି ?'

'ଯଥାର୍ଥ ସନି । ସେ ଆନନ୍ଦ ସାଧନାର ବସ୍ତୁ । [illegible] ସହିତ ମୋର ପରିଚୟ ଏହି [illegible] କଟାଇ [illegible] ଜଗତରୁ ଆସି ମୁହୂର୍ତ୍ତକେ [illegible] ଦିଗନ୍ତର ଖସିଗଲା । ସତେ [illegible] ବର୍ତ୍ତି [illegible] ପିଲା— [illegible] ଅଭିରାମ । ପ୍ରଭାତର [illegible] [illegible] [illegible]—ସେ [illegible] [illegible] ଆଜି [illegible] । ସମସ୍ତ [illegible] ସେପରି [illegible]

ଶୁଭକାନ୍ତଙ୍କ କଥାରେ ସନାତନ କେତେ ପରିମାଣରେ ଆଶ୍ୱସ୍ତ ନହୋଇ କହିଲା, 'କି ସୁନ୍ଦର ଗାଇପାରେ ଶୁଣିଲ ତ ଭାଇ ।' 'ସତେ ସନୁ, କଣ୍ଠଟି କେଡ଼େ ମୁଗ୍ଧକର ।'—'ଆଉ ସେ ଗୀତଟି—ଦରିଆ ପାରିରେ ଦରିଆ ପାରି—କି ଚମତ୍କାର ।'

'ସେ ଗୀତ ତାର ମୁଖର ରଚନା ଭାଇ । ବାଟ ଚାଲୁ ଚାଲୁ ଏହିପରି ମୁହେଁ ମୁହେଁ ରଚନା କରି ଗାଇଯାଏ । ଲେଖିବାକୁ କହିଲେ ଉତ୍ତର ଦିଏ, "କାବ୍ୟ ସଙ୍ଗୀତକୁ ଲିପିବଦ୍ଧ କରିବାଟା ସରସ୍ୱତୀଙ୍କ ପ୍ରତି ଅମର୍ଯ୍ୟାଦାର ଚୂଡ଼ାନ୍ତ । ବେଦକୁ ସେଥିପାଇଁ କେବଳ ପ୍ରଥମେ ଶୁଣି ଶୁଣି ଋଷିମାନେ ମନେ ରଖୁଥିଲେ । ସେଥି-ମଧ୍ୟରେ ନିଜର ରଚନା ଯୋଗ କରୁଥିଲେ—ନିଜର ମନୋମତ କରି ତାକୁ ସୁନ୍ଦରରୂପେ ଗଢ଼ୁଥିଲେ । ବେଦ ଉପନିଷଦ୍‌ର ରଚୟିତା-ମାନେ ତାହାକୁ ଲିପିବଦ୍ଧ କରି ନିଜ ନାମରେ ଭଣିତା କରିବାକୁ ବାଣୀର ଅବମାନନା ଜ୍ଞାନ କରୁଥିଲେ । ବାଣୀ ଯେ ସ୍ୱାଧୀନ ବସ୍ତୁ, ସେଥିରେ ନାମ ସ୍ପୃହା କରିବାକୁ ଯାଇ ନିଜର ରଚନା ବୋଲି ପରିଚୟ ଦେବା ମସ୍ତବଡ଼ ଧୃଷ୍ଟତା ।" କହୁଥିଲି ତ ଭାଇ, ସବୁକଥା ତାର ଏଇପରି ଅଦ୍ଭୁତ ।' ସନାତନର କଣ୍ଠ ସଜଳ ହୋଇ ଉଠିଲା ।

ଶୁଭକାନ୍ତ ତାର ସ୍କନ୍ଧରେ ହସ୍ତ ରଖି ସ୍ନେହ ସ୍ୱରରେ କହିଲେ, 'ଚିନ୍ତା ନାହିଁ ସନୁ, ଅଭିରାମ ପରି ଯୁବକର ମୃତ୍ୟୁ ପୃଥିବୀ ପୃଷ୍ଠରେ ସମ୍ଭବ ନୁହେ । ଦେଖିବ ସେ କଦାପି ମରିବ ନାହିଁ; ପୁନର୍ବାର ଫେରି ଆସିବ । ସେ ପ୍ରାଣ ଯେ ମୃତ୍ୟୁହୀନ ସନୁ । ଧରାପୃଷ୍ଠରେ ତାହା ଚିରନ୍ତନ ଅବତୀର୍ଣ୍ଣ ହୁଏ । ତାହାର କ୍ଷୟ ନାହିଁ, ଲୟ ନାହିଁ । ବିଶୁଦ୍ଧ ଜୀବନର ଉତ୍ସ ସେ—ମୃତ୍ୟୁର ପରିକଳ୍ପନା ସେଠାରେ ନାହିଁ ।'

## ତ୍ରୟୋଦଶ ପରିଚ୍ଛେଦ

୧୮୬୬ ସାଲର ଅଗଷ୍ଟ ମାସ ମଧ୍ୟ ଭାଗରେ ଯେଉଁ ପ୍ରବଳ ବନ୍ୟା ଆସିଲା, ସରକାରୀ ରିପୋର୍ଟରୁ ଜଣାଯାଏ ତାହା ୩୫ଟି ବନ୍ଧଯୁକ୍ତ ନଦୀର ୧୪୩ ଗୋଟି ସ୍ଥାନରେ ପଥ ଖୋଲି ଦେଇ ଏ ଦେଶର ୬୪୨ ବର୍ଗମାଇଲ ଭୂମିକୁ ତିନିଦିନ ଠାରୁ ସ୍ଥାନ ବିଶେଷରେ ଷାଠିଏ ଦିନ ପର୍ଯ୍ୟନ୍ତ ଜଳମଗ୍ନ କରି ରଖିଲା । ଆଉ କଣ ? ଏ ବନ୍ୟା ପ୍ରଭାବରେ ସାତ ଲକ୍ଷ ଲୋକ ଗୃହହୀନ ହୋଇଗଲେ । ତହୁରେ ମୃତ୍ୟୁ ଲଭିଲେ କେତେଜଣ, କେତେ ସଂଖ୍ୟକ ବୃକ୍ଷ ଭୂତଳଶାୟୀ ହେଲା, କେତେ ଗୃହପାଳିତ ପଶୁ ଓ ଗୃହସଞ୍ଚିତ ଧନ ଏ ଜଳରାଶିରେ ଅଦୃଶ୍ୟ ହୋଇଗଲା, ତାହାର ହିସାବ ଖୋଜିଲେ ଆଜି ମିଳେ ନାହିଁ ।

ଏହି ସମୟରେ ଦୁର୍ଭିକ୍ଷର ତୀବ୍ରତା ଚରମ ସୀମାରେ ଉପନୀତ ହେଲା । ଚୋରି, ଡକାୟତି, ପାପ, ବ୍ୟଭିଚାର ଦେଶମୟ ବ୍ୟାପ୍ତ ହୋଇଗଲା । ଶତ ଶତ ଗୃହହୀନ ଭିକ୍ଷୁକ ଦଳର ସୃଷ୍ଟି ହେଲା । ସ୍ଥାନେ ସ୍ଥାନେ ଅନ୍ନଛତ୍ରମାନଙ୍କରେ ଆହାର କରିଥିବା ଅପରାଧରେ 'ନଅଙ୍କିଆ' ବୋଲି ଏକ ପୃଥକ୍ ଜାତି ଭବିଷ୍ୟତ ପାଇଁ ସ୍ଥିତି ବନ୍ଧନ କଲେ । କିରସ୍ତାନ୍ ମିସନାରୀମାନଙ୍କର ପ୍ରତିଷ୍ଠିତ ଅନ୍ନଛତ୍ରରେ ଆହାର କରି ଉତ୍କଳରେ କିରସ୍ତାନ ଜାତିର ଉଦ୍ଭବ ହେଲା । ବହୁ

ଗ୍ରାମ ଶୂନ୍ୟ କରି ଲୋକେ କଲିକତା, ରେଙ୍ଗୁନ ପ୍ରଭୃତି ଦୂର ସ୍ଥାନମାନଙ୍କୁ ଯାତ୍ରା କଲେ । ନିଜକୁ ଯେଉଁମାନେ ଜାତି ଓ ଧର୍ମର ନେତୃସ୍ଥାନୀୟ ବୋଲି ଜ୍ଞାନ କଲେ, ସେହିମାନଙ୍କ ରାଜ୍ୟରେ ଦେଶ ଗୃହଳିତ ହେବାକୁ ଲାଗିଲା । ଯେଉଁମାନଙ୍କର ଧନ ନାହିଁ, ଉଦର ଜ୍ୱାଳାରେ ଯେଉଁମାନେ ଜ୍ଞାନଶୂନ୍ୟ ହେଲେ, ଆହାର ଆଗ୍ରହରେ ଯେଉଁମାନେ ଅନ୍ଧ ହୋଇ ପଡ଼ିଲେ, ଭବିଷ୍ୟତ ପାଇଁ ମଧ୍ୟ ସେମାନଙ୍କ ଅପରାଧର ଦଣ୍ଡବିଧାନ କରାଗଲା—ଚିରକାଳ ପାଇଁ ସେମାନେ ବିଜାତୀୟ, ବିଧର୍ମୀ ଅଥବା ଜାତିଚ୍ୟୁତ ହୋଇ ରହିଲେ । ଦେଶର ଏହି ଦୁଃସମୟରେ ସମାଜ ନେତାମାନଙ୍କର ସ୍ୱେଚ୍ଛାଚାର ଦେଖି ଶୁଭକାନ୍ତଙ୍କର ଅନ୍ତର ବ୍ୟଥିତ ହୋଇ ଉଠିଲା । ସନାତନ ଅଗ୍ନିଶର୍ମା ହୋଇ ଏ ଅନ୍ୟାୟ ବିରୁଦ୍ଧରେ ଦଣ୍ଡାୟମାନ ହେଲା । ସମାଜନେତାମାନେ ଏହି ଅର୍ବାଚୀନ ପୁରୁଷ ଦୁଇଟିଙ୍କର ବାଧାକୁ ଭ୍ରୂକ୍ଷେପ କଲେ ନାହିଁ ।

ସାହାଯ୍ୟକେନ୍ଦ୍ରଗୁଡ଼ିକ କ୍ରମେ ଅଚଳ ହୋଇ ଆସିଲା । ଶ୍ୟାମ ରଥଙ୍କର ସମ୍ପତ୍ତି ଦିନୁ ଦିନ ବୃଦ୍ଧି ଲାଭ କରିବାକୁ ଲାଗିଲା । ସେ ମଧ୍ୟ ନିଜକୁ ଜଣେ ସମାଜ ଓ ଧର୍ମର ନେତା ବୋଲି ପରିଚୟ ଦେବାକୁ ଭୁଲିଲେ ନାହିଁ । ସ୍ମୃତି ଓ ସଂହିତାର ପଦ ଆବୃତ୍ତି କରି ନିଜ ଗ୍ରାମର କେତେ ଲୋକଙ୍କୁ ଜାତିଚ୍ୟୁତ କରି ରଖିଲେ । ଯେଉଁମାନେ ଶ୍ୟାମ ରଥଙ୍କୁ ସର୍ବସ୍ୱ ଦେଇ ମଧ୍ୟ ତାଙ୍କ ଦ୍ୱାରରେ ଉପବାସୀ ରହି ପ୍ରହାର ଭର୍ତ୍ସନା ସହ୍ୟ କରି ପାରିଲେ ନାହିଁ ଏବଂ ସାହାଯ୍ୟକେନ୍ଦ୍ରର ଆଶ୍ରୟ ନେଲେ, ସେମାନଙ୍କୁ ଜାତି ହରାଇ ବସିବାକୁ ହେଲା । ଏହିପରି ଗ୍ରାମେ ଗ୍ରାମେ ଶ୍ୟାମ ରଥମାନଙ୍କର ଆବିର୍ଭାବ ହେଲା । ଗ୍ରାମେ ଗ୍ରାମେ ଲୋକେ ଜାତିଚ୍ୟୁତ ହୋଇ ଶେଷରେ ଭିକ୍ଷାର ଆଶ୍ରୟ ନେଲେ ।

ସରକାରି ଓ ବେସରକାରି କେନ୍ଦ୍ରଗୁଡ଼ିକ ନାମମାତ୍ରରେ ଚଳିବାକୁ ଲାଗିଲା । ଚତୁର୍ଦ୍ଦିଗରେ ଅର୍ଥର ଅନଟନ, ଆହାରର ଅଭାବ ।

ଶୁଭକାନ୍ତ କହିଲେ, "ଯଥାର୍ଥ ସନୁ, ଅଭିରାମ ଯାହା କହୁଥିଲା ବର୍ତ୍ତମାନ ଅବସ୍ଥାରେ ଜୈନ ଭିକ୍ଷୁମାନଙ୍କ ପରି ଉପବାସରେ ଆତ୍ମହତ୍ୟା କରିବା ପାଇଁ ଇଚ୍ଛା ହୁଏ ।"

'ଆତ୍ମହତ୍ୟା ! ହଁ ଭାଇ, ଧର୍ମ ନାମରେ ମଧ୍ୟ ଉପବାସ ରହି ଆତ୍ମହତ୍ୟା କରିବାର ବିଧାନ ଅଛି । ପଶୁହତ୍ୟା, ନରହତ୍ୟା, ପାପ, ବ୍ୟଭିଚାର—ମାନବର ସକଳ ଦୁଷ୍ପ୍ରବୃତ୍ତିର ସ୍ଥାନ ଏହି ଧର୍ମ ଭିତରେ ଅଛି । ସେ ଧର୍ମର ଅର୍ଥ ଯେ କଣ—'

ଶୁଭକାନ୍ତ କହିଲେ, 'ସନୁ, ଧର୍ମ କୌଣସି ବସ୍ତୁରୁ ପୃଥକ୍ ହୋଇପାରେ ନାହିଁ । ସମସ୍ତ ବିଶ୍ୱଜଗତ ଆବୃତ୍ତ କରି ସେ ଅବସ୍ଥିତ । ପାପ ବ୍ୟଭିଚାରକୁ ମୁଁ ଧର୍ମରୁ ପୃଥକ ରୂପେ ଦର୍ଶନ କରିପାରେ ନାହିଁ । ମୋର ମନେ ହୁଏ ଧର୍ମର ଯଥାର୍ଥ ଉପଲବ୍ଧି ଯେଉଁଠାରେ, ସେଠାରେ ପାପପୁଣ୍ୟର ଭେଦଜ୍ଞାନ ଥାଏ ନାହିଁ ।'

ସନାତନ ନୀରବ ରହେ, ଶୁଭକାନ୍ତଙ୍କର ଦୃଷ୍ଟି ଦେଇ ବିଶ୍ୱକୁ ଦର୍ଶନ କରିବାର ଇଚ୍ଛା ତାର ଜାଗ୍ରତ ହୁଏ ନାହିଁ । ଏତେ ଗଭୀର ଭାବରେ ଚିନ୍ତା କରିବାର ସମୟ ତାର ନାହିଁ । ସେ ଭାବୁ ଭାବୁ କର୍ମ କରିଯାଏ । ଚିନ୍ତା ଉପଲବ୍ଧି ଆଦିରେ ବହୁ ସମୟ ଅନର୍ଥକ ବ୍ୟୟିତ ହୁଏ । ମାନବଜାତି ପାଇଁ ଯେତେ ଲୋକ ଚିନ୍ତା ଉପଲବ୍ଧି କରି ଯାଇଅଛନ୍ତି, ତା ଉପରେ ଆଉ ଅଧିକ ଚିନ୍ତା କରିବାର ଆବଶ୍ୟକ କଣ ? କର୍ମ ! କର୍ମ ! ସନାତନର କର୍ମମୟ ଜୀବନରେ ଧର୍ମ ଦର୍ଶନର ଗବେଷଣା କରିବାକୁ ଅବକାଶ କାହିଁ !

ଚିନ୍ତା ଉପଲବ୍ଧି ବୋଲି ଯେଉଁ ବସ୍ତୁଗୁଡ଼ିକ ଅଛି, ସେ ସବୁଟି ଅନର୍ଥକ କାଳକ୍ଷେପଣ କରିବା କ୍ଲୀବତ୍ୱର ପରିଚାୟକ ।

ଶୁଭକାନ୍ତ ଯେଉଁଠାରେ ନିରୁପାୟ ହୋଇ ଚିନ୍ତା କରନ୍ତି, ସନାତନ ସେଠାରେ କେବଳ କର୍ମ କରିଯାଏ । କର୍ମ କରିବାରେ ତାର ଅଦମ୍ୟପ୍ରବୃତ୍ତି । ଯେଉଁଠାରେ ସନାତନ ନିରୁପାୟ, ସେଠାରେ ବରଂ ବାଧାପ୍ରାପ୍ତ ନଦୀପ୍ରବାହ ପରି ସେ ଉଚ୍ଛନ୍ନ ହୋଇ ଉଠେ, କିନ୍ତୁ ନିରୁତ୍ସାହ ହୁଏ ନାହିଁ । ଶୁଭକାନ୍ତଙ୍କର ହତାଶା ଦେଖି ସନାତନ କହିଲା, 'ଭାଇ, ସାହାଯ୍ୟକେନ୍ଦ୍ରରୁ ଚାଉଳ ସରି ଯିବ, ଲୋକେ ସାହାଯ୍ୟ ନ ପାଇ ନିରାଶରେ ଫେରି ଯିବେ, ସେଥିପାଇଁ ଆମେ ନିରାଶ ହେଲେ ଚଳିବ କିପରି ?'

ଅଳକା ଦୁଇ ବନ୍ଧୁଙ୍କର କଥୋପକଥନ ସମୟରେ କେତେବେଳୁ ଆସି ଉଭା ହୋଇଥିଲା । କାହାରି ତା ପ୍ରତି ଲକ୍ଷ୍ୟ ନାହିଁ । ସନାତନର କଥା ଶୁଣି ସେ କହିଲା, 'ମୁଁ ଏଠାରେ କିଛି ସାହାଯ୍ୟ କରିବାକୁ ଚାହେଁ ।' ଦୁଇ ବନ୍ଧୁ ବିସ୍ମିତ ଦୃଷ୍ଟିରେ ତାର ମୁଖକୁ ଚାହିଁଲେ । ଅଞ୍ଚଳ ମଧ୍ୟରେ ଲୁକ୍କାୟିତ ଗୋଟିଏ ଗେଣ୍ଠିଟ ଟଙ୍କାର ଥଳି ଆଣି ସେ ଶୁଭକାନ୍ତ ସମକ୍ଷରେ ରଖି ଦେଲା । ଶୁଭକାନ୍ତ ଅବାକ୍ ହୋଇ ତା ପ୍ରତି ଚାହିଁଲେ, 'ଏ କଣ ? ଏ ଟଙ୍କା ଆଜଯାଏ ଖରଚ ହୋଇ ନାହିଁ ?' ସନାତନ ଉତ୍ତର କଲା, 'ନାହିଁ ଭାଇ, ଖରଚ ହେବାର ତ କିଛି ରାସ୍ତା ନ ଥିଲା । ମୋର ମଧ୍ୟ ଏ ଟଙ୍କା କଥା ମନେ ନ ଥିଲା । ଯାହା ହେଉ ଭଲ ବେଳେ ଏହା ମିଳିଛି ।' 'ହଁ ଯାହା ଯୋଗରୁ କିନ୍ତୁ ମିଳିଲା, ତା କଥା ଆଉ ମୁଖରେ ଆଣ ନାହିଁ ।' ଅଳକା ଦୁଷ୍ଟ ଦୃଷ୍ଟିରେ ଶୁଭକାନ୍ତ ପ୍ରତି ଚାହିଁଲା । ଶୁଭକାନ୍ତ ଏହି ଗ୍ରାମ୍ୟ ବାଳିକା ପ୍ରାଣରେ ଗୋଟାଏ ମହତ୍ତ୍ୱ ଐଶ୍ୱର୍ଯ୍ୟର ସନ୍ଧାନ ପାଇ

ମୂକ ହୋଇ ଚିନ୍ତା କରୁଥିଲେ । ଅଳକାକୁ କୃତଜ୍ଞତା ଦେଖାଇବାକୁ ମଧ୍ୟ ତାଙ୍କର ମୁଖ ଫିଟିଲା ନାହିଁ ।

ସନାତନ କହିଲା, 'ଅଳକା, ଅର୍ଥ ମିଳିଲା ସତ; କିନ୍ତୁ ଏ ଅର୍ଥର ମୂଲ୍ୟ ବର୍ତ୍ତମାନ ଅବସ୍ଥାରେ କଣ ଅଛି ? ଏହା ବଦଳରେ କିଛି ଆହାର୍ଯ୍ୟ ବସ୍ତୁ ମିଳିଲେ ତ ହୁଏ—ଯାହା ବା ମିଳିବ ସେଥିରେ କେତେଟା ଦିନ କେନ୍ଦ୍ରର କାର୍ଯ୍ୟ ଚାଲିପାରେ ?'

ଶୁଭକାନ୍ତ କହିଲେ, 'ନାହିଁ ସନୁ, ଏ ବଡ଼ ଅନ୍ୟାୟ ତୁମର । ଅଳକା ଯେ ଏପରି ସନ୍ଧିସ୍ଥଳରେ ଆମ୍ଭମାନଙ୍କୁ ସାହାଯ୍ୟ କରିଅଛନ୍ତି, ସେଥିପାଇଁ ସେ ଧନ୍ୟବାଦାର୍ହ । ନିଜ ଭଗିନୀ ପ୍ରତି ତୁମେ ଏତେ ଅନୁଦାର କାହିଁକି ସନୁ ?'

ତପୂରେ ଏହି ଅର୍ଥ ବିନିମୟରେ କିପରି କେଉଁଠାରୁ ଆହାର୍ଯ୍ୟ ପଦାର୍ଥ ଆଣିବାକୁ ହେବ, ସେଥିପାଇଁ ଦୁଇ ବନ୍ଧୁ ସଙ୍ଗେ ସଙ୍ଗେ ଉଠି ବାହାରିଲେ । ଦୁଇ ଏକ ସ୍ଥାନରେ ଚେଷ୍ଟା କରି ଦେଖିଲେ, ଯେଉଁମାନେ କିଛି କିଛି ଶସ୍ୟ ସଞ୍ଚୟ କରି ରଖିଥିଲେ, ବର୍ତ୍ତମାନ ଦୁରବସ୍ଥାରେ ଭବିଷ୍ୟତ୍ ପାଇଁ ସାବଧାନ ହୋଇ ସେମାନେ ବିକ୍ରୟ କରିବାକୁ ରାଜି ନୁହନ୍ତି । ଆଉ କାହାରି ବିକ୍ରୟ କରିବାକୁ ଇଚ୍ଛା ଥିଲେହେଁ ସେ ଶୁଭକାନ୍ତ ପ୍ରତି ସମ୍ଭ୍ରମବଶତଃ ବର୍ତ୍ତମାନ ମୂଲ୍ୟ-ବୃଦ୍ଧି ସମୟରେ ଅର୍ଥ ତୁଳନାରେ ଅଧିକ ଶସ୍ୟ ଦେବାକୁ ହେବ ବୋଲି ଆଶଙ୍କା କରି ବିକ୍ରୟରେ ଅନିଚ୍ଛା ପ୍ରକାଶ କଲେ । ସନାତନର ଚିତ୍ତ ଏହି ସ୍ୱାର୍ଥାନ୍ୱେଷୀମାନଙ୍କର ବ୍ୟବହାରରେ କ୍ଷିପ୍ତ ହୋଇ ଉଠିଲା । କ୍ରୋଧ ଓ ଘୃଣାରେ ତାର ଗାତ୍ରଦାହ ହେବାକୁ ଲାଗିଲା । ଶୁଭକାନ୍ତ ମୃଦୁ ହସି କହିଲେ, 'ତୁମେ ତ ସନୁ ମନୁଷ୍ୟକୁହିଁ

ସବୁଠାରୁ ବେଶି ବିଶ୍ୱାସ କର । ସେହି ମନୁଷ୍ୟର ବ୍ୟବ-ହାରରେ ଏତେ ବିଚଳିତ ହେଉଛ କାହିଁକି ?

'ଏମାନଙ୍କୁ ତୁମେ ମନୁଷ୍ୟ କହ ଭାଇ, ମନୁଷ୍ୟତାର ମାତ୍ରା ଏମାନଙ୍କର କେଉଁଠାରେ ଅଛି ? ଏଗୁଡ଼ାକ ଯେ କେବଳ ପିଶାଚ ଭାଇ—ନରରକ୍ତଶୋଷୀ ପଶୁ !'

'ସ୍ଥିର ହୁଅ ସନୁ, ଅନ୍ୟ ଉପାୟ ଦେଖିବା । ଆଚ୍ଛା ଶ୍ୟାମ ରଥଙ୍କ ଦ୍ୱାରରେ ଚେଷ୍ଟା କଲେ କିପରି ହୁଏ ?'

'ଛି, ଛି, ଭାଇ, ସେ ଲୋକଟାର ନାମ ପର୍ଯ୍ୟନ୍ତ ମୁଖରେ ଆଣ ନାହିଁ ।'

ଶୁଭକାନ୍ତ ପୁନଶ୍ଚ ମୃଦୁ ହସିଲେ, 'ନାହିଁ ସନୁ, ତାର ନାମ କୌଣସି ଅପରାଧ କରି ନାହିଁ । ତେବେ କଣ କି, ଆମେ ପୁଣି ତାର ଦ୍ୱାରକୁ ଗଲେ, ଏ ମଧ୍ୟରେ ଯେଉଁସବୁ ଘଟଣା ଘଟିଗଲାଣି—ତାର ଦେଖା ମିଳିବା ମଧ୍ୟ ସମ୍ଭବ ନୁହେ । ତେବେ ଅନ୍ୟ କାହାରି ଦ୍ୱାରା ଚେଷ୍ଟା କଲେ ମୋ ମତରେ ଭଲ ହୁଏ । ଆଉ କାହାକୁ ପଠାଇବା —କିଏ ସେପରି ଲୋକ ଅଛି ଜାଣ ?' ସନାତନର ମସ୍ତିଷ୍କ ଏପରି ଉତ୍ତପ୍ତ ହୋଇ ଉଠିଥିଲା ଯେ, ସେ ମୁହୂର୍ତ୍ତରେ ତାର ସମସ୍ତ ସ୍ମୃତିଶକ୍ତି ବିଲୁପ୍ତ ହୋଇ ପଡ଼ିଥିଲା । ସେ ଶୂନ୍ୟ ଦୃଷ୍ଟିରେ ଚାହିଁ କହିଲା, 'ନାହିଁ ଭାଇ, କିଏ ସେପରି ଲୋକ ଅଛି ? ଆଉ ଲୋକର କି ଆବଶ୍ୟକ ଭାଇ ? ପୃଥିବୀପୃଷ୍ଠରୁ ଏ ନରପିଶାଚଗୁଡ଼ାଙ୍କର ଉଚ୍ଛେଦ ନ ହେବା ଯାଏ—'

'ଆଚ୍ଛା, ଅଳକାକୁ ପଚାରିବା ।' ଶୁଭକାନ୍ତଙ୍କର ଆହ୍ୱାନରେ ଅଳକା ନିକଟକୁ ଆସି କହିଲା, 'ହଁ ଲୋକ ଅଛି—ଆନନ୍ଦ ଦାସ । ତୁମେ ସବୁ ଯିବାବେଳେ ମୋର ତାର କଥା ମନେ ପଡ଼ୁଥିଲା ।

ସେ ଯାଇଥିଲେ ଟଙ୍କା ନେଇ କେବେ ହେଲେ ଖାଲି ଖାଲି ଫେରି ନ ଆନ୍ତି ।'

'ଠିକ୍ କହୁଛ ତ ଅଲକା—ଆନନ୍ଦ ଦାସ । ସେ ଲୋକଟା ବେଶ୍ ପାରିବ । ବିଶ୍ୱାସୀ ଯେପରି, କାମିକା ମଧ୍ୟ ସେହିପରି ।'

ଆନନ୍ଦ ଦାସ ହସ୍ତରେ ଥଳୀ ମଧ୍ୟରୁ ଅର୍ଦ୍ଧେକ ମୁଦ୍ରା କାଢ଼ି ଦେଇ ଶୁଭକାନ୍ତ କହିଲେ, 'ଦେଖ ଆନନ୍ଦ, ଏହି ପଚଶଟି ଟଙ୍କା । ଏତିକ ଆମର ସମ୍ବଳ । ଖୁବ୍ ସାବଧାନରେ ଯିବ । ଆଜି କାଲି ଯେଉଁ ସମୟ—ଦିନ ଦୁଇପ୍ରହରରେ ଡକାୟତି ହୋଇ ଯାଉଛି । ଆମେ ମଧୁସାନ୍ତରା, ରାମ ମଙ୍ଗରାଜ ଆଦି ଆଖପାଖର ସବୁ ଧନୀ-ଲୋକଙ୍କ ଦ୍ୱାରରୁ ଫେରିଛୁଁ । ଖାଲି ବାକି ଅଛନ୍ତି ଶ୍ୟାମ ରଥେ ।'

ଆନନ୍ଦ ଦାସ କହିଲା, 'ଆଜ୍ଞା, ମୁଁ ଶ୍ୟାମ ରଥଙ୍କୁ ଜାଣେ । ସେ ଯେପରି ତଣ୍ଟିଚପା ହଜୁର ତ ନିଜେ ଜାଣନ୍ତି । ଯେତିକି ଦେବ ସେତିକି ଘେନି ଆସିବ ସିନା ?'

'ହଁ, ଆଉ ଉପାୟ କଣ ଆନନ୍ଦ । ଚେଷ୍ଟା କରୁ କରୁ ଯେତେ ଦୂର ଯାଇପାର; କିନ୍ତୁ ଯେପରି ଖାଲି ହାତରେ ନ ଫେର ।'

ଆନନ୍ଦ ଦାସ ଶୁଭକାନ୍ତ ନିକଟରେ ପ୍ରଣତ ହୋଇ ଚାଲିଗଲା । ଶ୍ୟାମ ରଥଙ୍କ ଦ୍ୱାରରେ ପ୍ରତିଦିନର ସେହି ଏକ ଅଭିନୟର ପୁନରାବୃତ୍ତି ହେଉଅଛି । ସେହିପରି କେତେ ଲୋକଙ୍କ ପୃଷ୍ଠରେ ପ୍ରହାର ବର୍ଷିତ ହେଉଅଛି, କେତେ ପୁରୁଷ, ନାରୀ ଚିତ୍କାର କରି ଉଠୁଛନ୍ତି, କାହାରି ଆବରଣହୀନ ଦେହ ବର୍ଷାର ଶୀତ ପବନରେ କମ୍ପିତ ହୋଇ ଉଠୁଅଛି । ମାତ୍ର ଶ୍ୟାମ ରଥଙ୍କ ଭଣ୍ଡାରରୁ ତଣ୍ଡୁଳ ଯେପରି ଶୂନ୍ୟ ହେବାକୁ ବସେ ନାହିଁ । ଆନନ୍ଦ ଦାସ ବୁଝିଲା, ଚାଉଳର ମୂଲ୍ୟ ପୂର୍ବ

ପରି ଟଙ୍କାରେ ଏକସେର ମାତ୍ର; କିନ୍ତୁ ବର୍ତ୍ତମାନ ଆଉ ଟଙ୍କା ଦରରେ ଗୁଡ଼ଜଳ ବନ୍ଦୋବସ୍ତ କରିବାକୁ ଶ୍ୟାମ ରଥଙ୍କର ସ୍ପୃହା ନାହିଁ । ଜମି ବନ୍ଦୋବସ୍ତ କରି ମଧ୍ୟେ ମଧ୍ୟେ ପାଏ ଅଧସେର ତଣ୍ଡୁଳ ଦେଇ ସେ କାର୍ଯ୍ୟ ସମାପ୍ତ କରୁଥିଲେ । ଏହିରୂପେ ଜଳ ମୂଲ୍ୟରେ ଅନେକ ଜମି ତାଙ୍କର ହସ୍ତଗତ ହୋଇଥିଲା । ସୁତରାଂ ଆନନ୍ଦ ଦାସ ଟଙ୍କା ଦେଇ ଗୁଡ଼ଜଳ ବନ୍ଦୋବସ୍ତ କରିବାର ପ୍ରସ୍ତାବ ଯେତେବେଳେ ତାଙ୍କ ସମକ୍ଷରେ ଆଗତ କଲା, ସେ ବଚନ ଭଙ୍ଗୀ କରି ତା ପ୍ରତି ଚାହିଁଲେ । ପ୍ରଥମତଃ ଆନନ୍ଦ ଦାସ ଏତେଗୁଡ଼ାଏ ଟଙ୍କା କେଉଁଠାରୁ ପାଇଲା ଏବଂ ସମସ୍ତ ଟଙ୍କାର ଗୁଡ଼ଜଳ ସେ କାହିଁକି ଏକକାଳୀନ ଚାହେଁ ଇତ୍ୟାଦି ପ୍ରଶ୍ନ ମନେ ମନେ ଆଲୋଚନା କରି ସେ ବହୁତ କଥା ଅନୁମାନ କରି ନେଲେ । ଆନନ୍ଦ ଦାସକୁ ତାର ଗ୍ରାମର ନାମ ପଚାରି ବୁଝି ନେଲେ ଯେ ସେ ସନାତନର ପଡ଼ୋଶୀ । ହଁ ସନାତନର ପଡ଼ୋଶୀ ଏକା ! ମୁକ୍ତାଗଡ଼ର ରାଜା ଯେଉଁ ସନାତନର ଗୃହରେ ଅତିଥି । ଯେଉଁ ସନାତନର ଔଦ୍ଧତ୍ୟ ସହିତ ଏଥିପୂର୍ବେ ରଥଙ୍କର ପରିଚୟ ହୋଇ ଯାଇଅଛି । ପୁଣି ପଚଶ ଟଙ୍କାର ଗୁଡ଼ଜଳ ! ଏକ ସଙ୍ଗରେ ନେବାକୁ ଆନନ୍ଦ ଦାସ ଚାହେ । ବାଃ, ଏତେ ଟଙ୍କାର ଗୁଡ଼ଜଳ ନିଜେ ସରକାର ଭଲା ଜଣେ କାହାକୁ ବନ୍ଦୋବସ୍ତ କରୁଛନ୍ତି । ଗୋଟିଏ ଟଙ୍କାରୁ ଆସି ତ ଆଠଅଣା ଉପରେ ରହିଲାଣି । ଆଠଅଣାରୁ ବେଶି କାହାରିକୁ ଦିଆଯାଉ ନାହିଁ । ସେ ପୁଣି ମଫସଲ ଗାଁରେ ନୁହେଁ । ରଥେ ପୁରୀ ଯାଇଥିଲେ ସେହିଠାରୁ ଦେଖି ଆସିଅଛନ୍ତି । ଆଉ କଣ ଗୁଡ଼ଜଳ ତାଙ୍କର ଖତରା ହୋଇ ଯାଉଚି ଯେ, ପଚଶଟଙ୍କାର ଗୁଡ଼ଜଳ ବିକିବାକୁ ବସିଛନ୍ତି । ଗୁଡ଼ଜଳ ପାଁସେର ଦେଲେ ତ ମାଣେ ଜମି । ସେ ପୁଣି ଏକାଥରକେ ନୁହେଁ, ରୋଜ କିଛି କିଛି ଦେଲେ ଚଳେ । ଦେଲାପରି ବି ଲାଗୁ ନାହିଁ ।

ରଥେ ନାସିକା କୁଞ୍ଚିତ କରି କହିଲେ, 'ଏଁ ? ପଚିଶ ଟଙ୍କାର ଗୁଡ଼ଲ ? ଏତେ ଟଙ୍କାର ଗୁଡ଼ଲ କାହୁଁ ପାଇବ ରେ ବାପ ।'

ଆନନ୍ଦ ଦାସ—'କାହିଁ କି, ବିକରି ତ କରୁଚ,—ନ ଦେବ କାହିଁକି ?'

'ଆରେ ବିକରି କରୁଚି ବୋଲି ଟଙ୍କାଏ ଆଠଅଣାର ସିନା—ନ ଦେଲେ ନ ଚଳେ—ସରକାରି ହାକିମଙ୍କ ହୁକୁମ—ଆଉ କିଏ ପଚିଶ ପଚିଶର ବିକରି କରୁଚି ।'

'ମରିଗଲି ଲୋ ବାପ' ବୋଲି ଏହି ସମୟରେ ଜନତା ମଧ୍ୟରୁ କିଏ ଜଣେ ଚିତ୍କାର କରି ଉଠିଲା । ସେଥି ସଙ୍ଗେ ସଙ୍ଗେ ନାଥିର ହୁଙ୍କ ଗର୍ଜନ ଶୁଣି ପାରି ଶ୍ୟାମ ରଥେ କହିଲେ, 'ଆରେ ମାଡ଼ ତ ମାରୁଚି, ଏତେ ପାଟି ହେଉଚି କାହିଁକି ରେ । ଆଚ୍ଛା ଚାଲ ଟୋକା ।' ତା ପରେ ଆନନ୍ଦକୁ ଚାହିଁ କହିଲେ, 'ଫେରି ଯା ବାପ—ଗୁଡ଼ଲ ମୋ ଘରେ କାହିଁ—ଖାଲି ସରକାରି ହାକିମଙ୍କ ହୁକୁମ ରଖିବାକୁ ସିନା—'

'ହଉ ପଚିଶ ନ ହେଲା, ଦଶ ପନ୍ଦର ହେବ ନା ?'

ଚତୁଷ୍ପାର୍ଶ୍ୱରେ ବୁଭୁକ୍ଷୁ ନରନାରୀ ଚିତ୍କାର କରି ଉଠୁଛନ୍ତି—ମୋର ଆଠଅଣାର, ମୋର ଚାରିଣାର, ମୋ ଜମିବାବଦ ବାକି ଅଛି, ମୋ ଘରଦୁଆର ବନ୍ଧା ଦେଲି ପେଟ ପୂରିଲା ନାହିଁ, ଇତ୍ୟାଦି ଇତ୍ୟାଦି । ରଥେ ବିରକ୍ତ ହୋଇ କହିଲେ, 'ଯାରେ ବାବୁ, ଦଶ ପନ୍ଦର କିଛି ହେବ ନା । ଦେଖୁଚୁ ଘଟଣା, ଏଥିରେ ପୁଣି ବିରକ୍ତ କରୁଚୁ ।'

'ଆଚ୍ଛା ପାଞ୍ଚ ଭିନଟଙ୍କାର ହେବ ନ ?' ରଥଙ୍କର କ୍ରୋଧ ପ୍ରଜ୍ଜ୍ୱଳିତ ହୋଇ ଉଠିଲା, 'ଆରେ ଯା ତୋ ପାଞ୍ଚ ଭିନ; ନାହିଁ କରୁଚ ଥରକୁ ଥର । ଯା, ଯା,—ତୁ କ ତୋ ଉପରେ ଆଉ ପାଞ୍ଚଟା କିଏ କଣ କରୁଚ ଦେଖିବ । ଏ ପରା ଇଂରେଜୀ ଅମଳ ରେ, ମନେ ନାହିଁ କ ?'

ଇଂରେଜୀ ଅମଳ ସଙ୍ଗେ ଗୃଢ଼ିଲ ବହିର କ ସମ୍ପର୍କ ଏ କଥା ଆନନ୍ଦ ଦାସ ବୁଝିଲା ନାହିଁ । ସେ ମଧ୍ୟ କେତେଟା କଡ଼ା କଡ଼ା କଥା ଶୁଣାଇ ଦେବାକୁ ଯାଉଥିଲା । କିନ୍ତୁ ରଥେ ନଧିକୁ ଡାକି କହିଲେ, 'ନଧି ଦେଖିବୁଟି ରେ—ଏ ତ କଣ ଯବରଦସ୍ତି ଗୃଢ଼ିଲ ନେବାକୁ ଆସିଚ । ଯେମିତି ସ୍ତ୍ରୀ ବୋପା,—'

'ବୋପା ଜମା ରଖି ନାହିଁ ଆଉ କିଏ ହେ ଗୋସେଇଁ ! ଆମର ଘରମାନଙ୍କରେ ବାହା ପୁଆଣିରୁ ଯେଉଁ ଯଜମାନୀ ଗୃଢ଼ିଲ ଆଣ, ସେହି ନା ଏ, ଆଉ କଣ ତମ ବାପ ରୋଜଗାର କରି ରଖି ଯାଇଥିଲା ।'

'ହଁା ମୋ ବାପ, ମୋ ବାପ ନା ଧରିବାକୁ ତୁ ପୁଣି ମୁଣ୍ଡ ।'

ରଥେ ମଧ୍ୟ ପିତୃଭକ୍ତିର ଦୃଷ୍ଟାନ୍ତ ଦେଖାଇବା ପାଇଁ ପାର୍ଶ୍ୱସ୍ଥିତ ଯଷ୍ଟି ହସ୍ତରେ ଆନନ୍ଦ ଦାସକୁ ସାରଦର୍ପରେ ଆକ୍ରମଣ କରିବାକୁ ଉଦ୍ୟତ ହେଲେ । ଉଭୟ ପିତାପୁତ୍ରଙ୍କ କୋପାନଳ ମୂର୍ତ୍ତିରେ ସମବେତ ଜନତା ସ୍ତବ୍ଧ ହୋଇ ଉଠିଲା, ଆନନ୍ଦ ଦାସର ମଧ୍ୟ କାର୍ଯ୍ୟ-ସିଦ୍ଧି ପରିବର୍ତ୍ତିରେ ଏହି ପରିଣାମ ଦେଖି ଭୟ ଜାତ ହେଲା । ଏ ଉପଦ୍ରବରୁ ଆତ୍ମରକ୍ଷା କରିବାକୁ ଆନନ୍ଦ ଦାସ ଦ୍ରୁତପଦରେ ପ୍ରତ୍ୟାବର୍ତ୍ତନ କଲା । କିନ୍ତୁ କିଛିଦୂର ଯାଇ ପଥ ମଧ୍ୟରେ ବଳସ୍ଥାର

ସିଂହଙ୍କୁ ଦୈବାତ୍ ଦେଖିବାକୁ ପାଇଲା । ଆନନ୍ଦ ଦାସଠାରୁ ସମସ୍ତ ବିଷୟ ଶୁଣିପାରି ବଳସ୍ୱାରସିଂ ତାଙ୍କୁ ସଙ୍ଗରେ ଘେନି ଶ୍ୟାମ ରଥଙ୍କ ଗୃହ ଅଭିମୁଖରେ ଆସିଲା ।

ବଳସ୍ୱାର ସିଂହଙ୍କୁ ଏ ମୁଲକରେ ନ ଜାଣେ କିଏ ! ସମ-ବେତ ମୂକ ଜନତା ମୁଖରେ ବିସ୍ମୟର ଭାବ ଫୁଟି ଉଠିଲା । ଶ୍ୟାମ-ରଥେ ବଳସ୍ୱାର ସିଂହଙ୍କୁ ଭୟ କରନ୍ତି । 'ରଥେ କେମିତି ଅଛ' ବୋଲି ବଳସ୍ୱାରସିଂ ଆସି ଦ୍ୱାରରେ ଡାକଦେଲେ ସେ ଭୂମିକମ୍ପ ଅନୁଭବ କରନ୍ତି । ସଙ୍ଗେ ସଙ୍ଗେ ତାଙ୍କୁ କିଛି ଦକ୍ଷିଣା ଦେଇ ବିଦାୟ ନ କରିବାଯାଏ ସେ ଭୂମିକମ୍ପର ଅବସାନ ହୁଏ ନାହିଁ । ବଳସ୍ୱାର ସିଂହର ଚର୍ଚ୍ଚା ପାଇଁ ରଥେ ଡାକିଲେ, 'ଆରେ ନିଧି ।' କିନ୍ତୁ ବଳସ୍ୱାର ସିଂହ କହିଲା, 'ହଉ ସେ କଥା ପରେ ହେବ । ଆଗ ଯାଙ୍କୁ ବିଦାୟ କରିବଟି ।' ରଥେ ହତାଶ ହୋଇ ଆକାଶକୁ ଚାହିଁଲେ । ବୃଦ୍ଧ ରଥଙ୍କର ବାହାଟିକୁ ଧରିପକାଇ ଟିକିଏ ମୁରୁକି ହସା ଦେଇ କହିଲା, 'କେତେ ଯୋଉ ଏମିତି ତମ ହାତରେ ଗୋସେଇଁ ସେ, ଖାଲି କଥା କଥାକେ ମାରିବାକୁ ବାହାରି ପଡୁଚ ହେ ।' ଗୋଟିଏ ଥର ରଥଙ୍କ ବାହା ବଳସ୍ୱାର ସିଂହର ମୁଷ୍ଟି ଭିତରେ ହଲିଛି କି ନାହିଁ ସେ ମନେ କଲେ ମୁହୂର୍ତ୍ତରେ ଯେପରି ସମସ୍ତ ମାଂସ ତାଙ୍କ ଦେହରୁ ଝଡ଼ି ପଡ଼ିବ, ଆଉ ସେ କେବଳ ଗୋଟାଏ ଅସ୍ଥିକଙ୍କାଳର ମେରୁଦଣ୍ଡ ଘେନି ଉଭା ହୋଇ ରହିବେ । ତାଙ୍କ ଦୁରବସ୍ଥା ଦେଖି ବୃଦ୍ଧ ମୁଷ୍ଟି ଶିଥିଳ କରି କହିଲା, 'ଦିଅ, ଦିଅ, ତାଙ୍କୁ ଆଗ ଗୁଡ଼ିଳ ଦେବଟି ।' ଶ୍ୟାମ ରଥେ ସ୍ୱର ନରମ କରି ଏତେ ଟଙ୍କାର ଗୁଡ଼ିଳ ଦେଇ ପାରିବେ ନାହିଁ ବୋଲି କହିଲେ । ସବଂଶେଷରେ ପାଞ୍ଚ ଟଙ୍କାର ଦେବାର ସ୍ଥିର ହେଲା ।

ବଳୟ୍ତାର ସିଂ ଆନନ୍ଦ ଦାସକୁ କହିଲା, 'ଆରେ ମୁଁ ବି ତ ମଣିମାଙ୍କ ଆଡ଼କୁ ଯାଉଥିଲି । ଚାଲି ଚାଲି କେତେଦିନରୁ ମଣିମାଙ୍କ ଭେଟ ପାଇ ନାହିଁ ।' ତତ୍ପରେ ଶ୍ୟାମ ରଥଙ୍କ ପ୍ରତି ଫେରି କହିଲା, 'ରଥେ ମୁଁ ଏହି ବାଟରେ ଫେରିବି ।'

ରଥେ ସବିନୟରେ ସମ୍ମତି ଜ୍ଞାପନ କଲେ । କିନ୍ତୁ ମନେ ମନେ ବଳୟ୍ତାରସିଂର ପାଦ ଏ ପଥରେ ନ ପଡ଼ୁ ବୋଲି ଇଷ୍ଟ ଦେବତାଙ୍କୁ ସ୍ମରଣ କଲେ ।

# ଚତୁର୍ଦ୍ଦଶ ପରିଚ୍ଛେଦ

'ବଳୟ୍ସାର ସିଂ, ତୁମେ ଆଜ ଯେଉଁ ଉପକାର କଲ, ମୁଁ ତାହା କପରି ସୁଝିବ, ଭାବ ପାରୁ ନାହିଁ ।'

'ଏ କି କଥା ମଣିମା କହୁଚନ୍ତି—ଉପକାର କଣ କଲି । ହଜୁରଙ୍କ କାମରେ ଏତେ ଅସୁବିଧା ହେଉଚି, ଟିକଏ ଆଗରୁ ଜାଣିଥିଲେ ଶ୍ୟାମ ରଥ ହେଇ ମଣିଷ, ଦୁଆରମୁହଁରୁ ମଣିମାଙ୍କୁ ଫେରାଇ ଦିଅନ୍ତା ?'

ସନାତନ କହିଲା, 'ନାହିଁ ଭାଇ, ଏ ତିନ ଜଣ ଯେ ଉପକାର କଲେ—ଏତିକରେ ଆମର କେତେଦିନ ଯିବ ? ଏଣିକି ଆମ ସାହାଯ୍ୟକେନ୍ଦ୍ରର ଭାର ବଳୟ୍ସାରସିଂହଙ୍କୁ ନେବାକୁ ହେବ ।'

ବଳୟ୍ସାର ସିଂହ ଖୁସି ହୋଇ କହିଲା, 'କିଛି ପରବାଏ ନାହିଁ । ଏକଥା କଣ ମତେ ବଳେଇ ଯାଉଚି । ଟିକଏ ଖାଲି ନାଆଁକୁ ଯେବେ ଶୁଣି ପାରିଥାନ୍ତି, ତେବେ କଣ ଆପଣମାନେ ଏତେ ହଇରାଣ ହୋଇଥାନ୍ତେ ?'

ସନାତନ କହିଲା, 'ନାହିଁ ବଳୟ୍ସାର ସିଂହ—ଶ୍ୟାମ ରଥ ଭଳି ଏ ଯେଉଁ ଲୋକେ ଆମ ଦେଶରେ ଅଛନ୍ତି, ସେମାନଙ୍କଠାରେ ଭାଇଙ୍କ ମାଡ ଲାଗିବ ନାହିଁ । ଯେଉଁ ଗୁଡ଼ାକ ମୂଳରୁ ମଣିଷ ନୁହନ୍ତି, ସେମାନଙ୍କ ପାଖରେ ଏତେ ଭଦ୍ରତା କଣ ?'

'ନାହିଁ, ଆପଣ ଯାହା କହୁଛ ଗୋସେଇଁ ବଡ଼ ଠିକ୍ କଥା । ତାଙ୍କ ପାଖରେ ଖାଲି ଦେବୁ ତ ଦେ, ନ ହେଲେ ଘରେ ପଶିଲି । କିଛି ଚିନ୍ତା ନାହିଁ—ଆପଣମାନେ କାମ ଚଳାନ୍ତୁ, ଯେତେ ଗୁଣ୍ଡା ଦରକାର ସବୁ ଯୋଗାଇବାକୁ ମୁଁ ହାଜର ଅଛି । ବଳୟାର ସିଂ ନା ଶୁଣିଲେ ଶୁଖିଲା କାଠରୁ ପାଣି ବୋହି ପଡ଼ିବ ।' ବୃଦ୍ଧ ଯୁବକ-ତେଜରେ ଉଦ୍ଭାସିତ ହୋଇ ଉଠିଲା । ସନାତନ ହସ୍ତ ପ୍ରସାରିତ କରି ଦେଇ କହିଲା, 'ଆଜି ତୁମକୁ ଏହି ହାତ ଦେଲି ବଳୟାର ସିଂହ; ଯେତେବେଳେ ମତେ ଦରକାର ପଡ଼ିବ, ଖବର ଦେବ, ସବୁବେଳେ ପ୍ରସ୍ତୁତ ଅଛି ।'

ବୃଦ୍ଧ ହସି ଉଠିଲା । "କିଛି ଦରକାର ନାହି । ବଳୟାର ସିଂହକୁ କିଛି କେବେ ବଳେଇ ପଡ଼ି ନାହିଁ ।'

ଶୁଭକାନ୍ତ ଗମ୍ଭୀର ସ୍ୱରରେ କହିଲେ, 'କିନ୍ତୁ ତୁମେ ବଳୟାର ସିଂ—ଏହି ବୃଦ୍ଧ ବୟସରେ ?'

ବୃଦ୍ଧର କପୋଳଦେଶ ରକ୍ତାଭ ହୋଇ ଉଠିଲା, 'ହଁ ହଜୁର, ଦରକାର ପଡ଼ିଲେ ସବୁ କରେ—ଚୋରି, ଡକାୟତି—ତେବେ ଆଜିକାଲି ପିଲାଯାକ ସବୁ କରୁଛନ୍ତି—ବୁଢ଼ାକୁ ଝଣାଝଣି କରନ୍ତି ନାହିଁ । କିଛି ନାହିଁ, ହଜୁରଙ୍କ ପାଖକୁ ଆସିବାକୁ ଖାଲି ସାହସ ହୁଏ ନାହିଁ । ନ ହେଲେ ଆଜଯାଏ ଏ ଅସୁବିଧା ରହିଥାନ୍ତା ?'

ବଳୟାର ସିଂହ ପରଦିନ ଆସି ଦୁଇ ବନ୍ଧୁଙ୍କୁ ନିଜର ଗୁପ୍ତ ଆବାସ ଦେଖାଇବା ପାଇଁ ଡାକି ନେବ ବୋଲି କହି ବିଦାୟ ଘେନିଗଲା ।

ଶୁଭକାନ୍ତ କହିଲେ, 'ସନୁ, ଏ କିନ୍ତୁ ବଡ଼ ଦୁରୂହ କାର୍ଯ୍ୟରେ ଆମ୍ଭମାନଙ୍କୁ ହାତ ଦେବାକୁ ହେଲାଣି ।'

ସନାତନ ନର୍ବିକାର ଭାବରେ କହିଲା, 'ଦୁରୂହ ବୋଲି ଗୋଟିଏ କି କାର୍ଯ୍ୟ ଅଛି, ମୁଁ ବୁଝି ପାରେ ନାହିଁ ଭାଇ। ତୁମେ କଣ ଭାବ ଶ୍ୟାମ ରଥଙ୍କ ପରି ନରପିଶାଚଗୁଡ଼ାକ ଲୋକଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରି ଜୀବନ୍ତରେ ଯମାଳୟକୁ ପଠାଉଥିବେ, ଆଉ ଆମେ ବସି ବସି ନିଜ ଆଖିରେ ଏ ସବୁ ଦୃଶ୍ୟ ନୀରବରେ ଦେଖିବା ?'

'କିନ୍ତୁ ତାହା ବୋଲି ଖୁନ !'

'ଖୁନ ! ଡକାୟିତି ! ଖୁଣି ! ଦରକାର ପଡ଼ିଲେ କୌଣସି ଗୋଟିକୁ ବାଦ ଦେବାକୁ ହେବ ନାହିଁ । ଶ୍ୟାମ ରଥ ପରି ଲୋକଙ୍କୁ ହତ୍ୟା କଲେ ପାପ ଅଛି ବୋଲି ତୁମେ ମନେକର ଭାଇ ?'

'ନା, ପାପ ପୁଣ୍ୟର ପାର୍ଥକ୍ୟ ମୋ ନିକଟରେ ନାହିଁ, ତଥାପି ଖୁନ ଡକାୟିତିର ଯଥାର୍ଥ୍ୟ—'

'ଯଥେଷ୍ଟ ଅଛି ଭାଇ । ଶ୍ୟାମ ରଥ ପରି ଡକାୟତ ନରହନ୍ତା ପ୍ରତି ଏହାହିଁ ଉତ୍କୃଷ୍ଟ ବିଧାନ । ତେବେ ଏଇଟା ଆଇନର ଡକାୟିତି, ଆମେ କରିବା ବେଆଇନ ଡକାୟିତି । ଏ ହତ୍ୟା ଆଇନ ତଳେ ହେଉଛି, ଆମକୁ କରିବାକୁ ହେବ ବେଆଇନ ହତ୍ୟା ।'

'ନା ସନୁ, ଆଇନ ବେଆଇନ ମୁଁ ମାନେ ନାହିଁ । ଜଗତରେ ଗୋଟାଏ ଆଇନ, ଗୋଟାଏ ନିୟମକୁ ମୁଁ ସ୍ୱୀକାର କରେ— ମନୁଷ୍ୟର ଖିଆଲ ଗଢ଼ା ଆଇନ ତା ନିକଟରେ ଅତି ତୁଚ୍ଛ । ସେ ନିୟମତଳେ ଆଇନଜ୍ଞଙ୍କ ପାଣ୍ଡିତ୍ୟ ପରାହତ ହୁଏ, ବିଚାରକର ବୁଦ୍ଧି ବିଚଳିତ ହୁଏ । ତୁମର, ମୋର, ଶ୍ୟାମ ରଥଙ୍କର ବିଚାର ସେହି ଆଇନରେ ପରିଚାଳିତ । ଶତ ସହସ୍ର ଲୋକଙ୍କର ଅନାହାର— ମୃତ୍ୟୁ ସେହି ନିୟମରେ ନିୟନ୍ତ୍ରିତ ।'

ସନାତନ ହସିଲା । 'ହଁ ଭାଇ, ତୁମେ ଯଦି ଏପରି ଏକ ନିୟମରେ ବିଶ୍ୱାସ କର, ତେବେ ସେହି ନିୟମ ଯେ ମତେ ଶ୍ୟାମ ରଥଙ୍କର ଶାସ୍ତି ବିଧାନ କରିବା ପାଇଁ ପ୍ରାଣୋଦିତ କରୁଚି, ଏ କଥା ସ୍ୱୀକାର ନ କରିବ କାହିଁକି । ସେ ସମସ୍ତ ଚିନ୍ତା କରିବାର ଏହା ସମୟ ନୁହେ ଭାଇ—ଗୋଟିଏ କଥା ବିଚାର କର—ସମ୍ମୁଖରେ ଶତ ଶତ ନିରୀହ ମାନବର ଅନାହାର-ମୃତ୍ୟୁ ଦର୍ଶନ କରିବ, ନା ପାପାଚାରମାନଙ୍କର ଧନ ସମ୍ପତ୍ତି ବଳାତ୍କାରେ ହରଣ କରିବାକୁ ଭୟ କରିବ ।'

କିନ୍ତୁ ପାପାଚାରମାନଙ୍କ ସହିତ ସେହିପରି ପାପାଚାର ବିହିତ କିମ୍ବା ନୁହେ, ଶୁଭକାନ୍ତ କିଛି ସ୍ଥିର କରିପାରିଲେ ନାହିଁ । ଯେଉଁଠାରେ ପାଞ୍ଚଟି ଲୋକ ସହସ୍ର ଲୋକଙ୍କୁ ନିହତ କରୁଛନ୍ତି, ସେଠାରେ ଯେପରି ସେ ସହସ୍ର ଲୋକଙ୍କ ପକ୍ଷ ନେବ, ଯେଉଁଠାରେ ସହସ୍ର ଲୋକଙ୍କ ଦ୍ୱାରା ପାଞ୍ଚଟି ଲୋକ ନିହତ ହେବେ, ସେଠାରେ ପାଞ୍ଚଟି ଲୋକଙ୍କର ପକ୍ଷ ନେବ ନାହିଁ କି ? ନ୍ୟାୟ କ'ଣ ଅନ୍ୟାୟ କଣ, ଶୁଭ କଣ, ଅଶୁଭ କଣ, କିପରି ସେ ବିଚାର କରିବ ? ତା ହାତରେ ବିଚାରର କ୍ଷମତା ଅଛି କି ?

ମୋର କର୍ମ କିଏ ବିକର୍ମ କିଏ, ନିବୋଧ ମୁଁ, କିଛି ମାତ୍ର ବୁଝି ପାରୁ ନାହିଁ । ତୁମେ ମୋର ପଥପ୍ରଦର୍ଶକ ହୁଅ । ମୋର ସକଳ କର୍ମକୁ ସ୍ପର୍ଶ କର—ତୁମର ସ୍ପର୍ଶରେ ତାହା ଅମୃତ ହୋଇ ଉଠୁ—ମୋର ସକଳ ଅନ୍ଧକାରରେ ତୁମେ ଉଦିତ ହୁଅ, ସକଳ ପଥ ଉଜ୍ଜ୍ୱଳ ହୋଇ ଉଠୁ ।

ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଳସ୍ପୃହା
ଇତି ମାଂ ଯୋଽଭିଜାନାତି କର୍ମଭିର୍ନ ସ ବଧ୍ୟତେ ।

କର୍ମ ସକଳ ମତେ ଆସକ୍ତ କରେ ନାହିଁ, କର୍ମଫଳରେ ମୋର ସ୍ପୃହା ନାହିଁ । ଏହିପରି ନିସ୍ପୃହ ନିରହଙ୍କାର ରୂପେ ମୋତେ ଯେ ଜାଣିପାରେ, କର୍ମଦ୍ୱାରା ସେ ଆବଦ୍ଧ ହୁଏ ନାହିଁ ।

ଏହିପରି ଜାଣି ପୂର୍ବତନ ମୁମୁକ୍ଷୁଗଣ ମଧ୍ୟ କର୍ମ କରି ଯାଇ ଅଛନ୍ତି । ଅତଏବ ତୁମେ ମଧ୍ୟ ସେହି ପଥ ଅନୁସରଣ କରି ଅନାଦି କାଳ ପ୍ରବୃତ୍ତ କର୍ମହିଁ ସମ୍ପାଦନ କର ।

ଶୁଭକାନ୍ତଙ୍କର ମୁଖମଣ୍ଡଳ ଗୋଟାଏ ଅପୂର୍ବ ଶାନ୍ତିର ଆଲୋକରେ ଆଲୋକିତ ହୋଇ ଉଠିଲା । ତାର ସନ୍ଦେହାଚ୍ଛନ୍ନ ହୃଦଦେଶରେ ବିଶ୍ୱାସର ଜ୍ୟୋତି ଖେଳି ଉଠିଲା ।

ଫଳକାମନାଶୂନ୍ୟ କର୍ମ ଅତି କଠିନ ବସ୍ତୁ । ତଥାପି ଆଜି ଏ ଯେ କର୍ମରେ ସେ ପ୍ରବୃତ୍ତ ହେବାକୁ ଯାଉଅଛନ୍ତି, ସେଥିରେ ତାଙ୍କର କାମ୍ୟ ବସ୍ତୁ କଣ ? ଏହି ଅସହାୟ ନିରନ୍ନମାନଙ୍କ ମୁଖରେ ଅନ୍ନ ଯୋଗାଇବା । ସେ କର୍ମରେ ସେ କୃତକାର୍ଯ୍ୟ ହେଉନ୍ତୁ ଅଥବା ବ୍ୟର୍ଥତା ଲଭ କରନ୍ତୁ, ସେଥିରେ ତାଙ୍କର ଲଭ କ୍ଷତିର ପରିମାଣ ସମାନ । ଶ୍ୟାମ ରଥଙ୍କ ଧନ ଅପହୃତ ହେଲେ ତ ମୁକ୍ତାଗଡ଼ ରାଜ୍ୟ ସମୃଦ୍ଧ ହେବ ନାହିଁ ! ଶ୍ୟାମ ରଥଙ୍କ ପ୍ରତି ଶୁଭକାନ୍ତଙ୍କର ତ ଭଲେ-ହେଲେ ଶତ୍ରୁତା ନାହିଁ । ତେବେ କର୍ତ୍ତବ୍ୟସାଧନ ପାଇଁ ସେ ପଶ୍ଚାତ୍‌ପଦ କାହିଁକି ? ସନାତନକୁ ସେ ତତ୍‌କ୍ଷଣାତ୍ ଯାଇ କହିଲେ, 'ହିଁ ସନୁ, ଏ କାର୍ଯ୍ୟରେ ମୋର ସମ୍ମତି ଅଛି, ମୁଁ ମଧ୍ୟ ପ୍ରସ୍ତୁତ ।'

ସନାତନ ଆନନ୍ଦରେ ନାଚି ଉଠିଲା, ଆଉ ଏତେବେଳ କଣ ବସି ଭାବୁଥିଲ ଭାଇ । ଏହି କଥା ତ ମୁଁ ଆଗରୁ କହୁଥିଲି ।'

ଶୁଭକାନ୍ତ ମୃଦୁ ହସି କହିଲେ, 'ସନୁ, ତୁମପରି ଏତେ ସହଜରେ ମୁଁ କୌଣସି କଥା ବୁଝିପାରେ ନାହିଁ । ସେଥିପାଇଁ କିଛି କରିବା ପୂର୍ବରୁ ମୋତେ ବହୁତ ଭାବିବାକୁ ପଡ଼େ ।'

ସନାତନ ବୁଝି ପାରେ ନାହିଁ, ଭାବବାର ବସ୍ତୁ ଏ ଜଗତରେ ଏତେ ବେଶି କଣ ଅଛି । ଶୁଭକାନ୍ତଙ୍କର ସାହଚର୍ଯ୍ୟ ଲାଭ କରି ସେ କହିଲା, 'ବଳସ୍ପାର ସିଂହ ଏତେ ଚମତ୍କାର ଲୋକଟିଏ ବୋଲି ମତେ ଜଣା ନ ଥିଲା । ଏହି ଡକାୟତ ସର୍ଦ୍ଦାରଟି ଶ୍ୟାମ ରଥଠାରୁ ସେ କେତେ ଉଚ୍ଚରେ ଭାଇ । ଶ୍ୟାମ ରଥ ପ୍ରତାରକ, ପ୍ରବଞ୍ଚକ । ଆଇନକୁ ଘେନି ସେ ଡକାୟତି କରେ, ନରହତ୍ୟା କରେ, ଧର୍ମକୁ ଘେନି ପାପ ଅତ୍ୟାଚାର କରେ, ସମାଜକୁ ଘେନି ଶଠତା ଆଚରଣ କରେ । କିନ୍ତୁ ଏହି ବଳସ୍ପାର ସିଂହକୁ ଦେଖିଲି, ସେ ଡକାୟତ ରୂପରେହିଁ ଡକାୟତି କରେ, ସାଧୁ ରୂପରେ ନୁହେଁ, ଧର୍ମାତ୍ମାରୂପରେ ନୁହେଁ । ସେ ଛଦ୍ମବେଶରେ ଆଇନକୁ ଅମାନ୍ୟ କରେ ନାହିଁ ଶ୍ୟାମ ରଥ ପରି । ନିଜର ପୌରୁଷ ପ୍ରଦର୍ଶନ କରି ଆଇନ ଭଙ୍ଗ କରେ,—ତାହାର ପରିଣାମରୁ ଷାନ୍ତି ଲଭିବା ଲାଗି ଆତ୍ମଗୋପନ କରେ ନାହିଁ ।'

ବଳସ୍ପାର ସିଂହର ଖ୍ୟାତି ଗ୍ରାମେ ଗ୍ରାମେ ପ୍ରକଟିତ ହୋଇ ଉଠିଲା । ଆଜି ଅମୁକ ଘରେ ସିନ୍ଧ, କାଲି ତମୁକ ଘରେ ଡକାୟତି, ଆଜି ଅମୁକର ଅମାର ଭଙ୍ଗା ହୋଇ ଲୁହାଯାଇଅଛି, କାଲି ତମୁକର ଖଣି ଖୋଲା ଯାଇ ଶୂନ୍ୟ ପଡ଼ିଅଛି । ଆଜି ଜମିଦାର ଉପରେ ପ୍ରହାର ହୋଇଅଛି । କାଲି ଏ ମହାଜନର ହାତ, ଗୋଡ଼, ମୁହଁ ବାନ୍ଧି କରି ତା ଗୃହର ସର୍ବସ୍ୱ ଲୁହା ହୋଇ ଯାଇଅଛି । ଶେଷରେ ଘଟନା ଏତେ ଦୂର ପର୍ଯ୍ୟନ୍ତ ଗଲା ଯେ, ଦିନେ ପ୍ରଭାତରେ ହଠାତ୍ ଦେଖା ଗଲା ରାସ୍ତା ଉପରେ ଶ୍ୟାମ ରଥେ ଏବଂ ତାଙ୍କର ପରମ ପିତୃଭକ୍ତ ପୁତ୍ର ବାଧି ପରସ୍ପରକୁ ଆଲିଙ୍ଗନ କରି ନୀରବରେ ଶାୟିତ । ଉଭୟଙ୍କର ମୁଖ ଓ ହସ୍ତପଦାଦି ବସ୍ତ୍ରାବୃତ । ପଡ଼ୋଶୀମାନଙ୍କ ଦ୍ୱାରା ଏ ବନ୍ଧନରୁ

ମୁକ୍ତ ହୋଇ ଉଭୟ ପିତା ପୁତ୍ର ଗତ ରାତ୍ରିର ଡକାୟତି ସବିଶେଷ ବର୍ଣ୍ଣନା କଲେ । ଏହି ଡକାୟତ ଦଳକୁ ଏହାପରେ ଧନେ ବେଡ଼ି ପିନ୍ଧାଇବା ପାଇଁ ପ୍ରତିଜ୍ଞାବଦ୍ଧ ହେଲା । ନିଧି ବନ୍ଧନରୁ ମୁକ୍ତ ଲଭିବା-ମାତ୍ରେ ବକ୍ଷ ବିସ୍ଫାରିତ କରି କହିଲା, ତାର ପିତା ସହିତ ତାଙ୍କୁ ବନ୍ଧନ କରି ଡକାଏତମାନେ ବୁଦ୍ଧିମାନର କାର୍ଯ୍ୟ କରିଅଛନ୍ତି । ନଚେତ୍ ସେମାନଙ୍କ ମଧ୍ୟରୁ କାହାରି ସହିତ ବନ୍ଧନ କରିଥିଲେ, ବନ୍ଧନ ଖୋଲିବା ପୂର୍ବରୁ ସେ ତାର ଗଳାଚିପି ମୃତ୍ୟୁ ବିଧାନ କରି ସାରିଥାନ୍ତା । ଅବଶ୍ୟ ଶ୍ୟାମ ରଥେ ଗୃହର ଯେଉଁ ସ୍ଥାନରେ ଗର୍ତ୍ତ କରି ଗୋପନରେ ଶସ୍ୟ ସଞ୍ଚିତ ରଖିଥିଲେ, ସେ ସ୍ଥାନର ସନ୍ଧାନ ଡକାୟତମାନେ ପାଇ ନାହାନ୍ତି । କେବଳ ବାହାରେ ଥିବା ସାମାନ୍ୟ କେତେକ ଚାଉଳ ନେଇ ଯାଇଅଛନ୍ତି; କିନ୍ତୁ ଡକାଏତମାନଙ୍କୁ ଧରାଇ ନ ଦେଲେ ରଥଙ୍କର ଭବିଷ୍ୟତ ଆଦୌ ନିରାପଦ ନୁହେଁ ।

ଉଭୟେ ପିତା ପୁତ୍ର ସେହିପରି ଧୂସର ଦେହରେ ପୋଲିସ ଥାନାରେ ହାଜର ହୋଇ ଗତ ରାତ୍ରିର ସମସ୍ତ ଘଟଣା ଜଣାଇ ଦେଲେ । ରଥଙ୍କର ସନ୍ଦେହ କାହା ଉପରେ, ତାହା ମଧ୍ୟ ଜଣାଇ ଦେଲେ । ସେଥି ସହିତ ବଳୟାରସିଂ, ସନାତନ, ଶୁଭକାନ୍ତ ପ୍ରଭୃତିଙ୍କର ନାମ ମଧ୍ୟ କହିବାକୁ ଭୁଲିଲେ ନାହିଁ । ଗ୍ରାମେ ଗ୍ରାମେ ଏହିପରି ଘଟଣା ଘଟିବାକୁ ଲାଗିଲା । କୃପାନାଥ ବାବୁ ପ୍ରମାଦ ଗଣିଲେ ଓ ପୋଲିସ ଦାରୋଗାଙ୍କୁ ଧମାଧମ ତଦନ୍ତ ଚଳାଇବା ପାଇଁ ପ୍ରବର୍ତ୍ତାଇଲେ । ପୁଲିସର ତଦନ୍ତ ଓ ଗୁପ୍ତ ଅନୁସନ୍ଧାନ ଚାଲିଲା । ସନାତନ ଏବଂ ଶୁଭକାନ୍ତଙ୍କୁ ପୁଲିସ ବରାବର ନଜର ଉପରେ ରଖିଲା । ସାହାଯ୍ୟକେନ୍ଦ୍ରର କାର୍ଯ୍ୟ ପୂର୍ବ ଅପେକ୍ଷା ଭଲ ଭାବରେ ଚାଲିବାର ଦେଖି ପୁଲିସର ସନ୍ଦେହ ବୃଦ୍ଧିଲାଭ କଲା ।

## ପଞ୍ଚଦଶ ପରିଚ୍ଛେଦ

ସେତେବେଳେ ଉତ୍କଳ ବଙ୍ଗ ସହିତ ସଂଯୁକ୍ତ ଥାଇ କଲିକତାର ବୋର୍ଡ୍ ଅଫ୍ ରେଭିନ୍ୟୁର ଶାସନାଧୀନ ଥିଲା । ଉତ୍କଳରେ ଖୋର୍ଦ୍ଧା ବିଦ୍ରୋହ ପ୍ରଭୃତି ଦମନ କରି ଇଂରେଜୀ ଶାସନ ସୁଦୃଢ଼ରୂପେ ପ୍ରତିଷ୍ଠିତ ହେବାର ସାର୍ଦ୍ଧ ଶତାବ୍ଦୀ ଅତିକ୍ରାନ୍ତ ହୋଇ ନାହିଁ । ମୁସଲମାନ ଓ ମରହଟ୍ଟା ଅମଳରେ ରାଜସ୍ୱ ଆଦାୟରେ ଯେଉଁ ସବୁ ଶିଥିଳତା ଥିଲା, ବହୁ ବର୍ଷର ରାଜସ୍ୱ ବାକି ପଡ଼ିଲେହେଁ ଆଦାୟ-କାଳରେ ଅବସ୍ଥା ବିଚାର କରି ରାଜାମାନେ ପ୍ରାୟଶଃ ଯେପରି ପ୍ରଜାମାନଙ୍କୁ ବହୁ ପରିମାଣରେ ରାଜସ୍ୱରୁ କ୍ଷାନ୍ତ ଦେଉଥିଲେ, ସେଥିରେହିଁ ଉତ୍କଳର ପ୍ରଜା-ଜମିଦାରମାନେ ବହୁ ପୂର୍ବରୁ ଅଭ୍ୟସ୍ତ ଥିଲେ । ଇଂରେଜୀ ଶାସନପ୍ରଣାଳୀ ଅନୁସାରେ ନିୟମିତରୂପେ ରାଜସ୍ୱ ଆଦାୟ କରି ନ ପାରି ଉତ୍କଳର ଜମିଦାରବର୍ଗର କି ଦୁର୍ଦ୍ଦଶା ହେଲା, ତାହା ସ୍ୱର୍ଗତ ପ୍ୟାରୀମୋହନଙ୍କର ଉତ୍କଳ ଇତିହାସର ନିମ୍ନୋଦ୍ଧୃତ ବର୍ଣ୍ଣନାରୁ ପ୍ରତୀୟମାନ ହୁଏ ।

"ଅନେକ କଲ୍ଲା ଜାତର ରାଜାଏ ଓ ଜମିଦାରମାନେ ଇଂରେଜୀ ଶାସନ ପ୍ରଣାଳୀ ଅନୁସାରେ ନିୟମିତରୂପେ କର ଆଦାୟ ନକରିଥିବାରୁ ସେମାନଙ୍କର ଭୂମିମାନ ନିଲାମରେ ଡାକ ହୋଇଥିଲା । ପୂର୍ବେ କଲିକତା ବୋର୍ଡ୍ ଅଫ୍ ରେଭିନିଉ ଅଧୀନ ଥାଇଁ ଓଡ଼ିଶାର ସବୁ ନିଲାମ

ତାକମାନ କଲିକତାଠାରେ ହେଉଥିଲା, ସୁତରାଂ ଓଡ଼ିଶାରେ ବଙ୍ଗୀୟ ଜମିଦାର ସଂଖ୍ୟା ଅଧିକ ହୋଇ ଓଡ଼ିଆ ଜମିଦାର ସଂଖ୍ୟା ଦିନ ଦିନ ହ୍ରାସ ହେଉଥିଲା । ମଧ୍ୟ ନୂତନ ସ୍ୱଦେଶୀୟ ଭୂମ୍ୟଧିକାରୀମାନେ ମଧ୍ୟେ ମଧ୍ୟେ ଅଳ୍ପ ବହୁତରେ ଓଡ଼ିଆ ଜମିଦାରଙ୍କ ଉପରେ ଅତ୍ୟାଚାର ସୃଷ୍ଟି କରୁଥିଲେ । ଦୂରରେ ନିଲାମ ହେଉଥିବା ଯୋଗୁଁ ଉଚିତ ମୂଲ୍ୟରେ ମଧ୍ୟ ଜମିଦାରୀମାନ ନିଲାମ ହେଉ ନ ଥିଲା । ଏପରି ଲିଖିତ ଅଛି, ଏକ ଲକ୍ଷ ଏକୋଇଶି ହଜାର ଛଅଶ ପଞ୍ଚାନବେ ଟଙ୍କାର (୧୨୧୬୯୫) ସଦର ଜମାର ଏକଚାଳିଶ ତାଲୁକ ଜମିଦାରୀ ମୋଟ ୪୬,୨୦୫ ଟଙ୍କାରେ ନିଲାମ ହୋଇଥିଲା । ଏଥିରୁ ଓଡ଼ିଆଙ୍କର କ୍ରମଶଃ ଧନହୀନତା କେତେ ଦୂର ବୃଦ୍ଧି ହୋଇଥିଲା, ସହଜରେ ଅନୁମିତ ହୋଇପାରେ । କର୍ ସାହେବ ଓ ଅନ୍ୟାନ୍ୟ ସାହେବମାନେ ପ୍ରଚଳିତ ରୀତିର ଅନିଷ୍ଟତା ଦେଖାଇ ବୋର୍ଡ୍‌କୁ ପତ୍ର ଲେଖିଥିଲେ ଓ ଅବଶେଷରେ କିଛିକାଳ ଉତ୍ତାରୁ କଲିକତାରେ ନିଲାମ ହେବା ପ୍ରଥା ପରିବର୍ତ୍ତିତ ହୋଇଥିଲା ।"

କିନ୍ତୁ ଅତ୍ୟନ୍ତ ବିଳମ୍ବରେ ! ସେତେବେଳକୁ ଓଡ଼ିଶାରେ ବଡ଼ ବଡ଼ ଜମିଦାରୀ ହସ୍ତାନ୍ତରିତ ହୋଇ ସାରିଅଛି । ପ୍ରଜା ସହିତ ଜମିଦାରମାନଙ୍କର ଯେ ନିକଟ ସମ୍ପର୍କ ଥିଲା, ତାହା ଦୂର ହୋଇଅଛି । ମୁକ୍ତାଗଡ଼ ଏହି ହସ୍ତାନ୍ତରିତ ଜମିଦାରୀମାନଙ୍କର ଦଶା ଲାଭ କରିଅଛି । ଚନ୍ଦ୍ରା କେବଳ ତାଙ୍କ ପିତୃଦତ୍ତ ସାମାନ୍ୟ ସମ୍ପତ୍ତିର ଅଧିକାରିଣୀ ହୋଇ ବସିଅଛନ୍ତି; କିନ୍ତୁ ବଳରାମଙ୍କୁ ଏ ପର୍ଯ୍ୟନ୍ତ ତ୍ୟାଗ କରି ନାହାନ୍ତି ।

ଶୁଭକାନ୍ତ ନୀରବରେ ସକଳ ସମ୍ବାଦ ଶ୍ରବଣ କଲେ । ମୁକ୍ତାଗଡ଼, ଚନ୍ଦ୍ରା, ରାଜନବର, ରାଜୋଦ୍ୟାନ, ଦାସଦାସୀ—କୌଣସି

କଳ୍ପନା, କୌଣସି ସ୍ମୃତି ଆଜି ତାଙ୍କ ଚିତ୍ତକୁ ବ୍ୟଥିତ କରେ ନାହିଁ । ତାଙ୍କର ପଡ଼ୋଶୀ ଅନ୍ୟାନ୍ୟ ରାଜାଜମିଦାରମାନଙ୍କର ସମୃଦ୍ଧି ସେ ଦର୍ଶନ କରନ୍ତି । ସେମାନଙ୍କର ବିଳାସ, ଆନନ୍ଦ ଲକ୍ଷ୍ୟ କରନ୍ତି । ସେଥିରେ ତାଙ୍କର ଈର୍ଷ୍ୟା ଜାତ ହୁଏ ନାହିଁ । ଜୀବନରେ ଯେଉଁ ରସର ଆସ୍ୱାଦ ସେ ଲଭ କରିଅଛନ୍ତି, ତାହାକୁ ପରିତ୍ୟାଗ କରି ରାଜୋଚିତ ବିଳାସର ବାଞ୍ଛା ସେ କରନ୍ତି ନାହିଁ ।

ଈଶା ବାସ୍ୟମିଦଂ ସର୍ବଂ ଯତ୍ କିଞ୍ଚ
ଜଗତ୍ୟାଂ ଜଗତ୍
ତେନ ତ୍ୟକ୍ତେନ ଭୁଞ୍ଜୀଥା
ମା ଗୃଧଃ କସ୍ୟସ୍ୱିଦ୍ ଧନମ୍ ।

ଜଗତରେ ଯାହା କିଛି ପଦାର୍ଥ ବିଦ୍ୟମାନ, ସେ ସକଳକୁ ଆତ୍ମରୂପୀ ପରମେଶ୍ୱରଙ୍କ ଦ୍ୱାରା ଆଚ୍ଛାଦନ କର । ଅର୍ଥାତ୍ ଏକମାତ୍ର ପରମେଶ୍ୱରହିଁ ସତ୍ୟ, ଜଗତ୍ ସେଥିରେ ଗୋଟାଏ କଳ୍ପିତ ବସ୍ତୁ ମାତ୍ର । ଏହି ଜ୍ଞାନ ଦ୍ୱାରା ଜଗତର ସତ୍ୟତାବୁଦ୍ଧି ବିଲୁପ୍ତ କର । ସେଥିରେହିଁ ତୁମର ହୃଦୟ ମଧ୍ୟରେ ଆସକ୍ତି-ତ୍ୟାଗରୂପ ସନ୍ନ୍ୟାସ ଆସିବ । ସେହି ତ୍ୟାଗ ବା ସନ୍ନ୍ୟାସ ଦ୍ୱାରା ଆତ୍ମାର ଅଦ୍ୱୈତ ନିର୍ବିକାର ଭାବ ରକ୍ଷା କର । କାହାରି ଧନରେ ଆକାଂକ୍ଷା କର ନାହିଁ ।

ଅଳକା ଆସି କୌତୁକ କରି କହିଲା, 'ତୁମ ପାଇଁ ଗୋଟାଏ ଜିନିଷ ଆଣିଛି ।' କି ଜିନିଷ ଅଳକା ଆଣି ପାରେ, ଶୁଭକାନ୍ତଙ୍କର ସେଥି ପ୍ରତି କୌତୂହଳ ଜାତ ହେଲା ନାହିଁ । ସେ ମୃଦୁ ହସି ତାର ମୁଖକୁ ଚାହିଁଲେ । ଅଳକା ହସି ହସି ଶୁଭକାନ୍ତ ହସ୍ତକୁ ଗୋଟିଏ ପତ୍ର ବଢ଼ାଇ ଦେଲା ।

ଚିଠି ! ଶୁଭକାନ୍ତ ନିକଟକୁ ଚିଠି ! ଅଳକା ମନେ କରିଥିଲା, ଏ ଚିଠି ନିଶ୍ଚୟ ଚନ୍ଦାଙ୍କଠାରୁ ଆସିଅଛି । ଶୁଭକାନ୍ତ ଏ ପତ୍ର ପାଇଲେ ନିଶ୍ଚୟ ଆନନ୍ଦିତ ହେବେ । କିନ୍ତୁ ନିର୍ବୋଧ ବାଳିକା ଜାଣେ ନାହିଁ, ଶୁଭକାନ୍ତର ପତ୍ର ଲାଭ କରି ଆନନ୍ଦିତ ହେବାର ସମସ୍ତ ବହୁଦିନୁ ଅତୀତ ହୋଇଅଛି । ମୁକ୍ତାଗଡ଼କୁ ମଧ୍ୟେ ମଧ୍ୟେ ଯିବାପାଇଁ ଅଳକା ବହୁବାର ଶୁଭକାନ୍ତକୁ ଅନୁରୋଧ କରେ । ମନେ କରେ ସାହାଯ୍ୟ-କର୍ମରେ ମଗ୍ନ ରହି ଗଡ଼ମଧକୁ ଫେରି ଯିବା ପାଇଁ ତାଙ୍କର ସମୟର ଅନଟନ । ଆଜି ପତ୍ର ଆସିଛି । ଶୁଭକାନ୍ତ ନିଶ୍ଚୟ ମୁକ୍ତାଗଡ଼କୁ ଫେରିବେ । ଏଥର କିନ୍ତୁ ଅଳକାର ଅନୁରୋଧରେ ନୁହେଁ, ସ୍ୱୟଂ ଚନ୍ଦାଙ୍କର ଅନୁରୋଧରେ । ଏ ବିଷୟ ନେଇ ତାଙ୍କୁ ପରିହାସ କରିବାକୁ କେତେ ସୁଯୋଗ ମିଳିବ । ସେଥିପାଇଁ ସେ ପତ୍ରପାଠ ଶେଷ ପର୍ଯ୍ୟନ୍ତ କୌତୁକଦୃଷ୍ଟିରେ ଶୁଭକାନ୍ତଙ୍କର ମୁଖକୁ ଚାହିଁ ରହିଲା । କିନ୍ତୁ ସେ ମୁଖରେ କୌଣସି ପରିବର୍ତ୍ତନ ଦେଖାଗଲା ନାହିଁ—ଆନନ୍ଦ କିମ୍ବା ବିଷାଦର ସ୍ପଷ୍ଟାଭାସ ହେଲା ନାହିଁ । ଶୁଭକାନ୍ତ ନୀରବରେ ପତ୍ର ପାଠ କଲେ—

ବାବୁ,

ବହୁଦିନୁ ତୁମର କୌଣସି ସମ୍ବାଦ ପାଇ ନାହିଁ । କେବଳ ଲୋକମୁଖରୁ ଶୁଣେ ତୁମର ସ୍ୱାସ୍ଥ୍ୟ ଭଲ ଅଛି । ସେତିକି ଶୁଣି ସାନ୍ତ୍ୱନା ଲାଭ କରେ । ଆଉ ଅଧିକ ଜାଣିବା ପାଇଁ ମୋର ଅଭିଳାଷ ଜାତ ହୁଏ ନାହିଁ—ଅଧିକ ଜାଣିବାକୁ ନିଜର ଅଧିକାର ନିଜେ ହରାଇ ବସିଚି ବୋଲି ମଧ ଜ୍ଞାନ କରେ । ବରଂ ଆନନ୍ଦିତ ହୁଏ ଯେ, ମୋ ବିଷୟରେ ତୁମେ କିଛି ଅନୁସନ୍ଧାନ କର ନାହିଁ । ତୁମେ ଯେଉଁ ବ୍ରତରେ ବ୍ରତୀ ହୋଇଅଛ, ସେଥିରେ ଆଉ ମୋ

ବିଷୟରେ ଅନୁସନ୍ଧାନ କରିବାର ଆବଶ୍ୟକ ନ ଥିଲା । ମୁଁ ମଧ୍ୟ ତୁମ ନିକଟରୁ ନିଜକୁ ଗୋପନରେ ରଖି ଆସିଅଛି ।

ଯେଉଁଦିନ ତୁମେ ମୁକ୍ତାଗଡ଼ର ସିଂହାସନ ତ୍ୟାଗ କରି ନୂତନ ବ୍ରତରେ ବ୍ରତୀ ହେଲ, ସେ ଦିନ କି ଅପାର ଆନନ୍ଦରେ ଏ ପ୍ରାଣ ପୂର୍ଣ୍ଣ ହୋଇ ଉଠିଥିଲା, ତାହା ପତ୍ରରେ ବର୍ଣ୍ଣନୀୟ ନୁହେଁ । ସେହି ଦିନ ମନେ କଲି, ମୁକ୍ତାଗଡ଼ଠାରୁ ମୋର ମଧ୍ୟ ସମସ୍ତ ସମ୍ପର୍କ ଛିନ୍ନ ହୋଇ ଯାଇଅଛି । ଘରବାଡ଼ି, ଧନସମ୍ପତ୍ତି ସମସ୍ତ ବିକ୍ରୟ କରି ଦେଇ ସେହିଦିନ ସ୍ଥିର କଲି ଏହି ପୁରୁଷୋତ୍ତମକ୍ଷେତ୍ରକୁ ଯାତ୍ରା କରିବି । କିନ୍ତୁ ମୋର ସମ୍ପତ୍ତି କ୍ରୟ କରିବାକୁ ଗ୍ରାହକର ଅଭାବ ହେବାରୁ ସେ ସଙ୍କଳ୍ପ କାର୍ଯ୍ୟରେ ପରିଣତ ହେବା ପାଇଁ ବିଳମ୍ବ ଘଟିଲା । ଏହି ଅବସରରେ ମୁକ୍ତାଗଡ଼ର ରାଜପୁରୀରେ ଯେଉଁ ସବୁ ଘଟଣା ଘଟିବାର ଶୁଣାଗଲା, ମୁକ୍ତାଗଡ଼ରୁ ମୋର ସମ୍ପର୍କ ବିଚ୍ଛିନ୍ନ ହେବାକୁ ତାହା ଦ୍ରୁତତର କରିଦେଲା । ଯଥା ତଥା ସମସ୍ତ ସମ୍ପତ୍ତିକୁ ହସ୍ତାନ୍ତରିତ କରି ଦେଇ ଏହି ପୁଣ୍ୟକ୍ଷେତ୍ରକୁ ଚାଲି ଆସିଲି ।

ଏଠାରେ ମୁଁ ଏକାକିନୀ ନୁହେଁ । ମୁକ୍ତାଗଡ଼ର ହୀନତା ମୋର ଅପସାରିତ ହୋଇଅଛି । ଛଅଗୋଟି ଶିଶୁଙ୍କୁ ନେଇ ଏଠାରେ ମୋର ପରିବାର ଗଠନ କରିଅଛି । ଏକ ପାର୍ଶ୍ୱରେ ହିନ୍ଦୁର ପରମ ଆରାଧ୍ୟ ଦେବତା ଜଗନ୍ନାଥ, ଅପର ପାର୍ଶ୍ୱରେ ସୁନୀଳ ମହୋଦଧି— ଏହାରି ମଧ୍ୟରେ ନିର୍ଜ୍ଜନ ବାଲୁକାସ୍ତରରେ ମୋର କୁଟୀର ନିର୍ମିତ । ସମଗ୍ର ହିନ୍ଦୁ ପୃଥିବୀର ଶତ ଶତ ବିଶ୍ୱାସୀ ଭକ୍ତର ପଦସ୍ପର୍ଶରେ ଏ ସ୍ଥାନର ପ୍ରତି ଧୂଳିକଣା ପବିତ୍ରିତ, ନୀଳାମ୍ବୁର ଅହରହ ଗମ୍ଭୀର ନିର୍ଘୋଷରେ ମୁଖରିତ । କିନ୍ତୁ ସବୁଠାରୁ ମୋ ଜୀବନରେ

ଅଧିକ ଆନନ୍ଦ ଦାନ କରିଛନ୍ତି ଏହି ଶିଶୁ ଛଟି । ସେମାନଙ୍କ ମଧ୍ୟରୁ ଚାରିଗୋଟି ଏହି ଦୁର୍ଭିକ୍ଷକାଳରେ ପିତୃମାତୃହୀନ ହୋଇଛନ୍ତି, ଆଉ ଦୁଇଟି ମାତାପିତାଙ୍କର ଉପେକ୍ଷିତ । ଏହି ଅନାଥ ଶିଶୁ-ମାନଙ୍କର ମେଳରେ ମୋ ଜୀବନର ଗତ ଦୁଇଟି ବର୍ଷ ଅତି ସହଜରେ ଅତିବାହିତ ହୋଇଅଛି । ସେମାନଙ୍କ ମୁଖରୁ 'ମା' ସମ୍ବୋଧନ ଶୁଣି ଏ ପ୍ରାଣର ଅତୃପ୍ତ ତୃଷା ବହୁପରିମାଣରେ ଉପଶମ ହୋଇଅଛି । ସେମାନଙ୍କ ମଧ୍ୟରୁ କଏ ମୋର ଗଳା ବେଷ୍ଟନ କରି ପୃଷ୍ଠଦେଶରେ ଝୁଲି ପଡ଼େ, କଏ ତାର ମୁଖଟି ଆଣି ମୋର କୋଳରେ ନିଦ୍ରା ଯାଏ । ସେମାନଙ୍କୁ ଲାଭ କରି ମୁଁ ଜାତି ଧର୍ମ ଭୁଲି ଯାଇଅଛି । କାରଣ ମୋର ବିଶ୍ୱାସ, ଏପରି ଆତ୍ମହାରହୀନତାରେ ମୋ ଦେବତା କଦାପି ଅସନ୍ତୁଷ୍ଟ ହେବେ ନାହିଁ ।

ଏହି ଶିଶୁମେଳରେ ଥାଇ ତୁମକୁ ଥରେ ଦେଖିବାର ଇଚ୍ଛା ଅତ୍ୟନ୍ତ ବଳବତୀ ହୋଇ ପଡ଼ିଅଛି । ମୁଁ ବର୍ତ୍ତମାନ ପୀଡ଼ିତା । ଏ ଅବସ୍ଥାରେ ଏହି ଅନାଥ ଶିଶୁମାନଙ୍କଠାରୁ ଯେଉଁ ସେବା ଶୁଶ୍ରୂଷା ଲାଭ କରୁଅଛି, ତାହା ତୁଳନାରେ ସେମାନଙ୍କ ପ୍ରତି ଯାହା ମୁଁ କରି-ଅଛି, ତାହା ଅତ୍ୟନ୍ତ ତୁଚ୍ଛ । ଏ ପୀଡ଼ା ଅତ୍ୟନ୍ତ ସାଂଘାତିକ, ଜୀବନର ଆଶା ଅତି ଅଳ୍ପ । ପତ୍ର ଲେଖିବାକୁ ମଧ୍ୟ ସାମର୍ଥ୍ୟ ନାହିଁ । ସେଥି-ପାଇଁ ଏ ପତ୍ର ଅନ୍ୟଦ୍ୱାରା ଲେଖାଇଲି । ତୁମେ ଏ ପତ୍ର ପାଇ ଯଥା ଶୀଘ୍ର ଆସିବ । ତୁମର ଶୈଶବରେ ଅଳ୍ପଦିନ ପାଇଁ ଶିକ୍ଷୟିତ୍ରୀ ହେବାର ସୁଯୋଗ ଲାଭ କରିଥିଲି । ସେଥିପାଇଁ ତୁମର ସକଳ କର୍ମ ସତ୍ତ୍ୱେ, ସକଳ କଷ୍ଟ ସତ୍ତ୍ୱେ ଏଠାକୁ ଆସିବା ଲାଗି ଅନୁନୟ କରିବାକୁ ସାହସୀ ହେଲି । ମୁକ୍ତାଗଡ଼ର ରାଜା ହୋଇ ବସିଥିଲେ ଏ ସାହସ କରିଥାନ୍ତି କି ନା ଜାଣେ ନାହିଁ । ନିଜେ ମୃତ୍ୟୁମୁଖୀ ହୋଇଅଛି

ବୋଲି ସନ୍ଦେହ ଥିଲେ, ଏ ସାହସ କରିଥାନ୍ତି କି ନା ଜାଣେ ନାହିଁ ।

ତୁମକୁ ଦେଖିବାର ଅଭିଳାଷ ମୋର ଏ ଅବସ୍ଥାରେ ଜାତ ହେବା ସ୍ୱାଭାବିକ ନୁହେଁ ବୋଲି ମନେ କରୁଥାଇ । କେବଳ ଦେଖିବାର ଆକାଂକ୍ଷା ନୁହେଁ—ଆଉ ମଧ୍ୟ କିଛି ବିଶେଷ ପ୍ରୟୋଜନ ଅଛି—ଯାହାପାଇଁ ତୁମର ଯଥାଶୀଘ୍ର ଏଠାରେ ଉପସ୍ଥିତି ଏକାନ୍ତ ବାଞ୍ଛନୀୟ ।

ପୁଷ୍ପ । କଲ୍ୟାଣାକାଂକ୍ଷିଣୀ
ସୁନନ୍ଦା

ପତ୍ରଟିର ପାଠାନ୍ତେ ଶୁଭକାନ୍ତ ତାହା ଅଳକାର ହସ୍ତକୁ ବଢ଼ାଇ ଦେଲେ । ଅଳକା ଅବାକ୍ ହୋଇ ପଚାରିଲା, 'କଣ କରିବି ?' ମୃଦୁ ହସି ଶୁଭକାନ୍ତ କହିଲେ, 'ପଢ଼ ।' ଅଳକା ପୁନଶ୍ଚ କ୍ଷଣକାଳ ତାଙ୍କ ମୁଖକୁ ଚାହିଁ ତତ୍ପରେ ପତ୍ରପାଠରେ ରତ ହେଲା ।

ଏହି ଅବସରରେ ଶୁଭକାନ୍ତଙ୍କର ମନେ ପଡ଼ିଲା ସୁନନ୍ଦା ! ସେହି କଠୋରସ୍ୱଭାବା ରମଣୀ ମୂର୍ତ୍ତିଟି ! ଶୁଭକାନ୍ତ ଜୀବନରେ କାହାକୁ ଯଦି ଭୟ କରିଛନ୍ତି, ତେବେ ଏହି ରମଣୀଟିକୁ । କି କଠିନ ତାର ଦୃଷ୍ଟି ! ଚକ୍ଷୁଦୁଇଟିରେ କି ଉଜ୍ଜ୍ୱଳ ଦୀପ୍ତି । ଯେତେବେଳେ ସେ ଅନ୍ୟାୟ ଆଚରଣ କରିବାକୁ ଯାଇଅଛନ୍ତି, ସେତେବେଳେ ଏହି କଠୋର ଛବିଟି ତାଙ୍କର ଚକ୍ଷୁ ସମକ୍ଷରେ ଭାସି ଉଠିଚି । ତାଙ୍କର ପ୍ରତି କର୍ମକୁ ସେ ଦୃଷ୍ଟି ଯେପରି ତନ୍ନ ତନ୍ନ କରି ନିରୀକ୍ଷଣ କରିଅଛି । ଶୈଶବରେ ଗୌରୀଗୃହରେ ଏହି ମୂର୍ତ୍ତିକୁ ସେ ଦର୍ଶନ କରିଅଛନ୍ତି, ବିଦ୍ୟାଳୟର ବାତାୟନ ପାର୍ଶ୍ୱରେ ଏହି ରମଣୀର

ଶାସନ ତାଙ୍କୁ ଶୁଣିବାକୁ ହୋଇଅଛି । ରାଜନବରରେ ଏହି ରମଣୀ ବାର୍ ବାର ତାଙ୍କ ସମକ୍ଷରେ ଆସି ଉଭା ହୋଇଛି,—ସକଳ ଅନ୍ୟାୟ ଓ ଅପରାଧର ସମକ୍ଷରେ । ମୁକ୍ତାଗଡ଼ ପରିତ୍ୟାଗ କରିବାର କିଛିଦିନ ପରେ ଶୁଭକାନ୍ତ ଶୁଣିଥିଲେ ସୁନନ୍ଦା ପୁରୀକୁ ଯାତ୍ରା କରିଅଛି । ଏହା ବ୍ୟତୀତ ସୁନନ୍ଦା ବିଷୟରେ ଅଧିକ କିଛି ଅନୁସନ୍ଧାନ କରିବାକୁ ତାଙ୍କର ଅବସର ଅଥବା ପ୍ରୟୋଜନ ହୋଇ ନାହିଁ ।

ଲାଇବ୍ରେରୀ

## ଷୋଡ଼ଶ ପରିଚ୍ଛେଦ

ପତ୍ରପାଠ ସମାପ୍ତ କରି ଅଳକା ପଚାରିଲା; 'କିଏ ଏହି ସୁନନ୍ଦା ?'

'ମୁକ୍ତାଗଡ଼ ରାଜାଙ୍କର ପୁରୋହିତକନ୍ୟା, ମୋର ବାଲ୍ୟ ବୟସର ଶିକ୍ଷୟିତ୍ରୀ ।'

'କାହିଁ, ତାଙ୍କ କଥା ତ ମୁଁ କିଛି ଶୁଣି ନ ଥିଲି ?'

'ନା, ସବୁ କିନ୍ତୁ ପୂର୍ବରୁ ଜାଣେ । ଯେପରି ଦେଖୁଛି, କାଲି ମତେ ପୁରୀ ଯାତ୍ରା କରିବାକୁ ହେବ । ଆଉ ଅଳକା, ତୁମେ ସବୁ ଉପରେ କଡ଼ା ନଜର ଦେଉଥିବ । ବଳୟାରସିଂ ସହିତ ସେ ଯେପରି କର୍ମରେ ପ୍ରବୃତ୍ତ ହେଲାଣି, ସେଥିରେ ବିପଦ ପଦେ ପଦେ ।'

'ମୁଁ ଆଉ କଣ କରିପାରେ । ମୋ କଥା ମାନି ସେ କଣ ଚଳିବା ଲୋକ । କେବଳ ତୁମ ବ୍ୟତୀତ ସେ ଯେ ଆଉ କାହା କଥା ମାନନ୍ତି —'

'ଆଚ୍ଛା, ମୁଁ ମଧ୍ୟ ତାକୁ ସାବଧାନ କରି ଯିବି । କିନ୍ତୁ ନିକଟରେ ଥିଲେ ଯେପରି ହୁଅନ୍ତା, ତାହା ତ ହେବ ନାହିଁ ।'

'କେତେଦିନ ତୁମେ ଏପରି ପୁରୀରେ ରହିବ କି ?'

'କିଏ ଜାଣେ ଅଳକା । ସୁନନ୍ଦାଙ୍କର ଯେପରି ଅବସ୍ଥା, ସେଥିରେ ଛଅଟି ଅନାଥ ଶିଶୁଙ୍କର ଭାର ନେଇଛନ୍ତି । ସେମାନଙ୍କର ତ କିଛି ବ୍ୟବସ୍ଥା କରିବାକୁ ହେବ ?'

'ହୁଏ ତ ସେମାନଙ୍କୁ ଏଠାକୁ ନେଇ ଆସିବ ।'

'ଦେଖା ଯାଉ । କିନ୍ତୁ ଆମ୍ଭମାନଙ୍କର ଯେଉଁପରି କର୍ମ, ଦେଖୁଛ ତ ଏହି ଗୋଟିଏ ଶିଶୁର ଯତ୍ନ ନେବା କେତେଦୂର କଠିନ । ତା ସହିତ ଆଉ ଛଅଟି ଆଣି ଯୋଗ କରିବା—'

ଶୁଭକାନ୍ତ ହସିଲେ । ଅଲକା 'କହିଲା, କିନ୍ତୁ ସେ ତ ପୁଣି ଏକା ହୋଇ ପାରି ଉଠିଲେ ।'

'ଅବଶ୍ୟ । କିନ୍ତୁ ସୁନନ୍ଦାଙ୍କୁ ତୁମେ ଦେଖି ନାହଁ ଅଲକା— ସେ ଏକାକୀ ଗୋଟାଏ ରାଜ୍ୟର ଶାସନ ଚଳାଇ ପାରନ୍ତି ।'

ସନାତନ ଆସି କହିଲା, 'ଭାଇ, ପୁଲିସର ଉତ୍ପାତ କ୍ରମେ ଅସହ୍ୟ ହୋଇ ଉଠୁଛି । ବଳିଆର ସିଂହକୁ କେବଳ ସନ୍ଦେହ କରି ପୋଲିସ୍ ଗିରଫ କରିବାକୁ ଧମକ ଦେଖାଇଅଛି ।'

ଶୁଭକାନ୍ତ କହିଲେ, 'ପୋଲିସ୍ ବିଶ୍ୱାସ ନ କରି ସନ୍ଦେହ କଲା, ତାହା ତାର ଦୋଷ ହୋଇ ପାରେ ସନୁ । କିନ୍ତୁ ସେଥିପାଇଁ ଆମର ରାଗ ଦ୍ୱେଷ ନ ରଖି ସାବଧାନ ହୋଇ ନିଜ କାମଟି କରି ନେବାକୁ ହେବ । ବଳିଆର ସିଂହକୁ ସେହିକଥା ତୁମେ ଭଲରୂପେ ବୁଝାଇ ଦିଅ । ଏହି ଦେଖ ସୁନନ୍ଦାଙ୍କର ଚିଠି । କାଲି ପ୍ରଭାତରୁ ମୋର ପୁରୀ ଯିବା ଏକାନ୍ତ ଆବଶ୍ୟକ । ଫେରିବାକୁ ହୁଏତ ଛ ସାତ ଦିନ ବିଳମ୍ବ ହୋଇପାରେ । ଏହି ଅବସରରେ ତୁମକୁ ଯଥେଷ୍ଟ ସାବଧାନ ହୋଇ କାର୍ଯ୍ୟ କରିବାକୁ ହେବ ।'

ଅଲକା ହସ୍ତରୁ ପତ୍ର ନେଇ ସନାତନ ପାଠ କଲା ଏବଂ ଶେଷରେ କହିଲା, 'ହଁ ଭାଇ, ତୁମର ଅବିଳମ୍ବେ ଯାତ୍ରା କରିବା ଏକାନ୍ତ ଆବଶ୍ୟକ—ବିଶେଷତଃ ଛଅଟି ଅନାଥ ଶିଶୁଙ୍କର ଭାର ସେ ନେଇଅଛନ୍ତି । ମୁଁ ମଧ୍ୟ ଆଜି ଚମ୍ପାପୁର କେନ୍ଦ୍ରରୁ ସମ୍ବାଦ ପାଇଛି ।

ଅଭିରାମ ଜଳମଗ୍ନ ହେବା ପରେ କେନ୍ଦ୍ରର କାର୍ଯ୍ୟ ଅଚଳ ହୋଇ ପଡ଼ିଅଛି । କିନ୍ତୁ ତୁମର ଅନୁପସ୍ଥିତିରେ ମୁଁ ଆଜି ଏ ସ୍ଥାନ ଛାଡ଼ି ଯିବି କିପରି ?

'ନାହିଁ, ମୋର ଫେରିବା ପର୍ଯ୍ୟନ୍ତ ତୁମେ ନିୟମିତ କେନ୍ଦ୍ରଟିକୁ ପରିଚାଳନା କର; କିନ୍ତୁ ସାବଧାନ ।'

'କାହାପାଇଁ ସାବଧାନ ହେବି ଭାଇ— ମୋ ନିଜ ଜୀବନ ପାଇଁ, ନା ଶତ ସହସ୍ର ବୁଭୁକ୍ଷୁ ନରନାରୀଙ୍କର ଜୀବନ ପାଇଁ ? ବାର ଶହ ବଢ଼େଇରେ ଦାୟୀ ନା ପୁଅରେ ଦାୟୀ ? ଦୁଇଟା ଭିତରୁ ଗୋଟାକୁ ତ ବାଛି ନେବାକୁ ହେବ ?"

'ନାହିଁ ସନ୍ତୁ, ଦୁଇଟାଯାକ ଏକାସାଙ୍ଗରେ ଧରିବାକୁ ହେବ । ଏକକୁ ମୁଁ ବହୁରୁ ବିଚ୍ଛିନ୍ନ କରି ଦେଖେ ନାହିଁ । କାରଣ ବ୍ୟଷ୍ଟିକୁ ଛାଡ଼ି ସମଷ୍ଟିର ପରିସ୍ଥିତି ନାହିଁ । ଯହିଁରେ ପୁଅ ରହିବ, ବାରଶ ବଢ଼େଇ ମଧ୍ୟ ରହିବେ, ସେହିପରି କର୍ମ କରିବା ଆମର ଉଚିତ । ଆମେ ନିଜେ ଯେଉଁଠାରେ ନାହୁଁ, ସେଠାରେ ଶତ ସହସ୍ର ନର-ନାରୀଙ୍କର ଚିନ୍ତା କାହିଁ ?'

'କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଏପରି ଅବସ୍ଥା ପଡ଼ଇଞ୍ଚେ, ଯେଉଁଠାରେ ଦୁଇ ମଧ୍ୟରୁ ଗୋଟିଏ ବାଛି ନେବାକୁ ପଡ଼େ । ଉଭୟଙ୍କର ରକ୍ଷଣ ସମ୍ଭବ ହୋଇପାରେ ନାହିଁ । ଆଚ୍ଛା, ସେଥିପାଇଁ ଏତେ ଆଗରୁ ଚିନ୍ତା କରିବାର କିଛି ଆବଶ୍ୟକ ନାହିଁ । ଅବସ୍ଥାକୁ ଦେଖି ସଙ୍ଗେ ସଙ୍ଗେ ବ୍ୟବସ୍ଥା କରିବାକୁ ହେବ । କିନ୍ତୁ ଏ ତର୍କରେ ଅଭିରାମ କଣ କହନ୍ତା ଜାଣ ଭାଇ ? ସେ କହନ୍ତା, "ନା, ବାରଶ ବଢ଼େଇରେ ଦାୟୀ ହେବା ମୂର୍ଖତା—ପୁଅରେହିଁ ଦାୟୀ ହେବା ଜ୍ଞାନୀର କାର୍ଯ୍ୟ" ।

ସେ କହେ, ଜଗତରେ ଯଦି ଶ୍ରଦ୍ଧା କରିବା କିମ୍ବା ସମ୍ମାନ କରିବାର ବସ୍ତୁ କିଛି ଥାଏ, ତେବେ ତାହା ନିଜ ବ୍ୟକ୍ତିତ୍ୱ ଆଉ କିଛି ନୁହେ ।'

'ଅଭିରାମ ସହିତ ଆଳାପ କରିବାର ବାସନା ମୋର ଅତୃପ୍ତ ରହିଗଲା, ସନୁ ।'

ସନାତନ ଏବଂ ଅଳକାଠାରୁ ବିଦାୟ ନେଇ ପରଦିନ ପ୍ରତ୍ୟୁଷରୁ ଶୁଭକାନ୍ତ ପୁରୀ ଯାତ୍ରା କଲେ । କୌଣସି ଯାନ ବାହନ ନାହିଁ, ପଦବ୍ରଜରେ । ପଥପାର୍ଶ୍ୱରେ ସେହି ଏକ ମରଣର ଦୃଶ୍ୟ, ବୁଭୁକ୍ଷୁର ବିଳାପଧ୍ୱନି, ଶ୍ମଶାନର ଚିତା-ଅଗ୍ନି, ଗୃଧ୍ର ଶୃଗାଳର ବିକଟ ଚିତ୍କାର ଏ ଦୃଶ୍ୟ ଶୁଭକାନ୍ତଙ୍କର ଦୈନନ୍ଦିନ ପରିଚିତ । ସ୍ଥାନେ ସ୍ଥାନେ ବନ୍ୟାର ଜଳ ପୂର୍ଣ୍ଣ ହୋଇ ରହିଅଛି । ମୃତ୍ଦେହର ପୂତିଗନ୍ଧରେ ବାୟୁମଣ୍ଡଳ ଦୂଷିତ ହୋଇ ପଡ଼ିଅଛି । କର୍ଦ୍ଦମାକ୍ତ ପଥରେ ଶୁଭକାନ୍ତ ଏକାକୀ ପଥ ଅତିକ୍ରମି ଯାଉଛନ୍ତି । ଜଗନ୍ନାଥ ରାସ୍ତାର ଉଭୟ ପାର୍ଶ୍ୱର ବୃକ୍ଷରାଜିର ନିମ୍ନଦେଶ ଜଳମଗ୍ନ । ପ୍ରଭାତର ପ୍ରଥମ ରଶ୍ମି, ବୃକ୍ଷ-ଅଗ୍ରକୁ ସ୍ପର୍ଶ କରି ନାହିଁ । ଚତୁର୍ଦ୍ଦିଗ ସୁସ୍ପଷ୍ଟ ହୋଇ ଉଠି ନାହିଁ ।

ପଥିକହୀନ ପଥ । କେବଳ ଅଳ୍ପ ଦୂରରେ ପଥର ବିପରୀତ ଦିଗରୁ ଗୋଟିଏ ମାନବ ମୂର୍ତ୍ତି ଗତି କରି ଆସୁଥିବାର ଦେଖାଗଲା । କିନ୍ତୁ ନିକଟବର୍ତ୍ତୀ ହେବାମାତ୍ରେ ସେ ମୂର୍ତ୍ତିଟି ଦ୍ରୁତପଦରେ ପଥର ଏକ ପାର୍ଶ୍ୱରେ ଜଳମଧ୍ୟକୁ ପ୍ରବେଶ କଲା । କଟି ପର୍ଯ୍ୟନ୍ତ ଜଳମଗ୍ନ କରି ଦୁଇ ହସ୍ତରେ ବକ୍ଷ ଆବୃତ କରି ରଖିଲା । ପ୍ରଭାତର ଅସ୍ପଷ୍ଟ ଆଲୋକରେ ଶୁଭକାନ୍ତ ଜାଣି ପାରିଲେ, ତାହା ଗୋଟିଏ ଉଲଗ୍ନ ରମଣୀମୂର୍ତ୍ତି, ଦେହରେ ଅର୍ଦ୍ଧହସ୍ତପରିମିତ ବସ୍ତ୍ର ମଧ୍ୟ ନାହିଁ । ଶୁଭକାନ୍ତଙ୍କୁ ନିକଟତର ହେବାର ଜାଣି ରମଣୀଟି ବୃକ୍ଷାନ୍ତରାଳରେ ନିଜକୁ ଗୋପନ କରି ରଖିଲା । ସଙ୍ଗରେ ନେଇଥିବା କମ୍ବଳଖଣ୍ଡି

ଶୁଭକାନ୍ତ ସେହି ପଥପାର୍ଶ୍ୱରେ ରଖି ଦେଇ ଦୂରକୁ ଅପସୃତ ହୋଇଗଲେ । ଜଳମଧ୍ୟରୁ ଗାତ୍ରୋତ୍ଥାନ କରି ରମଣୀଟି ସେହି ବସ୍ତ୍ର ପରିଧାନ କଲା ଏବଂ ପଶ୍ଚାତରୁ ଶୁଭକାନ୍ତଙ୍କୁ ଡାକିଲା, 'ଚିହ୍ନି ପାରୁଚ ?'

ଶୁଭକାନ୍ତ ପଶ୍ଚାତକୁ ଚାହିଁଲେ—ପଥ ଉପରେ ବସ୍ତ୍ର ପରିଧାନ କରି ସେହି ରମଣୀଟି ତାହାର ପ୍ରତି ଚାହିଁ ଅତି କରୁଣ ହାସ୍ୟ ହସୁଚି । 'ଆସ, ଆସ, ଚିହ୍ନି ପାରୁ ନାହିଁ ?'

ପ୍ରତ୍ୟାବର୍ତ୍ତନ କରି ଶୁଭକାନ୍ତ ତାର ମୁଖପ୍ରତି ଚାହିଁଲେ । ରମଣୀଟି ମସ୍ତକରେ ଲଜ୍ଜାର ଅବଗୁଣ୍ଠନ ଟାଣିଲା ଏବଂ ପୂର୍ବପରି ଶୁଭକାନ୍ତଙ୍କର ମୁଖକୁ ଚାହିଁ କରୁଣ ହାସ୍ୟ ହସିଲା । ବାଳାରୁଣର ପ୍ରଥମ ଆଭା ପଥର ସ୍ଥାନେ ସ୍ଥାନେ ବୃକ୍ଷାନ୍ତରାଳରୁ ଦୃଷ୍ଟିପାତ କରି-ଅଛି । ରମଣୀ ପୁନର୍ବାର ପଚାରିଲା, 'ଚିହ୍ନି ପାରୁ ନାହିଁ ?'

ନିର୍ବୋଧ ଦୃଷ୍ଟିରେ ତାର ମୁଖପ୍ରତି ଚାହିଁ ଶୁଭକାନ୍ତ ଉତ୍ତର କଲେ, 'ନା ।'

'ନା ?' ରମଣୀଟି ଅଟ୍ଟହାସ କରି ଉଠିଲା । 'ମନେ ନାହିଁ ?'—

ଏ ରମଣୀର ମୁଖର ଗଠନ ଏବଂ ଗୌର ଅଙ୍ଗ ଦର୍ଶନ କରି ଶୁଭକାନ୍ତଙ୍କର ମନେ ହେଲା ସେ ଯେପରି ଗୋଟାଏ ଅପୂର୍ବ ସୁନ୍ଦରୀ ରମଣୀର ଛାୟା—ପ୍ରେତାତ୍ମା । ସେ ମୁଖର କେତେକ ସ୍ଥାନରେ କ୍ଷତ ଚିହ୍ନ । ସମସ୍ତ ଅବୟବରୁ ଲାବଣ୍ୟ ଯେପରି ଅପହୃତ ହୋଇ ଯାଇ-ଅଛି ।

ରମଣୀଟି ପୁନର୍ବାର ପଚାରିଲା, 'କିଛି ମନେ ନାହିଁ ?—ଚଇଁଶାଳୀ—ପୋଖରୀକୂଳ—ଜାମୁକୋଳି—ମଙ୍ଗରାଜଘର ଝିଅ—ଶୋଭା ?—କିଛି ମନେ ନାହିଁ '

ଶୁଭକାନ୍ତ ଉଦ୍‌ବେଗ ଓ ହତାଶା ମିଶ୍ରିତ ସ୍ୱରରେ କହି ଉଠିଲେ, 'ଶୋଭା ?—ତୁ ଏଠାରେ କିପରି ?'

'ହଁ, ଏଥର ମନେ ପଡ଼ିଲା' କହି ସଙ୍ଗେ ସଙ୍ଗେ ରମଣୀଟି ବସ୍ତ୍ରାଞ୍ଚଳରେ ମୁଖ ଆବୃତ କଲା । ଆଉ କିଛି କହିପାରିଲା ନାହିଁ । ପୁଣି ପୁଣି କ୍ରନ୍ଦନ କରି ଉଠିଲା । ଶୁଭକାନ୍ତ ଚିତ୍ତରେ ଏହି ରମଣୀର ବାଲ୍ୟ ବୟସର ଛବି ଭାସି ଉଠିଲା । ବାଲ୍ୟଜୀବନରେ ଏହି ରମଣୀ ତାଙ୍କ ଚକ୍ଷୁରେ ଆଦର୍ଶ ରୂପସୀ ଥିଲା । ଶୁଭକାନ୍ତ ଅପେକ୍ଷା ସେ ଦୁଇବର୍ଷ ବଡ଼ । ବାଲ୍ୟ ବୟସରେ ଉଭୟେ ଏକ ଚଟଶାଳୀରେ ସହାଧ୍ୟାୟୀ ଥିଲେ । ମନେ ପଡ଼ିଲା, ସେହିଦିନ ସେହି ବଟବୃକ୍ଷ ଦୋଳାରେ ପୁଷ୍କରିଣୀର ସ୍ୱଚ୍ଛ ଜଳରେ ଶୋଭାର ଅନାବୃତ ଜଘନ ଓ କଟୀଚୁମ୍ବୀ କେଶଦାମ—ସେହି ରଜସଂକ୍ରାନ୍ତି—ସମସ୍ତ ଘଟଣା ଗୋଟି ଗୋଟି ହୋଇ ଶୁଭକାନ୍ତଙ୍କର ଚିତ୍ତପଥରେ ଉଦିତ ହେଲା । ବୀରବର ମଙ୍ଗରାଜଙ୍କର କନ୍ୟା । କି ଅଭାବ ଥିଲା ତାର ! କାହିଁକି ସେ ଆଜି ପଥ ଉପରେ ! ଏହି ଦୁର୍ଭିକ୍ଷର ତାଡ଼ନା ଶୋଭାର ଏପରି ଦୁର୍ଦ୍ଦଶା ଘଟାଇଅଛି କିନା ! ରମଣୀର ଗୋଟିଏ ହସ୍ତ ଧାରଣ କରି ଶୁଭକାନ୍ତ କହିଲେ, 'ଆ, ଶୋଭା ଏହି ଗଛମୂଳରେ ଟିକଏ ବସ୍ ।' ଶୁଭକାନ୍ତଙ୍କର କୋମଳ ସ୍ୱରରେ ଶୋଭାର ଦୁଃଖ ଉଦ୍‌ବେଳ ହୋଇ ଉଠିଲା । ଧୀରେ ଧୀରେ ଯାଇ ସେ ବୃକ୍ଷମୂଳରେ ଉପବେଶନ କଲା ।

ଶୁଭକାନ୍ତ ଅଳ୍ପ ଦୂରରେ ଶୋଭା ନିକଟରେ ନୀରବରେ ବସି ରହିଲେ । ଶୋଭା ଯେ ତାର ନବାଗତ ଯୌବନକୁ ଶୁଭକାନ୍ତ ସମୀପରେ ଅର୍ପଣ କରିଥିଲା, ତାର ପ୍ରତିଦାନସ୍ୱରୂପ ସେ କିଛିମାତ୍ର ଲାଭ କରି ନାହିଁ । ଥରେ ତାକୁ ସ୍ମରଣ କରିବାକୁ ମଧ୍ୟ

ଶୁଭକାନ୍ତଙ୍କର ସୁଯୋଗ ହୋଇ ନାହିଁ । ବର୍ତ୍ତମାନ କ ପ୍ରଶ୍ନ ତାକୁ ସେ କରିବେ ? ବିଶେଷତଃ ତାର ଏ ଯେ ଶୋଚନୀୟ ଅବସ୍ଥା ।

କିନ୍ତୁ ଅଳ୍ପକ୍ଷଣ ପରେ ଶୋଭା ନିଜେ ନୀରବତା ଭଗ୍ନ କରି ସ୍ୱୀୟ ଇତିବୃତ୍ତ କହିବାକୁ ଲାଗିଲା । ଅତି ବିକଳ, ଅତି ମର୍ମନ୍ତୁଦ ସେ ଗଳ୍ପ । ଶୁଭକାନ୍ତ ସ୍ୱୀୟ ପ୍ରାଣକୁ ପ୍ରସ୍ତରବତ୍ କଠିନ କରି ଦେଲେ । ନଚେତ୍ ସେ ଗଳ୍ପ ଶୁଣି ଧୈର୍ଯ୍ୟ ଧରି ରଖିବା କଠିନ ।

ବାରବର ମଙ୍ଗରାଜ କ୍ଷତ୍ରିୟ ବଂଶର ଗୋଟିଏ ଯୁବକ ସହିତ ଶୋଭାର ବିବାହ ଦେଇଥିଲେ । କିନ୍ତୁ ସ୍ୱାମୀକୁଳର ସମ୍ବଳ ଏକମାତ୍ର ଜାତି ବ୍ୟତୀତ ଅନ୍ୟ କିଛି ନ ଥିଲା । ଯାହା ହେଉ ଶୋଭା ସେହି 'ଜାତି' ଲଭ କରି କେତେକ ବର୍ଷ ସ୍ୱାମୀଗୃହରେ ବାସ କଲା । ତାର ଦୁଇଟି ସନ୍ତାନ ପଥ୍ୟ ଓ ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡ଼ିଲେ । ତୃତୀୟଟିକୁ ସେ ତ୍ୟାଗ କରି ଆସିଅଛି—ସ୍ୱାମୀଗୃହରେ ନୁହେ, ସୁନନ୍ଦାଙ୍କ ନିକଟରେ । କାରଣ ତାର ସ୍ୱାମୀଗୃହ ହୋଇ ଜଗତରେ ବର୍ତ୍ତମାନ କୌଣସି ସ୍ଥାନ ନାହିଁ । ପ୍ରଥମ ଦୁଇଟି ସନ୍ତାନର ମୃତ୍ୟୁ ପାଇଁ ସେ ପ୍ରଧାନତଃ ଦାୟୀ ନ ହେଲେହେଁ ସ୍ୱାମୀଗୃହରେ ବହୁ ଅପମାନ ଓ ଲାଞ୍ଛନା ତାକୁ ସହିବାକୁ ହେଲା । ସ୍ୱାମୀଗୃହକୁ ଆସିବା ଦିନଠାରୁ ତାଙ୍କର ଦାରିଦ୍ର୍ୟମୋଚନ ହେବା ଦୂରେ ଥାଉ, ଅଧିକ ଅଭାବ ହେବାର ଦେଖି ସେ ସକଳ ପାଇଁ ତାହାକୁହିଁ ଅପରାଧିନୀ ବୋଲି ସାବ୍ୟସ୍ତ କରାଗଲା । କାରଣ ନବବଧୂର ଆସିବା ପରେ ସ୍ୱାମୀର ଅବସ୍ଥା ପରିବର୍ତ୍ତିତ ନ ହେବା ବଧୂ ପକ୍ଷରେ ଅତ୍ୟନ୍ତ କଳଙ୍କ ଓ ଦୁର୍ଭାଗ୍ୟର ବିଷୟ ।

ତତ୍ପରେ ଆସିଲା ନିଅଙ୍କ । ଶୋଭାର ବୃଦ୍ଧ ଶ୍ୱଶୁର ଅନାହାରରେ ମୃତ୍ୟୁ ଲଭିଲେ । ସ୍ୱାମୀ ତ୍ୟାଗ କରି ନିରୁଦ୍ଦେଶ ହେଲା ।

ପିତ୍ତାଳୟରେ ମଧ୍ୟ ତାକୁ ସ୍ଥାନ ମିଳିଲା ନାହିଁ । ମଙ୍ଗରାଜଙ୍କର ବୃହତ୍ ପରିବାର ମଧ୍ୟରେ ଅଭାବ ଓ ଅନଟନ ପୀଡ଼ିତ ହୋଇ ପୁତ୍ରମାନେ ପୃଥକ୍ ହୋଇଗଲେ ଏବଂ ଅବଶେଷରେ ସ୍ୱାମୀ, ସ୍ତ୍ରୀ, ପୁତ୍ର, କନ୍ୟା ବିଚ୍ଛିନ୍ନ ହୋଇ ଭିକ୍ଷାର ଆଶ୍ରୟ କଲେ । ଶୋଭା ମଧ୍ୟ ନିରୁପାୟ ହୋଇ ନିଜେ ଭିକ୍ଷା ଆଶାରେ ସ୍ଥାନେ ସ୍ଥାନେ ଭ୍ରମିବାକୁ ଲାଗିଲା । ନିଜେ ଉପବାସ ରହି ସନ୍ତାନଟିକୁ ବଞ୍ଚାଇବାକୁ ଲାଗିଲା । ପ୍ରତିଦିନ ସରକାରୀ କେନ୍ଦ୍ରରୁ କିଛି କିଛି ଗୁଜଲ ଆଣି ସନ୍ତାନଟିକୁ ଦିଏ । ଅବଶିଷ୍ଟ ରହିଲେ ନିଜେ ଆହାର କରେ; କିନ୍ତୁ ଅବସ୍ଥା ଏପରି ହେଲା ଯେ, ସରକାରୀ କେନ୍ଦ୍ରରୁ ମଧ୍ୟ ଗୁଜଲ ଶେଷ ହୋଇଗଲା । ଅଧିକାଂଶ ଲୋକଙ୍କୁ କେନ୍ଦ୍ରସ୍ଥଳରୁ ଦୂର କରି ଦେଇ ଶେଷରେ ଯେ କେତେ ଜଣ ଫେରି ନ ଯାଇ ପଡ଼ି ରହୁଥିଲେ, ସେହିମାନଙ୍କୁ ସାହାଯ୍ୟ ଦିଆ ଯାଉଥିଲା; କିନ୍ତୁ ଶିଶୁଟିକୁ ବଞ୍ଚାଇବା ଶୋଭାର ଏକାନ୍ତ ଲକ୍ଷ୍ୟ ହୋଇ ପଡ଼ିଥିଲା । ସେଥିପାଇଁ ସେ ଦିନେ ସାହସ କରି ସରକାରୀ ହାକିମଙ୍କ ସମକ୍ଷରେ ଶିଶୁଟିକୁ ଧରି ନିଜର ଅବସ୍ଥା ଜଣାଇଲା । ହାୟ ! ସେ ବିଷପାନ କରି ଯାହା ଆତ୍ମହତ୍ୟା ନ କଲା । ସରକାରୀ ହାକିମ ଏକ ଦୃଷ୍ଟିରେ ତା ପ୍ରତି ଚାହିଁଲେ, ଅଧର କୋଣରେ ମୃଦୁ ମୃଦୁ ହସି ତାର ସମସ୍ତ ଦୁଃଖ ଶ୍ରବଣ କଲେ । କିନ୍ତୁ ପରକ୍ଷଣରେ ତାର ପ୍ରାର୍ଥନା ଅଗ୍ରାହ୍ୟ କଲେ । ଅଗତ୍ୟା ତାକୁ ସେ ସ୍ଥାନରୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲା ।

ସନ୍ଧ୍ୟା ସମୟରେ ଶ୍ୟାମ ରଥ ନାମକ ଜଣେ ବ୍ରାହ୍ମଣ ତା ସମକ୍ଷରେ ଆସି ଯେଉଁ ପ୍ରସ୍ତାବ କଲେ, ସେଥିରେ ତାର ସମସ୍ତ ଦେହ କମ୍ପିତ ହୋଇ ଉଠିଲା । ଜାଣି ହେଲେ ମଧ୍ୟ ସେ ସେହି ପୁରୁଷକୁ ଆଘାତ କରିବାକୁ ଉଦ୍ୟତ ହେଲା ।

କିନ୍ତୁ ହାୟ, ବେଶିଦିନ ସେ ନିଜର ସଙ୍କଳ୍ପକୁ ସ୍ଥିର କରି ରଖି ପାରିଲା ନାହିଁ । ଶିଶୁଟି ଯେତେବେଳେ 'କଣ ଖାଇବି' ବୋଲି ବିକଳ ଦୃଷ୍ଟିରେ ତା ମୁଖକୁ ଚାହିଁଲା, ସେ ସ୍ୱଚକ୍ଷୁରେ ଦେଖିଲା କେତେ ନାରୀ ନିଜର ସନ୍ତାନ ମାଂସ ଭକ୍ଷଣ କରିବାକୁ ମଧ୍ୟ ପଶ୍ଚାତ୍‌ପଦ ନୁହନ୍ତି, ନିଜର ସେହି ଭୟାବହ ପରିଣାମ କଳ୍ପନା କରି ନାରୀତ୍ୱର ସକଳ ଦମ୍ଭ ତାର ଶିଥିଳ ହୋଇଗଲା,—ସକଳ ସଙ୍କଳ୍ପ ବିସ୍ମୃତ ହୋଇ ଶ୍ୟାମ ରଥଙ୍କ ପ୍ରସ୍ତାବରେ ତାର ପୂର୍ଣ୍ଣ ସମ୍ମତି ଅଛି ବୋଲି ନିଜେ ଯାଇଁ ତାଙ୍କୁ ଜଣାଇଲା । ସେ ନିଜର ଦେହ ବିନିମୟରେ ତାର ଶିଶୁର ଦେହ ଯେ ରକ୍ଷା କରିଅଛି, ମୃତବତ୍ସା ଦୋଷରୁ ନିଜକୁ ଉଦ୍ଧାର କରିଅଛି, ଏହି ଭାବନାରେ ତାର ସମସ୍ତ ଆତ୍ମଗ୍ଲାନି ବିସ୍ମୃତ ହେବାକୁ ଚେଷ୍ଟା କରେ । ପ୍ରଥମ ପ୍ରଥମ ହାକିମଙ୍କ ଠାରୁ ସେ ଆଦର ସୋହାଗ ଲାଭ କଲା, ଆହାର ବସ୍ତ୍ର କାହିଁରେ ତାର ଅଭାବ ହେଲା ନାହିଁ । କିନ୍ତୁ ଯେଉଁଦିନ ଜଣାଗଲା ଯେ ସେ ଗର୍ଭବତୀ, ସେ ଦିନ ହାକିମ, ପୋଲିସ ଓ ଶ୍ୟାମ ରଥ ବସି ମନ୍ତ୍ରଣା ଆରମ୍ଭ କଲେ । ତାର ପୁଅଟିକୁ ଅନ୍ୟ ସ୍ଥାନରେ ଛାଡ଼ିଦେବା ପାଇଁ ପ୍ରସ୍ତାବ କଲେ । ଏହି ବ୍ୟବସ୍ଥାରେ ନିରୁପାୟ ହୋଇ ସେ ସୁନନ୍ଦା ହସ୍ତରେ ନିଜ ଶିଶୁଟିକୁ ଅର୍ପଣ କରିଦେଲା । ତତ୍ପରେ କେତେ ଔଷଧ ତାର ଗଳାଧଃକରଣ ହେଲା, କେତେ ଅକଥ୍ୟ ଦୈହିକ ଯନ୍ତ୍ରଣା ! ସେ କଷ୍ଟରେ ତାର ରୂପର ଲାବଣ୍ୟ ଝଡ଼ି ପଡ଼ିଲା । ସର୍ବଶେଷରେ ତାକୁ କୃପାନାଥଙ୍କର ଦାସୀବୃତ୍ତି କରି ଉଦର ପୋଷଣ କରିବାକୁ ହେଲା ।

କିନ୍ତୁ ତେବେ ମଧ୍ୟ ପୁରୁଷର ଲୋଲୁପ ଦୃଷ୍ଟିରୁ ରକ୍ଷା ମିଳିଲା ନାହିଁ । ଥାନାର ଜଣେ ସିପେହି ତାର ଦେହ ଉପରେ ଅତ୍ୟାଚାର କରିବାକୁ ବସିଲା । ସେଥିରୁ ନିଷ୍କୃତି ଲାଭ କରିବାକୁ ଦିନେ

ଗୋପନରେ ସେ ସ୍ଥାନ ପରିତ୍ୟାଗ କରି ସେ ଚାଲି ଆସିଲା । କିନ୍ତୁ ପୂର୍ବ ରାତିରେ ସେହି ସିପେହିର ଦୃଷ୍ଟି ପଥରେ ପଡ଼ିଥିଲା । ସିପେହିଟା ବଳାତ୍କାରରେ ତାକୁ ଆକ୍ରମଣ କଲା ଏବଂ ତାର ଦେହକୁ ଏହିପରି କ୍ଷତ ବିକ୍ଷତ କରି ଶେଷରେ ତାର ପରିଧେୟ ଖଣ୍ଡି ମଧ୍ୟ ଛଡ଼ାଇ ନେଇ ଚାଲିଗଲା ।

ଶୁଭକାନ୍ତ ନୀରବରେ ଶୋଭାର ସମସ୍ତ ବିକଳ ଇତିହାସ ଶ୍ରବଣ କଲେ । ପରିଶେଷରେ କହିଲେ, 'ଶୋଭା, ମୁଁ ସେହି ସୁନନ୍ଦାଙ୍କ ନିକଟକୁ ଯାଉଛି । ତୋ ପୁଅଟିକୁ ନିଶ୍ଚୟ ଦେଖିବି— ତାର ନାଁ କଣ ?'

ଉତ୍ସୁକ ହୋଇ ଶୋଭା କହିଲା, 'ସତେ ତୁମେ ଯାଉଛ ? ମୁଁ ଯାଆନ୍ତି ।'

'ତୋର ଯିବାର ଦରକାର ନାହିଁ । ଆଜି ମୋ ସାଥିରେ ବା କିପରି ଯିବୁ ? ତା ନାଁ କଣ କହିଲୁ ?'

'ତା ନାଁ ଚୈତନ । ସୁନନ୍ଦାଙ୍କୁ ପଚାରିବ ଶୋଭା ପୁଅଟି କିପରି ଅଛି ।'

'ବ୍ୟସ୍ତ ହୁଅନା ଶୋଭା । ମୁଁ ଯାଇଁ ସୁନନ୍ଦାଙ୍କ ପାଖରେ ରହିବି, ତାଙ୍କର ବଡ଼ ଶକ୍ତ ବେରାମ । ତୋର ପୁଅ କଥା ସବୁ ବୁଝିବି । ଆଜି ତୁ କୁଆଡ଼େ ଯିବୁ ? ଏହିପରି ଲୁଚି ଲୁଚି କେତେଦିନ ଚଳିବୁ ? ମୋ କୁହାଟି କର । କଲ୍ୟାଣପୁର ସନାତନ ପଣ୍ଡିତଙ୍କ ପାଖକୁ ଯିବୁ । ସନାତନଙ୍କୁ କହିବୁ, "ତୁମ ଭାଇ ପୁରୀ ଯିବା ବାଟରେ ମତେ ଦେଖି ତୁମ ପାଖକୁ ପଠାଇଛନ୍ତି । ପୁରୀରୁ ଫେରିବା ପର୍ଯ୍ୟନ୍ତ ମତେ ତୁମ ଘରେ ରହିବାକୁ କହିଛନ୍ତି । ତାଙ୍କ

ପାଖରେ କାଗଜ କଲମ ନ ଥିବାରୁ ଚିଠି ଲେଖି ପାରିଲେ ନାହିଁ । ଆଉ ସାବଧାନ ଚୋର ଜୀବନର ଯେଉଁ ସବୁ କଥା ମୋ' ଆଗରେ କହିଲୁ, ତାକୁ ସେ ବିଷୟ କହି ଜଣାଇବୁ ନାହିଁ । ମୁଁ ପୁରୀରେ ପହୁଞ୍ଚି ତା ନିକଟକୁ କାଲି ପତ୍ର ଦେବି । ବୁଝିଲୁ ?'

ଶୋଭାର ନିଜ ପ୍ରତି ଏଣିକି ଆଉ କୌଣସି ଭୟ ନାହିଁ । ତା ପକ୍ଷରେ ସନାତନର ଗୃହ ଯାହା, ଉନ୍ମୁକ୍ତ ପଥ ପ୍ରାନ୍ତର ମଧ୍ୟ ତାହାହିଁ । ତଥାପି ଶୁଭକାନ୍ତଙ୍କର ଅଯାଚିତ ପ୍ରସ୍ତାବକୁ ସେ ଅଗ୍ରାହ୍ୟ କଲା ନାହିଁ । ନିଜର ସମ୍ମତି ଜ୍ଞାପନ କଲା । ଶୁଭକାନ୍ତଙ୍କୁ ପଣ୍ଡିତାଣୀକୁ ଡାକି କହିଲା, 'ଚଇତନକୁ କହିବ, ତା ବୋଉ ସବୁବେଳେ ତା କଥା ଭାବୁଚି । ଶୁଣିଲଟି ?' ଶୋଭା ହସି ଉଠିଲା । ପ୍ରକୃତିସ୍ଥ ମାନବ ପକ୍ଷରେ ଏ ହାସ୍ୟ ସ୍ୱାଭାବିକ ନୁହେ !

## ସପ୍ତଦଶ ପରିଚ୍ଛେଦ

ଶୁଭକାନ୍ତ ଦ୍ରୁତ ପଦକ୍ଷେପରେ ପଥ ଅତିକ୍ରମି ଚାଲିବାକୁ ଲାଗିଲେ । ସମସ୍ତ ପଥ କେବଳ ଶୋଭାର ଚିନ୍ତାହିଁ ତାଙ୍କର ଚିତ୍ତକୁ ଆଚ୍ଛନ୍ନ କରି ରଖିଲା । ମଧ୍ୟାହ୍ନ ଅପରାହ୍ଣରେ ପରିଣତ ହେଲା । ପୁରୀର ସନ୍ନିକଟବର୍ତ୍ତୀ ସମଗରା ପାଟର ବିସ୍ତୀର୍ଣ୍ଣ ଜଳରାଶିର ଏକ ପ୍ରାନ୍ତରେ ରବି ଅସ୍ତମିତ ହେବା ପୂର୍ବରୁ ପଶ୍ଚିମ ଦିଗ୍‌ବଳୟର ମେଘକୋଳରେ ଲୁଚିଗଲା । ଦୂରରୁ ସାଗରର ଅବିରାମ କଲ୍ଲୋଳ ଭାସି ଆସିଲା । ଗୋଧୂଳିର ଘୁମ୍ୟାତଳେ ପୁରୀ ମନ୍ଦିରର ଚୂଡ଼ା ଅଦୃଶ୍ୟ ହୋଇଗଲା । ଶୁଭକାନ୍ତ ଦ୍ରୁତ ପଦକ୍ଷେପରେ ସୁନନ୍ଦାର ଗୃହ ଅଭିମୁଖରେ ଚାଲିଛନ୍ତି । ମସ୍ତିଷ୍କରେ ଏକମାତ୍ର ଚିନ୍ତା ଉଦିତ ହୋଇଅଛି—ଶୋଭା—ନାରୀ ଜୀବନର ଭୟାବହ ପରିଣାମ !

ପଥ ଜନଶୂନ୍ୟ ହୋଇ ପଡ଼ିଅଛି । ସମଗରା ପାଟ ଉପରେ ଗୋଟିଏ ସନ୍ଧ୍ୟାତାରା ମେଘାନ୍ତରାଳରୁ ହସି ଉଠିଅଛି; କିନ୍ତୁ ଶୁଭକାନ୍ତଙ୍କର କୌଣସି ଦିଗକୁ ଲକ୍ଷ୍ୟ ନାହିଁ । ସେ ସୁନନ୍ଦାର କୁଟୀରରେହିଁ ରାତି ଯାପନ କରିବେ ବୋଲି ସ୍ଥିର କରିଅଛନ୍ତି । ସେଥିପାଇଁ ପଦ ତାଙ୍କର ଦ୍ରୁତତର ।

ପୁରୀର ଅଦୂରବର୍ତ୍ତୀ ଗ୍ରାମ ହରେକୃଷ୍ଣପୁର ନିକଟରେ ସେ ଶୁଣି ପାରିଲେ, 'ଏ କିଏ ? ଶୁଭ ଭାଇ ? ନମସ୍କାର—ଏକା ଏକା

କୁଆଡ଼େ ଯାଉଚ ? ଆରେ ବାଃ, ଭଲ ବେଳେ ତୁମ ସଙ୍ଗରେ ଦେଖା ତ ?' ତାଙ୍କର ନାମ ଉଚ୍ଚାରଣ କରି ସଙ୍ଗେ ସଙ୍ଗେ ଏତେ ଗୁଡ଼ିଏ କଥା କହିଯିବା ପୁରୁଷଟିକୁ ଶୁଭକାନ୍ତ ଚାହିଁଲେ । ଲୋକଟି ଜଗନ୍ନାଥ ରାସ୍ତାରେ ଯେଉଁ ସ୍ଥାନମାନଙ୍କରୁ ଜଳସ୍ରୋତ ପ୍ରଭାବରେ ବୃକ୍ଷଗୁଡ଼ିକ ଉତ୍ପାଟିତ ହୋଇ ଯାଇଅଛି, ସେହି ସ୍ଥାନମାନଙ୍କରେ ଶିଶୁବଟ ଓ ଆମ୍ବ ଆଦି ବୃକ୍ଷ ରୋପଣ କରୁଅଛି । ଶୋଭାର ଚିନ୍ତା ଶୁଭକାନ୍ତଙ୍କର ମନରୁ ଯାଇ ନାହିଁ । ସେ ଭାବିଲେ, 'ଏ ପୁଣି କି ଅଦ୍ଭୁତ !' ଲୋକଟି ବୃକ୍ଷରୋପଣ କର୍ମରୁ ବିରତ ହୋଇ କହିଲା, 'କଣ ପୁରୀ ଯାଉଚ ପରା, ରହ ରହ—ମୁଁ ବି ଯିବି, ଭଲ ହେଇଚି, ସାଥି ହୋଇ ଯିବା । ତୁମେ ଏକା ଏକା କୁଆଡ଼େ ହୋ, ସନାଭାଇ କାହିଁ ?—ସେଦିନ ନଈ ବଢ଼ିରେ ଭାସି ଗଲା କି—ହାଃ, ହାଃ, କମ୍ ଟାଣ ତାର ନୁହେ, କିନ୍ତୁ ।'

ଅଭିରାମ ! ଅଭିରାମ ଜୀବିତ ! ଶୁଭକାନ୍ତ ନିକଟକୁ ଯାଇ କହିଲେ, 'ଅଭିରାମ ! ତୁମେ ଜୀବିତ ଅଛ, ଆମ୍ଭମାନଙ୍କୁ ଖବର ଦେଇ ନାହଁ ?'

'ହାଃ, ହାଃ, ଜୀବିତ ଅଛି ! କିପରି ଜାଣିବ ଜୀବିତ ଅଛି ବୋଲି କହିଲ ?—ମୁଁ ତ ଏ କଥା ତୁମରି ଠାରୁ ନୂଆ କରି ଶୁଣିଲି ଶୁଭ ଭାଇ ।'

'ସେଦିନ ସେ ଗଛଟାରେ କେତେ ଦୂର ଆସିଲ ଅଭିରାମ ?'

'ସେଦିନ ? ଆଃ, ସେ ମଜା କଥା ଆଉ କାହିଁକି ପଚାରୁଚ । ଗଛଟା ଭାସି ଭାସି ଏହି ଦାମୋଦରପୁର ନଈ ବାଟେ ଆସି ସମଗର ପାଟରେ ପଶିଲା । କି ମଜା ଭାଇ, କଣ କହିବି । ଏତେ

ଚମତ୍କାର ଗଛଟା ପାଣି ଭିତରେ ପଡ଼ିଗଲା । ନ ହେଲେ ତାକୁ ମୁଁ ଗୋଟାଏ ଜାଗାରେ ପୋତି ବଞ୍ଚାଇ ଥାନ୍ତି ।'

'ଆଉ ଏଠାରେ କଣ କରୁଚ ଅଭିରାମ ? ବୃକ୍ଷରୋପଣ ? ପୁଣି ପାଖରେ ଶୋଇଛି କିଏ ? ସେ କଣ ଜୀବିତ ଅଛି ?' ଶୁଭକାନ୍ତ ବିସ୍ମିତ ହୋଇ ଭୂତଳସ୍ଥିତ ଶବଟିକୁ ଦେଖାଇ ପଚାରିଲେ ।

'ହାଃ, ହାଃ—ଜୀବିତ ? ପୁଣି ସେହି କଥା ପଚାରୁଚ ? କିଏ ଜୀବିତ ଅଛି ଭାଇ ?—ତୁମେ ନା ମୁଁ ? ଆଉ ତୁମେ ଯାହାଙ୍କୁ ଜୀବିତ କହୁଚ—ସେପରି ହୋଇଥିଲେ ଅଭିରାମ ତାକୁ ଛୁଇଁବାକୁ ଯାନ୍ତା ? ତୁମେ ଯାହାକୁ ଜୀବିତ କହୁଚ ସେ ସବୁ ଯେ ମୋର ଅସ୍ପୃଶ୍ୟ । ଦେଖିଲ, ଦେଖିଲ—କେଡ଼େ ଶାନ୍ତଶିଷ୍ଟ ହୋଇ ଶୋଇଚି । ଏଇ ନାକ ପାଖରୁ ମାଛି ଖାଇ ଯାଇଚନ୍ତି, ଆଖି ଯୋଡ଼ିକ ଖାଇ ଦେଇଚନ୍ତି—କେଡ଼େ ଶାନ୍ତ ଭାବରେ ପଡ଼ି ରହିଚି, ତୁଣ୍ଡିଟି ଫିଟେଇ ନାହିଁ, ଏଇକ୍ଷଣି ଦୁଇ ପାହାର ବାଡ଼େଇ ଦିଅ, ପଦେ କଥା କହିବ ନାହିଁ । ଆଉ ଜୀଅନ୍ତା ମଣିଷ ! ବାପା ! ତା ପାଖରେ ପଶିବ କିଏ ?'

ଶୁଭକାନ୍ତ ଦେଖିଲେ ନିକଟରେ ଆଉ ଦୁଇଟି ଶବ ମଧ୍ୟ ସେହିପରି ଶାୟିତ । ପଚାରିଲେ, 'ଏମାନଙ୍କୁ ପାଣିରୁ କାହିଁକି ଟୋଳୁଚ ?'

'କାହିଁକି ବୋଲି ପଚାରୁଚ ? ଆଉ କାହାକୁ ପାଣିରୁ ଟୋଳିବ ? ଜୀଅନ୍ତା ମଣିଷ ? ତୁମେ, ସନାତନ ସେଦିନ ଯେପରି ଡଙ୍ଗା ଖଣ୍ଡିକରେ ବାହାରିଥିଲ ? ହାଃ, ହାଃ, ବୁଝି ପାରୁ ନାହଁ କି ଭାଇ ? ଏଗୁଡ଼ିକ ଜଣେ ଗୋଟିଏ ଗୋଟିଏ ସୈନିକ । ମନୁଷ୍ୟ ସଙ୍ଗରେ ଲୁଢ଼େ, ପଡ଼ୋଶୀ ସଙ୍ଗରେ ଲୁଢ଼େ, କ୍ଷୁଧା ସଙ୍ଗରେ, ଜୀବନ ସଙ୍ଗରେ ଯୁଦ୍ଧ କରି ପ୍ରାଣ ହରାଇଛନ୍ତି—ତାଙ୍କ ପ୍ରତି ଆମେ ସମ୍ମାନ ଦେଖାଇବା

ନାହିଁ ? କବର ଦେବା ନାହିଁ ? ମୁଁ ଅବଶ୍ୟ କବର ଦେବି ନାହିଁ । ଏହି କାଠଚକ ସଜାଡ଼ିତ—ଅଗ୍ନି ଆହୁତି ଦେବି ।'

ଶୁଭକାନ୍ତ ଓ ଅଭିରାମ ଏହି ତିନଟି ଶବକୁ କାଷ୍ଠ ଉପରେ ରଖି ଅଗ୍ନି ସଂଯୋଗ କଲେ । ପଥମଧ୍ୟରେ ଶୁଭକାନ୍ତ ପଚାରିଲେ, 'ତୁମେ କଣ ପୁରୀରୁ ପ୍ରତିଦିନ ଏତେ ବାଟ ଏହି କାମପାଇଁ ଆସ ?'

'ହଁ ଭାଇ, ନ ଆସିଲେ ଚଳିବ କିପରି ?' ତାହାର ଗାମ୍ଭୀର୍ଯ୍ୟ ଦେଖି ଶୁଭକାନ୍ତଙ୍କର ମନେ ହେଲା, ଯେପରି ସେ ଏଥିପାଇଁ ଗୋଟାଏ ବେତନଭୋଗୀ କର୍ମୀସ୍ୱରୂପ ନିଯୁକ୍ତ ହୋଇଅଛି ।

'ପୁରୀରେ ଅବସ୍ଥା କିପରି ଅଭିରାମ ?'

'ପୁରୀର ଅବସ୍ଥା ଖୁବ୍ ଭଲ ।'

'ଲୋକେ ନିୟମିତ ସାହାଯ୍ୟ ପାଉଛନ୍ତି ନା ?'

'ନିୟମିତ ଅନିୟମିତ କଥା କଏ ବୁଝିବ ଭାଇ । ମୁଁ ବେଶ ନିକାଞ୍ଚନ ସ୍ଥାନରେ ମହାବୀର ପାଖରେ ରହିଛି, ଏ ସବୁ ଗଣ୍ଡଗୋଳର ବାହାରେ ।'

ଶୁଭକାନ୍ତ ହସି ହସି କହିଲେ, 'କେଉଁ ମହାବୀର ?'

'ଆରେ ଜାଣି ନାହଁ ? ଦରିଆ ମହାବୀର । ରାମାୟଣରେ ହନୁମାନ ଚରିତ୍ର ପରି ଆଦର୍ଶ ଚରିତ୍ର ଆଉ ଅଛି ?'

'ମୁଁ କିନ୍ତୁ ତୁମଠାରୁ ବହୁତ ଦୂରରେ ରହିବି ।'

'କେଉଁଠାକୁ ଯିବ ?'

'ଲୋକନାଥ ଘାଟକୁ । ସେଠାରେ ମୋର ଜଣେ ପରିଚିତା ବୁଢ଼ୀ ଅଛନ୍ତି ।'

'ଓ ବୁଝିଲି—ସୁନନ୍ଦା ନା ?'

'ହଁ, ତୁମେ ତାଙ୍କୁ ଜାଣ ଅଭିରାମ ?'

‘ଜାଣେ, ଖୁବ୍ ଭଲ କରି । କେତେଥର ତାଙ୍କ ଘରକୁ ଯାଇଛି ! ଛି, ଛି, ସେ ଜାଗାଟାରେ କପରି ରହିବ ?’

‘କାହିଁକି ?’

‘ଛଟା ମଣିଷ କୁଆ ରଖି ସବୁବେଳେ କେଁ କଟର ଲଗେଇ-ଛନ୍ତି । ଯେତେ କହିଲି, ତାଙ୍କୁ ଛାଡ଼ିଦେ, ନାହିଁ ।’

‘ଚମ୍ପାପୁର କେନ୍ଦ୍ରଟି ଭଲରୂପେ ଚଳୁ ନାହିଁ, ଅଭିରାମ । ସନାତନ ଏଣେ କାମରେ ବ୍ୟସ୍ତ । ତୁମେ ସେଠାକୁ ନ ଗଲେ କପରି ହେବ ?’ ‘ଚମ୍ପାପୁର ? ସେ କଥା ଆଉ କହନା ଭାଇ । ସେଠାରୁ ନସ୍ତାର ପାଇ ମୁଁ ବଞ୍ଚିଲି । ଖାଲି ସନାଭାଇ ଜୋର କରୁଥିଲେ ବୋଲି—ନ ହେଲେ କେତେଦିନୁ ସେଠାରୁ ଛାଡ଼ି ମୁଁ ଚାଲି ଆସିଥାନ୍ତି । ଭଲଅଛି ଭାଇ, ସେଥିପାଇଁ ତ ତୁମମାନଙ୍କ ଠାରୁ ଲୁଚି ଲୁଚି ଅଛି । ଆଉ ସେ ପେଟବକଲାଙ୍କ ମେଳକୁ ଯିବାକୁ ଆଦୌ ଇଚ୍ଛା ନାହିଁ ।’

ଉଭୟେ ଗୃହରେ ଆସି ପ୍ରବେଶ କରିଥିଲେ । ଶ୍ରୀକାନ୍ତ କହିଲେ, ‘ତୁମେ ଏ ମଧ୍ୟରେ କେବେ ସୁନନ୍ଦାଙ୍କ ନିକଟ ଯାଇଥିଲ ଅଭିରାମ ?’

‘ନା ଅନେକ ଦିନୁ ଯାଇ ନାହିଁ । ଚାଲ ଆଜି ତୁମ ସାଥିରେ ଯାଏଁ ।’

‘ନାହିଁ, ତୁମେ ଆଜି କ୍ଲାନ୍ତ ହୋଇଛ, କାଲି ବରଂ ଆସିବ ।’ ‘କିନ୍ତୁ ତୁମେ କଣ ବାଟ ଦେଖି ପାରିବ ?’

‘ଲୋକନାଥ ଘାଟକୁ ଆଉ ବାଟ ଦେଖିବାର କଣ ଅଛି ?’

‘ନା, ଅବଶ୍ୟ କିଛି ଅସୁବିଧା ନାହିଁ—ତେବେ ତାଙ୍କ ଘରଟା ଠିକ୍ ଘାଟ ପାଖରେ ନୁହେ । ସେଠାରେ ଯେ କେହି ଲୋକକୁ ପଚାରିଲେ କହିଦେବ ।’

'କିଛି ଚିନ୍ତା ନାହିଁ—କିନ୍ତୁ କାଲି କେତେବେଳେ ତୁମ ସହିତ ଦେଖା ହେବ ?'

'କେତେବେଳେ ଦେଖା ହେବ, କିପରି ସ୍ଥିର କରି କହିବି ? ତେବେ ଦେଖା ହେବ ନିଶ୍ଚୟ ।'

'ସେଠାରେ କଣ ଏକା ଅଛ ଅଭିରାମ ? 'ନାହିଁ ଭାଇ, ଏକା ହୋଇ ରହି ପାରୁଚି କୁଆଡ଼ୁ । ଯେତେ ଚେଷ୍ଟା କଲେ ବି ପାରୁ ନାହିଁ ।'

ଶୁଭକାନ୍ତ ଓ ଅଭିରାମ ଉଭୟେ ବିପରୀତ ପାର୍ଶ୍ୱରେ ପ୍ରସ୍ଥାନ କଲେ । ଅଭିରାମ ସୁଶିକ୍ଷିତ ଯୁବକ । ତାର ମତ ଗତି ଯେ ଏପରି ଅଦ୍ଭୁତ ହୋଇ ପଡ଼ିଚି, ତାହା ତାର ଜୀବନର ଅଭିଜ୍ଞତାର ଫଳ ବ୍ୟତୀତ ଆଉ କିଛି ନୁହେ । ପଥ ପାର୍ଶ୍ୱରେ ଆଜି ଏ ଯେଉଁ ଦୁଇଟି ପୁରୁଷ ଓ ନାରୀଙ୍କର ସାକ୍ଷାତ ହେଲା ତାକୁ ଶୁଭକାନ୍ତ ଆପଣାର ପରମ ଲାଭ ବୋଲି ଜ୍ଞାନ କଲେ । ମାନବ ଜୀବନର କେଉଁ ଦିଗଟି ବିଚିତ୍ର ନୁହେ ! ଅଭିରାମ ତାର ଦୁଃଖ ଦୈନ୍ୟକୁ ଉପହାସ କରି ଚାଲି ଯାଉଚି । ଶୋଭା କିନ୍ତୁ ତାର କୌଣସି ଦୁଃଖକୁ ବିସ୍ମୃତ ହୋଇ ପାରି ନାହିଁ । ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ସମସ୍ତ ସ୍ମୃତି ସେ ବହନ କରି ଚାଲିଅଛି । ସେ ଭାବୁଚି ଜୀବନର ସକଳ ସୁଖ ବିନିମୟରେ ଗୋଟିଏ ପରମ ଆନନ୍ଦ ତାର ଭୂପୃଷ୍ଠରେ ଅଛି । ସେ ତାର ସନ୍ତାନ । ଆଉ ଅଭିରାମ, ସେ ଦେଖୁଚି ପ୍ରତି ମାନବକୁ କେବଳ ନିଜର ସୁଖ ଦୁଃଖ ବହନ କରି ପଥ ଅତିକ୍ରମି ଯିବାକୁ ହେବ । ସ୍ତ୍ରୀ, ସନ୍ତାନ, ବନ୍ଧୁ, ସ୍ୱଜନ ସମସ୍ତ ମିଥ୍ୟା । ନିଜକୁ ସେ ସମ୍ମାନ କରିବାକୁ ଶିଖିଚି । ତାହାର ଭିତରେ ସେ କର୍ମ କରିଯିବ—ଯାହା ତାର ଖୁସି । କାହାରି ଅଧୀନ ସେ ନୁହେଁ, କାହାରି ବାଧ୍ୟ ସେ ନୁହେଁ ।

ଆଉ ସନାତନ ? ସେ କହେ ଦେବତା ନାହିଁ, ଆଚାର ପଦ୍ଧତି କ୍ରିୟା କର୍ମ କିଛି ନାହିଁ—କେବଳ ଏକମାତ୍ର ମନୁଷ୍ୟ । ସର୍ବାଧିକ ମାନବ ସମାଜର ସର୍ବାଧିକ କଲ୍ୟାଣ ସାଧନା, ସେଥିପାଇଁ ଯେଉଁ ଆଚାର, ଯେଉଁ କ୍ରିୟା ବା ନୀତି ଆବଶ୍ୟକ ହୁଏ, ତାହା ଅବଲମ୍ବନ କରିବାକୁ ହେବ । ଅଥଚ ଅଭିରାମ କହେ—ଈଶ୍ୱର ମିଥ୍ୟା, ଜଗତ୍ ମିଥ୍ୟା, ସମାଜ, ମାନବ, ସବୁ ଅସତ୍ୟ—ଏକମାତ୍ର ନିଜେହିଁ ସତ୍ୟ । ନିଜର ରକ୍ଷଣ ପାଇଁ ଓ ଆନନ୍ଦ ପାଇଁ ଜଗତରେ ସକଳ କର୍ମ ସମାହିତ । ଆଉ ସନାତନର ପିତା ! ସେ ସେହି ଦେବ ପ୍ରତିମାକୁହିଁ ଏକାନ୍ତ ସତ୍ୟ ବୋଲି ଗ୍ରହଣ କରିଥିଲେ; କିନ୍ତୁ ସକଳ ମତବାଦ ଓ ପାର୍ଥକ୍ୟ ମଧ୍ୟରେ ଶୁଭକାନ୍ତ ମନେ କଲେ, ଏକମାତ୍ର ଅକ୍ଷୟ ବସ୍ତୁ ଅବସ୍ଥିତ । ନାନା ଅଦ୍ଭୁତରୂପରେ ହିଁ ତାହାର ପ୍ରକାଶ ।

ଆଶ୍ଚର୍ଯ୍ୟବତ୍ ପଶ୍ୟତି କଶ୍ଚିଦେନ—
ମାଶ୍ଚର୍ଯ୍ୟ ବଦ୍ ବଦତି ତଥୈବ ଚାନ୍ୟଃ
ଆଶ୍ଚର୍ଯ୍ୟ ବଚ୍ଚୈନମନ୍ୟଃ ଶୃଣୋତି
ଶ୍ରୁତ୍ୱା ପ୍ୟେନଂ ବେଦନ ଚୈବ କଶ୍ଚିତ୍ ।

ସେ ବସ୍ତୁକୁ କିଏ ଅତି ଅଦ୍ଭୁତ ରୂପେ ବୋଧ କରେ, କିଏ ତାହାକୁ ଆଶ୍ଚର୍ଯ୍ୟ ରୂପେ ବ୍ୟାଖ୍ୟାନ କରେ, କିଏ ପୁଣି ଆଶ୍ଚର୍ଯ୍ୟବତ୍ ଶ୍ରବଣ କରେ ଆଉ କିଏ ଶୁଣିଲେ ମଧ୍ୟ ତାକୁ ଜାଣିପାରେ ନାହିଁ ।

ସେ ବସ୍ତୁ କିନ୍ତୁ ବାକ୍ୟର ଅଗୋଚର, ଚିନ୍ତାର ଅଗୋଚର ଓ ଇନ୍ଦ୍ରିୟ ସକଳର ଅଗୋଚର । ଅତି ଗୋପନୀୟ, ଗୂଢ଼ତମ ।

# ଅଷ୍ଟାଦଶ ପରିଚ୍ଛେଦ

ନିର୍ଜନ ବାଲୁଚର ଉପରେ ସୁନନ୍ଦାର କୁଟୀର ନିର୍ମିତ । ସେହି କୁଟୀର ଅଭିମୁଖରେ ଶୁଭକାନ୍ତ ଚାଲିଅଛନ୍ତି । ଏଥିପୂର୍ବେ ସେ ବହୁବାର ପୁରୀ ଆସିଅଛନ୍ତି । ପୁରୀରେ ସେମାନଙ୍କର ନିଜର ଗୃହ ଥିଲା । ଆଜ ତାହା ନିଲାମରେ ବିକ୍ରୟ ହୋଇ ଯାଇଅଛି । ରାତି ଏକ ପ୍ରହର ନ ହେଉଣୁ ପୁରୀ ସହର ଏପରି ନିର୍ଜନ ହେବାର ସେ କୌଣସି ଦିନ ଦେଖି ନ ଥିଲେ । ଲୋକ ଗତାୟାତ ଅତି ସାମାନ୍ୟ । ମନ୍ଦିରର ଘଣ୍ଟା ଆଉ ପୂର୍ବ ଉତ୍ସାହରେ ବାଜି ଉଠୁ ନାହିଁ । ଅଳ୍ପ କେତେ ଗୋଟି ସ୍ଥାନରେ ଆଲୋକ ଜଳୁଚି ।

ସୁନନ୍ଦାଙ୍କ କୁଟୀରରେ ଗୋଟିଏ କ୍ଷୀଣ ଦୀପାଲୋକ । ଦ୍ୱାରଟି ରୁଦ୍ଧ । କବାଟର ଫାଙ୍କ ମଧ୍ୟରୁ ଏହି ଦୀପାଲୋକର କିରଣ ବିଚ୍ଛୁରିତ ହୋଇ ଆସୁଅଛି । ଲୋକନାଥ ମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରି ଯାଉଥିବା ଗୋଟିଏ ପଣ୍ଡାଙ୍କୁ ପଚାରି ଶୁଭକାନ୍ତ ଗୃହଟିର ସ୍ଥାନ ସ୍ଥିର କଲେ । ଦ୍ୱାର ନିକଟକୁ ଯାଇ ସେ କବାଟ ଉପରେ ଧୀରେ ଧୀରେ ଅଙ୍ଗୁଳି ଆଘାତ କଲେ । ଗୋଟିଏ ବୃଦ୍ଧା ଦ୍ୱାର ଖୋଲି ଦେଲା । ଗୃହ ମଧ୍ୟରେ ତିନଟି କୋଠରୀ, ଗୋଟିଏ କୋଠରୀରେ ଛଟି ଶିଶୁ ଶୟନ କରନ୍ତି, ଗୋଟିକରେ ସୁନନ୍ଦା ଓ ତାଙ୍କର ପରିଚାରିକା । ଅନ୍ୟ ଗୃହଟିକୁହିଁ ପରିଚାରିକା ସର୍ବ ପ୍ରଥମେ ଶୁଭକାନ୍ତଙ୍କୁ ନେଇଗଲା । ପରିଚାରିକାଟି ସୁନନ୍ଦାର ପୁରାତନ ଭୃତ୍ୟ । ମୁକ୍ତାଗଡ଼ର ରାଜାଙ୍କ ଉତ୍ତମରୂପେ

ଚିହ୍ନେ ଏବଂ ତାଙ୍କୁ ଆସିବା ପାଇଁ ସୁନନ୍ଦା ପତ୍ର ଲେଖିଥିବାର ସେ ପୂର୍ବରୁ ଜାଣେ । ଶୁଭକାନ୍ତ ମୃଦୁ ସ୍ୱରରେ ପଚାରିଲେ, 'କଣ ଶୋଇଛନ୍ତି ?'

'ହଁ, ଦିନ ତମାମ ବିକଳ ହୋଇ ଶେଷରେ ଏହିକ୍ଷଣି ଟିକିଏ ଶୋଇଛନ୍ତି । ଠିକ୍ ଶୋଇବା ଆଗରୁ ତ ଆପଣଙ୍କ କଥା କହୁଥିଲେ ।'

'ଦେଖୁଛି କିଏ ?'

'ଏଇଠାର ଜଣେ କବିରାଜ । ରୋଜ ଆସନ୍ତି । ସେ କହୁଥିଲେ ପେଟରେ ଗୋଟାଏ କଣ ବେରାମ ହୋଇଛି ।'

'ଜର ଅଛି ଦେହରେ ?'

'ଜର ? ସବୁବେଳେ ଖଇ ଫୁଟୁଛି । କେତେବେଳେ ହେଲେ ଟିକିଏ ଖ୍ୟାଲ ଦେଉନାହିଁ । ଆଜି ଖରାବେଳେ ତ ବାଉଳି ହୋଇ କେତେ କଥା କହିଲେ । କାହିଁକି କେଜାଣି ଆପଣଙ୍କୁ ସବୁବେଳେ ଖୋଜିବାରେ ଲାଗି ଅଛନ୍ତି । ଏଇକ୍ଷଣି କେମିତି ଟିକିଏ ଆଉଜା ହୋଇ ପଡ଼ିଛନ୍ତି—ନ ହେଲେ ଦିନରାତି କେତେବେଳେ କଣ ଆଖିକୁ ଟିକିଏ ନିଦ ଆସୁଚି ?'

'ପିଲାଗୁଡ଼ିକ କାହାନ୍ତି ?'

'ସମସ୍ତେ ଖାଇ ପିଇ ଏଇ ସେ ଘରେ ଶୋଇଛନ୍ତି । ସେ ସିନା ଭଲଥିଲା ବେଳେ ତାଙ୍କ କଥା ବୁଝୁଥିଲେ । ଏହିକ୍ଷଣି ବୁଝିବ କିଏ ? ରୋଜ ଦେଉଳରୁ ଦିବେଳା ପ୍ରସାଦ ଅଣା ଯାଉଛି । ସମସ୍ତେ ତାକୁ ଖାଉଛନ୍ତି । ସେ ତ ଉଦରବନ୍ଧନ ହେଲୁ କିଛି ଖାଉ ନାହାନ୍ତି । ଦୁଧ ଟିକିଏ ଟିକିଏ ଖାଉଥିଲେ, ଏବେ ସେତକ ବି ନାହିଁ—ଖାଲି ପାଣି ଟିକିଏ ।'

ରୋଗୀ ଗୃହରୁ ବ୍ୟଥିତ କ୍ଷୀଣସ୍ୱର ଶୁଣାଗଲା, 'ସଞ୍ଜର !'

'ଯାଉଚ,' 'କହି ବୁଢା ପରଗୃହରକାଟି ଯିବାକୁ ଉଦ୍ୟତ ହେଲା ।

ଶୁଭକାନ୍ତ କହିଲେ,'କିନ୍ତୁ ମୋର ଆସିବା କଥା ସଙ୍ଗେ ସଙ୍ଗେ କହିବୁ ନାହିଁ—ଟିକିଏ ପରେ ।'

ତାଙ୍କ ପ୍ରତି ସୁନନ୍ଦାର ଅହେତୁକ ଆକର୍ଷଣ ସେ ଏଥିପୂର୍ବେ ଲକ୍ଷ୍ୟ କରିଥିଲେହେଁ ଶୁଭକାନ୍ତ ସେ ସମ୍ବନ୍ଧରେ କେବେ କିଛି ଚିନ୍ତା କରି ନାହାନ୍ତି । ରାଜନବର୍ଗରେ ସୁନନ୍ଦା ପ୍ରତି ସମସ୍ତଙ୍କର ଶ୍ରଦ୍ଧାସମ୍ମାନ ସେ ଲକ୍ଷ୍ୟ କରି ଅଛନ୍ତି ଏବଂ ବାଲ୍ୟ ବୟସରେ କିଛି କାଳ ସେ ତାଙ୍କର ଶିକ୍ଷୟିତ୍ରୀ ମଧ୍ୟ ଥିଲା । ଏହା ବ୍ୟତୀତ ସୁନନ୍ଦା ସହିତ ଅପର କୌଣସି ସମ୍ପର୍କ ସେ କଳ୍ପନା କରି ନାହାନ୍ତି । କିନ୍ତୁ ଶୁଭକାନ୍ତଙ୍କୁ ସୁନନ୍ଦାର ଏପରି ଭାବରେ ବାରମ୍ବାର ସ୍ମରଣ କରିବାର ହେତୁ କଣ ? ହୋଇପାରେ,—ଏହି ଅନାଥ ଶିଶୁଗୁଡ଼ିକଙ୍କର କିଛି ବ୍ୟବସ୍ଥା କରିବାପାଇଁ ରୁଗ୍ଣା ନାରୀଟିର ବ୍ୟଗ୍ରତା ଜାତ ହେଉଥିବ ।

ପାର୍ଶ୍ୱବର୍ତ୍ତୀ ଗୃହରୁ ସୁନନ୍ଦାର କଣ୍ଠ ଶୁଣାଗଲା, 'କିଏ ଆସିଛି କି ସଞ୍ଜର, କାହା ସାଥିରେ କଥା କହୁଥିଲୁ ?'

ସୌଖ୍ୟର ବର୍ତ୍ତମାନ ସତ୍ୟ କହିବାକୁ ଯେତେଦୂର ଉତ୍ସାହ ଥିଲା ମିଥ୍ୟା କହିବାକୁ ଆଦୌ ନୁହେ । ସୁତରାଂ, ଶୁଭକାନ୍ତଙ୍କର ବାରଣକୁ ମାନିକରି ସେ ଏହି ସମ୍ବାଦଟି ସଙ୍ଗେ ସଙ୍ଗେ ଦେବାର ଲୋଭ ସମ୍ବରଣ କରି ପାରିଲା ନାହିଁ । ଉଦ୍‌ବେଗ ମିଶ୍ରିତ କଣ୍ଠରେ କହିଲା, 'ହଁ,—ମଣିମା ପରା କେତେବେଳୁ ଆସିଚନ୍ତି ।'

'ସତେଲେ, ଏତେବେଳଯାଏ କହିନାହୁଁ ମତେ ? ମଣିମା ମୋର କାହିଁ ?' ସୁନନ୍ଦାର କ୍ଷୀଣ କଣ୍ଠ ପୁନଶ୍ଚ ଶୁଭକାନ୍ତ ଶୁଣିବାକୁ

ପାଇଲେ । ପରକ୍ଷଣରେ ସୌରୀର କଣ୍ଠ ଶୁଣାଗଲା, 'ଥାଉ, ଥାଉ, ଏକଣ କରୁଚ,—କବିରାଜ ପରା ମନା କରିଚନ୍ତି ଉଠିବାକୁ ।'

ଶୁଭକାନ୍ତ ଯାଇ ଦ୍ୱାରଦେଶରେ ଉଭା ହେଲେ । ସୁନନ୍ଦା ଡାକିଲା, ଆସିଛ, ବାପା ! ଆସ, ଆସ ଭିତରକୁ ।' ନିକଟକୁ ଯାଇ ଶୁଭକାନ୍ତ ନମସ୍କାର କଲେ । କିଛିକ୍ଷଣ ନୀରବରେ ବିତିଗଲା । ସୁନନ୍ଦାର ଶଯ୍ୟା ପାର୍ଶ୍ୱରେ ସୌରୀ ଗୋଟିଏ ଆସନ ରଖିଦେଲା । ଶୁଭକାନ୍ତ ବସିବା ପରେ ତାଙ୍କର ମୁଖକୁ କିଛିକାଳ ନିରୀକ୍ଷଣ କରି ସୁନନ୍ଦା କହିଲା, 'ଏତେ ଶୁଖି ଯାଇଚ ? ଚାଲି ଚାଲି ଏତେବାଟ ଆସିଲ ?' ତତ୍ପରେ ପରିଚାରିକାକୁ କହିଲା, 'ସୌରି, ପ୍ରସାଦ ଅଛି ପରା ଆଣେ ତ ! ଏଇଠାକୁ ସଜାଡ଼ି କରି ।'

ଶୁଭକାନ୍ତ ଦେଖିଲେ ସୁନନ୍ଦାର ରୂପ ଏକାବେଳେ ମ୍ଳାନ ପଡ଼ିଯାଇଛି । ଦେହରେ କେବଳ ଅସ୍ଥି ମାତ୍ର ଅବଶେଷ । ଶୁଭକାନ୍ତଙ୍କୁ ଚାହିଁ ତାର ଅଧର ଯେପରି କମ୍ପିତ ହୋଇ ଉଠିଲା । ପରେ ସେ ତାର ସମସ୍ତ ଉଦ୍‌ବେଗ ବହୁ କଷ୍ଟରେ ଦମନ କଲା ।

ଶୁଭକାନ୍ତ ପଚାରିଲେ, 'କିଏ କବିରାଜ ଦେଖୁଚନ୍ତି ?' ସୁନନ୍ଦାର କ୍ଷୀଣ କଣ୍ଠ ଆକସ୍ମିକ ରୂପେ ଉତ୍ତେଜିତ ହୋଇଉଠିଲା । କିନ୍ତୁ ସେ ଯେପରି ରୁଦ୍ଧ ଗଳାରେ ଉତ୍ତର କଲା, 'ସେ ମୋର ମାଉସୀ ପୁଅ ଭାଇ ହେବ । ଏଇଠାରେ କବିରାଜି କରନ୍ତି; କିନ୍ତୁ ଏ ରୋଗର ଶୁଶ୍ରୂଷା ଆଉ କବିରାଜଙ୍କ ହାତରେ ନାହିଁ । ସୁନନ୍ଦା ହସିଲା, ତାକୁ କିନ୍ତୁ ଠିକ୍ ହାସ୍ୟ କୁହାଯିବ ନାହିଁ । ହସିବାକୁ ମଧ୍ୟ ତାର ଯେପରି ଶକ୍ତି ନାହିଁ ।

ଶୁଭକାନ୍ତ ଆଉ କୌଣସି ପ୍ରଶ୍ନ କଲେ ନାହିଁ । ପ୍ରଶ୍ନ ଉତ୍ତରର ଏହା ସମୟ ନୁହେ । କିନ୍ତୁ ସୁନନ୍ଦା ତାର ସକଳ ଉଦ୍ଦେଶ୍ୟ

ଦମନ କରି ପୂର୍ବପରି ରୁଦ୍ଧ ଗଳାରେ କହିଲା, 'ହଁ, ଏହି ଅନାଥ ପିଲାଗୁଡ଼ିକ ବିଷୟ । ମୁଁ ଅସୁସ୍ଥ ହେବାଦିନୁ ସେମାନଙ୍କର ଯତ୍ନ ନେବାକୁ କେହି ନାହିଁ । ସେମାନଙ୍କୁ ଆଣି ରଖିବା କାଳରେ, ନାନାରୂପେ ତାଙ୍କର ଭବିଷ୍ୟତ ଚିନ୍ତା କରିଥିଲି; କିନ୍ତୁ ଏତେ ଶୀଘ୍ର ମୋର ଡାକରା ପହଞ୍ଚିବ ବୋଲି ତ ଜାଣି ନ ଥିଲି । ସେଥିପାଇଁ ବର୍ତ୍ତମାନ ସେମାନଙ୍କ ବିଷୟରେ ମୁଁ ସବୁଠାରୁ ବିଶେଷ ଚିନ୍ତିତ । ଏ ଦୁର୍ଭିକ୍ଷରେ ଅନାହାରରେ ଯେଉଁମାନେ ମରୁଛନ୍ତି, ସେମାନଙ୍କ ମଧ୍ୟରେ ଏହି ଶିଶୁଗୁଡ଼ିକହିଁ ଭବିଷ୍ୟତ ଗଠନ କରିବେ । ମୋ ଶକ୍ତିରେ ସେମାନଙ୍କୁ ଉଦ୍ଧାର କରିବା ସାଧ୍ୟାତୀତ ବୋଲି ଏହି ଶିଶୁପାଳନ ଭାର ନେଇଥିଲି, କିନ୍ତୁ ବର୍ତ୍ତମାନ ଦେଖୁଚି ସେମାନଙ୍କର ଭାର ଅପର ହସ୍ତରେ ଅର୍ପଣ କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ତୁମେ କଣ ଭାବୁଚ ?

ଶୁଭକାନ୍ତ ଯଥାର୍ଥରେ ସେମାନଙ୍କ ବିଷୟରେ କିଛି ଚିନ୍ତା କରି ନାହାନ୍ତି । ସେ କେବଳ ଭାବୁଥିଲେ, ଅଳକା ? ଅଳକା କଣ ପାରିବ ?

ସୁନନ୍ଦା ପୁନଶ୍ଚ କହିଲା, 'ଏଠାରେ ଜଣେ କିରସ୍ତାନ ମିସନାରୀ ଅଛନ୍ତି । ଅତି ଉଦାର ଚରିତ୍ରର ଲୋକ । ପ୍ରତିଦିନ ଏଠାକୁ ଆସନ୍ତି । ତୁମେ ଭାବୁଚ କି କିରସ୍ତାନ ମିସନାରୀ ଏଠାକୁ କିପରି ଆସିଲେ ?' ସୁନନ୍ଦା ଚକ୍ଷୁ ମୁଦିଲା । ଯେପରି ତାର ଅସୁସ୍ଥତା ବାକ୍ୟାଳାପରେ ଅଧିକ ବୃଦ୍ଧି ପାଉଚି । ତତ୍ପରେ ଡାକିଲା, 'ସୌରି, ପାଣି ଟିକିଏ ଆଣି ମୁଣ୍ଡରେ ଦେ ତ ।' ଶୁଭକାନ୍ତ ନିଜେ ଉଠିଯାଇ ସୁନନ୍ଦାର କପାଳରେ ଜଳ ପଟି ପକାଇ ଦେଲେ । ଆରାମରେ ନିଃଶ୍ୱାସ ପକାଇ ସୁନନ୍ଦା କହିଲା, 'ଆ, କି ସୁନ୍ଦର ! ଶୁଭକାନ୍ତ

କହିଲେ, 'ଆପଣ ଟିକଏ ସୁସ୍ଥ ହୁଅନ୍ତୁ; କାଲି ସେ ସବୁକଥା ହେବ ।'

କିନ୍ତୁ ବ୍ୟଥିତ ଗଳାରେ ସୁନନ୍ଦା କହିଲା, 'ନା, ନା, ଆଜ । କାଲି କଥା ହୋଇଥିଲେ ଏତେ ପଥଶ୍ରମ ହୋଇ ତୁମେ ଆସିତ—ମୁଁ ପୁଣି ବସାଇ ରଖନ୍ତି ? ଆଃ—ବଡ଼ ଆରାମ ବଡ଼ ଆରାମ—ଏହି ଜଳ ପଟିଟି । ହଁ କଣ କହୁଥିଲି—ସେହି କିରସ୍ତାନ ମିସନାରୀ—ନିଜ ଇଚ୍ଛାରେ ତାଙ୍କ ସହିତ ପରିଚିତା ହେଲି । ଏତେ ଶାନ୍ତ ପ୍ରକୃତିର ଲୋକ । କେତେ ଧର୍ମ ପୁସ୍ତକ ଆଣି ଦେଇଛନ୍ତି । ପ୍ରତିଦିନ ଥରେ ଦୁଇଥର ଆସି ଦେଖିଯିବେ । ତୁମେ ଶୁଣୁଥିବ ଏତେ ନିଷ୍ଠାପର ହିନ୍ଦୁ ହୋଇ କିରସ୍ତାନ ବହି କପର୍ଶ ପଢ଼ିଲି । ହିନ୍ଦୁର ଲଳନା ହୋଇ କିରସ୍ତାନ ମିସନାରୀ ସହିତ ବନ୍ଧୁତା କଲି କପରି ! ନାହିଁ, ନାହିଁ, ଧର୍ମକୁ ମୁଁ ହିନ୍ଦୁ, କିରସ୍ତାନ, ମୁସଲମାନ ମଧ୍ୟରେ ଆବଦ୍ଧ କରି ଦେଖି ନାହିଁ । କିରସ୍ତାନ ଧର୍ମ ପୁସ୍ତକ ପାଠ କରି ମୋ ନିଷ୍ଠାରେ ବ୍ୟତିକ୍ରମ ହୋଇନାହିଁ । ମିସନରୀଙ୍କ ସହିତ ବନ୍ଧୁତା କରି ମୋ ନାରୀତ୍ୱର ଅପଚୟ ଘଟି ନାହିଁ । କେବଳ—,' ସୁନନ୍ଦା ବେଗ କଷ୍ଟରେ ପୁନର୍ବାର ଚକ୍ଷୁ ମୁଦ୍ରିତ କଲା । ଶୁଭକାନ୍ତ ଆଉଥରେ ଜଳପଟି ପରିବର୍ତ୍ତନ କରିଦେଲେ ।

'ଆଃ—କି ଆରାମ ! ହଁ ବାପା, ଆମର ସନାତନ ଧର୍ମ ବର୍ତ୍ତମାନ କେବଳ ପୂଜା ପାର୍ବଣରେ ପର୍ଯ୍ୟବସିତ; କିନ୍ତୁ ଦେଖୁଚ ଏହି କିରସ୍ତାନ ଧର୍ମକୁ ? ମାନବ ସହିତ ତାର ଯୋଗ ଏବେ ମଧ୍ୟ ଅବିଚ୍ଛିନ୍ନ ରହିଅଛି । ଏବେ ମଧ୍ୟ ଶହ ଶହ କୋଶରୁ ସେମାନଙ୍କର ଧର୍ମ ଯାଜକମାନେ ଆସି ମାନବ ସେବାରେ ଲାଗିଛନ୍ତି । ଅବଶ୍ୟ ହୁଏତ ତାହା ସ୍ୱାର୍ଥରେ କଳୁଷିତ ହୋଇପାରେ । କିନ୍ତୁ ସେବା

ଘରସେବକାଗସ୍ଥ ସ୍ୱର୍ଗୀସ୍ଥ—ସେମାନଙ୍କ ପର ଗୋଟାଏ ଗଠନ ମୂଳକ କର୍ମରୂପେ ଆମେ ଗ୍ରହଣ କରି ନାହୁଁ । ତାଙ୍କ ଧର୍ମର ମହାମାନବ ଯୀଶୁ ଏହି ସେବା ଧର୍ମ ପାଇଁ ଆତ୍ମବଳ ଦେଇଥିଲେ । ଦେଖୁଚ ଏହି କ୍ରୁଶବଦ୍ଧ ଯୀଶୁଙ୍କର ଛବି—ମିସନଋ ସାହେବ ମତେ ସେଇଟିକୁ ଉପହାର ଦେଇଛନ୍ତି ।'

କାନ୍ଥରେ ଝୁଲୁଥିବା ଛବିଟିକୁ ଦେଖାଇ ସୁନନ୍ଦା କହିଲେ, 'ଜଗତର ବ୍ୟଥାର ବ୍ୟଥୀ, ଦୁଃଖର ସନ୍ଧାମୀ ଏହି ଯୀଶୁ ପଶ୍ଚିମାକାଶକୁ ଆଲୋକିତ କରିଯାଇଛନ୍ତି । ବାପା, ଠିକ୍ ଆମର ଦଧୀଚି ମହର୍ଷିଙ୍କ ପରି । କରସ୍ଥାନ ଦେହରେ କ୍ରୁଶ ଚିହ୍ନ ଦେଖିଲେ ମୋର ଏହି କଥା ମନେ ପଡ଼େ । ଆହା ଦୟା କ୍ଷମାର ଅବତାର— ଯାହାଠାରୁ ଆଘାତ ପାଇଲେ ତାକୁ ପ୍ରେମଦାନ କଲେ, ଯେ ଘୃଣା କଲା ତାର ସେବା କଲେ । ଶୁଭକାନ୍ତଙ୍କର ବାଇବେଲ ବାଣୀ ମନେ ପଡ଼ିଲା, "Love your enemies, bless them that curse you, do good to them that hate you, and pray for them that despitefully use you and persecute you."

"ଶତ୍ରୁକୁ ମଧ୍ୟ ପ୍ରେମକର, ଯେ ତୁମକୁ ଅଭିଶାପ ଦିଏ, ତାକୁ ଆଶୀର୍ବାଦ କର, ତୁମକୁ ଯେ ଘୃଣା କରେ ତାର ମଙ୍ଗଳକର, ତୁମକୁ ଯେ ଆଘାତ କରେ, ବ୍ୟଥାଦିଏ, ତାହାର କଲ୍ୟାଣ ପାଇଁ ପ୍ରାର୍ଥନା କର ।"

ସୁନନ୍ଦା କହିଲା, 'ଏହି ଛବିଟିକୁ ଦେଖି ପ୍ରାଣରେ କି ଅପାର ଆନନ୍ଦ ଓ ସାନ୍ତ୍ୱନା ମୁଁ ଲାଭ କରିଅଛି ! ପତିତ ନର୍ଯାତିତ ବ୍ୟଥିତ ନପୀଡ଼ିତମାନଙ୍କ ପାଇଁ ଏ ମୂର୍ତ୍ତି ଯେପରି ଧରାପୃଷ୍ଠରେ ଅବତୀର୍ଣ୍ଣ

ହୋଇ ଅଛନ୍ତି । କେଉଁ ଦେଶରେ ଜାତ ହେଲେ,–କେଉଁ ଦେଶରେ ଦେହ ତ୍ୟାଗ କଲେ, କେତେ କାଳ ହେଲାଣି—କିନ୍ତୁ ଆଜି ମଧ୍ୟ ଉତ୍କଳର ଏହି ଦୁସ୍ଥ ଅବସ୍ଥାରେ ଯେପରି ସେ ଦୃଷ୍ଟିପାତ କରିଅଛନ୍ତି । ଏହି ପତିତ ବୁଭୁକ୍ଷୁ ନରନାରୀଙ୍କ ପ୍ରତି କରୁଣାର ହସ୍ତ ପ୍ରସାରଣ କରିଅଛନ୍ତି । ମୁଁ ଏହି ଶିଶୁ ଛଟିଙ୍କୁ ତାଙ୍କର ହସ୍ତରେ ସମର୍ପଣ କରିଦେବାକୁ ଚାହେଁ । ଯେଉଁଠାରେ ସେମାନେ ଆପଣାକୁ ପତିତ ଅସ୍ପୃଶ୍ୟ ବୋଲି ଜ୍ଞାନ କରିବେ ନାହିଁ—ମନୁଷ୍ୟ ବୋଲି ଜ୍ଞାନ କରିବେ । ମିସନାରୀ ସାହେବ ଏହିପରି ଆଜି କେତେ କୋଟି ଅନାଥ ଶିଶୁଙ୍କର ପାଳନଭାର ନେଇ ଅଛନ୍ତି । ଏମାନଙ୍କୁ ନେବା ପାଇଁ ଆଦରରେ ଚାହିଁ ବସିଛନ୍ତି । ଏମାନେ ମନୁଷ୍ୟ ହେବେ, ବାପା ! ଜାତିର ଫାଙ୍କି ଧରି ବଜ୍ଜାତିର କ୍ରୀଡ଼ା କରିବେ ନାହିଁ ।'

ସୁନନ୍ଦା ପୁନର୍ବାର କ୍ଳାନ୍ତ ହୋଇ ପଡ଼ି ଚକ୍ଷୁ ମୁଦ୍ରିତ କଲା । ସୌରୀ ଆସି କହିଲା, 'ସଞ୍ଜବେଳୁ ପରା ଔଷଧ ଖାଇ ନାହଁ, କବିରାଜ କହିଛନ୍ତି—'

ସୁନନ୍ଦା ଚକ୍ଷୁ ଉନ୍ମୀଳନ କରି ସୌରୀ ପ୍ରତି କିଛିକ୍ଷଣ ଚାହିଁଲା । ତତ୍ପରେ କହିଲା, 'ଔଷଧ ? କି ଔଷଧ ? ମତେ ତ ବଡ଼ ଔଷଧ ମିଳି ସାରିଲାଣି । ଆଉ ପୁଣି କଣ ?'

ଶୁଭକାନ୍ତ ଜଳପଟି ଦେବାକୁ ଗଲେ । ଏଥର କିନ୍ତୁ ସୁନନ୍ଦା ତାଙ୍କର ହସ୍ତଟିକୁ ଧରି ନିଜର ମୁଖ ଆବୃତ କଲା । ତାର ନିଃଶ୍ୱାସର ପ୍ରଖରତା ଓ ଉଷ୍ଣତା ଶୁଭକାନ୍ତଙ୍କର କରତଳ ଅନୁଭବ କଲା ।

କିଛିକ୍ଷଣ ପରେ ସୁନନ୍ଦା ପୁନର୍ବାର ଶକ୍ତି ସଂଗ୍ରହ କରି ତାହାର ସଞ୍ଚିତ ଅର୍ଥ ଏହି ଶିଶୁ ଛଟିଙ୍କ ସହିତ ମିସନାରୀଙ୍କ ହସ୍ତରେ ଅର୍ପଣ

କରିବାକୁ ସ୍ୱୀୟ ଅଭିଳାଷ ଜ୍ଞାପନ କଲି । ପୁନର୍ବାର ହତଚୈତନ୍ୟ ହୋଇ ପଡ଼ି ରହିଲି । ଏଥର କିନ୍ତୁ ପୂର୍ବାପେକ୍ଷା ଅଧିକ କାଳ ଶୁଭକାନ୍ତ ସୁଶ୍ରୂଷାରେ ଲାଗି ପଡ଼ିଲେ । ସୁନନ୍ଦା ବିଳମ୍ବରେ ଚୈତନ୍ୟ ଲାଭ କରି ନୀରବରେ ଶୁଭକାନ୍ତଙ୍କର ମୁଖକୁ ଚାହିଁ ରହିଲି । କିଛିକ୍ଷଣ ପରେ ପୂର୍ବାପେକ୍ଷା ଅଧିକ ତେଜରେ କହି ଉଠିଲି, 'ଆସିଛ, ଆସିଛ ବାପା ?' ତତ୍ପରେ ବକ୍ଷ ଦେଶରୁ ଖଣ୍ଡିଏ ଭୂର୍ଜପତ୍ର କାଢ଼ି ସୌରୀକୁ ଡାକିଲି, 'ସୌରି, ଦୀପଟା ପାଖକୁ ଆଣ ତ ।'

ସୌରୀ ପ୍ରଦୀପଟି ଆଣିବା ପରେ ସେହି ଭୂର୍ଜପତ୍ରକୁ କିଛି କାଳ ନୀରବରେ ଚାହିଁ ରହିଲି । ତତ୍ପରେ ଶୁଭକାନ୍ତଙ୍କର ମୁଖକୁ ଚାହିଁ ସୁନନ୍ଦାର ନିଃଶ୍ୱାସ ପ୍ରଖରତର ହୋଇ ପଡ଼ିଲା, ଦୃଷ୍ଟି ବାଷ୍ପାକୁଳ ହୋଇ ଉଠିଲି । ଶୁଭକାନ୍ତଙ୍କର ହସ୍ତରେ ସେହି ଭୂର୍ଜପତ୍ରଟିକୁ ରଖି ନିଜର ଦୁଇ ହସ୍ତରେ ତାଙ୍କର ହସ୍ତକୁ ଧରି ଅଧରରେ ନେଇ ରଖିଲି । ତାର ନାସିକା ଅଧର କମ୍ପିତ ହୋଇ ଉଠିଲି ଏବଂ ଝର ଝର ହୋଇ ଦୁଇ ଚକ୍ଷୁରୁ ଲୋତକ ଗଡ଼ିପଡ଼ିଲି । ଜୀବନରେ ଏହି ତାର ପ୍ରଥମ ଓ ଶେଷ କ୍ରନ୍ଦନ !

ଶୁଭକାନ୍ତ ଏ ଅଭିନୟର ଅର୍ଥ ବୁଝି ପାରିଲେ ନାହିଁ । ଅବାକ୍ ହୋଇ ରହିଲେ । ସୁନନ୍ଦା ଚୈତନ୍ୟ ଶୂନ୍ୟ ହେଲି ଶେଷ ଥର ପାଇଁ । ଶୁଭକାନ୍ତ ଭୂର୍ଜପତ୍ରର ପୃଷ୍ଠଦେଶ ଆଲୋକରେ ଧରି ପାଠକଲେ, 'ରକ୍ତାକ୍ତ ବକ୍ଷରେ ତୋର ସ୍ମୃତି ଚିହ୍ନ ଧାରଣ କରି ଜୀବନର ସୁଦୀର୍ଘ ପଥ ଅତିବାହିତ କରି ଆସିଅଛି ହତଭାଗିନୀ ତୋର ଜନନୀ—ସୁନନ୍ଦା ।' ସୌରୀ ଅର୍ଦ୍ଧ ସ୍ୱପ୍ନ ଅର୍ଦ୍ଧ ଜାଗରଣରେ ବିସ୍ମିତ ହୋଇ ଶୁଣିଲି, ଶୁଭକାନ୍ତ ବାଷ୍ପରୁଦ୍ଧ ଗଳାରେ ଚିତ୍କାର କରି ଉଠନ୍ତି, 'ମା' 'ମା' । କିନ୍ତୁ ସେ ଡାକ ଶୁଣିବାପାଇଁ ସୁନନ୍ଦା ଆଜ

ଚକ୍ଷୁରୁନ୍ମୀଳନ କଲା ନାହିଁ । ସେ ସବୁପରି ଚୈତନ୍ୟହୀନ ଅବସ୍ଥାରେ ପଡ଼ି ରହିଲା । ନିଃଶ୍ୱାସ ତାର କ୍ରମେ ପ୍ରଖରତର ହୋଇ ବହିବାକୁ ଲାଗିଲା । ଶୁଭକାନ୍ତ ମୂକ ଅଚଳବତ୍ ବସି ରହି କେବଳ ମଧ୍ୟେ ମଧ୍ୟେ ଡାକି ଉଠିଲେ, 'ମା, ମା' ।

ନିଶୀଥର ନିର୍ଜନତା ଭେଦକରି ସିନ୍ଧୁର ଅଭଙ୍ଗ ନିର୍ଘୋଷ ଭାସି ଆସିଲା—ଜୀବନର ଜୁଆର ଭଟ୍ଟାର ଶବ୍ଦ ବେଳା ତଟରେ ଯେପରି ଆଘାତ କରି ଉଠୁଅଛି । ସମସ୍ତ ବିଶ୍ୱ ସୁଷୁପ୍ତ, ସମସ୍ତ ଆକାଶ ନୀରବ ! କେବଳ ଏହି କ୍ଷୁଦ୍ର କୁଟୀରର କ୍ଷୀଣଦୀପାଲୋକରେ ସୁନନ୍ଦାର ମୁଖକୁ ନିରୀକ୍ଷଣ କରି ଶୁଭକାନ୍ତ ଡାକି ଉଠିଲେ, 'ମା ! ମା !' ଜୀବନରେ ଏହି ତାଙ୍କର ପ୍ରଥମ ଓ ଶେଷ ସମ୍ବୋଧନ । ସ୍ତ୍ରୀର ଜନନୀକୁ ସେ ଗୋଟିଏ ହୃଦୟହୀନ ଭ୍ରଷ୍ଟା ରମଣୀ ରୂପେ ଜାଣି କରି ମନେ ମନେ ଘୃଣା କରି ଆସିଅଛନ୍ତି । ତତ୍ପରେ ତାର ଚିନ୍ତା ଆଜି ତାଙ୍କ ଚିତ୍ତରେ ଉଦ୍ରେକ ହୋଇ ନାହିଁ । ସୁନନ୍ଦାକୁ ଶୈଶବରୁ ଭୟ ଓ ଭକ୍ତିର ଦୃଷ୍ଟିରେ ସେ ଦେଖି ଆସି ଅଛନ୍ତି । ସ୍ନେହ ଦୃଷ୍ଟିରେ ଦେଖିବାର ସୁଯୋଗ ପାଇ ନାହାନ୍ତି । ତାର କୋଳରେ ଥରେ ମୁଖ ରଖିବାର ସୁଯୋଗ ମିଳି ନାହିଁ । ସମସ୍ତ ଜୀବନ ଏହି ବୈକଲ୍ୟ ବହନ କରି ଜନନୀ ତାଙ୍କର ଆଜି ମୃତ୍ୟୁ ମୁଖରେ; କିନ୍ତୁ କୌଣସି ଚିନ୍ତା ଆଜି ତାଙ୍କର ସ୍ମରଣ ହେଉ ନାହିଁ—ସେ କେବଳ ବାଷ୍ପରୁଦ୍ଧ ଗଳାରେ ଡାକି ଉଠିଲେ,—'ମା, ମା !'

## ଊନବିଂଶ ପରିଚ୍ଛେଦ

ଦିବସର ସମସ୍ତ ପରିଶ୍ରମ ଭୁଲିଯାଇ ଶୁଭକାନ୍ତ ସୁନନ୍ଦା ପାର୍ଶ୍ୱରେ ବସି ରହିଲେ । ନୀରବରେ ସୁନନ୍ଦାର ଶେଷ ପ୍ରାଣବାୟୁ ଉଡ଼ିଗଲା । ସୌରି ନିଦ୍ରା ଯାଇଅଛି । ସୁନନ୍ଦାର ପ୍ରଖର ଶ୍ୱାସବାୟୁ ଆଉ ଗୃହ ମଧ୍ୟରେ ଶବ୍ଦାୟମାନ ନୁହେଁ । କେବଳ ସିନ୍ଧୁର ଗମ୍ଭୀର ନିର୍ଘୋଷ ମୁହୁର୍ମୁହୁ ସେହି କୁଟୀରର ଦ୍ୱାର ଦେଶରେ ବାଜି ଉଠିଲା । ଶବ ଗୃହର କ୍ଷୁଦ୍ର ପ୍ରଦୀପଟି କ୍ଷୀଣ ଆଲୋକରଶ୍ମି ବିକୀରଣ କରୁଛି । ଶୁଭକାନ୍ତ ଏହି ଦୀପାଲୋକ ନିକଟରେ ବସି ମୂକ ନିର୍ବେଦ । ଶବ ଉପରେ ତାଙ୍କର ନିର୍ନିମେଷ ଦୃଷ୍ଟି ପଡ଼ିଅଛି । ନା, ଜଗତରେ ସବୁଠାରୁ ଆଶ୍ଚର୍ଯ୍ୟ ବସ୍ତୁ ରହିଅଛି—ଏ ଘଟନାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଆଜି ମୃତ୍ୟୁ । ନା ସେଥିରେ ମୁଗ୍‌ଧ ହେବାର କିଛି ନାହିଁ । ଦେହର ମୃତ୍ୟୁ ତ ଦେହ ଲାଭ କରିବା ଦିନୁ ହୋଇ ରହିଅଛି । ସେତ ଦେହର ଗୋଟାଏ ଅବସ୍ଥାର ପରିବର୍ତ୍ତନ ମାତ୍ର । ସେଥିରେ ମୁଗ୍‌ଧ ହେବାର କଣ ଅଛି ।

ଦେହିନୋସ୍ମିନ୍ ଯଥା ଦେହେ
କୌମାରଂ ଯୌବନଂ ଜରା
ତଥା ଦେହାନ୍ତର ପ୍ରାପ୍ତି—
ର୍ଧୀରସ୍ତତ୍ର ନ ମୁହ୍ୟତେ ।

ଦେହକୁ ଯେ ନିଜେ ବୋଲି ଅଭିମାନ କରେ ସେ ସ୍ଥୂଳରେ ଯେପରି ବାଲ୍ୟ, ଯୌବନ ଓ ବାର୍ଦ୍ଧକ୍ୟ ଆଦି ନାନା ପରିବର୍ତ୍ତନ ଉପନୀତ ହୁଏ, ମରଣ ଗୋଟାଏ ସେହି ରୂପ ପରିବର୍ତ୍ତନ ମାତ୍ର ।

ଯଂ ହି ନ ବ୍ୟଥୟନ୍ତ୍ୟେତେ
ପୁରୁଷଂ ପୁରୁଷର୍ଷଭ
ସମ ଦୁଃଖ ସୁଖଂ ଧୀରଂ
ସୋଽମୃତତ୍ୱାୟ କଳ୍ପତେ ।

ହେ ପୁରୁଷ ଶ୍ରେଷ୍ଠ ! ଜଗତର ଏ ସକଳ ପରିବର୍ତ୍ତନ ସ୍ପର୍ଶକର ଦୁଃଖ ସୁଖରେ ନିର୍ବିକାର ଯେଉଁ ଧୀର ବ୍ୟକ୍ତିକୁ ଅଭିଭୂତ ନ କରେ ସେ ବ୍ୟକ୍ତି ଅମୃତର ଅଧିକାରୀ ।

ଗୃହ ମଧ୍ୟରେ କ୍ରୁଶବିଦ୍ଧ ମହାପୁରୁଷ ଯୀଶୁଙ୍କର ଛବି ପ୍ରତି ସେ ଦୃଷ୍ଟିପାତ କଲେ । ସର୍ବାଙ୍ଗ କଣ୍ଟକ ବିଦ୍ଧ-ମୁଖରେ; କିନ୍ତୁ ନିଜପାଇଁ ଦୁଃଖ ନାହିଁ, ଶତ୍ରୁପାଇଁ ଘୃଣା ନାହିଁ, ଦ୍ୱେଷ ନାହିଁ । କେବଳ ଦୟା ଓ କ୍ଷମାର ଶାନ୍ତ ସମାହିତ ଭାବ ।

କବାଟ ଫାଙ୍କ ମଧ୍ୟରେ ପ୍ରତ୍ୟୁଷର ପ୍ରଥମ ଆଲୋକ ଗୃହ ମଧ୍ୟକୁ ଦୃଷ୍ଟିପାତ କଲା । ତାହା ଜାଣିପାରି ଯେପରି ପ୍ରଦୀପର ଆଲୋକ ନିଷ୍ପ୍ରଭ ହୋଇ ପଡ଼ିଲା । ସୌରୀ ଆସି ଭୂଲୁଣ୍ଠିତ ହୋଇ ବନ୍ଦନା ଆରମ୍ଭ କରିଦେଲା । ଶିଶୁ ଗୁଡ଼ିକ ଏକେ ଏକେ ଗାତ୍ରୋତ୍ଥାନ କଲେ । ସମସ୍ତଙ୍କୁ ନୀରବରେ ଯେ ଯାହାର କର୍ମ ସମ୍ପାଦନ କରିବାକୁ ଶୁଭକାନ୍ତ ନିର୍ଦ୍ଦେଶ ଦେଲେ ।

ଗୃହ ଦ୍ୱାରରେ କାହା ଅଙ୍ଗୁଳିର ମୃଦୁ ଆଘାତ ଶବ୍ଦ ଶୁଣାଗଲା । ଶୁଭକାନ୍ତ ଉଠିଯାଇ ଧୀରେ ଧୀରେ ଦ୍ୱାରୋନ୍ମୁକ୍ତ କଲେ ।

ଦ୍ୱାର ଦେଶରେ ଜଣେ ବୃଦ୍ଧ ପାଦ୍ରିସାହେବ ଧୀର ଭାବରେ ଦଣ୍ଡାୟମାନ । ସୁନନ୍ଦାର ସେହି ବନ୍ଧୁ ବୋଲି ଶୁଭକାନ୍ତ ତତ୍‌କ୍ଷଣାତ୍ ବୁଝିପାରି ନମସ୍କାର କଲେ । ସାହେବ ମୃଦୁ ହସି ପ୍ରତି ନମସ୍କାର କଲେ ଏବଂ ସୁନନ୍ଦାର ସ୍ୱାସ୍ଥ୍ୟ ଅନୁସନ୍ଧାନ ପରେ ଶୁଭକାନ୍ତଠାରୁ ମୃତ୍ୟୁସମ୍ବାଦ ଲାଭ କରିବା ମାତ୍ରେ ଗମ୍ଭୀର ଭାବରେ ଦଣ୍ଡାୟମାନ ହୋଇ ଅଙ୍ଗୁଳି ସଙ୍କେତରେ ଗୋଟିଏ କ୍ରୁଶ ଚିହ୍ନ ଅଙ୍କିତ କରି ଦେଲେ । ଶୁଭକାନ୍ତ ଗୃହ ମଧ୍ୟରେ ଆସନ ପାରି ଦେଲେ । ସେହି ଆସନ ଉପରେ ବସି ସାହେବ ଧୀର ସ୍ୱରରେ କହିଲେ, 'ଆସ ପ୍ରାର୍ଥନା କରିବ ।'

ଶୁଭକାନ୍ତ ପାଦ୍ରିଙ୍କ ସମୀପରେ ବସି ପ୍ରାର୍ଥନା ଆରମ୍ଭ କଲେ । 'ହେ ନର୍ଯ୍ୟାତିତ ନପୀଡ଼ିତର ଦେବତା, ହେ ଦୟାର ଆକାର କ୍ଷମାଶୀଳ ପ୍ରଭୋ ! ଜୀବିତ ମୃତ ସକଳ ପ୍ରାଣୀର ସଦ୍‌ଗତି ତୁମେ ବିଧାନ କର ।'

ପ୍ରାର୍ଥନା ସମାପନ କରି ଶବଗୃହରୁ ଉଭୟେ ବହିର୍ଗତ ହେଲେ । ଶୁଭକାନ୍ତ ମୁଖରୁ ଇଂରାଜୀରେ ବାକ୍ୟାଳାପ ଶୁଣି ପାଦ୍ରି ସେହି ଇଂରାଜୀ ଭାଷାରେ ହିଁ କଥୋପକଥନ ଆରମ୍ଭ କଲେ । କାରଣ ଉତ୍କଳ ଭାଷାରେ କଥା କହିବା ତାଙ୍କ ପକ୍ଷରେ କଷ୍ଟକର । ପାଦ୍ରି ପଚାରିଲେ, 'ତୁମେ ତାଙ୍କର ପୁତ୍ର ହୁଅ ?' ଶୁଭକାନ୍ତ ଅବାକ୍ ହୋଇ ପାଦ୍ରିଙ୍କ ମୁଖକୁ ଚାହିଁ ସ୍ୱୀୟ ସମ୍ମତି ଜ୍ଞାପନ କଲେ ।

'ହଁ, ସୁନନ୍ଦା ମୋ ସମକ୍ଷରେ ସମସ୍ତ ସ୍ୱୀକାର କରିଅଛନ୍ତି । ସମସ୍ତ ପାପରୁ ବର୍ତ୍ତମାନ ସେ ନିର୍ମୁକ୍ତ ।'

ତତ୍ପରେ ଶୁଭକାନ୍ତ ସେହି ଅନାଥ ଶିଶୁମାନଙ୍କର ପରିପାଳନ ଭାର ଓ ସୁନନ୍ଦାଙ୍କର ସମସ୍ତ ସମ୍ପତ୍ତି ପାଦ୍ରିଙ୍କ ହସ୍ତରେ ନ୍ୟସ୍ତ କରିଥିବାର ଜଣାଇ ଦେଲେ ।

'ହଁ, ଏ ପ୍ରସ୍ତାବ ମୁଁ ବହୁ ପୂର୍ବରୁ କରିଥିଲି; କିନ୍ତୁ ସୁନନ୍ଦା ସେ କଥା ଶୁଣିଲେ ନାହିଁ । ଶିଶୁମାନଙ୍କ ପ୍ରତି ତାଙ୍କର ଅଗାଧ ସ୍ନେହ ଥିଲି । ତୁମ୍ଭ ହିନ୍ଦୁ ସମାଜରେ ଏପରି ସୁଶିକ୍ଷିତା ନାରୀ ମୁଁ ଏ ଦେଶରେ ଦେଖି ନ ଥିଲି । ତୁମେ ତ ସୁଶିକ୍ଷିତ ପୁରୁଷ । ତୁମକୁ ଆମର ଧର୍ମପୁସ୍ତକ ଦେବି । ପାଠ କରି ଦେଖିବ—ଖ୍ରୀଷ୍ଟ ଧର୍ମ ପରି ଧର୍ମ ଜଗତରେ ଆଉ ଦ୍ୱିତୀୟ ନାହିଁ ।'

ଶୁଭକାନ୍ତ ମୃଦୁ ହସି କହିଲେ, 'ଆମ ଦେଶର ନିଷ୍ଠାପର ହିନ୍ଦୁମାନେ ମଧ୍ୟ ଠିକ୍ ସେହି କଥା କହନ୍ତି, ସାହେବ—ହିନ୍ଦୁଧର୍ମ ଜଗତରେ ଅଦ୍ୱିତୀୟ । କିନ୍ତୁ ଧର୍ମ ଏପରି ତୁଳନାମୂଳକ ବସ୍ତୁ କି ? ମୋର ମନେ ହୁଏ ତାହା ଅତୁଳନୀୟ ।'

ନିଜ ଧର୍ମ ପ୍ରତି ପକ୍ଷପାତସତ୍ତ୍ୱେ ପାଦ୍ରି ସାହେବ ଯେ ଜଣେ ସାଧୁସ୍ୱଭାବ ପୁରୁଷ, ଏ ବିଷୟରେ ଶୁଭକାନ୍ତଙ୍କର ସନ୍ଦେହ ରହିଲା ନାହିଁ । ପାଦ୍ରି ସାହେବ ଶୁଭକାନ୍ତଙ୍କର ଶିକ୍ଷା ଦୀକ୍ଷାର ପରିଚୟ ପାଇ ମୁଗ୍ଧ ହୋଇ ଯାଇଥିଲେ । ସେଥିପାଇଁ ବିଦାୟ ବେଳେ ସିଏ କାଲିରେ ତାଙ୍କର ଆବାସକୁ ନିମନ୍ତ୍ରଣ କରିଗଲେ ।

ସୁନନ୍ଦାର ଶ୍ରାଦ୍ଧକ୍ରିୟା ଶୁଭକାନ୍ତ ସ୍ୱହସ୍ତରେ ସମାପନ କଲେ । ସନାତନଙ୍କୁ ଶୋଭା, ଅଭିରାମ, ସୁନନ୍ଦା ଏବଂ ପାଦ୍ରି ସାହେବଙ୍କ ବିଷୟ ସଂକ୍ଷେପରେ ଜଣାଇ ପତ୍ର ଲେଖିଲେ ଏବଂ ସୁନନ୍ଦାର ସଞ୍ଚିତ ଧନ ଓ ପାଳିତ ଶିଶୁଗୁଡ଼ିକୁ ପାଦ୍ରିଙ୍କ ହସ୍ତରେ ସମର୍ପଣ କରି ଦୁଇ ଦିନ ପରେ ଫେରିଯିବେ ବୋଲି ସ୍ଥିର କଲେ । ଶୋଭାର ପୁଅଟିକୁ ଦେଖିଲେ, ଅନ୍ୟ ଶିଶୁମାନଙ୍କ ସହିତ ସେ ଆନନ୍ଦରେ ଅଛି । ତାର 'ମା' କଥା ସମ୍ପୂର୍ଣ୍ଣ ଭୁଲିଯାଇଛି । ମା ନିକଟକୁ ଯିବା କଥା ପଚାରି ବୁଝିଲେ ସେ ତାର ସଙ୍ଗୀମାନଙ୍କୁ ଛାଡ଼ି ଅନ୍ୟ କାହିଁ ଯିବାକୁ ଚାହେଁ

ନୁହେଁ । ଆଜ ମଧ ଶୋଭର ବର୍ତ୍ତମାନ ଯେପର ଅବସ୍ଥା, ଶିଶୁଟିକୁ ନେଇ ସେ କପର ପାଳନ କରବ ? ତାକୁ ନେଇ ଯିବା ପାଇଁ ଶୋଭରତ କୌଣସି ଆଗ୍ରହ ସେ ଦେଖି ନାହାନ୍ତ ।

ଅପରାହ୍ଣରେ ସହରର ଅବସ୍ଥା ଦର୍ଶନ କରିବାକୁ ଶୁଭକାନ୍ତ ବାହାରଲେ । ଦେଖିଲେ ମଫସଲ ଅପେକ୍ଷା ସହରର ଅବସ୍ଥା ଅଧିକ ଶୋଚମୀୟ । ମଫସଲରେ ଲୋକେ ଖଣ୍ଡେ ପିଣ୍ଡ ଗଣ୍ଡିଏ ଆହାର ପାଇଲେ ସନ୍ତୁଷ୍ଟ; କନ୍ତୁ ସହର ଲୋକେ ଅଧିକ କଷ୍ଟ ସୁହାନ୍ତ । ସାମାନ୍ୟ ପାଇବାକୁ ସେମାନେ କଷ୍ଟ ନ ପାଇବା ପର ଜ୍ଞାନ କରନ୍ତ । ସେଥିପାଇଁ ଗୃହ ମଧରେ ଆବଦ୍ଧ ରହି ବହୁ ନର-ନାରୀ ଅନଶନରେ ଆତ୍ମହତ୍ୟା କରୁଅଛନ୍ତ । ଅଥଚ ନଜର ଦୁର-ବସ୍ଥା ଅପର ସମୀପରେ ଜଣାଇବା ପାଇଁ ଲଜ୍ଜା ଜ୍ଞାନ କରୁଛନ୍ତ । ମଫସଲର କୃଷକ ତାର କୃଷିଜାତ ଦ୍ରବ୍ୟ ଭବିଷ୍ୟତ ପାଇଁ ସଞ୍ଚିତ କର ରଖେ; କନ୍ତୁ ସହରରେ ସୁନା ରୂପା ବ୍ୟତୀତ ଶସ୍ୟ ସଞ୍ଚୟର ବ୍ୟବସ୍ଥା କଏ କରେ ? ବର୍ତ୍ତମାନ ତ ସୁନା ରୂପାର ମୂଲ୍ୟ କଷ୍ଟ ନାହିଁ । ତଥାପି ମଫସଲର ବହୁ ଅନଶନ ପୀଡ଼ିତ ବ୍ୟକ୍ତ ସହରକୁ ସମୃଦ୍ଧିଶାଳୀ ଜ୍ଞାନ କର ସେଠାରେ ଆସି ରୁଣ୍ଡ ହୋଇଅଛନ୍ତ । ପ୍ରତ ଗଳରେ ଦଳ ଦଳ ଭିକ୍ଷୁକ ଭାଷାହୀନ ଆଶାହୀନ ମୁଖରେ ଭିକ୍ଷା ପାଇଁ ଭ୍ରମଣ କରୁଅଛନ୍ତ ।

ପାଦ୍ରୀ ସାହେବ ଗୁଣ୍ଡିଚାମନ୍ଦର ପାର୍ଶ୍ୱରେ ରନ୍ଧନଶାଳା ସ୍ଥାପିତ କର ଏହି ବୁଭୁକ୍ଷୁମାନଙ୍କର ଆହାରର ସଂସ୍ଥାନ କରଅଛନ୍ତ । ନଜ ପାଇଁ ଗୋଟିଏ କ୍ଷୁଦ୍ରକୁଟୀର ନର୍ମିତ । କୁଟୀର ମଧରେ ଖଣ୍ଡିଏ ଗ୍ରେଟ ଟେବୁଲ ଉପରେ ବାଇବେଲ ଓ ଉତ୍କଳ ଭାଷାରେ ଅନୁଦତ କେତେଗୋଟି ଧର୍ମପୁସ୍ତକ । ସାଦର ସମ୍ଭାଷଣରେ ସାହେବ

ଶୁଭକାନ୍ତଙ୍କୁ କୁଟୀର ମଧ୍ୟକୁ ଡାକି ନେଲେ ଏବଂ କୁଶଳ ପ୍ରଶ୍ନାଦି କଲେ । ସାନ୍ଧ୍ୟ-ଭୋଜନ ପାଇଁ ଗୋଟି ଗୋଟି ହୋଇ ଜାତିଚ୍ୟୁତ ପୁରୁଷ ନାରୀ ଅନ୍ନଛତ୍ର ନିକଟକୁ ଆସୁଅଛନ୍ତି । ସ୍ପୃଶ୍ୟ ଅସ୍ପୃଶ୍ୟ ସମସ୍ତେ । ସେମାନଙ୍କ ମଧ୍ୟରୁ କେତେକ ପରିଷ୍କୃତ ବସନ ପରିଧାନ କରିଅଛନ୍ତି । ଶୁଭକାନ୍ତ ଭାବିଲେ ଏମାନେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ । ଆଜି କେତେକ ଅନ୍ନଛତ୍ରରେ ଆହାର କରୁଥିଲେହେଁ ଏପର୍ଯ୍ୟନ୍ତ ଧର୍ମତ୍ୟାଗ କରି ନାହାନ୍ତି ଏବଂ ଏହାରି ମଧ୍ୟରେହିଁ ସେମାନେ 'ନଅଙ୍କିଆ' ବୋଲି ଅଭିହିତ ହୋଇ ସାରିଲେଣି । ପାଦ୍ରି ସାହେବଙ୍କ ଦ୍ୱାରଦେଶରେ ସେମାନେ ଏକେ ଏକେ ସମବେତ । ପାଦ୍ରି ସାହେବ କହିଲେ, 'ଆସ, ଆହାର ପୂର୍ବରୁ ସେମାନଙ୍କୁ କିଛି ଧର୍ମୋପଦେଶ ଦେବା ।'

ଶୁଭକାନ୍ତଙ୍କର ମନେ ପଡ଼ିଲା, ଅଭିରାମ । ପାଦ୍ରି ସାହେବଙ୍କ ନିକଟରୁ ଫେରି ସେ ଅଭିରାମ ନିକଟକୁ ଯିବାର ସ୍ଥିର କରିଥିଲେ । କିନ୍ତୁ ତାଙ୍କର ଧର୍ମୋପଦେଶରେ ଯୋଗଦେବାର ଆହ୍ୱାନ ପାଇ ତତ୍‌କ୍ଷଣାତ ସେଠାରୁ ବିଦାୟ ନେଇଯିବା ଅନୁଦାରତା ହେବ ମନେ କରି ସେ ସଂକଳ୍ପରୁ କିଛିକ୍ଷଣ ପାଇଁ ବିରତ ହେଲେ । ପାଦ୍ରି ସାହେବ କୁଟୀରର ଦ୍ୱାର ଦେଶରେ ଦୁଇଟି କାଷ୍ଠାସନ ପକାଇ ଗୋଟିକରେ ଶୁଭକାନ୍ତଙ୍କୁ ବସିବାକୁ ଦେଲେ ଏବଂ ଅନ୍ୟଟିରେ ନିଜେ ଉପବେଶନ କଲେ । ସମବେତ ପୁରୁଷ ନାରୀଙ୍କୁ ଉଦ୍ଦେଶ୍ୟ କରି ଯାହା କହିଲେ ତାହାର ଶୁଦ୍ଧଭାଷା ଏହି,— 'ତୁମ୍ଭେମାନେ କ୍ଷୁଧା ତୃଷାରେ ବ୍ୟଥିତ ହୁଅ ନାହିଁ । ପ୍ରଭୁ ଯୀଶୁ ଆମ୍ଭମାନଙ୍କର ଆହାର ଓ ଜଳ । ତାଙ୍କର ଆଶ୍ରୟ ନେଲେ କ୍ଷୁଧା ତୃଷା ଦୁଃଖ ଦୈନ୍ୟ କିଛି ରହିବ ନାହିଁ । ସକଳ ତୃପ୍ତିର ଆଧାର ସେ—ସକଳ ପ୍ରେମର ଉତ୍ସ ।' ଶୁଭକାନ୍ତ କରୁଣ ଦୃଷ୍ଟିରେ ଏହି

ମୁକମାନବ ଗୁଡ଼ିକ ପ୍ରତି ଦୃଷ୍ଟିପାତ କଲେ । ସେମାନଙ୍କ ମଧ୍ୟରୁ ପାଦ୍ରୀଙ୍କର କଥା ଶୁଣିଲେ କଏ, ଆଉ କଏ ବା ବୁଝିଲେ, ଶୁଭକାନ୍ତ ଜାଣି ପାରିଲେ ନାହିଁ । କିନ୍ତୁ ମହାପୁରୁଷ ଯୀଶୁଙ୍କର ବାଣୀ ତାଙ୍କର ପ୍ରାଣରେ ଧ୍ୱନିତ ହୋଇ ଉଠିଲା ।

I am the bread of life, he that cometh to me shall never hunger; and he that believe on me shall never thirst.

ଶୁଭକାନ୍ତଙ୍କର ପ୍ରାଣକୁ ଛଦଗତ କରି ସେ ବାଣୀ ପ୍ରତି ଧମନୀରେ ପୁଲକ ଜାତ କରୁଥିଲା । ପାଦ୍ରୀସାହେବ ତାଙ୍କର ଅନୁଚ୍ଚାରିତ ଦୁର୍ବୋଧ୍ୟ ଉତ୍କଳ ଭାଷାରେ ଯୀଶୁଙ୍କର ମହିମା କହି ଚାଲି ଥାନ୍ତି; କିନ୍ତୁ ଅଦୂରରେ ଗୋଟିଏ ସଙ୍ଗୀତର ସ୍ୱର ଶୁଣି ଶୁଭକାନ୍ତ ଅନ୍ୟମନସ୍କ ହୋଇ ମସ୍ତକ ଉତ୍ତୋଳନ କଲେ । ଦେଖିଲେ, ଗୁଣ୍ଡିଚା ମନ୍ଦିର ନିକଟରୁ କେତେ ଗୁଡ଼ିଏ ଭିକ୍ଷୁକ ଗୀତଗାଇ ନାଚି ନାଚି ଆସୁଛନ୍ତି । ପ୍ରତିଅଙ୍ଗରେ ଛିନ୍ନବସ୍ତ୍ର ଆବୃତ । ପ୍ରତିଅଙ୍ଗ ମଳିନ ଓ ଶୁଷ୍କ । ତଥାପି ମୁଖରୁ ସଙ୍ଗୀତ ବାହାରୁଚି ।

'ଭିକ୍ଷାରି ଥାଳଧରି ଆସିଛି ମୁଁ ଦୁଆରେ
ନୟନର ଜଳ ତୋର ବୁହାରେ ।'

ପାଦ୍ରୀସାହେବ ମଧ୍ୟ ନିଜର ବକ୍ତବ୍ୟ ସ୍ଥଗିତ ରଖି ମୃଦୁ ହସି ଶୁଭକାନ୍ତଙ୍କୁ କହିଲେ, 'ଶୁଣୁଛ ସଙ୍ଗୀତ ? ଏ ଜଣେ ଭିକ୍ଷୁକ ଦଳର ନେତା ।' ଧର୍ମ ଈଶ୍ୱର କିଛି ମାନନ୍ତି ନାହିଁ । ସଙ୍ଗୀତ ଗାଇ କ୍ଷୁଧା ତୃଷା ଆଦି ନିବୃତ୍ତି ହୋଇ ପାରେ ବୋଲି ତାଙ୍କର ବିଶ୍ୱାସ । ଶିକ୍ଷିତ ଯୁବକ କିନ୍ତୁ ଭିକ୍ଷୁକମାନଙ୍କ ସହିତ ଭିକ୍ଷା କରନ୍ତି ।' ପାଦ୍ରୀସାହେବ

ହସିଲେ, ସେ ହାସ୍ୟରେ ଶ୍ଳେଷ ମିଶ୍ରିତ ଥିଲା । ଏହି ଯୁବକର ନାସ୍ତିକତା ଓ ଅଦ୍ଭୁତ ସ୍ୱଭାବ ତାଙ୍କୁ ଆଦୌ ଆନନ୍ଦ ଦେଇ ନାହିଁ । କିନ୍ତୁ ପୁନର୍ବାର ସଂଗୀତ ଶୁଣାଗଲା—

ଭିକ୍ଷାର ଥାଳ ଧରି ଆସିଛି ମୁଁ ଦୁଆରେ
ନୟନର ଜଳ ତୋର ବୁହାରେ !

ଜଗତରେ ନାହିଁ କେହି
ପାରିବାକୁ ଟିକେ ଦେଇ
କୋମଳ ବଚନ କହି

ମଥା ତୋର ନୁଆଁରେ
ନୟନର ଜଳ ଖାଲି ବୁହାରେ ।

ସାହେବ କହିଲେ, 'ବସ, ବସ, ଏହିଠାକୁହିଁ ସେମାନେ ଆସୁଛନ୍ତି ।' ଶୁଭକାନ୍ତ ମୃଦୁ ହସି ସାହେବଙ୍କୁ ଉତ୍ତର କଲେ, 'କ୍ଷମା କରିବେ, ସେ ମୋର ଜଣେ ବନ୍ଧୁ ।' ପାଦ୍ରୀଟି ଅପ୍ରତିଭ ହୋଇ ପଡ଼ିଲେ ଏବଂ ଶୁଭକାନ୍ତଙ୍କର ବନ୍ଧୁ ପ୍ରତି ଯେଉଁ ଶ୍ଳେଷାତ୍ମକ ଭାଷା ବ୍ୟବହାର କରିଥିଲେ ସେଥିପାଇଁ କ୍ଷମା ଚାହିଁଲେ । ଅଥଚ ବିସ୍ମିତ ହୋଇ ଶୁଭକାନ୍ତଙ୍କର ମୁଖକୁ ଚାହିଁ ରହିଲେ, ବନ୍ଧୁ ! ଏ ନାସ୍ତିକ ଅନାତ୍ମଜ୍ଞ ଯୁବକ ସହିତ ବନ୍ଧୁତା ସ୍ଥାପନ କରିପାଏ । ଭିକ୍ଷୁକ ଦଳ ନିକଟବର୍ତ୍ତୀ ହେବାରୁ ଶୁଭକାନ୍ତ ସେମାନଙ୍କ ମଧ୍ୟରେ ଅଭିରାମକୁ ସ୍ପଷ୍ଟ ଚିହ୍ନି ପାରିଲେ । ସମସ୍ତଙ୍କ ମଧ୍ୟରେ କରତାଳ ମାରି ସେ ଗାଇ ଉଠୁଛି—

ବୁଢ଼ିଗଲ୍ ବେଲ ଆରେ
ଉଢ଼ିଗଲ୍ ଚଢ଼େଇ
ପିଲାଠାରୁ ମାଆ ଭାତ
ଖାଉଅଛି ଛଢ଼େଇ
ଧରମ କରମ ଚୋର
ପଢ଼ୁ ପୋଷା ଶୂଆରେ
ନୟନର ଜଳ ଖାଲି ବୁହାରେ ।

ଶୁଭକାନ୍ତ ଡାକଲେ, 'ଅଭିରାମ !' କୌତୁକ ଦୃଷ୍ଟିରେ ଶୁଭକାନ୍ତ ପ୍ରତି ଚାହିଁ ଅଭିରାମ କହିଲା, 'ତମେ ଏଠାରେ, ଭାଇ ? ଧର୍ମଶିକ୍ଷା ନେଉଛ ପରା ? ହାଃ ହାଃ' । ଶୁଭକାନ୍ତ ନିକଟକୁ ଯାଇ ଦେଖିଲେ, ଏହି ଭିକ୍ଷୁକ ଦଳ ମଧ୍ୟରେ ଅନ୍ଧ, ଖଞ୍ଜ, ବଧିର ଆଦି କେତେ ଜଣ ମଧ୍ୟ ଯୋଗଦେଇଛନ୍ତି । ବିସ୍ମିତ ଦୃଷ୍ଟିରେ ପଚାରିଲେ, 'ଏ କଣ, ଅଭିରାମ ?'

'ଭାରି ମଜା ଭାଇ, ଭାରି ମଜା !' ହସି ହସି ଅଭିରାମ ସ୍ତ୍ରୀପୁ ଦଳଟିକୁ ଘେନି ପୂର୍ବପରି ନାଚି ନାଚି ଚାଲିଗଲା ।

'ଆମେ ଭିକ୍ଷାକରିଛୁଁ ଦୀକ୍ଷା
ଆମେ ଭୁଲିଛୁଁ ଧରମ ଶିକ୍ଷା' ।

ଶୁଭକାନ୍ତ ଅବାକ ହୋଇ ପଶ୍ଚାତରେ ଚାହିଁ ରହିଲେ ।

## ବିଂଶ ପରିଚ୍ଛେଦ

ଭାଇ, ଶୋଭା ଜୀବନର ସମସ୍ତ କରୁଣ ଇତିହାସ ମୁଁ ଶୁଣିଅଛି । ଆଜି ମଧ୍ୟ ଶୁଣିଅଛି ଯେ ମୋ ନିକଟରେ ସେ ସକଳ ପ୍ରକାଶ କରିବାକୁ ତୁମେ ତାକୁ ବାରଣ କରିଥିଲ; କିନ୍ତୁ କେବଳ ମୋ ନିକଟରେ ନୁହେ, ସେ ପଥ ଘାଟରେ ଯାହାକୁ ଦେଖିଛି ତା ନିକଟରେ ସମସ୍ତ ବର୍ଣ୍ଣନା କରୁଛି । ଆମ୍ଭ ଗ୍ରାମକୁ ଆସି ସେ ସମସ୍ତଙ୍କ ଠାରେ ସକଳ ପ୍ରକାଶ କରିଅଛି ।

ଯାହା ହେଉ ମୋ ନିକଟ ପ୍ରକାଶ ନ କରିବାକୁ ତୁମେ ଯେ ବାରଣ କରିଥିଲ ତାହା ମୁଁ ବୁଝି ପାରିଅଛି । ଶୋଭା ଯେତେବେଳେ ଅଳକା ସମୀପରେ ସବୁ କଥା କହିଲା, ଅଳକା ତ ନିଜେ ପ୍ରକୃତିସ୍ଥ ହୋଇ ରହିପାରିଲା ନାହିଁ । ସଙ୍ଗେ ସଙ୍ଗେ ଶୋଭାକୁ ଆଣି ମୋ ପାର୍ଶ୍ବରେ ସମସ୍ତ ବର୍ଣ୍ଣନା କରିବାକୁ କହିଲା । ଶୋଭା ମୁଖରୁ ଅର୍ଦ୍ଧେକ ତାର ଜୀବନ-ବୃତ୍ତାନ୍ତ ଶୁଣି ମୁଁ ମୋର ଚତୁଃପାର୍ଶ୍ବରେ ମରୀଚିକା ନୃତ୍ୟ କରୁଥିବାର ଦେଖିଲି । ତତ୍‌କ୍ଷଣାତ୍ ତାକୁ ସଙ୍ଗରେ ଘେନି କୃପାନାଥଙ୍କ ନିକଟ ଗଲି । କୃପାନାଥ ଓ ପୋଲିସ ଦାରୋଗାଙ୍କ ସହିତ ଶ୍ୟାମ ରଥ ମଧ୍ୟ ବସିଥିଲେ । ସେମାନଙ୍କର ଯେଉଁ କୁତ୍ସିତ ବ୍ୟବହାର ଦେଖିଲି, ସେଥିରେ ମୋର ସମସ୍ତ ଅଙ୍ଗ ଜଳି ଉଠିଲା । ମୋର ସମସ୍ତ ଅଭିଯୋଗକୁ ସେମାନେ ମିଥ୍ୟା

ବୋଲି ଉପହାସ କଲେ ଏବଂ ପ୍ରମାଣ ଦେବାକୁ କହିଲେ । ଶୋଭକୁ ଥାନା ଦ୍ୱାରରେ ବସାଇ ଦେଇ ଯାଇଥିଲି; କିନ୍ତୁ ତାକୁ ଆସି ଖୋଜିଲା ବେଳକୁ ସେଠାରୁ ସେ ଅନ୍ତର୍ଦ୍ଧାନ ହୋଇଅଛି । ତତ୍ପରେ ଶ୍ୟାମ ରଥ, କୃପାନାଥ ଓ ଦାରୋଗା ପ୍ରଭୃତି ଯେଉଁସବୁ କଳ୍ପନା ମୂଳକ ବିଭତ୍ସ କଥା କହିବାକୁ ଗଲେ, ଭାଇ, ତାହା ଅକଥ୍ୟ ଏବଂ ଅଶ୍ରାବ୍ୟ । ଏପରି କି ଶ୍ୟାମ ରଥ ତୁମ ସହିତ ଅଳକାର ପାପ ସମ୍ବନ୍ଧ ବର୍ଣ୍ଣନା କରିବାକୁ ଆରମ୍ଭ କଲେ । ମତେ ସେଠାରେ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଗଲା । ବଳାତ୍କାରରେ ଜଣେ ସିପେହି ଦ୍ୱାରା ବହିଷ୍କୃତ ହୋଇ ନ ଥିଲେ ଗୋଟାଏ କିଛି ଭୟାବହ କାଣ୍ଡ ଘଟାଇ ଥାନ୍ତି । ମୁଁ ଜାଣେ ତୁମେ ଏ ସମ୍ବାଦରେ ସୁଖୀହେବ ନାହିଁ । କିନ୍ତୁ ଶୋଭର କାହାଣୀ ଶୁଣି କେଉଁ ମନୁଷ୍ୟ ସ୍ଥିର ହୋଇପାରେ କହ ?

ସେହିଦିନ ଠାରୁ ଶୋଭ କୁଆଡ଼େ ଗଲା ତାର ସନ୍ଧାନ ପାଇ ନାହିଁ । ଘରେ ଆସି ଦେଖିଲି ସେ ନାହିଁ । ଏ କେତେଦିନ ତାକୁ ବହୁତ ଖୋଜିଲିଣି, କିନ୍ତୁ କୁଆଡ଼େ ଯେ ସେ ଯାଇଛି, ଜାଣିବାର ଉପାୟ ନାହିଁ ।

ଏ ଘଟନାର ଦୁଇଦିନ ପରେ ବଳିଆର ସିଂହ ଓ ତାଙ୍କ ସହିତ ଆଉ ଚାରିଜଣ ଧୃତ ହୋଇଅଛନ୍ତି । ସେମାନଙ୍କୁ ପୁଣି ଚାଲାନ କରାଯାଇଅଛି । ଆମ ଘର ମଧ୍ୟ ଖାନତଲ୍ଲାସ କରାଯାଇଅଛି । ଶ୍ୟାମ ରଥଙ୍କ ଘର ଭିତରେ ଏ ସମସ୍ତଙ୍କୁ ସନ୍ଦେହ କରାଯାଇଅଛି । ବଳିଆର ସିଂହକୁ ଧରାଇବା ବିଷୟରେ ଶ୍ୟାମ ରଥହିଁ ବିଶେଷ ସାହାଯ୍ୟ କରି ଅଛନ୍ତି । ତାଙ୍କ ନିକଟରେ ବଣି ବୋଲି ଗୋଟାଏ ଲୋକ ଅଛି । ସେ ଗୃହ, ଶ୍ମଶାନ ବୁଲି ମୃତ ଅର୍ଦ୍ଧମୃତମାନଙ୍କର

ଶେଷ ସଞ୍ଚିତ ଧନ ଲୁଣ୍ଠିତ କରେ । ସୁପ୍ତା ବୁଭୁକ୍ଷିତା ନାରୀମାନଙ୍କ ଦେହରୁ ଅବଶିଷ୍ଟ ଭୂଷଣ ଅପହରଣ କରେ । ସେହି ଲୋକଟା ବଲଆର ସିଂହର ଜଙ୍ଗଲ ମଧ୍ୟସ୍ଥିତ ଭୂତଳ ଆବାସ ସନ୍ଧାନ କରି ଶ୍ୟାମ ରଥଙ୍କୁ ଜଣାଇଲା ଏବଂ ସେହିଠାରୁ ବଲଆର ସିଂହର ଲୁଣ୍ଠିତ ଦ୍ରବ୍ୟ ଲାଭ କରି ପୁଲିସ ସେମାନଙ୍କୁ ଗିରଫ କଲା । ସେ ସ୍ଥାନଟା ବଲଆର ସିଂହର ଗୃହ ନିକଟରୁ ପ୍ରାୟ ଦୁଇ ମାଇଲ ଦୂରରେ । ଯେଉଁଦିନ ସେମାନେ ଧୃତ ହେଲେ ସେଦିନ ଭୂମି ମଧ୍ୟରେ ପ୍ରୋଥିତ କେତେକ ସାମଗ୍ରୀ ନିଜ ନିଜ ଭିତରେ ବଣ୍ଟନ କରୁଥିଲେ । ଏହି ସମୟରେ ପୋଲିସ ହଠାତ୍ ଘେରାଉ କରି ସେମାନଙ୍କୁ ଧରିନେଲା । ପୂର୍ବରୁ କେହି ସତର୍କ ନ ଥିଲେ । ତଥାପି ଦୁଇ ତିନିଜଣ ସିପେହୀ ଜଖମ ହୋଇ ପଡ଼ିଛନ୍ତି । ବଲଆର ସିଂହ ଧରା ହୋଇ ଗଲା ବେଳେ ଗାଁ ଗାଁ ର ଲୋକେ ରୁଣ୍ଡ ହୋଇ ଦେଖିବାକୁ ଲାଗିଲେ । ବାଘକୁ ପିଞ୍ଜରା ଭିତରେ ନେଲେ ଲୋକେ ଯେପରି କୌତୁହଳାକ୍ରାନ୍ତ ହୋଇ ଚାହିଁ ରହନ୍ତି । ମୋର ଇଚ୍ଛା ହେଉଥିଲା, ଏହି ଦଳଭିତରୁ ମୁଁ ମଧ୍ୟ ଜଣେ ବୋଲି କହି ବଲଆର ସିଂହ ପରି ସର୍ବାଙ୍ଗରେ ବେଡ଼ି ପିନ୍ଧି ଏହି କୌତୁହଳ ପୂର୍ଣ୍ଣ ଜନତା ସମକ୍ଷରେ ଚାଲିଥାନ୍ତି । କିନ୍ତୁ ଶ୍ୟାମ ରଥ ପରି ପିଶାଚକୁ ପୃଥିବୀ ପୃଷ୍ଠରେ ଛାଡ଼ି କାପୁରୁଷ ପରି ବନ୍ଦୀଶାଳରେ ପ୍ରବେଶ କରିବାକୁ ହେୟଜ୍ଞାନ କଲି । ଏ କେତେ ଦିନ ହେଲା ମୋର ସାହାଯ୍ୟକେନ୍ଦ୍ର, ବୁଭୁକ୍ଷୁ ନର ନାରୀ, କେହି ଦୃଷ୍ଟି ପଥରେ ପଡ଼ୁ ନାହାନ୍ତି । ଅତ୍ୟାଚାରୀ ଦୁର୍ବୃତ୍ତ ପଶୁ-ଗୋଷ୍ଠୀ ମଧ୍ୟରେ ମନୁଷ୍ୟ କିଅଁ ରହିବା କଠିନ । ଦିନେ ମନେ କରୁଥିଲି ଧର୍ମ ବଳରେ ଅଧର୍ମକୁ, ପୁଣ୍ୟବଳରେ ପାପକୁ ଦମନ କରାଯାଇପାରେ । ଆଜି ସେ ଧାରଣା ଭ୍ରାନ୍ତ ମନେ ହୋଇଅଛି । ଭାବିଥିଲି ବିନା ରକ୍ତପାତରେ ଜଗତରେ ଶାନ୍ତି ସ୍ଥାପିତ ହୋଇ-

ଯାରେ । ସେତେବେଳେ ଅବଶ୍ୟ ପୃଥିବୀ ସହିତ ଏପରି ଘନିଷ୍ଠତାର ପରିଚୟ ଘଟି ନ ଥିଲା । ଆଜି ଦେଖୁଚି ଭାଇ ପୃଥିବୀ ପୃଷ୍ଠରେ ସଂହାରର ପ୍ରୟୋଜନ ଅଛି । ଜଗତ ସହିତ ନିକଟତର ସମ୍ପର୍କରେ ଆସି କ୍ରମେ ଏ ଧାରଣା ମୋର ବଦ୍ଧମୂଳ ହୋଇ ପଡ଼ୁଅଛି ।

ଭଲକରି ଜାଣେ ତୁମେ ଏହାର କୌଣସି ରୂପେ ସମର୍ଥନ କରିବ ନାହିଁ । ତୁମେ ମଧ୍ୟ ଜାଣିଅଛ ଯେଉଁ ଧାରଣା ମୋ ମନରେ ଦୃଢ଼ମୂଳ ହେଲଣି, ତାହାର ଉତ୍ପାଟନ ଆଉ ସମ୍ଭବ ନୁହେଁ । ସଂହାରକୁ ସମର୍ଥନ କଲାବେଳେ ମୁଁ ଏହାର ପରିଣାମ ଦେଖି ପାରୁଛି । ସବୁ ପରିଣାମ ପାଇଁ ମୁଁ ପ୍ରସ୍ତୁତ ଅଛି । ପରିଣାମର ଭୟରେ ମୁଁ କାପୁରୁଷ ହେବ ନାହିଁ, ଭାଇ ।

ଜଗତରେ ହିଂସା ଥିଲେ ପ୍ରତିହିଂସାର ମଧ୍ୟ ସ୍ଥାନ ଅଛି । ଶ୍ୟାମ ରଥ ପ୍ରଭୃତିଙ୍କ ପ୍ରତି ମୋର ହିଂସା ଅଛି କି ନା ମୁଁ ଭାବିବାକୁ ଯାଉନାହିଁ । ତୁମ 'ଗୀତାର' ଅହିଂସା ହତ୍ୟା ମୁଁ ପ୍ରଚାର କରିବାକୁ ଯାଇନାହିଁ; କିନ୍ତୁ ସଂହାର ମୋ ପକ୍ଷରେ ବର୍ତ୍ତମାନ ଏକାନ୍ତ ପ୍ରୟୋଜନ ହୋଇ ପଡ଼ିଅଛି । ଜଗତର ଅନ୍ୟାୟ ଅତ୍ୟାଚାର ସ୍ୱଚକ୍ଷୁରେ ଦେଖିବା ବର୍ତ୍ତମାନ ମୋ ପକ୍ଷରେ ଅସହଣୀୟ । କୌଣସି ଉପଦେଶ ପରାମର୍ଶ ଶୁଣିବା ପାଇଁ ମୁଁ ପ୍ରସ୍ତୁତ ନୁହେ । ସମସ୍ତ ପୃଥିବୀଟା ତାର ବିକଳ ନଗ୍ନମୂର୍ତ୍ତିରେ ଆଜି ମୋ ସମକ୍ଷରେ ଦଣ୍ଡାୟମାନ । ଶାସ୍ତ୍ରାଧ୍ୟୟନର କାଳ୍ପନିକ ଆବରଣ ଭିତରେ ତାକୁ ଦର୍ଶନ କରିବା ଆଜି ପ୍ରବଞ୍ଚନା ତୁଲ୍ୟ ବୋଧ ହେଉଛି ।

ମୋର ସମସ୍ତ ଜୀବନରେ ଆଜି ଯେ ଗୋଟାଏ ବିଶ୍ୱଧ୍ୱଂସୀ ହା ହୁତାଶ ଜଳି ଉଠିଚି, ତୁମେ ତାକୁ ଶାନ୍ତ କରିବା ପାଇଁ ଚେଷ୍ଟା କର ନାହିଁ । ତୁମର ମତ ଏହାର ସମ୍ପୂର୍ଣ୍ଣ ବିପରୀତ ହେଲେହେଁ

ତୁମେ ଯେ ମୋର ଦରଦୀ ବନ୍ଧୁ ସେଥିପାଇଁ ଆଜ ମୋର ଚିନ୍ତା ରାଜ୍ୟରେ ଯେ ପ୍ରବଳ ଝଞ୍ଜା ବହି ଯାଉଚି, ତାହାର ପ୍ରକାଶ ତୁମ ନିକଟରେ କଲି ।

ଅଳକା ଶିଶୁ, ତା ସମକ୍ଷରେ ମୁଁ କିଛି ପ୍ରକାଶ କରି ନାହିଁ । ତଥାପି ସେ ମୋର ଗତି ବିଧିରେ ସଂଶୟ କରି ନାନା ପ୍ରଶ୍ନ ପଚାରୁଚି ।

ଶୋଭାର ସନ୍ଧାନରେ ମୁଁ ଆଜ ସମସ୍ତ ଶକ୍ତି ନିୟୋଗ କରିଅଛି । କିନ୍ତୁ କାହିଁ ? କୌଣସି ଚିହ୍ନ ମଧ୍ୟ ତାର ଦେଖିବାକୁ ମିଳୁ ନାହିଁ । କି ପରିଣାମ ହୋଇଛି ତାର—ଅଳକାର ମଧ୍ୟ ସେପରି ପରିଣାମ ଆଶଙ୍କା ନ କରିବାର କଣ ଅଛି ? କିନ୍ତୁ କି ଦୋଷ ତାର କହ ତ । ଅବଳା ବୋଲି ନାରୀ ବୋଲି ତା ଉପରେ ଯଥେଚ୍ଛାଚାର ହୋଇଯିବ, ମୋହର ସମକ୍ଷରେ—ଅଥଚ ମୁଁ ବସି ବସି ନୀରବରେ ଗୀତା ଉପନିଷଦ୍ ପାଠ କରିବି । ଏ କ୍ଳୀବତ୍ୱ ଓ ହୀନତା କିପରି ସ୍ୱୀକାର କରିବି, ଭାଇ !

ନାହିଁ ଭାଇ, ଆଜ ଜୀବନ ନୁହେଁ ମୃତ୍ୟୁ । ସୃଷ୍ଟି ନୁହେଁ, ଧ୍ୱଂସ ! ସଂହାର !! ଅନାହାରର ନୀଚ ମୃତ୍ୟୁ ଅପେକ୍ଷା ଏହି ମୃତ୍ୟୁର ଆଜ ପ୍ରୟୋଜନ । ଧ୍ୱଂସର ଦେବତା ଆଜ ଡମ୍ବରୁ ଧାରଣ କରି ନୃତ୍ୟ କରି ଉଠୁ । ଜୀବନ ମରଣ ମଧ୍ୟରେ ସକଳ ଭେଦ ଘୁଞ୍ଚି ଯାଉ । ମହାମାନବର ସୃଷ୍ଟି କରିବା ପାଇଁ ଦୁଇଟା ବସ୍ତୁକୁ ଜଗତରୁ ଧ୍ୱଂସ କରିବାକୁ ହେବ ଭାଇ—ପିଶାଚ ଏବଂ ଦେବତା ! ନ ହେଲେ ମାନବ ଜୀବନ ଏଠାରେ ଅସମ୍ଭବ ହୋଇ ପଡ଼ିବ । ଜୀବନ ଅପେକ୍ଷା ମରଣ ଆଜ ଶ୍ରେୟ ଓ ସହଜ ହୋଇ ପଡ଼ିଅଛି ।

ଶୁଣି ସୁଖୀ ହେବ, ଅପ୍ରତ୍ୟାଶିତ ଭାବରେ ଅଳକାର ସ୍ୱାମୀ ବିଦେଶରୁ ଫେରି ଆସିଅଛି । ସୁତରାଂ ଅଳ୍ପଦିନ ମଧ୍ୟରେ ଅଳକା ତାର ସ୍ୱାମୀଗୃହକୁ ଯିବ ।

ସନୁ ।

ଏ ପତ୍ର ସହିତ ଶୁଭକାନ୍ତ ଅନ୍ୟ ଏକ କ୍ଷୁଦ୍ର ପତ୍ର ଲାଭ କଲେ ଅଳକାଠାରୁ । ସନାତନର ଅବସ୍ଥା ଦେଖି ସେ ଅତ୍ୟନ୍ତ କାତର ହୋଇ ପଡ଼ିଅଛି ଏବଂ ସ୍ୱୀୟ ନବୁଦ୍ଧିତାରୁ ଶୋଭାର ଜୀବନ କାହାଣୀ ସନାତନ ସମକ୍ଷରେ ପ୍ରକାଶ କରି ତୀବ୍ର ଅନୁତାପ ଭୋଗ କରୁଅଛି । ଶୋଭା ନିରୁଦ୍ଦେଶ ହେବା ଦିନଠାରୁ ସନାତନ ଦିବା-ରାତ୍ରି ତାର ଅନୁସନ୍ଧାନରେ ବୁଲୁଚି । ଅତ୍ୟନ୍ତ ବିବ୍ରତ ହୋଇ ଅଳକା ସେଦିନ ତାକୁ କହିଲା, 'ଏପରି ଘଟନା ତ କେତେ ସଂସାରରେ ଘଟୁଛି । ତୁମେ ଅସ୍ଥିର ହେଲେ କଣ କରିପାରିବ ?' ମୁଷ୍ଟିବଦ୍ଧ କରି ସେ ଦନ୍ତରେ ଦନ୍ତ ଚାପି କହିଲା, କଣ କରିବି ?—ଦେଖିବୁ ଅଳକା ?'

ତା ପରେ ହଠାତ୍ ଉଠିଯାଇ ଦେବୀ ଗୃହରେ ପ୍ରବେଶ କଲା ଏବଂ ଦେବୀ ପାର୍ଶ୍ୱରେ ସ୍ଥାପିତ ବହୁଦିନର କଳଙ୍କିତ ପୁରାତନ ଖଡ୍‌ଗଟାକୁ କୋଷ୍‌ମଧ୍ୟରୁ ନିଷ୍କାସିତ କରି କହିଲା, 'ଦେଖୁଚୁ ଅଳକା, ଏ ଜନସଙ୍ଗା କେବଳ ଫୁଲ ଚନ୍ଦନରେ ଆଜଯାଏ ପୂଜାପାଇ ଆସୁଥିଲା । ଏଥିମଧ୍ୟରେ ନିଷ୍ଟୟ ଏହା ଜୀବନ୍ତ ହୋଇ ଉଠିଥିବ । ଜୀବନ୍ନ୍ୟାସ ମନ୍ତ୍ର ଦିଆଯାଏ, ଜାଣୁ ତ, ସେ ମନ୍ତ୍ରରେ ଜଡ଼ବସ୍ତୁଗୁଡ଼ାକ ମଧ୍ୟ ଚୈତନ୍ୟ ଲାଭ କରନ୍ତି ।'

ତାର ଧାରରେ ହାତ ଲଗାଇ କହିଲା, 'ବେଶ ଅଛି, ମନ୍ଦ ଭୁଲିବ ନାହିଁ ।' ତତ୍ପରେ ପାଣି ଦେଇ ତାର ଧାର ଘଷିବାକୁ ଲାଗିଲା । ଘଷାଖାଇ ଲୁହାଟା ଚକ୍ ଚକ୍ ହୋଇ ଉଠିଲା ।

ଗମ୍ଭୀର ଦୃଷ୍ଟିରେ ଅଳକା ପ୍ରତି ଚାହିଁ କହିଲା, 'ଦେଖୁଛୁ ଅଳକା—ଖଡ୍‌ଗଟା ଖାଲି ଫୁଲ ସିନ୍ଦୂରରେ ପୂଜା ପାଇ ଆସିଥିଲା, କିନ୍ତୁ ଯେଉଁ ପୂଜା ପାଇଲେ ସେ ସନ୍ତୁଷ୍ଟ ହୁଅନ୍ତା, ତାହା ତାକୁ କେହି ଦେଇ ନାହିଁ ।'

ସେହି ଖଡ୍‌ଗଟାକୁ ଧରି ସେ ପ୍ରତିରାତିରେ ଗୃହରୁ ବହିର୍ଗତ ହୋଇଯାଏ ଏବଂ ନିଶା ଶେଷକୁ ପ୍ରତ୍ୟାବର୍ତ୍ତନ କରେ । ପୁଲିସ ଘର ତଲ୍ଲାସ କରିବା କାଳରେ ଖଡ୍‌ଗଟାକୁ କାହିଁ ଲୁଚାଇ ରଖିଥିଲା ।

ଅଳକାର ବାରମ୍ବାର ଅନୁନୟରେ ମଧ୍ୟ ସେ ଶୁଭକାନ୍ତ ନିକଟ ପତ୍ର ଦେଉ ନ ଥିଲା, 'ନା, ନା, ସେ ଆସିଲେ ସବୁ ପଣ୍ଡ କରିଦେବେ ।' ଅଳକା ନିତାନ୍ତ ବାଧ କରି ଏବେ ଏହି ସମ୍ବନ୍ଧିତ ପତ୍ର ତା ଦ୍ୱାରା ଲେଖାଇ ଅଛି ।

ସମସ୍ତ ସମ୍ବାଦ ଦେଇ ଶୁଭକାନ୍ତକୁ ଶୀଘ୍ର ଯଥାବିହିତ କରିବା ପାଇଁ ଅଳକା ସର୍ବଶେଷରେ ସାନୁନୟ ପ୍ରାର୍ଥନା କରିଅଛି ।

## ଏକବିଂଶ ପରିଚ୍ଛେଦ

ଶୋଭାକୁ ସନାତନ ଯେଉଁ ଥାନା ଦ୍ୱାରରେ ବସାଇ ଯାଇଥିଲା, ଏଥିପୂର୍ବେ ଶୋଭା ସେ ସ୍ଥାନକୁ ବହୁବାର ଦେଖିଛି । ସେଠାରେ ବସିବାକୁ ତାର କୌଣସି ଭୟ ନ ଥିଲା—ଲଜ୍ଜାଭୟ ସେ ତ୍ୟାଗ କରିଅଛି । ଆକାଶରେ ଭାଦ୍ରବର ଧଳା ବଉଦ ଖଣ୍ଡ ଖଣ୍ଡ ହୋଇ ସୂର୍ଯ୍ୟ ମୁଖରେ ଭାସି ଯାଉଥିଲା । ଶୋଭା ନୀରବରେ ବସି ଆକାଶକୁ ଚାହିଁ ରହିଲା । ମେଘର କ୍ରୀଡ଼ା ଦର୍ଶନ କରି ତା ମନରେ କି ଚିନ୍ତା ଉଦ୍ରେକ ହେଲା ସେହି ଜାଣେ; କିନ୍ତୁ କିଛି କାଳପରେ ଦେଖିଲା ତାର ସମ୍ମୁଖରେ କିଏ ଜଣେ ଦଣ୍ଡାୟମାନ ହୋଇ ରହିଅଛି । ଶୁଭ୍ର ସୂର୍ଯ୍ୟାଲୋକରେ ସେ ଯେପରି ଘନ ଅନ୍ଧକାର ସୃଷ୍ଟି ।

ଲୋକଟାର କୃଷ୍ଣ ଓଷ୍ଠ ମଧ୍ୟରୁ ଦୁଇଟା ଦଶନ ଧୀରେ ଧୀରେ ମୁକ୍ତ ହୋଇ ଆସିଲା । ସେ ଯେପରି ଦଶନ ନୁହେଁ,—ଚର୍ମହୀନ ଅସ୍ଥି । ଶୋଭା ଘୃଣାରେ ଭ୍ରୂକୁଞ୍ଚିତ କରି କହିଲା, 'କିରେ, କଣ ଦେଖୁଚୁ ?' ସେହି ଦନ୍ତ ଦୁଇଟା ଉପରେ ଓଷ୍ଠ ସ୍ପର୍ଶ କରି ଲୋକଟା କହିଲା, 'ତତେ ।'

'ମୋତେ ? ମୁଁ କଣ ମଲିଣି କି ?' ଲୋକଟାର ଆଉ କେତେଟା ଦାନ୍ତ ବାହାରକୁ ଦେଖାଗଲା । ବୋଧହୁଏ ହସିଲା— 'ଆଉ କଣ ବଞ୍ଚିଛୁ ?'

‘ମୁଁ ମରିଥିଲେ, ମୋ ଆଗରୁ ତୁ ମରି ସାରିଚୁ—ସମସ୍ତଙ୍କ ଆଗରୁ ତୁହି ମରିଚୁ, ଜାଣୁ ନା ?’

‘ନା ଜାଣେ ନାହିଁ—ଯେ ମରିଚି ଜାଣି ପାରିଲେ ସେ ଆଉ କଣ ମରନ୍ତା ?’ ତାପରେ ଚତୁଷ୍ପାର୍ଶ୍ୱକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ଧୀରେ ଧୀରେ କହିଲା, ‘ସେ ଗହଣାତକ ସେମିତି ରହିଚି—ନବୁ ନାହିଁ, ଶୋଭା ?’

‘ମଲା ମଣିଷଙ୍କ ଗହଣା ? ରଖିଥା ।’

‘ମଲା ମଣିଷ କଣ ସେଥିରେ ଲାଗି ଯାଇଛନ୍ତି ? ତୁ ନ ନେଲେ ତାକୁ ମୁଁ କଣ କରିବି ?’

‘ପାଣିକି ଫିଙ୍ଗିଦେ ।’

‘ହଉ ଫିଙ୍ଗିଦେବି । ତୁ ଥରେ ଖାଲି ଦେଖି ଆସିବୁ ଚାଲ ।’

ଶୋଭା ଯେତେବେଳେ ହାକିମଙ୍କ ପାଖରେ ଥିଲା, ସେହି ସମୟରୁ ସେ ଏ ଲୋକଟିକୁ ଜାଣେ । ଲୋକଟା ମଧ୍ୟେ ମଧ୍ୟେ ଶ୍ୟାମ ରଥଙ୍କ ଘରୁ ପଇଡ଼ ନଡ଼ିଆ ମାଛ କଦଳୀ ଆଦି ରସଦ ଘେନିଯାଏ । ଶୋଭାର ଗର୍ଭବସ୍ଥାରେ ଏହି ଲୋକଟା ତାକୁ ଔଷଧ ନେଇ ଦେଇଥିଲା । ମାଛ ଧରିବା ଆଦି ଯାହା ଯେତେବେଳେ ନିଏ ହାକିମଙ୍କ ଆଦେଶ ମତେ ଶୋଭା ନିକଟରେ ରଖିଦିଏ,—ବିଶେଷତଃ ଯେଉଁ ସମୟ ମଧ୍ୟରେ ଶୋଭା ଦାସୀବୃତ୍ତି କରୁଥିଲା—ସେହି ସୂତ୍ରରେ ଶୋଭା ସହିତ ଦୁଇ ଚାରିପଦ ଆଳାପ କରିବାକୁ ମଧ୍ୟ ଛାଡ଼େ ନାହିଁ । ଲୋକଟାର ରୂପ କୁତ୍ସିତ ହେଲେହେଁ ଶୋଭା ନିଜର ନିଃସମ୍ବଳ ଅବସ୍ଥାରେ ତାଠାରୁ ଅଯାଚିତ ସୌଜନ୍ୟ ଲାଭକରି କଥୋପକଥନରେ ଯୋଗ ଦିଏ । ଶୋଭା ସହିତ ଘନିଷ୍ଠତା କରିବା ପାଇଁ ତାର ହମେ

ଅଧିକ ବ୍ୟଗ୍ରତା ଦେଖାଗଲା । ମଧ୍ୟେ ମଧ୍ୟେ ଶୋଭା ସହିତ ଆଳାପ କରିବା ଲାଗି ନିଜ ଇଚ୍ଛାରେ କିଛି କିଛି ଭେଟି ଆଣିବାକୁ ସେ ଲାଗିଲା ଏବଂ ଶୋଭା ନିକଟରେ ନିଜର ଅତି ଗୋପନୀୟ ବୃତ୍ତାନ୍ତ ମଧ୍ୟ ପ୍ରକାଶ କଲା । କିପରି ସେ ମୃତ ଓ ଅର୍ଦ୍ଧ ମୃତ ନରନାରୀମାନଙ୍କର ସଞ୍ଚିତ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ଆଦି ଅପହରଣ କରି ଶ୍ୟାମ ରଥଙ୍କୁ ବିକ୍ରୟ କରେ, କିପରି ସେ ଅନଶନ ପୀଡ଼ିତା ସ୍ତ୍ରୀପ୍ରୁ ସ୍ତ୍ରୀ ସହିତ ଆହାର ପାଇଁ କଳହ କରି ତାକୁ ହତ୍ୟା କରିଅଛି । ଅବଶ୍ୟ ତାର ସ୍ତ୍ରୀ ନିଜେ ବଡ଼ ମନ୍ଦ ଥିଲା । ଦେଖିବାକୁ ଅତ୍ୟନ୍ତ କୁରୂପା—ଶୋଭାର କନିଷ୍ଠ ଅଙ୍ଗୁଳି ସହିତ ମଧ୍ୟ ତାର ରୂପର ତୁଳନା ହୋଇ ପାରେ ନାହିଁ ।

ଶୋଭା ନିଜ ରୂପର ପ୍ରଶଂସା ଶୁଣି ହସେ; କିନ୍ତୁ ଲୋକଟାର ଆଚରଣ ଶୁଣି ତାର ଆପାଦମସ୍ତକ ଭୟ ଓ ଘୃଣାରେ ସଙ୍କୁଚିତ ହୋଇ ପଡ଼େ । ସେ ଆଉ ଗଳ୍ପ ଶୁଣିବାକୁ ଆଗ୍ରହ ନ କରି ସେ ସ୍ଥାନରୁ ଉଠି ଚାଲିଯାଏ । ଲୋକଟା ପୁନର୍ବାର ଆସେ । ନିଜେ କେତେ ପରିମାଣରେ ଅଳଙ୍କାର ସଞ୍ଚିତ କରି ରଖିଅଛି ବର୍ଣ୍ଣନା କରେ ଏବଂ ଶୋଭା ଦେହରେ ସେ ଗହଣାଗୁଡ଼ିକ କେଡ଼େ ସୁନ୍ଦର ମାନବ ଇତ୍ୟାଦି ପ୍ରଲୋଭନ ଦେଖାଏ । ଶେଷରେ ଦିନେ ଶୋଭା ସହିତ ଏପରି ଏକ ପ୍ରସ୍ତାବ କଲା ଯେ, ତାହାର ଫଳରେ ଶୋଭା ହାତରୁ ଗୋଟିଏ ଦୃଢ଼ ଚପେଟାଘାତ ଲାଭ କରି ତାକୁ ବିଦାୟ ନେବାକୁ ହେଲା ।

ସେହିଦିନୁ ତା ସହିତ ଶୋଭାର ଆଉ ସାକ୍ଷାତ ନ ଥିଲା । ଲୋକଟି ସେଦିନ ଗଣ୍ଡଦେଶରେ କରତଳ ସ୍ପର୍ଶକରି ଫେରିଯିବା ପରେ ଶୋଭା ମନରେ ଅବଶ୍ୟ ଦୁଃଖ ଜାତ ହୋଇଥିଲା । କାରଣ

ପୁରୁଷକୁ ପ୍ରହାର କରିବା ଏହି ତାର ପ୍ରଥମ; କିନ୍ତୁ ଲୋକଟା ସେ ସମସ୍ତ ଭୁଲିଯାଇ ଆଜି ମଧ୍ୟ ପୂର୍ବପରି ହସି ଯେପରି ଆଳାପ ଆରମ୍ଭ କଲା, ତାର ରୂପକୁ ଦେଖି ଏବଂ ତାର ଚରିତ୍ର ସ୍ମରଣ କରି ଶୋଭାର ପ୍ରଥମେ ଘୃଣା ଜାତ ହୋଇଥିଲେହେଁ ତାର ବ୍ୟବହାରରେ ତାଙ୍କ ପ୍ରକୃତି ଟିକିଏ ନତ ନ ହୋଇ ରହି ପାରିଲା ନାହିଁ ।

ସେ ଯେ ଧନେ ତାହା ପ୍ରତି ଅତ୍ୟନ୍ତ ରୂଢ଼ ବ୍ୟବହାର କରିଥିଲା, ସେହି କଥା ତାର ମନେ ପଡ଼ିଲା ଏବଂ ସେ ସକଳ ଭୁଲିଯାଇ ଲୋକଟା ତଥାପି ତାହା ପାଇଁ ସେହି ଅଳଙ୍କାର ଗୁଡ଼ିକ ଏ ପର୍ଯ୍ୟନ୍ତ ସଞ୍ଚିତ କରି ରଖିଅଛି ଏବଂ ଏବେ ମଧ୍ୟ ତାହା ତାଙ୍କୁ ଉପହାର ଦେବାକୁ ପ୍ରସ୍ତୁତ ଅଛି, ଏପରି କି ଥରେ ତାଙ୍କୁ ଦେଖାଇବା ପାଇଁ ସେ ପରମ ପୁରୁଷାର୍ଥ ଜ୍ଞାନ କରୁଅଛି । ଦେହ ଓ ମନର ଏପରି ବିକଳ ଅବସ୍ଥାରେ ଏବଂ ଜଗତରେ ସହାୟହୀନ ବନ୍ଧୁହୀନ ଅବସ୍ଥାରେ ସେ ଲୋକଟିଠାରୁ ଏତେଦୂର ଆଦର ପାଇ ଶୋଭା ଗାତ୍ରୋତ୍ଥାନ କଲା । ହାକିମ ଦାରୋଗା କିମ୍ବା ଶ୍ୟାମ ରଥଙ୍କ ଠାରୁ ତାର ଏହି ଦୁରବସ୍ଥା ଲାଗି ପ୍ରତିଶୋଧ ନେବାର ଆକାଂକ୍ଷା ତାର ଆଦୌ ନ ଥିଲା । କେବଳ ସନାତନ ଦ୍ୱାରା ବାଧ୍ୟ ହୋଇ ସେ ଏ ପର୍ଯ୍ୟନ୍ତ ଆସିଥିଲା । ଏହି ପୂର୍ବପରିଚିତ ଲୋକଟିକୁ ଦେଖି ସେ ସମସ୍ତ ଭୁଲିଗଲା । ତା ପକ୍ଷରେ ବର୍ତ୍ତମାନ ସବୁ ସମାନ—ହାକିମ ଦାରୋଗା, ଶ୍ୟାମ ରଥ, ଶୁଭକାନ୍ତ, ସନାତନ, ଆଉ ଏହି ଲୋକଟି । ତାଙ୍କୁ ଉଠିବାର ଦେଖି ଲୋକଟି ପଚାରିଲା, 'କଣ ଯିବୁ ?'

ଶୋଭା ମନ୍ଦ ସ୍ମିତ ବଦନେ କହିଲା, 'ହଁ ଚାଲ, କେତେ ବାଟ ?'

'ଏଇ ଅଳ୍ପ ବାଟ' କହି ଲୋକଟା ଆଗେ ଆଗେ ଚାଲିଲା ଏବଂ ଶୋଭା ତାର ଅନୁସରଣ କରିବାକୁ ଲାଗିଲା ।

ଥାନା ଦ୍ୱାରରେ ଶୋଭକୁ ଦେଖିବାକୁ ନ ପାଇ ସନାତନ ଯେତେବେଳେ ଅପ୍ରସ୍ତୁତ ହୋଇ କୃପାନାଥଙ୍କ ନିକଟକୁ ଫେରି ଆସିଲ ଏବଂ ଶ୍ୟାମ ରଥଙ୍କ ଶ୍ଳେଷବାକ୍ୟରେ ଔଦ୍ଧତ୍ୟ ପ୍ରକାଶ କରି ସିପେହି କର୍ତ୍ତୃକ ସେଠାରୁ ବହିଷ୍କୃତ ହେଲା, କୃପାନାଥ ଦାରୋଗା ଓ ଶ୍ୟାମ-ରଥଙ୍କୁ ଏକାନ୍ତରେ କହିଲେ, 'କଣ କରିବା, ଅବସ୍ଥା ତ ବଡ଼ ଗୁରୁତର ହୋଇ ପଡ଼ିଲା । ରଥେ, ତୁମେ ଏହାର କିଛି ପ୍ରତିକାର ନ କଲେ ହେବ ନାହିଁ । ଆମମାନଙ୍କର ଯେପରି ଅବସ୍ଥା ହେଲାଣି ମୁଁ କମ୍ବା ଦାରୋଗା ବାବୁ ଏଥିରେ ଚିହ୍ନା ପଡ଼ିଲେ ଠିକ ହେବ ନାହିଁ ।'

ଦାରୋଗା ବାବୁ ମଧ୍ୟ ହାକିମଙ୍କ କଥାର ସମର୍ଥନ କରି କହିଲେ, 'ହଁ ରଥେ, ମୁଁ କମ୍ବା ଦାରୋଗା ବାବୁ ନାହିଁ ନାହିଁ ମୁଁ କମ୍ବା ସିପେହି—ହି, ହି, ମୁଁ କମ୍ବା ହାକିମ ସାହେବ ।'

କୃପାନାଥ କହିଲେ, 'ଏଥିରେ ଭୟ କରିବାର କିଛି ନାହିଁ, ଦାରୋଗା ବାବୁ । ଏହି ଟୋକାଟାର ଧମକରେ ଆମେ ଭୟ କରି ଯିବା ?'

ଦାରୋଗା ବାବୁ ନିଜର ପରିଧେୟ କୋଟର ପ୍ରାନ୍ତ ଦେଶ ଟାଣି ସଜାଡ଼ି ହୋଇ ବସିଲେ । ହି, ହି, ଏହି ଟୋକାଟାର ଧମକ-ରେ ଆମେ ଭୟ କରି ଯିବା । କଦାପି ନୁହେ ।'

'ଆଜ ପୁଣି ସିପେହି ହାତରୁ ଯେଉଁ ଉତ୍ତମ ମଧ୍ୟମଟିକ-ପାଇଛ, ସାତ ଜନ୍ମରେ ତାକୁ ଭୁଲିବ ନା ?'

'ହି, ହି, କଣ ରଥେ ? ସାତ ଜନ୍ମରେ ତାହା ସେ ଭୁଲିବ ନା ?'

ଶ୍ୟାମ ରଥଙ୍କୁ ଉଦ୍ଦେଶ୍ୟ କରି କୃପାନାଥ କହିଲେ, 'ରଥେ, ତମେ ଟିକିଏ ଏତେବେଳେ ସାହାଯ୍ୟ ନ କଲେ ହେବ ନାହିଁ। କଣ କହୁଚ ?'

ମୃଦୁ ହସି ରଥେ ଉତ୍ତର କଲେ, ହଜୁରଙ୍କୁ ମୁଁ ହେଇ ମୁଣ୍ଡି କଣ ସାହାଯ୍ୟ କରିପାରେ, ତେବେ ଏହି ଶୋଭା ଯେ ଘର ଘର ବୁଲି ପ୍ରଚାର ଆରମ୍ଭ କରିଚ୍ଛି, ସେତିକ ବନ୍ଦ କରି ଦେଲେ ତ ପାପଗଲା।'

କୃପାନାଥ ଆଶ୍ୱସ୍ତ ହୋଇ କହିଲେ, 'ବାସ୍, ଆମର ଆଉ କଣ ଦରକାର କି ? ତେବେ ଏହା ସମ୍ଭବ ହେବ କିପରି ?' 'ସବୁ ଭାବ ଠିକ୍ କରିଚ୍ଛି, ହଜୁର। ସମ୍ଭବ ଅସମ୍ଭବ କଥା ମୋ ହାତରେ। ହଜୁର ନିଶ୍ଚିନ୍ତରେ ବସନ୍ତୁ। ମୁଁ ବର୍ତ୍ତମାନ ଉଠିଲି। ବିଳମ୍ବ କରିବା ଠିକ୍ ହେବ ନାହିଁ।'

ରଥଙ୍କ ପ୍ରତି ସମ୍ମାନ ଦେଖାଇବା ପାଇଁ ଅଥବା ଉତ୍ସାହ ଦେବାପାଇଁ କୃପାନାଥ ଆସନ ତ୍ୟାଗ କରି ଦଣ୍ଡାୟମାନ ହେଲେ, ଦାରୋଗା ବାବୁ ମଧ୍ୟ ଆପ୍ୟାୟିତ ଦୃଷ୍ଟିରେ କୃପାନାଥଙ୍କର ଅନୁକରଣ କଲେ। ଥାନା ଦ୍ୱାରରେ ଉପସ୍ଥିତ ହୋଇ ଶ୍ୟାମ ରଥ ଚତୁଷ୍ପାର୍ଶ୍ୱକୁ ଥରେ ଦୃଷ୍ଟି ନିକ୍ଷେପ କଲେ, ତତ୍ପରେ ନିଜର ଗୃହାଭିମୁଖୀ ହେଲେ। ଧନ କ୍ଷମତା ! ଏହାଠାରୁ ବଳି ଇପ୍ସିତ ବସ୍ତୁ ଜଗତରେ ଆଉ ଅଛି କଣ ! ପ୍ରତିପତ୍ତି, ସମ୍ମାନ, ସୁଖ—କାହାପାଇଁ ସବୁ ? ଏହି ଧନ। ଏହି ଧନବଳରେ ମଧ୍ୟ ଲୋକ ଧର୍ମ କ୍ରୟ କରୁଛି; ସମାଜରେ ଜଣେ ବୋଲି ପରିଗଣିତ ହେଉଛି। ନିଜ ଜୀବନରେ ରଥେ ଏହା ଅନୁଭବ କରିଅଛନ୍ତି। ଯେତେବେଳେ ସେ ନିର୍ଦ୍ଧନ ଥିଲେ, ଜଜମାନୀରେ ପରିବାର ପୋଷଣ କରୁଥିଲେ,

ସେତେବେଳେ କାହାରି ଦୃଷ୍ଟି ତାଙ୍କ ଉପରେ ପଡୁ ନ ଥିଲା । ସାମାନ୍ୟ ଲୋକଟାଏ ମଧ୍ୟ ତାଙ୍କୁ ଜବାବ ଦେଉଥିଲା । କିନ୍ତୁ ଆଜି ? ଆଜି କଣ ? କୃପାନାଥଙ୍କ ପରି ଏତେ ବଡ଼ ଲୋକଙ୍କ ସହିତ ଏକ ଆସନରେ ବସିବାର ଅଧିକାର ତାଙ୍କୁ ମିଳିଚି । ବନ୍ଧୁଭାବରେ ବାକ୍ୟାଳାପ କରିବାକୁ କୃପାନାଥ ମଧ୍ୟ ଆନନ୍ଦ ଲାଭ କରୁଛନ୍ତି । ସେଥିପାଇଁ ଦାରୋଗା ବାବୁଙ୍କ ପରି ଲୋକଙ୍କଠାରୁ ମଧ୍ୟ ଖାତିର ମିଳୁଚି । ଆଉ ଅପର ଲୋକଙ୍କ କଥା ପଚାରେ କିଏ ? ଦାଣ୍ଡକୁ ବାହାରିଲେ ତ 'ଆଜ୍ଞା' 'ଅବଧାନ' କରି ପାଞ୍ଚଟା ପଛରେ ଗୋଡ଼ାଉଛନ୍ତି । ଏତେ ଲୋକଙ୍କ ଘର ତ ଡକାୟତି ହୋଇଗଲା । କିନ୍ତୁ ତାଙ୍କ ଘର ଡକାୟତ ହେବାରେ ହାକିମ ଦାରୋଗା କପରି ଲାଗି ପଡ଼ିଲେ ! ଶେଷରେ ପୁଞ୍ଜା ପୁଞ୍ଜା ଧରା ହୋଇ ଏବେ ହଜାଲ ଫାଟକରେ ପଡ଼ିଚନ୍ତି । ଏହି ଡକାୟତ ଦଳ ଧରା ହେବା ପରେ ତାଙ୍କର ଖାତିର କେତେ ଦୂର ବଢ଼ି ଯାଇଚି । ବାଟରେ ଦେଖିଲେ ଲୋକେ କପରି ଲସି ଯାଉଛନ୍ତି । ଆଉ କଣ ଦରକାର ? ଧନ ହେଲା, କ୍ଷମତା ହେଲା । କୃପାନାଥଙ୍କ ପରି ଲୋକ ତାଙ୍କ ହାତରେ । ସବୁବେଳେ ତ ତାଙ୍କ ଆପଦ ବିପଦ ବେଳକୁ ରହିଛନ୍ତି । ଗାଁ ଭିତରୁ ତ ବାରପଣ ଲୋକଙ୍କ ସମ୍ପତ୍ତି ତାଙ୍କର କରଗତ । ଆଉ ସାଇ ପଡ଼ିଶାଙ୍କ ଆଗ ଫୁଟାଣି ଅଛି କି ? ମଲା ମୂଷା ହୋଇ ସମସ୍ତେ ରହିଲେଣି । ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କର ଧନଶାଳୀ ଲୋକେ କେତେ ଖାତିର ଦେଖାଉଛନ୍ତି । ଯେଉଁମାନେ ହିନେ ଭ୍ରୂକ୍ଷେପ କରୁ ନ ଥିଲେ,ସେମାନେ ଆଜି ଆଦର ଅଭ୍ୟର୍ଥନା କରି ଗୃହ ମଧ୍ୟରେ ବସାଇଲେଣି । ଅବଶ୍ୟ କେବଳ ଧନ ବଳରେ ଏ ସବୁ ଲାଭ କରାଯାଇ ପାରେ । କିନ୍ତୁ କୃପାନାଥଙ୍କର ସାହଚର୍ଯ୍ୟ କଣ ଏଥିରେ ଅଳ୍ପ ସାହାଯ୍ୟ କରିଛି !

ବିଶେଷତଃ ଏହି ସନାତନ ପଥ ଯେଉଁ ସବୁ ବଜାତ ଲୋକ ଅଟନ୍ତି, ତାଙ୍କୁ ଜବତ୍ କରିବାକୁ କୃପାନାଥ ନ ହେଲେ ଆଉ କିଏ ?

ରଥଙ୍କର ପୂର୍ବରୂପ ବଦଳି ଯାଇଅଛି । ଦେହ ହୃଷ୍ଟ ପୁଷ୍ଟ, ଉନ୍ନତ ମସ୍ତକ, ସ୍ଫୀତ ବକ୍ଷ । ଗ୍ରାମର ସମୀପବର୍ତ୍ତୀ ଆମ୍ରବଣ ନିକଟରେ ଦେଖିଲେ, ଗୋଟିଏ ରମଣୀ ପୃଷ୍ଠରେ ଜଣେ ପୁରୁଷ ଧାବମାନ । ହଠାତ୍ ଚିହ୍ନିପାରିଲେ ବଣି ଆଉ ଶୋଭା ! ଦୁଇ ଲମ୍ଫରେ ଶୋଭାର ହସ୍ତ ଧାରଣ କରି ହସି ଉଠିଲେ, 'ବାଃରେ ବଣି—କିଏ ତତେ, ପୁରୁଷ ପିଲା କରି ଜନ୍ମ କରିଥିଲା ମ !' ଶୋଭା ହସ୍ତ ମୁକ୍ତ କରିବାକୁ ଚିତ୍କାର କରି ଉଠିଲା, ବଣିର ଶ୍ୱାସ ଖରତର ହୋଇ ବହିବାକୁ ଲାଗିଲା । ରଥଙ୍କ ପଦତଳେ ଲମ୍ବମାନ ହୋଇ ପଡ଼ି ଅସ୍ୱାଭାବିକ ସ୍ୱରରେ କ୍ରନ୍ଦନ କରି ଉଠିଲା, 'ତାକୁ ଛାଡ଼ିଦିଅ— ମୁଁ ତାକୁ ଡାକି ଆଣିଛି ।'

ରଥେ ପଦ ତଳରେ ଶାୟିତ ଲୋକଟିକୁ ଠେଲି ଦେଇ ବିସ୍ମିତ ହୋଇ କହିଲେ, 'ତୁ ଡାକି ଆଣିଛୁ ? କାହିଁକିରେ ?'

ବଣି କୌଣସି ଉତ୍ତର ନ କରି କେବଳ କହିଲା, 'ତୁମକୁ ସେ ଭାରି ଡରୁଚି । ଦୂରରୁ ତମକୁ ଦେଖିଲାକ୍ଷଣି ଦୌଡ଼ି ପଳାଉ ଥିଲା । ତାକୁ ଛାଡ଼ିଦିଅ ।'

ରଥେ ବିକଟ ହାସ୍ୟ ହସି ଉଠିଲେ । 'ହଃ, ଭାରି ତ ପ୍ରେମ ଉଚ୍ଛୁଳି ପଡ଼ୁଚିରେ । ଯେମିତି ଡେଡ଼େହେବା ଖଣ୍ଡେ ପାଇଛୁ ସେଥିରେ ପୁଣି ପ୍ରେମ । ଆଚ୍ଛା ଉଠ, ଉଠ ।'

ବଣିର କୃଷ୍ଣ ଅଙ୍ଗରେ ଧୂଳି ଲାଗି ସ୍ଥାନେ ସ୍ଥାନେ ଶୁଭ୍ର ହୋଇ ଯାଇଥିଲା । ସେ ଦଣ୍ଡାୟମାନ ହୋଇ ରଥଙ୍କ ମୁଖକୁ ଆଶାପୂର୍ଣ୍ଣ

ଦୃଷ୍ଟିରେ ଚାହିଁଲା । ରଥେ କୌତୁକ କରି କହିଲେ, 'କରେ ଆଜି କଣ ନୂଆ କଥା ବଣି ? ରଖିବୁ ତାକୁ ?'

ବଣିର କଣ୍ଠଟା କପରି ଅସ୍ୱାଭାବିକ ରୂପେ କରୁଣ ହୋଇ ଉଠିଥିଲା । 'ତମେ ତ ତାକୁ ଆଉ ଥାନାକୁ ନେବ ନାହିଁ ?'

'ଥାନାରେ ସେ କଣ କରିବରେ ? ସିପେହି ହବ ?'

ଶୋଭା ଠୋ ଠୋ ହସି ଉଠିଲା, 'ହଁ, ହଁ, ସିପେହି ହେବ, ଜମାଦାର ହେବ, ଦାରୋଗା ହେବ, ହାକିମ ହେବ ।'

'କନ୍ଲେ କଣ ସିଆଣିଆ ପାଗଳ ହେଇଚୁକେ । ଭଗ୍ୱତ ଗାଁ ଗାଁ ଯାକ ନାଗର ପିଟୁଚୁ ।'

'ପିଟିବ ଯୋଡ଼ି ନାଗରା, ମୁଁ ପାଗଳା କି ତୁ ପାଗଳା ।'

'ଚୁପ୍ କରି' କହି ରଥେ ତାର ଗଣ୍ଡଦେଶରେ ଗୋଟିଏ ଚପେଟାଘାତ କଲେ । ବଣି ଚମକି ପଡ଼ି କହିଲା, 'ହେ' ତମେ ତାକୁ ମାରୁଚ—ମାଇପିଟାଏ ।'

'କରେ ଭଗ୍ୱ ତ ଉପଦେଶ ଦେଲୁଣି ବଣି । ସେ ମାଇପିଟାଏ, ତୁ ମର୍ଦ୍ଦଟାଏ ନା ?' ବଣି ତାର ସମସ୍ତ ଦନ୍ତପଂକ୍ତି ପ୍ରକାଶ କରି ରଥଙ୍କ ପ୍ରତି ଦୃଷ୍ଟିପାତ କଲା । ଶୋଭା ପ୍ରହାର ଲାଭ କରି ଶାନ୍ତ ହୋଇଗଲା । ଶ୍ୟାମ ରଥ ମନେ କଲେ, ହଁ ବଣିକୁ ହାତରେ ରଖିଲେ ମନ୍ଦ କଣ । ବିଶେଷତଃ ସେ ଯେଉଁ ଉପାୟ ଅବଲମ୍ବନ କରିବାକୁ ଯାଉଛନ୍ତି, ବଣିକୁ ସୁପାରିଶ କଲେ ତାଙ୍କ କାର୍ଯ୍ୟରେ କୌଣସି ବିଘ୍ନ ରହିବ ନାହିଁ; କହିଲେ, 'ଆ ବଣି, ତୋର ପାଖରେ ସେ ରହିବ, ତା ମୁଣ୍ଡ ଖରାପ ହୋଇଚନା । ଦେଖିଲୁ ମାଡ଼ଟା ବସିଲାକ୍ଷଣି କେମିତି ଚୁପ୍ ହୋଇଗଲା ।'

ତତ୍ପରେ ଶୋଭାର ପରମ ଶୁଭାକାଂକ୍ଷୀ ପରି ରଥେ ବଣି ସହିତ ପରାମର୍ଶ କରି ସ୍ଥିର କଲେ ଯେ, ଶୋଭା ବର୍ତ୍ତମାନ ବଣି ଗୃହରେ ରହୁ । କାରଣ ତାର ଘରେ ଅନ୍ୟ କେହି ନାହାନ୍ତି; କିନ୍ତୁ ତାର ଆହାରର ଆୟୋଜନ କରିବା ତ ବଣି ପକ୍ଷରେ ସମ୍ଭବ ନୁହେ । ସୁତରାଂ; ରଥେ ସେହି ଭାରଟା ଗ୍ରହଣ କଲେ । ମାଗିଖାଇ ଲୋକଟା, କେହି ତାର ନାହିଁ । ତାକୁ କିଛି ସାହାଯ୍ୟ କଲେ ତ ରଥଙ୍କର ପାଣିରେ ପଡ଼ିବ ନାହିଁ । ତାପରେ ତାର ପାଗଳାମୀ ଭଲ ହେଲେ ତେଣିକି ଯାହା କରିବାକୁ ହେବ ଦେଖାଯିବ । କିନ୍ତୁ ଗୋଟିଏ କଥା, ବଣି ତାକୁ କାହିଁ ଯେପରି ନ ଛାଡ଼େ । କୁଆ କୋଇଲିବି ତାକୁ ଦେଖିବାକୁ ନ ପାନ୍ତି । ସେଇ ଘର ଭିତରେ ସବୁ ବ୍ୟବସ୍ଥା କରିବାକୁ ହେବ କୌଣସି ଲୋକ ସହିତ ଯେପରି ତାର ଦେଖା ନ ହୁଏ କିମ୍ବା କଥା ନ ହୁଏ । ଆଉ ବଣି ମଧ୍ୟ ଯେପରି ଏ ସବୁ ଘଟଣା କାହାରି ଆଗରେ ପ୍ରକାଶ ନ କରେ ।

ବଣିର ଘରଟି ଗ୍ରାମ ମଧ୍ୟରେ ଏକାକୀ । ନିକଟରେ ତାର ପଡ଼ିଶା ଘର ନାହିଁ । ତଥାପି ଅନ୍ୟ କେହି ଲୋକ ଯେପରି ତା ଘରକୁ ନ ଆସନ୍ତି। ଏହିପରି ଗୋଟାଏ ପ୍ରସ୍ତାବ ବଣି ଆଶା କରୁଥିଲା । ଶ୍ୟାମ ରଥଙ୍କର ପ୍ରତି ପ୍ରସ୍ତାବକୁ ସେ ଅନ୍ତରର ସହିତ ଅନୁମୋଦନ କଲା । ମୁଖରେ ତାର ବିକୃତ ହାସ୍ୟ ଦେଖାଗଲା । ମନେ ମନେ ଭାବିଲା, 'ବା, ଶ୍ୟାମରଥ ତ ଆଚ୍ଛା ଲୋକ ।'

## ଦ୍ୱାବିଂଶ ପରିଚ୍ଛେଦ

ଶୋଭା କୌଣସି ଦ୍ୱିଧା ନ କରି ବଶି ଗୃହରେ ପ୍ରବେଶ କଲା । ଶ୍ୟାମରଥ ମଧ୍ୟ ସଙ୍ଗେ ସଙ୍ଗେ ଗଲେ । ଶୋଭାକୁ କେଉଁ ଗୃହରେ ବନ୍ଦ କରି ରଖିବାକୁ ହେବ ସେ ଘରଟି ବାଛି ଦେଲେ । ବଶିକୁ ସାବଧାନ କରିଦେଲେ ଯେ ସବୁବେଳେ ଯେପରି ଶୋଭାର ଗୃହ ଦ୍ୱାର ରୁଦ୍ଧ ହୋଇ ତାଲା ପଡ଼େ ଏବଂ ବଶି ଯଦି କୌଣସି ସମୟରେ ଗୃହ ମଧ୍ୟରୁ ଅନୁପସ୍ଥିତ ରହେ, ତେବେ ଯେପରି ଭଲ-ସ୍ୱରୂପେ ଘରେ ତାଲା ଦେଇଯାଏ ।

ବଶି ଆହ୍ଲାଦରେ ସହିତ ସବୁ ପ୍ରସ୍ତାବରେ ରାଜି ହୋଇ ଗଲା । ଶୋଭା ତାର ଗୃହଭିତରେ ରହିବ, ପୁଣି ଶ୍ୟାମ ରଥଙ୍କଠାରୁ ତାର ଖୋରାକଟା ବି ମିଳିବ । ଏହାଠାରୁ ବଳି ସୁଯୋଗ କଣ ଅଛି ! ଆଉ ଶୋଭା ତ କିଛି ସବୁବେଳେ ପାଗଳି ନୁହେଁ । ମଝେ ମଝେ ସୁସ୍ଥ ଲୋକପରି ସେ ତ କଥା କହୁଚି । ସବୁବେଳେ ତାଲା ବନ୍ଦ କରିବା ନ କରିବା କଥା ପରେ ଦେଖାଯିବ । ଏତେବେଳେ ସବୁ କଥାରେ ରାଜି ହୋଇ ଯିବା ତ ତାର ଦରକାର । ଶ୍ୟାମ ରଥଙ୍କ ହାତରୁ ପ୍ରହାର ପାଇ ଶୋଭା କିଛିକ୍ଷଣ ଚୁପ୍ ରହିଲା ।

କିନ୍ତୁ ତପୂରେ ସମକ୍ଷରେ ଏ ସକଳ ପ୍ରସ୍ତାବ ହେବା ସତ୍ତ୍ୱେ ସେ ବଡ଼ ବଡ଼ କରି କେତେ କଣ ଧୀରେ ଧୀରେ କହି ଚାଲିଥାଏ

ଏବଂ ମଝେ ମଝେ ହସି ଉଠୁଥାଏ । ଶୋଭାକୁ ଗୃହ ମଧ୍ୟରେ ରଖି ଦେଇ ଶ୍ୟାମ ରଥ କବାଟ ବନ୍ଦ କରି ତାଲା ଦେଲେ ଏବଂ ଗୃହଟିକୁ ବଣି ହାତକୁ ବଢ଼ାଇ ଦେଲେ । ସେତେବେଳେ ମଧ୍ୟ ଗୃହ ମଧ୍ୟରୁ ଶୋଭାର ଅର୍ଥହୀନ ଭାଷା ଓ ଅକାରଣ ହାସ୍ୟ ବାହାରକୁ ଶୁଣା ଯାଉଥାଏ । ଶ୍ୟାମ ରଥଙ୍କ ପଛେ ପଛେ ବଣି କିଛି ଦୂର ଯାଇ ତାଙ୍କଠାରୁ ଆବଶ୍ୟକୀୟ ଅନ୍ୟାନ୍ୟ ପରାମର୍ଶ ଶୁଣିଲା । ଫେରି ଆସି ଶୋଭାର ଦ୍ୱାର ନିକଟରେ କର୍ଣ୍ଣ ଦେଲା । ଶୋଭା ପୂର୍ବ ପରି କେତେବେଳେ ଧୀରେ ଧୀରେ, କେତେବେଳେ ଉଚ୍ଚସ୍ୱରରେ ଗଳ୍ପ କରୁଅଛି ଏବଂ ମଧ୍ୟେ ମଧ୍ୟେ ହାସ୍ୟ କରି ଉଠୁଛି । ବଣି ବନ୍ଦଦ୍ୱାର ନିକଟରେ ଡାକିଲା, 'ଶୋଭା' 'ଶୋଭା'; କିନ୍ତୁ ଶୋଭା ତାହା ଶୁଣିଲା ନାହିଁ, ପୂର୍ବପରି ଗଳ୍ପ କରିବାକୁ ଲାଗିଲା ।

ସନ୍ଧ୍ୟା ସମୟରେ ଶୋଭାର ଗଳ୍ପ ବନ୍ଦ ହେଲା । ବଣି ଦ୍ୱାରୋନ୍ମୁକ୍ତ କରି ଦେଖିଲା, ଶୋଭା ଶାନ୍ତ ହୋଇ ବସିଛି । ପଚାରିଲା, 'ଶୋଭା, ଗହଣା ପିନ୍ଧିବୁ ?' ଶୋଭା 'ଆଣ ଆଣ' କହି ଅସ୍ୱାଭାବିକ ସ୍ୱରରେ ହସି ଉଠିଲା । ବଣି ତାର ବହୁ ଯତ୍ନର ସଞ୍ଚିତ ଅଳଙ୍କାର ଗୁଡ଼ିକ ଆଣି ଶୋଭା ନିକଟରେ ରଖିଲା । ତନ୍ନ ତନ୍ନ କରି ଶୋଭା ସେ ଗୁଡ଼ିକୁ ଦେଖିବାକୁ ଲାଗିଲା ଏବଂ ନିଜର ହସ୍ତପଦରେ ଲଗାଇ ବଣିକୁ ଡାକିଲା, 'ଆ, ତୁ ଏଖଣ୍ଡ ପିନ୍ଧିବୁ ।'

ବଣି ବୁଝିଲା ଶୋଭାର ମସ୍ତିଷ୍କ ଏ ପର୍ଯ୍ୟନ୍ତ ଠିକ୍ ନାହିଁ । କହିଲା, 'ଧେତ୍, ତୁ ସିନା ପିନ୍ଧିଲେ ସୁନ୍ଦର ଦିଶିବୁ' ।

'ଆଉ ତୁ ସିନା ନ ପିନ୍ଧିଲେ ଯାଇଁ ସୁନ୍ଦର ଦିଶିବୁ ।' ଶୋଭା ପୁନର୍ବାର ହସି ଉଠିଲା, ସମସ୍ତ ରାତି ତାର ନିଦ୍ରା ଆସିଲା ନାହିଁ । କେବଳ ପ୍ରଳାପ ବକିବାକୁ ଲାଗିଲା । ଯେତେବେଳେ ବଣି ଉଠି

ତାର ଦ୍ୱାର ନିକଟରେ କର୍ଣ୍ଣ ରଖେ ଏହିପରି ପ୍ରଳାପ ବାକ୍ୟ ଶୁଣେ । ନିରାଶ ହୋଇ ସେ ନିଜ କକ୍ଷକୁ ଫେରି ନିଦ୍ରାଯାଏ ।

ଶୋଭାର ସୌନ୍ଦର୍ଯ୍ୟକୁ ଜଗତରେ ହରି ଅତି ଦୁର୍ଲ୍ଲଭ ବସ୍ତୁ ରୂପେ ଜ୍ଞାନ କରେ । ଶୋଭା ପ୍ରତି ତାର ଏତେ ଦୂର ଆକର୍ଷଣର କାରଣ ସେ ଚିନ୍ତା କରିବାକୁ ଯାଏ ନାହିଁ । କେବଳ ଶୋଭାକୁ ଦେଖିଲେ ତା ପ୍ରାଣରେ ଯେ ଆନନ୍ଦ ଜାତ ହୁଏ, ଜଗତରେ ଅନ୍ୟ କୌଣସି ବସ୍ତୁ ଦେଖି ସେ ତାହା ଅନୁଭବ କରି ନାହିଁ । ନିଜର ସ୍ତ୍ରୀ ହୋଇ ଯେ ତାର ଗୃହକୁ ଆସିଥିଲା ତାର ରୂପ ଯେପରି କୁତ୍ସିତ ଗୁଣ ମଧ୍ୟ ସେହିପରି । ପ୍ରତିଦିନ ଆହାର ପାଇଁ ହରି ସହିତ ସେ କଳହ କରେ, ପ୍ରହାର ଖାଏ, ପ୍ରହାର ଦିଏ । ଦିନେ ହେଲେ ସ୍ତ୍ରୀ ପୁରୁଷ ପରସ୍ପର ପ୍ରତି ହସି କଥା କହି ନାହାନ୍ତି । ସ୍ତ୍ରୀକୁ ଲାଭ କରିବାରେ ଆନନ୍ଦ କଣ ସେ ଜାଣି ନାହିଁ । କିନ୍ତୁ ଶୋଭା—ସେ ଯେପରି ସ୍ୱର୍ଗର ଅପ୍‌ସରା । ବୟସ ଯେତେ ହେଉ ନା କାହିଁକି, ତାର ରୂପଟି ହରି ନିକଟରେ ଅପାର୍ଥିବ ସୁଷମାର ସମଷ୍ଟି । ସ୍ୱଭାବ ମଧ୍ୟ କି ସୁନ୍ଦର ! ହରି ସିନା ସେହିପରି ଗୋଟାଏ ଅନ୍ୟାୟ କଥା କହିଥିଲା ବୋଲି ସେଦିନ ତାକୁ ସେ ଆଘାତ କଲା—ନ ହେଲେ ହରି ତାର ଶେଷ ଜୀବନଟା କେବଳ ଶୋଭାର ସେବା କରି କଟାଇ ଦେବାପାଇଁ ସୁଖକର ଜ୍ଞାନ କରୁଚି । ଆଜି ଅବା ଶୋଭାର ମସ୍ତିଷ୍କ ଖରାପ ହୋଇ ପଡ଼ିଚି; କିନ୍ତୁ ଚିରଦିନ କଣ ତାହା ରହିବ ! କେତେ ଲୋକ ତ ପୁଣି ପାଗଳ ହୋଇ ଭଲ ହୋଇ ଯାଉଚନ୍ତି । ଶୋଭା କଣ ଭଲ ହେବ ନାହିଁ ? ଭଲହୋଇ ସାରି ଯେତେବେଳେ ସେ ହରି ଗୃହରେ ରହିବ, ହରିର ଘର ତ ସ୍ୱର୍ଗପୁରୀ ହୋଇ ଉଠିବ । ଶୋଭା ତା ଗୃହରେ ରହିଲେ, ସେ ଆଉ କଣ ଏପରି ମାଟି ବୃତ୍ତି କରିବ ?

କିନ୍ତୁ ବଶିର ସବୁଠାରୁ ଦୁଃଖ ହେଲା, ଶୋଭାର ବାତୁଳତା ବୃଦ୍ଧିଲାଭ କରିବାର ଦେଖି, ଶ୍ୟାମ ରଥ ପ୍ରତିଦିନ ଥରେ ଦୁଇଥର ବଶିର ଗୃହକୁ ଆସନ୍ତି । ଶୋଭା କେତେବେଳେ ପ୍ରକୃତିସ୍ଥ କେତେବେଳେ ପାଗଳ । ଶ୍ୟାମ ରଥେ ବାଞ୍ଛା କରୁଥାନ୍ତି, ଶୋଭା ଯଦି ସମ୍ପୂର୍ଣ୍ଣ ପାଗଳ ହୋଇଯାଏ, ତେବେ ଯାଇଁ ରକ୍ଷା । ପାଗଳ ହୋଇ ଯେତେ ଯାହା କହୁ କଏ ତାର କଥା ଶୁଣୁଚି; କିନ୍ତୁ ମଧ୍ୟେ ମଧ୍ୟେ ଯେ ସୁସ୍ଥ ହୋଇ ପଡୁଚି, ସେହି ସବୁଠାରୁ ବଡ଼ ଭୟ । ସୁତରାଂ ଶୋଭାର ବାତୁଳତା ବୃଦ୍ଧିଲାଭ କରିବା କଥା ବଶି ଯେତେବେଳେ ରଥଙ୍କ ନିକଟରେ ସମ୍ବାଦ ଦିଏ ଏବଂ ତାହାର ଚିକିତ୍ସା ପାଇଁ ପ୍ରସ୍ତାବ କରେ ସେତେବେଳେ ରଥେ ମନେ ମନେ ଆତ୍ମପ୍ରସାଦ ଲାଭ କରି, ନାନା କଥାରେ ବଶିକୁ ଭୁଲାଇ ଦିଅନ୍ତି ଏବଂ ଶୋଭା ସୁସ୍ଥ ହେବାର ନାନା ମିଥ୍ୟା କାରଣ ଦେଖାଇ ତାକୁ ପ୍ରବୋଧ ଦିଅନ୍ତି ।

ଅଥର ଶୋଭା କ୍ରମେ ଅଧିକତର ଉନ୍ମାଦଗ୍ରସ୍ତ ହୋଇ ପଡ଼ିଲା । କୃପାନାଥ, ଶ୍ୟାମ ରଥ, ସିପେହି ଦାରୋଗା ଆଦି ନାନା ବିଷୟରେ ସେ ପ୍ରଳାପ କରେ । କେତେବେଳେ ଉଚ୍ଚ କେତେବେଳେ ନିମ୍ନସ୍ୱରରେ । ନିଜ ପୁଅକୁ କୋଡ଼ରେ ଧରି କ୍ରୀଡ଼ା କରିବାର ମଧ୍ୟ ଅଭିନୟ କରେ । ତାର ଶୁଶ୍ରୂଷାରେ ବଶିର ଅହରହ କର୍ମ ହୋଇ ପଡ଼ିଲା । ସେ ତାର ବହୁଯତ୍ନ ସଞ୍ଚିତ ଧନବ୍ୟୟ କରି ନାନା ଔଷଧ ଆଣି ଶୋଭାକୁ ଦିଏ । ଶୋଭା କେତେବେଳେ ତାର ଶୁଶ୍ରୂଷାକୁ ଅଗ୍ରାହ୍ୟ କରେ, କେତେବେଳେ ବଶିକୁ ପ୍ରହାର କରେ ଏବଂ ପରକ୍ଷଣରେ ଦୁଇ ବାହୁରେ ତାର ଗଳା ବେଷ୍ଟନ କରି ସ୍ନେହ ଆଦର କରେ । ବଶି ଏହି ଉନ୍ମାଦଗ୍ରସ୍ତା ରମଣୀର ଆଦରକୁ ପରମ

ସୌଭାଗ୍ୟ ମ୍ଳାନ କରେ । ଚକ୍ଷୁରୁ ତାର ଦୁଇ ବନ୍ଦୁ ମଳିନ ଅଶ୍ରୁ ଗଡ଼ିପଡ଼େ ।

ତନବଦନ ତନବସି ! ବଶି ନଜର ଆହାର ଶୟନ ଭୁଲିଗଲା । ଏହି ତନବଦନ ତନବସି ଯେପରି ସେ ତାର ସମସ୍ତ ଜୀବନରେ ବଞ୍ଚି ଉଠିଲା । ତାର ଅଶ୍ରୁହୀନ ଆନନ୍ଦହୀନ ଦୀର୍ଘ ଜୀବନ କାଳ ମଧ୍ୟରେ ଏହି ତନବଦନ ତନବସି ଉଜ୍ଜ୍ୱଳ ହୋଇ ଫୁଟିଲା । ଆଜି ତାର ସମସ୍ତ ଅତୀତ ଓ ସମସ୍ତ ଭବିଷ୍ୟତ ତମସାଚ୍ଛନ୍ନ ମୃତ୍ୟୁର ଅନ୍ଧକାର ମଧ୍ୟରେ ବିଲୀନ ।

ଭୃଷାସ୍ତ୍ର ବନ ଶୋଭା ତାକୁ କହିଲା, 'ମତେ ଧନବନ୍ତ ଏପରି ଗୋଟାଏ ଘରେ ବନ୍ଦକରି ରଖୁଚୁ କାହିଁକି ?'

ବଶି ପଚାରିଲା, 'କାହିଁକି ଶୋଭା ତୋତେ କଣ କଷ୍ଟ ହେଉଚି ?'

'କଷ୍ଟ ? ନାହିଁ ତୁ ଦେଖି ଗୋଟାଏ ଘରେ ବନ୍ଦୀ ହୋଇ ରହିଲୁ ? ଶ୍ୟମ ରଥକୁ ଧନେ ଆଣି ରଖିଲୁ । ତେବେ ସିନା ବୁଝିବୁ ସୁଖ କି କଷ୍ଟ ।'

ବଶିର ମନ ଆର୍ଦ୍ର ହୋଇ ଉଠିଲା । ସତେ ଶୋଭାକୁ ବଡ଼କଷ୍ଟ ହେଉଥିବ । ଗୋଟାଏ ଘରେ ମଣିଷ ବନ୍ଧୀ ହୋଇ ରହିଲେ ନିଶ୍ଚୟ କଷ୍ଟ ହେଉଥିବ । ପଚାରିଲା, 'ଶୋଭା, ତୋ ମନ କେତେବେଳେ କଣ ହେଉଚି । ପଳାଇ ଯିବୁ ନାହିଁ ତ ?'

ଶୋଭା ହସି ହସି କହିଲା, 'କୋଉ ଗାତକୁ ପଳାଇ ଯିବି ରେ ?'

କିନ୍ତୁ ଭୃଷାସ୍ତ୍ର ବନ ମଧ୍ୟାହ୍ନରେ ଶୋଭା ଅନ୍ତର୍ଦ୍ଧାନ ହୋଇଗଲା । ବଶି ଗୃହ ମଧ୍ୟକୁ ଆସି ଚତୁର୍ଦ୍ଦିଗ ଖୋଜିବାକୁ ଲଗିଲା । ସଙ୍ଗେ ସଙ୍ଗେ ଯାଇ ଶ୍ୟାମ ରଥଙ୍କୁ ସମ୍ବାଦ ଦେଲା । ରଥେ ପୂଜା

କରୁଥିଲେ । ଆହାର କରି ନାହାନ୍ତି । ବଶିଠାରୁ ଶୋଭାର ପଳାୟନ ସମ୍ବାଦ ପାଇ ତାର ଦୁଇ ଗଣ୍ଡଦେଶରେ ଯେଉଁ ପୁରସ୍କାର ଦେଲେ, ସେ ତାହା ମୁହୂର୍ତ୍ତରେ ଭୁଲିଯାଇ ରଥଙ୍କ ପଛେ ପଛେ ଶୋଭାର ଅନୁସନ୍ଧାନରେ ବାହାରିଲା ।

ଶୋଭା ଅବଶ୍ୟ ବେଶି ଦୂର ଯାଇ ନାହିଁ । ଗ୍ରାମର ନିକଟବର୍ତ୍ତୀ ଗୋଟିଏ ପୁଷ୍କରିଣୀ ତଟରେ ବସି ପୂର୍ବପରି ମନେ ମନେ ଗଳ୍ପ କରି ହସୁଚି । ରଥଙ୍କର କ୍ଷୁଧିତ ଜଠର ଉପରେ ମଧ୍ୟାହ୍ନର ରୌଦ୍ର ମସ୍ତିଷ୍କ ତାଙ୍କର ଉତ୍ତପ୍ତ ହୋଇ ଉଠିଥିଲା । ସେ ଉତ୍ତାପର ଶାନ୍ତିବିଧାନ କରିବା ପାଇଁ ଶୋଭାକୁ ପ୍ରହାର କରିବାକୁ ଉଦ୍ୟତ ହେଲାବେଳେ ବଶି ମଝିରେ ଠିଆ ହୋଇ କହିଲା, ସବୁ ଦୋଷ ମୋର । ତାକୁ ତମେ ମାର ନା ।' ବଶିର ମୁଖରୁ ଶୁଣି ରଥଙ୍କର ଏପରି କ୍ରୋଧାବସ୍ଥାରେ ମଧ୍ୟ ହାସ୍ୟଜାତ ହେଲା । ବଶି ସହିତ ତାର ଭଗ୍ନୀଙ୍କର ହେବାର ସମ୍ଭାବନା ସ୍ଥାପନ କରି ରଥେ କହିଲେ, 'କରେ ବଶି ଭଲ ମଣିଷ ଆଜ ହୋଇ ଗଲୁରେ । ଆଚ୍ଛା, ଆଚ୍ଛା, ତୋ ପାଖରେ ତାକୁ ଆଉ ଛାଡ଼ି କରି ନାହିଁ । ନିଧି ଯିମା ତାକୁ କରି ନ ଦେଲେ ଆଉ କେହି ସମ୍ଭାଳ ପାରିବେ ନାହିଁ ।' ବଶି ନିଜକୃତ ଅପରାଧ ପାଇଁ ସବୁଦଣ୍ଡ ବହନ କରି ମଧ୍ୟ ଶୋଭାକୁ ସଙ୍ଗରେ ନେବାପାଇଁ ରଥଙ୍କ ନିକଟରେ ବହୁ ଅନୁନୟ କଲା । କିନ୍ତୁ ସବୁ ଅନୁରୋଧ ତାର ପ୍ରତ୍ୟାଖ୍ୟାନ କରାଗଲା ।

ଶେଷରେ ବଶି ନିରାଶ ହୋଇ ଯେତେବେଳେ ଧମକ ଦେଲା ଯେ ଏ ସବୁ ଘଟନା ସେ ଘରିଆଡ଼େ ପ୍ରଚାର କରି ବୁଲିବ, ରଥେ ତାକୁ ଆଉ ଭୟ ପ୍ରଦର୍ଶନ ନ କରି କହିଲେ, 'ଦେଖ ବଶି, ତୋର ଏକୁଟିଆ ଘର । ଏ ପାଗଳା ଲୋକକୁ ତୁ ରଖି ଚଳାଇବା ସହଜ

ନୁହେ । ମୁଁ ତାକୁ ନଧି ଯିମା କରଦେବ । ଔଷଧ ମୋଷଧି ଦେଇ ଭଲ କରଦେବ । ତେଣିକ ତୋର ପାଖରେ ପୁଣି ଛାଡ଼ ଦେବ । ମୋର ପିଲ ପିଲର ଘର, ସବୁଦନେ କଣ ଏଇଟାକୁ ରଖିଥିବ । ଖାଲ ବାବୁଙ୍କର ତା ପ୍ରତି ଦୟା ଅଛି । ତାକୁ ଦେଖିବା ପାଇଁ ମଧ ମତେ କହିଛନ୍ତ—ନ ହେଲେ ଏମନ୍ତ ଦଶଗଣ୍ଡା ଛତର-ଖାଇ ମର ହଜଗଲେ ମୋ ମୁଣ୍ଡ କାହିଁକ ବଥାନ୍ତା କହିଲୁ ?'

ବଣି ଓଷ୍ଠ ବନ୍ଦ କର କହିଲ, 'ଓଃ, ବାବୁ ତାର ଯୋଉଁ ଉପକାର କରଛନ୍ତ—ମୁଁ କଣ ସବୁ ଶୁଣି ନାହିଁ କ ?'

ରଥେ ଭୟ ମିଶ୍ରିତ ସ୍ୱରରେ କହିଲେ, 'ଚୁପ ଚୁପ କଣ ହାତ କଡ଼ା ପିନ୍ଧିବାକୁ ମନ ଡାକୁଚ କରେ ତୋର ! ତା ମୁଣ୍ଡ ଖରପ—କେତେବେଳେ କଣ କହୁଚ ।'

'ହାତ କଡ଼ା ପଡ଼ିଲେ ମୋର କଣ ଏମନ୍ତ ହେଇଯିବ କ ? ସତ କଥା କହୁଚ—ତମେ ତାକୁ ମୋ ପାଖରେ ନ ଛାଡ଼ିଲେ ସମସ୍ତଙ୍କୁ କହିଦେବ ।'

ରଥେ ଅନ୍ୟ ଉପାୟ ନ ଦେଖି କହିଲେ, 'ଆଚ୍ଛା, ଭଲକଥା ତୋର ଘରେ ପଛେ ରହୁ । କନ୍ତୁ ଘର ଗୃହବଟି ନଧି ହାତରେ ରହିବ । ତୁ ତ ଏକୁଟିଆ ଲୋକ ବାରଆଡ଼େ ଯିବୁ । ନଧି ଆମଘରେ ଖାଲ ଗଣ୍ଡାଏ ଖାଇଦେଇ ତୋର ଘରକୁ ପଛେ ଯିବ । ତାକୁ ଜଗି ନ ରହିଲେ ଚଳବ କପର ।'

ନଧି ତାର ପିତା ଅପେକ୍ଷା ଚତୁର୍ଗୁଣ ଦୁଷ୍ଟ ବୋଲ ବଣି ଜାଣି ଅଛି । କହିଲ, 'ନଧିତ ତାକୁ ମାରଧର କରବ ନାହିଁ ?'

'ମାରଧର କରିବ କାହିଁକି ରେ, ଟିକୁ କଣ ଭୂତ ଲାଗିଛି ।'

କିନ୍ତୁ ନିଧିକୁ ଯେ ସବୁବେଳେ ଭୂତ ଲାଗିଛି, ଏ କଥା ବଣି ଭଲରୂପେ ଜାଣେ । ତଥାପି ତାର ନିଜ ଘରେ ଶୋଭା ରହିବାର ପ୍ରସ୍ତାବ ହେବାରୁ ନିଜ ଉପସ୍ଥିତିରେ ସେ ନିଧିକୁ ମାରିବାକୁ ଦେବ କାହିଁକି ? ସେ ପ୍ରସ୍ତାବରେ ଅସମ୍ମତ ହେଲେ ହୁଏତ ଶୋଭାକୁ ସେ ସମ୍ପୂର୍ଣ୍ଣରୂପେ ହରାଇ ବସିବ । ସୁତରାଂ ସେ ଆଉ ଦ୍ୱିଧା କଲା ନାହିଁ । ଶୋଭାର ମସ୍ତିଷ୍କ ସେତେବେଳେ ଚଞ୍ଚଳ—କୌଣସି କଥୋପକଥନ ତାର କର୍ଣ୍ଣଗୋଚର ହେଲା ନାହିଁ ।

## ତ୍ରୟୋବିଂଶ ପରିଚ୍ଛେଦ

ଦଶଲକ୍ଷ ! ସମଗ୍ର ଦେଶର ଜନସଂଖ୍ୟାର ଏକତୃତୀୟାଂଶ ! ଏହି ଅଳ୍ପକାଳ ମଧ୍ୟରେ ଏତେ ଲୋକଙ୍କର ଭାଗ୍ୟଲିପିର ପରି ସମାପ୍ତି ହୋଇଗଲା । ଦେଶ ବିଦେଶର ମହାନୁଭବ ପୁରୁଷମାନେ ଦୁଃଖ ଅନୁକମ୍ପା ପ୍ରକାଶ କରିବାକୁ ଲାଗିଲେ ।

ଯେଉଁମାନେ ଉଦରଜ୍ୱାଳାରେ ହୀନତମ କାପୁରୁଷର ମରଣ ଆଶ୍ରୟ କଲେ ସେମାନଙ୍କ ପ୍ରତି ଏହି ଦୟା ଅନୁକମ୍ପା ବ୍ୟତୀତ ଅନ୍ୟ କିଛି ପ୍ରଦର୍ଶନ କରିବାର ନ ଥିଲା । ସେମାନେ ମନୁଷ୍ୟପରି ମରି ନାହାନ୍ତି । ସେମାନଙ୍କ ମୃତ୍ୟୁ—ପଞ୍ଜିକାରେ ଗୌରବର ଲେଶ ମାତ୍ର ନାହିଁ । ପଶୁ ଇତର ପ୍ରାଣୀବତ୍ ଜୀବନ ହରାଇ ଅଛନ୍ତି । ସୁତରାଂ ସେମାନଙ୍କର ସ୍ମୃତି ସ୍ତମ୍ଭ ତୋଳାଗଲା ନାହିଁ, ସେ ମୃତ୍ୟୁରେ କେହି ଆନନ୍ଦ ଉତ୍ସବ କଲେ ନାହିଁ । ଅନଶନ ମୃତ୍ୟୁର ସଂଖ୍ୟା ହ୍ରାସ ହୋଇ ଆସିଲା । କିନ୍ତୁ ଅର୍ଦ୍ଧାଶନର ମୃତ୍ୟୁ ? କେବେ ତାହା ବିଲୁପ୍ତ ହେବ ? ଦଶଲକ୍ଷ । ଏ ସଂଖ୍ୟା ଗଣିବା ପାଇଁ ସରକାର କର୍ମଚାରି-ମାନଙ୍କର ଯେ କଷ୍ଟ ହେଲା ଉପରିସ୍ଥ କର୍ମଚାରିମାନଙ୍କୁ ମଧ୍ୟ ସେ ଗଣନାର ଅନ୍ତର୍ଭୁକ୍ତ କରିବାକୁ ସେମାନଙ୍କର ପ୍ରବୃତ୍ତି ଜନ୍ମିଲା । ଶୁଭକାନ୍ତ ଏହି ସରକାରୀ ଗଣନାର ସମ୍ବାଦ ପାଇ ଚିନ୍ତା କରୁଥିଲେ, ରାଜସିଂହାସନ ତ୍ୟାଗକରି ଏହି ନରନାମାନଙ୍କର ସେବାରେ

ମନପ୍ରାଣ ନିୟୋଗ କରିବା ଦ୍ୱାରା ଫଳ ହେଲା କଣ । କେତେଜଣଙ୍କୁ ସେ ଜୀବନ ରକ୍ଷା ପାରିଛନ୍ତି, କେତେ ଜଣଙ୍କର ଦୁଃଖ ଦାରିଦ୍ର୍ୟ ମୋଚନ କରି ପାରିଅଛନ୍ତି, କେତେ ପ୍ରାଣରୁ ଅନାହାରର ଜ୍ୱାଳା ନିଭାଇ ଦେଇଅଛନ୍ତି, କେତେ ଗୃହରୁ ଦୁଃଖ ବିଚ୍ଛେଦର କ୍ରନ୍ଦନ ଉପଶମ କରାଇଅଛନ୍ତି, କାହିଁ ? କିଛି ତ ତାଙ୍କର ଦୃଷ୍ଟିପଥରେ ପଡ଼ିଲା ନାହିଁ । କି ଅହଂକାର ଘେନି ତାଙ୍କର ଭବିଷ୍ୟତ୍ ସେ ଗଠନ କରିବାକୁ ଯାଉଛନ୍ତି । ସକଳ ଅହଂକାର ଯେ ପଳେ ପଳେ ଆହତ ହୋଇଛି ।

ଅଳକା ଓ ସନାତନର ପତ୍ର ପାଠକଲେ । ଏ ଜଗତକୁ ସନାତନ ଯେ କେତେ ବଡ଼ ସତ୍ୟ କରି ଗ୍ରହଣ କରିଅଛି; ଦେଖି ଅବାକ୍ ହେଲେ । ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ କି ବ୍ୟଗ୍ରତା କି ବ୍ୟାକୁଳତା ତାର ! ଶୁଭକାନ୍ତ ତ ଶତ ଚେଷ୍ଟାରେ ସେ ବ୍ୟଗ୍ରତାରୁ ତାକୁ ନିବୃତ୍ତି କରାଇ ପାରିଲେ ନାହିଁ । କୌଣସିରୂପେ ତାର ଚିନ୍ତାର ଧାରାକୁ ପରିବର୍ତ୍ତିତ କରିପାରିଲେ ନାହିଁ । ମୃତ୍ୟୁ ଓ ହତ୍ୟା ନାମରେ ଯେଉଁ ସନାତନର ସର୍ବାଙ୍ଗ ଦିନେ ଦୁଃଖ ଓ ଘୃଣାରେ ପ୍ରକମ୍ପିତ ହୋଇ ଉଠୁଥିଲା, ସେହି ପୁଣି ଆଜ ଖଡ଼୍ଗ ହସ୍ତରେ ଦିବାନିଶି ଅପର ମାନବଙ୍କୁ ହତ୍ୟା କରିବା ପାଇଁ ବ୍ୟଗ୍ର ହୋଇ ଉଠିଅଛି; କିନ୍ତୁ ସନାତନ ଯେଉଁ ସଙ୍କଳ୍ପ ଗ୍ରହଣ କରିଅଛି, ତାକୁ ସେ କଦାପି ଚିନ୍ତାଶୂନ୍ୟ ହୋଇ କରି ନାହିଁ । ସେ ଏପରି ଦୁର୍ବଳ ନୁହେ ଯେ ଶୁଭକାନ୍ତଙ୍କର ତର୍କରେ ତାର ଭାବ ପରିବର୍ତ୍ତନ ଘଟି ଯିବ । ତେବେ ମଧ୍ୟ କିଛିଦିନ ପାଇଁ ଶୁଭକାନ୍ତଙ୍କର ପ୍ରରୋଚନାରେ ସେ ତାର ଇପ୍‌ସିତ କର୍ମରୁ କ୍ଷାନ୍ତ ହୋଇପାରେ ।

କାଳ ବିଳମ୍ବ ନ କରି ଅଭିରାମ ନିକଟକୁ ଯାଇ ଶୁଭକାନ୍ତ ସମସ୍ତ ଘଟନା ତା ସମକ୍ଷରେ ବର୍ଣ୍ଣନ କଲେ । ଅଭିରାମ ସ୍ୱଭାବ ସୁଲଭ ଶିଶୁର ହାସ୍ୟ ହସି କହି ଉଠିଲା, 'ବେଶ୍ ତ । କଣ ହେଉଛି ସେଥିରେ ତମେ ଜାଣି ନା, ଶୁଭଭାଇ, ସେମିତି କାମରେ ସବୁ ଭାରି ମଜାଅଛି—ନ ହେଲେ କେହି ଭଲ ସେ କାମ କରିବାକୁ ଯାନ୍ତା ! ସନା ଭାଇ ଠିକ୍ ବୁଝିବ ।' ଠିକ୍ କଣ, ବେଠିକ୍ କଣ ଶୁଭକାନ୍ତ ସେ ସମ୍ପର୍କରେ ଆଲୋଚନା କରିବାକୁ ଅଭିରାମ ନିକଟକୁ ଆସି ନ ଥିଲେ । ସେ କହିଲେ, 'ଦେଖ ଅଭିରାମ, ଧର୍ମ ଅଧର୍ମ, ଠିକ ବେଠିକ୍ ବିଷୟ ତୁମ ସହିତ ଆଲୋଚନା କରିବାକୁ ମୁଁ ଆସିନାହିଁ ମୋର କହିବାର କଥା, ତୁମେ ଯେ ଏଠାରେ ବସି ଖାଲି ଗୋଟାଏ ଖିଆଲ ଘେନ ଏଣେ ତେଣେ ଧାଇଁଛ, ସେତକ ଛାଡ଼ି ଆସ କିଛି କାମ କରିବା ।' 'କାମ ! ବାପ୍‌ରେ ।' ଅଭିରାମ ଦୁଇ ହାତ ଚମକି ପଡ଼ିଲା । ଶୁଭକାନ୍ତର ମୁଖ ସନାତନର ପକ୍ଷ ପାଇ ଗମ୍ଭୀର ହୋଇ ଉଠୁଥିଲେହେଁ, ଅଭିରାମର ଅଦ୍ଭୁତ ଉତ୍ତରରେ ସେ ହାସ୍ୟ ସମ୍ବରଣ କରି ପାରିଲେ ନାହିଁ । 'ଶୁଣ, ଅଭିରାମ, ଖାଲି ଖିଆଲରେ ସଂସାର ଚଳେ ନାହିଁ ।'

ଅଭିରାମ ହସି ଉଠିଲା, 'ଖାଲି ଖିଆଲ ଭାଇ ଖାଲି ଖିଆଲ—ମୂର୍ଖ ପଣ୍ଡିତ, ଧନୀ ଗରିବ—ସମସ୍ତେ ଖାଲି ଖିଆଲରେ ବୁଲୁଥାଇଁ । ସନା ଭାଇ ପରି 'ଗମ୍ଭୀର ମୁଖ'ର ଅର୍ଥ କଣ ମୁଁ ବୁଝିପାରେ ନାହିଁ ।'

'ଆଚ୍ଛା, ଆଚ୍ଛା, ତୁମେ ମୋ ସହିତ ଯିବ କି ନାହିଁ କହିଲ,' ଅଭିରାମ ନମସ୍କାର ଜ୍ଞାପନ କରି ହସି ହସି କହିଲା, 'ଖୁବ୍ ଖୁସିରେ ଅଛି, ଆଜି ଏ ସବୁକୁ ମତେ ଟଣା ଟଣି କର ନାହିଁ । ଦେଖୁଛ ତ, ମୁଁ କଣ ଏଠାରେ ଖାଲି ବସି ରହିଛି । ଏହି କଣା କୁଜା ଗୁଡ଼ିକୁ

ନେଇ କଣ ଅଳ୍ପ ହଇରାଣରେ ପଡ଼ୁଛି ଭାଇ । ସନାଭାଇଙ୍କୁ କହ ଦେଖି, ଦୁଇବେଳା ଏଙ୍କ ସଙ୍ଗରେ ବୁଲି ଭିକ୍ଷା କରୁ ।'

ଶୁଭକାନ୍ତ ଭାବିଲେ, ସନାତନ କାହିଁକି, ତାର ପରିଚିତ ଅନ୍ୟ କେହି ଲୋକ ଏ କର୍ମକୁ ଗୋଟାଏ କର୍ତ୍ତବ୍ୟରୂପେ ଗ୍ରହଣ କରିପାରିବେ ନାହିଁ । ପ୍ରକାଶ୍ୟରେ ପଚାରିଲେ, 'ଅଭିରାମ, ଏ କର୍ମରେ କଣ ଯଥାର୍ଥରେ ତୁମେ ଆନନ୍ଦ ପାଅ, ଏପରି ଗୋଟିଏ କର୍ମ କାହିଁକି ବାଛିବାକୁ ଗଲ, ଭାଇ ?'

ଅଭିରାମ ପୁନଶ୍ଚ ହସି ଉଠିଲା । 'କାହିଁକି ବାଛିବାକୁ ଗଲି ? ମୁଁ କଣ ବାଛିବାକୁ ଯାଇଥିଲି ? ହାଃ ହାଃ ହାଃ—ଆଜି ଯେ ନଦେଖୁଚ ଶହ ଶହ ଲୋକ ଘରଦ୍ୱାର ଛାଡ଼ି ଭିକାରୀ ହୋଇ ବୁଲିଲେ, ସେମାନେ କଣ ଏହି ଜୀବିକାଟିକୁ ବାଛି ନେଇଛନ୍ତି, ନା, ଏହା ସେମାନଙ୍କୁ ବାଛି ନେଇଛି ! ମୁଁ କଣ ନିଜେ କିଛି ବାଛି ନିଏ, ଭାଇ, ମତେ ଯାହା ବାଛି ନିଏ ସେଥିରେହିଁ ମୁଁ ଲାଗି ରହେ । କିଛି ଦିନପରେ ଦେଖିବ ଆଉ କୌଣସି କାର୍ଯ୍ୟ ହୁଏତ ଅଭିରାମକୁ ବାଛି ନେଲାଣି । ହୁଏତ ଦିନେ ଓଡ଼ିଶାର କମିସନର କମ୍ବା ଇଂରେଜ ସାମ୍ରାଜ୍ୟର ମହାରାଣୀ ଭିକ୍ଟୋରିଆ ରୂପେ ଅଭିରାମ ବସିବଣି ! କଣ କହୁଚ—ହାଃ ହାଃ ।'

ଶୁଭକାନ୍ତ ମୃଦୁ ହସି କହିଲେ, 'ନାହିଁ ଅଭିରାମ, ମହାରାଣୀ ଭିକ୍ଟୋରିଆ ରୂପେ ତୁମକୁ ଦେଖିବାର ଅଭିଳାଷ ମୋର ଆଦୌ ନାହିଁ । ତେବେ ମୋର ବିସ୍ମୟ ହେଉଚି, ତୁମେ ଏ କର୍ମରେ ଆନନ୍ଦ ପାଉଚ କିପରି ।'

'ଆନନ୍ଦ ପାଇବି ନାହିଁ ? ଜାଣ ଭାଇ, ଏ ଦୁର୍ଭିକ୍ଷ ଯେଉଁ ଦରିଦ୍ର ଭିକ୍ଷୁକମାନଙ୍କର ସୃଷ୍ଟିକଲା, ସେମାନଙ୍କର ଭବିଷ୍ୟତ କିଣ

ଏହିଠାରେ ସମାପ୍ତ ହୋଇଗଲା ? ମୁଁ ଚାହେଁ ଏହି ଭିକ୍ଷୁକ କୁଳକୁ ବଞ୍ଚାଇ ରଖିବାକୁ । ଆହାର ଦେଇ ନୁହେ ଭାଇ, ପ୍ରାଣ ଓ ପ୍ରେମ ଦେଇ । ଉଦରଜ୍ୱାଳାରେ ଯେଉଁ ବୃତ୍ତି ଏମାନଙ୍କୁ ଗ୍ରହଣ କରିବାକୁ ହୋଇଅଛି, ସେଥିରେ ଯେପରି ଜୀବନ ଥାଏ । ରାଜପୁତ୍ରର ଭିକାରି ବେଶରେ ରାଜକନ୍ୟାର ପ୍ରେମପ୍ରାର୍ଥୀ ହେବାର ଗଳ୍ପ ଶୁଣିଛ ନା ଭାଇ ? ଗୋବିନ୍ଦଚନ୍ଦ୍ରର ଜନନୀ ତାକୁ ଭିଖାରି କରିବା ପାଇଁ କି ଚେଷ୍ଟା ନ କରିଛନ୍ତି । କେତେ ରାଜପୁତ୍ର ତ ଏ ଦେଶରେ ଭିଖାରି ହୋଇଛନ୍ତି ଭାଇ—ଭିଖାରି ହେବା ତ ଅଗୌରବର ବିଷୟ ନୁହେ । ମୁଁ ଚାହେଁ ଆମର ଏହି ଭିଖାରିଦଳଙ୍କୁ ଏହିରୂପ ଆଦର୍ଶରେ ପରିଚିତ କରିଦେବାପାଇଁ । ଯହିଁରେ ସେମାନଙ୍କର ଆତ୍ମଗ୍ଲାନି ଜାତ ନ ହୁଏ ଆଉ ଖାଲି ଯେ ଅପରର ଦୟାର ପ୍ରାର୍ଥୀ ହୋଇ ଭିକ୍ଷା କରିବେ, ତାହା ନୁହେ । ମୋର ଭିଖାରିଦଳ କେତେ ରକମର ବାଦ୍ୟ ବଜାଇ ଶିଖିଚନ୍ତି ଶୁଣିଚ ଭାଇ ? ଜଣେ କେନ୍ଦରା ବଜାଇଲେ ତୁମକୁ ମୁଗ୍ଧ କରି ବସାଇ ଦେବ । ଆଉ ଜଣେ ମୁହଁରେ ଓ ହାତରେ ତେଲଙ୍ଗି ବାଜା ବଜେଇବ । ଆଉ ଚାରିଟିଙ୍କୁ ପାଲା ଶିଖେଇଛି । ଦୁଇଜଣ ମୃଦଙ୍ଗ ଝାଞ୍ଜ ବଜାଇବେ ଆଉ ଦୁଇଜଣ ଗାଇବେ । ଆଉ କେତେଜଣ ଖେଳ ଶିଖିଚନ୍ତି । କଣ କରିବେ, କାମ କରିବାକୁ ମିଳୁନାହିଁ କମ୍ଭା ପେଟ ପୂରାକରି ଖାଇବାକୁ ମିଳୁନାହିଁ । ଏପରି ଭାବରେ ଭିକ୍ଷୁକ ହୋଇ ପାରିଲେ ମନ୍ଦ କଣ ? ଶୁଭକାନ୍ତ ଅଭିରାମକୁ ନମସ୍କାର କରି କହିଲେ, 'ଅଭିରାମ, ତୁମକୁ କଦାପି ଆଉ ଉପଦେଶ ଦେବାର ଧୃଷ୍ଟତା କରିବି ନାହିଁ ।'

ଅଭିରାମ ପ୍ରତି ନମସ୍କାର କରି କହିଲା, 'କାଲୁ ଭାଇ ଦିନେ ପୁଣି ଦେଖିବ, ଅଭିରାମ ଓଡ଼ିଶାର କମିଶନର ହୋଇ ଆସିଅଛି ।'

'ସେଦିନର ସାକ୍ଷାତ୍ ଆଉ ଏତେ ସହଜ ହେବ ନାହିଁ' କହି ଶୁଭକାନ୍ତ ଚାଲିଗଲେ । ସୁନନ୍ଦାର ପାଳିତ ଶିଶୁଗୁଡ଼ିକୁ ଓ ତାର ସଞ୍ଚିତ ଧନକୁ ପାଦ୍ରି ସାହେବଙ୍କ ନିକଟରେ ସମର୍ପଣ କରି ଶୁଭକାନ୍ତ ପୁରୀ ତ୍ୟାଗ କଲେ । ସୁନନ୍ଦାର ବୃଦ୍ଧା ଦାସୀ ସେମିତି ପୁରୀରେହିଁ ତାର ଶେଷ ଜୀବନ କଟାଇବା ପାଇଁ ଇଚ୍ଛା ପ୍ରକାଶ କରିବାରୁ ତାକୁ ମଧ୍ୟ କିଛି ଧନ ଦେଇ ଗୋଟିଏ ମଠରେ ତାର ରହିବାର ବ୍ୟବସ୍ଥା କରିଦେଲେ । ସନାତନର ଯେପରି ଅବସ୍ଥା ପହଞ୍ଚି ଅଛି ସେଥିରେ ସେ କେତେବେଳେ ଯେ କଣ କରି ବସିବ ତାର କି ଠିକ୍ ଅଛି !

କଲ୍ୟାଣପୁରରେ ପହଞ୍ଚିବା ବେଳକୁ ଅପରାହ୍ଣ ହୋଇଗଲା । ସନାତନର ଗୃହଦ୍ୱାର ନିକଟରେ ଶୁଭକାନ୍ତ ପ୍ରଥମେ ଦେଖିବାକୁ ପାଇଲେ ଅଳକାକୁ । ସେ ବ୍ୟଗ୍ର ଉତ୍ସୁକ ଦୃଷ୍ଟିରେ ଚାହିଁ ରହିଅଛି । ଶୁଭକାନ୍ତଙ୍କୁ ଦେଖି ଯେପରି ସେ ଭରସା ପାଇଲା । ଅଳକାର ନମସ୍କାର ଗ୍ରହଣ କରି ଶୁଭକାନ୍ତ ପଚାରିଲେ, 'ସନୁ କାହିଁ ?' ଅଳକା ଅଶ୍ରୁମିଶ୍ରିତ ବ୍ୟଗ୍ର ଗଳାରେ କହିଲା, 'ଏହି ତ ଅଳ୍ପ ଆଗରୁ ସେ ବାହାରିଗଲେ ।' ଶୁଭକାନ୍ତ ପଥଶ୍ରାନ୍ତ ହୋଇ ପଡ଼ିଅଛନ୍ତି । ଅଳକା ତାଙ୍କୁ ଗୃହ ମଧ୍ୟକୁ ଡାକି ନେଇ ସତ୍କାର କରିବା କଥା ଭୁଲିଗଲା । ଶୁଭକାନ୍ତ ମଧ୍ୟ ଅଳକାର ଏପରି କାତର ଅବସ୍ଥା ଦେଖି ନିଜର ଶ୍ରାନ୍ତି ବିସ୍ମୃତ ହୋଇ ପଚାରିଲେ, 'କୁଆଡ଼େ ଗଲା ?' ଅଳକା ଅସମ୍ପୂର୍ଣ୍ଣ ବାକ୍ୟରେ ଯାହା କହିଲା ତାର ଅର୍ଥ ଏହି ଅଳ୍ପକାଳ ପୂର୍ବେ ଗୋଟିଏ ଲୋକ ଆସି ଖବର ଦେଲା ଯେ ଶୋଭାକୁ ଗତ କେତେଦିନ ହେବ ଶ୍ୟାମ ରଥ ସେହି ଲୋକଟି ଗୃହରେ ଲୁକ୍କାୟିତ ରଖିଥିଲେ । ଲୋକଟି ଶୋଭା ପ୍ରତି ବଡ଼ ଆଦର ସହ କରୁଥିଲା

ଏବଂ ଶୁଶ୍ରୂଷା କରୁଥିଲା; କିନ୍ତୁ ଶୋଭାର ମସ୍ତିଷ୍କ ବିକୃତ ହେବାରୁ ସେ ଦିନେ ତାର ଗୃହରୁ ପଳାୟନ କରିଥିଲା । ତାପରେ ଶ୍ୟାମ ରଥ ନିଜ ପୁତ୍ରର ତତ୍ତ୍ୱାବଧାନରେ ଶୋଭାକୁ ରଖିଲେ । କିନ୍ତୁ ଶୋଭାର ବାତୁଳତା କ୍ରମେ ବୃଦ୍ଧି ପାଇଲା । ଶ୍ୟାମ ରଥଙ୍କ ପୁତ୍ର ତାକୁ ଧମକ ଚମକ ଦେଇ ସେହି ଲୋକଟିର ଗୃହରେ ବନ୍ଦୀ କରି ପକାଇଥାନ୍ତି । ତଥାପି ଶୋଭା ଚିତ୍କାର କରି ଗୃହ ମଧ୍ୟରୁ ଶ୍ୟାମ ରଥ ଓ ତାଙ୍କ ପୁତ୍ର, ହାକିମ, ପୁଲିସ ପ୍ରଭୃତିଙ୍କ ବିଷୟରେ ଉନ୍ମାଦଗ୍ରସ୍ତ ହୋଇ ନାନାକଥା କହି ଉଠେ । ଲୋକେ ଗୃହ ପାର୍ଶ୍ୱରେ ରୁଣ୍ଡ ହୋଇ ଶୁଣନ୍ତି, ଶ୍ୟାମରଥଙ୍କ ପୁତ୍ର ତାର ହସ୍ତପଦ ବନ୍ଧନ କରି ପ୍ରତ୍ୟହ ପ୍ରହାର କରେ—ତଥାପି ତାର ମୁଖ ବନ୍ଦ ହୁଏ ନାହିଁ । ଯେଉଁ ଲୋକଟି ଏହି ସମ୍ବାଦ ଆଣି ଦେଲା, ସେ ଲୋକଟି ଶୋଭା ଗୃହର ଅନ୍ୟ ଏକ ଚାବି ଯୋଗାଡ଼ କରି ଶ୍ୟାମ ରଥ କିମ୍ବା ତାଙ୍କର ପୁତ୍ର ଅନୁପସ୍ଥିତ ଥିବା ସମୟରେ ଗୃହର ଦ୍ୱାର ଖୋଲି ଶୋଭାର ଶୁଶ୍ରୂଷା କରେ । କାଲି ରାତିରେ ଶୋଭାର ଅତ୍ୟନ୍ତ କଷ୍ଟ ହେବାରୁ ଏବଂ ବନ୍ଧନ ଓ ପ୍ରହାର ଜନିତ ତାର ହସ୍ତପଦ ଫୁଲି ଉଠିବାରୁ ସେ ଦୟାବହି ତାକୁ ମୁକ୍ତ କରି ଦେଇଥିଲା । ଆଜି ମଧ୍ୟ ଶୋଭାକୁ ତାର ବାତୁଳତାରୁ କ୍ଷାନ୍ତ କରିବା ପାଇଁ ଶ୍ୟାମ ରଥଙ୍କର ପୁତ୍ର ପ୍ରହାର କରିବାବେଳେ ଶୋଭା ଆସି ତାକୁ ଦଂଶନ କଲା । ନିଜେ ଶ୍ୟାମ ରଥ ମଧ୍ୟ ଏ ସମ୍ବାଦ ଶୁଣି ପାରି ଧାଇଁ ଆସି ଶୋଭାକୁ ପ୍ରହାର କରୁଛନ୍ତି । ବହୁ ଲୋକ ଗୃହ ମଧ୍ୟରେ ଏବଂ ଚତୁଷ୍ପାର୍ଶ୍ୱରେ ରୁଣ୍ଡ ହୋଇ ଅଛନ୍ତି । ପ୍ରହାର ପାଇ ଶୋଭା ଚିତ୍କାର କରୁ ନାହିଁ କେବଳ ମୂକ ହୋଇ ରଥଙ୍କର ମୁଖକୁ ଚାହିଁ ରହିଛି । ସମ୍ବାଦ ଦେବା ଲୋକଟି ସେଥିରେ ବାଧା ଦେବାକୁ ଉଦ୍ୟତ ହେବାରୁ ତାକୁ ମଧ୍ୟ ପ୍ରହାର ସହିବାକୁ ହେଲା ।

ଲୋକଟି ଏ ଅବସ୍ଥାରେ ସନାତନ ବ୍ୟକ୍ତିତ ଅନ୍ୟ ଉଦ୍ଧାର କର୍ତ୍ତା ଦେଖିବାକୁ ନ ପାଇ ତାକୁ ଆସି ବ୍ୟଗ୍ର ଭାବରେ ସମ୍ବାଦ ଦେଲା । ସନାତନର ସମସ୍ତ ଦେହ ଲୋମାଞ୍ଚିତ ହୋଇ ଉଠିଲା । ଅଳକାକୁ ଡାକି ସେ କହିଲା, 'ଦେ ତ ଅଳକା ଖଡ଼୍‌ଗଟା—ଆଜି ସବୁ ଶେଷ କରି ଦେଇ ଆସେ ।' ପର ମୁହୂର୍ତ୍ତରେ ତୀରବେଗରେ ଛୁଟି ଯାଇ ଖଡ଼୍‌ଗଟା ଧରି ସେ ଲୋକଟି ନେଇ ଦୌଡ଼ିଚି । ଲୋକଟା ତା ପଛରେ ଯାଇ ପାରୁ ନାହିଁ । ଅଳକାର ଅଧିକ ଭୟ ହୋଇ ଯାଇଛି ଶୁଣିପାରି ଯେ, ସେହି ଲୋକଟି ଆସୁ ଆସୁ ଥାନାର ଜମାଦାର ବାବୁଙ୍କୁ ବାଟରେ ଦେଖି ସବୁ କଥା ତାଙ୍କୁ କହିବାରୁ ସେ ଉତ୍ତର କଲେ, 'ଭଲ ହେଉଛି, ସେ ବଦ୍‌ମାସ ମାଇକିନାକୁ ଜୀବନରେ ମାରିଦେବା ଭଲ ।' ଯେଉଁଠାରେ ପୁଲିସ ମଧ୍ୟ ଶୋଷକର ଏତେଦୂର ବିପକ୍ଷରେ, ସେଠାରେ ସନାତନ ଏପରି ଦୁଃସାହସ କାହିଁକି କଲା !

ଶୁଭକାନ୍ତ ବ୍ୟଗ୍ର ହୋଇ କହିଲେ, 'ହଉ ଅଳକା, ଆଉ ଶୁଣିବା ଦରକାର ନାହିଁ । ଦେଖ ସନାତନ କୁଆଡ଼େ ଗଲା ।' ଅନ୍ୟ କୌଣସି କଥା ପ୍ରତି ସେ ଅପେକ୍ଷା ନ କରି ଦ୍ରୁତପଦରେ ଗୃହ ମଧ୍ୟରୁ ବାହାର ହୋଇଗଲେ । ବସ୍ତିର ଅଗଣା ମଧ୍ୟରେ ବହୁଲୋକ ରୁଣ୍ଡ ହୋଇଛନ୍ତି । ନଧି ତାର ହସ୍ତର ଦଂଶନ କ୍ଷତ ସମସ୍ତଙ୍କୁ ଦେଖାଉଅଛି ଏବଂ ମଧ୍ୟସ୍ଥଳରେ ଶ୍ୟାମ ରଥ ଭୂପତିତ। ଶୋଷ ଉପରେ ଘନ ଘନ ପଦାଘାତ କରୁଛନ୍ତି । ଭିଡ଼ ଠେଲି ଶୁଭକାନ୍ତ ଦେଖିପାରିଲେ ଶ୍ୟାମରଥଙ୍କ ପଶ୍ଚାତରେ ସନାତନ ଖଡ଼୍‌ଗ ଉତ୍ତୋଳନ କରି ଦଣ୍ଡାୟମାନ । ସମବେତ ଲୋକଙ୍କ ମୁଖରୁ ଆତଙ୍କର ଗୋଟାଏ ଶବ୍ଦ ଉଠିଲା । ମୁହୂର୍ତ୍ତକ ମଧ୍ୟରେ ଶୁଭକାନ୍ତ ସମସ୍ତଙ୍କୁ ଅତିକ୍ରମ କରି ସନାତନ ନିକଟରେ ଉପସ୍ଥିତ ହେଲେ । ତାର ଦକ୍ଷିଣ ହସ୍ତକୁ

ସ୍ତ୍ରୀପୁ ହସ୍ତରେ ଧରନେବାକୁ ଯାଇ ଦେଖିଲେ ତାହା ଶୂନ୍ୟ ! ଶ୍ୟାମ ରଥଙ୍କର ସମସ୍ତ ଦେହ ରକ୍ତାକ୍ତ ହୋଇ ଭୂତଳରେ ଲୁଣ୍ଠିତ । ପାର୍ଶ୍ୱ ଦେଶରେ ଶୋଭା—ମୂକ ନିର୍ବେଦ ଦୃଷ୍ଟିରେ ସେ ଶୁଭକାନ୍ତଙ୍କର ମୁଖକୁ ଚାହିଁଛି । ଶାମରଥଙ୍କ ଦେହରୁ ରକ୍ତ ନିର୍ଗତ ହୋଇ ତାର ବସ୍ତ୍ର ଆର୍ଦ୍ର କରି ଦେଉଛି । ସେ ରକ୍ତ ପ୍ରତି ଦୃଷ୍ଟିପାତ କରି ସନାତନର ମୁଖ ଉଜ୍ଜ୍ୱଳ ହୋଇ ଉଠିଛି । ଶୁଭକାନ୍ତ କିମ୍ବା ଶୋଭା ପ୍ରତି ତାର ଦୃଷ୍ଟି ପଡ଼ିଲା ନାହିଁ । ଶୁଭକାନ୍ତଙ୍କର ମୁଷ୍ଟି ଦ୍ୱାରା ଆବଦ୍ଧ ହସ୍ତକୁ ମୁକ୍ତ କରିବାକୁ ସେ ଚାହେଁନା ! କେବଳ ସେହି ରକ୍ତ ସ୍ରୋତ ଉପରେ ଦୃଷ୍ଟି ନିବଦ୍ଧ କରି ତୃପ୍ତିର ନିଃଶ୍ୱାସ ପକାଇ ସେ କହି ଉଠିଲେ—'ବାଃ' ।

କିନ୍ତୁ ପରକ୍ଷଣରେ ଶୁଭକାନ୍ତ ଦେଖି ପାରିଲେ ସନାତନ ଏବଂ ତାଙ୍କର ହସ୍ତ ଉପରେ ଦୁଇଟା କଠିନ ମୁଷ୍ଟି ଆସି ପଡ଼ିଲା । ସମବେତ ଲୋକଙ୍କ ମଧ୍ୟରୁ କିଏ ଜଣେ କହି ଉଠିଲା, 'ଜମାଦାର' ।

ଭୀତବିହ୍ୱଳ ହୋଇ କେତେ ଲୋକ ସେଠାରୁ ପଳାୟନ କଲେ । ନୂତନ କେତେ ଘଟଣାସ୍ଥଳକୁ ଆସିଲେ । ନିଧିରଥ ସ୍ତ୍ରୀପୁ ହସ୍ତର କ୍ଷତକୁ ଫୁଙ୍କି ଫୁଙ୍କି ଥାନା ଅଭିମୁଖରେ ଚିତ୍କାର କରି ଧାବମାନ ହେଲେ । ସିପେହୀ ଦାରୋଗା ବାବୁ ପ୍ରଭୃତି ଆସିଲେ । ଉଭୟ ଶୁଭକାନ୍ତ ଓ ସନାତନର ହସ୍ତ ଲୌହଶୃଙ୍ଖଳରେ ଆବଦ୍ଧ—ସମସ୍ତ ଦୃଶ୍ୟ ଶୁଭକାନ୍ତଙ୍କୁ ସ୍ୱପ୍ନବତ୍ ପ୍ରତୀୟମାନ ହେଲା । ଶେଷରେ ତାଙ୍କର ମନେ ପଡ଼ିଲା, ପଳାୟନ ! ହଁ, ଘଟନାସ୍ଥଳରୁ ପଳାୟନ କରିଥିଲେ ହୋଇଥାନ୍ତା ! କିନ୍ତୁ ସେ ନିଜେ ପଳାଇବାର କି ଆବଶ୍ୟକ ଥିଲା ! ଆଜି କିଏ ସନାତନକୁ ପ୍ରବର୍ତ୍ତାଇ ଥାନ୍ତେ ! ସନାତନ ଏ ହୀନ ପ୍ରସ୍ତାବରେ କର୍ଣ୍ଣପାତ କରନ୍ତା ! ସେଠାରେ ଅବା

ପ୍ରବଞ୍ଚନା ଦେବାର ସମୟ ଥିଲା କାହିଁ ? ଶୋଭା ମଧ୍ୟ ଏହି ଦୁଇ ଅପରାଧୀଙ୍କ ସହିତ ଧୃତା ହୋଇ ଆସିଲା । ସେ ତାର ସମସ୍ତ ପ୍ରହାର ଭୁଲି ଯାଇଛି । ଦାରୋଗା ସିପେହି ଜମାଦାର, କୁତୂହଳୀଜନତା—ଯାହା ପ୍ରତି ଦୃଷ୍ଟି ପକାଉଛି କେବଳ ହସୁଚି । ନିଃଶବ୍ଦ ହାସ୍ୟ—ହସିବାଟା ଯେପରି ତାର ଚରମ ପ୍ରୟୋଜନ !

ଉପସ୍ଥିତ ଲୋକମାନଙ୍କଠାରୁ ସାକ୍ଷ୍ୟ ନେଇ ଏବଂ ସେମାନଙ୍କର ନାମ ଧାମ ଉଲ୍ଲେଖ କରି ନେଇ ପୁଲିସ ଆସାମୀ ଦୁଇ ଜଣଙ୍କୁ ଚାଲାନ କରିଦେଲେ । ଶୋଭା ମଧ୍ୟ ଗୋଟାଏ ସାକ୍ଷୀ; କିନ୍ତୁ ତାର ମସ୍ତିଷ୍କ ବିକୃତ ଅବସ୍ଥାରେ ସେ ଅନ୍ୟ କାହିଁ ପଳାଇ ଯାଇପାରେ, ଏହି ଆଶଙ୍କାରେ ପୋଲିସ ତାକୁ ନିଜ ଜବତରେ ରଖିଲେ ।

# ଚତୁର୍ବିଂଶ ପରିଚ୍ଛେଦ

କୃପାନାଥଙ୍କର କାର୍ଯ୍ୟ ସନ୍ତୋଷଜନକ ଥିବାରୁ ସେ ପ୍ରଥମ ଶ୍ରେଣୀ ବିଚାର କରିବା କ୍ଷମତା ପ୍ରାପ୍ତ ହୋଇଅଛନ୍ତି । ସାହାଯ୍ୟ କେନ୍ଦ୍ରର କାର୍ଯ୍ୟ ସାଙ୍ଗ ହୋଇଅଛି । ସ୍ୱସ୍ତିର ନିଃଶ୍ୱାସ ପକାଇ ସେ ବିଚାରକ ରୂପେ ବିଚାରାଳୟକୁ ଫେରି ଅଛନ୍ତି । ଆସାମୀ ଦୁଇଜଣଙ୍କର ମୋକଦ୍ଦମା ତାଙ୍କରି କଚେରିରେ ପଡ଼ିଲା । ସନାତନକୁ ହତ୍ୟା ଅପରାଧରେ ଏବଂ ଶୁଭକାନ୍ତଙ୍କୁ ସେ ହତ୍ୟାରେ ସାହାଯ୍ୟ କରିଥିବା ଦୋଷରେ ଅଭିଯୁକ୍ତ କରାଯାଇଅଛି । ସାକ୍ଷୀ ଗୁହା ପ୍ରମାଣର କୌଣସି ଅଭାବ ନାହିଁ । ଓକିଲ ଅମଲା ପୋଲିସ୍ ହାକିମଙ୍କର ମହା ସମାଗମ । ଏହିଠାରେ ଶତ ଶତ ନର ନାରୀଙ୍କର ଭାଗ୍ୟର ନିଷ୍ପତ୍ତି ! ସତ୍ୟ ମିଥ୍ୟା, ନ୍ୟାୟ ଅନ୍ୟାୟ, ପାପ ପୁଣ୍ୟ ! ବିଚାରର ତୁଳା ଦଣ୍ଡରେ ସକଳ ତାରତମ୍ୟର ପରୀକ୍ଷା ଏହିଠାରେ !

ଶ୍ୟାମ ରଥଙ୍କ ହତ୍ୟାର ସମ୍ବାଦ ସବୁ ଦିଗରେ ବ୍ୟାପ୍ତ ହୋଇ ଯାଇଅଛି । ଲୋକ ମୁଖରେ ତାହା ନାନା ଆକାର ଧାରଣ କରିଅଛି । ସେଥିପାଇଁ କୃପାନାଥଙ୍କର କଚେରୀ ସମ୍ମୁଖରେ ବହୁ ଜନସମାଗମ । ଆସାମୀ ଦୁଇଟିଙ୍କର ଚେହେରା ଦେଖିବା ପାଇଁ କାହାର କୌତୁହଳ ଜାତ ହୋଇଅଛି, ଆଉ କେଏ ସେମାନଙ୍କର

ଭାଗ୍ୟ ଗଣନା କରି ସଙ୍ଗୀ ସହିତ ନିଜ ମତରେ ଆଲୋଚନା କରୁଅଛି । ଅବଶେଷରେ ଦୁଇଜଣ ଆସାମୀ ବିଚାରାଳୟକୁ ଆନୀତ ହେଲେ । ସେମାନଙ୍କ ହସ୍ତରେ ଲୌହବେଡ଼ି ଏବଂ କଟୀ ଦେଶ ରଜ୍ଜୁ ଦ୍ୱାରା ନିବଦ୍ଧ । ସମ୍ମୁଖସ୍ଥ ଲୋକେ ପୃଷ୍ଠସ୍ଥିତ ଜନତାର ତାଡ଼ନା ସହ୍ୟ କରି ବହୁ କଷ୍ଟରେ ଭୂମି ଉପରେ ଦୃଢ଼ ହୋଇ ଦଣ୍ଡାୟମାନ । ପୃଷ୍ଠସ୍ଥିତ ଜନତା ଅଙ୍ଗୁଳି ଅଗରେ ଦଣ୍ଡାୟମାନ ହୋଇ ଆସାମୀ ଦୁଇଟିଙ୍କୁ ଉଦ୍‌ଗ୍ରୀବ ଭାବରେ ଚାହିଁ ରହିଛି ।

ପ୍ରଥମେ ଅଭିଯୋଗ ସପକ୍ଷର ସାକ୍ଷୀମାନଙ୍କର ଜମାନବନ୍ଦୀ ନିଆଗଲା । ଆସାମୀ ଦୁଇଜଣ କେବଳ ନୀରବରେ ଦଣ୍ଡାୟମାନ ରହିଲେ । ସାକ୍ଷୀମାନେ ସ୍ୱଚକ୍ଷୁରେ ଯାହା ଦେଖିଥିଲେ ସମସ୍ତ ଘଟଣା ବର୍ଣ୍ଣନ କଲେ । ଜଣେ ଦୁଇଜଣ ଅତି କୁଣ୍ଠାର ସହିତ ଶୁଭକାନ୍ତଙ୍କର ଏ ହତ୍ୟାରେ ସାହାଯ୍ୟ କରିଥିବା କଥା କହିବାକୁ ଗଲେ, କିନ୍ତୁ ଶୁଭକାନ୍ତ ଯେ ସନାତନର ବନ୍ଧୁ ଏକ ଗୃହରେ ଉଭୟେ ବାସ କରନ୍ତି ଏବଂ ସହକର୍ମୀ ଏ କଥା କେହିହିଁ ଅସ୍ୱୀକାର କଲେ ନାହିଁ । ସବୁ ସାକ୍ଷୀଙ୍କର ଯମାନବନ୍ଦୀ ନେବାକୁ ଦଶଦିନ ଲାଗିଗଲା । ଶେଷରେ ପଡ଼ିଲା ଶୋଭାର ପାଳି । ସେ ମଧ୍ୟ କଚେରୀକୁ ଆନୀତ ହେଲା ।

କିନ୍ତୁ ପୂର୍ବପରି ଆଜି ମଧ୍ୟ ସେ ହସୁଚି । ସେହିପରି ନିଃଶବ୍ଦ ହାସ୍ୟ ।

କୃପାନାଥ ନିଜେ ପଚାରିଲେ 'ତୋର ନାମ କଣ ?'

ଉତ୍ତର ନାହିଁ ! କେବଳ ହାକିମଙ୍କ ମୁଖକୁ ଚାହିଁ ସେ ହସିଲା । କୋର୍ଟ ଦାରୋଗା ବାବୁ କହିଲେ, 'ହଜୁର ସେ ପାଗଳ—ବର୍ତ୍ତମାନ ମୂକ ହୋଇ ଯାଇଅଛି ।' ହାକିମଙ୍କ ଉପରୁ ଦୃଷ୍ଟି ଫେରାଇ ଶୋଭା

ଡାରୋଗା ବାବୁଙ୍କ ମୁଖକୁ ଚାହିଁ ମଧ୍ୟ ହସିଲା—ଯେପରି ତାର ସବୁ ଜମାନବନ୍ଦୀ ସବୁ ପ୍ରଶ୍ନର ଉତ୍ତରରେ କେବଳ ଏହି ହସିବା ବ୍ୟତୀତ ଅନ୍ୟ କଥାର ଆବଶ୍ୟକ ନାହିଁ ।

ଶୁଭକାନ୍ତ ଓ ସନାତନ ନିଜ ପକ୍ଷରୁ କୌଣସି ଉଦ୍ୟମ କଲେ ନାହିଁ । ଶୁଭକାନ୍ତ ଏ ହତ୍ୟା ବ୍ୟାପାରରେ କୌଣସି ସାହାଯ୍ୟ କରି ନାହାନ୍ତି ସତ୍ୟ, କିନ୍ତୁ ସେ କଥା ବର୍ତ୍ତମାନ ଅବସ୍ଥାରେ ପ୍ରକାଶ କରିବା କିମ୍ବା ନ କରିବାର ମୂଲ୍ୟ ସମାନ । ହତ୍ୟାକୁ ସାହାଯ୍ୟ ନ କଲେହେଁ, ହତ୍ୟାକାରୀକୁ ସେ ତ ସାହାଯ୍ୟ କରିଛନ୍ତି —ଏକ ସଙ୍ଗରେ ଉଭୟ ବାସ କରନ୍ତି । ଏକ କର୍ମ କରନ୍ତି । ଦୁହିଙ୍କ ମଧ୍ୟରେ ଅଭେଦ ବନ୍ଧୁତା । ତାହା ହେଲେ ପ୍ରତ୍ୟକ୍ଷରେ ନ ହେଲେହେଁ ପରୋକ୍ଷରେ ସେ ଏହି ହତ୍ୟାର ସମର୍ଥନ କରନ୍ତି ନାହିଁ କି ? ଶୁଭକାନ୍ତ ଜମାନବନ୍ଦୀରେ କହିଲେ, ତାଙ୍କର କିଛି କହିବାର ନାହିଁ ।

ଆଉ ସନାତନ ! ସେ ଲିଖିତ ଜମାନବନ୍ଦୀ ଦେଲା—ସମସ୍ତ ବିଚାର ଓ ବିଚାରାଳୟକୁ ସେ ଅଳୀକ ପ୍ରହସନ ରୂପେ ଜ୍ଞାନ କରେ— ସୁତରାଂ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ସେ ଅକ୍ଷମ । କେବଳ ଏତିକି ମାତ୍ର ସେ କହିପାରେ ଯେ ଶୁଭକାନ୍ତ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ।

ଉଭୟ ଆସାମୀଙ୍କର ଦୋହରା ସୁପର୍ଦ ହେଲା । ସନାତନ ନିଜେ ଆସାମୀ ହୋଇ ଶୁଭକାନ୍ତ ପକ୍ଷରେ ସାକ୍ଷ୍ୟ ଦେବାରେ କୌଣସି ମୂଲ୍ୟ ନାହିଁ । ବିଶେଷତଃ ସେ ତାଙ୍କର ଏକାନ୍ତ ବନ୍ଧୁ ।

ଶୁଭକାନ୍ତ ନିମ୍ନତର ବିଚାରାଳୟରେ ଯେତିକି କହିଥିଲେ ଜଜସାହେବଙ୍କ ବିଚାରାଳୟରେ ତାହାକୁହିଁ ପୁନରାବୃତ୍ତି କଲେ— ତାଙ୍କର କିଛି କହିବାର ନାହିଁ ।

ପୂର୍ବ ପରିଚିତ ଓକିଲ ମୁକ୍ତାର ଆଦି ତାଙ୍କ ସପକ୍ଷରେ ଦଣ୍ଡାୟ-ମାନ ହୋଇ ତାଙ୍କୁ ମୁକ୍ତକରି ଆଣିବାକୁ ଦୃଢ଼ ପରିକର ହେଲେ । ହସି ହସି ସମସ୍ତଙ୍କୁ ଧନ୍ୟବାଦ ଦେଇ ସେ ବିଦାୟ କଲେ । ବିଚାରା-ଳୟରେ କେବଳ ଏତିକି ସଂକ୍ଷେପରେ କହି ନୀରବ ହେଲେ— 'ମୋର ଏଠାରେ କିଛି ମାତ୍ର କହିବାର ନାହିଁ ।'

ସନାତନ ମଧ୍ୟ ସେହି ଏକ ଲିଖିତ ଜବାବ ଦେଲା—'ଏ ବିଚାରାଳୟ ଓ ବିଚାରକଙ୍କୁ ମୁଁ ଏକ ଅଳୀକ ପ୍ରହସନ ରୂପେ ଜ୍ଞାନ-କରେ । ସୁତରାଂ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ମୁଁ ଅକ୍ଷମ । କେବଳ ଏତିକି କହିପାରେଁ ଯେ ରାଜା ଶୁଭକାନ୍ତ ପଟ୍ଟନାୟକ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ।'

ସାକ୍ଷୀମାନଙ୍କ ମଧ୍ୟରୁ ଶୋଭାକୁ ମୂକ ପାଗଳ ରୂପେ ନିମ୍ନ ବିଚାରାଳୟରୁ ବାଦଦିଆ ଯାଇଅଛି । ଅନ୍ୟ ସାକ୍ଷୀମାନଙ୍କର ଜମାନବନ୍ଦୀ ହେଲା ।

ସର୍ବଶେଷରେ ରାୟ ମିଳିଲା—ଶୁଭକାନ୍ତଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ଏବଂ ସନାତନକୁ ପ୍ରାଣଦଣ୍ଡ ।

ବିଚାରପତିଙ୍କ ମୁଖରୁ ରାୟ ଶୁଣି ଅସ୍ୱାଭାବିକ ବ୍ୟବହାର ସହିତ ଶୁଭକାନ୍ତ କହି ଉଠିଲେ, 'ମୁଁ ମଧ୍ୟ ପ୍ରାଣଦଣ୍ଡ ଭିକ୍ଷା କରୁ-ଅଛି ।' ସନାତନ ସେହି ବିଚାରାଳୟରେ ହସି ଉଠିଲା । ବିସ୍ମିତ ହୋଇ ଶୁଭକାନ୍ତ ତାର ମୁହଁକୁ ଚାହିଁଲେ । ଗୋଟାଏ ଅପୂର୍ବ ଦୀପ୍ତିରେ ସନାତନର ମୁଖ ଆଜି ଉଜ୍ଜ୍ୱଳ ହୋଇ ଉଠୁଚି । ସମସ୍ତ ଅଙ୍ଗ ଯେପରି ତାର ହସି ଉଠିଲା । ଦୁଇ କର ଟେକି ସେ ଶୁଭକାନ୍ତ ପ୍ରତି ନମସ୍କାର କଲା; କିନ୍ତୁ ପ୍ରତି ନମସ୍କାର ପାଇଁ ଶୁଭକାନ୍ତଙ୍କର ହସ୍ତ ଉଠିଲା ନାହିଁ । ବିସ୍ମିତ ଦୃଷ୍ଟିରେ ସନାତନକୁ ସେ ଚାହିଁ

ରହିଲେ । ତାର ସଦାଗମ୍ଭୀର ମୁଖମଣ୍ଡଳରେ କୌଣସି ଦିନ ହାସ୍ୟର ରେଖା ଫୁଟିଥିବାର ସେ ଦେଖି ନାହାନ୍ତି ! ଏ ହାସ୍ୟ ଯେପରି ତାର ପ୍ରଥମ ଓ ଶେଷ !

ଧୀରେ ଧୀରେ ସେହି ଆତ୍ମମୟ ମୁଖମଣ୍ଡଳକୁ ଘନକୃଷ୍ଣ ବସ୍ତ୍ର-ଖଣ୍ଡ ଦ୍ୱାରା ଆବୃତ କରାଗଲା ଏବଂ ବଧ୍ୟସ୍ଥଳରୁ ଦୂରକରି ନିଆଗଲା । ଶୁଭକାନ୍ତ ମଧ୍ୟ ସଶସ୍ତ୍ର ପ୍ରହରୀଙ୍କ ଦ୍ୱାରା ସେ ସ୍ଥଳରୁ ବନ୍ଦୀଶାଳା ଅଭିମୁଖରେ ନୀତ ହେଲେ । କିନ୍ତୁ ନିଜର ଚିନ୍ତା ତାଙ୍କୁ ସ୍ପର୍ଶକଲା ନାହିଁ । ତାଙ୍କର ଜିହ୍ୱାର ଯେପରି ଶତବାର ଉଚ୍ଚାରଣ କରିବାକୁ ଲୁହିଁଲେ—ସନୁ ! ସନୁ !......

ଏକ ବନ୍ଦୀଶାଳରେ ଦୁଇ ବନ୍ଧୁଙ୍କୁ ରହିବାକୁ ହେଲା; କିନ୍ତୁ ସନାତନର ସେ ସହାସ୍ୟ ବଦନ ଆଉ ଶୁଭକାନ୍ତଙ୍କର ଦୃଷ୍ଟିପଥରେ ପଡ଼ିଲା ନାହିଁ । ମନେ ପଡ଼ିଲା ସନାତନ ତାର ସମସ୍ତ ଜୀବନପଥରେ ଅମିୟ ମଧୁ ସିଞ୍ଚନ କରି ଦେଇଅଛି । ତାଙ୍କ ଜୀବନର ସକଳ ପରିବର୍ତ୍ତନ ସବୁ ଆନନ୍ଦ ସବୁ ଦୁଃଖ ସୁଖର ସାଥୀ ସେ । ଏହି ସନାତନର ଆହ୍ୱାନରେ ଦିନେ ସେ ରାଜ୍ୟ, ରାଜସିଂହାସନ, ରାଣୀ ଦାସ ଦାସୀ ସମ୍ଭୋଗ ବିଳାସ ସମସ୍ତ ତୁଚ୍ଛ କରି ଦେଇ ଆସିଥିଲେ; କିନ୍ତୁ ପାଇଲେ କି ? ଆମରଣ ତାର ସଙ୍ଗୀ ହୋଇ ପାରିଲେ କି ?

ଯାବଜ୍ଜୀବନ ଦ୍ୱୀପାନ୍ତର ! ସେ ତାକୁ ତୃଣବତ୍ ଜ୍ଞାନ କରୁଅଛନ୍ତି । ଏକ ଦ୍ୱୀପରୁ ଅନ୍ୟ ଦ୍ୱୀପକୁ ଯିବେ—ଜଗତରେ କାହାପାଇଁ ତାଙ୍କର ଅନୁଶୋଚନା ଅଛି, କାହାପାଇଁ ଦୁଃଖ ? ଅଳ୍ପଦିନ ପୂର୍ବେ ତ ରାଜା ଦିବ୍ୟସିଂହ ଦେବ ଦ୍ୱୀପାନ୍ତରିତ ହୋଇଅଛନ୍ତି । ସେ ମଧ୍ୟ ଦ୍ୱୀପାନ୍ତରିତ ହେବେ । କ୍ଷତି କଣ ? ନିଜର ଚିନ୍ତା ତାଙ୍କୁ ତିଳେ-ହେଲେ ବିବ୍ରତ କଲା ନାହିଁ । କିନ୍ତୁ ସନାତନ ! ଯୁବକ ସେ । ଘର୍

ଭବିଷ୍ୟତ୍ ତାର ସମ୍ମୁଖରେ । ସେ ଭବିଷ୍ୟତ୍ର ଆଜି ସେ ଗଠନ କଲା କଳ୍ପନା ସମାପ୍ତ କଲା ।

ସେହି ଏକ ବନ୍ଦୀଶାଳରେ ଦୁଇଟି ଦିନ ସେମାନଙ୍କୁ ରଖା ଗଲା । ତୃତୀୟ ଦିନ ପ୍ରତ୍ୟୁଷରେ କୟେଦୀମାନଙ୍କ ମଧ୍ୟରେ ଚହଳ ପଡ଼ିଗଲା—ଆଜି ଗୋଟାଏ ଫାଶି । କାହାର ଫାଶି ? ସେହି ଗୋଟାଏ ମଣିଷ—ମାରୁର, ଦୁଇଦିନ ପୂର୍ବେ ଯାହାର ମୋକଦ୍ଦମା ବିଚାର ହୋଇଥିଲା । ପୁରାତନ କଏଦୀମାନଙ୍କର ବନ୍ଦୀଶାଳା ମଧ୍ୟରେ ନୂତନ-ମାନଙ୍କ ଅପେକ୍ଷା ଅଧିକ ସ୍ୱାଧୀନତା ଅଛି; କିନ୍ତୁ ଯେଉଁମାନେ ଅଳ୍ପଦିନ ହେଲା ଆସିଅଛନ୍ତି, ସେମାନଙ୍କୁ ଏ ସ୍ୱାଧୀନତା ମିଳି ନାହିଁ । ଶୁଭକାନ୍ତ ଅଳ୍ପ ଦୂରରେ ଦେଖିଲେ, କେତେଜଣ ନୂତନ କୟେ-ଦୀଙ୍କୁ ଦୁଇଟି ସିପେହୀ ବଗିଚାରେ ପାଣି ଦେବାକୁ ନେଇ ଯାଉଛନ୍ତି । ବଳୟାର ସିଂହର ସୁଦୀର୍ଘ ବପୁ ଓ ଚଳନର ଭଙ୍ଗୀ ଦୂରରୁ ସେ ଚିହ୍ନି ପାରିଲେ । ଆଉ ଦୁଇଟି ପୁରାତନ କୟେଦୀ ହସ ଖୁସିରେ ଗଳ୍ପ କରି ତାଙ୍କର ସମ୍ମୁଖ ଦେଇ ଚାଲି ଯାଉଛନ୍ତି ।

'ଇରେ ସଭିଙ୍କି କାହିଁକି ଦଣ୍ଡବତ ହେଲୁ ?

'ହେବନି ? ନିଜେ ସାଇବ ଆସି ବସିଚନ୍ତି ? ହାକିମ ହୁକୁମାଙ୍କୁ ଜୁହାର ନ ହେଲେ—'

'କିଏ ହୁଅନ୍ତା ? ବେକକାଟି ନଅନ୍ତେ ? ସେ ନିଜ ହାତରେ ଫାଶି ଦଉଡ଼ି ଆଣି ବେକରେ ଗଳେଇ ଦଉଚି ।'

'ଆଉ କିଏ କରନ୍ତା କରେ, ସେ ନ ଗଳେଇଲେ, ଆଉ ଜଣେ ତ ପୁଣି ଦିଅନ୍ତା ।'

'ଯେତେବେଳେ ନିଜ ହାତରେ ଆଣି ଫାଶି ଦଉଡ଼ି ଗଳାରେ ପିନ୍ଧିବା—ଖାଲି କହିଦେବା କଥା ପଡ଼ୁଛି ପରା !'

'ଆଜି ଯେଉଁ ହସ ହସିଲୁ ତୁ କଣ ଭାବୁଚୁ ତା ପେଟଭିତରେ କିଛି ହେଉ ନଥିବ ? ଖାଲି ଏମିତି ହସି ହସି ପ୍ରାଣଟାକୁ ଦେଇ ପକେଇଲୁ । ଆଜି କଣ କହିଲୁ ଟିରେ—ଭଲ ମନେ ରଖି ଯାଉଛୁ ତୁ ।'

'ଜଗତର ମଙ୍ଗଳ ହେଉ ।' ଶୁଭକାନ୍ତଙ୍କର ସର୍ବାଙ୍ଗ ରୋମାଞ୍ଚିତ ହୋଇ ଉଠିଲା । କିଏ ଏହି ଅଦ୍ଭୁତ ବନ୍ଦୀ ? ଫାଶି କାଠରେ କହୁଚି, 'ଜଗତର ମଙ୍ଗଳ ହେଉ' । ହସି ହସି ସମସ୍ତଙ୍କୁ ନମସ୍କାର କରୁଛି । ଚକ୍ଷୁ ତାଙ୍କର ବାଷ୍ପାକୁଳ ହୋଇ ଉଠିଲା—ଆଜି ତୁମ ସହିତ ଧରାପୃଷ୍ଠରେ ସାକ୍ଷାତ ନାହିଁ, ସନୁ । ସନାତନ ଆଜି ମୃତ୍ୟୁ ବରଣ କରିଅଛି । ଶୁଭକାନ୍ତଙ୍କୁ ଏକାକୀ ପରିତ୍ୟାଗ କରି ! ବନ୍ଧୁ ହାୟ ! କାହାକୁ ସେ ଯଥାର୍ଥ ବନ୍ଧୁ ବୋଲି ଜଗତରେ ସମ୍ବୋଧନ କରିବେ ।

ସନାତନ ! ସେ ଗୋଟାଏ ପ୍ରଚଣ୍ଡ ଉଲ୍‌କା—ସମସ୍ତ ଆକାଶକୁ ମୁହୂର୍ତ୍ତରେ ଉଜ୍ଜ୍ୱଳ କରିଦେଇ ପର ମୁହୂର୍ତ୍ତରେ ନିଭିଗଲା । ସନାତନ-କାଳର ଅଗ୍ରଗାମୀ ପୁରୁଷ ସେ । ହାତଠାରି ସମସ୍ତ ଜଗତକୁ ଡାକିଯାଏ; କିନ୍ତୁ କାହାରିକୁ ଧରି ହଏ ନାହିଁ । ଆଗେ ଆଗେ ଚାଲିଯାଏ । ବିଦ୍ୟୁତ୍ ବେଗରେ । ପଶ୍ଚାତକୁ ଫେରି ଚାହେଁ ନାହିଁ । ଅନୁଗାମୀ ବର୍ଗକୁ ଅପେକ୍ଷା କରେ ନାହିଁ । ସର୍ବ ପ୍ରଥମେ ସେ ଅଗ୍ନିକୁଣ୍ଡରେ ପ୍ରବେଶ କରେ । ସେ ଉପଦେଶ ବୁଝି ନାହିଁ; ପରାମର୍ଶ ହଏ ନାହିଁ । ସତ୍ୟ ଯେପରି ତାର ଚିରଦିନ ଆକାଂକ୍ଷାର ବସ୍ତୁ । ସମ୍ମୁଖରେ ସେ ସତ୍ୟର ଆଲୋକ ଦର୍ଶନ କରେ ଏବଂ ପାର୍ଶ୍ୱ ପଶ୍ଚାତକୁ ଦୃଷ୍ଟି ନ ଦେଇ ତାହାରି ଅଭିମୁଖରେ ଧାବମାନ ହୋଇଯାଏ । ଦେହଜ୍ଞାନ ବିସ୍ମୃତ ସେ । ଦୁଃଖ ଦୈନ୍ୟକୁ ଚିରଦିନ ଭ୍ରୂକ୍ଷେପ କରି ନାହିଁ ।

## ପଞ୍ଚବିଂଶ ପରିଚ୍ଛେଦ

ଜନ୍ମଭୂମିର ଉଦ୍ଦେଶ୍ୟରେ ନମସ୍କାର କରି ଶୁଭକାନ୍ତ ବିଦାୟ ନେଇଗଲେ । କିନ୍ତୁ କାହାଠାରୁ ସେ ବିଦାୟ ? ମନେ ପଡ଼ିଲା ସନାତନ । ଏହିପରି ଦିନେ ସନାତନକୁ ସେ ମୁକ୍ତାଗଡ଼ ରାଜ୍ୟରୁ ନିର୍ବାସିତ କରିଥିଲେ । ସନାତନ ! କେତେ ନିଷ୍ଠୁର ତୁମେ ! ଆଜି ତୁମଠାରୁ ବିଦାୟ ନେଲାବେଳେ ଶୁଭକାନ୍ତଙ୍କର କି ଅପାର ଆନନ୍ଦ ଜାତ ହୋଇଥାନ୍ତା, କିନ୍ତୁ ସେ ଗୌରବ ଲାଭ କରିବା ପାଇଁ ତୁମେ ତାଙ୍କୁ ସୁଯୋଗ ଦେଲ ନାହିଁ । ଜୀବନର କୌଣସି କ୍ଷେତ୍ରରେ ପରାଜୟ ସ୍ୱୀକାର କରିନାହ । ଶୁଭକାନ୍ତ ତୁମ ପଶ୍ଚାତ୍‌ରେ ଧାବିତ ହେଲେହେଁ ତୁମକୁ ତ ସ୍ପର୍ଶ କରି ପାରିଲେ ନାହିଁ ! ଶେଷ ବିଜୟର ହାସ୍ୟ ହସି ଦେଇ ତୁମେ ମୃତ୍ୟୁକୁ ଆଲିଙ୍ଗନ କଲ ।

ଆଉ ଶୁଭକାନ୍ତ ! ସମସ୍ତ ଅବଶିଷ୍ଟ ଜୀବନ ସେ ଏହି ଦୁର୍ବାର ଶୋକ ବହନ କରି କାଳାତିପାତ କରିବ ! ସନାତନ ଆଜି ମରିଛି ନା, ଜୀବିତ ହୋଇ ଉଠିଚି । ଶୁଭକାନ୍ତ ଚକ୍ଷୁ ସମକ୍ଷରେ ସନାତନର ସେହି ବିଦାୟକାଳୀନ ଶେଷ ବିଜୟର ହାସ୍ୟ ହସି ଉଠିଲା । ନା, ନା, ସେ ହାସ୍ୟ ତ ଆଉ ଦେଖିବାକୁ ମିଳିବ ନାହିଁ । ଏକାନ୍ତରେ ଦୁଇ ବନ୍ଧୁ ବସି ମାନବ ଜାତିର ଭବିଷ୍ୟତ ବିଷୟରେ

ଚିନ୍ତା କରିବାର ଆନନ୍ଦ କିଏ ଆଜି ଚିରକାଳ ପାଇଁ ଛଡ଼ାଇ ନେଲା ? ଶୋକ । କାହାପାଇଁ ଶୁଭକାନ୍ତ ?

ଦଶଲକ୍ଷ ପୁରୁଷ ନାଶ ! ସନାତନ ଆଜି ତୁମମାନଙ୍କ ସହିତ ମୃତ୍ୟୁକୁ ବରଣ କରିଅଛି । ଫାଶିର ରଜ୍ଜୁ ଗଳାରେ ପିନ୍ଧି ଝୁଲି ପଡ଼ିଅଛି । ସତ୍ୟ ପାଇଁ ନ୍ୟାୟ ପାଇଁ ସେ ଆଜି ନିହତ; ବାରମ୍ବାର ଶୁଭକାନ୍ତଙ୍କର ମନେ ପଡ଼ିଲା ସନାତନ ନିହତ । ତଥାପି ତାଙ୍କର ବିଶ୍ବାସ ଜାତ ହେଲା ନାହିଁ । ନା, ନା, ସନାତନ ହତ ହେବ କିପରି ? ଜଗତରେ ହତ କିଏ ହନ୍ତା କିଏ ?

ଯ ଏନଂ ବେତ୍ତି ହନ୍ତାରଂ
ଯଶ୍ଚୈନଂ ମନ୍ୟତେ ହତମ୍
ଉଭୌ ତୌ ନ ବିଜାନୀତୋ
ନାୟଂ ହନ୍ତି ନ ହନ୍ୟତେ ।

ସେ ହନ୍ତା ନୁହେଁ, ହତ ନୁହେଁ । ଯେ ତାହାକୁ ହନ୍ତା ବୋଲି ଜ୍ଞାନ କରେ ଅଥବା ଯେ ତାହାକୁ ହତ ବୋଲି ବିଚାର କରେ ସେ ଉଭୟହିଁ ତା ସମ୍ବନ୍ଧରେ ଅନଭିଜ୍ଞ । କାରଣ ସେ ବସ୍ତୁ ହତ୍ୟା କରେ ନାହିଁ ଅଥବା ହତ ହୁଏ ନାହିଁ ।

ସନାତନ—ଶ୍ୟାମ ରଥ । ସେମାନଙ୍କ ମଧ୍ୟରେ ହନ୍ତା କିଏ ହତ କିଏ ? ଜଣେ ସତ୍ୟ ଓ ଧର୍ମର ବିଜୟକେତନ ଧାରଣ କରି ଗ୍ଭଲିଅଛି । ଆଉ ଜଣେ ଅଜ୍ଞାନ ତମସାଚ୍ଛନ୍ନ । କିନ୍ତୁ ଉଭୟ ମଧ୍ୟରେ ସେହି ଏକ ବସ୍ତୁ ନିହିତ । ସେହି ଏକ ଅବିଭକ୍ତ ବସ୍ତୁ ବିଭକ୍ତ ରୂପେ ପ୍ରାଣୀ ପ୍ରାଣରେ ବିକାଶ ଲାଭ କରିଅଛି । ସେ ବସ୍ତୁ ସୃଷ୍ଟି ସ୍ଥିତି

ଓ ପ୍ରଳୟର କାରଣ । ନାନାରୂପରେ ସେ ପାଳନ କରେ, ଗ୍ରାସ କରେ, ଉତ୍ପନ୍ନ କରେ; କିନ୍ତୁ ମୂଳତଃ ତାହା ଅବିଭକ୍ତ ।

ସକଳ ଜୀବ ସକଳ ଜନ୍ତୁର ବାହାରେ ଏବଂ ଅଭ୍ୟନ୍ତର ମଧ୍ୟରେ ତାହା ବିଦ୍ୟମାନ । ଅତି ସୂକ୍ଷ୍ମ ରୂପ ହୀନ ବସ୍ତୁ ସେ । ନିକଟତମ ହେଲେହେଁ ଦୂରସ୍ଥରୂପେ ପ୍ରତୀତ ହୋଇଥାଏ । ସେ ବସ୍ତୁର କ୍ଷୟ ନାହିଁ, ଲୟ ନାହିଁ, ପରିବର୍ତ୍ତନ ନାହିଁ । ସମସ୍ତ ବିଶ୍ୱକୁ ପରିବ୍ୟାପ୍ତ ହୋଇ ସେ ରହିଅଛି ।

ବହିରନ୍ତଶ୍ଚ ଭୂତାନା
ମଚରଂ ଚରମେବଚ
ସୂକ୍ଷ୍ମତ୍ୱାତ୍ ତଦବିଜ୍ଞେୟଂ
ଦୂରସ୍ଥ ଚାନ୍ତିକେଚତତ୍ ।

ସେ ବସ୍ତୁର ଉପଲବ୍ଧି ଯେଉଁଠାରେ ସେଠାରେ ଜୀବିତ ମୃତ ଅଥବା ହନ୍ତା ହତର ପ୍ରଭେଦ ନାହିଁ । ଶୁଭକାନ୍ତ ! କାହା ପାଇଁ ତାଙ୍କର ଶୋକ ? ସମସ୍ତ ବିଶ୍ୱର ଦୁଃଖ ବହନ କରିବାକୁ ସେ ଯେ ଆଜି ଜୀବିତ !

ବେଦା ବିନାଶିନଂ ନିତ୍ୟଂ
ଯ ଏନ ମଜମବ୍ୟୟମ୍
କଥଂ ସ ପୁରୁଷଃ ପାର୍ଥ
କଂ ଘାତୟତି ହନ୍ତି କମ୍ ।

ହେ ପାର୍ଥ ! ଯେ ଏହାକୁ ହ୍ରାସବୃଦ୍ଧି ଶୂନ୍ୟ, ଅପକ୍ଷୟ ଶୂନ୍ୟ ଏବଂ ଜନ୍ମରହିତ ବୋଲି ଉପଲବ୍ଧି କରିଅଛନ୍ତି କାହାକୁ ସେ ହତ୍ୟା କରନ୍ତି ଅଥବା କାହାକୁ ସେ ବଧ କରିବା ପାଇଁ ପ୍ରରୋଚନା ଦିଅନ୍ତି ?

ଅଚ୍ଛେଦ୍ୟୋଽୟ ମଦାହ୍ୟୋଽୟ—
ମକ୍ଲେଦ୍ୟୋଽଶୋଷ୍ୟ ଏବଚ
ନିତ୍ୟଃ ସର୍ବଗତଃ ସ୍ଥାଣୁ
ରଚଳୋୟଂ ସନାତନଃ ।

ନିତ୍ୟ ସେ, ସର୍ବବ୍ୟାପୀ, ରୂପାନ୍ତର ଶୂନ୍ୟ, ସଦା ଏକରୂପ ଏବଂ ଅନାଦ୍ଧ ।

ସକଳ ବାକ୍ୟ ସକଳ ଚିନ୍ତା ଓ ସକଳ କର୍ମର ଅତୀତ ଅଗୋଚର ସେ । ଏହିରୂପେ ସେ ବସ୍ତୁକୁ ଜାଣିବା ପରେ ତୁମେ ଅନୁଶୋଚନା କରିପାର ନାହିଁ ।

ଶୁଭକାନ୍ତଙ୍କର ଚକ୍ଷୁ ଆର୍ଦ୍ର ହୋଇଉଠିଲା । ସେ ଅଶ୍ରୁ ଶୋକର ନୁହେଁ, ସାନ୍ତ୍ୱନାର । ଅଚଳୋୟଂ ସନାତନଃ ! ଶୁଭକାନ୍ତ ଆଜି କେଉଁ ସ୍ଥାନ ପରିତ୍ୟାଗ କରି କେଉଁ ସ୍ଥାନକୁ ଯାଉଛନ୍ତି ? ଜଗତରେ କେଉଁ ବସ୍ତୁର ସ୍ଥାନଚ୍ୟୁତି ହୁଏ ? ଏ ବିଶ୍ୱ ଯେ ଅଚ୍ୟୁତ !

ବାୟୁବେଗରେ ପୋତ ତାଙ୍କର ଅସୀମ ନୀଳିମା ମଧ୍ୟରେ ଲୀନ ହୋଇଗଲା । ଊର୍ଦ୍ଧ୍ୱରେ ନୀଳାକାଶ, ନିମ୍ନରେ ସୁନୀଳ ଜଳଧି । ଚତୁର୍ଦ୍ଦିଗରେ କେବଳ ତରଳ ଜଳରାଶି । ମନେ ପଡ଼ିଲା,

ଦରିଆ ପାରି ରେ ଦରିଆ ପାରି
ଚଲ ଚଲ ଚଲ ଡାକିଲା ବାରି ।

କି ଉଲ୍ଲାସରେ ଅଭିରାମ ସେ ଦିନ ଏହିପରି ଜଳରାଶି ମଧ୍ୟରେ ଭାସି ଭାସି ଚାଲି ଯାଉଥିଲା । ଶୁଭକାନ୍ତଙ୍କର ଉଲ୍ଲାସ ନାହିଁ ଅଥବା ବିଷାଦ ନାହିଁ । ମାଟି ! ମାଟି ! ଏହି ସୀମାହୀନ ଜଳରାଶି ମଧ୍ୟରେ

ମାଟି ଦର୍ଶନ କରିବା ଲାଗି ତାଙ୍କର ତୃଷ୍ଣା ଜାତ ହେଲା । କିନ୍ତୁ କାହିଁ ମାଟି ? ସମଗ୍ର ଜଳରାଶି ମଧ୍ୟେ ମଧ୍ୟେ ଫୁଲି ଫୁଲି ଉଠୁଛି —ଏହି ସୁଗଭୀର ନୀଳ ଜଳର ଗୋଟାଏ ଭୟାବହ ନାମ ଅଛି— କଳାପାଣି ! ଯେଉଁ ନାମରେ ଗୋଟିଏ ଅଜ୍ଞାତ ଲୋକର ଆତଙ୍କ ନିହିତ ଅଛି । ତାଙ୍କର ସ୍ୱଦେଶର ଲୋକେ ଆଜି ଗଳ୍ପ କଲାବେଳେ ଶୁଭକାନ୍ତ ନାମକୁ ଏହି କଳାପାଣି ସହିତ ସଂଯୁକ୍ତ କରୁଥିବେ । ଲୋକ ମୁଖରେ କେତେ ବିଭିନ୍ନ ରୂପରେ ତାଙ୍କର ନିର୍ବାସନ କାହାଣୀ ରଚିତ ହୋଇ ପଡ଼ିଥିବ । ରମା, ଅଳକା, ଅଭିରାମ— ଏହିମାନଙ୍କ ପରି କେତେଜଣ ହୁଏତ ଯଥାର୍ଥ ଘଟନା ବୁଝିଥିବେ । ନାନା ଚିନ୍ତା ତାଙ୍କ ଚିତ୍ତରେ ଉଦ୍ରେକ ହୋଇ ମିଳାଇଗଲା । କ୍ଷିପ୍ର-ଗତିରେ ପୋତ ତାର ଜଳରାଶି ମଧ୍ୟରେ ଚଳିବାକୁ ଲାଗିଲା ।

ଏ ପୋତଟିରେ ଆଜି କେତେ ଦଣ୍ଡିତ, ନିର୍ବାସିତ ନର ନାରୀ ତାଙ୍କର ସହଯାତ୍ରୀ । ସମସ୍ତେ ଆଜି ଜନ୍ମସ୍ଥାନ ତ୍ୟାଗକରି ଏକଲକ୍ଷ୍ୟ ଅଭିମୁଖରେ ଧାବିତ । ଆଜୀବନ କଠିନ ଦଣ୍ଡ ଲାଭ କରି ମଧ୍ୟ ସ୍ତ୍ରୀ ପୁରୁଷ ନାରୀର ଆହାର ବିହାରରେ ଅଭାବ ନାହିଁ । ଜୀବନ୍ତ ମରଣହିଁ ଏମାନଙ୍କର ଶେଷ ଆଶ୍ରୟ ହେଲେହେଁ ହାସ୍ୟ କ୍ରୀଡ଼ା ସେମାନଙ୍କଠାରୁ ବିଲୁପ୍ତ ହୋଇ ନାହିଁ । ସମସ୍ତେ ହତ୍ୟା ଅପରାଧରେ ଅପରାଧୀ ହୋଇଅଛନ୍ତି । କିଏ ଶିଶୁ ହତ୍ୟା, କିଏ ପିତୃହତ୍ୟା, କିଏ ଅବା ସ୍ତ୍ରୀହତ୍ୟା ବିଧାନ କରି ନିର୍ବାସିତ ! ପ୍ରତ୍ୟେକର ଜୀବନ ନାନା ବିଚିତ୍ର ଘଟଣାରେ ପରିପୂର୍ଣ୍ଣ । ଏହି ସହଯାତ୍ରୀମାନଙ୍କ ସହିତ ଶୁଭକାନ୍ତ ମିଳିତ ହେଲେ । ଭାରତବର୍ଷର ନାନା ସ୍ଥାନରୁ ସେମାନେ ଆଗତ, ନାନା ଭାଷା ଭାଷୀ, ନାନା ସମ୍ପ୍ରଦାୟ ଓ ଜାତିର ଅନ୍ତର୍ଭୁକ୍ତ ସେମାନେ । ଶୁଭକାନ୍ତଙ୍କର ଚରିତ୍ର ଓ

ବ୍ୟବହାରରେ ମୁଗ୍ଧ ହୋଇ ସେମାନେ ତାଙ୍କ ପ୍ରତି ଆକୃଷ୍ଟ ହୋଇଅଛନ୍ତି । ଧର୍ମ ଓ ନୀତି ବିଷୟରେ ସେମାନଙ୍କ ସହିତ କଥୋପକଥନ କରି ଶୁଭକାନ୍ତଙ୍କର ସମୟ ସହଜରେ ଅତିବାହିତ ହୋଇଗଲା । ପ୍ରତ୍ୟହ ପ୍ରଭାତ ଓ ସନ୍ଧ୍ୟାରେ ସେମାନେ ନିଜକୃତ ଅପରାଧ ପାଇଁ ଅନୁତାପ କରନ୍ତି । ଶୁଦ୍ଧ ନିର୍ମଳ ହେବା ପାଇଁ ଶୁଭକାନ୍ତ ଠାରୁ ଉତ୍ସାହ ବାକ୍ୟ ଶୁଣନ୍ତି । କିଏ ତାଙ୍କୁ ପିତା ବୋଲି ଡାକେ, କିଏ ପୁତ୍ର, କିଏ ଭ୍ରାତା ସମ୍ବୋଧନ କରେ । ତାଙ୍କର ବାକ୍ୟରେ ବ୍ୟବହାରରେ ଅଳ୍ପ ସମୟ ମଧ୍ୟରେ ସେ ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ହୋଇ ପଡ଼ିଲେ । ସ୍ୱ ସ୍ୱ ଜୀବନର କାହାଣୀ ସେମାନେ ଆସି ବିବୃତ କରିବାକୁ ଲାଗିଲେ ।

ମନୁଷ୍ୟର ପାପ ଅପରାଧର ଯେ କ୍ଷମା ଅଛି, ଜୀବନରେ ଯାହାର ସ୍ଖଳନ ଘଟିଅଛି, ସମସ୍ତ ଜୀବନ ତାର ବ୍ୟର୍ଥ ନୁହେ । ବର୍ତ୍ତମାନ ମଧ୍ୟ ସମୟ ଅଛି । ସତ୍‌କର୍ମ ଓ ସତ୍‌ଚିନ୍ତା ଦ୍ୱାରା ଆଜି ମଧ୍ୟ ସେମାନେ ଶତ୍ରୁକୁ ଜୟ କରି ପାରନ୍ତି । ସେମାନଙ୍କର ପରସ୍ପର ମଧ୍ୟରେ ସ୍ନେହ ସଦ୍ଭାବ ରକ୍ଷା କରିବା ପାଇଁ ଶୁଭକାନ୍ତ ଲାଗିପଡ଼ିଲେ । ଭ୍ରାତା, ଭଗିନୀ, ସ୍ତ୍ରୀ, ସନ୍ତାନ ପରିତ୍ୟାଗ କରି ସେମାନେ ଚିରଦିନ ପାଇଁ ନିର୍ବାସିତ । କିନ୍ତୁ ଭ୍ରାତା ଭଗିନୀର ସମ୍ବନ୍ଧ ଏହି ଭିନ୍ନ ଦେଶବାସୀ ଓ ଭିନ୍ନ ଭାଷା ଭାଷୀମାନଙ୍କ ମଧ୍ୟରେ ଯେ ସ୍ଥାପିତ ହୋଇପାରେ, ନିଜ ପରିବାରରୁ ବିଚ୍ଛିନ୍ନ ହୋଇ ମଧ୍ୟ ସେମାନେ ଯେ ସମ୍ପୂର୍ଣ୍ଣ ଅପରିଚିତ ସମାଜରେ ସେହିରୂପ ପାରିବାରିକ ସମ୍ବନ୍ଧ ସୃଷ୍ଟି କରିପାରନ୍ତି ତାହା ସେ ସ୍ୱୀୟ ବ୍ୟବହାର, ସେବା ଓ ଶୁଶ୍ରୂଷା ଗୁଣରେ ସମସ୍ତଙ୍କୁ ଦେଖାଇ ଦେଲେ, ପରସ୍ପର ପ୍ରତି ବିଦ୍ୱେଷ ଓ ଅବିଶ୍ୱାସର ଯେ ପ୍ରତିବନ୍ଧକ ଥିଲା ତାହା କ୍ରମେ କ୍ରମେ ଅପସାରିତ-

ହୋଇଗଲା । କାରଣ ଆଜି ଯେଉଁମାନଙ୍କୁ ଅପରିଚିତ ଜ୍ଞାନ କରି ସେମାନଙ୍କର ଅବିଶ୍ୱାସ ଜାତ ହୋଇଅଛି ସେହିମାନଙ୍କ ସହିତ ପୁଣି ଦୀର୍ଘ ଜୀବନ ଅତିବାହିତ କରିବାକୁ ହେବ ।

ଯେଉଁ ଏକାନ୍ତ ପ୍ରିୟ ଓ ପରିଚିତମାନଙ୍କୁ ସେମାନେ ପଶ୍ଚାତ୍‌ରେ ଛାଡ଼ି ଆସିଅଛନ୍ତି, ବହୁବର୍ଷ ପରେ ସେହିମାନଙ୍କ ନିକଟ ଫେରିଯିବାକୁ ହେଲେ ସ୍ୱାମୀ ସ୍ତ୍ରୀ କନ୍ୟା ମଧ୍ୟ ଏହି ନିବାସିତ-ମାନଙ୍କୁ ସହଜରେ ଚିହ୍ନି ପାରିବେ କି ? ଯେଉଁ ସମ୍ବନ୍ଧ ସେମାନଙ୍କୁ ଛିନ୍ନ କରି ଆସିବାକୁ ହୋଇଅଛି, ସେ ତ କେବଳ ସମ୍ବନ୍ଧ ମାତ୍ର । ପୃଥିବୀର ସକଳ ସ୍ଥାନରେ ତାହା ଅସମ୍ଭବ ହେବ କାହିଁକି ? ଶୁଭକାନ୍ତ ସହିତ ଯେ ଯେପରି ସମ୍ବନ୍ଧ ରଖିବାକୁ ଚାହିଁଲା, ତାହାପାଇଁ ସେ ବକ୍ଷ ମୁକ୍ତ କରିଦେଲେ । ଭୂପୃଷ୍ଠକୁ ସ୍ପର୍ଶ କରିବା ଦିନୁ ତାଙ୍କୁ ପୃଥିବୀ ସହିତ, ମାନବ ସମାଜ ସହିତ ଏହିରୂପ ସମ୍ବନ୍ଧ ସ୍ଥାପନ କରି ଆସିବାକୁ ହୋଇଅଛି । ଜନ୍ମ ଦିନରୁ ତାଙ୍କର ମାତା ପିତା ଯେ ଆତ୍ମ ଗୋପନ କରିଥିଲେ ସେ ଘଟନାର ଉଦ୍ଦେଶ୍ୟ ତାଙ୍କୁ ବୋଧ ହେଲା,—ସମଗ୍ର ମାନବ ଜାତି ସହିତ ତାଙ୍କର ସମ୍ବନ୍ଧ ସ୍ଥାପନ । କେତେ ରୂପରେ କେତେ ପୁରୁଷ ନାରୀଙ୍କ ସହିତ ବନ୍ଧୁତା ସ୍ଥାପିତ ହୋଇଛି, କେତେ ପୁରୁଷ ନାରୀର ସମ୍ପର୍କରେ ଆସି ତାଙ୍କ ଜୀବନ ଐଶ୍ୱର୍ଯ୍ୟଶାଳୀ ହୋଇ ଉଠିଅଛି ! କାହାରିକୁ ସେ ତ ପର ବୋଲି ଜ୍ଞାନ କରି ପାରି ନାହାନ୍ତି ।

ଜଗତରେ ସତ୍ୟ ବୋଲି ଯେଉଁ ସମ୍ବନ୍ଧ ତାହା ତାଙ୍କ ପକ୍ଷରେ ମିଥ୍ୟା ହୋଇଅଛି । ଆଉ ଯାହା କାଳ୍ପନିକ ତାହା ପରମ ସତ୍ୟ-ରୂପେ ପ୍ରତିଭାତ ହୋଇଅଛି । ମାତା, ପିତା ଏବଂ ସ୍ତ୍ରୀ—ଏ ସକଳର ସତ୍ୟତା ଉପଲବ୍‌ଧି ପାଇଁ ତାଙ୍କୁ ସୁଯୋଗ ମିଳି ନାହିଁ ।

ଅଥଚ ଯେଉଁମାନେ ଦିନେ ସମ୍ପୂର୍ଣ୍ଣ ଅଜ୍ଞାତ ଅପରିଚିତ ଥିଲେ—ସନାତନ, ଅଳକା, ଅଭିରାମ—ସେମାନେ ଏକାନ୍ତ ଆତ୍ମୀୟ ହୋଇ ଉଠି ଅଛନ୍ତି । ଶତ ଶତ ବୁଭୁକ୍ଷୁ ନର ନାରୀ,—ସେମାନଙ୍କ ସହିତ ଦିନେ ଏହିରୂପ ଆତ୍ମୀୟତା ସେ ସ୍ଥାପନ କରିଥିଲେ । ଆଜି ପୁଣି ଏହି ଦଣ୍ଡିତ ନିର୍ବାସିତ ମାନବ ଗୁଡ଼ିକ ସମସ୍ତେ ତାଙ୍କର ପ୍ରିୟ, ସମସ୍ତେ ତାଙ୍କର ବନ୍ଧୁ । ସେମାନଙ୍କ ମଧ୍ୟରେ ନିଜକୁ ବିତରଣ କରି ତାଙ୍କର ଯେ ଆନନ୍ଦ ଜାତ ହେଉଥିଲ; ଏହି ଅପରାଧୀମାନଙ୍କ ମଧ୍ୟରେ କାର୍ଯ୍ୟ କରି ସେ ସମାନ ଆନନ୍ଦ ଲଭ କଲେ । ତଥାପି ସେହି ମୃତ ଜୀବିତ ବୁଭୁକ୍ଷୁମାନଙ୍କ ଲାଗି ଅନ୍ତରର କୋମଳତମ ସ୍ଥାନଟି ମଧ୍ୟେ ମଧ୍ୟେ ଆନ୍ଦୋଳିତ ହୋଇ ଉଠେ, ଚକ୍ଷୁ ଆର୍ଦ୍ର ହୋଇ ଉଠେ । ଏମାନଙ୍କୁ ମଧ୍ୟ ଦିନେ ଛାଡ଼ିବାକୁ ହେବ, ସେହି-ରୂପ ମାୟା ଜାତ ହେବ । ସେହିପରି ସଜଳ ଦୃଷ୍ଟିରେ ବିଦାୟ ନେବାକୁ ହେବ । ଆଶ୍ଚର୍ଯ୍ୟ ! ହେ ବିଚିତ୍ର ! କେତେ ରୂପରେ ତୁମେ ଦର୍ଶନ ଦାନ କରୁଛ । ହେ ବୁଭୁକ୍ଷୁ, ହେ ଦଣ୍ଡିତ ନିର୍ବାସିତ । କି ବୁଝିବି ମୁଁ—କାହିଁକି ଏ ଅଦ୍ଭୁତ କ୍ରିୟା ତୁମର । ଏ ଅଜ୍ଞାନର ଦୃଷ୍ଟିରେ କେତେ ନବ ନବ ଜ୍ଞାନର ଦ୍ୱାର ମୋଚନ କଲ । ସ୍ୱଦେଶକୁ ବିଦେଶ କଲ । ବିଦେଶକୁ ସ୍ୱଦେଶ କଲ, ବନ୍ଧୁକୁ ପର କଲ, ପରକୁ ବନ୍ଧୁ କଲ, ତୁମର ନିଦେଶରେ ଆଜି ଦୂର ମୋର ନିକଟ ହେଲ, ନିକଟ ହେଲ ଦୂରସ୍ଥ । କିଏ ବୁଝିବ, କି ବିରାଟ ଉଦ୍ଦେଶ୍ୟ ଏ ସକଳ ମୂଳରେ ନିହିତ ଅଛି । ନିଜର ବୋଲି ଯାହାକୁ ଧରିବାକୁ ଯାଏଁ ସେ ଯେ ମୋର ହସ୍ତ ଛାଡ଼ି ଦୂରତର ହୋଇ ପଡ଼େ । ଆଉ ଯେ ନିଜର ନୁହେ ସେ ସ୍ୱଇଚ୍ଛାରେ ଆସି ନିକଟରେ ଉଭା ହୁଏ । ଦିଗନ୍ତ ବିସ୍ତୃତ ସୁନୀଳ ଜଳରାଶି ଉପରେ ଦୃଷ୍ଟିପାତ

କର ଚକ୍ଷୁରୁ ତାଙ୍କର  ଝର ଝର ହୋଇ ଅଶ୍ରୁ ଗଡ଼ି ପଡ଼େ । ମୁଖ-ମଣ୍ଡଳରେ ନିଷ୍କଳଙ୍କ ହାସ୍ୟର ରେଖା ଫୁଟି ଉଠେ ।

ସ୍ୱଦେଶ ବିଦେଶ ପରିଚିତ ଅପରିଚିତ ସମସ୍ତ ଆଜି ତାଙ୍କ ଦୃଷ୍ଟିରେ ସମାନ ହୋଇ ପଡ଼ିଅଛି । ସବୁ ନୂତନ ମଧ୍ୟରେ ଆଦି କାଳର ସେହି ପ୍ରାଚୀନତମ ପୁରୁଷ ଚିର ଜାଗ୍ରତ ରହିଛନ୍ତି । ତେବେ ତାଙ୍କର ଭୟ କଣ, ଆଶଙ୍କା କଣ ?

ସର୍ବତଃ ପାଣିପାଦଂ ତତ୍
ସର୍ବତୋଽକ୍ଷି ଶିରମୁଖମ୍
ସର୍ବତଃ ଶ୍ରୁତିମଲ୍ଲୋକେ
ସର୍ବମାବୃତ୍ୟ ତିଷ୍ଠତି ।

ଆକାଶ ପୃଥିବୀ ବ୍ୟାପୀ ସକଳ ବିଶ୍ୱବ୍ରହ୍ମାଣ୍ଡରେ ତୁମର ହସ୍ତ, ପଦ, ଚକ୍ଷୁ ମସ୍ତକ ଓ କର୍ଣ୍ଣ ଆଦି ପରିବ୍ୟାପ୍ତ ହୋଇ ରହିଅଛି । ସକଳ ସ୍ଥାନରେ ତୁମର କୀର୍ତ୍ତି—ସକଳ ଦୃଶ୍ୟ ତୁମେ ଦର୍ଶନ କର, ସକଳ ବାକ୍ୟ ଉଚ୍ଚାରଣ କର, ସକଳ ଶବ୍ଦ ଶ୍ରବଣ କର । ହେ ପରିଚିତ, ହେ ପୁରାଣ ! ସର୍ବସ୍ଥାନ ସର୍ବକ୍ଷଣରେ ତୁମର ବର୍ତ୍ତମାନତା ଅନୁଭବ କରେଁ—ଏହି କେବଳ ମୋର ଲାଭ ହେଉ ।

ନିଶା ଶେଷରୁ ନିତ୍ୟକର୍ମ ସମାପନ କରି ଶୁଭକାନ୍ତ ପୋତ ଉପରେ ପୂର୍ବାଶା ଅଭିମୁଖରେ ଠିଆ ହୋଇ ରହି ଅଛନ୍ତି । ସୂର୍ଯ୍ୟୋଦୟ ପୂର୍ବର ରକ୍ତିମା ଛଟା ଚକ୍ରବାଳ ଉପରେ ଦେଖା ଦେଇଅଛି । ସାଗର ପକ୍ଷୀ ଉଷାର ଜାଗରଣୀ ଗାଇ ଉଠିଅଛି । ପ୍ରଭାତର ଶୀତ ବାୟୁ ତାଙ୍କର ସକଳ ଅଙ୍ଗ ସ୍ପର୍ଶ କରିଅଛି । ଦୁଇକର ମସ୍ତକରେ ଦେଇ ସେ କହି ଉଠିଲେ, ତ୍ୱମାଦି ଦେବଃ ପୁରୁଷଃ ପୁରାଣ—

ତ୍ୱମସ୍ୟ ବିଶ୍ୱସ୍ୟ ପରଂନିଧାନ, ବେତ୍ତାସି ବେଦ୍ୟଞ୍ଚ ପରଞ୍ଚ ଧାମ
ତ୍ୱୟା ତତଂ ବିଶ୍ୱ ମନନ୍ତ ରୂପ ।

ଧୀରେ ଧୀରେ ଦିଗ୍‌ବଳୟ କୋଳରୁ ବାଳାରୁଣର ଉଦୟ ଜ୍ୟୋତି ସୁନୀଳ ଜଳରାଶି ମଧ୍ୟରେ ପ୍ରତିଫଳିତ ହୋଇ ରକ୍ତ ପୀତ ଆଦି ନାନା ବର୍ଣ୍ଣର ବିନ୍ୟାସ କରିବାକୁ ଲାଗିଲା ।

ପରିଚ୍ଛନ୍ନ ଆକାଶ ନିମ୍ନରେ ବାତ୍ୟା କମ୍ପିତ ସୁନୀଳ ଜଳ ଉପରେ ଗୋଟିଏ ସୂକ୍ଷ୍ମ ବିନ୍ଦୁ ଭାସି ଉଠିଲା । ପୋତ ସ୍ଥିତ ନର ନାରୀ ଏକ ସ୍ଥଳରେ ସମବେତ ହୋଇ ସେହି ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କଲେ —ଆଣ୍ଡାମାନ ଦ୍ୱୀପ ! ସବୁ ଅପରାଧୀ ଉପେକ୍ଷିତ-ମାନଙ୍କର ଆଶ୍ରୟ ସ୍ଥଳ ସେ ସବୁ ବିତାଡ଼ିତମାନଙ୍କୁ କ୍ରୋଡ଼ରେ ବହନ କରିଅଛି । ତାହାର ଅଭିମୁଖରେ ଶୁଭକାନ୍ତ ଓ ତାଙ୍କର ସହଯାତ୍ରୀମାନେ ଆଜ ଚାଲିଅଛନ୍ତି । ମାଟି ! ମାଟି ! ବହୁଦିନ ଯାବତ୍ କେବଳ ଜଳ ମଧ୍ୟରେ ବାସ କରି ଏହି ମାଟିପୋଷ୍ୟ ଜୀବଗୁଡ଼ିକର ଭୂମିରେ ପଦାର୍ପଣ କରିବାର ଆନନ୍ଦ ଜାତ ହୋଇଅଛି । କରତାଳି ମାରି ସମସ୍ତେ ଆଜ ନାଚି ଉଠିଛନ୍ତି । ଜଳ ସହିତ ସେମାନଙ୍କର ଯେପରି କୌଣସି ସୌହାର୍ଦ୍ଦ ନାହିଁ । ତାହାର ବିସ୍ତୃତି ଓ ଗଭୀରତାରେ ସମସ୍ତେ ଯେପରି ଲୁପ୍ତ ହୋଇ ପଡ଼ିଥିଲେ —ମାଟି ଉପରେ ପଦ ସ୍ଥାପନ କରି ମାତୃ ବକ୍ଷରେ ଶିଶୁ ପରି ଆଜ ସେମାନେ ନିଶ୍ଚିନ୍ତ ନିରାପଦ ହେବେ ବୋଲି ଉଲ୍ଲସିତ ।

ଦୂରସ୍ଥିତ ବିନ୍ଦୁଟି ଧୀରେ ଧୀରେ ବୃହତ୍ତର ହୋଇ ଉଠିଲା । ମନେ ହେଲା ସାଗର ଗର୍ଭରୁ ଯେପରି ସେ କ୍ରମେ ଉତ୍ଥିତ ହେଉଅଛି । ଦ୍ୱୀପ ନିକଟରେ ପୋତ ଲାଗିଲା । ଦ୍ୱୀପବାସୀ କେତେ ଯୁବକ ବୃଦ୍ଧ ସେମାନଙ୍କର ନୂତନ ବନ୍ଧୁମାନଙ୍କୁ ଦେଖିବା ପାଇଁ ସମୁଦ୍ରତୀର

ପର୍ଯ୍ୟନ୍ତ ଆସି ରୁଣ୍ଡ ହୋଇଅଛନ୍ତି । ନୂତନ ମନୁଷ୍ୟ ଦର୍ଶନ କରିବା ଏମାନଙ୍କର ଗୋଟାଏ ପରମ ଉତ୍ସବ । ଏକେ ଏକେ ସମସ୍ତେ ପୋତ ଉପରୁ ଅବତରଣ କରିଗଲେ । ଅଳ୍ପ ସମୟ ମଧ୍ୟରେ ପରସ୍ପର ଆଳାପ ପରିଚୟ ହୋଇଗଲା । ଅଳ୍ପ ସମୟ ମଧ୍ୟରେ ଶୁଭକାନ୍ତ ସମସ୍ତଙ୍କୁ ଆପଣାର କରିନେଲେ । ଦଶବର୍ଷ ! ସୁଦୀର୍ଘ ଦଶବର୍ଷ ! ଏହି ଅପରାଧୀମାନଙ୍କ ମଧ୍ୟରେ ସେ ଅତିବାହିତ କଲେ । ନିଷ୍ଠା ଓ ସଂଯମର ସହିତ ଜୀବନ ଯାପନ କରିବା ପାଇଁ କର୍ମକର୍ତ୍ତାମାନଙ୍କର ଆଦେଶକୁ ଶିରୋଧାର୍ଯ୍ୟ କରି ସକଳ କର୍ମ ସମାପନ କରିବା ପାଇଁ ସେ ଅଗ୍ରଦୂତ ରୂପେ ସର୍ବସମକ୍ଷରେ ଆଦର୍ଶ ସ୍ଥାପନ କଲେ । ଦେଖିଲେ, ତାଙ୍କର ପରି ଆଉ କେତେଗୋଟି ନିରପରାଧ ପୁରୁଷ, ନାରୀ, ପ୍ରମାଣ ଅଭାବରୁ ଅଥବା ଦୁର୍ବଳ ପ୍ରମାଣ ଯୋଗୁଁ ନିର୍ବାସିତ ହୋଇଅଛନ୍ତି । ସେମାନଙ୍କୁ ସାନ୍ତ୍ୱନା ଦିଅନ୍ତି, ଅପରାଧୀ ପକ୍ଷରେ ଦଣ୍ଡଭୋଗ କରିବା ଯେପରି ଆନନ୍ଦର କଥା ନିରପରାଧ ପକ୍ଷରେ ଦଣ୍ଡନୀୟ ହେବା ଅନେକ ବେଶି ଆନନ୍ଦର ବିଷୟ । ଦଣ୍ଡିତ ବ୍ୟକ୍ତି ସେଠାରେ ଅପରାଧୀ ନୁହେ, ଅପରାଧୀ ନିଜେ ବିଚାରକ । ଜଗତରେ ନୂତନ ପ୍ରଣାଳୀରେ ବିଚାର ପ୍ରବର୍ତ୍ତନ ନ ହେବାଯାଏ ଏରୂପ ଭ୍ରାନ୍ତି ଅବଶ୍ୟମ୍ଭାବୀ । ସେ ଭ୍ରାନ୍ତିର ମୂଲ୍ୟ ଦାନ କରିବା ଲାଗି ଅପରର ଅବଶ୍ୟ ଜୀବନ ଲୋଡ଼ା ହୁଏ; କିନ୍ତୁ ସେଥିରେ କ୍ଷୋଭ କରିବାର କିଛି ନାହିଁ । ଆଧୁନିକ ବିଚାର ପ୍ରଣାଳୀ ଏପରି ଭାବରେ ଗଠିତ ଯେ ପ୍ରମାଣ ଅଭାବରେ ଜୀବିତ ମନୁଷ୍ୟକୁ ମଧ୍ୟ ମୃତ ବୋଲି ଘୋଷଣା କରିଦେବାକୁ ତାହା କୁଣ୍ଠିତ ହେବ ନାହିଁ । ଯାହାହେଉ ତା ପ୍ରତି ଅବାଧ ହେବାର ଯେ ପର୍ଯ୍ୟନ୍ତ ଉପାୟ ନାହିଁ, ସେ ପର୍ଯ୍ୟନ୍ତ ତାର ସକଳ ନିର୍ଦ୍ଦେଶ ମାନିଯିବାକୁ ହେବ । ମୃତ୍ୟୁ ଦଣ୍ଡପରି ପ୍ରତିହିଂସା

ମୂଳକ ହୀନତମ ଦଣ୍ଡ କୌଣସି ନ୍ୟାୟ୍ୟ ଅଥବା ଧର୍ମାନୁମୋଦିତ ହୋଇ ନ ପାରେ । ତଥାପି ତା'ର ପ୍ରଚଳନ ଯେତେକାଳ ଯାଏ ଅଛି, ସେତେକାଳ ତାକୁ ନ ମାନି ଗତି ନାହିଁ । ମାନବ ଭ୍ରାନ୍ତିଶୂନ୍ୟ ନୁହେ—ସୁତରାଂ ଜଗତରେ ତାହାର ବିଚାରହିଁ ସର୍ବଶେଷ ବିଚାର ରୂପେ ପରିଗଣିତ ହୋଇ ନ ପାରେ । ସକଳ ବିଚାରର ଯେଉଁଠାରେ ବିଚାର କରାଯାଏ, ସେଠାରେ ହୁଏତ କେତେ ବିଚାରପତିଙ୍କୁ ଅପରାଧୀର ସ୍ଥାନରେ ଦଣ୍ଡାୟମାନ ହେବାକୁ ପଡ଼େ, କେତେ ଅପରାଧୀକୁ ବିଚାରପତିର ଆସନରେ ବସିବାକୁ ହୁଏ ଇତ୍ୟାଦି । ନାନା ପ୍ରବୋଧ ବାକ୍ୟରେ ସେମାନଙ୍କୁ ସାନ୍ତ୍ୱନା ଦାନ କରି ପ୍ରତ୍ୟେକଙ୍କୁ ନିଜ ନିଜର ନିର୍ଦ୍ଦିଷ୍ଟ କର୍ମ ସମ୍ପନ୍ନ କରିବା ପାଇଁ ସେ ଉତ୍ସାହ ଦିଅନ୍ତି ।

ଯେଉଁ ସବୁ ଅବାଧ ଏବଂ ଦୁଷ୍ଟ ବନ୍ଦୀମାନଙ୍କୁ ଶତ ପ୍ରହାର ସତ୍ତ୍ୱେ କର୍ମଚାରୀମାନେ କାର୍ଯ୍ୟରେ ପ୍ରବୃତ୍ତ କରିବା ପାଇଁ ଅକ୍ଷମ ହେଉଥିଲେ, ସେମାନଙ୍କୁ ଏହିପରି ପ୍ରବୋଧ ବାକ୍ୟରେ ଶୁଭକାନ୍ତ ସଚେଷ୍ଟ କରନ୍ତି । ଯେ ରୁଗ୍‌ଣ ହେଲା, ତା ନିକଟରେ ଦିବା ନିଶି ବସି ସେ ଶୁଶ୍ରୂଷା କଲେ । କାହାକୁ ଉତ୍ତେଜିତ ପୋଲିସର ପ୍ରହାରରୁ ରକ୍ଷା କରିବା ଲାଗି ନିଜେ ତାର ନିର୍ଦ୍ଦିଷ୍ଟ କର୍ମ ସମ୍ପାଦନ କରିବାକୁ ଉଦ୍ୟତ ହେଲେ । ସେହିମାନଙ୍କ ପରି ଜଣେ ନିଃସମ୍ବଳ ବନ୍ଦୀ ହେଲେହେଁ ଏହି ସକଳ ଗୁଣ ଲାଗି ଅନ୍ୟାନ୍ୟ ବନ୍ଦୀଙ୍କର ସେ ଏକ ପ୍ରଧାନ ଭରସାର ସ୍ଥଳ ହୋଇ ଉଠିଲେ । ଏପରି କି ବନ୍ଦୀଶାଳର କର୍ମଚାରୀମାନଙ୍କର ମଧ୍ୟ ତାଙ୍କପ୍ରତି ଗୋଟାଏ ଶ୍ରଦ୍ଧାମିଶ୍ରିତ ଭକ୍ତି ଜାତ ହେଲା । କର୍ମଚାରୀମାନଙ୍କର ଅନ୍ୟାୟ୍ୟ ଅତ୍ୟାଚାର ବିରୁଦ୍ଧରେ ଯାହା କିଛି ନାଲିଶ ହେବାର କଥା ସର୍ବ ପ୍ରଥମେ ତାହା ଶୁଭକାନ୍ତଙ୍କର

କର୍ଣ୍ଣଗୋଚର ହେଲା । କର୍ମଚାରୀମାନଙ୍କ ନିକଟ ବନ୍ଦୀମାନଙ୍କର ସକଳ ଆପତ୍ତି ଅଭିଯୋଗ ଜଣାଇ ତାହାର ପ୍ରତିକାର ପାଇଁ ସେ ତତ୍ପର ହୋଇ ଉଠିଲେ । ଏହିରୂପେ ଦୀର୍ଘ ଦଶବର୍ଷ । ବନ୍ଦୀଶାଳର କର୍ମଚାରୀମାନେ ଏ ମଧ୍ୟରେ ବୁଝି ପାରିଅଛନ୍ତି ଯେ, ସେମାନଙ୍କ ଅପେକ୍ଷା ମଧ୍ୟ ଏହି ବନ୍ଦୀଟି ଶିକ୍ଷା ଚରିତ୍ର ଓ ମନୁଷ୍ୟତା ଗୁଣରେ ଶ୍ରେଷ୍ଠ । ସର୍ବ ସମକ୍ଷରେହିଁ ତାର ସ୍ୱଭାବ ଅସାଧାରଣ ରୂପେ ପ୍ରଶଂସିତ ହେଲା ।

ଅବଶେଷରେ ଦଶବର୍ଷ ପରେ ଦିନେ ସେ ହଠାତ୍ ଶୁଣିଲେ ସେ ସ୍ଥାନର ପ୍ରଧାନ କର୍ମଚାରୀ ଆସି କହୁଛନ୍ତି ଯେ, ତାଙ୍କର ବ୍ୟବହାର ଯଥେଷ୍ଟ ସନ୍ତୋଷ ଜନକ ଥିବାରୁ ଏବଂ ତାଙ୍କର ସ୍ୱଭାବ ପରିବର୍ତ୍ତିତ ହୋଇଥିବାର ଉପରସ୍ଥ କର୍ମଚାରୀମାନଙ୍କର ବିଶ୍ୱାସ ଜାତ ହୋଇ ଥିବାରୁ ତାଙ୍କୁ ମୁକ୍ତି ମିଳିଅଛି । ବର୍ତ୍ତମାନ ସ୍ୱଚ୍ଛନ୍ଦରେ ସେ ତାଙ୍କର ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ପାରନ୍ତି । ମୁକ୍ତି ! ଶୁଭକାନ୍ତ କେବେ ବନ୍ଧ ଥିଲେ ଆଜି ମୁକ୍ତିଲାଭ କଲେ, କେବେ ତାଙ୍କର ସ୍ୱଭାବରେ ତ୍ରୁଟି ଥିଲା, ଆଜି ସେ ତ୍ରୁଟିରୁ ମଧ୍ୟ ସେ ମୁକ୍ତ ହେଲେ— କିଛିମାତ୍ର ବୁଝି ପାରିଲେ ନାହିଁ । ବନ୍ଧନ ମୁକ୍ତି, ସ୍ୱଦେଶ ବିଦେଶ ସବୁ ଯେ ତାଙ୍କ ପକ୍ଷରେ ସମାନ ହୋଇ ପଡ଼ିଅଛି । ତାଙ୍କ ନିଜର ଦୁଃଖ ଅଥବା ସୁଖ ଜାତ ହେଲା ସେ କିଛି ଅନୁଭବ କରି ପାରିଲେ ନାହିଁ । କେବଳ ଦେଖିଲେ ସଙ୍ଗୀ ଅପରାଧୀ ଗୁଡ଼ିକ ଦଳ ଦଳ ହୋଇ ତାଙ୍କର ଚତୁଷ୍ପାର୍ଶ୍ୱରେ ଦଣ୍ଡାୟମାନ ହେଲେ । କିଏ ଏହି ଶୁଭସମ୍ବାଦରେ ଆନନ୍ଦ ପ୍ରକାଶ କଲା, ଆଉ କିଏ ଅନ୍ତରେ ତାଙ୍କର ସାହଚର୍ଯ୍ୟ ହରାଇବ ବୋଲି ଅଥବା ନିଜର ଦଶା ସ୍ମରଣ କରି କ୍ଷୁଣ୍ଣ ବିମର୍ଷ ହୋଇ ପଡ଼ିଲା । ବିଦାୟ କାଳରେ ସକଳ ବନ୍ଦୀଙ୍କୁ ସମବେତ କରି ଶୁଭକାନ୍ତ ଉପାସନାରେ ବସିଲେ, ଜଗତରେ ଯେଉଁମାନେ

ପୁଣ୍ୟାତ୍ମା, ସୁଖୀ, ତୁମର କୃପା ବଳରେ ଯେଉଁମାନେ ଶକ୍ତିସମ୍ପନ୍ନ କର ଅଛନ୍ତି, ପାପ ଅପରାଧରୁ ନିଜକୁ ସର୍ବଦା ଦୂରରେ ରଖି ପାରିଅଛନ୍ତି, ସେମାନେ ତୁମର ପ୍ରିୟ, ତୁମର ପ୍ରସାଦଲାଭ ସେମାନଙ୍କ ପାଇଁ ସହଜ ହୋଇପଡ଼େ । କିନ୍ତୁ ଯେଉଁମାନେ ତାପିତ, ଯେଉଁମାନେ ନିପୀଡ଼ିତ ଉପେକ୍ଷିତ—ହତାଶା ଦୁର୍ବଳତା ଯେଉଁମାନଙ୍କର ସମ୍ବଳ ସେହି-ମାନଙ୍କ ପାଇଁ ତୁମେ କୃପାନିଧି । କାରଣ ଅକାରଣରେ ଯେଉଁମାନେ ସଂସାରରେ ଦଣ୍ଡଭୋଗ କରନ୍ତି ପାପ ଅପରାଧ ପାଇଁ ସେମାନଙ୍କୁ ଏ ସଂସାର ବାଧ୍ୟ କରେ, ପୁନଶ୍ଚ ଦଣ୍ଡ ବିଧାନ କରେ । ଆଉ ଯେଉଁମାନଙ୍କର ଧନଅଛି, କ୍ଷମତା ଅଛି, ପାପ ଅପରାଧକୁ ଯେଉଁମାନେ ବିଳାସ ଉପଭୋଗ ରୂପେ ଗ୍ରହଣ କରନ୍ତି, ଧନ ଓ କ୍ଷମତା ବଳରେ ସେମାନେ ସକଳ ଦଣ୍ଡରୁ ମୁକ୍ତିଲାଭ କରନ୍ତି । ତାପିତର ବନ୍ଧୁ ! ସକଳ ଯେ ତୁମରି ଅଭିନୟ, ତୁମରି ପ୍ରଚେଷ୍ଟା । ଦୁର୍ବଳ ଆମେ, ଅସହାୟ ଆମେ । ତୁମରି କରୁଣାର ହସ୍ତ ଏ ଅସହାୟମାନଙ୍କ ପ୍ରତି ପ୍ରସାରିତ ହେଉ । ସକଳ ବିଚାରର ଊର୍ଦ୍ଧ୍ୱରେ ତୁମରି ବିଚାର, ତୁମରି କରୁଣାର ଅଧୀନ ବୋଲି ସେମାନେ ନିଜକୁ ଅନୁଭବ କରନ୍ତୁ । ସେମାନଙ୍କର ସକଳ ମଳିନତା ସକଳ ବ୍ୟଥା ତୁମରି କରସ୍ପର୍ଶରେ ପୁଣ୍ୟ ହେଉ, ଅମୃତ ହେଉ ।

୧୮୭୭ ସାଲକୁ ଉତ୍କଳର ରୂପ ବହୁ ପରିମାଣରେ ପରି-ବର୍ତ୍ତିତ ହୋଇଅଛି । ଉତ୍କଳୀୟ ଶ୍ରମିକ ଶ୍ରେଣୀର ବହୁ ସଂଖ୍ୟକ ଲୋକ କଲିକତା ରେଙ୍ଗୁନରେ ଆଶ୍ରୟ ନେଇଅଛନ୍ତି । ଉତ୍କଳୀୟ କୃଷକ ଗୃହରେ ଭବିଷ୍ୟତ ପାଇଁ ପୂର୍ବେ ଯେ ଧାନ୍ୟ ସଞ୍ଚିତ ରହୁଥିଲା, ତାହା ଶୂନ୍ୟ ହୋଇଅଛି । କଟକରେ ନବ ପ୍ରତିଷ୍ଠିତ ମ୍ୟୁନିସିପାଲିଟି କାର୍ଯ୍ୟ

ଆରମ୍ଭ କରିଅଛି । ଦୁର୍ଭିକ୍ଷ ନାହିଁ, ମହାମାରୀ ନାହିଁ—ଭୂକମ୍ପର ବିକଳ ଚିତ୍କାର ଆକାଶ ଜନପଦ ମଥିତ କରୁ ନାହିଁ; କିନ୍ତୁ ସମଗ୍ର ଦେଶବ୍ୟାପୀ ଗୋଟାଏ ଧୂମହୀନ ଚିତାର ଅନଳ ଅହରହ ଜ୍ୱଳି ଉଠୁଛି । ସେ ଚିତାର ଯେପରି ବିରାମ ନାହିଁ, ଶେଷ ନାହିଁ । ସମସ୍ତ ଦେଶର ସେ ଅନଳ ନାନାରୂପ ନାନାଆକାରରେ ଜଳି ଉଠୁଛି ।— ଧୂମହୀନ, ଶିଖାହୀନ ! ଜଗତବାସୀ ଜୀବ ସକଳ ନାନାଦିଗରୁ ଧାବିତ ହୋଇ ଅନ୍ଧବତ୍ ସେ ଅନଳ ମଧ୍ୟରେ ପ୍ରବେଶ କରୁଅଛନ୍ତି । ପ୍ରତି ମୁହୂର୍ତ୍ତରେ ଭସ୍ମ ହୋଇଯାଉଛନ୍ତି,—ପ୍ରତି ମୁହୂର୍ତ୍ତରେ ଅନନ୍ତ କୋଟି ଜନ୍ମଲାଭ କରୁଛନ୍ତି । ବିଶ୍ୱର ମାନ ପ୍ରତି ମୁହୂର୍ତ୍ତରେ ପୂର୍ଣ୍ଣ ହୋଇ ଉଠୁଚି; କିନ୍ତୁ ପର ମୁହୂର୍ତ୍ତରେ ଶୂନ୍ୟ ନିଃଶେଷ । ସୃଷ୍ଟି ଲୟର ଏହି ଚିରନ୍ତନ କ୍ରୀଡ଼ା ମଧ୍ୟରେ ସମୟର ବ୍ୟବଧାନ ନାହିଁ ।

ଲଜ୍ଜାରେ ତାଙ୍କର ଅନ୍ତର ଅନଳ ହୋଇ ପଡ଼ିଲା । ଏ ପ୍ରଳୟ ମୁଖରୁ କାହାକୁ ସେ ଉଦ୍ଧାର କରିବା ଲାଗି ଅବତୀର୍ଣ୍ଣ ହୋଇଥିଲେ ? ଆଜି ତାଙ୍କର ଶକ୍ତିପୁଞ୍ଜ କ୍ଷୟ ହୋଇଅଛି । ଦେହ ତାଙ୍କର ରୁଗ୍ଣ ଅବସନ୍ନ । ଦଶବର୍ଷ ପୂର୍ବେ ଯେଉଁସ୍ଥାନକୁ ସେ ସ୍ୱୀୟ କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ, ତାହାର ଚିହ୍ନ ଆଜି ସ୍ୱଚକ୍ଷୁରେ ଦେଖି ନାହାନ୍ତି । କିନ୍ତୁ ବିଦେଶରେ ମଧ୍ୟ ଏହି ମୃତ୍ୟୁମୁଖୀ ନରସମାଜ ପ୍ରତି ଦୃଷ୍ଟିପାତ କରି ତାଙ୍କର ମନେହେଲା, ଅପରିବର୍ତ୍ତନୀୟ ଏହି ଜଗତର ନିୟମ । ବହୁ ପୂର୍ବରୁ ଏ ନିୟମ ନିର୍ଦ୍ଦିଷ୍ଟ ହୋଇ ରହିଅଛି । ମାନବକୁ କେବଳ ନିଜ ବିବେକ—ବୁଦ୍ଧି ସାହାଯ୍ୟରେ ଯାହା ସତ ଓ କଲ୍ୟାଣକର ସେହି କର୍ମ କରିବାକୁ ହେବ । ସେଥିପାଇଁ ଫଳରେ ଆଶା ରଖିବାର ଅର୍ଥ ନିର୍ମମ ରୂପେ ଉପହାସିତ ହେବ ।

ଜଗନ୍ନାଥ ରାସ୍ତାରେ ବହୁଯାତ୍ରୀ ଚାଲି ଅଛନ୍ତି ।—ସ୍ତ୍ରୀ, ପୁରୁଷ, ବୃଦ୍ଧ, ଶିଶୁ । ବହୁଦେଶ ବହୁଦୂର ସ୍ଥାନରୁ ଏ ଯାତ୍ରୀର ସ୍ରୋତ ପଥଶ୍ରମ କରି ଚାଲିଅଛି । କି ବିଶ୍ୱାସ କି ନିଷ୍ଠା ବହନ କରି, କିଏ କହିବ ! ସେମାନଙ୍କ ମଧ୍ୟରେ ରୁଗ୍‌ଣ ଅନ୍ଧ ଖଞ୍ଜର ମଧ୍ୟ ଅଭାବ ନାହିଁ । କି ଲାଭ ଆଶାରେ ଏତେ ଦୁଃଖ ଏତେ କଷ୍ଟ—କିଏ କହିବ ? ଯାଜପୁର, ଭୁବନେଶ୍ୱର, ପୁରୀ, କୋଣାର୍କ—ସମଗ୍ରଦେଶବ୍ୟାପୀ ଗୋଟାଏ ବିରାଟ ତୀର୍ଥ ସ୍ଥାନ । ଆକବରଙ୍କର ବିଜୟୀ ମୁସଲମାନ ସେନାପତିଙ୍କ ଭାଷାରେ, ଏ ଦେଶ ଜୟ କରିବା ପାଇଁ ଅଥବା ମାନବର ଉଚ୍ଚାକାଂକ୍ଷା ଚରିତାର୍ଥ କରିବା ପାଇଁ ଉପଯୁକ୍ତ ସ୍ଥଳ ନୁହେ । ଏ କେବଳ ଦେବତାମାନଙ୍କର ରାଜ୍ୟ ଏବଂ ସମଗ୍ର ଦେଶବ୍ୟାପୀ ଗୋଟାଏ ବିରାଟ ତୀର୍ଥ ସ୍ଥାନ ।

ଏହି ତୀର୍ଥଯାତ୍ରୀମାନଙ୍କ ମଧ୍ୟରେ ଏକ ଦୀର୍ଘକାୟ ପୁରୁଷ ହସ୍ତରେ ଗୋଟିଏ ଲୋଟା ଏବଂ ସ୍କନ୍ଧରେ ଖଣ୍ଡିଏ କମ୍ବଳ ବହନ କରି ସମାନ ପଦକ୍ଷେପରେ ଚାଲିଅଛି ।

ତା ଯାତ୍ରା ଯେପରି ବିରାମହୀନ, ତାର ଆଦି ନାହିଁ, ଅନ୍ତ ନାହିଁ—ଅନନ୍ତକାଳ ଧରି ସେ ବୃଦ୍ଧ ଏହି ଏକ ଗତିରେ ଚାଲିଅଛି । ତାର ସ୍ୱଦେଶ ନାହିଁ, ବିଦେଶ ନାହିଁ, ଗୃହନାହିଁ ବାହାର ନାହିଁ । ପଥ ତାର ଅସୀମ । ସ୍ୱଗୃହ ସ୍ୱଦେଶ ବା ବନ୍ଧୁ ସ୍ୱଜନ ଦେଖିବା ପାଇଁ ତାର ଔତ୍ସୁକ୍ୟ ନାହିଁ । ଲକ୍ଷ୍ୟ ସ୍ଥଳ ନାହିଁ—ଯେଉଁଠାରେ ପହଞ୍ଚି ପଥଶ୍ରମ ବିସ୍ମୃତି ହେବ । ଏହି ପଥଚାଲିବାହିଁ ତାର ଆନନ୍ଦ । ଲଳନାର ହାସ୍ୟ, ଶିଶୁର ମାଧୁରୀ, କାହିଁରେ ଏପରି ଆନନ୍ଦ ତାକୁ ମିଳେ ନାହିଁ । ଅନିର୍ଦ୍ଦିଷ୍ଟ, ଜୀବନ ଲକ୍ଷ୍ୟ ହୀନ ଗତି ! ଚିରକାଳ ଧରି ସେ ଏହିପରି ଗତି କରୁଅଛି—ଆରମ୍ଭ ନାହିଁ, ଶେଷ ନାହିଁ ।

ତାର ମସ୍ତକର କେଶ ଗଣି ପକ୍ୱ ହୋଇଅଛି, ମୁଖରେ ସୁଦୀର୍ଘ ଚର୍ମ ତାର ଲୋଳିତ । ଦେହଟାକୁ ସ୍ୱଚ୍ଛନ୍ଦରେ ବହନ କରିନେବା ପାଇଁ ପଦ ଯେପରି ଶକ୍ତିହୀନ । ତଥାପି ସେ ତାର ସଙ୍ଗୀମାନଙ୍କ ସହିତ ସକଳ ଭାଷାରେ ଆନନ୍ଦ ଆଳାପ କରି ଚାଲିଅଛି । କେତେ ଗୋଷ୍ଠି ତାର ପଥିକ ବନ୍ଧୁ ଯୁଟି ଅଛନ୍ତି । କେତେ ଦିନ ଧରି କଏ କେତେ ପଥ ଅତିକ୍ରମ କରି ଆସିଅଛି ! ସମସ୍ତଙ୍କର ସେ କୁଶଳ ସମ୍ବାଦ ପଚାରି ବୁଝୁଅଛି । କିନ୍ତୁ ତାର ନିଜର ସମ୍ବାଦ ଯେଉଁମାନେ ତାଠାରୁ ଶୁଣୁଅଛନ୍ତି, ସେମାନେ ଭୟ ଓ ବିସ୍ମୟର ଦୃଷ୍ଟିରେ ଥରେ ତାର ମୁଖକୁ ଚାହିଁ ତପୂରେ ଦୂରରେ ରହିବାକୁ ଲୋଡ଼ୁଅଛନ୍ତି । ହସି ହସି ସେମାନଙ୍କୁ ପଶ୍ଚାତ୍‌ରେ ରଖି ସେ ଅଗ୍ରସର ହେଉଅଛି । ଆଉ କଏ ତାଠାରୁ ମୁକ୍ତି ଲଭିବା ଆଶାରେ ଅର୍ଦ୍ଧପଥରେ ପରିତ୍ୟାଗ କରି ଅଗ୍ରଗାମୀ ହୋଇ ଯାଉଅଛି । ତା ମୁଖରେ କିନ୍ତୁ କେବଳ ହାସ୍ୟ ବ୍ୟଞ୍ଜିତ ଘୃଣାଦ୍ୱେଷର ଚିହ୍ନ ନାହିଁ ! ପଥ ମଧ୍ୟରେ ଏହିପରି କେତେ ନୂତନ ସଙ୍ଗୀ ଯୁଟିଛନ୍ତି, କିନ୍ତୁ ତାର ପରିଚୟ ପାଇ ପରମୁହୂର୍ତ୍ତରେ ଦୂର ହୋଇ ଯାଇଅଛନ୍ତି । ସେ ମଧ୍ୟ ଶେଷରେ ପୁଣିର ଅନେକ ଦୂରରୁ ତାର ସଙ୍ଗୀମାନଙ୍କୁ ପରିତ୍ୟାଗ କରି ଅନ୍ୟ ପଥରେ ଗତି କରିବାକୁ ଲାଗିଲା । ତାର ସୁଦୀର୍ଘ ଅବୟବ, ମୁଖ ଓ ମସ୍ତକର କେଶଗୁଚ୍ଛ, ତୀକ୍ଷ୍ଣ ନାସା ଏବଂ ଉଜ୍ଜ୍ୱଳ ଚକ୍ଷୁ ପଥିକମାନଙ୍କର ବିସ୍ମୟ ଓ ସନ୍ଦେହ ଜାତ କଲା । ପଥଶ୍ରମରେ ଭାଲ ଦେଶ ଘର୍ମାକ୍ତ । ଚୈତ୍ରର ସୁଦୀର୍ଘ ମଧ୍ୟାହ୍ନରେ ପ୍ରଚଣ୍ଡ ରୌଦ୍ର ଦଗ୍ଧ ଆମ୍ର କୁଞ୍ଜରୁ ଶବ୍ଦ ଭାସି ଆସିଲା—
କୁ ! କୁ !

ଏହି ଅଦ୍ଭୁତ ପଥିକଟି ନିଜର ସର୍ବାଙ୍ଗରେ ଦୃଷ୍ଟିପାତ କଲା । ଉଦ୍ୟାନର ସ୍ୱଚ୍ଛଜଳ ଦର୍ପଣରେ ନିଜର ରୂପ ଦର୍ଶନ କଲା ।

ପୁନଶ୍ଚ ସେହି ଶବ୍ଦ ଶୁଣିପାରିଲା—କୁହୁ ! ! ତତ୍ପରେ ସେ ଅସ୍ୱାଭାବିକ ରୂପେ ହସି ଉଠିଲା ଏବଂ ବଦ୍ୟାନଦୀର ଜଳରେ ସ୍ୱୀୟ ତୃଷିତ କଣ୍ଠକୁ ଆର୍ଦ୍ର କରି ପୂର୍ବବତ୍ ରୌଦ୍ରତାପରେ ଗତି କରିବାକୁ ଲାଗିଲା ।

କଲ୍ୟାଣପୁର ଗ୍ରାମରେ ଏପରି ପୁରୁଷ ଆଉ କେବେ ପ୍ରବେଶ କରିଥିବାର କେହି ଦେଖି ନାହାଁନ୍ତି । ସେଥିପାଇଁ ସେ ପ୍ରବେଶ କରିବାମାତ୍ରେ ଗ୍ରାମର ଶ୍ୱାନ ପର୍ଯ୍ୟନ୍ତ ଚିତ୍କାର କରି ଉଠିଲେ । ଗ୍ରାମର ଶିଶୁବୃନ୍ଦ ଭୟାତୁର ହୋଇ ଗୃହ ବାରଣ୍ଡାରୁ ନିମ୍ନକୁ ଅବତରଣ କଲେ ନାହିଁ । ଦୁଇଟି ଗୋଟିଏ ଯୁବକ ତାର ପଶ୍ଚାତ୍‌ଗାମୀ ହୋଇ ଚାଲିଲେ । ଲୋକଟି ପଚାରିଲା, 'ସନାତନ ପାଷତଙ୍କର ଘର ଏହି ଗ୍ରାମରେ ନା ?' ଯୁବକ ଦୁଇଟି ବିସ୍ମିତ ଅବାକ ଦୃଷ୍ଟିରେ ତା ପ୍ରତି ଚାହିଁଲେ । ତାର ଭୟାବହରୂପ ଦର୍ଶନ କରି କୌଣସି ଉତ୍ତର ଦେବାକୁ ସେମାନଙ୍କର ସାହସ ହେଲା ନାହିଁ କେବଳ ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟକୁ ଅନୁଚ୍ଚସ୍ୱରରେ କହି ଉଠିଲା, 'ଆରେ ସେହିରେ ସନାତନ—ମଣିଷ ମାରୁ !'

ପଥିକ କିଛି ନ ଶୁଣି ସିଧା ସିଧା ଚାଲିଲା,—କୌଣସି ଉତ୍ତରକୁ ଅପେକ୍ଷା ନ ରଖି । ଦେଖିଲା ସନାତନର ଗୃହ ଯେଉଁଠାରେ ଥିଲା, ସେଠାରେ କଦଳୀ ବୃକ୍ଷ ଲାଗିଛି । ଗୋଧୂଳିର ଅନ୍ଧକାରରେ ରୂପ ତାର ଭୀଷଣତର ହୋଇ ଉଠିଅଛି । ପ୍ରତ୍ୟାବର୍ତ୍ତନ କରି ଗୋଟିଏ ଗୃହରେ ବିଶ୍ରାମ ନେବା ଆଶାରେ ଦ୍ୱାରଦେଶରେ ସେ ବସି ପଡ଼ିଲା । ଯୁବକ ଦୁଇଟି ଗୃହ ମଧ୍ୟରେ ପ୍ରବେଶ କରି ଡାକିଲେ, 'ଆହା ଅଜା, ତମଘରକୁ କୁଳିଆଁ ଆସିଲେଣି ।' ଗୃହ ମଧ୍ୟରୁ ବୃଦ୍ଧର କର୍କଶ କଣ୍ଠ ଶୁଣାଗଲା, 'କିଏରେ ସେ ?' 'କେଜାଣେ

ସନାତନ ଗୋସେଇଁ ତନ୍ନି ଆଡ଼ୁ ଫେରି ଆସି ତୁମ ଦୁଆରେ ତ ବସିଲଣି ।'

'ଆରେ ତଡ଼ ରେ, ତଡ଼ ତାକୁ । ଚୋର କି ଡକେଇତ କିଛି ଜଣା ନାହିଁ, ଦୁଆରେ ଆସି ବସି ପଡୁଚ ।' କହି କହି ବୃଦ୍ଧ ବାହାରକୁ ଆସି ଗର୍ଜନ କଲ, 'ବାହାର, ବାହାର, କଏରେ ତୁ ? କୁହା ନାହିଁ ପୋଛା ନାହିଁ—

ଲୋକଟି ମୃଦୁ ହସି କହିଲ, 'ବହୁତ ବାଟରୁ ଆସିଛି, ବାବା, ଆଜି ରାତିଟା ଖାଲି ଏଠାରେ—'

'ଆରେ ନାହିଁ ରେ, ବାବା, ଆଉ କୁଆଡ଼େ ଯା, ମୋର ଘର କାହିଁ ତତେ ଚର୍ଚ୍ଚା କରିବାକୁ ।'

'ବାବା ଏହି ବାରଣ୍ଡାରେ—'

'ଓହୋ ବାରଣ୍ଡାଟା ଯୁଆର କଣା ଖରିଦା ପରି—ବାହାର ବୋଲ କହୁଚ—ଜଣା ନାହିଁ ଶୁଣା ନାହିଁ ।'

ଲୋକଟି କମ୍ବଳଖଣ୍ଡି ପୁନଶ୍ଚ ସ୍କନ୍ଧରେ ରଖି ଗାତ୍ରୋତ୍ଥାନ କଲ । ଫେରି ଯିବାବେଳେ ଉତ୍ସୁକ ଯୁବକ ଦୁଇଟିଙ୍କୁ ମୃଦୁ ହସି ପଚାରିଲ, 'ସେ ବୁଢ଼ାଟିର ନାମ ଆନନ୍ଦଦାସ ନା ?' ଯୁବକ ଦୁଇଟି ବାକ୍ୟୋଚ୍ଚାରଣ ନ କରି କେବଳ ସମ୍ମତିସୂଚକ ମସ୍ତକ ସଞ୍ଚାଳନ କଲେ । କଲ୍ୟାଣପୁରର ଶିଶୁ ଯୁବକ ପୁରୁଷ ନାରୀ ସମସ୍ତଙ୍କର କୌତୁହଳ ଓ ବିସ୍ମୟ ବହନ କରି ଅନ୍ଧକାର ମଧ୍ୟରେ ସେ ଅଦୃଶ୍ୟ ହୋଇଗଲ । ସେହି ଏକଗତି, ଏକରୂପ ପଦକ୍ଷେପ ! ଅନ୍ଧକାରରେ ତାର ଭୟ ଜାତ ହେଲ ନାହିଁ—ଯେପରି ସେ ସୁବିଦିତର । କିଛି ଦୂର ଯାଇ ଶୁଣି ପାରିଲ, ଗୋଟିଏ ଦଶନହୀନ ବୃଦ୍ଧ-କଣ୍ଠର କରୁଣ ଆକୂତି— 'ସୁରଦାସ ବାବା—ଭଗବାନ ତୁମର ମଙ୍ଗଳ କରିବେ ।' ଅଗ୍ରସର

ହୋଇ ସେ ଦେଖିଲା ପଥ ପାର୍ଶ୍ୱରେ ଗୋଟିଏ ବୃଦ୍ଧ ଭୂତଳକୁ ମସ୍ତକ ଅବନତ କରି ବସିଅଛି । ନିକଟରେ ଅଳ୍ପ ବୟସର ବାଳକଟିଏ । ପଥିକ ତାର ନିକଟସ୍ଥ ହେବାର ଜାଣିପାରି ବୃଦ୍ଧ ମସ୍ତକ ଉତ୍ତୋଳନ କରି କହି ଉଠିଲା, 'ବାବା, ସୁରଦାସ ମୁଁ—ଭିକ୍ଷାପାଇଁ ଭୁବନେଶ୍ୱର ଯାଉଛି—ବାଟରେ ସନ୍ଧ୍ୟା ହୋଇଗଲା, ଏହି ବାଳକଟି ବାଟ ଦେଖି ନାହିଁ—କିଛି ଦୟାକର ବାବା, ଭଗବାନ ତୁମର ମଙ୍ଗଳ କରିବେ ।'

ଆଗନ୍ତୁକ ଉତ୍ତର କଲା, 'ଏହି ବାଟ ପାଖରେ, କିପରି ରାତି ଗୋଟାକ ପଡ଼ି ରହିବ ?

ତତ୍ପରେ ଅଳ୍ପକ୍ଷଣ ଚିନ୍ତାକରି କହିଲା, 'ଆଚ୍ଛା, ମୁଁ ମଧ୍ୟ ଭୁବନେଶ୍ୱର ଯିବି, ମୋ ସାଙ୍ଗରେ ଯାଇ ପାରିବ ?' ଅନ୍ଧ ଚମକିପଡ଼ି କହିଲା, 'ଆହା ! କାହା କଣ୍ଠପରି ଏ ବଚନ ଶୁଣାଗଲା । କିଏ ତୁମେ ବାବା, ଭଗବାନ ତୁମର ମଙ୍ଗଳ କରନ୍ତୁ ।'

'ବାଟୋଇ ଜଣେ ମୁଁ—ଭୁବନେଶ୍ୱର ଯାଉଚି—ଯାଇପାରିବ ମୋ ସାଥିରେ ?' ବୃଦ୍ଧ କମ୍ପିତ ଦେହରେ ବାଳକଟିକୁ ଅବଲମ୍ବନ କରି ଦଣ୍ଡାୟମାନ ହେଲା । ତାର ଅଧର ଯେପରି ଅତ୍ୟଧିକ କମ୍ପିତ ହୋଇ ଉଠିଅଛି—'ନାଃ, ସେ କାହିଁ ପୁଣି ଫେରିବ !' ଏହି ବୃଦ୍ଧର ଅବସ୍ଥା ଦେଖି ଏବଂ ତାର ବାକ୍ୟ ଶ୍ରବଣ କରି ପଥିକଟିର ମଧ୍ୟ କୌତୂହଳ ଜାତ ହେଲା । ବୃଦ୍ଧର ପଦ ଚଳୁ ନାହିଁ, ହସ୍ତସ୍ଥିତ ଯଷ୍ଟିର ଏକ ପ୍ରାନ୍ତ ବାଳକକୁ ଦେଇ ଏବଂ ଅନ୍ୟ ପ୍ରାନ୍ତ ନିଜେ ଧାରଣ କରି ସେ ଧୀରେ ଧୀରେ ଚଳିବାକୁ ଲାଗିଲା । ତାର ହସ୍ତ କମ୍ପନରେ ଯଷ୍ଟି ଖଣ୍ଡି ମଧ୍ୟ କମ୍ପିତ ହୋଇ ଉଠୁଚି । ପଥିକ ପଚାରିଲା, 'କେଉଁଠାରୁ ଆସୁଚ ?'

ମୋ କଥା ପଚାରୁଛ ବାବା—'ହା, ହୋ' ବୃଦ୍ଧ ହାସ୍ୟ କଲା କିମ୍ବା କ୍ରନ୍ଦନ କଲା କିଛି ବୁଝାଗଲା ନାହିଁ । 'ଶୁଣିବ ବାବା, ଶୁଣିବ ? ତା ହେଲେ ମତେ ଆଜ ବାଟ ଦେଖେଇ ସାଥିରେ ନେବ କି ?—ନାହିଁ ବାବା, ଦୟାବନ୍ତ ପୁରୁଷ ତୁମେ, ତୁମ ଆଗରେ କହିବି ନାହିଁ ? ମୁକ୍ତାଗଡ଼ ନାମ ଶୁଣିଛ ବାବା ?' ପଥିକ ଚଞ୍ଚଳ ହୋଇ ବୃଦ୍ଧର ମୁଖକୁ ଚାହିଁଲା—'ସେହି ମୁକ୍ତାଗଡ଼ର ବଳରାମ ପଟ୍ଟନାୟକ ମୁଁ ?' ପଥିକ ସହଜ ସ୍ୱରରେ ଉତ୍ତର କଲା, 'ହଁ ହଁ ଶୁଣିଛି—ମୁକ୍ତାଗଡ଼ର ନାମ ।'

'ସେହି ଗଡ଼ର ରାଜାଙ୍କର ଦକ୍ଷିଣ ହସ୍ତ ଥିଲି ।'

'ହଁ କଣ ହେଲା ସେଥିରୁ ?'

'ରାଜା ଦ୍ୱୀପାନ୍ତର ହେଲେ, ରାଣୀ କଲେ ଆତ୍ମହତ୍ୟା ।'

ପଥିକର ମୁଖରୁ ନିଃସୃତ ହେଲା, 'ରାଣୀ ।' 'ହଁ ବାବା, ରାଣୀ । କାନରେ ହାତ ଦିଅ ବାବା—ଆଜ ଶୁଣିବା ଦରକାର ନାହିଁ । ମୁଁ ସେଥିପାଇଁ ଦାୟୀ ବାବା, ସବୁ ପାପ ମୋହର ମୁଣ୍ଡରେ । ଅତର୍କିତ ଭାବରେ ପଥିକର ଦୃଢ଼ ମୁଷ୍ଟି ବୃଦ୍ଧର ହସ୍ତ ଉପରେ ପତିତ ହେଲା । ଓହୋ, ଏ କଣ ବାବା ରାଗ କଲ କି ? ହଁ ବାବା, ବଡ଼ ପାପ କରିଛି, ଓହୋ ଦିଅ ବାବା, ମାରିଦିଅ—ଜିଅନ୍ତାରେ ଟିକିଟିକି କରି କାଟି ଦିଅ । ଏ କଣ ! ଛାଡ଼ି ଦେଲ ଯେ ! ଛାଡ଼ି ଚାଲି ଯିବ କି ? ଦୟା କର ବାବା, ଦୟାକର ।' ପରମୁହୂର୍ତ୍ତରେ ସ୍ୱୀୟ ମୁଷ୍ଟିରୁ ବୃଦ୍ଧର ହସ୍ତ ମୁକ୍ତ କରି ପଥିକ କହିଲା, 'ନା, ଭୟ ନାହିଁ—ବାଳକଟି ତୁମକୁ ଚଳାଇ ପାରୁ ନାହିଁ । ଆସ ମୋର ହାତ ଧର—ସୁବିଧାରେ ତୁମକୁ ବାଟ ଦେଖାଇ ନେଇଯିବି ।'

'ଓହୋ କି ଦୟା ! ଏଥିପାଇଁ ସେପରି ହାତ ଧରିପକାଇଲ କି ?—ମୁଁ ବୁଝିପାରିଲି ନାହିଁ, ବାବା !' ନିବଡ଼ ଅନ୍ଧକାର ମଧ୍ୟରେ ଏହି ବୃଦ୍ଧ ପ୍ରତି ସ୍ୱୀୟ ହସ୍ତ ପ୍ରସାରଣ କରି ପଥିକ ଧୀରେ ଧୀରେ ଚାଲିଲା ।

Give to every man that asketh of thee: and of him that taketh away thy goods, ask them not again.

ପ୍ରତ୍ୟେକ ଲୋକକୁ ତାର ପ୍ରାର୍ଥିତ ବସ୍ତୁ ଦାନ କର; ଆଉ ଯେ ତୁମଠାରୁ ସମସ୍ତ ଗ୍ରହଣ କରିଅଛି, ତାଠାରୁ ସେ ସକଳ ଫେରି ପାଇବା ପାଇଁ ଲୋଡ଼ା ନାହିଁ !

ପରଦିନ ପ୍ରଭାତ । ଭୁବନେଶ୍ୱର କ୍ଷେତ୍ର । ପୂର୍ବରାତ୍ରିରେ ଅନ୍ଧଭିକ୍ଷୁକର ହସ୍ତ ଧାରଣ କରି ପଥିକ ଏଠାରେ ଉପସ୍ଥିତ ହେଲା । ମନ୍ଦିରର ଦ୍ୱାର ଦେଶରେ ଜଣେ ସନ୍ନ୍ୟାସୀର ଚତୁଷ୍ପାର୍ଶ୍ୱରେ ବହୁ ଲୋକ ରୁଣ୍ଡ ହୋଇଅଛନ୍ତି । କେବଳ ମନୁଷ୍ୟ ନୁହେଁ, କାକ, ବିଡ଼ାଳ, କୁକ୍କୁର, ମର୍କଟ ପ୍ରଭୃତି କେତେ ପଶୁ ପକ୍ଷୀ ମଧ୍ୟ ସମବେତ ହୋଇଅଛନ୍ତି । ସନ୍ୟାସୀ ନିଜେ ଆହାରରେ ବସି ଚତୁଷ୍ପାର୍ଶ୍ୱରେ ଏହି ଜୀବଗୁଡ଼ିକୁ ଆହାର ବିତରଣ କରୁଛନ୍ତି । ନିକଟରେ ଭସ୍ମ ବିଲେପିତ ଅନ୍ୟ ଗୋଟିଏ କୃଷ୍ଣକାୟ ପୁରୁଷ ଆସୀନ । ସନ୍ୟାସୀର ସେ ଶିଷ୍ୟ ।

ଆଗନ୍ତୁକଟି ଲୋକ ମୁଖରୁ ଶୁଣିପାରିଲା, ବାବାଜିଙ୍କୁ ସମସ୍ତେ 'ଅଭିରାମ ବାବା, ବୋଲି ଡାକନ୍ତି ଏବଂ ସନ୍ୟାସୀ ତାଙ୍କର ଶିଷ୍ୟକୁ 'ବଶି' ବୋଲି ଡାକନ୍ତି । ଧୀରେ ଧୀରେ ସେ ବାବାଜୀ ନିକଟକୁ ଯାଇ ତାର କର୍ଣ୍ଣମୂଳରେ କହିଲା, 'ଅଭିରାମ !' ସନ୍ୟାସୀ ବିସ୍ମିତ

ଦୃଷ୍ଟିରେ ଲୋକଟିର ମୁଖକୁ ଚାହିଁ ଅନ୍ଧ ସମେତ ବଦନ ବ୍ୟାଦାନ କରି କିଛି କହିବାକୁ ଯାଉଥିଲା; କିନ୍ତୁ ଆଗନ୍ତୁକ ବାଧା ଦେଇ ପୁନର୍ବାର ତାର କର୍ଣ୍ଣମୂଳରେ କହିଲା, 'ସ୍ଥିର ହୁଅ ଅଭିରାମ । ଆଗେ ତୁମ କଥା କହ—ଏ ପୁଣି କି ନୂଆ ଅଭିନୟ ?' ସନ୍ନ୍ୟାସୀ ମୃଦୁସ୍ମିତ ଅନ୍ନ ସହିତ ହସି ଉଠିଲା, 'ନୂଆ ଅଭିନୟ ? ଏହି ଜନ୍ତୁଜନ୍ତାଗୁଡ଼ିକୁ ପାଖରେ ବସାଇ ଆହାର ଦେଉଚି ? ଆଉ କାହାକୁ ଦେବି ଭାଇ ? ମଣିଷକୁ ? ନା ଦେବତାକୁ ? ନାହିଁ ଭାଇ ସେମାନଙ୍କ ଅପେକ୍ଷା ଏଗୁଡ଼ିକ ଢେର୍ ଭଲ । ଦେବତା ଶୋଷଣ କରେ ମଣିଷଠାରୁ, ମଣିଷ ଶୋଷଣ କରେ ଏମାନଙ୍କଠାରୁ । ଏତେଦିନ ଯେ ସେମାନଙ୍କଠାରୁ ଶୋଷଣ କରି ଖାଇ ଆସିଲି ନ ଦେଇ ଯିବି କୁଆଡ଼େ ।'

ଆହାର ସମାପନ କରି ସନ୍ନ୍ୟାସୀଙ୍କୁ ଏହି ଆଗନ୍ତୁକ ସହିତ ଏକାନ୍ତରେ ଗଳ୍ପ କରୁଥିବାର ଦେଖି ଲୋକେ ମନେ କଲେ ଅଭିରାମ ବାବାର ଜଣେ ସଙ୍ଗୀ ଯୁଟି ଯାଇଅଛି । ଅଭିରାମ ଏହି ଆଗନ୍ତୁକକୁ ଏକାନ୍ତରେ କହିଲା, 'ଶୁଭ ଭାଇ ! ତମେ ସବାଙ୍କର ବୁଢ଼ା ଜଣ ଏକା ଜିତି ଗଲ ମତେ, କିନ୍ତୁ ଏ ମଧ୍ୟରେ ବଡ଼ ବୁଢ଼ା ହୋଇ ପଡ଼ିଛ ଭାଇ ।'

'ହଁ ନ ହେବ କାହିଁକି, ବୃଦ୍ଧ ହେବା ଯେ ତୁମ ଜୀବନର ସାଧନା । ମୁଁ ଯେତେବେଳେ 'ଯୌବନ' 'ଯୌବନ' ଚିତ୍କାର କରେ, ତୁମେ ସେତେବେଳେ କହି ଉଠେ—ବାର୍ଦ୍ଧକ୍ୟ ବାର୍ଦ୍ଧକ୍ୟ !' ଅଭିରାମ ହସି ଉଠିଲା ।

# ଷଡ଼ବିଂଶ ପରିଚ୍ଛେଦ

ଅଭିରାମ ଏବଂ ରତି ନିକଟରୁ ଶୁଭକାନ୍ତ ତାଙ୍କର ଅନୁପସ୍ଥିତ କାଳର ସମସ୍ତ ସମ୍ବାଦ ଲାଭ କଲେ । ଶୋଭା ଶେଷ ଜୀବନ ବାତୁଳ ହୋଇ ପ୍ରାଣତ୍ୟାଗ କରିଅଛି । ଶେଷ ପର୍ଯ୍ୟନ୍ତ ତା ମୁଖରୁ କୌଣସି କଥା ବାହାରି ନାହିଁ । କେବଳ ମୂକ ହୋଇ ସେ ସମସ୍ତଙ୍କ ମୁଖକୁ ଗୃହେଁ ଏବଂ ହସେ । ପ୍ରଶ୍ନ କଲେ କୌଣସି ଉତ୍ତର ଦିଏ ନାହିଁ । ଆଉ ନିଧି ରଥ ? ସେ ମହା ଆନନ୍ଦରେ ସମସ୍ତ ପୈତୃକ ସମ୍ପତ୍ତି ଉପଭୋଗ କରୁଅଛି । ବହୁ ସଂଖ୍ୟକ ଲୋକ ଆଜି ତାର ଅନୁଗତ, କୃପାର ଭିକ୍ଷୁକ ଶ୍ୟାମ ରଥଙ୍କର ହତ୍ୟା ଦିବସଠାରୁ ରତି ସହିତ ନିଧିର ଆଉ ସାକ୍ଷାତ୍ ହୋଇ ନାହିଁ । ରତି ଶୋଭାକୁ ତାର ଶେଷ ଜୀବନ ପର୍ଯ୍ୟନ୍ତ ନିକଟରେହିଁ ରଖିଥିଲା । ଶୋଭାର ମୃତ୍ୟୁ ଦିବସଠାରୁ ସେ ଅଭିରାମର ସାହଚର୍ଯ୍ୟ ଗ୍ରହଣ କରିଅଛି । ଅଭିରାମ ମୁଖରେ ତାର ପ୍ରଶଂସା ଧରେ ନାହିଁ । ଦାରୋଗା ବାବୁଙ୍କର ପେନ୍‌ସନ ଭୋଗ କରିବାପାଇଁ ଯମରାଜାଙ୍କଠାରୁ ମହଲତ୍ ମିଳି ନାହିଁ । କୃପାନାଥ କର୍ମରୁ ଅବସର ଗ୍ରହଣ କରି ବର୍ତ୍ତମାନ ପରମ ବୈଷ୍ଣବ ହୋଇ ଉଠିଅଛନ୍ତି, ବକ୍ଷ ପର୍ଯ୍ୟନ୍ତ ଜଳମଗ୍ନ ହୋଇ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରି ସେ ସହସ୍ର ବାର ନାମ ଜପ କରନ୍ତି ।

ତତ୍ପରେ ଅଳକା ? ଅଳକାର ସମ୍ବାଦ କଣ ? ସେ ବର୍ତ୍ତମାନ ସ୍ୱାମୀ ଗୃହରେ ପୁତ୍ର କନ୍ୟା ସେନ ସୁଖରେ କାଳାତିପାତ କରୁଅଛି ।

ଖଣ୍ଡଗିରି ନିକଟସ୍ଥ ଗୋଟିଏ ଗ୍ରାମରେ ତାର ସ୍ୱାମୀଗୃହ । ସ୍ୱାମୀଙ୍କର ନାମ ନରହରି ମିଶ୍ର । ସେ ବିଦେଶରୁ କିଛି ଅର୍ଥ ଆହରଣ କରି ବର୍ତ୍ତମାନ ସ୍ୱଚ୍ଛନ୍ଦରେ ଅଛନ୍ତି । ସନାତନ ଓ ଶୁଭକାନ୍ତ ଧୃତ ହୋଇ ଯିବାପରଠାରୁ ଅଳକା ସ୍ୱାମୀ ଗୃହରେ । କଲ୍ୟାଣପୁର ଘର ବାଡ଼ି ବିକ୍ରୟ ହୋଇ ଯାଇଅଛି । ସେହିଦିନୁ ସେ ଆଉ କଲ୍ୟାଣପୁରକୁ ଫେରି ନାହିଁ ।

ସ୍ଥିର ହୋଇ ଶୁଭକାନ୍ତ ସମସ୍ତ ଘଟଣା ଶ୍ରବଣ କଲେ । ସମସ୍ତ ଘଟନା ତାଙ୍କୁ ଉପନ୍ୟାସ ପରି ବୋଧ ହେଲା । ନା, ନା, ଜଗତ୍‌ଟା ଉପନ୍ୟାସଠାରୁ ଆହୁରି ଅଦ୍ଭୁତ, ଅଧିକ ବିସ୍ମୟକର । ଏହି ତାଙ୍କର ପରିଚିତ କର୍ମକ୍ଷେତ୍ର, ଏହି ତାଙ୍କର ବେଷ୍ଟନୀ, ଏହି ତାଙ୍କର ସମାଜ ; ଜୀବନ କାଳ ମଧ୍ୟରେ କିଏ କି କର୍ମ କରିଅଛି—କର୍ମ ଅନୁସାରେ କାହାର ପରିଣାମ କି ରୂପ ଘଟିଅଛି, ସେ ବିଷୟର ତାଙ୍କ ହାତରେ ନାହିଁ । କିପରି ବୁଝିବେ ସେ କେଉଁ ନିୟମ ବା ମାତରେ ଏ ବିଶ୍ୱର ଗୃଲିଅଛି । ସେ ଯେ ନିଜେ ସେହି ବିଶ୍ୱରର ଅଧୀନ, ସେହି ନିୟମର ଆୟତ୍ତ । ତାହା, ବଳରାମ, ସନାତନ, କୃପାନାଥ, ଶୋଭା, ଅଳକା ସେ ନିଜେ ମଧ୍ୟ—ସମସ୍ତେ ଆଜ ସେହି ଧ୍ୱଂସ ପଥର ପଥିକ ହୋଇଅଛନ୍ତି । ଆଉ କାହାର କି ପରିଣାମ ସେ ବିଶ୍ୱର କହିବେ !

କାଲୋସ୍ଥି ଲୋକ କ୍ଷୟକୃତ୍ ପ୍ରବୃଦ୍ଧୋ ! ମାନବକୁ କେବଳ କର୍ମ କରିବାକୁ ହେବ । କାରଣ କର୍ମ ବିହନେ ତାର ସ୍ଥିତି ଅସମ୍ଭବ । ସେ କର୍ମରେ ସତ୍ କଣ ଅସତ୍ କଣ ତାହା ତାକୁ ବାଛି ନେବାକୁ ହେବ । ବାସ୍ । ସେହି ପର୍ଯ୍ୟନ୍ତ । ତତ୍‌ପରେ ଅସତ୍ କର୍ମକରି କିଏ ସୁଖୀ ହୋଇ ପାରିଛି, ସତ୍ କର୍ମଦ୍ୱାରା କାହାର ଦୁଃଖ ବୃଦ୍ଧି ହୋଇଛି, ଏ ସକଳ ବିଶ୍ୱର ସ୍ଥିର ରହିପାରେ ନାହିଁ ।

ହେ ଯାତ୍ରୀ । କେବଳ ଯାତ୍ରାରେହିଁ ତୁମର ଆନନ୍ଦ ପର୍ଯ୍ୟବସିତ ହେଉ । ହେ ପଥିକ, ପଥ ତୁମର ଅନନ୍ତ, ଏ ପଥର ଲକ୍ଷ୍ୟନାହିଁ ବିଶ୍ରାମ ସ୍ଥଳ ନାହିଁ । ପଥର ଦୂରତା ଓ ସଙ୍କଟ ଘେନି ବିଚାର କରିବାକୁ ତୁମର ସମୟ ନାହିଁ ।

Judge not, and ye shall not be judged; condemn not, and ye shall not be condemend, forgive and ye shall be forgiven. କାହାରିକୁ ବିଚାର କରନାହିଁ, ତୁମେ ଏହି ବିଚାରରୁ ମୁକ୍ତ ହେବ; କାହାରିକୁ ଦୋଷୀ ବୋଲି ଜ୍ଞାନ କର ନାହିଁ, ତୁମେ ମଧ୍ୟ ଦୋଷରୁ ମୁକ୍ତ ହେବ; କ୍ଷମାକର, କ୍ଷମାଲାଭ କରିବ ।

'ଅନ୍ଧ ସୁରଦାସ ବାବା ଦୟାକର !' ସେହି ବଳରାମ ପଟ୍ଟନାୟକ । ଶୁଭକାନ୍ତଙ୍କର ରାଜ୍ୟନାଶ, ତାଙ୍କର ସ୍ତ୍ରୀର ଆତ୍ମହତ୍ୟା— ସକଳ ପାଇଁ ଏହି ବଳରାମ ଦାୟୀ । କିନ୍ତୁ ତା ପ୍ରତି ଶୁଭକାନ୍ତଙ୍କର କି ଆକ୍ରୋଶ ଅଛି ? ମୁହୂର୍ତ୍ତ ମଧ୍ୟରେ ଅତୀତର ସକଳ ଚିତ୍ର ଚିତ୍ତ ପଥରେ ଭାସି ଉଠିଲା । ନା, ନା, କ୍ଷମାକର, କ୍ଷମାଲାଭ କରିବ ! ସେ ତାଙ୍କର ପଥର ସମ୍ବଳ ଏକମାତ୍ର ମୁଦ୍ରା ଏହି ସୁରଦାସ ହସ୍ତରେ ଅର୍ପଣ କଲେ । 'ଭଗବାନ ତୁମର ମଙ୍ଗଳ କରନ୍ତୁ ବାବା କହି କହି ଅନ୍ଧ ଚାଲିଗଲା ।'

ଅପରାହ୍ଣରେ ଶୁଭକାନ୍ତ ପୁନଶ୍ଚ ଲୋଟା କମ୍ବଳ ଧରି ଯାତ୍ରାରମ୍ଭ କଲେ । ଅଭିରାମ ବିସ୍ମିତ ହୋଇ ପଚାରିଲା, 'ଏ କଣ ? ଏ ଗ୍ରୀଷ୍ମରେ ତୁମର ପରା ଶୀତ ଆରମ୍ଭ ହେଲାଣି ?'

ମୃଦୁ ହସି ଉତ୍ତର କଲେ, 'ହଁ, ଦେହ ଟିକଏ ଜର ଜର ବୋଧ ହେଉଚି—କିନ୍ତୁ ଯାତ୍ରା କରିବାକୁ ହେବ ଯେ ଅଭିରାମ ?'

'ଓ—ପ୍ରବର୍ଯ୍ୟା ? ପୁଣି ଫେରିବ ନା ?'

'ଫେରିବା କଥା କିଏ କହିପାରେ, ଅଭିରାମ ?'

'ଠିକ କଥା, ଠିକ କଥା—ଫେରିବା ନ ଫେରିବା କିଏ କହିପାରେ । ତୁମେ ଫେରିଲେ ମୁଁ ଏଠାରେ ଥିବି କି ନା କିଏ ଜାଣେ ?'

ପୁନଶ୍ଚ ସେହି ଯାତ୍ରାରମ୍ଭ ! କେଉଁଠାରେ ଏ ଯାତ୍ରାର ଚରି ସମାପ୍ତି, ଶୁଭକାନ୍ତ । କେଉଁ ପଥ ଧରି ଚାଲିଛୁ ତୁ—କେଉଁ ନୂତନ ଅଜ୍ଞାତ ଦେଶର ଆବିଷ୍କାର ପାଇଁ । ପାଥେୟ ତୋର ସବୁ ନାହିଁ କି ? ସେ ମଧ୍ୟ ଏହି ପଥପରି ଅଶେଷ ? ଶୁଭକାନ୍ତ ! ଏ ପଥପାର୍ଶ୍ୱରେ କି ଦୃଶ୍ୟ ଆଜି ଦେଖୁଛୁ ? ଯେଉଁମାନଙ୍କୁ ସ୍ୱହସ୍ତରେ ସାହାଯ୍ୟ କରି ପ୍ରାଣରକ୍ଷଣ କରିଥିଲୁ, ସେହିମାନେ ଚିହ୍ନି ପାରୁନାହାନ୍ତି ? ପରିଚୟ ଦେଲେ ମଧ୍ୟ ଅବାକ ହୋଇ ଚାହିଁ ରହୁଚନ୍ତି ? କ୍ଷତି କଣ ? ତୁ ଯେ ସମ୍ପୂର୍ଣ୍ଣ ଅପରିଚିତ ହୋଇ ଜଗତକୁ ଆସିଥିଲୁ, ଅପରିଚିତ ରୂପରେ ଏଠାରୁ ବିଦାୟ ନେବୁ । ଆଉ କିଏ ? ଅଳକା ? ଅଳକା ମଧ୍ୟ ତୋତେ ଚିହ୍ନି ପାରିବ ତ ? ଏହି ବେଶରେ ତାର ହାରସ୍ଥ ହେବୁ ? ତାର ସ୍ୱାମୀ—ପୁତ୍ର—କନ୍ୟା କଣ ମନେ କରିବେ ?

ନା, ନା, ସମସ୍ତ ଅଙ୍ଗରେ ପ୍ରବଳ ଶୈତ୍ୟ ଜାତ ହୋଇଅଛି । ଶରୀର ଅବସନ୍ନ, ପାଦ ଯେପରି ଚଳିବାକୁ ଚାହେଁ ନା । କିନ୍ତୁ ଅଳ୍ପ ଦୂର ଯେ ! ସମ୍ମୁଖରେ ଏହି ଘନ ବୃକ୍ଷାଚ୍ଛାଦିତ ପୁରାଣ ପ୍ରସିଦ୍ଧ ଖଣ୍ଡଗିରି ଦେଖା ଯାଉଅଛି । ନିକଟରେ ଅଳକାର ଗ୍ରାମ । ଅଳକାକୁ ଦେଖିବା ପାଇଁ ଅଭିଳାଷ ନାହିଁ ? ଅଳ୍ପଦୂର—ଦୁଇପାଦ ଅଗ୍ରସର

ହେଲେ ଯେ ଖଣ୍ଡଗିରି ! ବହୁ କଷ୍ଟରେ ସେ ଖଣ୍ଡଗିରି ନିକଟରେ ଉପସ୍ଥିତ ହୋଇ ଗୋଟିଏ ବୃକ୍ଷ ମୂଳରେ ବସି ପଡ଼ିଲେ । ନାଃ, ଆଉ ନୁହେ । ଆଉ ପାରିବେ ନାହିଁ ।

ଦୁଇ ଚାରିଟି ବାଳକ ଆସି ଏହି ଅଦ୍ଭୁତରୂପ ଆଗନ୍ତୁକ ସମକ୍ଷରେ ନାନାଭଙ୍ଗୀରେ ନୃତ୍ୟ କରିବାକୁ ଲାଗିଲେ । ବାଳକ-ମାନଙ୍କୁ ଜ୍ୱରଗ୍ରସ୍ତ କମ୍ପିତ କଣ୍ଠରେ ପଚାରିଲେ, 'ଏଠାରେ ନରହରି ମିଶ୍ରଙ୍କ ଘର କେଉଁ ଗାଁରେ, ବାବା ?' ତାଙ୍କ କଥାରେ କର୍ଣ୍ଣପାତ ନ କରି ସେମାନେ ନାନାପରିହାସ କରିବାକୁ ଲାଗିଲେ । କେବଳ ଗୋଟିଏ ବୟସ୍କ ଯୁବକ ଉତ୍ତର କଲା, 'କରେ ମା ଖିଆ, ତମରି ଘର କଥା ପଚାରୁଛି ରେ ।'

ତପୂରେ ଏହି ଅଦ୍ଭୁତ ଆଗନ୍ତୁକକୁ ଲକ୍ଷ୍ୟ କରି ସେ କହିଲା, 'କେଉଁ ନରହରି ମିଶ୍ର ? ଏହି ଚୃନ୍ଦପୁରର ନା ? ତାଙ୍କର ପୁଅ ସେ ପିଲାଟି—ନା ତାର ମା—ଖିଆ । ନଅଙ୍କ ବେଳେ ତାର ମା ତାକୁ ଖାଇ ଯାଉଥିଲା, ମୁକ୍ତାଗଡ଼ର ରାଜା ତାକୁ ମାଠାରୁ ଛଡ଼ାଇ ଆଣି-ଥିଲେ ।' ସମବେତ ବାଳକ ବୃନ୍ଦ କରତାଳି ମାରି ହସି ଉଠିଲେ । ଏହି ନାମଧେୟ ବାଳକଟି ଲଜ୍ଜା ଓ ଦୁଃଖରେ ବିମର୍ଷ ହୋଇ ପଡ଼ିଲା ।

ଶୁଭକାନ୍ତ ତାକୁ ହାତଠାରି ନିକଟକୁ ଡାକିଲେ । ନିଃସଙ୍କୋଚରେ ସେ ନିକଟକୁ ଆସିଲା । ହୃଷ୍ଟ ପୁଷ୍ଟ କାୟ ବାଳକଟି । ଜନ୍ମରୁ ଯେପରି ଭୟ କଣ ସେ ଜାଣେ ନାହିଁ । ତାର ମସ୍ତକ ଓ ପୃଷ୍ଠଦେଶରେ ହସ୍ତ ସଞ୍ଚାଳନ କରି କହିଲେ, 'ତୁ ସେମାନଙ୍କ କଥାରେ ଦୁଃଖ କରୁଛୁ କି ବାବା ?'

'ନାହିଁ ସେମାନେ ବଲରେତ ମତେ ପାରବେ ନାହିଁ, ସେଥି-ପାଇଁ ମୁହଁରେ ଖାଲି କଳି କରୁଛନ୍ତି ।'

'ଆଚ୍ଛା, ଆଚ୍ଛା, ତୋର ଖୁବ୍ ବଳ ଅଛି, ନା ? ଆଚ୍ଛା, ଏହି କାଗଜଖଣ୍ଡି ନେଇ ତୋର ମାକୁ ଦେଇ ପାରିବୁ ତ ?'

ବାଳକ ଏହି ଆଗନ୍ତୁକଙ୍କୁ ପ୍ରଥମେ ଆଶ୍ଚର୍ଯ୍ୟ ହୋଇ ଚାହିଁଲା । ତାର ବାହୁଦେଶରେ ଗୋଟିଏ ଦୀର୍ଘ କ୍ଷତ ଚିହ୍ନ ଉପରେ ଧୀରେ ଧୀରେ ହସ୍ତ ସ୍ପର୍ଶ କରି ଶୁଭକାନ୍ତ କହିଲେ, 'କଣ ପାରିବୁ ତ ?'

ଆଗନ୍ତୁକଙ୍କୁ ତୁଷ୍ଟ କରିବାକୁ ନୁହେଁ, ତାର ଉକ୍ତିକୁ ସପ୍ରମାଣ କରିବାଲାଗି ବାଳକ ଏହିପତ୍ର ଖଣ୍ଡି ଧରି ଦ୍ରୁତପଦରେ ପ୍ରସ୍ଥାନ କଲା ।

ଖଣ୍ଡଗିରିର ପଶ୍ଚିମ ପାର୍ଶ୍ୱରେ ସୂର୍ଯ୍ୟ ଅସ୍ତ ଗଲା, ସମସ୍ତ ଦିଗ ବଳୟ ଉପରେ ରକ୍ତିମଛଟା ଖେଳାଇ ଦେଇ । ଦୂର ସ୍ଥାନମାନଙ୍କରୁ ଖଣ୍ଡଗିରିର ବୃକ୍ଷରାଜି କ୍ରୋଡ଼ରେ ଆଶ୍ରୟ ନେବାପାଇଁ କଳରବ କରି ପକ୍ଷୀ ଉଡ଼ି ଆସିଲେ । ଶୁଭକାନ୍ତଙ୍କର ପଦ ଆଉ ଚଳିଲା ନାହିଁ । ବସି ରହିବା ମଧ୍ୟ କଷ୍ଟକର ହେଲା । ସେହି ବୃକ୍ଷମୂଳରେ କମ୍ବଳ ଖଣ୍ଡି ପାଡ଼ିଦେଇ ସେ ବିଶ୍ରାମ ନେଲେ । ଖଣ୍ଡଗିରିର ପ୍ରାଚୀନ ଦ୍ରୁମଲତା ମଧ୍ୟରେ ସଞ୍ଚାଳିତ ହୋଇ ମୃଦୁ ପବନ ତାଙ୍କର ଅଙ୍ଗ ସ୍ପର୍ଶ କଲା । ନିଶାର ମାରବତା ସଙ୍ଗେ ସଙ୍ଗେ ଏହି ଅଞ୍ଚଳର ଅବଶେଷ ଖଣ୍ଡ-ଗିରିର ସମାଧି ପ୍ରାପ୍ତ ଇତିହାସ ଯେପରି ପୁନର୍ଜୀବିତ ହୋଇଉଠିଲା । ଐରଖାରବେଳଙ୍କର କଳିଙ୍ଗ ରାଜତ୍ୱ—ରାଜ୍ୟର ସମାରୋହ, ଦାସ ଦାସୀ, ପରିଜନ ଅଶ୍ୱ ହସ୍ତୀ ଏହି ଚତୁରଙ୍ଗର ପଦମର୍ଦ୍ଦିଇରେ, ଏହି ଖଣ୍ଡଗିରି, ଉଦୟଗିରି, ରାଣୀହଂସପୁରର ଗୁହାଗହ୍ୱରରେ ଆଜି ଯେପରି ଧୀରେ ଧୀରେ କଥା କହି ଉଠିଲେ । ସେଥି ସଙ୍ଗେ ସଙ୍ଗେ

ଜାଗ୍ରତ ହୋଇ ଉଠିଲା ମୁକ୍ତାଗଡ଼ର ସ୍ମୃତି ! ହଁ ତଥା ଆତ୍ମହତ୍ୟା କରିଅଛି, ବଳରାମର ଦଶା ସେ ସ୍ୱଚକ୍ଷୁରେ ଦେଖିଅଛନ୍ତି । ଅତୀତର ସ୍ମୃତି ଗୋଟି ଗୋଟି ହୋଇ ତାଙ୍କର ଚିତ୍ତାକାଶରେ ଆଜି ଏହି ଚୈତ୍ର ସନ୍ଧ୍ୟାର ଉଜ୍ଜ୍ୱଳ ତାରକାସମ ଫୁଟି ଉଠିଲା । ତାଙ୍କର ଶୈଶବ, କୈଶୋର ଏବଂ ଯୌବନ ! ରାଜ୍ୟ, ରାଜସିଂହାସନ—ପ୍ରଜା । ସମସ୍ତ ବିଶ୍ୱ ଯେପରି ମୃତ୍ୟୁର ଅନ୍ଧକାର ମଧ୍ୟରେ ଲୀନ ହେବା ପାଇଁ ଧାବମାନ । କିନ୍ତୁ ମୃତ୍ୟୁ ! ଏ ଜଗତରେ ମୃତ୍ୟୁ କାହାର—ଜନ୍ମ କାହାର ? ଏ ଯେ ଲକ୍ଷ ଲକ୍ଷ ପୁରୁଷ ନାରୀ ଅନଶନର କରାଳ ମୁଖରେ ଧ୍ୱସ୍ତ ହୋଇଅଛନ୍ତି, ସେମାନେ କଣ ଚିରକାଳ ପାଇଁ ଜଗତରୁ ବିଦାୟ ନେଇ ଅଛନ୍ତି ! ଅନାଦି ଯୁଗ ଧରି ଏ ଯେ ଜନ୍ମ ମରଣର ଅଭିନୟ ଚାଲିଅଛି, ଏହା କଣ କେବଳ ଅଭିନୟ ମାତ୍ର ? ସତ୍ୟ ବୋଲି ଏଥିରେ ମୁଗ୍ଧ କେବଳ ଭ୍ରମ ।

ନ ଜାୟତେ ମ୍ରିୟତେ ବା କଦାଚି—
ନ୍ନାୟଂ ଭୂତ୍ୱାଭବିତା ବା ନ ଭୂୟଃ
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ।

ସେ କଦାପି ଜନ୍ମଲାଭ କରନ୍ତି ନାହିଁ, ମରଣର ସେ ଅତୀତ ! ଉତ୍ପନ୍ନ ହୋଇ ମଧ୍ୟ ସେ ବିଦ୍ୟମାନ ରହିବେ ନାହିଁ । କାରଣ ସେ ଜନ୍ମରହିତ ନିତ୍ୟବସ୍ତୁ । ତାଙ୍କର ହ୍ରାସବୃଦ୍ଧି ନାହିଁ, ଅପକ୍ଷୟ ନାହିଁ, ପରିଣାମ ଶୂନ୍ୟ ପୁରାଣ ସେ ସକଳ ବିକାର ଶୂନ୍ୟ ସେ ! ଶରୀରର ବିନାଶ ହେଲେ ମଧ୍ୟ ସେ ବସ୍ତୁ ଅଚ୍ଛେଦ୍ୟ ଏବଂ ଅକ୍ଲେଦ୍ୟ । ଶୁଭକାନ୍ତ ! ତୁ କୌଣସି କାଳେ ଜନ୍ମଲାଭ କରିନାହୁଁ—କୌଣସି କାଳେ ତୋର ମରଣ ନାହିଁ ।

ନ ତ୍ୱେବାହଂ ଜାତୁ ନାସଂ
ନ ତ୍ୱଂ ନେମେ ଜନାଧିପାଃ
ନ ଚୈବ ନ ଭବିଷ୍ୟାମଃ—
ସର୍ବେ ବୟମତଃ ପରମ୍ ।

ମୁଁ ଯେ କୌଣସି କାଳେ ନ ଥିଲି, ଏହା ସତ୍ୟ ନୁହେ ।
ସେହିପରି ତୁମେ ମଧ୍ୟ ଯେ ନ ଥିଲ ତାହା ନୁହେ, ଏହି ରାଜକୁଳ
ଯେ ନ ଥିଲେ, ତାହା ନୁହେ । ଏହା ପରେ ଭବିଷ୍ୟତରେ
ଆମ୍ଭେମାନେ ଯେ ରହିବା ନାହିଁ, ଏହା ମଧ୍ୟ ନୁହେଁ । ରାଜ୍ୟ ରାଜ
ସିଂହାସନ ରାଜା ପ୍ରଜା ଏ ସକଳ ମିଥ୍ୟା ନୁହେଁ । ଶୁଭକାନ୍ତ ! ତୋର
କାଳ ଏହାର ଅବସ୍ଥିତ ଅଛି । ଏହି ପଚିଶ ବର୍ଷ ମଧ୍ୟରେ ତୋର
ଜୀବନକାଳ ସମାପ୍ତି ହେଲା ନାହିଁ । ଏହି ଜନ୍ମ ମରଣର ଦୃଶ୍ୟ-
ମାନ ବ୍ୟବଧାନ ମଧ୍ୟରେ ବହୁବାର ତୋତେ କ୍ରୀଡ଼ା କରିବାକୁ
ହେବ । ସେଥିପାଇଁ ତୋର କୌଣସି କର୍ମ ଅସମ୍ପୂର୍ଣ୍ଣ ଅଛି ବୋଲି
କ୍ଷୋଭ କରିବା ବିଧେୟ ନୁହେ ।

ବହୂନି ମେ ବ୍ୟତୀତାନି
ଜନ୍ମାନି ତବ ଚାର୍ଜ୍ଜୁନ ।

ତୁମର ଏବଂ ମୋର ବହୁ ଜନ୍ମ ଅତୀତ ହୋଇଅଛି ।
ଭବିଷ୍ୟତରେ ପୁଣି କେତେ ଜନ୍ମ ଅପେକ୍ଷା କରି ରହିଅଛି । ଜନ୍ମ
ମରଣର ଦୁଃଖ ପରିହାର କର । ଉତ୍ତିଷ୍ଠତ ଶୁଭକାନ୍ତ ! କର୍ତ୍ତବ୍ୟରୂପୀ
ରୂପ ଏହି ଜନ୍ମ ମରଣର ଜାଲ ବହନ କରିବା ଲାଗି ବିପୁଳ ଶକ୍ତି
ସଞ୍ଚୟ କର ।

ଉଷାର ପ୍ରଥମ ବାୟୁ ତାଙ୍କର ସର୍ବାଙ୍ଗରେ ସ୍ପର୍ଶକରି ଶକ୍ତି-
ଗିରିର ଅଦୃଶ୍ୟ ଇତିହାସକୁ ନିଶା ଗର୍ଭରେ କ୍ଷେପଣ କଲା । ତାଙ୍କ

ପଳିତ କେଶଗୁଚ୍ଛରେ ଏହି ପ୍ରତ୍ୟୁଷ ବାୟୁପରି କୋମଳ କାହାର ହସ୍ତର ସ୍ପର୍ଶ ଅନୁଭୂତ ହେଲା ଏବଂ କୋମଳତର କଣ୍ଠରେ କର୍ଣ୍ଣ ମୂଳରେ କିଏ ଡାକିଲା—'ରାଜା !'

ରାଜା ! ! ପଥର ଫକୀରକୁ ରାଜା ସମ୍ବୋଧନ ! ହଁ ଶୁଭକାନ୍ତ ! ସିଂହାସନର ପ୍ରତିମା ପ୍ରତୀକ ରାଜା ତୁ ନୋହୁ—ପଥର ରାଜା ତୁ, ମାନବ ସମାଜର ରାଜା ତୁ । ଚକ୍ଷୁର ପଲକ ଦୁର୍ବଳ ହୋଇ ପଡ଼ିଅଛି,—ଉନ୍ମୁକ୍ତ ହେବାକୁ ଚାହେଁ ନାହିଁ । କିନ୍ତୁ ପୁନଶ୍ଚ ସେହି ମଧୁର କଣ୍ଠର ସମ୍ବୋଧନ—ରାଜା ! ରାଜା ! ! ଅତି ଧୀରେ ଚକ୍ଷୁ ଉନ୍ମୀଳନ କରି ଚାହିଁଲେ । କିଏ ? ପଳିତ ମସ୍ତକଟିକୁ କୋଡ଼ରେ ଧରିଅଛି—କପାଳରୁ ଘର୍ମ ନିଷ୍କାସନ କରୁଅଛି—ତୀକ୍ଷ୍ଣନାସା, ଉଜ୍ଜ୍ୱଳ ଚକ୍ଷୁ । କିଏ ସନୁ ?—ଅଳକା ? ମୁଖରୁ ଆଉ ବାକ୍ୟ ନିଃସୃତ ହେଲା ନାହିଁ । ପରମୁହୂର୍ତ୍ତରେ ଚକ୍ଷୁ ବନ୍ଦ କରିଦେଲେ । ସନୁ ? ଅଳକା ? ଅଭିରାମ, ଗୌରୀ, ସୁନା, ସୁନନ୍ଦା, ଚନ୍ଦ୍ରକାନ୍ତ, ଚପା, ବଳରାମ, ଶୋଭା, କୃପାନାଥ, ଦାରୋଗା, ନିଧି ରଥ କିଏ ସବୁ ? କେଉଁଠାରେ ଆଜି ସମସ୍ତେ ? ମିଥ୍ୟା ନା ସତ୍ୟ ? କଳ୍ପନା ନା ବାସ୍ତବ ? ଆଉ ସେ ନିଜେ ? କିଏ ସେ ? କେଉଁଠାରୁ ଆସି କେଉଁ ଦିଗକୁ ଆଜି ଯାତ୍ରାରମ୍ଭ ? ପୁନଶ୍ଚ କର୍ଣ୍ଣ ମୂଳରେ ଶୁଣାଗଲା—ରାଜା ! ରାଜା ! ! କିଏ ରାଜା ? କାହାର ଆଗମନୀ ପାଇଁ ଏ ଆହ୍ୱାନ ? ରାଜା ! ରାଜା ! ! ଶୁଭକାନ୍ତ ଦ୍ୱାରରେ ଆଜି ରାଜାର ଆଗମନ । ଆସନ ପାତିଅଛୁ ତ ? ପଞ୍ଚୋପଚାର ଧୂପ, ଅର୍ଘ୍ୟ, ନୈବେଦ୍ୟ ସଜାଡ଼ି ରଖିଚୁ ତ ? ପୁନଶ୍ଚ ଦୃଷ୍ଟି ଉନ୍ମୀଳିତ ହେଲା; ସେହି ମୁଖଟି ଚକ୍ଷୁ ସମକ୍ଷରେ ଦେଖା ଦେଲା—କିଏ ? ନାରୀ ନା ପୁରୁଷ ? ଅଳକା ନା ସନୁ ? ଜୀବନର ସୁଦୀର୍ଘ ପଥ ଅତିକ୍ରମି ସେ ଆଜି ଶେଷ ପାରରେ । କେତେ ଆଲୋକରେ

ସେ ପଥ ଆଲୋକିତ, କେତେ ଅନ୍ଧକାରରେ ତମସାଚ୍ଛନ୍ନ । କେତେ ପଥିକବନ୍ଧୁ ସେ ପଥର ସାଥୀ ହୋଇଅଛନ୍ତି । ଶୁଭକାନ୍ତ ! ତୁ ଏକାକୀ ନୋହୁ । ସକଳ ବିଶ୍ୱବାସୀ ତୋ ସହିତ ଯାତ୍ରାରେ [illegible] ଅଛନ୍ତି । ତୁ ସେମାନଙ୍କଠାରୁ ପୃଥକ୍ ନୋହୁ—ଗୌରୀ, ସୁନା, [illegible], ବଳରାମ, ଭୂତାର୍ନାଥ, ବାସନ୍ତୀ, ନିଧି ରଥ—ଯାହାଙ୍କଠାରୁ ତୁ ପୃଥକ୍ ନୋହୁ । ସମସ୍ତେ ତୋର ସହଯାତ୍ରୀ । ହେ ବୃଦ୍ଧ ! ହେ ଯୁବକ ! ଚିନ୍ତା ଯାହାର ଅନ୍ତ ନାହିଁ, ଆଦି ନାହିଁ । ମୁଖରେ ତାର ବେଦନାର ଚିହ୍ନ ପ୍ରଶାନ୍ତ ଆଉ ସ୍ଥିର ହୋଇଅଛି । ଥରେ ମାତ୍ର ଚକ୍ଷୁ ଉନ୍ମୀଳନ କରି ସେ ପୁନର୍ବାର ତାହା ବନ୍ଦ କରିଦେଲେ । ହେ ବିଜୟୀ ! ହେ ବୀର ! ତୋତେ ମଧ୍ୟ ମରିବାକୁ ହେବ, ପୁନଶ୍ଚ ଧରାପୃଷ୍ଠରେ ଉଜ୍ଜୀବିତ ହୋଇ ଉଠିବାପାଇଁ ।

ବାୟୁରନିଲ ମମୃତ ମଥେଦଂ
ଭସ୍ମାନ୍ତଂ ଶରୀରମ୍
ଓମ୍ କ୍ରତୋ ସ୍ମର, କୃତଂ ସ୍ମର
କ୍ରତୋ ସ୍ମର କୃତଂ ସ୍ମର

ଅନନ୍ତର ମୋର ପ୍ରାଣବାୟୁ ମହାବାୟୁ ସହିତ ଏବଂ ଏ ଶରୀର ଭସ୍ମ ସହିତ ମିଳିତ ହେଉ । ହେ ଚିନ୍ତାଶୀଳ ମନ ! ତୁମେ ତୁମର କୃତ ଓ କର୍ତ୍ତବ୍ୟ ବିଷୟ ଚିନ୍ତା କର ।

ସମାପ୍ତ

0/307

ମୁଦ୍ରାକର—ରଘୁନାଥ ପ୍ରସାଦ ମିଶ୍ର, ପ୍ରସାଦ [illegible] ପ୍ରେସ, କଟକ—୨
୧୯୫୪